# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଫେବୃୟାରୀ ୨୩/୨୦୨୦ (୨୦ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, February 23/2020 | ★★★★★★

୪୬ଶ ଭାଗ ୯୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-



Godrej interio

MAKE SPACE FOR LIFE

## Make space for an everlasting relationship.

THE WEDDING WOWS FEST

Gift happiness to yourself and your loved ones.

***Enjoy up to 25% off****

on the widest range of home furniture, storages and mattresses.









INDIA'S LARGEST FURNITURE BRAND | GREEN ASSURANCE | GODREJ WARRANTY

HOME FURNITURE & STORAGES | MODULAR KITCHENS | MATTRESSES

/godrejinterio | /godrejinterio4u | /godrejinterio | www.godrejinterio.com Toll Free Number: 1-800-267-1122

Paytm Cashback | THE EXCHANGE OFFER | Gift Card | EMI FINANCE

*T&C Apply

**GODREJ INTERIO STORE:** Bhubaneshwar: Opp. Alok Bharti Bldg,Shaheed Nagar - 0674 - 2546682, 0674-2541366, 7873078751/9861623655. The Living Concept: Plot -246, Lewis Road, Near Shree Hospital - 0674-2433318, 9438881835. Sanvi Furniture& Furnishing: Patrapada, Aeigenia Chowk-0674-2470085, 8280041182.

**FURNITURE DEALER:** Bhubaneshwar: 4S INTERIORS – Damana Square, Chandrasekharpur- 0674-2744906, 8594872403, 8280175104, 7008624965. Maple Furniture (P) Ltd, 21 Janpath, BapuJi Nagar - 06742597852, 7873078984. Shree Laxmi Furniture, Unit - 19, Soubhagya Nagar, Phase 2- 6372881584, 9437960990. Narmada Furniture, 21 Janpath, Bapuji Nagar – 0674-2597172, 8327744632. Balasore: Sahu Sales Agency, Station Square - 06782- 241548, 9437264659. Patra Interiors, FM Golei- 9861724244.Barbil: Traders India, Joda-Barbil Highway - 9937733204, 7067720102 . Baripada: Anu Enterprises, Baghra Road- 06792-252681,9930428352. Berhampur:Asaram Furniture House,Khalasi Street - 06802-225545, 9437073545, 7978691683. Bhadrak: Omm Furniture, By-pass Road, Bhadrak-9348075441, 6370303595. Cuttack:Patra Interiors: - CDA, Sector-1, Near Judicial Academy, 9040032644, 8448449023. Royal Trading, Link Road –0671-2313319, 9337421384, 9438384493.Mahavir Trading-Jyotee Plaza, Mission Road-0671-6545556, 9337267036. Patra Electronics, Chauliaganj- 9437313191.Durodecor India Pvt Ltd - Sikharpur Chowk -0671-2444900, 9040000044/22/11. Jagatsinghpur: Patra Electronics, Near Bus stand- 9938357040. Jajpur Road: Raj Furniture, College Road, 9437245295, 9938418470, 8270929652. Biswal Sales, Chordha Chhak - 06726-220655, 9238320655, 8763741575. Kendrapara: G. Naik Furniture, Jajanga, Kapaleswar-8908288028,9437088023. Keonjhar: Utkal Supply Agency, NH – 6, Nr. Karanjia Bus Stand - 06766-255619, 9437200795,8249419035. Nayagarh: Euro Interiors, Main Road, Nayagarh-06753-253005, 9437030826, 9348904520. Paradeep: Sangam, Near SAB Miller Beer Factory, IFFCO Chowk - 06722-222851, 9437183494. Puri: Grand Furniture, Nabakalabara Road - 9337740428.

**MATTRESS DEALER :** Bhubaneshwar : Creative Living- Shanti Nagar, Jharpada-8249051834, 9937053477. Bhadrak: Manoj Electricals, Manjuri Road- 8249674003,9937076649.

**For Home Furniture, EBO & Mattress Distribution Trade Enquiry: Pls contact @ 9977700361/7873940077/7873078753/7873078849.**



ଚାଇନା ପ୍ରଶଂସକମାନେ କରୋନା ଭାଇରସ୍ ସଂକ୍ରମଣରୁ ନିଜକୁ ରକ୍ଷାକରିବା ଲାଗି ସଚେତନ ହେବା ସହ ସରକାରଙ୍କ ନିର୍ଦ୍ଦେଶନାମାକୁ ମାନି ଚଳିବା ଉଚିତ। ଏହା ସହ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାର ପ୍ରତି ସମବେଦନଶୀଳ ହେବା ଜରୁରୀ।

-ଆମୀର ଖାନ୍, ବଲିଉଡ୍ ଅଭିନେତା

# ଆରମ୍ଭ ହେଲା 'ୱାଶ୍‌ରୁମ୍ ଅନ୍ ହ୍ୱିଲ୍' ଅଭିଯାନ




**ପୁଣେ:** ମହାରାଷ୍ଟ୍ରରେ ପ୍ରଥମ କରି ମହିଳାଙ୍କ ସୁବିଧା ପାଇଁ 'ୱାଶ୍‌ରୁମ୍ ଅନ୍ ହ୍ୱିଲ୍' ଅଭିଯାନ ଆରମ୍ଭ ହୋଇଛି। ସ୍ଥାନୀୟ ପୁଣେ ପ୍ରଶାସନ ପକ୍ଷରୁ ୧୨ଟି ବସ୍‌କୁ ଶୌଚାଳୟରେ ପରିବର୍ତ୍ତନ କରାଯାଇଛି। ୫ ଟଙ୍କା ଶୁଳ୍କ ଦେଇ ମହିଳା ଏଠାରେ ଶୌଚ ହେବା ସହିତ ଛୋଟ ଛୁଆଙ୍କୁ ସ୍ତନ୍ୟପାନ ମଧ୍ୟ କରାଇପାରିବେ। ଏହି ଅନ୍ ହ୍ୱିଲ୍ ୱାଶ୍‌ରୁମ୍‌ରେ ସାନିଟାରୀ ନାପକିନ୍ ଏବଂ ଡାଏପର ମଧ୍ୟ କିଣିବା ପାଇଁ ଉପଲବ୍ଧ ହେଉଛି। ପ୍ରତିଦିନ ୨୦୦ରୁ ଅଧିକ ମହିଳା ଏହାକୁ ବ୍ୟବହାର କରୁଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ ହ୍ୱିଲ୍ ୱାଶ୍‌ରୁମ୍‌ରେ ୨୪ ଘଣ୍ଟିଆ ବିଦ୍ୟୁତ୍ ସୁବିଧା ଲାଗି ଛାତରେ ସୋଲାର ସେଲ୍ ଲଗାଯାଇଛି। ଏହି ଅଭିଯାନକୁ ଅଲକା ସାଦଲକର ଏବଂ ରାଜୀବ ଖେର୍‌ଙ୍କ ଉଦ୍ୟମରେ ଆରମ୍ଭ କରାଯାଇଛି। ଅଗାମୀ ଦିନରେ ଦେଶରେ ଏଭଳି ୧୦୦୦ ଅନ୍ ହ୍ୱିଲ୍ ୱାଶ୍‌ରୁମ୍ କାର୍ଯ୍ୟ କରିବ ବୋଲି କୁହାଯାଉଛି। କେନ୍ଦ୍ର ସରକାରଙ୍କ ସ୍ୱଚ୍ଛତା ଅଭିଯାନ ଅନ୍ତର୍ଗତ ଏଭଳି ପ୍ରୟାସ କରାଯାଇଥିବା ଅଲକା ସାଦଲକର ଏବଂ ରାଜୀବ ଖେର୍ କହିଛନ୍ତି।

# ଫିଲ୍ମରେ ଘରୋଇ ହିଂସାକୁ ତାପସୀଙ୍କ ନାପସନ୍ଦ

**ମୁମ୍ବାଇ:** ବଲିଉଡ୍ ନାୟିକା ତାପସୀ ପନ୍ନୁଙ୍କ ଅଭିନୀତ ଫିଲ୍ମ 'ଥପ୍ପଡ' ଏବେ ରହିଛି ଚର୍ଚ୍ଚାରେ। ଏହାର ଟ୍ରେଲରଠାରୁ ଆରମ୍ଭ କରି ସୋସିଆଲ ମେସେଜ ପର୍ଯ୍ୟନ୍ତ ସବୁକିଛି ଦର୍ଶକଙ୍କୁ ବାନ୍ଧି ରଖିବାରେ ସକ୍ଷମ ହୋଇଛି ବୋଲି କୁହାଯାଉଛି। ନିକଟରେ ଏହାର ଏକ ଭିଡିଓ ଶେୟାର କରି ତାପସୀ ସମସ୍ତ ଫଲୋୟର୍ସଙ୍କୁ ଏକ ପିଟିଶନ ସାଇନ୍ କରିବାକୁ ଅନୁରୋଧ କରିଛନ୍ତି। ଏହି ଭିଡିଓ ମାଧ୍ୟମରେ ସେ ସେଣ୍ଟ୍ରାଲ୍ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେଶନ(ସିବିଏଫ୍‌ସି)କୁ ମଧ୍ୟ ଅନୁରୋଧ କରିଛନ୍ତି। ଫିଲ୍ମରେ ଦେଖାଯାଉଥିବା ଘରୋଇ ହିଂସାକୁ ନେଇ ଡିସ୍‌କ୍ଲେମର ଦେବା ଉଚିତ ବୋଲି ସେ କହିଛନ୍ତି। ସେ କହିଛନ୍ତି , ଯଦି ଫିଲ୍ମରେ ସିଗାରେଟ୍ ଓ ମଦ ପାଇଁ ଡିସ୍‌କ୍ଲେମର ଦିଆଯାଉଛି ତେବେ ମହିଳାଙ୍କ ଉପରେ ହେଉଥିବା ଘରୋଇ ହିଂସା ପାଇଁ କାହିଁକି ଦିଆଯିବ ନାହିଁ। ଅବଶ୍ୟ ଏକଥାକୁ କେତେଜଣ ସମର୍ଥନ କରୁଛନ୍ତି ତାହା ତ ସମୟ କହିବ । ହେଲେ ତାପସୀ ଏହା ଶେୟାର କରିବା ପରେ କମେଣ୍ଟ ବକ୍ସରେ ତାଙ୍କୁ ଅନେକ ସମର୍ଥନ ମିଳିଥିବା ଦେଖାଯାଇଛି।



ତାପସୀ ପନ୍ନୁ

# ଫର୍ମରେ ଜାତି-ଧର୍ମ ଉଲ୍ଲେଖ ନ କରିବାରୁ ନାମଲେଖାରୁ ବଞ୍ଚିତ




ଥିରୁଭାନନ୍ତପୁରମ: କେରଳର ଏକ ସରକାରୀ ସ୍କୁଲରେ ଜଣେ ଛାତ୍ରଙ୍କ ଅଭିଭାବକ ଫର୍ମରେ ଜାତି-ଧର୍ମର ସ୍ତମ୍ଭ ପୂରଣ ନ କରି ଥିବାରୁ ପିଲାଟିର ନାମ ଲେଖିବାକୁ ମନା କରିଦେଲେ ସ୍କୁଲ କର୍ତ୍ତୃପକ୍ଷ। ଏମିତି ଏକ ଖବର ଏବେ ଚର୍ଚ୍ଚାର ପରିସରକୁ ଆସିଛି। ଏହି ଘଟଣା ଜଣାପଡିବା ପରେ ଶିକ୍ଷା ବିଭାଗ ଓ ଶିକ୍ଷାମନ୍ତ୍ରୀ ଘଟଣା ସମ୍ପର୍କରେ ଅନୁଧ୍ୟାନ କରାଯିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ନଜିମ ଓ ଧନ୍ୟା ତାଙ୍କ ପିଲାକୁ ଜାତି-ଧର୍ମଠାରୁ ବାହାରେ ରଖିବାକୁ ଚାହୁଁଥିବାରୁ ସେ ଏହି ସ୍ତମ୍ଭକୁ ପୂରଣ କରି ନ ଥିଲେ। ଏହାକୁ ଦେଖିବା ପରେ ସେଣ୍ଟ ମ୍ୟାରୀ ହାୟର ସେକେଣ୍ଡାରୀ ସ୍କୁଲ ତାଙ୍କ ପିଲାକୁ ନାମ ଲେଖିବାକୁ ଅନୁମତି ଦେଇ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ପିଲାଟି ଭଲ ପାଠ ପଢୁଥିବା ବେଳେ କେବଳ ଜାତି-ଧର୍ମକୁ ନେଇ ସ୍କୁଲରେ ପ୍ରବେଶ ନ ମିଳିବା ସବୁଠାରୁ ଦୁଃଖଦାୟକ ବୋଲି ପିଲାଟିର ଅଭିଭାବକ କହିଛନ୍ତି।

# ଗ୍ରେଟାଙ୍କ ନାମରେ ଗେଣ୍ଡାର ନାମକରଣ





ବନ୍ଦର ସେରି ବେଗାୱନ: ବ୍ରୁନେଇରେ ଗବେଷକ ଗେଣ୍ଡାର ଏକ ନୂଆ ପ୍ରଜାତି ସମ୍ପର୍କରେ ସନ୍ଧାନ ପାଇଛନ୍ତି। ଏହି ଗେଣ୍ଡା ପ୍ରଜାତିର ନାମକରଣ ପରିବେଶବିତ୍ ଗ୍ରେଟା ଥନବର୍ଗଙ୍କ ନାମ ଅନୁସାରେ କରାଯାଇଛି। ଗବେଷକ ଏହି ପ୍ରଜାତିକୁ କାସ୍କେଡୋଟ୍ରୋପିସ୍ ଗ୍ରେଟା ଥନବର୍ଗ ଭାବେ ନାମିତ କରିବା ସହିତ ଅଧିକ ପରୀକ୍ଷା ନିରୀକ୍ଷା ଜାରି ରଖିଛନ୍ତି। ଗ୍ରେଟା ଜଳବାୟୁ ପରିବର୍ତ୍ତନ ନେଇ ଅଭିଯାନ ଜାରି ରଖିଥିବାରୁ ତାଙ୍କର ସମ୍ମାନ ପାଇଁ ଏହି ନୂଆ ଗେଣ୍ଡା ପ୍ରଜାତିର ଏଭଳି ନାମକରଣ କରାଯାଇଥିବା ନାଚ୍ୟୁରାଲ ବାୟୋଡାଇଭରସିଟି ସେଣ୍ଟରର ଗବେଷକ ମେନୋ ଶିଲଥୁଇଜେଡ୍ ସୂଚନା ଦେଇଛନ୍ତି। ଏହି ଗେଣ୍ଡାର ଲମ୍ବ ୨ ମି.ମି. ଏବଂ ଚୌଡ଼ା ଏକ ମି.ମି. ରହିଛି। ଏହାକୁ କୁଆଲା ବେଲାଲୋଙ୍ଗ ଫିଲ୍ଡ ଷ୍ଟଡିଜ୍ ସେଣ୍ଟର ନିକଟରେ ଠାବ କରାଯାଇଥିଲା।

# ସୁନା ମୁକୁଟ ଫେରାଇଲା ନେଦରଲାଣ୍ଡସ

**ଆମଷ୍ଟରଡାମ୍:** ନେଦରଲାଣ୍ଡସ ସରକାର ଇଥିଓପିଆକୁ ୧୮ ଶତାବ୍ଦୀର ଏକ ସେରିମୋନିଆଲ୍ କ୍ରାଉନ୍ ଫେରାଇଛନ୍ତି। ସୁନାରେ ତିଆରି ଏହି ମୁକୁଟ ୨୧ ବର୍ଷ ତଳେ ୧୯୯୯ରେ ଏକ ଚର୍ଚ୍ଚରୁ ଚୋରି ହୋଇଯାଇଥିଲା। ଏହାକୁ ଧାର୍ମିକ ଉତ୍ସବରେ ପାଦ୍ରୀଙ୍କ ଦ୍ୱାରା ବ୍ୟବହୃତ କରାଯାଇଥାଏ। ଇଥୋପିଆର ଧାର୍ମିକ ମନୋଭାବକୁ ଦୃଷ୍ଟିରେ ରଖି ନେଦରଲାଣ୍ଡସସରକାର ଏକ ଉତ୍ସବର ଆୟୋଜନ କରି ଏହାକୁ ଫେରସ୍ତ କରିଛନ୍ତି। ଏହି ଉତ୍ସବରେ ଇଥିଓପିଆ ପ୍ରଧାନମନ୍ତ୍ରୀ ଅବି ଅହମ୍ମଦ ଯୋଗଦେଇ ମୁକୁଟକୁ ଗ୍ରହଣ କରିଛନ୍ତି।



# ଫୁଟ୍‌ପାଥ୍‌ରେ ଚଳାଉଥିବା ଗାଡ଼ି ଚାଳକଙ୍କୁ ସାବାଡ୍

ପୁଣେ: ମହାରାଷ୍ଟ୍ରର ପୁଣେ ସହର। ଏଠାରେ ଅନେକ ମଲ୍ଟି ନ୍ୟାଶ୍‌ନାଲ୍ କମ୍ପାନୀ ରହିଛି। ଚାକିରି ଓ ବ୍ୟବସାୟ ପାଇଁ ଦେଶର ବିଭିନ୍ନ ପ୍ରାନ୍ତର ଲୋକେ ଆସି ଏଠାରେ ରହୁଛନ୍ତି। ତେଣୁ ଏଠାରେ ଟ୍ରାଫିକ୍ ସମସ୍ୟା ନୂଆ ନୁହେଁ। ହେଲେ ବେପରୁଆ କେତେକ ଗାଡ଼ି ଚାଳକଙ୍କ ଯୋଗୁ ଅନେକ ସମୟରେ ଏହି ସମସ୍ୟା ଦ୍ୱିଗୁଣିତ ହୋଇଥାଏ। ଏଥିରେ କେବଳ ଗାଡ଼ି ଜାମ୍ ହୋଇ ନ ଥାଏ ବରଂ ଚାଲି ଯାଉଥିବା ଲୋକଙ୍କୁ ମଧ୍ୟ ଅସୁବିଧାରେ ପକାଇଥାଏ। ତେବେ ଟ୍ରାଫିକ୍ ପରିଚାଳନା କରିବା କେବଳ ଟ୍ରାଫିକ୍ ପୋଲିସର କାମ ନୁହେଁ ବରଂ ନିୟମ ପ୍ରତି ସଚେତନ ହେବା ଏବଂ ଅନ୍ୟମାନଙ୍କୁ ସଚେତନ କରିବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ। ଏହା ପୁଣେର ନିର୍ମଳା ଗୋଖଲେ ନାମ୍ନୀ ସଚେତନ ବରିଷ୍ଠ ମହିଳା ପ୍ରମାଣିତ କରିଛନ୍ତି। ରାସ୍ତାରେ ଯିବା ସମୟରେ ଟ୍ରାଫିକ୍ ନିୟମ ଉଲ୍ଲଂଘନକୁ ସେ ସହ୍ୟ କରିପାରି ନ ଥିଲେ। ଆଗକୁ ଆସି ଫୁଟ୍‌ପାଥ୍‌ରେ ଗାଡ଼ି ଚଳାଉଥିବା କେତେକ ବାଇକ୍ ଚାଳକଙ୍କୁ ସାବାଡ୍ କରିବା ପାଇଁ ସେ ଚିନ୍ତା କରିଥିଲେ। ନିୟମ ଉଲ୍ଲଂଘନ କରି ଫୁଟ୍‌ପାଥ୍‌ରେ ଗାଡ଼ି ଚଳାଉଥିବା ଗାଡ଼ି ଚାଳକଙ୍କୁ ସାବାଡ୍ କରିଥିଲେ। ଗାଡ଼ି ଫୁଟ୍‌ପାଥ୍‌ରୁ ଓହ୍ଲାଇ ରାସ୍ତାରେ ଠିକ୍‌ଭାବେ ଚଲାଇବାକୁ ସେ ବାଧ୍ୟ କରିଥିଲେ। ଏପରିକି ନିର୍ମଳା ଶିକ୍ଷିତ ଲୋକଙ୍କ ଏଭଳି କାର୍ଯ୍ୟକୁ ସାମ୍ନାରେ ନିନ୍ଦା ମଧ୍ୟ କରିଥିଲେ। କିଛି ସମୟ ପରେ ନିର୍ମଳାଙ୍କ ଏଭଳି କାର୍ଯ୍ୟକୁ ଦେଖି ରାସ୍ତାରେ ଯାଉଥିବା ଅନେକ ଲୋକ ପ୍ରଶଂସା କରିବା ସହ ଲୋକଙ୍କୁ ସଚେତନ କରିବାରେ ତାଙ୍କୁ ସହଯୋଗ କରିଥିଲେ। ଏହାର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଥିବାବେଳେ ଅନେକ ଲୋକ ନିର୍ମଳାଙ୍କ ଏଭଳି ପଦକ୍ଷେପକୁ ସାବାସି ଜଣାଇଛନ୍ତି। ଏଥିସହ ହସି ଚାଲିଯାଉଥିବା ନିୟମ ଉଲ୍ଲଂଘନକାରୀ ବାଇକ୍ ଚାଳକଙ୍କୁ ନିନ୍ଦା ମଧ୍ୟ କରାଯାଇଛି।




# ଆୟୁଷ୍ମାନ୍ ଖୁରାନାଙ୍କ ଛାତି କୁଣ୍ଡେ ମୋଟ

ୱାଶିଂଟନ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଗସ୍ତ ପୂର୍ବରୁ ଆୟୁଷ୍ମାନ୍ ଖୁରାନାଙ୍କ ଫିଲ୍ମ 'ଶୁଭ ମଙ୍ଗଳ ଜ୍ୟାଦା ସାବଧାନ'ର ତାରିଫ୍ କରିଛନ୍ତି। ସେ ଟୁଇଟ୍ କରି ଫିଲ୍ମକୁ ପ୍ରଶଂସା କରିଛନ୍ତି। ଏହାକୁ ନେଇ ଆୟୁଷ୍ମାନ୍‌ଙ୍କ ଛାତି କୁଣ୍ଡେମୋଟ ହୋଇଯାଇଥିବା ପ୍ରଶଂସକ କହୁଛନ୍ତି। ଏହି ଫିଲ୍ମ ୨୧ ତାରିଖରେ ରିଲିଜ୍ ହୋଇଛି। ଫିଲ୍ମର ଷ୍ଟୋରୀ ଗେ ରୋମାନ୍ସ ଉପରେ ପର୍ଯ୍ୟବେଶିତ। ଏଥିରେ ଆୟୁଷ୍ମାନ୍‌ଙ୍କ ସହିତ ଜିତେନ୍ଦ୍ର କୁମାର, ନୀନା ଗୁପ୍ତା ଏବଂ ଗଜରାଜ ରାଓ ମୁଖ୍ୟ ଭୂମିକାରେ ରହିଛନ୍ତି।



# ଆଣ୍ଟାରେ କରୋନା ଟେଣ୍ଟ ତିଆରି କଲେ ମହିଳା

ଉହାନ: ଚାଇନାରେ କରୋନା ଆତଙ୍କ ସୃଷ୍ଟି କରିଛି। ଲୋକଙ୍କୁ ଘରୁ ବାହାରକୁ ନ ବାହାରିକୁ ସରକାର କଟକଣା ଜାରି କରିଛନ୍ତି। ଫଳରେ ପିଲାମାନଙ୍କ ସ୍କୁଲ ଯିବା ମଧ୍ୟ ବନ୍ଦ ହୋଇଯାଇଛି। ଏପରିସ୍ଥଳେ ହୁବେଇ ପ୍ରଦେଶର ଜଣେ ମହିଳା ତାଙ୍କ ୭ବର୍ଷ ଝିଅଙ୍କ ପାଇଁ ଏକ ଆଣ୍ଟି କରୋନା ଟେଣ୍ଟ ତିଆରି କରିଛନ୍ତି। ଘରେ ନେଟୱାର୍କ ଆସୁ ନ ଥିବାରୁ ମହିଳା ଜଣଙ୍କ ବାହାରେ ଏକ ଟେଣ୍ଟ ତିଆରି କରି ଝିଅର ଅନ୍‌ଲାଇନ୍ କ୍ଲାସ୍ ଜାରି ରଖିଛନ୍ତି। ଏହା ଏବେ ସୋସିଆଲ୍ ମିଡ଼ିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି।



# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଫେବୃୟାରୀ ୨୩/୨୦୨୦ | Bhubaneswar, Sunday, February 23/2020 | ପୃଷ୍ଠା-୧




**ଜନ୍‌ଙ୍କ ଶାର୍ଟଲେସ ଫଟୋଶୁଟ୍**

ଡବ୍ଲୁଙ୍କ କ୍ୟାଲେଣ୍ଡରରେ ନଜରକୁ ଆସିଛନ୍ତି ଜନ ଆବ୍ରାହମ। ସେ ଶାର୍ଟଲେସ ସହ କ୍ଲିନ୍ ଶେଭ୍ ଲୁକ୍‌ରେ ମନ କିଣୁଛନ୍ତି। କେବଳ ସେ ଏକ ଟାୱେଲ ପିନ୍ଧିଛନ୍ତି। ଏଥିରେ ସେ ଖୁବ୍ ବୋଲ୍ଡ ଲାଗୁଛନ୍ତି। **୦୨**

**୧୭** **ଆଷ୍ଟନ ଅଗରଙ୍କ ହ୍ୟାଟ୍ରିକ**

ଦକ୍ଷିଣ ଆଫ୍ରିକା ପ୍ରଥମ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍‌ରେ ଅଷ୍ଟ୍ରେଲୀୟ ବୋଲର ଆଷ୍ଟନ ଅଗର ହ୍ୟାଟ୍ରିକ ଅର୍ଜନ କରିଛନ୍ତି।



# ଭାରତ ହେବ କ୍ରୀଡ଼ାର ‘ସୁପରପାୱାର’



ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସର ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ, ରାଜ୍ୟ କୃଷି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ।

## ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ଉଦ୍‌ଘାଟିତ

**କଟକ ଅଫିସ,୨୨।୨**

ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସର ପ୍ରଥମ ସଂସ୍କରଣ ଶନିବାର ସନ୍ଧ୍ୟାରେ ମହାସମାରୋହରେ ଉଦ୍‌ଘାଟିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନ୍‌ଫରେନ୍ସି ଜରିଆରେ ଏହି ମେଗା ଇଭେଣ୍ଟକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଛନ୍ତି। କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଭାରତୀୟ କ୍ରୀଡ଼ା ନିମନ୍ତେ ଏହା ଏକ ସ୍ମରଣୀୟ ଦିବସ ବୋଲି ଅଭିହିତ କରିବା ସହିତ ଆଗାମୀ ଦିନରେ ଭାରତ ବିଶ୍ୱ କ୍ରୀଡ଼ାର ସୁପର ପାୱାର ହେବ ବୋଲି କହିଛନ୍ତି। ଉଦ୍‌ଘାଟନୀ ସନ୍ଧ୍ୟାରେ ଖ୍ୟାତନାମା କଳାକାରମାନେ ରାଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଦର୍ଶକଙ୍କ ମନ ମୋହିଥିଲେ।

- ସଂସ୍କରଣ: ପ୍ରଥମ
- ବିଶ୍ୱବିଦ୍ୟାଳୟ : ୧୫୯
- ଆଥଲେଟ: ୩୪୦୦
- ବର୍ଗ: ୧୭
- ଟିମ୍ ଇଭେଣ୍ଟ:୬ (ରଗ୍‌ବୀ ସମେତ)

ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ଅଭିଭାଷଣରେ କହିଥିଲେ ଯେ, ପ୍ରତ୍ୟେକ ଖେଳାଳି ନିଜକୁ ନିଜର ସର୍ବଶ୍ରେଷ୍ଠ ପ୍ରତିଦ୍ୱନ୍ଦ୍ୱୀ ବୋଲି ବିଚାର କରନ୍ତୁ। ମଇଦାନ ଉପରେ ଅଳ୍ପ ସମୟରେ ପ୍ରତିଯୋଗିତା ହୁଏ। ହେଲେ ନିଜ ସହ ଦୀର୍ଘ ସମୟର ପ୍ରତିଯୋଗିତା ହେବା ଉଚିତ। ଖେଲୋ ଇଣ୍ଡିଆ କାର୍ଯ୍ୟକ୍ରମ ଭାରତୀୟ କ୍ରୀଡ଼ା ଜଗତରେ ବେଶ୍ ପ୍ରଭାବ ପକାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପ୍ରଥମ ସଂସ୍କରଣରେ ୩,୫୦୦ କ୍ରୀଡ଼ାବିତ ଅଂଶଗ୍ରହଣ କରିଛନ୍ତି। ଦେଶର କ୍ରୀଡ଼ା ଭିତ୍ତିଭୂମିରେ ନିରନ୍ତର ବିକାଶ ଘଟୁଛି। ଖେଳାଳିମାନେ କେବଳ ନିଜର ଖେଳ ପ୍ରତି ଧ୍ୟାନ ଦିଅନ୍ତୁ। ଏବେ ଖେଳାଳିମାନଙ୍କ ପାଇଁ ଆଜୀବନ ପେନ୍‌ସନ ଯୋଜନା ହେଲାଣି ବୋଲି ମୋଦି କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡ଼ାବିତଙ୍କ ବିକାଶ ପାଇଁ ଖେଲୋ ଇଣ୍ଡିଆର ଏହିକାର୍ଯ୍ୟକ୍ରମକୁ ସେ ସାଧୁବାଦ ଜଣାଇଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଐତିହାସିକ କଟକ ସହର ସମସ୍ତ ପ୍ରତିଯୋଗୀଙ୍କୁ ସ୍ୱାଗତ ଜଣାଉଛି ବୋଲି କହିଥିଲେ। ଆଗାମୀ ଦିନରେ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା ଆୟୋଜନର ଯୋଜନା ହେଉଛି। ଏହି ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାର କିଛି ମ୍ୟାଚ୍ ଓଡ଼ିଶାରେ ହେଉ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି। ରାଜ୍ୟ କୃଷି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ, କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ତର୍ଜାତୀୟ ଧାବିକା ଦୂତୀ ଚାନ୍ଦ ପ୍ରତିଯୋଗୀମାନଙ୍କୁ ଶପଥପାଠ କରାଇଥିଲେ।

# ଆଖଡ଼ାଶାଳୀ ବନ୍ଦର ବାଟ ଫିଟିଲା

- କେନ୍ଦ୍ରକୁ ଚିଠି ଲେଖିଲେ ରାଜ୍ୟ ସରକାର
- କେନ୍ଦ୍ର ସହଯୋଗରେ ହେବ ବନ୍ଦର ନିର୍ମାଣ
- ପାରାଦୀପ ପୋର୍ଟ ସହ ଖୁବ୍‌ଶୀଘ୍ର ଏମ୍‌ଓୟୁ
- ଖର୍ଚ୍ଚ ହେବ ୩ ହଜାର କୋଟି



**ଭୁବନେଶ୍ୱର,୨୨।୨(ବ୍ୟୁରୋ)**

କେନ୍ଦ୍ରାପଡ଼ା ଜିଲାରେ ରାଜ୍ୟର ପ୍ରଥମ ନଦୀଭିତ୍ତିକ ବନ୍ଦର ନିର୍ମାଣ ପାଇଁ ବାଟ ଫିଟିଛି। ଆଖଡ଼ାଶାଳୀ ବନ୍ଦର ନିର୍ମାଣ ପାଇଁ ଘରୋଇ କମ୍ପାନୀ ମୁହଁ ମୋଡିବା ପରେ ରାଜ୍ୟ ସରକାର ଏହାର ନିର୍ମାଣ ଦାୟିତ୍ୱ କେନ୍ଦ୍ର ସରକାରଙ୍କ ହାତରେ ନ୍ୟସ୍ତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ରାଜ୍ୟ ସରକାର ଜାହାଜ ଚଳାଚଳ ମନ୍ତ୍ରଣାଳୟକୁ ଚିଠି ଲେଖିଛନ୍ତି। ଏହି ବନ୍ଦର ନିର୍ମାଣ ସକାଶେ ବୁଝାମଣା ପତ୍ର (ଏମଓୟୁ )ପାଇଁ ପ୍ରସ୍ତୁତ ହେବାକୁ ଅନୁରୋଧ କରାଯାଇଛି। ଏ ନେଇ ରାଜ୍ୟ ସରକାର ସମସ୍ତ ସହଯୋଗ ଯୋଗାଇ ଦେବାକୁ ପ୍ରସ୍ତୁତ ଅଛନ୍ତି ବୋଲି ମଧ୍ୟ ଏଥିରେ ପ୍ରସ୍ତାବ ଦିଆଯାଇଛି । ଅନ୍ୟ ଘରୋଇ କମ୍ପାନୀକୁ ଯେପରି ସରକାରୀ ଘରୋଇ ଭାଗୀଦାରି(ପିପିପି) ମୋଡରେ ରାଜ୍ୟର ଅନ୍ୟାନ୍ୟ ବନ୍ଦର ଦିଆଯାଉଛି ସେହି ଆଧାରରେ ଏମଓୟୁ ସ୍ୱାକ୍ଷର କରାଯିବ। ରାଜ୍ୟ ସରକାର ବନ୍ଦର ନିର୍ମାଣ ପାଇଁ ୪ ବର୍ଷ ସମୟ ଦେଇଥିବା ବେଳେ ଏହା କାର୍ଯ୍ୟକ୍ଷମ ହେବା ପରେ ପ୍ରଥମ ପର୍ଯ୍ୟାୟରେ ୩୦ ବର୍ଷ ଓ ପରବର୍ତ୍ତୀ ଦୁଇଟି ପର୍ଯ୍ୟାୟରେ ୧୦ ବର୍ଷ ଲେଖାଏ ଚୁକ୍ତି ଅବଧି ବଢାଇବାକୁ ପ୍ରସ୍ତାବ ଦିଆଯାଇଛି। ଏହି ବନ୍ଦରରେ ପ୍ରଥମ ପର୍ଯ୍ୟାୟରେ ଦୁଇଟି ବର୍ଥ ନିର୍ମାଣ ହେବ। ଏଥିରେ ପ୍ରାୟ ୩ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି। ତୁରନ୍ତ ଏମଓୟୁ ସ୍ୱାକ୍ଷର କରିବାକୁ ଚିଠିରେ ଉଲ୍ଲେଖ କରାଯାଇଛି।

ଏଠାରେ ସୂଚନାଯୋଗ୍ୟ ଯେ କେନ୍ଦ୍ରାପଡ଼ା ଜିଲା ମହାକାଳପଡା ବ୍ଲକ ଅନ୍ତର୍ଗତ ଆଖଡାଶାଳୀଠାରେ ରାଜ୍ୟର ଏକ ମାତ୍ର ନଦୀଭିତ୍ତିକ ବନ୍ଦର ନିର୍ମାଣ କରିବାକୁ ରାଜ୍ୟ ସରକାର ଘୋଷଣା କରିଥିଲେ। ଏହି ବନ୍ଦର ନିର୍ମାଣ ପାଇଁ ଘରୋଇ କମ୍ପାନୀ ମୁହଁ ମୋଡିବା ପରେ ଏହାର ନିର୍ମାଣ ଦାୟିତ୍ୱ ହାତକୁ ନେବାକୁ ଜାହାଜ ଚଳାଚଳ ମନ୍ତ୍ରଣାଳୟ ଆଗ୍ରହ ଦେଖାଇଥିଲା। ମିଳିଥିବା ସୂଚନା ଅନୁଯାୟୀ ଆଖଡାଶାଳୀ ବନ୍ଦର ନିର୍ମାଣ କରିବାକୁ ୨୦୧୯ ଫେବୃୟାରୀରେ ଟେଣ୍ଡର ଡକାଯାଇଥିଲା। ୪ଟି ଘରୋଇ ସଂସ୍ଥା ଟେଣ୍ଡର ଆବେଦନ କରିଥିଲେ। ତେବେ ପ୍ରି ବିଡିଂ ପରେ ସେହି କମ୍ପାନୀଗୁଡିକ ଆଉ ଟେଣ୍ଡରରେ ଅଂଶଗ୍ରହଣ କରି ନ ଥିଲେ। ଫଳରେ ଟେଣ୍ଡର ଫେଲ୍ ମାରିଥିଲା। ଘରୋଇ ସଂସ୍ଥାଗୁଡିକର ଅନାଗ୍ରହକୁ ଦେଖି ରାଜ୍ୟ ସରକାର ସେହି ନଦୀଭିତ୍ତିକ ବନ୍ଦର ନିର୍ମାଣ କରିବାକୁ କେନ୍ଦ୍ର ସରକାରଙ୍କ ସହାୟତା ଲୋଡିଥିଲେ। ୨୦୧୯ ଜୁନ ୨୪ ତାରିଖରେ ଓଡ଼ିଶା ଗସ୍ତରେ ଆସିଥିବା ଜାହାଜ ଚଳାଚଳ ମନ୍ତ୍ରଣାଳୟ ସଚିବ ଗୋପାଳ କ୍ରିଷ୍ଣାଙ୍କୁ ଏହି ବନ୍ଦର ନିର୍ମାଣ କରିବାକୁ ତତ୍କାଳୀନ ମୁଖ୍ୟଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ପ୍ରସ୍ତାବ ଦେଇଥିଲେ। ରାଜ୍ୟ ସରକାରଙ୍କ ଏହି ପ୍ରସ୍ତାବକୁ ମଧ୍ୟ କେନ୍ଦ୍ର ସରକାର ଗ୍ରହଣ କରିଥିଲେ। ଏହି ବନ୍ଦର ନିର୍ମାଣ କରିବାକୁ ପାରାଦୀପ ପୋର୍ଟ ଟ୍ରଷ୍ଟ(ପିପିଟି)ମଧ୍ୟ ପ୍ରସ୍ତୁତ ଥିବା କେନ୍ଦ୍ର ସରକାରଙ୍କ ପକ୍ଷରୁ ଅବଗତ କରାଯାଇଥିଲା। ଏ ନେଇ ୨୦୧୯ ଡିସେମ୍ବର ୨ରେ ମନ୍ତ୍ରଣାଳୟ ସଚିବ ଉକ୍ତ ବନ୍ଦର ନିର୍ମାଣ ଦାୟିତ୍ୱ ପିପିଟି ହାତରେ ଦେବାକୁ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଥିଲେ । ରାଜ୍ୟ ସରକାର ପ୍ରସ୍ତାବ ଦେବା ପରେ ପାରାଦୀପ ପୋର୍ଟ ଟ୍ରଷ୍ଟ ପକ୍ଷରୁ ପ୍ରସ୍ତାବିତ ବନ୍ଦର ଅଧ୍ୟୟନ କରାଯାଇଥିଲା। ଏହି ନଦୀଭିତ୍ତିକ ବନ୍ଦର ଏକ ଲାଭଦାୟକ ପ୍ରକଳ୍ପ ହୋଇପାରିବ ବୋଲି ପିପିଟି ପକ୍ଷରୁ ମନ୍ତ୍ରଣାଳୟକୁ ଜଣାଇ ଦିଆଯାଇଥିଲା। ବନ୍ଦର ପ୍ରତିଷ୍ଠା ହେଲେ ଉଭୟ ରାଜ୍ୟ ସରକାର ଏବଂ ପାରାଦୀପ ବନ୍ଦର ଲାଭବାନ ହୋଇପାରିବ ବୋଲି ରାଜ୍ୟ ସରକାରଙ୍କୁ ଜଣାଇ ଦିଆଯାଇଛି। ପୂର୍ବରୁ କରାଯାଇଥିବା ଅଧ୍ୟୟନ ଅନୁଯାୟୀ ପ୍ରସ୍ତାବିତ ବନ୍ଦର ପାଇଁ ୩୦୦ ଏକର ଜମିର ଆବଶ୍ୟକତା ରହିଛି ବୋଲି ରିପୋର୍ଟ ଦିଆଯାଇଥିଲା। ତେବେ ପିପିଟି ସର୍ଭେ ପରେ ଏଥିପାଇଁ ଅଧିକ ଜମି ଆବଶ୍ୟକ ହେବ ବୋଲି କୁହାଯାଇଛି। ଏଥିପାଇଁ ଯାହାକିଛି କରାଯିବ ତାହା ମିଳିତ ଭାବେ ହେବ ବୋଲି ଚିଠିରେ ଉଲ୍ଲେଖ କରାଯାଇଥିଲା । ରାଜ୍ୟ ସରକାରଙ୍କ ଶିଳ୍ପ ନୀତି ଅନୁଯାୟୀ ଜମିର ମୂଲ୍ୟ ଧାର୍ଯ୍ୟ କରାଯିବ। ଏହି ପ୍ରକଳ୍ପର ରିହାତି ଅବଧି (କନସେସନ ପିରିୟଡ) ୫୦ ବର୍ଷ କରିବାକୁ ମନ୍ତ୍ରଣାଳୟ ପ୍ରସ୍ତାବ ଦେଇଛି। ☞ପୃଷ୍ଠା–୨


ମାନ୍ଦାବସ୍ଥା ରୋକିବାରେ କେନ୍ଦ୍ର ବିଫଳ: ସୁବ୍ରମଣ୍ୟମ୍ ସ୍ୱାମୀ ........ ୪ ........


**ଆଜିର ସମ୍ପାଦକୀୟ**

**ଭିତରକନିକା ବଞ୍ଚାଅ**

**ଆଜିର ମନ୍ତବ୍ୟ**

“ଆତଙ୍କବାଦ ଓ ସାଇବର ଅପରାଧ ଭଳି ସମସ୍ୟାର ସମାଧାନ ପାଇଁ ନ୍ୟାୟପାଳିକା ଉଦ୍ୟମ କରିବା ଉଚିତ।

–ଜଷ୍ଟିସ୍ ଏନ୍. ଭି. ରମନା, ସୁପ୍ରିମକୋର୍ଟ ବିଚାରପତି

**କିଛି ତଥ୍ୟ**

ଦେଶର ବିଦେଶୀ ମୁଦ୍ରା ଭଣ୍ଡାରରେ ୩ ବିଲିୟନ ଡଲାର ବୃଦ୍ଧି ଘଟି ସର୍ବକାଳୀନ ରେକର୍ଡ ୪୭୬ ବିଲିୟନ ଡଲାର ଛୁଇଁଛି।

– ରିଜର୍ଭ ବ୍ୟାଙ୍କ

# ଟ୍ରମ୍ପ୍ ଉଠାଇବେ ଧର୍ମୀୟ ସ୍ୱାଧୀନତା ପ୍ରସଙ୍ଗ

**ୱାଶିଂଟନ,୨୨।୨(ପି.ଟି.)**



ଡୋନାଲ୍ଡ ଟ୍ରମ୍ପ୍

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଦୁଇଦିନିଆ ଭାରତ ଗସ୍ତରେ ସୋମବାର ଆସୁଛନ୍ତି। ଅହମଦାବାଦରେ ତାଙ୍କୁ ସ୍ୱାଗତ ପାଇଁ ବ୍ୟାପକ ଆୟୋଜନ କରାଯାଇଛି। ମଙ୍ଗଳବାର ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଆଲୋଚନା ବେଳେ ଟ୍ରମ୍ପ୍ ଧର୍ମୀୟ ସ୍ୱାଧୀନତା ପ୍ରସଙ୍ଗ ଉଠାଇବେ ବୋଲି ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି। ଭାରତର ଗଣତାନ୍ତ୍ରିକ ପରମ୍ପରା ଓ ଅନୁଷ୍ଠାନ ପ୍ରତି ଆମେରିକାର ଯଥେଷ୍ଟ ସମ୍ମାନ ରହିଛି। ଭାରତ ଏହି ମୂଲ୍ୟବୋଧ ବଜାୟ ରଖୁ ବୋଲି ଆମେରିକା ଚାହେଁ। ଟ୍ରମ୍ପ୍‌ଙ୍କ ଗସ୍ତ ପୂର୍ବରୁ ଆମେରିକା ଅନ୍ତର୍ଜାତୀୟ ଧର୍ମୀୟ ସ୍ୱାଧୀନତା କମିଶନ ଏକ ଫ୍ୟାକ୍ଟଶିଟ୍ (ତଥ୍ୟଫର୍ଦ୍ଦ) ପ୍ରକାଶ କରିଛି। ଭାରତ ସରକାର ଆଣିଥିବା ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ସେଠାରେ ଧର୍ମୀୟ ସ୍ୱାଧୀନତା ଅବକ୍ଷୟର ସୂଚନା ବୋଲି ଏଥିରେ ଉଲ୍ଲେଖ ରହିଛି। ଟ୍ରମ୍ପ୍ ମୋଦୀଙ୍କ ସହ ସିଏଏ ଏବଂ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ପ୍ରସଙ୍ଗରେ ଆଲୋଚନା କରିବେ କି ବୋଲି ପ୍ରଶ୍ନ ହେବାରୁ ହ୍ୱାଇଟ୍ ହାଉସ୍‌ର ଜଣେ ଉଚ୍ଚ ପଦାଧିକାରୀ ଉପରୋକ୍ତ ମତ ଦେଇଛନ୍ତି। ପ୍ରକାଶ ଯେ, ୨୦୧୪ ଡିସେମ୍ବର ୩୧ ପୂର୍ବରୁ ଭାରତ ଆସିଥିବା ପଡୋଶୀ ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନର ଅଣମୁସଲମାନମାନଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ ଲାଗି ସିଏଏରେ ବ୍ୟବସ୍ଥା ରହିଛି। ଧର୍ମ ଆଧାରରେ ନାଗରିକତ୍ୱ ପ୍ରଦାନକୁ ବିଭିନ୍ନ ମହଲରେ ବିରୋଧ କରାଯାଉଛି।

# କେବଳ ପ୍ରଶାସନିକ କାର୍ଯ୍ୟ ପାଇଁ ହିନ୍ଦୀ



ଏମ୍ସ ନିର୍ଦ୍ଦେଶିକାଙ୍କ ସହ ବିଜେଡି ପ୍ରତିନିଧି ଦଳ ଆଲୋଚନା କରୁଛନ୍ତି ।

**ଭାଷା ବିବାଦକୁ ନେଇ ଭୁବନେଶ୍ୱର ଏମ୍ସର ସ୍ପଷ୍ଟୀକରଣ**

- ଓଡ଼ିଆରେ ହେବ ଫର୍ମ ପୂରଣ
- ପ୍ରଭାବିତ ହେବନି ରୋଗୀସେବା
- ନିର୍ଦ୍ଦେଶିକାଙ୍କୁ ଭେଟିଲେ ବିଜେଡି ପ୍ରତିନିଧି
- କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର
- ଆନ୍ଦୋଳନ ଚେତାବନୀ ଦେଲା କଂଗ୍ରେସ

**ଭୁବନେଶ୍ୱର,୨୨।୨(ବ୍ୟୁରୋ)**

ଭୁବନେଶ୍ୱରସ୍ଥିତ ଅଖିଳ ଭାରତ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍ସ)ରେ କେବଳ ପ୍ରଶାସନିକ କାର୍ଯ୍ୟ ପାଇଁ ହିନ୍ଦୀ ଭାଷା ବ୍ୟବହାର କରାଯିବ ବୋଲି ଏହାର ନିର୍ଦ୍ଦେଶିକା ଡକ୍ଟର ଗୀତାଞ୍ଜଳି ବି. କହିଛନ୍ତି। ସେହିପରି ସଂସ୍ଥାନରେ ହେଉଥିବା ଅଧିକାଂଶ ଦସ୍ତଖତ ଇଂଲିଶ ଅଥବା ଓଡ଼ିଆରେ ହୋଇଥାଏ। ତେଣୁ କର୍ମଚାରୀଙ୍କ ଉପରେ ହିନ୍ଦୀ ବ୍ୟବହାର ନେଇ ଲଦି ଦିଆଯାଉନାହିଁ। ଜାରି ହୋଇଥିବା ବିଜ୍ଞପ୍ତି କେବଳ ଆଭ୍ୟନ୍ତରୀଣ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ। ଏହା ଅଫିସିଆଲ ଲାଙ୍ଗୁଏଜ୍ ଆକ୍ଟ ରହିଥିବା ନିୟମ ଅନୁଯାୟୀ କରାଯାଉଥିବା ନିର୍ଦ୍ଦେଶିକା ଶନିବାର ସଫେଇ ଦେଇଛନ୍ତି।

ଗତ ଗୁରୁବାର ଭୁବନେଶ୍ୱରସ୍ଥିତ ଏମ୍ସର ସମସ୍ତ କର୍ମଚାରୀ ଓ ଫାକଲ୍ଟି ହିନ୍ଦୀ ଭାଷାରେ ଦସ୍ତଖତ କରିବା ସହ ରେକର୍ଡ ପ୍ରସ୍ତୁତ କରିବା ସମ୍ପର୍କିତ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ‘ଧରିତ୍ରୀ’ରେ ପ୍ରଥମେ ଏହି ଖବର ପ୍ରକାଶ ପାଇବା ପରେ ବିଭିନ୍ନ ରାଜନୈତିକ ଦଳ ଓ ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା। ଏହି ମର୍ମରେ ବିଜେଡି ପକ୍ଷରୁ ଏକ ପ୍ରତିନିଧି ଦଳ ଶନିବାର ଏମ୍ସ ନିର୍ଦ୍ଦେଶିକାଙ୍କୁ ଭେଟି ପ୍ରତିବାଦ ଜଣାଇଛନ୍ତି। ବିଜେଡିର ଅଭିଯୋଗ ସମ୍ପର୍କରେ ଜାଣିବା ପରେ କର୍ତ୍ତୃପକ୍ଷ ମଧ୍ୟ ଉପରୋକ୍ତ ଉକ୍ତି ଦ୍ୱାରା ନିଜ ପକ୍ଷ ରଖିଛନ୍ତି। ଏଥିସହିତ ଦଳ ପକ୍ଷରୁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ହର୍ଷବର୍ଦ୍ଧନଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ମଧ୍ୟ ପ୍ରେରଣ କରାଯାଇଛି। ବିଜେଡି ପ୍ରତିନିଧି ଦଳରେ ସଂସଦୀୟ ଦଳ ନେତା(ଲୋକ ସଭା)ପିନାକୀ ମିଶ୍ର, ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ଡକ୍ଟର ଅମର ପଟ୍ଟନାୟକ, ସରୋଜିନୀ ହେମ୍ବ୍ରମ୍ , ଡକ୍ଟର ସସ୍ମିତ ପାତ୍ର, ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, କେନ୍ଦ୍ରାପଡ଼ା ଏମ୍‌ପି ☞ପୃଷ୍ଠା–୨





Vencobb CHICKEN

22.02.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 42 | 83 | 93 |
| CTC | 42 | 83 | 93 |
| DKL | 42 | 83 | 93 |
| BDK | 44 | 85 | 95 |
| BLS | 46 | 88 | 98 |
| ANG | 42 | 83 | 93 |
| BMP | 41 | 81 | 91 |

*Conditions Apply

Issued in the Interest of Consumers





ଅଯୋଧ୍ୟାରେ ପ୍ରସ୍ତାବିତ ରାମମନ୍ଦିର ଆଗାମୀ ସାଢେ ୩ ବର୍ଷ ମଧ୍ୟରେ ପ୍ରସ୍ତୁତ କରାଯିବ ବୋଲି ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟର କୋଷାଧ୍ୟକ୍ଷ ଗୋବିନ୍ଦ ଦେବ ଗିରି ମହାରାଜ କହିଛନ୍ତି। ବିଶାଳ ରାମମନ୍ଦିର ନିର୍ମାଣ ଲାଗି ପ୍ରତ୍ୟେକ ଭକ୍ତଙ୍କଠାରୁ ଆର୍ଥିକ ସହଯୋଗ ଗ୍ରହଣ କରାଯିବ। ଅକ୍ଷରଧାମ ମନ୍ଦିର, ଷ୍ଟାଚ୍ୟୁ ଅଫ୍ ୟୁନିଟି ମଧ୍ୟ ୩ ବର୍ଷରେ ନିର୍ମାଣ କରାଯାଇଥିବା ସେ କହିଛନ୍ତି। ମନ୍ଦିର ନିର୍ମାଣ କମିଟି ଅଧ୍ୟକ୍ଷ ନୃପେନ୍ଦ୍ର ମିଶ୍ର ଆଗାମୀ ୧୫ ଦିନ ମଧ୍ୟରେ ବୈଠକ ଡାକିବା ପରେ ନିର୍ମାଣ ଆରମ୍ଭ ନେଇ ଆଲୋଚନା କରାଯାଇ କାର୍ଯ୍ୟ ଆଗେଇ ଚାଲିବ ବୋଲି ସେ ପ୍ରକାଶ କରିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ପ୍ରଜ୍ଞା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଚର୍ଚ୍ଚାରେ ଜନ୍‌ଙ୍କ ଶାର୍ଟଲେସ ଫଟୋଶୁଟ୍

ବମ୍ବେ: ଆରମ୍ଭରୁ ଚର୍ଚ୍ଚାରେ ଲୋକପ୍ରିୟ ସେଲିବ୍ରିଟି ଫଟୋଗ୍ରାଫର ଡବ୍ବୁ ରତନାନୀଙ୍କ କ୍ୟାଲେଣ୍ଡର ଶୁଟ୍। ଅଭିନେତ୍ରୀଙ୍କ ମଧ୍ୟରୁ କିଆରା ଆଡ୍‌ଭାନୀଙ୍କ ଟପ୍‌ଲେସ୍ ଫଟୋଶୁଟ୍ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଏ ନେଇ ବିଭିନ୍ନ ପ୍ରକାର ମେମେ ଭାଇରାଲ ମଧ୍ୟ ହୋଇଥିଲା। ଏପରିକି କିଆରା ନିଜ ସୋସିଆଲ ପୃଷ୍ଠାରେ ଶେୟାର ମଧ୍ୟ କରିଥିଲେ। ଏବେ ଅଭିନେତାମାନଙ୍କର ଶର୍ଟଲେସ୍ ଫଟୋଶୁଟ୍‌ର ଫଟୋ ଭାଇରାଲ ହେଉଛି। ଡବ୍ବୁଙ୍କ କ୍ୟାଲେଣ୍ଡରରେ ନଜରକୁ ଆସିଛନ୍ତି ଜନ ଆବ୍ରାହମ। ସେ ମଧ୍ୟ ଶର୍ଟଲେସ ସହ କ୍ଲିନ୍ ଶେଭ୍ ଲୁକ୍‌ରେ ମନ କିଣୁଛନ୍ତି। କେବଳ ସେ ଏକ ଟାୱେଲ ପିନ୍ଧିଛନ୍ତି। ଏଥିରେ ସେ ଖୁବ୍ ବୋଲ୍ଡ ଲାଗୁଛନ୍ତି।

# ମାଓବାଦୀଙ୍କ ଗତିବିଧି ଉପରେ ନଜର ରଖ: ଡିଜିପି



ସମୀକ୍ଷା ବୈଠକରେ ଡିଜିପି ଅଭୟଙ୍କ ସହିତ ଅନ୍ୟ ପୋଲିସ ଅଧିକାରୀ ବୃନ୍ଦ ।

### ପୋଲିସର କାର୍ଯ୍ୟାନୁଷ୍ଠାନ ନେଇ ସମୀକ୍ଷା

ଭବାନୀପାଟଣା,୨୨।୨(ଡି.ଏନ.ଏ.) ଶନିବାର ପୋଲିସ ମହାନିର୍ଦ୍ଦେଶକ ଅଭୟ କଳାହାଣ୍ଡି ଜିଲା ଗସ୍ତରେ ଆସି ମାଓବାଦୀଙ୍କ ଦମନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ମାଓବାଦୀଙ୍କ ଗତିବିଧି ଉପରେ ନଜର ରଖିବା ସହିତ ଆବଶ୍ୟକ ଭିତ୍ତିଭୂମିର ବିକାଶ ଉପରେ ସେ ଜୋର ଦେଇଛନ୍ତି। ଭବାନୀପାଟଣାସ୍ଥିତ ରିଜର୍ଭ ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ସମୀକ୍ଷା ବୈଠକରେ ସେ ପୋଲିସର କାର୍ଯ୍ୟାନୁଷ୍ଠାନ ସଂକ୍ରାନ୍ତରେ ସମୀକ୍ଷା କରିଛନ୍ତି।

ଏହି ପରିପ୍ରେକ୍ଷୀରେ ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କୋରାପୁଟ ଡିଆଇଜି ସଫିନ ଅହମ୍ମଦ୍ ମାଓବାଦୀଙ୍କ ଦମନ ତଥା ପୋଲିସ ବିଭାଗର ତତ୍ପରତା ସମ୍ପର୍କରେ ସୂଚନା ଦେଇଥିଲେ। ସେ କହିଲେ ଅବିଭକ୍ତ କଳାହାଣ୍ଡି ଜିଲାକୁ ଘଞ୍ଚ ଜଙ୍ଗଲ ଓ ଦୁର୍ଗମ ପାହାଡ ପର୍ବତ ଘେରି ରହିଥିବାରୁ ମାଓବାଦୀଙ୍କ ପାଇଁ ଏହା ଭୂସ୍ୱର୍ଗ ପାଲଟିଛି। କଳାହାଣ୍ଡି ଜିଲା ଲାଞ୍ଜିଗଡ, ଥୁଆମୂଳ ରାମପୁର, ଗୋଲାମୁଣ୍ଡା ଓ ମଦନପୁର ରାମପୁର ବ୍ଲକର ବିଭିନ୍ନ ଇଲାକାରେ ଅଧିକାଂଶ ସମୟରେ ମାଓବାଦୀମାନେ ପୋଷ୍ଟର ମାରି ଲୋକମାନଙ୍କୁ ଭୟଭୀତ କରୁଛନ୍ତି। ଠିକାଦାରଙ୍କ କ୍ୟାମ୍ପରେ ଅତର୍କିତ ଆକ୍ରମଣ କରିବା ସହିତ କେତେକ ସ୍ଥାନରେ ଅଗ୍ନିସଂଯୋଗ କରୁଛନ୍ତି। ପୋଲିସ ଇନ୍‌ଫର୍ମର ସନ୍ଦେହରେ ସାଧାରଣ ଲୋକଙ୍କୁ ହତ୍ୟା ଧମକ ଦେବା ସହ ପ୍ରଜାକୋର୍ଟ ବସାଇ ହତ୍ୟା ଭଳି ଜଘନ୍ୟକାଣ୍ଡମାନ ଘଟାଇ ନିଜର ଉପସ୍ଥିତି ଜାହିର କରି ଆସୁଛନ୍ତି। ଏଭଳି ସ୍ଥିତିରେ ଜିଲା ପୋଲିସ ମଧ୍ୟ ମାଓବାଦୀମାନଙ୍କୁ ଉପଯୁକ୍ତ ଜବାବ ଦେବାରେ ବ୍ୟାପକ ପ୍ରସ୍ତୁତ ହୋଇ ରହିଛି। ମାଓବାଦୀମାନଙ୍କ ଗତିବିଧି ଉପରେ କଳାହାଣ୍ଡି ଜିଲା ପୋଲିସ ପ୍ରଶାସନର ତୀକ୍ଷ୍ଣ ନଜର ରହିଛି ବୋଲି ସେ ସ୍ପଷ୍ଟ କରିଥିଲେ।

ଉକ୍ତ ଖବରଦାତା ସମ୍ମିଳନୀରେ କଳାହାଣ୍ଡି ଜିଲା ଏସ୍‌ପି ବାତୁଲା ଗଙ୍ଗାଧର, ଆଡିଶନାଲ ଏସ୍‌ପି ଗୋପାନାଥ ମଣିପାତ୍ର ଉପସ୍ଥିତ ଥିଲେ। ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଇଣ୍ଟେଲିଜେଣ୍ଟ ପର୍ସନାଲ ଡିଜି ସତ୍ୟଜିତ ମହାନ୍ତି, ଏଡିଜି ବିନୟତୋଷ ମିଶ୍ର, ଆଇଜିପି ଅପରେଶନ୍ ଅମିତାଭ୍ ଠାକୁର, ଡିଆଇଜି ଅନିରୁଦ୍ଧ କୁମାର, ଡିଆଇଜି କୋରାପୁଟ ସଫିନ୍ ଅହମ୍ମଦ, ରାୟଗଡା ଏସ୍‌ପି ଡ. ଶରବଣା ବିବେକ ଏମ୍, କନ୍ଧମାଳ ଏସ୍‌ପି. ପ୍ରତୀକ ସିଂ ଓ କଳାହାଣ୍ଡି ଏସ୍‌ପି. ଗଙ୍ଗାଧର ପ୍ରମୁଖ ଯୋଗଦେଇ ଥିଲେ।

## ପ୍ରଥମ ପୃଷ୍ଠାରୁ...

### କେବଳ

ଅନୁଭବ ମହାନ୍ତି, ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ ସୁଶାନ୍ତ ରାଉତ ସାମିଲ ହୋଇ ଏମ୍ସ କର୍ତ୍ତୃପକ୍ଷଙ୍କୁ ଭେଟିଛନ୍ତି। କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଥିବା ଦାବିପତ୍ରରେ ୫ଟି ବିଷୟ ଉଲ୍ଲେଖ କରାଯାଇଛି। ଭେଟିବା ପରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ପିନାକୀ କହିଛନ୍ତି ଯେ, ହିନ୍ଦୀ ବ୍ୟବହାର ସମ୍ପର୍କିତ ସର୍କୁଲାର ପ୍ରକାଶ ପ୍ରସଙ୍ଗରେ କର୍ତ୍ତୃପକ୍ଷଙ୍କ ଧ୍ୟାନ ଆକର୍ଷଣ କରାଯାଇଛି। ଭାଷାଭିତ୍ତିରେ ଗଠନ ହୋଇଥିବା ପ୍ରଥମ ରାଜ୍ୟ ହେଉଛି ଓଡ଼ିଶା। ତେଣୁ ଓଡ଼ିଶାର ମାତୃଭାଷା ଓଡ଼ିଆକୁ ଅଣଦେଖା କରି ଅନ୍ୟ କୌଣସି ଭାଷା ଲଦିଦେବା ଠିକ୍ ନୁହେଁ। ବିଶେଷକରି ଓଡ଼ିଶାରେ ରାଜ୍ୟବାସୀଙ୍କ ପାଇଁ କାର୍ଯ୍ୟ କରୁଥିବା କୌଣସି ଅନୁଷ୍ଠାନରେ ଏହା ଗ୍ରହଣୀୟ ନୁହେଁ। ସାଧାରଣ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଏମ୍ସରେ ସ୍ଥାନୀୟ ଜନସାଧାରଣଙ୍କ ସ୍ୱାର୍ଥକୁ ଧ୍ୟାନ ଦେବା ଆବଶ୍ୟକ। ତେଣୁ ହିନ୍ଦୀ ଭାଷାର ବ୍ୟବହାର ସମ୍ପର୍କିତ ସର୍କୁଲାରକୁ ପ୍ରତ୍ୟାହାର କରିବା ପାଇଁ ବିଜେଡି ପକ୍ଷରୁ ଦାବି କରାଯାଇଛି। ସମାନ ବିଷୟ ଉପସ୍ଥାପନ କରି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ଏ ସମ୍ପର୍କରେ ଗଣମାଧ୍ୟମରେ ବିଜେଡି ଏମ୍‌ପି ପିନାକୀ କହିଛନ୍ତି ଯେ, ହିନ୍ଦୀ ବ୍ୟବହାର ସମ୍ପର୍କିତ ସର୍କୁଲାରକୁ ନେଇ ଏମ୍ସ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ଏ ବିଷୟରେ ନିର୍ଦ୍ଦେଶିକାଙ୍କ ସହ ଦଳ ପକ୍ଷରୁ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଗଲା। ନିକଟରେ ଭାଷା କମିଟି ଏମ୍ସକୁ ଗସ୍ତ କରିଥିଲା। ସେହି ସମୟରେ ହିନ୍ଦୀ ବ୍ୟବହାର ସମ୍ପର୍କିତ ଧାର୍ଯ୍ୟଲକ୍ଷ୍ୟ ପୂରଣ ହୋଇ ନ ଥିବାରୁ କର୍ମଚାରୀମାନଙ୍କ ପାଇଁ ଏହି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହାଦ୍ୱାରା କୌଣସି ରୋଗୀ ପ୍ରଭାବିତ ହେବେ ନାହିଁ। ସେମାନେ ପୂର୍ବପରି ଓଡ଼ିଆ କିମ୍ବା ଇଂଲିଶରେ ଆବଶ୍ୟକ ଫର୍ମ ପୂରଣ ଇତ୍ୟାଦି କାର୍ଯ୍ୟ କରିପାରିବେ। ରୋଗୀ କିମ୍ବା ସମ୍ପର୍କୀୟ ହିନ୍ଦୀ ଶିକ୍ଷା କରନ୍ତୁ ଏପରି କୌଣସି ନିୟମ ନ ଥିବା ପିନାକୀ କହିଛନ୍ତି। କଂଗ୍ରେସ ପକ୍ଷରୁ ବିଧାୟକ ସୁରେଶ ରାଉତରାୟ ହିନ୍ଦୀ ଲଦାଯିବା ଘଟଣାକୁ ବିରୋଧ କରିଛନ୍ତି। ଆବଶ୍ୟକ ହେଲେ କଂଗ୍ରେସ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ସୁରେଶ କହିଛନ୍ତି। ଅପରପକ୍ଷରେ ଭାଜପା ଏହି ପ୍ରସଙ୍ଗକୁ ଭିନ୍ନ ଭାବେ ଚିତ୍ରିତ କରି ବିଜେଡିକୁ ଟାର୍ଗେଟ କରିଛି। ଭାଜପା ନେତା ଖାରବେଳ ସ୍ୱାଇଁ କହିଛନ୍ତି ଯେ, ଏ ସର୍କୁଲାରେ କେଉଁଠି ଲେଖାନାହିଁ ଯେ, ଓଡ଼ିଆ ଭାଷା ବ୍ୟବହାର ହେବ ନାହିଁ। ରାଜ୍ୟରେ ଥିବା ସ୍ୱାସ୍ଥ୍ୟାନୁଷ୍ଠାନର ଚିଠିପତ୍ର କେଉଁ ଭାଷାରେ ହେଉଛି। ଲୋକସେବା ଭବନ ଏବଂ ବିଧାନସଭାର ସମସ୍ତ ଚିଠି ଇଂଲିଶରେ ଲେଖାଯାଉଥିବା ସ୍ୱାଇଁ କହିଛନ୍ତି।

### ଆଖଡ଼ାଶାଳୀ

ରାଜ୍ୟ ସରକାରଙ୍କ ସହମତିରେ ବିଭିନ୍ନ ରିହାତି ସମୟ ପାଇଁ ରାଜସ୍ୱ ୫ରୁ ୧୨ ପ୍ରତିଶତ କରାଯିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ ଚିଠିରେ ଜଣାଇ ଦିଆଯାଇଥିଲା। ତେବେ କେନ୍ଦ୍ର ସରକାରଙ୍କ ଏହି ପ୍ରସ୍ତାବ ଦୀର୍ଘଦିନ ପଡିରହିଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ଏ ନେଇ କୌଣସି ପଦକ୍ଷେପ ନିଆଯାଉ ନ ଥିଲା। ଏହି ବନ୍ଦରକୁ ଘରୋଇ ସଂସ୍ଥା ହାତରେ ଟେକିଦେବାକୁ ବିଭାଗର କେତେଜଣ ଅଧିକାରୀ ଭିତିରି ଉଦ୍ୟମ କରୁଥିବା ନେଇ ସୂଚନା ମିଳିଥିଲା । ପ୍ରକଳ୍ପକୁ ଏକ ଘରୋଇ କମ୍ପାନୀକୁ ଦେବାକୁ ଷଡଯନ୍ତ୍ର ଚାଲିଥିବା ନେଇ 'ଧରିତ୍ରୀ'ରେ ୨୦୨୦ ଜାନୁୟାରୀ ୧୯ ତାରିଖରେ ଖବର ପ୍ରକାଶ କରାଯାଇଥିଲା। ଏହା ପରେ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇଥିଲା। ଶେଷରେ ରାଜ୍ୟ ସରକାର ଏହି ବନ୍ଦରକୁ ଘରୋଇ ସଂସ୍ଥାକୁ ନ ଦେଇ କେନ୍ଦ୍ର ସରକାରଙ୍କୁ ଦେବାକୁ ନୀତିଗତ ନିଷ୍ପତ୍ତିନେଇଛନ୍ତି।

# ୯ ଘଣ୍ଟା ପଡ଼ିରହିଲା ମୃତଦେହ

- ମହାପ୍ରୟାଣ ଗାଡ଼ି ପାଇଁ ପରିବାର ଲୋକଙ୍କ ନିକଟରେ ଟଙ୍କା ନାହିଁ
- ଏମ୍‌ପିଙ୍କ ସହାୟତା ପରେ ପୈତୃକ ଘରକୁ ଗଲା ବୃଦ୍ଧଙ୍କ ଶବ
- ଜିଲା ପ୍ରଶାସନ ସହ ଆଲୋଚନା କରିବେ ଏମ୍‌ପି

ଅନୁଗୋଳ ଅଫିସ, ୨୨।୨

ଯୋଜନା ଆରମ୍ଭରୁ ଅନୁଗୋଳ ଜିଲାରେ ମାଗଣାରେ ମିଳୁଥିବା ମହାପ୍ରୟାଣ ସେବା ଏଣିକି ଆଉ ମିଳୁନି। ପୂର୍ବରୁ ଜିଲା ଖଣିଜ ପାଣ୍ଠିରୁ ଏଥିପାଇଁ ଅର୍ଥ ପ୍ରଦାନ କରାଯାଉଥିବା ବେଳେ ଗତବର୍ଷ ଶେଷଭାଗରେ ଜିଲା ପ୍ରଶାସନ ଏହା ଉପରେ ରୋକ୍ ଲଗାଇବା ସହ ମୃତକଙ୍କ ପରିବାରଠାରୁ କିଲୋମିଟର ପିଛା ୮ ଟଙ୍କା ଆଦାୟ ପାଇଁ ନିର୍ଦ୍ଦେଶ ଦେଇଥିଲା। ପ୍ରଶାସନର ଏପରି ନିଷ୍ପତ୍ତି ଯୋଗୁ ଅନେକ ସମୟରେ ମେଡିକାଲରୁ ମୃତଦେହ ନେବାରେ ଗରିବ ଲୋକଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଶନିବାର ଏପରି ଏକ ଘଟଣାରେ ଜଣେ ବୃଦ୍ଧଙ୍କ ମୃତଦେହ ୯ ଘଣ୍ଟା ପଡ଼ିରହିବା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ତେବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁଙ୍କ ସହାୟତା ପରେ ମୃତଦେହ ବୃଦ୍ଧଙ୍କ ଘରେ ପହଞ୍ଚିଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଅନୁଗୋଳ ସହର ଉପକଣ୍ଠ ଚନ୍ଦ୍ରବାହଳ ସେବାଶ୍ରମରେ ରହୁଥିବା ଆଠମଲ୍ଲିକ ଥାନା ଲୁହାସିଂହା ପଞ୍ଚାୟତ କେନ୍ଦୁପାତି ଅଞ୍ଚଳର ବାବା ଭାଗବତ ନାଏକ(୭୦)ଙ୍କୁ ଗତ ୧୯ ତାରିଖରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଶନିବାର ଭୋର ୩ଟା ବେଳେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଏ ନେଇ ତାଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ମେଡିକାଲରେ ଥିବା କେତେଜଣ ଲୋକ ମୃତଦେହ ଆଠମଲ୍ଲିକ ପଠାଇବାକୁ ମହାପ୍ରୟାଣ ଗାଡ଼ି ସହ ଯୋଗାଯୋଗ କରିଥିଲେ। କିନ୍ତୁ ଏଥିପାଇଁ କିଲୋମିଟର ପିଛା ୮ ଟଙ୍କା ଦେବାକୁ ପ୍ରଶାସନର ନିର୍ଦ୍ଦେଶ ଥିବା ମେଡିକାଲ କର୍ତ୍ତୃପକ୍ଷ କହିବା ପରେ ସମ୍ପୃକ୍ତ ବ୍ୟକ୍ତିମାନେ ଆଉ ଆଗକୁ ବଢ଼ିପାରି ନ ଥିଲେ। ଏପରି କି ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ବାବା ଭାଗବତଙ୍କ ସ୍ତ୍ରୀ ଅମ୍ବିକା ନାଏକ ମେଡିକାଲରେ ପହଞ୍ଚି ଥିଲେ ବି ଟଙ୍କା ନ ଥିବାରୁ ମୃତଦେହ ନେଇପାରି ନ ଥିଲେ। ଫଳରେ ମୃତଦେହ ଦୀର୍ଘ ୯ ଘଣ୍ଟା କାଳ ମେଡିକାଲ ବେଡ୍‌ରେ ପଡ଼ିରହିଥିଲା। ଶେଷରେ କେତେଜଣ ବ୍ୟକ୍ତି ଏମ୍‌ପି ସାହୁଙ୍କୁ ଏ ନେଇ ଅବଗତ କରିବାରୁ ଏମ୍‌ପି ତୁରନ୍ତ ଦୁଇ ହଜାର ଟଙ୍କା ଦେଇ ମୃତଦେହ ଆଠମଲ୍ଲିକ ପଠାଇଥିଲେ। ଏ ସମ୍ପର୍କରେ ଏମ୍‌ପି ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ)ଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ଯୋଗାଯୋଗ ହୋଇପାରି ନ ଥିଲା। ପରେ ସିଡିଏମ୍‌ଓ ଏମ୍‌ପିଙ୍କୁ ଯୋଗାଯୋଗ କରି ମହାପ୍ରୟାଣ ଗାଡ଼ି ବାବଦରେ ପ୍ରଶାସନର ନିର୍ଦ୍ଦେଶ ସମ୍ପର୍କରେ ସୂଚନା ଦେବା ସହ ମେଡିକାଲ କର୍ତ୍ତୃପକ୍ଷ ଅଧିକ କିଛି କରିପାରିବେ ନାହିଁ ବୋଲି ପ୍ରକାଶ କରିଥିଲେ। ତେବେ ଏହି ଘଟଣାରେ ଜିଲା ପ୍ରଶାସନ ସହ ଏମ୍‌ପି ସାହୁ ଆଲୋଚନା କରିବେ ବୋଲି କହିଛନ୍ତି। ଏ ନେଇ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ସହ ଯୋଗଯୋଗ ହୋଇ ନ ପାରିବାରୁ ମତାମତ ମିଳିପାରି ନାହିଁ।

# ଆଖି ଆଗରେ ଧ୍ୱଂସ ହୋଇଥିଲା ପୋଲିସ ଗାଡ଼ି

**ଥାନା ଅଧିକାରୀଙ୍କ ଅନୁଭୂତି**

ପୋଲିସର କାର୍ଯ୍ୟ ସବୁବେଳେ ଚ୍ୟାଲେଞ୍ଜପୂର୍ଣ୍ଣ। ଅନେକ ସମୟରେ ମାଓବାଦୀ ଏବଂ ଅପରାଧୀଙ୍କ ସହ ବଣଜଙ୍ଗଲରେ ସଂଘର୍ଷ କରିବାକୁ ପଡ଼େ। ଏଥିରେ ପୋଲିସ କର୍ମଚାରୀ ଓ ଅଧିକାରୀମାନେ ଅତି ନିକଟରୁ ମୃତ୍ୟୁକୁ ଦେଖନ୍ତି। କେତେଜଣଙ୍କୁ ପ୍ରାଣ ହରାଇବାକୁ ପଡ଼େ ତ କେତେଜଣଙ୍କୁ ଗଭୀର ଆଘାତ ଲାଗେ। ଚାକିରି କାଳ ଭିତରେ ଏଭଳି କିଛି ଅନୁଭୂତି ଅପାସୋରା। ଖାରବେଳନଗର ଥାନା ଅଧିକାରୀ ବିଶ୍ୱରଞ୍ଜନ ସେନାପତିଙ୍କ କ୍ଷେତ୍ରରେ ମଧ ଏଭଳି କିଛି ଘଟିଛି, ଯାହାକୁ ସେ କେବେ ଭୁଲିପାରିବେ ନାହିଁ ବୋଲି କହିଛନ୍ତି।



ବିଶ୍ୱରଞ୍ଜନ ସେନାପତି

ଥାନାଧିକାରୀ ସେନାପତିଙ୍କ କହିବାନୁଯାୟୀ, ସେ ୨୦୦୮ରୁ ୨୦୧୦ ପର୍ଯ୍ୟନ୍ତ କୋରାପୁଟ ଜିଲା ନାରାୟଣପାଟଣା ଥାନାରେ ଏସ୍‌ଆଇ ଭାବେ ନିୟୋଜିତ ଥିଲେ। ସେତେବେଳେ ସେହି ଥାନା ଅଞ୍ଚଳରେ ମାଓବାଦୀ ଓ ଚାଷୀ ମୂଳିଆ ଆଦିବାସୀ ସଂଘ ବେଶ୍ ସକ୍ରିୟ ଥିଲା। ପୋଲିସ ଇନ୍‌ଫର୍ମର ସନ୍ଦେହରେ ନିରୀହ ଲୋକଙ୍କୁ ମାଓବାଦୀମାନେ ହତ୍ୟା କରୁଥିଲେ। ଚାଷୀ ମୂଳିଆ ଆଦିବାସୀ ସଂଘକୁ ମାଓବାଦୀମାନେ ସହଯୋଗ କରୁଥିବାରୁ ସେମାନେ ପୋଲିସକୁ ଖାତିରି କରୁ ନ ଥିଲେ। ସେମାନେ ଲୋକଙ୍କୁ ଧମକାଇ ସେମାନଙ୍କ ଚାଷଜମିକୁ କବ୍‌ଜା କରି ଚାଷ କରନ୍ତି। ଯଦି କେହି ଏହାର ପ୍ରତିବାଦ କରୁଥିଲେ ସଂଘ ସଦସ୍ୟମାନେ ଘରେ ପଶି ଗାଈ, ଗୋରୁ ଏବଂ ଖାଦ୍ୟଶସ୍ୟ ଲୁଟି ନେଉଥିଲେ। ମାଓବାଦୀଙ୍କ ସମର୍ଥନ ରହୁଥିବାରୁ ଏହି ସଂଘ ବିରୋଧରେ କେହି ଭୟରେ ପୋଲିସ ନିକଟରେ ଅଭିଯୋଗ କରୁ ନ ଥିଲେ। ତଥାପି ସଂଘକୁ ଦମନ କରିବା ପାଇଁ କାର୍ଯ୍ୟକ୍ରମ ଆରମ୍ଭ କରାଗଲା। କୋବ୍ରା ବାହିନୀ ଡକାଯାଇ ଜଙ୍ଗଲ ଏବଂ ଅନ୍ୟ ଅଞ୍ଚଳରେ ପାଟ୍ରୋଲିଂ କରାଗଲା, ଯାହାକୁ ନେଇ ଚାଷୀ ମୂଳିଆ ଆଦିବାସୀ ସଂଘ ପକ୍ଷରୁ ଅସନ୍ତୋଷ ବ୍ୟକ୍ତ କରାଯାଇ କୋବ୍ରା ବାହିନୀକୁ କାଢ଼ିନେବାକୁ ପୋଲିସକୁ କୁହାଯାଇଥିଲା। ମନା କରାଯିବାରୁ ସେମାନେ ପୋଲିସକୁ ଟାର୍ଗେଟ କରିଥିଲେ। ଏଥିପାଇଁ ସେମାନେ ବିଧିବଦ୍ଧ ଯୋଜନା କରିଥିଲେ। ସଂଘ ସଭାପତି ନାଚିକା ଲିଙ୍ଗା ୨୦୦୯ ଜୁନରେ ଥାନାକୁ ଆସି କୋବ୍ରା ବାହିନୀ ଉଠାଇ ନେବା ପାଇଁ ସେନାପତିଙ୍କ ସହିତ ଆଲୋଚନା କରିଥିଲେ। ସେନାପତି ବୁଝାଇବା ସମୟରେ ତାଙ୍କ ସାଥିରେ ଆସିଥିବା ସହଯୋଗୀମାନେ ଥାନା ଉପରକୁ ଗୁଳିମାଡ଼ କରିଥିଲେ। ଏହାସହ ଥାନା ଭିତରେ ପଶି ବନ୍ଧୁକ ଲୁଟି ନେଇ ଗୁଳିମାଡ଼ କରିଥିଲେ। ପୋଲିସ ଏବଂ ସେମାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ପୋଲିସ ଗୁଳିରେ ନାଚିକା ଲିଙ୍ଗାଙ୍କ ସହଯୋଗୀ କେଣ୍ଡୁକା ସିଙ୍ଗାନା ଏବଂ ଅନ୍ୟ ଜଣଙ୍କର ମୃତ୍ୟୁ ଘଟିଥିଲା। ନାଚିକା ଲିଙ୍ଗା ସମେତ ଅନ୍ୟମାନଙ୍କୁ ପୋଲିସ ଗିରଫ କରିଥିଲା। ପୋଲିସର ଏଭଳି ପଦକ୍ଷେପ ଦେଖି ମାଓବାଦୀମାନେ ମଧ୍ୟ ଉଗ୍ର ହୋଇଯାଇଥିଲେ। ସେମାନେ ପୋଲିସ କର୍ମଚାରୀ ଓ ଯବାନଙ୍କୁ ମାରିବା ପାଇଁ ସୁଯୋଗ ଖୋଜୁଥିଲେ। ସେହି ସମୟରେ ପାଟ୍ରୋଲିଂ ପାଇଁ ଲକ୍ଷ୍ମୀପୁରରୁ ଏସ୍‌ଓଜି ଯବାନମାନେ ଚାଲି ଚାଲି ନାରାୟଣପାଟଣାକୁ ଆସୁଥିଲେ। ସେମାନଙ୍କୁ ଆଣିବା ଓ ଛାଡ଼ିବା କାମ ପୋଲିସର ଦାୟିତ୍ୱ ଥିଲା। ହେଲେ ରାସ୍ତାରେ ଗଲେ ଲ୍ୟାଣ୍ଡମାଇନ୍ ଭୟ ରହିଥିବାରୁ ଜଙ୍ଗଲରାସ୍ତା ଦେଇ ଚାଲିଚାଲି ଯିବାକୁ ପଡ଼େ। ଦିନେ ଜଙ୍ଗଲ ରାସ୍ତାରେ ମାଓବାଦୀମାନେ ଗଛ ପକାଇ ଅବରୋଧ କରିଥିଲେ। ତାହାକୁ ହଟାଇବା ପାଇଁ ଏନଡିଆରଏଫ୍ ଟିମ୍ ପହଞ୍ଚିଯାଇଥିଲା। ସେମାନଙ୍କୁ ସୁରକ୍ଷା ଦେବା ପାଇଁ ଜରୁରିକାଳୀନ ସ୍ଥିତିରେ ନାରାୟଣପାଟଣାରୁ ପୋଲିସ ଫୋର୍ସ ଗାଡ଼ିରେ ଯାଇଥିଲା। ପଛରେ ଆଉ ଏକ ଗାଡ଼ିରେ ସେନାପତି ଓ ଅନ୍ୟ ଅଧିକାରୀମାନେ ଥିଲେ। ଘଟଣାସ୍ଥଳ ନିକଟବର୍ତ୍ତୀ ଏକ ବୁଲାଣିରେ ମାଓବାଦୀମାନେ ଲ୍ୟାଣ୍ଡମାଇନ ଖଞ୍ଜିଥିଲେ। ଫଳରେ ପୋଲିସ ଫୋର୍ସ ନେଇ ଯାଉଥିବା ଗାଡ଼ି ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଛିନ୍ନଛତ୍ର ହୋଇଯାଇଥିଲା। ଏଥିରେ ୮ ଜଣ ଯବାନଙ୍କ ମୃତ୍ୟୁ ଘଟିଥିଲା। ପଛରେ ଆସୁଥିବା ଗାଡ଼ି ଅଳ୍ପକେ ବର୍ତ୍ତି ଯାଇଥିଲା। ଫଳରେ ନୂଆ ଜୀବନ ପାଇଥିଲି ବୋଲି ସେନାପତି କହିଛନ୍ତି।

– ରିପୋର୍ଟ: ତ୍ରିନାଥ ମହାନ୍ତି, ଭୁବନେଶ୍ୱର

## ଜାଗରଯାତ୍ରା ଦେଖିବାକୁ ବିଦ୍ୟାଳୟ ଛାଡିଥିବା ୫୦ ଛାତ୍ର ଉଦ୍ଧାର

ଖଇରପୁଟ,୨୨।୨(ଡିଏନଏ):

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଅନ୍ତର୍ଗତ ବଣ୍ଡାଘାଟିର ମୁଦୁଲିପଡାସ୍ଥିତ ଏସଏସଡ଼ି ବାଳକ ହାଇସ୍କୁଲର ଛାତ୍ରାବାସରୁ ୫୦ରୁ ଉର୍ଦ୍ଧ୍ୱ ଛାତ୍ର ଶୁକ୍ରବାରଠାରୁ ପ୍ରାୟ ୨୦ କିଲୋମିଟର ଚାଲିଚାଲି ବନ୍ଧଗୁଡା ଗ୍ରାମକୁ ଜାଗରଯାତ୍ରା ଦେଖିବାକୁ ଯାଇଥିଲେ। ମାତ୍ର ସେମାନଙ୍କ ସମ୍ପର୍କରେ ଛାତ୍ରାବାସ କର୍ତ୍ତୃପକ୍ଷ କିଛି ଜାଣି ନ ଥିଲେ। ଯାତ୍ରା ଦେଖିସାରି ଶନିବାର ଏହି ଛାତ୍ରମାନେ ବନ୍ଧଗୁଡାରୁ ଚାଲିଚାଲି ଆସି ଖଇରପୁଟ ଗ୍ରାମରେ ପହଞ୍ଚିଥିଲେ। ଦିନସାରା ଉପବାସରେ ରହିବା ପରେ ସନ୍ଧ୍ୟାରେ ଚାଲିଚାଲି ପୁଣି ମୁଦୁଲିପଡ଼ା ଯାଉଥିବା ବେଳେ ସ୍ଥାନୀୟ ଅଞ୍ଚଳର କେତେକ ଯୁବକ ସେମାନଙ୍କୁ ଡାକି ପଚରାଉଚରା କରିବାରୁ ଛାତ୍ରମାନେ ଶୁକ୍ରବାରଠାରୁ ବଣ୍ଡାଘାଟି ଛାତ୍ରାବାସରୁ ଯାତ୍ରା ଦେଖିବାକୁ ଆସିଥିବା କହିଥିଲେ। ସେମାନେ କିଛି ଖାଇ ନ ଥିବା ଜାଣିବା ପରେ ମନୋଜ ଦାସ, ପ୍ରଭାକର ନାଗୁଲ, ରବି ଗୋଲପେଦା,ଜଗନ୍ନାଥ ମାଝି ପ୍ରମୁଖ ପିଲାମାନଙ୍କୁ ଗୋଟିଏ ଜାଗାରେ ଏକାଠି ବସାଇ ଖାଇବାକୁ ଦେଇଥିଲେ। ଏନେଇ ବିଡବ୍ଲ୍ୟୁଓ ଯୋଜନା ବେହେରାଙ୍କୁ ଖବର ଦେବା ପରେ ସେ ପ୍ରଧାନଶିକ୍ଷକ ଶିବପ୍ରସାଦ ନାୟକଙ୍କୁ ଖବର ଦେଇଥିଲେ। ବିଡବ୍ଲ୍ୟୁଓ ଏବଂ ପ୍ରଧାନଶିକ୍ଷକ ତୁରନ୍ତ ପିଲାମାନଙ୍କ ନିକଟରେ ପହଞ୍ଚି ସେମାନଙ୍କୁ ଛାତ୍ରାବାସରେ ପହଞ୍ଚାଇବା ବ୍ୟବସ୍ଥା କରିଥିଲେ। ତେବେ ପିଲାମାନେ ଛାତ୍ରାବାସ ଛାଡିଥିବା ସେ ଜାଣି ନ ଥିଲେ ବୋଲି ପ୍ରଧାନଶିକ୍ଷକ ନାୟକ କହିଛନ୍ତି। ତେବେ ଘଟଣା ସମ୍ପର୍କରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ହେବ ବୋଲି ବିଡବ୍ଲ୍ୟୁଓ ବେହେରା କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଏକାଦଶସ୍ଥ ଗ୍ରହ ପ୍ରଭାବରୁ ଆଜି ପ୍ରତ୍ୟେକ କାମରେ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ସାହାଯ୍ୟରେ ଆଶା କରୁଥିବା ଦିଗରୁ ଅର୍ଥ ପାଇବେ। ଆନୁଷ୍ଠାନିକ କ୍ଷେତ୍ରରେ ସଫଳତା ମିଳିବ ଓ ସାମାଜିକ ସ୍ତରରେ ପ୍ରତିଷ୍ଠିତ ହେବେ। ବହୁତ ଦିନରୁ ଅଟକି ରହିଥିବା କାମକୁ ସମ୍ପୂର୍ଣ୍ଣ କରିବେ।

**ବୃଷ** ପରୋକ୍ଷ ଶତ୍ରୁତାରୁ ସମ୍ପର୍କୀୟାଙ୍କ ଦ୍ୱାରା ଅପଯଶ ପାଇପାରନ୍ତି। ପାପଗ୍ରହ ଯୁକ୍ତ ଚନ୍ଦ୍ର ଯୋଗୁ ମାନସିକ ଅସ୍ଥିରତା ରହିଥିଲେ ମଧ୍ୟ ଅନ୍ୟମାନଙ୍କୁ ବିରକ୍ତିକର କଥା କହିବା ଠିକ୍ ହେବନି। କର୍ମକ୍ଷେତ୍ର କିମ୍ବା ପ୍ରଶାସନିକ ସ୍ତରରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ଅସମ୍ପୂର୍ଣ୍ଣ କାମ ପୂର୍ଣ୍ଣାଙ୍ଗ କରିବାକୁ ଚେଷ୍ଟା କରିବେ।

**ମିଥୁନ** କର୍ମଭାବରେ ଶୁକ୍ର ଯୋଗୁ ଆଜିର କାମଗୁଡ଼ିକ ସବୁ ଠିକ୍‌ଠିକ୍ ହୋଇଯିବ। କିନ୍ତୁ ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ। କଳା, ସାହିତ୍ୟ, ସଙ୍ଗୀତ ତଥା କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିପାରେ। ଅନ୍ୟମାନଙ୍କର କାନକୁହା କଥା ଶୁଣି କୌଣସି କାମ କଲେ ଅପଦସ୍ଥ ହେବାକୁ ପଡ଼ିପାରେ।

**କର୍କଟ** ଦୁଃସ୍ଥାନସ୍ଥିତ ଗ୍ରହଗୁଡ଼ିକ ସମସ୍ୟାର କାରଣ ହୋଇପାରନ୍ତି। ହେଲେ ଆର୍ଥିକ କ୍ଷେତ୍ର ପାଇଁ ଅସୁବିଧା ହେବନାହିଁ। ଯେକୌଣସି କ୍ଷେତ୍ରରେ ହେଉନା କାହିଁକି, ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। ଯେଉଁ ଜିନିଷଟିକୁ ପାଇବାକୁ ଅପେକ୍ଷା କରିଛନ୍ତି, ତାହା ସାମାନ୍ୟ ବିଳମ୍ବରେ ପାଇବେ।

**ସିଂହ** ମଙ୍ଗଳଗ୍ରହ କୋଣଭାବସ୍ଥ ଯୋଗୁ ବନ୍ଧୁଙ୍କ ଫେରିବା ବାଟର ବିଳମ୍ବତାକୁ ଲକ୍ଷ୍ୟକରି ବ୍ୟସ୍ତ ହୋଇପଡ଼ିବେ। ଆଜିର କର୍ମକ୍ଷେତ୍ରରେ ଚେଷ୍ଟା ସଫଳ ହେବାରେ ଜଣେ ପୁରାତନ ବନ୍ଧୁ ସାହାଯ୍ୟ କରିବେ। ଘରେ ବନ୍ଧୁମିଳନ ସହିତ ଖୁସିର ଆସର ଜମିପାରେ। ପରିବାରର ଆବଶ୍ୟକ ମୁତାବକ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି।

**କନ୍ୟା** ଭାଗ୍ୟାଧିପ ଉଚ୍ଚରାଶିରେ ରହିଥିବାରୁ ଦୀର୍ଘଦିନ ହେଲା ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିବ। ବନ୍ଧୁଙ୍କ ପରାମର୍ଶରେ ନୂତନ କାର୍ଯ୍ୟରେ ହାତ ଦେଇ କୃତକାର୍ଯ୍ୟ ହେବେ। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ, କିନ୍ତୁ ସଭାସମିତିରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। କ୍ଳାନ୍ତି ଓ ଅବସାଦ ଦଖାଦେଇପାରେ।

**ତୁଳା** ଶୁକ୍ର ଓ ଶନି ନିଜ ନିଜ ସ୍ଥାନରେ ବଳବାନ୍ ଯୋଗୁ ବିଭିନ୍ନ ସମସ୍ୟା ଭିତରେ ସମୟ କଟାଇବାକୁ ପଡ଼ିପାରେ। ମନ ଛଟପଟ ହେଉଥିଲେ ମଧ୍ୟ ବନ୍ଧୁଙ୍କ ନିକଟରେ ମନକଥା ପ୍ରକାଶ କରିପାରିବେ ନାହିଁ। ଅନ୍ୟମାନଙ୍କର ସାହାଯ୍ୟ ଲାଭ କରି କାମ ହାସଲ କରିବେ। ମାତ୍ର ନିର୍ମାଣ କାର୍ଯ୍ୟରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ।

**ବିଛା** ଉଚ୍ଚାରୋହୀ ମଙ୍ଗଳଙ୍କ ପ୍ରଭାବରୁ ସାମାନ୍ୟ ଧୈର୍ଯ୍ୟଧାରଣ କଲେ ସମସ୍ୟାର ସରଳ ସମାଧାନ ହୋଇଯିବ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିବେ। ବନ୍ଧୁମାନଙ୍କ ସହ ଅଧିକାଂଶ ସମୟ ଆଳାପ ଆଲୋଚନାରେ ସମୟ କଟାଇପାରନ୍ତି।

**ଧନୁ** ପରିବାର ସ୍ଥାନରେ ଶୁକ୍ର ରହିଥିବାରୁ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। ଉପରିସ୍ଥଙ୍କ ଆଦେଶ ପ୍ରାପ୍ତ ହୋଇ ସ୍ଥଗିତ କାମକୁ ପୂରାଦମରେ କରିବା ପାଇଁ ନିଷ୍ପତ୍ତି ନେବେ। ବାଣିଜ୍ୟ, ବ୍ୟବସାୟ, ସାମ୍ବାଦିକତା, ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ।

**ମକର** ଶୁଭଗ୍ରହ ପ୍ରଭାବରୁ ଚିନ୍ତା ନ କରି କାମରେ ମନ ଦିଅନ୍ତୁ, ମିତ୍ରମାନେ ସହଯୋଗର ହାତ ବଢ଼ାଇବେ। ନିକଟତମ ବନ୍ଧୁଙ୍କ ଆତିଥ୍ୟ ଗ୍ରହଣ ପୂର୍ବକ ବସ୍ତ୍ରଭୂଷଣ ପ୍ରାପ୍ତି ଯୋଗ ରହିଛି। ପୁରୁଣା ସମସ୍ୟାଗୁଡ଼ିକ ତୁଟି ଯାଇଥିଲେ ମଧ୍ୟ ଆକସ୍ମିକ ଭାବେ ନୂତନ ସମସ୍ୟା ଦେଖାଦେଇପାରେ। ପାରିବାରିକ କ୍ଷେତ୍ର ପୂର୍ବପରି ଅସ୍ଥିରତା ମଧ୍ୟରେ ରହିବ।

**କୁମ୍ଭ** ରାଶିରେ ତିନୋଟି ଗ୍ରହ ରହି ଆପଣଙ୍କ ଆଶା ଓ ଅଭିଳାଷକୁ ପୂରଣ କରିବେ। ଆଜିର ଯାତ୍ରା ପ୍ରଶାସନ, ଆଇନ, କଳା ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ, ଚେଷ୍ଟା କରୁଥିବା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଆପଣଙ୍କ ନିମନ୍ତ୍ରଣକ୍ରମେ ଘରକୁ ପ୍ରିୟ ବନ୍ଧୁ ଆସିପାରନ୍ତି।

**ମୀନ** ଭଲ ସମ୍ପର୍କ ନ ଥିବା କେତେକ ବ୍ୟକ୍ତି ସମସ୍ୟା ସୃଷ୍ଟିରେ ସହାୟକ ହେବେ, ତଥାପି କିଛି ଅସୁବିଧା ହେବ ନାହିଁ। କେତେକ ପ୍ରତିବନ୍ଧକ କାରଣରୁ ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିଯିବ। ଆଜି ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିପାରେ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧିଯୋଗୁ ମନରେ ସରସତା ରହିବ ନାହିଁ।

ଆଜି ଫାଲ୍‌ଗୁନ ଅମାବାସ୍ୟା ରବିବାର, ଫେବୃୟାରୀ ୨୩ ତାରିଖ, ରାଶି ନକ୍ଷତ୍ର-ଧନିଷ୍ଠା/କୁମ୍ଭ, ମେଷରାଶିର ଘାତବାର, ଅମାବାସ୍ୟାର ଶ୍ରାଦ୍ଧ, ଶରଣ, ଦିବା ଘ୭।୦୦ମି. ଗତେ ଘ୧୦।୦୪ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୪୧ମି. ଗତେ ଘ୯।୦୭ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୪।୧୯ମି. ଗତେ ଘ୫।୪୫ମି. ମଧ୍ୟେ ରାହୁକାଳ ।

ଦକ୍ଷିଣ ଦିଲ୍ଲୀର ଏକ ବିଦ୍ୟାଳୟକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସ୍ତ୍ରୀ ମେଲାନିଆ ଟ୍ରମ୍ପ ଯିବାର କାର୍ଯ୍ୟକ୍ରମ ଥିବାବେଳେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଓ ମନୀଷ ସିସୋଡିଆଙ୍କ ନାମ କେନ୍ଦ୍ର ସରକାର ଉଦ୍ଦେଶ୍ୟମୂଳକ ଭାବେ ଭିଭିଆଇପି ତାଲିକାରୁ ହଟାଇ ଦେଇଥିବା ଏଏପି ପକ୍ଷରୁ ଅଭିଯୋଗ କରାଯାଇଛି। ମେଲାନିଆଙ୍କୁ ଏହି ଦୁଇ ନେତା ଅନ୍ୟମାନଙ୍କ ସହ ସ୍ୱାଗତ କରିବାର କାର୍ଯ୍ୟକ୍ରମ ଥିଲା। ଆମେରିକା ଦୂତାବାସରୁ ଆମେ ଏନେଇ ଅନୁରୋଧ ମଧ୍ୟ ପାଇଥିଲୁ ବୋଲି ସିସୋଡିଆ କହିଛନ୍ତି। କେନ୍ଦ୍ରର ଏଭଳି ଚକ୍ରାନ୍ତ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିବା ସେ ପ୍ରକାଶ କରିଛନ୍ତି।



# ଜାଗରଯାତ୍ରାରୁ ଫେରିବାବେଳେ ମହିଳାଙ୍କୁ ଗଣବଳାତ୍କାର

ଭଣ୍ଡାରିପୋଖରୀ,୨୨।୨(ଡି.ଏନ.ଏ.)
ଭଦ୍ରକ ଜିଲା ରହଣିଆ ଅଞ୍ଚଳରେ ଶୁକ୍ରବାର ବିଳମ୍ବିତ ରାତିରେ ଜାଗର ଯାତ୍ରାରୁ ଫେରୁଥିବା ବେଳେ ଜଣେ ଆଦିବାସୀ ମହିଳାଙ୍କୁ ଗଣବଳାତ୍କାର କରାଯାଇଛି। ଏ ନେଇ ଶନିବାର ପୂର୍ବାହ୍ନରେ ପୀଡ଼ିତାଙ୍କ ଅଭିଯୋଗକ୍ରମେ ଭଣ୍ଡାରିପୋଖରୀ ଥାନାରେ ଏକ ମାମଲା(ନଂ.୪୨/୨୦) ରୁଜୁ ହୋଇଛି। ଏଥିସହ ପୀଡ଼ିତାଙ୍କୁ ଡାକ୍ତରୀ ମାଇନା ପାଇଁ ଭଦ୍ରକ ପଠାଯାଇଛି।

ସୂଚନା ଅନୁଯାୟୀ, ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅମର୍ଦ୍ଧାରୋଡ୍ ଅଞ୍ଚଳର ଏକ ଆଦିବାସୀ ପରିବାର ଗତ କିଛିଦିନ ଧରି ରହଣିଆ ଅଞ୍ଚଳରେ ରହିଆସୁଛନ୍ତି। ପରିବାର ଲୋକ ନିଜ ଗ୍ରାମକୁ ଜାଗର ପାଇଁ ଯାଇଥିଲେ। ଶୁକ୍ରବାର ମହିଳା ଜଣଙ୍କ ଆକୁଳିକଣାଠାରେ ଥିବା ବରୁଣେଶ୍ୱର ମହାଦେବ ଜାଗର ଉତ୍ସବ ଦେଖି ରାତି ପ୍ରାୟ ୧୧ଟାରେ ଘରକୁ ଫେରୁଥିଲେ। ଡିହସାହି ହନୁମାନ ମନ୍ଦିର ନିକଟରେ ୨ ଜଣ ଯୁବକ ତାଙ୍କୁ ଏକ ପରିତ୍ୟକ୍ତ ଗୃହକୁ ଟେକିନେଇ ବଳାତ୍କାର କରିଥିଲେ। ପୀଡ଼ିତା କାନ୍ଦି କାନ୍ଦି ଘରେ ପହଞ୍ଚିବା ପରେ ପାଖ ଲୋକେ ଦେଖି ପଚାରିବାରୁ ସେ ଘଟଣା ସମ୍ପର୍କରେ କହିଥିଲେ। ସ୍ଥାନୀୟ ଲୋକେ ଏ ସମ୍ପର୍କରେ ଜଣାଇବା ପରେ ପୋଲିସ ପହଞ୍ଚି ମହିଳାଙ୍କୁ ଭଣ୍ଡାରିପୋଖରୀ ଡାକ୍ତରଖାନାକୁ ନେଇ ଚିକିତ୍ସା କରାଇଥିଲା। ଖବର ପାଇ ଉପଖଣ୍ଡ ଥାନାଧିକାରୀ ମନୋରଞ୍ଜନ ସାମଲ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିଛନ୍ତି। ଥାନାଧିକାରୀ ସନାତନ ସାହୁ ଘଟଣାର ତଦନ୍ତ ଜାରି ରଖିଛନ୍ତି।




# ୩ ଓଡ଼ିଆ ଶ୍ରମିକ ମୃତ

## ଅହମ୍ମଦାବାଦ କପଡ଼ା ଲେବଲ କାରଖାନାରେ ଅଗ୍ନିକାଣ୍ଡ

ରସୁଲପୁର, ୨୨।୨(ଡି.ଏନ୍.ଏ)
ଗୁଜରାଟ ଅହମ୍ମଦାବାଦର ଏକ କପଡ଼ା ଲେବଲ ପ୍ରସ୍ତୁତି କାରଖାନାରେ ଶନିବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ୩ଜଣ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ନାମ ହେଲା ଦୟାନିଧି ଖୁଣ୍ଟିଆ(୩୭), ଚିନ୍ମୟ ଖୁଣ୍ଟିଆ(୨୫) ଏବଂ କାମେଶ ସିଂ(୨୩)। ମୃତକଙ୍କ ଘର ଯାଜପୁର ସଦର ଥାନା ଅନ୍ତର୍ଗତ ଜମଧର ଗ୍ରାମରେ। ଏହି ଘଟଣାରେ ଶ୍ରମିକ ରାଜେନ୍ଦ୍ର ଖୁଣ୍ଟିଆ, ଦୀପୁ ସାମଲ ଓ ଲିପୁ ସାମଲ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ମିଳିଥିବା ସୂଚନା ଅନୁସାରେ ଅହମ୍ମଦାଦର ଓଧାବ୍ ଜିଆଇଡିସି ଅଞ୍ଚଳରେ ଥିବା ଲୋଟସ କପଡ଼ା ଲେବଲ୍ କାରଖାନାରେ ଉପରୋକ୍ତ ଶ୍ରମିକମାନେ କାର୍ଯ୍ୟ କରନ୍ତି। ଶୁକ୍ରବାର ରାତିରେ ନାଇଟ ଡ୍ୟୁଟି ସାରି ସେମାନେ କାରଖାନାର ୩ୟ ମହଲାରେ ଥିବା ଏକ କୋଠରୀରେ ଶୋଇଥିଲେ। ଶନିବାର ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ କୌଣସି କାରଣରୁ କାରଖାନାରେ ନିଆଁ ଲାଗିଯାଇଥିଲା। ନିଆଁ ସହ ଧୂଆଁର ମାତ୍ରା ଅତ୍ୟଧିକ ଥିବାରୁ ଦୟାନିଧି, ଚିନ୍ମୟ ଓ କାମେଶ କୋଠରୀରୁ ବାହାରକୁ ଆସି ପାରି ନ ଥିଲେ। ଅପରପକ୍ଷରେ ରାଜେନ୍ଦ୍ର, ଦୀପୁ ଏବଂ ଲିପୁ ଛାତ ଉପରକୁ ଆସି ଅନ୍ୟମାନଙ୍କ ସହଯୋଗରେ ତଳକୁ ଆସିଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ନିଆଁକୁ ଆୟତ୍ତ କରି ଦୟାନିଧି, ଚିନ୍ମୟ ଓ କାମେଶଙ୍କ ମୃତଦେହ ଉଦ୍ଧାର କରିଥିଲେ। ଧୂଆଁରେ ଶ୍ୱାସରୁଦ୍ଧ ହୋଇ ୩ଜଣଙ୍କ ମୃତ୍ୟୁ ଘଟିଥିବା କୁହାଯାଉଛି। ଏହି ଖବର ଜଣାପଡ଼ିବା ପରେ ଜମଧର ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ମୃତକମାନେ ପରିବାରର ରୋଜଗାର ସଦସ୍ୟ ହୋଇଥିବାରୁ ଏବେ ସେମାନଙ୍କ ପରିବାର ବେସାହାରା ହୋଇପଡ଼ିଛି। ମୃତ ଶ୍ରମିକଙ୍କ ମରଶରୀର କିପରି ଭାବେ ଗ୍ରାମକୁ ଅଣାଯାଇପାରିବ ସେନେଇ ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ନେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି। ଏଥିସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି।

## ସଂକ୍ଷେପରେ

### ବିଜେଡି ସଭାପତି ପଦ ପାଇଁ ନବୀନଙ୍କ ନାମାଙ୍କନ ଆଜି

ଭୁବନେଶ୍ୱର,୨୨।୨(ବ୍ୟୁରୋ): ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁନର୍ବାର ଶାସକ ଦଳର ସଭାପତି ପଦ ପାଇଁ ରବିବାର ନାମାଙ୍କନପତ୍ର ଦାଖଲ କରିବେ। ରାଜଧାନୀସ୍ଥିତ ଦଳୀୟ ମୁଖ୍ୟାଳୟରେ ଏହି ନିର୍ବାଚନ ପ୍ରକ୍ରିୟା ଅନୁଷ୍ଠିତ ହେବ। ରାଜ୍ୟ ସଭାପତି ପଦ ସମେତ ଦଳୀୟ ରାଜ୍ୟ କାର୍ଯ୍ୟକାରିଣୀ ପାଇଁ ମଧ୍ୟ ସମାନ ସମୟରେ ମନୋନୟନ କରାଯିବ। ବିଜେଡି ସାଧାରଣ ସମ୍ପାଦକ(ମୁଖ୍ୟାଳୟ) ସଞ୍ଜୟ ଦାସବର୍ମା ଶନିବାର ଏହି ସୂଚନା ଦେଇଛନ୍ତି। ବିଜେଡି ସାଙ୍ଗଠନିକ ନିର୍ବାଚନ ଗତ ଡିସେମ୍ବର ୨୭ରୁ ଆରମ୍ଭ ହୋଇ ଚଳିତ ମାସ ୨୬ ଯାଏ ଚାଲିବ ବୋଲି ସମୟ ଧାର୍ଯ୍ୟ ହୋଇଥିଲା। ତେବେ ୫ ପର୍ଯ୍ୟାୟରେ ହେଉଥିବା ନିର୍ବାଚନର ଚତୁର୍ଥ ପର୍ଯ୍ୟାୟ କାର୍ଯ୍ୟସୂଚୀ ସମାପ୍ତ ହୋଇଥିବା ଜଣାପଡ଼ିଛି। ବିଜେଡି ପକ୍ଷରୁ ଶୁକ୍ରବାର ୩୩ ସାଙ୍ଗଠନିକ ଜିଲା ପାଇଁ ସଭାପତିଙ୍କ ନାମ ଘୋଷଣା କରାଯାଇଛି। ସେହିପରି ଦଳର ୩ ଛାମୁଆ ସଙ୍ଗଠନ(ଯୁବ,ଛାତ୍ର ଏବଂ ମହିଳା)ର ପୁନର୍ଗଠନ ନେଇ ମାର୍ଚ୍ଚ ୫ ପରେ ଘୋଷଣା ହୋଇପାରେ।

### ନକଲି ମାଟ୍ରିକ ପରୀକ୍ଷାର୍ଥୀ ଅଟକ

#### ସମ୍ପର୍କୀୟ ଭାଇଙ୍କ ପାଇଁ ଦେଉଥିଲେ ପରୀକ୍ଷା

ବ୍ରହ୍ମଗିରି,(ଡି.ଏନ.ଏ)/ପୁରୀ ଅଫିସ, ୨୨।୨: ଚଳିତବର୍ଷ ମାଟ୍ରିକ ପରୀକ୍ଷାକୁ କପିମୁକ୍ତ ତଥା ଅଧିକ ଶୃଙ୍ଖଳିତ କରିବାକୁ ମାଧ୍ୟମିକ ଶିକ୍ଷା ପରିଷଦ କର୍ତ୍ତୃପକ୍ଷ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ବିଭିନ୍ନ ପଦକ୍ଷେପ ନେଇଛନ୍ତି। ପରୀକ୍ଷା କେନ୍ଦ୍ରଗୁଡ଼ିକରେ ସିସିଟିଭି କ୍ୟାମେରା ଲଗାଯିବା ସହ ତ୍ରିସ୍ତରୀୟ ପ୍ରଶ୍ନପତ୍ର ପ୍ୟାକେଟ ଖୋଲାଯିବା ବ୍ୟବସ୍ଥା କରାଯାଇଛି। ଏହାସତ୍ତ୍ୱେ କେତେକ କେନ୍ଦ୍ରରେ କପି ହୋଇଥିବା ଜଣାପଡ଼ିଛି। ମାଟ୍ରିକ ପରୀକ୍ଷାର ଦ୍ୱିତୀୟ ଦିନରେ ଶନିବାର ପୁରୀ ସଦର ବ୍ଲକ ଅନ୍ତର୍ଗତ ବାସୁଦେଇପୁରସ୍ଥିତ କନକଦୁର୍ଗା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ଜଣେ ନକଲି ପରୀକ୍ଷାର୍ଥୀ ଧରାପଡ଼ିଛନ୍ତି। ସେ ତାଙ୍କ ସମ୍ପର୍କୀୟ ଭାଇଙ୍କ ପାଇଁ ପରୀକ୍ଷା ଦେଉଥିଲେ ବୋଲି ପୋଲିସ କହିଛି। ତାଙ୍କୁ ଥାନାରେ ଅଟକ ରଖାଯାଇ ପଚରାଉଚରା ଚାଲିଛି। ସୂଚନା ଅନୁଯାୟୀ, ବ୍ରହ୍ମଗିରି ବ୍ଲକ ଅଧୀନ ପଥରପଦାସ୍ଥିତ ଗ୍ରାମେଶ୍ୱର ବିଦ୍ୟାପୀଠର ଜଣେ ଦଶମଶ୍ରେଣୀ ଛାତ୍ର କନକଦୁର୍ଗା ହାଇସ୍କୁଲରେ ପରୀକ୍ଷା ଦେବାକୁ ଥିବାବେଳେ ଶନିବାର ପରୀକ୍ଷାକେନ୍ଦ୍ରରେ ସେ ଅନୁପସ୍ଥିତ ଥିଲେ। ତାଙ୍କ ନାମରେ ଆଉ ଜଣେ ପରୀକ୍ଷା ଦେଉଥିଲେ। ଏ ସଂକ୍ରାନ୍ତରେ କେହି ଜଣେ ବ୍ୟକ୍ତି ଫୋନ୍ ଯୋଗେ ଉକ୍ତ କେନ୍ଦ୍ରର ଶିକ୍ଷକଙ୍କୁ ଜଣାଇଥିଲେ। ଶିକ୍ଷକ ଏ ବିଷୟରେ କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଅବଗତ କରାଇଥିଲେ। ସୁପରିଣ୍ଟେଣ୍ଡେଣ୍ଟ ସଦର ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ସମ୍ପୃକ୍ତ ପରୀକ୍ଷାର୍ଥୀଙ୍କ ଆଡମିଟ୍ କାର୍ଡ ଓ ରେକର୍ଡପତ୍ର ଯାଞ୍ଚ କରିଥିଲା। ସେ ଅସଲ ପରୀକ୍ଷାର୍ଥୀଙ୍କ ସମ୍ପର୍କୀୟ ଭାଇ ବୋଲି ଜଣାପଡ଼ିବା ପରେ ପୋଲିସ ତାଙ୍କୁ ଧରି ଥାନାକୁ ନେଇଯାଇଥିଲା। ଜିଲା ଶିକ୍ଷାଧିକାରୀଙ୍କ ଅଭିଯୋଗ କ୍ରମେ ପୋଲିସ ସମ୍ପୃକ୍ତ ନକଲି ପରୀକ୍ଷାର୍ଥୀଙ୍କୁ ଆଣି ଅଟକ ରଖି ପଚରାଉଚରା କରୁଛି ବୋଲି ସଦର ଥାନା ଅଧିକାରୀ ବିମଳ କୁମାର ନାୟକ କହିଛନ୍ତି।

# ଗାନ୍ଧୀ ଶାନ୍ତି କେନ୍ଦ୍ର ଉଦ୍‌ଘାଟିତ

- ଗାନ୍ଧିଜୀଙ୍କ ଜୀବନୀ ଉପରେ ଏହି କେନ୍ଦ୍ର ସଚେତନତା ଭାବ ସୃଷ୍ଟି କରିବ: ମୁଖ୍ୟମନ୍ତ୍ରୀ
- ଓଡ଼ିଆମାନେ ହିଁ ଗାନ୍ଧିଜୀଙ୍କ ଭାବକୁ ଆଗକୁ ନେଇପାରିବେ: ରାଜଶ୍ରୀ ବିର୍ଲା
- ମଙ୍ଗଳବାରଠାରୁ ରବିବାର ପୂର୍ବାହ୍ନ ୧୧ ରୁ ରାତି ୭ଟା ପର୍ଯ୍ୟନ୍ତ ଖୋଲା ରହିବ


କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ରାଜଶ୍ରୀ ବିର୍ଲା ଗାନ୍ଧିଜୀଙ୍କ ସମ୍ପର୍କିତ ଏକ ମେମେଣ୍ଟୋ ପ୍ରଦାନ କରୁଛନ୍ତି। ନିକଟରେ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ୍, ମନ୍ତ୍ରୀ ଅଶୋକ ପଣ୍ଡା ଓ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ।

ଭୁବନେଶ୍ୱର, ୨୨।୨(ବ୍ୟୁରୋ)
ଭୁବନେଶ୍ୱର ଖଣ୍ଡଗିରି ନିକଟ ବ୍ୟାଖ୍ୟାନ କେନ୍ଦ୍ର ପରିସରରେ ଗାନ୍ଧୀ ଶାନ୍ତି କେନ୍ଦ୍ର ଶନିବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରି କହିଛନ୍ତି, ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ଗାନ୍ଧୀ ଶାନ୍ତି କେନ୍ଦ୍ରକୁ ଉତ୍ସର୍ଗ କରିବାର ଐତିହାସିକ ଗୁରୁତ୍ୱ ରହିଛି। ମୁଁ ନିଶ୍ଚିତ ଯେ ଏହି କେନ୍ଦ୍ର ଗାନ୍ଧିଜୀଙ୍କ କର୍ମମୟ ଜୀବନୀ ବିଷୟରେ ସଚେତନତାର ଭାବ ଜାଗ୍ରତ କରିବାରେ ସଂସ୍ଥାଗତ ମଞ୍ଚ ହେବ। ଉଦ୍‌ଘାଟନ ପରେ ମୁଖ୍ୟମନ୍ତ୍ରୀ ଶାନ୍ତି କେନ୍ଦ୍ରକୁ ବୁଲି ଦେଖିଥିଲେ। ଏହି କେନ୍ଦ୍ର ଆଦିତ୍ୟ ବିର୍ଲା ଗ୍ରୁପ ଓ ରାଜ୍ୟ ସରକାରଙ୍କ ମିଳିତ ପ୍ରୟାସରେ ପ୍ରତିଷ୍ଠା କରାଯାଇଥିବାବେଳେ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆଦିତ୍ୟ ବିର୍ଲା ସେଣ୍ଟର ଫର୍ କମ୍ୟୁନିଟି ଇନିସିଏଟିଭ୍‌ସ ଆଣ୍ଡ୍ ରୁରାଲ ଡେଭଲପ୍‌ମେଣ୍ଟ ଅଧ୍ୟକ୍ଷା ରାଜଶ୍ରୀ ବିର୍ଲା ଯୋଗଦେଇଥିଲେ। ଓଡ଼ିଶା ଓ ଗାନ୍ଧିଜୀଙ୍କ ସମ୍ପର୍କରେ ସେ କହିଲେ, ଓଡ଼ିଶା ଓ ଓଡ଼ିଆମାନେ ହିଁ ଗାନ୍ଧିଜୀଙ୍କ ଭାବକୁ ଧରି ରଖିବା ସହ ସେହି ମଶାଲକୁ ଆଗକୁ ବଢ଼ାଇପାରିବେ। ତେଣୁ ପ୍ରଯୁକ୍ତିବିଦ୍ୟା ଜରିଆରେ ମହାତ୍ମାଙ୍କ ମହାନ୍ ଜୀବନର ଝଲକକୁ ଓଡ଼ିଶାର ଲୋକଙ୍କ ପାଖରେ ପହଞ୍ଚାଇବା ହେଉଛି ଗାନ୍ଧୀ ଶାନ୍ତି କେନ୍ଦ୍ରର ଲକ୍ଷ୍ୟ। ଅତୀତର ଶ୍ରେଷ୍ଠ ବ୍ୟକ୍ତିତ୍ୱଙ୍କ ପ୍ରାସଙ୍ଗିକତା ଓ ସେମାନଙ୍କ ଅବଦାନ କ୍ରମଶଃ ମଳିନ ପଡୁଛି। ତେଣୁ ସେମାନଙ୍କ ଜୀବନ ଓ ସଂଗ୍ରାମ ଲୋକଙ୍କ ମନରେ ଉଜ୍ଜୀବିତ କରି ରଖିବା ଲାଗି ଏକ ଅଭିନବ ଚିନ୍ତାଧାରା ବାହାର କରିବାର ଆବଶ୍ୟକତା ରହିଛି। ମହାତ୍ମାଙ୍କ ଅସୀମ ବାର୍ତ୍ତାର ପ୍ରଚାର ଲାଗି ଆମେ ବିଶ୍ୱସ୍ତରୀୟ ଭବିଷ୍ୟତ ଉପଯୋଗୀ ପ୍ରଯୁକ୍ତି ବ୍ୟବହାର କରିଛୁ। ଗାନ୍ଧୀବାଦକୁ ଅଭିନବ ଢଙ୍ଗରେ ମିଶ୍ରଣ କରି ଆମେ ଏକ ଭାବବିନିମୟ ଭିତ୍ତିକ ପ୍ରକ୍ରିୟା ବିକଶିତ କରିଛୁ। ଏହି ଶାନ୍ତି କେନ୍ଦ୍ରର ମଲ୍ଟିମିଡିଆ ଉପସ୍ଥାପନା ସହିତ ଓଡ଼ିଶାବାସୀ ମହାତ୍ମା ଗାନ୍ଧୀଙ୍କ ଜୀବନୀକୁ ନେଇ ଉଲ୍ଲେଖନୀୟ ଆଲୋଚନାରେ ସାମିଲ ହୋଇପାରିବେ ବୋଲି ରାଜଶ୍ରୀ ବିର୍ଲା କହିଛନ୍ତି। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶୋକ ପଣ୍ଡା, ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଆଦିତ୍ୟ ବିର୍ଲା ଗ୍ରୁପ୍ ତରଫରୁ ଡ. ସନ୍ତୃପ ମିଶ୍ର ଓ ଅଶୋକ ବଳ ପ୍ରକଳ୍ପକୁ ଆଗକୁ ବଢ଼ାଇବାରେ ସହାୟତା ପ୍ରଦାନ କରିଥିଲେ। ପ୍ରକଳ୍ପ ମୁଖ୍ୟ ଭରତ ପାରେଖ, କ୍ୟୁରେଟର ବିରଦ ୟାଗଦିକ୍ ଏବଂ ସ୍ଥପତି ସନ୍ଦୀପ ଖରଖାନିସ ଏହି ଗାନ୍ଧୀ ଶାନ୍ତି କେନ୍ଦ୍ରକୁ କାର୍ଯ୍ୟକାରୀ କରିବା ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରାୟ ୨୦ ହଜାର ବର୍ଗଫୁଟ ପରିମିତ ଜମିରେ ସ୍ଥାପିତ ଗାନ୍ଧୀ ଶାନ୍ତି କେନ୍ଦ୍ରରେ ଓଡ଼ିଆ, ହିନ୍ଦୀ ଓ ଇଂଲିଶ ଭାଷାରେ ଭାବବିନିମୟର ବ୍ୟବସ୍ଥା ରହିଛି। ମଙ୍ଗଳବାରରୁ ରବିବାର ପର୍ଯ୍ୟନ୍ତ ପୂର୍ବାହ୍ନ ୧୧ଟାରୁ ରାତି ୭ଟା ପର୍ଯ୍ୟନ୍ତ ସାଧାରଣ ଲୋକଙ୍କ ପାଇଁ ଏହା ଖୋଲା ରହିବ। ବର୍ତ୍ତମାନ ଗାନ୍ଧୀ ଶାନ୍ତି କେନ୍ଦ୍ରକୁ ପ୍ରବେଶ ନିଃଶୁଳ୍କ ରହିବ। କାର୍ଯ୍ୟକ୍ରମରେ ବହୁ ସ୍ୱାଧୀନତା ସଂଗ୍ରାମୀ, ମନ୍ତ୍ରୀ, ବିଧାୟକ ଓ ଛାତ୍ରୀଛାତ୍ର ଯୋଗଦେଇ ଶାନ୍ତି କେନ୍ଦ୍ର ଓ ଏହାର ଗ୍ୟାଲେରୀ ବୁଲି ଦେଖିଥିଲେ।

ସୂଚନାଯୋଗ୍ୟ, ୨୦୧୩ରେ 'ଗାନ୍ଧୀ ଶାନ୍ତି କେନ୍ଦ୍ର' ପ୍ରତିଷ୍ଠା ହେବାର ନିଷ୍ପତ୍ତି ହୋଇଥିଲା। ତତ୍କାଳୀନ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏ ନେଇ ଆଦିତ୍ୟ ବିର୍ଲା ଫାଉଣ୍ଡେଶନ ସହ ଆଲୋଚନା କରିଥିଲେ। ୨୦୧୭ ମେ'ରେ ପର୍ଯ୍ୟଟନ ବିଭାଗ ଓ ଆଦିତ୍ୟ ବିର୍ଲା ଫାଉଣ୍ଡେଶନ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା।





ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ବିଶିଷ୍ଟ ବ୍ୟକ୍ତି ଓ ଗାନ୍ଧୀପ୍ରେମୀ ।

## ଜିଲା ଚିଠି
### ରାଉରକେଲା



### ସ୍ଥାନୀୟ ନିଯୁକ୍ତି

ଶିଳ୍ପ ଓ ଖଣି ଖାଦାନ ବହୁଳ ସୁନ୍ଦରଗଡ଼ ଜିଲାରେ ନିଯୁକ୍ତି ଦିନକୁ ଦିନ ସଙ୍କୁଚିତ ହେବାରେ ଲାଗିଛି। କାମଧନ୍ଦା ଅଭାବରୁ ଜିଲାର ବହୁ ବେକାର ଯୁବକଯୁବତୀ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଚାଲି ଯାଉଛନ୍ତି। ଯେଉଁ କେତେକ ପ୍ରକଳ୍ପର କାମ ଚାଲୁ ରହିଛି କିମ୍ବା କାର୍ଯ୍ୟକାରୀ ହେଉଛି ସେଠି ରାଜ୍ୟ ବା ଜିଲା ବାହାର ଶ୍ରମିକଙ୍କୁ ଅଗ୍ରାଧିକାର ଦିଆଯାଉଛି। ଯାହାକୁ ନେଇ ଆଞ୍ଚଳିକ ବୈଷମ୍ୟ, ବିରୋଧାଭାସ ଦେଖାଦେଇଛି। ଷ୍ଟିଲ୍‌ସିଟି ରାଉରକେଲାକୁ ମହାନଗର ଓ ସ୍ମାର୍ଟ ସିଟି ଘୋଷଣା ପରେ ଏଠାରେ ନୂଆ ନୂଆ ପ୍ରକଳ୍ପ କାର୍ଯ୍ୟକାରୀ ହେବା ବେକାରଙ୍କ ମନରେ ଆଶା ସଞ୍ଚାର କରିଥିଲା। ସମ୍ପ୍ରତି ରାଉରକେଲା ଇସ୍ପାତ କାରଖାନା ପରିସରରେ ସୁପର ସ୍ପେଶିଆଲିଟି ହସ୍ପିଟାଲ ଓ ବିର୍ଶାମୁଣ୍ଡା ଷ୍ଟାଡିୟମ ନବୀକରଣ କାର୍ଯ୍ୟ ଜାରି ରହିଛି। ଏଥିସହ ସହରରେ ସ୍ୱେରେଜ କାମ ମଧ୍ୟ ଦ୍ରୁତଗତିରେ ଚାଲିଛି। ଏସବୁ କାମ କରୁଛି ରାଜ୍ୟ ବାହାର କମ୍ପାନୀ। ଏଥିରେ ଯେଉଁ ଠିକା ଶ୍ରମିକ କାମ କରୁଛନ୍ତି ସେମାନଙ୍କ ମଧ୍ୟରୁ ସଂଖ୍ୟାବହୁଳ ଶ୍ରମିକ ରାଜ୍ୟ ବାହାରୁ ଆସିଛନ୍ତି। ଏମିତି ଅବସ୍ଥାରେ ସ୍ଥାନୀୟ ବେକାର କାମ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଦେଓଗାଁ ନିକଟରେ ଚାଲିଥିବା ଏକ କାରଖାନା ନିର୍ମାଣ କାର୍ଯ୍ୟରେ ୮୦ ପ୍ରତିଶତ ରାଜ୍ୟ ବାହାର ଶ୍ରମିକ ନିୟୋଜିତ ହେବା ବୁଦ୍ଧିଜୀବୀଙ୍କୁ ଆଶ୍ଚର୍ଯ୍ୟ କରିଛି। ଶିଳ୍ପସମୃଦ୍ଧ ସୁନ୍ଦରଗଡ଼ ଜିଲାରେ ମାନବ ସମ୍ବଳର ଅଭାବ ନାହିଁ। ଏଠାରେ କୁଶଳୀ ଶ୍ରମିକ ଭରି ରହିଛନ୍ତି। ଏହା ସତ୍ତ୍ୱେ ରାଜ୍ୟ ବାହାର ଶ୍ରମିକଙ୍କୁ ସବୁ କ୍ଷେତ୍ରରେ ଅନୁକମ୍ପା ଦେଖାଯିବା ଅନ୍ୟାୟ ବୋଲି ବିଭିନ୍ନ ଶ୍ରମିକ ସଙ୍ଗଠନ ସହ ବିରୋଧି ରାଜନୈତିକ ଦଳ ସ୍ୱର ଉଠାଉଛନ୍ତି। ତଥାପି ଏନେଇ ସରକାର ନୀରବ ରହୁଛନ୍ତି। ଜିଲାରେ କର୍ମ ନିୟୋଜନ ସଂସ୍ଥା ସ୍ଥାଣୁ ପାଲଟିଥିବା ବେଳେ ଶ୍ରମ ଦପ୍ତର ମଧ୍ୟ ହାତବାନ୍ଧି ବସିଛି। ଜିଲାରେ ଦିନକୁ ଦିନ କଳ କାରଖାନା ବନ୍ଦ ହେବାରେ ଲାଗିଛି। ବେକାର ସଂଖ୍ୟା ମଧ୍ୟ ବଢ଼ି ଚାଲିଛି। କାମ ଦାବିରେ ବିରୋଧୀ ରାଜନୈତିକ ଦଳ ଏଡିଏମ୍‌ଙ୍କ ଅଫିସ ସମ୍ମୁଖରେ ଧାରଣା ଦେଉଥିବା ବେଳେ ଶ୍ରମିକ ସଙ୍ଗଠନ କର୍ମ ନିୟୋଜନ ସଂସ୍ଥା ଘେରୁଛି। ସ୍ଥାନୀୟ ବେକାରଙ୍କ ମଧ୍ୟରେ ଅସନ୍ତୋଷ କୁହୁଳିବାରେ ଲାଗିଛି। ବାହାର ଶ୍ରମିକ ନିଯୁକ୍ତି ନେଇ ବୈଷମ୍ୟ ଭାବ ବଢ଼ିଚାଲିଛି। ନିର୍ବାଚିତ ଜନପ୍ରତିନିଧି ସରକାରୀ କଳ ଅବହେଳା ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ପଛଘୁଞ୍ଚା ଦେଉଛନ୍ତି। ଶ୍ରମିକ ସଙ୍ଗଠନଗୁଡ଼ିକ ଚାପ ପ୍ରୟୋଗ କରି ନିଜ ସମର୍ଥକଙ୍କୁ ନିଯୁକ୍ତି ଦେବା ପରେ ଅନ୍ୟମାନଙ୍କ କଥା ଭୁଲି ଯାଉଛନ୍ତି। ଆଗାମୀ ଦିନରେ ଯଦି ଏହି ପରମ୍ପରା ଲାଗି ରହେ ବେକାର ସଂଖ୍ୟା ହୁହୁ ହୋଇ ବଢ଼ିବା ସହ ଦାଦନ ସଂଖ୍ୟା ବୃଦ୍ଧିପାଇବା ଆଶଙ୍କା ପ୍ରକାଶ ପାଇଛି।

– ବସନ୍ତ କୁମାର ଧଳ

# ପ୍ରାକୃତିକ ବିପତ୍ତିକୁ ବଳିଯାଉଛି ସଡ଼କ ଦୁର୍ଘଟଣା

- ୧୦ବର୍ଷରେ ଗଲାଣି ୪୩ ହଜାର ଜୀବନ
- ପ୍ରାକୃତିକ ବିପର୍ଯ୍ୟୟ ନେଇଛି ୧୧ ହଜାର



ଭୁବନେଶ୍ୱର,୨୨।୨(ବ୍ୟୁରୋ)
ବିଭିନ୍ନ ସମୟରେ ରାଜ୍ୟରେ ହେଉଥିବା ପ୍ରାକୃତିକ ବିପତ୍ତି ଯୋଗୁ ବହୁମୂଲ୍ୟ ଜୀବନ ଚାଲିଯାଉଛି। ଗତ ୧୦ ବର୍ଷ ମଧ୍ୟରେ ବଜ୍ରପାତ, ଅଂଶୁଘାତ, ଅଗ୍ନିକାଣ୍ଡ, ବାତ୍ୟା, ଘୂର୍ଣ୍ଣିଝଡ଼, ବନ୍ୟା, ଡଙ୍ଗାବୁଡ଼ି, ସାପ କାମୁଡ଼ା, ଭୂସ୍ଖଳନ ଓ ପାଣିରେ ବୁଡ଼ି ୧୧,୪୪୦ ଜଣଙ୍କ ଜୀବନ ଯାଇଛି। ଏଥିଯୋଗୁ କେବଳ ୨୦୧୯-୨୦ରେ ୧୫୫୦ ଜଣଙ୍କର ପ୍ରାଣହାନି ଘଟିଛି। ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ୨୦୧୧-୧୨ରେ ୫୦୧ ଜଣଙ୍କର ଜୀବନ ଯାଇଥିବା ବେଳେ ୨୦୧୨-୧୩ରେ ୪୪୪, ୨୦୧୩-୧୪ରେ ୫୩୮, ୨୦୧୪-୧୫ରେ ୪୮୨, ୨୦୧୫-୧୬ରେ ୧୩୩୬, ୨୦୧୬-୧୭ରେ ୧୭୧୦, ୨୦୧୭-୧୮ରେ ୨୩୨୫, ୨୦୧୮-୧୯ରେ ୨୫୫୦, ୨୦୧୯-୨୦ରେ ୧୫୫୦ ଜଣଙ୍କର ଦୈବୀ ବିପତ୍ତି ଯୋଗୁ ମୃତ୍ୟୁ ଘଟିଛି।

ମାତ୍ର ସବୁଠାରୁ ବଳିଯାଉଛି ସଡ଼କ ଦୁର୍ଘଟଣା। ଯାନବାହନ ବୃଦ୍ଧି ସାଙ୍ଗକୁ ବେପରୁଆ ଗାଡ଼ି ଚାଳନା ବହୁ ଧନଜୀବନକୁ ଅକାରଣରେ ଧ୍ୱଂସ ମୁହଁକୁ ଠେଲି ଦେଉଛି। ଉଜୁଡି ଯାଉଛି ଘର, ପରିବାର। କେବଳ ଯେ ଜୀବନ ଯାଉଛି ତାହା ନୁହେଁ,ଅନେକଙ୍କୁ ସାରାଜୀବନ ଅକର୍ମଣ୍ୟ ମଧ୍ୟ କରି ଦେଉଛି। ଓଡ଼ିଶାରେ ଦେଶର ସର୍ବାଧିକ ସଡ଼କ ଦୁର୍ଘଟଣା ହେଉଛି। ଏହାକୁ ନେଇ ସୁପ୍ରିମକୋର୍ଟ କମିଟି ମଧ୍ୟ ଉଦବେଗ ପ୍ରକାଶ କରିଛନ୍ତି। ପ୍ରତିବର୍ଷ ୧୦ପ୍ରତିଶତ ଦୁର୍ଘଟଣା ହ୍ରାସ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏହି ନିର୍ଦ୍ଦେଶର ପ୍ରଭାବ ଦେଖିବାକୁ ମିଳୁ ନାହିଁ। ବର୍ଷକୁ ବର୍ଷ ଦୁର୍ଘଟଣା ହାର ବଢ଼ି ଚାଲିଥିବା ବେଳେ ସରକାର ଏବଂ ଜନସାଧାରଣଙ୍କ ପାଇଁ ଚିନ୍ତାଜନକ ହୋଇଛି। ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ୨୦୧୦ରୁ ୨୦୧୯ ମଧ୍ୟରେ ରାଜ୍ୟରେ ୧ ଲକ୍ଷ ୧ ହଜାର ୩୦୫ ସଡ଼କ ଦୁର୍ଘଟଣାରେ ୪୩,୩୭୧ ଜଣ ଲୋକଙ୍କର ଜୀବନ ଯାଇଛି। ଏହି ସମୟରେ ୧ ଲକ୍ଷ ୧୨ ହଜାର ୫୩୮ ଜଣ ଆହତ ହୋଇଛନ୍ତି। ୨୦୧୦ରେ ସଡ଼କ ଦୁର୍ଘଟଣା ଯୋଗୁ ରାଜ୍ୟରେ ୩,୮୩୭ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୦୧୧ରେ ୩୮୦୨, ୨୦୧୨ରେ ୩୭୦୧, ୨୦୧୩ରେ ୪୦୬୨, ୨୦୧୪ରେ ୩୭୬୫ ଜଣଙ୍କର ମୃତ୍ୟୁ ହୋଇଛି । ସେହିପରି ୨୦୧୫ରେ ୪୩୦୩ ଜଣଙ୍କର ରାସ୍ତା ଦୁର୍ଘଟଣା ଯୋଗୁ ମୃତ୍ୟୁ ହୋଇଥିବା ବେଳେ ୨୦୧୬ରେ ୪୪୬୩, ୨୦୧୭ରେ ୪୭୯୦, ୨୦୧୮ରେ ୫୩୧୫ ଏବଂ ୨୦୧୯ରେ ୫୩୩୩ ଜଣଙ୍କର ମୃତ୍ୟୁ ହୋଇଛି। ସଡକ ଦୁର୍ଘଟଣାକୁ ରୋକିବାକୁ ସଡକ ସୁରକ୍ଷା ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯାଇଛି। ଡ୍ରାଇଭିଂ ଲାଇସେନ୍ସ ଜବତ କରାଯିବା ସହ ଜରିମାନା କରାଯାଉଛି। ଜନ ସଚେତନତା ସୃଷ୍ଟି କରାଯିବା ସହ ବ୍ଲାକ ସ୍ପଟ ଠାବ କରାଯାଇ ପ୍ରତିକାର ବ୍ୟବସ୍ଥା କରାଯାଉଛି। ସୁପ୍ରିମକୋର୍ଟ କମିଟିଙ୍କ ନିର୍ଦ୍ଦେଶ ମୁତାବକ ପଦକ୍ଷେପ ନିଆଯାଉଛି ବୋଲି ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ସୂଚନା ଦେଇଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୩ ଫେବୃୟାରୀ, ୨୦୨୦



> ସବୁବେଳେ ପ୍ରକୃତ ଅସୁବିଧା ରହିଛି ଆମ ଭିତରେ– ଆମ ପରିପାର୍ଶ୍ୱରେ ନୁହେଁ। ଅସୁବିଧାଗୁଡ଼ିକ ଉପରେ ବିଜୟ ଲାଗି ତୁମର ତିନୋଟି କଥା ଆବଶ୍ୟକ। ଏକରେ ସଂକଳ୍ପ– ତା'ପରେ ନିର୍ଲିପ୍ତତା ଓ ଶେଷରେ ବିଶ୍ୱାସ। –ଶ୍ରୀଅରବିନ୍ଦ

# ଭିତରକନିକା ବଞ୍ଚାଅ

ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ଯୋଗୁ ପୃଥିବୀସାରା ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେବାରେ ଲାଗିଛି। ଏହା ସମସ୍ତେ ଉପଲବ୍ଧି କଲେଣି। ତଥାପି ମଣିଷ ଚେତୁନାହିଁ। ଜୈବ ବିବିଧତା ବିଗିଡ଼ିଗଲେ ପ୍ରାକୃତିକ ଅସନ୍ତୁଳନତା ଦେଖାଦେବ। ସେଥିଲାଗି ବୈଜ୍ଞାନିକ ଓ ବିଶେଷଜ୍ଞମାନେ ମତ ଦେଉଛନ୍ତି ଯେ, ପରିବେଶକୁ ବଞ୍ଚାଇ ରଖିବାକୁ ହେଲେ ପ୍ରକୃତିର ନିୟମ ମାନିବାକୁ ପଡ଼ିବ। ଓଡ଼ିଶାରେ ପର୍ଯ୍ୟଟନକୁ ଏବେ ପୂର୍ବାପେକ୍ଷା ଅଧିକ ଗୁରୁତ୍ୱ ଦିଆଯାଉଛି। ରାଜ୍ୟ ବାହାରର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସହ ଅଧିକ ରାଜସ୍ୱ ସଂଗ୍ରହ ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ଉତ୍ସାହପ୍ରଦ। କିନ୍ତୁ କେଉଁ କ୍ଷେତ୍ରରେ କେଉଁଭଳି ପର୍ଯ୍ୟଟନକୁ ବ୍ୟାପକ ଓ ବିକଶିତ କରାଗଲେ ତାହା ପରିବେଶ ଉପରେ କୁପ୍ରଭାବ ପକାଇବ ନାହିଁ, ସେଥିପ୍ରତି ଦୃଷ୍ଟି ଦିଆଯିବା ନିତାନ୍ତ ଆବଶ୍ୟକ। ନିକଟରେ ବିଧାନସଭା ଅଧିବେଶନରେ ପର୍ଯ୍ୟଟନ ମନ୍ତ୍ରୀ ଏକ ପ୍ରଶ୍ନର ଉତ୍ତର ଦେବାକୁ ଯାଇ କହିଛନ୍ତି, ଖୁବ୍‌ଶୀଘ୍ର ଭିତରକନିକାରେ ଅନ୍ୟାନ୍ୟ ଜଳକ୍ରୀଡ଼ା ପର୍ଯ୍ୟଟନର ବିକାଶ କରାଯିବା ସହ ଆମୋଦପୂର୍ଣ୍ଣ ଜଳଯାତ୍ରା ସକାଶେ କ୍ରୁଜ୍ ଶିପ୍ ବ୍ୟବହାର କରାଯିବ। ଇତିମଧ୍ୟରେ କେରଳ ଅନ୍ତର୍ଦ୍ଦେଶୀୟ କର୍ତ୍ତୃପକ୍ଷଙ୍କ ସହ ରାଜ୍ୟ ସରକାରଙ୍କ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଥିବା ମନ୍ତ୍ରୀ କହିଥିଲେ।

ଦେଖିବାକୁ ଗଲେ ରାଜ୍ୟରେ ଏଭଳି ଅନେକ ଅଞ୍ଚଳ ରହିଛି, ଯେଉଁଠାରେ ପର୍ଯ୍ୟଟନର ବିକାଶ କରାଯାଇପାରନ୍ତା। ଏଠାରେ ଭିତରକନିକା ଓ ଚିଲିକା ଭଳି ଜୈବ ବିବିଧତାପୂର୍ଣ୍ଣ ସ୍ଥାନକୁ ଚିହ୍ନଟ କରାଯିବା ଦ୍ୱାରା ପ୍ରାକୃତିକ ସନ୍ତୁଳନ ବିଗିଡ଼ିବା ଯଥେଷ୍ଟ ଆଶଙ୍କା ରହିଛି। ୨୦୧୮ରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଚିଲିକା ଉପରେ ପଡ଼ିଥିଲା। ଚିଲିକା ଜଳରାଶି ଉପରେ ଏରୋଡ୍ରମ୍ ନିର୍ମାଣ କରାଯାଇ ଉଭୟଚର (ଆମ୍ଫିବିଆନ୍) ଉଡ଼ାଜାହାଜ ଅବତରଣ କରାଯିବାର ଚିନ୍ତା କରାଯାଇଥିଲା। ଆମେ ଏହି ସ୍ତମ୍ଭରେ ୧୪ ଅଗଷ୍ଟ ୨୦୧୮ରେ 'ଚିଲିକା ବଞ୍ଚାଅ' ନାମକ ଲେଖା ପ୍ରକାଶ କରିଥିଲୁ। ଏଥିରେ ଦର୍ଶାଇଥିଲୁ ଯେ, ଏହି ହ୍ରଦ ଉପରେ ବିମାନ ଉଡ଼ାଣ କରାଗଲେ ଏହା ଘୋର ପ୍ରଭାବିତ ହେବ। କେବଳ ଯେ ଅସଂଖ୍ୟ ଭ୍ରମଣକାରୀ ପକ୍ଷୀ ଚିଲିକାକୁ ଆସିଥାଆନ୍ତି ତାହା ନୁହେଁ, ଏଠାରେ ୧୫୦ରୁ ଊର୍ଦ୍ଧ୍ୱ ଇରାୱାଡି ଡଲ୍‌ଫିନ୍ ସ୍ଥାୟୀ ଭାବେ ରହିଛନ୍ତି। ମୋଟର ବୋଟ୍ ଚଳାଚଳ ଦ୍ୱାରା ପକ୍ଷୀଙ୍କ ଶାନ୍ତିଭଙ୍ଗ ହେବା ଆଶଙ୍କା ଥିବା ବେଳେ ହ୍ରଦ ଉପରେ ଉଡ଼ାଜାହାଜ ଉଡ଼ିଲେ ବିଷମ ପରିସ୍ଥିତି ସୃଷ୍ଟି ହୋଇଥାଆନ୍ତା। ଆମେ ଏହି ଦିଗଟିକୁ ଦର୍ଶାଇବା ପରେ ଅନ୍ୟ ଗଣମାଧ୍ୟମ ସହିତ ବିଭିନ୍ନ ମହଲରୁ ଏହା ବିରୋଧରେ ପ୍ରତିକ୍ରିୟା ପ୍ରକାଶ ପାଇଲା। ଫଳରେ କେନ୍ଦ୍ର ସରକାର ନିଜ ନିଷ୍ପତ୍ତିର ପୁନର୍ବିଚାର କରି ପ୍ରକଳ୍ପକୁ ସ୍ଥଗିତ ରଖିଛନ୍ତି। ଅନୁରୂପ ଭାବେ ଦେଖିଲେ ଭିତରକନିକା ଏକ ଜାତୀୟ ଅଭୟାରଣ୍ୟ। ଅସଂଖ୍ୟ ଜୀବଜନ୍ତୁ, ସରୀସୃପ ଏବଂ ପକ୍ଷୀଙ୍କ ଏହା ବାସସ୍ଥାନ। ଏଥିସହ ଏଠାକାର ଲୁଣି ଜଳରେ ଦେଖା ଦେଉଥିବା ବିରଳ ବଉଳା କୁମ୍ଭୀର ଲାଗି ଭିତରକନିକା ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ହାସଲ କରିଛି। ସଦ୍ୟ ଗଣନା ଅନୁଯାୟୀ ୧୭୬୭ କୁମ୍ଭୀର ଅଛନ୍ତି। ସେଠାରେ କ୍ରୁଜ୍ ଶିପ୍ ଚାଲିଲେ ଏହା ଜୈବ ବିବିଧତାକୁ ନଷ୍ଟ କରିବା ସହ ଜୀବଜନ୍ତୁଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଇବ। ଏଥିସହ ଅନେକ ବ୍ୟକ୍ତି ଉକ୍ତ ଅଞ୍ଚଳକୁ ବ୍ୟବସାୟିକ କାର୍ଯ୍ୟରେ ବିନିଯୋଗ କରିପାରନ୍ତି। ତାହା ଦ୍ୱାରା ପ୍ରଦୂଷଣ ବୃଦ୍ଧି ପାଇବ ଏବଂ ଲୋକ ଗହଳି ରହିଲେ ସେଠାକାର ଜୀବଜନ୍ତୁଙ୍କ ଅନିଷ୍ଟ ହେବ। ବାସ୍ତବରେ ଜଳକ୍ରୀଡ଼ା ବା ଜଳରେ ଦୁଃସାହସିକ ଯାତ୍ରାକୁ ପ୍ରୋତ୍ସାହନ ଦେବା ଲାଗି ପ୍ରଶସ୍ତ ଜଳରାଶି ଥିବା ଏବଂ ତାହା ଦ୍ୱାରା ଜୈବ ବିବିଧତା ନଷ୍ଟ ହେଉ ନ ଥିବା ଅଞ୍ଚଳକୁ ବଛାଯିବା ଦରକାର। ଓଡ଼ିଶାରେ ସେଭଳି ଅନେକ ଅଞ୍ଚଳ ରହିଛି। ପର୍ଯ୍ୟଟନ ନାମରେ ପ୍ରକୃତିର ଏଭଳି କମନୀୟ ସ୍ଥାନକୁ ଟେକି ଦିଆଗଲେ ଜଳଚର ଜୀବଙ୍କ ଜୀବନ ପ୍ରତି ଏହା ବିପଦ ସୃଷ୍ଟି କରିବ। ବର୍ତ୍ତମାନ ପ୍ଲାଷ୍ଟିକ୍‌ର ପର୍ଯ୍ୟାପ୍ତ ବ୍ୟବହାର ଉଭୟ ସ୍ଥଳ ଓ ଜଳଭାଗର ଅନେକ ଅଞ୍ଚଳକୁ ଅକ୍ତିଆର କରିସାରିଲାଣି। ଯେତେବେଳେ ଭିତରକନିକା ଭଳି ଜୈବ ବିବିଧତାଭରା ଇଲାକାକୁ ପର୍ଯ୍ୟଟକଙ୍କ ଆମୋଦପୂର୍ଣ୍ଣ ଜଳ ପର୍ଯ୍ୟଟନର ବିକାଶ ପାଇଁ ଛାଡ଼ି ଦିଆଯିବ, ସେତେବେଳେ ସ୍ଥିତି ଅଧିକ ବିଗିଡ଼ିଯିବ। ଏମିତି ଦେଖିଲେ ବଣଭୋଜି କରିବାକୁ ଯାଉଥିବା ଅଧିକାଂଶ ଲୋକ ପର୍ଯ୍ୟଟନସ୍ଥଳୀର ରକ୍ଷଣାବେକ୍ଷଣ ପାଇଁ ସାମାନ୍ୟତମ ଦୃଷ୍ଟି ଦେଇ ନ ଥାନ୍ତି। ଥରେ ଗୋଟିଏ ସ୍ଥାନକୁ ଯିବା ପରେ ସେଠାରେ ପ୍ଲାଷ୍ଟିକ୍ ବ୍ୟାଗ୍‌ଠାରୁ ଆରମ୍ଭ କରି ଷ୍ଟାଇରୋଫୋମ୍ ପକାଇ ଦେବା ସହ ଅଇଁଠା ଖାଦ୍ୟକୁ ଫୋପାଡ଼ି ଦେଇ ଆସିଥାଆନ୍ତି। ଭିତରକନିକାକୁ ଜଳଯାତ୍ରା ଲାଗି ଆମୋଦଦାୟକ ଜଳ ପର୍ଯ୍ୟଟନର ସୁଯୋଗ ସୃଷ୍ଟି କରିଦିଆଗଲେ ଭୋଗବାଦୀମାନେ ପ୍ରକୃତିର ଶୋଭା ଉପଭୋଗ କରିବା ପରିବର୍ତ୍ତେ ଜୈବ ବିବିଧତାକୁ ନଷ୍ଟ କରିଚାଲିବେ। ପ୍ରକୃତିକୁ ବଞ୍ଚାଇ ରଖିଲା ଭଳି ପଦକ୍ଷେପ ନିଆଯାଇ ପର୍ଯ୍ୟଟନର ବିକାଶ ଲାଗି ବିକଳ୍ପ ସ୍ଥାନ ବଛାଗଲେ ରାଜ୍ୟ ଆଶାନୁରୂପ ରାଜସ୍ୱ ସଂଗ୍ରହ, ନିଯୁକ୍ତି ବୃଦ୍ଧି କରିବା ସହ ଲକ୍ଷ୍ୟ ହାସଲ କରିପାରନ୍ତା। ସେଥିପାଇଁ ସ୍ପଷ୍ଟ କୁହାଯାଇପାରେ ଯେ, ସେଠାରେ କୌଣସି ମଉଜ ମଜଲିସ୍‌ର ଭିତ୍ତିଭୂମି ସୃଷ୍ଟି କରାଯିବା ଉଚିତ ନୁହେଁ।

**ତଥାଗତ ସତପଥୀ**

## ୨୫ ବର୍ଷ ତଳର ଧରିତ୍ରୀ

**୨୩ ଫେବୃୟାରୀ ୧୯୯୫**

- ବାଣିଜ୍ୟ ଏବଂ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ସଂକ୍ରାନ୍ତରେ ମ୍ୟାନ୍‌ମାର ଏବଂ ଜାପାନ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ।
- ସୋମାଲିଆର ୨ ପ୍ରମୁଖ ଯୁଦ୍ଧଖୋର ଗୋଷ୍ଠୀର ନେତା ମହମ୍ମଦ ଫାରା ଆଲବିଦ ଏବଂ ମହଦି ମହମ୍ମଦ ଦେଶରେ ଚାଲିଥିବା ଯୁଦ୍ଧର ଅବସାନ ପାଇଁ ଶାନ୍ତି ଚୁକ୍ତି ସ୍ୱାକ୍ଷର କରିଛନ୍ତି।

## su|do|ku | ସୁ–ଡୋ–କୁ



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁ ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

# ରାଜନୀତି ପ୍ରୟୋଗଶାଳା ନ ହେଉ



**ପ୍ରକାଶ ତ୍ରିପାଠୀ**

ଉତ୍ତରପ୍ରଦେଶର କୁଲଦୀପ ସିଂ ସିଙ୍ଗାର ହୁଅନ୍ତୁ ଅବା ଓଡିଶାର ଅନୁପ ସାଏ। ଗତ କିଛିଦିନ ଧରି ଗଣମାଧ୍ୟମରେ ଏହି ଦୁଇ ରାଜନେତାଙ୍କ ସମ୍ପର୍କରେ ଯେଉଁସବୁ ଅପରାଧଭିତ୍ତିକ ଖବର ପ୍ରକାଶ ପାଉଛି ସେଗୁଡିକୁ ତର୍ଜମା କଲେ ବର୍ତ୍ତମାନର ରାଜନୀତିର ସ୍ଥିତି ସହଜରେ ଅନୁମାନ କରିହୁଏ। ରାଜନୀତି ଓ ଅପରାଧ ସତେ ଯେମିତି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ବୋଲି ଅନୁଭବ ହୁଏ। ଅପରାଧ ପୃଷ୍ଠଭୂମି ଥିବା ବ୍ୟକ୍ତିବିଶେଷ ରାଜନୀତିକୁ ଆସିବା ସହଜ ହେଉଛି ନା ରାଜନୀତିକୁ ଆସିବା ପରେ ବ୍ୟକ୍ତିଟି ଅପରାଧପ୍ରବଣ ହୋଇଯାଉଛି ତାହା ବି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ତେବେ ସେ ଯାହା ହେଉ, ଦାଗୀ ରାଜନୈତିକ ବ୍ୟକ୍ତିବିଶେଷଙ୍କୁ ନିର୍ବାଚନ ମାଧ୍ୟମରେ ସାମ୍ବିଧାନିକ ବ୍ୟବସ୍ଥାକୁ ଆସିବାରେ ପ୍ରତିବନ୍ଧକ ସୃଷ୍ଟି କରା ନ ଗଲେ ଏହା ଭାରତରେ ଅସୁସ୍ଥ ଗଣତାନ୍ତ୍ରିକ ପରମ୍ପରା ସୃଷ୍ଟି କରିବା ସହ ଲୋକତନ୍ତ୍ରକୁ ଦୁର୍ବଳ କରିଚାଲିବ। ରାଜନୀତିର ଅପରାଧୀକରଣ ବଢିଲେ ଗଣତନ୍ତ୍ରରୁ ସୁଫଳ ମିଳିବା ଆଶା କ୍ଷୀଣ ହେବ। ଏଭଳି ଆଶଙ୍କା ଏବେ ସୁପ୍ରିମ୍‌କୋର୍ଟଙ୍କ ଏକ ନିର୍ଦ୍ଦେଶନାମାରୁ ଦୃଢ ହୋଇଛି। ନିକଟରେ ସର୍ବୋଚ୍ଚ ନ୍ୟାୟାଳୟ ପକ୍ଷରୁ ରାଜନୈତିକ ଦଳଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି କି, ଯଦି ସେମାନେ ନିର୍ବାଚନରେ ଅପରାଧ ଅଭିଯୋଗ ଥିବା ବା ଦାଗୀ ପ୍ରାର୍ଥୀଙ୍କୁ ସୁଯୋଗ ଦିଅନ୍ତି, ତେବେ ଜନସାଧାରଣଙ୍କୁ ସେହି ପ୍ରାର୍ଥୀଙ୍କ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିବେ। ଏମିତି କ'ଣ ବାଧ୍ୟବାଧକତା ଥିଲା ଯେ ସ୍ୱଚ୍ଛ, ନିର୍ମଳ ଭାବମୂର୍ତ୍ତିଯୁକ୍ତ ପ୍ରାର୍ଥୀଙ୍କ ବଦଳରେ ବିଭିନ୍ନ ଅପରାଧରେ ଅଭିଯୁକ୍ତ ତଥା ଦାଗୀ ପ୍ରାର୍ଥୀଙ୍କୁ ସେମାନେ ନିର୍ବାଚନରେ ଚୟନ କଲେ। ନ୍ୟାୟାଳୟଙ୍କ ପକ୍ଷରୁ ଆହୁରି ନିର୍ଦ୍ଦେଶ ଦିଆଯାଇଛି ଯେ, ଏଭଳି ପ୍ରାର୍ଥୀଙ୍କ ନାମାଙ୍କନ ଗ୍ରହଣ କରିବାର ୪୮ ଘଣ୍ଟା ମଧ୍ୟରେ ରାଜନୈତିକ ଦଳମାନେ ନିଜ ୱେବ୍‌ସାଇଟରେ ପ୍ରାର୍ଥୀଙ୍କ ସମ୍ପର୍କରେ ସମସ୍ତ ତଥ୍ୟ ଅପ୍‌ଲୋଡ୍ କରିବା ସହ ଏକ ଜାତୀୟ ଓ ସ୍ଥାନୀୟ ଖବରକାଗଜରେ ମଧ୍ୟ ନିଜ ଦଳର ଆଭିମୁଖ୍ୟ ବିଜ୍ଞାପନ ମାଧ୍ୟମରେ ପ୍ରକାଶ କରିବେ। ଏହା ସହ ନିର୍ବାଚନ ଆୟୋଗ ମଧ୍ୟ ୭୨ ଘଣ୍ଟା ମଧ୍ୟରେ ନିଜ ୱେବ୍‌ସାଇଟରେ ତାହାକୁ ଅପ୍‌ଲୋଡ୍ କରିବେ। ଯଦି କୌଣସି ରାଜନୈତିକ ଦଳ ଏହାକୁ କାର୍ଯ୍ୟକାରୀ ନ କରନ୍ତି, ତେବେ ତାହାକୁ ଅଦାଲତ ଅବମାନନା ଆଧାରରେ ଗ୍ରହଣ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏତାଦୃଶ ନିର୍ଦ୍ଦେଶନାମା ଭାରତରେ ଅପରାଧ ଓ ରାଜନୀତି ମଧ୍ୟରେ କ୍ରମବର୍ଦ୍ଧିଷ୍ଣୁ ସମ୍ପର୍କଜନିତ ସମସ୍ୟାକୁ ଅଙ୍ଗୁଳି ନିର୍ଦ୍ଦେଶ କରିବା ସହ ରାଜନୈତିକ ଦଳଗୁଡିକ ଉପରେ ଚାପ ସୃଷ୍ଟି କରିଛି।

ରାଜନୀତି ଓ ନିର୍ବାଚନକୁ ଅପରାଧମୁକ୍ତ କରିବା ଲକ୍ଷ୍ୟରେ ସୁପ୍ରିମ୍‌କୋର୍ଟଙ୍କ ପକ୍ଷରୁ ଏହା ପ୍ରଥମ ନିର୍ଦ୍ଦେଶନାମା ନୁହେଁ। ଏ ସମ୍ପର୍କରେ ପୂର୍ବରୁ ନିର୍ଦ୍ଦେଶନାମା ଆସିଥିଲେ ମଧ୍ୟ ତାହା ବିଶେଷ ଫଳପ୍ରଦ ହୋଇନାହିଁ। ବିଶେଷକରି ରାଜନୈତିକ ଦଳଗୁଡିକ ପକ୍ଷରୁ ଏ ଦିଗରେ ବିଶେଷ ଆଗ୍ରହ ପ୍ରକାଶ ପାଉ ନ ଥିବାରୁ ଏହା କାର୍ଯ୍ୟକାରୀ ହୋଇପାରୁ ନାହିଁ। ୨୦୧୮ ମସିହାରେ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଥିଲେ ଯେ, ନିର୍ବାଚନ ଲଢିବା ପୂର୍ବରୁ ପ୍ରତ୍ୟେକ ପ୍ରାର୍ଥୀ ନିଜ ନିଜ ଅପରାଧର ରେକର୍ଡ ନିର୍ବାଚନ ଆୟୋଗଙ୍କ ସମ୍ମୁଖରେ ଦାଖଲ କରିବେ। ଏହା ସହ ସମସ୍ତ ରାଜନୈତିକ ଦଳ ପ୍ରତି ନିର୍ଦ୍ଦେଶନାମା ଥିଲା ଯେ, ଦଳ ପକ୍ଷରୁ ନିର୍ବାଚନରେ ଭାଗ ନେଉଥିବା ସବୁ ପ୍ରାର୍ଥୀଙ୍କ ସମ୍ପର୍କରେ ସବିଶେଷ ସୂଚନା ନିଜ ନିଜର ୱେବ୍‌ସାଇଟରେ ସ୍ଥାନିତ କରିବେ। ପ୍ରାର୍ଥୀଙ୍କ ସମ୍ପର୍କରେ ସବୁ ତଥ୍ୟ ଜାଣିବାର ଅଧିକାର ପ୍ରତ୍ୟେକ ନାଗରିକଙ୍କର ରହିଛି। ସୁପ୍ରିମ୍‌କୋର୍ଟ ମତ ରଖିଥିଲେ ଯେ, ରାଜନୀତିକୁ ଅପରାଧମୁକ୍ତ କରିବା ପାଇଁ ପାର୍ଲାମେଣ୍ଟରେ ଆଇନ ପ୍ରସ୍ତୁତ ହେଉ। ମାତ୍ର ଏ ସଂକ୍ରାନ୍ତରେ ଉଚିତ ପଦକ୍ଷେପ ନିଆ ନ ଯିବାରୁ ଅଶ୍ୱିନୀ ଉପାଧ୍ୟାୟଙ୍କ ପକ୍ଷରୁ ସୁପ୍ରିମ୍‌କୋର୍ଟଙ୍କ ନିକଟରେ ପିଟିସନ ଦାଖଲ କରାଯାଇଥିଲା ଓ ଏହାର ବିଚାର କରି ସର୍ବୋଚ୍ଚ ଅଦାଲତ ପକ୍ଷରୁ ଏଭଳି ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ବାହୁବଳ ଓ ଅର୍ଥବଳ ପ୍ରଭାବରେ ନିର୍ବାଚନ ବୈତରଣୀ ପାରହେବା କ୍ରମଶଃ ସହଜ ହୋଇଯାଉଥିବାରୁ ପ୍ରାୟ ସମସ୍ତ ରାଜନୈତିକ ଦଳ ଏଭଳି ପୃଷ୍ଠଭୂମିର ପ୍ରାର୍ଥୀଙ୍କୁ ନିର୍ବାଚନରେ ପ୍ରାର୍ଥୀ କରିବାକୁ ଆଗଭର ହେଉଛନ୍ତି। ଏହା ଅତି ଦୁର୍ଭାଗ୍ୟର ବିଷୟ ଯେ, ବିଭିନ୍ନ ଅପରାଧରେ ଜଡିତ ଓ ଅଭିଯୁକ୍ତ ଥିବା ବାହୁବଳୀ ପ୍ରାର୍ଥୀମାନେ ନିଷ୍କଳଙ୍କ ତଥା ନିର୍ମଳ ଭାବମୂର୍ତ୍ତିସମ୍ପନ୍ନ ପ୍ରାର୍ଥୀଙ୍କ ଅପେକ୍ଷା ଅଧିକ ନିର୍ବାଚନ ସଫଳତା ହାସଲ କରୁଛନ୍ତି। ଯେହେତୁ ଭୋଟରମାନଙ୍କୁ କୌଣସି ଆଇନ ବା ନିର୍ଦ୍ଦେଶନାମାରେ ସେମାନଙ୍କର ଭୋଟଦାନ ସ୍ୱାଧୀନତା ଓ ଅଧିକାରକୁ ନିୟନ୍ତ୍ରିତ କରାଯାଇପାରିବ ନାହିଁ, ସେଥିପାଇଁ ସୁପ୍ରିମ୍‌କୋର୍ଟ ରାଜନୈତିକ ଦଳଗୁଡିକ ଉପରେ ଏପରି ନିର୍ଦ୍ଦେଶନାମା ଜାରି କରିଥିବା ଅନୁମାନ କରାଯାଏ। ମୂଳରୁ ନିର୍ବାଚନ ସଂସ୍କାର କରାଯାଇ ଦାଗୀ ପ୍ରାର୍ଥୀଙ୍କୁ ହଟାଯାଇ ପାରିଲେ ରାଜନୀତିକୁ ସ୍ୱଚ୍ଛ କରାଯାଇପାରିବ।

ରାଜନୀତି ଅପରାଧର ପ୍ରୟୋଗଶାଳା ନ ହେଉ, ଏଭଳି ଏକ ଆଶା ସୃଷ୍ଟି ହୋଇଛି ସୁପ୍ରିମ୍‌କୋର୍ଟଙ୍କ ଏଭଳି ନିର୍ଦ୍ଦେଶନାମା ଆସିବା ପରେ। ବର୍ତ୍ତମାନ ଦେଶରେ ଏପରି କୌଣସି ରାଜନୈତିକ ଦଳ ନାହିଁ, ଯେଉଁ ଦଳରେ କି ଅପରାଧ ଅଭିଯୁକ୍ତ ପ୍ରାର୍ଥୀ ନାହାନ୍ତି। ଯେହେତୁ ଭାରତୀୟ ଲୋକତନ୍ତ୍ରରେ ପ୍ରତ୍ୟେକ ନାଗରିକଙ୍କ ନିର୍ବାଚନରେ ପ୍ରାର୍ଥୀ ହେବାର ଅଧିକାର ରହିଛି, ସେଥିପାଇଁ ଅପରାଧ ପୃଷ୍ଠଭୂମି ଥିବା ପ୍ରାର୍ଥୀଙ୍କୁ ରୋକିବା ସହଜ ହେଉନାହିଁ। ସାଧାରଣ ଭୋଟର ବି ପ୍ରାର୍ଥୀମାନଙ୍କ ସମ୍ପର୍କରେ ଶତ ପ୍ରତିଶତ ସୂଚନା ପାଇପାରୁ ନାହାନ୍ତି। ଯଦି ଅଦାଲତଙ୍କ ନିର୍ଦ୍ଦେଶାବଳୀ ମୁତାବକ ପ୍ରାର୍ଥୀଙ୍କ ଅପରାଧ ରେକର୍ଡ ସମ୍ପର୍କିତ ତଥ୍ୟ ଖବରକାଗଜ ତଥା ସୋସିଆଲ ମିଡିଆ ଆଦିରେ ପ୍ରକାଶ ପାଇବ, ହୁଏତ ସାଧାରଣ ଭୋଟର ସେମାନଙ୍କ ଚିନ୍ତାଧାରାକୁ ବଦଳାଇ ପାରନ୍ତି। ମାତ୍ର ଏହାଦ୍ୱାରା ସୁଫଳ ମିଳିବାର ଆଶା କ୍ଷୀଣ। କାରଣ ଭୋଟରଙ୍କୁ ପ୍ରଭାବିତ କରିବାର କୌଶଳକୁ ହାତଛଡା କରିବାକୁ କୌଣସି ପ୍ରାର୍ଥୀ ଚାହିଁବେ ନାହିଁ। ସେଥିପାଇଁ ତ ନିର୍ବାଚନରେ ବାହୁବଳ ଓ ଅର୍ଥବଳର ପ୍ରଭାବ ବେଶି ରହୁଛି। ଏଠାରେ ନ୍ୟାଶ୍‌ନାଲ ୱାଚ୍ ଏବଂ ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ ପକ୍ଷରୁ ପ୍ରକାଶିତ ରିପୋର୍ଟ ଉପରେ ନଜର ପକାଯାଇପାରେ। ନିର୍ବାଚନରେ ପ୍ରାର୍ଥୀଙ୍କ ପକ୍ଷରୁ ଦାଖଲ ହେଉଥିବା ଘୋଷଣାପତ୍ର ତଥ୍ୟକୁ ଆଧାର କରି ଏହି ରିପୋର୍ଟ ପ୍ରକାଶ ପାଇଥାଏ। ବର୍ତ୍ତମାନ ଲୋକ ସଭାରେ ପ୍ରାୟ ୫୦ ଭାଗ ସଦସ୍ୟଙ୍କ ବିରୋଧରେ ବିଭିନ୍ନ ଅପରାଧ ଅଭିଯୋଗ ରହିଛି। ବିଗତ ଲୋକ ସଭା ସଭ୍ୟମାନଙ୍କଠାରୁ ଏହା ଶତକଡା ୪୪ ଭାଗ ଅଧିକ। ୫୩୯ ବିଜୟୀ ପ୍ରାର୍ଥୀଙ୍କ ମଧ୍ୟରୁ ୨୩୩ ପ୍ରାର୍ଥୀ ନିଜ ଘୋଷଣାନାମାରେ ସେମାନଙ୍କ ବିରୋଧରେ ଅପରାଧ ମାମଲା ରହିଥିବା ସୂଚନା ପ୍ରଦାନ କରିଥିଲେ। ଏହାର ସଂଖ୍ୟା ବିଗତ ଦୁଇଟି ଲୋକ ସଭାର ଅପରାଧ ଅଭିଯୁକ୍ତ ସଭ୍ୟଙ୍କଠାରୁ ଅଧିକ। ୨୦୧୪ ସାଧାରଣ ନିର୍ବାଚନରେ ବିଜୟୀ ପ୍ରାର୍ଥୀଙ୍କ ମଧ୍ୟରୁ ଶତକଡା ୩୪ ଭାଗଙ୍କ ବିରୋଧରେ ଆପରାଧିକ ମାମଲା ରହିଥିଲା ବେଳେ ୨୦୦୯ ନିର୍ବାଚନରେ ୩୦ ଭାଗ ବିଜୟୀ ପ୍ରାର୍ଥୀଙ୍କର ଆପରାଧିକ ମାମଲା ରହିଥିଲା। ୨୦୧୪ରେ ତାହା ୪୩ ଭାଗକୁ ବୃଦ୍ଧି ପାଇଛି। ସବୁଠାରୁ ଅଧିକ ଚିନ୍ତା କରିବାର ବିଷୟ ହେଉଛି ଯେ, ୨୦୧୯ ନିର୍ବାଚନରେ ୨୯ ଭାଗ ପ୍ରାର୍ଥୀଙ୍କ ବିରୋଧରେ ଗୁରୁତର ଆପରାଧିକ ମାମଲା, ଯେପରି କି ବଳାତ୍କାର, ହତ୍ୟା ଓ ଅପହରଣ ଆଦି ମାମଲା ରହିଛି। ଏପରି କି ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ କରି କରି କ୍ଷମତାକୁ ଆସିଥିବା ଆମ୍ ଆଦ୍‌ମୀ ପାର୍ଟି ମଧ୍ୟ ଅପରାଧ ପୃଷ୍ଠଭୂମି ଥିବା ରାଜନେତାଙ୍କ କବଳରୁ ମୁକ୍ତ ନୁହେଁ। ବିଡମ୍ବନାର ବିଷୟ ଏହା ଯେ, ରାଜନେତାଙ୍କ ବିରୋଧରେ ଆସୁଥିବା ମାମଲାଗୁଡିକର ତ୍ୱରିତ ବିଚାର ପାଇଁ କୌଣସି ବ୍ୟବସ୍ଥା ହୋଇପାରୁନାହିଁ। ମକଦ୍ଦମା ଓ ରାଜନୀତି ସମାନ୍ତରାଳ ଭାବେ ଆଗକୁ ବଢିଚାଲିଥାଏ ଏବଂ ବିଚାର ପ୍ରକ୍ରିୟା ବିଳମ୍ବ ଯୋଗୁ ଏହାର କୌଣସି ପ୍ରଭାବ ରାଜନୈତିକ ଜୀବନ ଉପରେ ପଡି ନ ଥାଏ।

ନ୍ୟାୟପାଳିକା ତ ନିର୍ଦ୍ଦେଶନାମା ଜାରି କରିଦେଲେ। ଏବେ ଦେଖିବାର କଥା ରାଜନୈତିକ ଦଳଗୁଡ଼ିକ ଏହି ନିର୍ଦ୍ଦେଶନାମାକୁ କିପରି ଗୁରୁତ୍ୱର ସହ ଗ୍ରହଣ କରୁଛନ୍ତି। ଏକଥା ସ୍ପଷ୍ଟ ଯେ, ଯେ ପର୍ଯ୍ୟନ୍ତ ଅପରାଧ ପୃଷ୍ଠଭୂମି ଥିବା ବା ଦାଗୀ ପ୍ରାର୍ଥୀଙ୍କୁ ନିର୍ବାଚନରୁ ଦୂରେଇ ରଖିବା ପାଇଁ ଦେଶରେ ଆଇନ ପ୍ରଣୟନ ନ ହୋଇଛି ସେ ପର୍ଯ୍ୟନ୍ତ ରାଜନୀତିକୁ ସମ୍ପୂର୍ଣ୍ଣ ଅପରାଧମୁକ୍ତ କରାଯିବା ସମ୍ଭବ ହେବ ନାହିଁ। ତେବେ ରାଜନୀତିକୁ ଅପରାଧକରଣ କରାଯିବା ଦ୍ୱାରା ଯେଉଁମାନେ ଏଥିରୁ ଲାଭବାନ ହେଉଛନ୍ତି ସେହିମାନଙ୍କ ଦ୍ୱାରା ରାଜନୀତିକୁ ସ୍ୱଚ୍ଛ, ନିର୍ମଳ ଓ ନିଃସ୍ୱାର୍ଥ ସେବାର ରୂପ ଦିଆଯାଇପାରିବାର ଆଶା ଆମେ ରଖିପାରିବା ତ? ଯେଉଁ ଜନପ୍ରତିନିଧି ଆଇନ ବଳରେ ଦେଶରେ ନିର୍ବାଚନ ହେଉଛି, ସେଥିରେ ପ୍ରାର୍ଥୀଙ୍କ ଯୋଗ୍ୟତା, ଅଯୋଗ୍ୟତା ଓ କ୍ଷମତାର ନିର୍ଦ୍ଧାରଣ କେବଳ ସଂସଦ ହିଁ କରିପାରିବ, ନ୍ୟାୟପାଳିକା ନୁହେଁ। ସର୍ବୋପରି ରାଜନୀତିର ଅପରାଧକରଣ ରୋକିବା ଦିଗରେ ଜନସାଧାରଣଙ୍କ ସଚେତନତା ଅଧିକ ଫଳପ୍ରଦ ହେବ।

prakastripathy09@gmail.com

# ସବୁଜ ଅର୍ଥନୀତିର ପଥପ୍ରଦର୍ଶକ

**ବ୍ୟକ୍ତିତ୍ୱ**



ପବନ ସୁଖଦେବ

ପ୍ରଖ୍ୟାତ ଭାରତୀୟ ପରିବେଶ ଅର୍ଥଶାସ୍ତ୍ରୀ ତଥା ଜାତିସଂଘ ପରିବେଶ କାର୍ଯ୍ୟକ୍ରମ (ୟୁଏନ୍‌ଇପି)ର ଗୁଡ଼୍‌ୱିଲ ଆମ୍ବାସାଡର ପବନ ସୁଖଦେବ ୨୦୨୦ର ଟାଇଲର୍ ପୁରସ୍କାର ପାଇବାକୁ ଯୋଗ୍ୟ ହୋଇପାରିଛନ୍ତି। ଗ୍ରୀନ୍ ଇକୋନୋମୀ ବା ସବୁଜ ଅର୍ଥନୀତି କ୍ଷେତ୍ରରେ ଅଭୂତପୂର୍ବ ଯୋଗଦାନ ପାଇଁ ସେ ଏହି ପୁରସ୍କାର ବିଜେତା ହୋଇଛନ୍ତି। ୫୯ ବର୍ଷୀୟ ସୁଖଦେବଙ୍କ ସହ ଷ୍ଟାନଫୋର୍ଡ ୟୁନିଭର୍ସିଟିର ଜୀବ ବିଜ୍ଞାନୀ ପ୍ରଫେସର ଗ୍ରେସନ ସି. ଡେଲି ଏହି ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ସୁଖଦେବଙ୍କ ସହ ଡେଲି ମେ' ୧ରେ ନ୍ୟୁୟର୍କରେ ଆୟୋଜିତ ଏକ ସମାରୋହରେ ଏହି ପୁରସ୍କାର ଗ୍ରହଣ କରିବେ। ଏହି ପୁରସ୍କାର ବାବଦରେ ଦୁଇଜଣଙ୍କୁ ସ୍ୱର୍ଣ୍ଣ ପଦକ ଓ ଦୁଇଲକ୍ଷ ଡଲାର ମଧ୍ୟ ପ୍ରଦାନ କରାଯିବ। ଉଲ୍ଲେଖଯୋଗ୍ୟ ଯେ,ପରିବେଶ ସୁରକ୍ଷା ଦିଗରେ ଅମୂଲ୍ୟ ଯୋଗଦାନ ସକାଶେ ୧୯୭୩ରେ ଜନ୍ ଆଣ୍ଡ ଏଲିସ ଟାଇଲରଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ପୁରସ୍କାର ୟୁନିଭର୍ସିଟି ଅଫ୍ ସଦର୍ନ କାଲିଫର୍ଣ୍ଣିଆ ପକ୍ଷରୁ ଦିଆଯାଇଆସୁଅଛି।

ପବନ ସୁଖଦେବ ୨୦୦୮ରେ 'ପରିବେଶ ଓ ଜୈବବିବିଧତାର ଅର୍ଥନୀତି' ( ଦି ଇକୋନୋମିକ୍ସ ଅଫ୍ ଏନ୍‌ଭାଇରନ୍‌ମେଣ୍ଟ ଆଣ୍ଡ ବାୟୋଡାଇଭର୍ସିଟି ,ଟିଇଇବି) ରିପୋର୍ଟ ପ୍ରକାଶ କରିଥିଲେ। ଟିଇଇବି ଜୈବବିଧତା ଧ୍ୱଂସ ହେବା ଦ୍ୱାରା ବିଶ୍ୱ ଅର୍ଥବ୍ୟବସ୍ଥାରେ ହେଉଥିବା କ୍ଷତି ଉପରେ ଦୃଷ୍ଟି ଆକର୍ଷଣ କରିଥିଲା। ସବୁଜ ଅର୍ଥନୀତି ସମ୍ପଦ, ନିଯୁକ୍ତି ଓ ଦାରିଦ୍ର୍ୟ ହ୍ରାସ କରିବାରେ ସହାୟକ ବୋଲି ଦର୍ଶାଇଛନ୍ତି ସୁଖଦେବ। ସବୁଜ ଅର୍ଥନୀତି କ୍ଷେତ୍ରରେ ସରକାର ଓ କର୍ପୋରେଶନଗୁଡିକୁ ଲଗାତର ସହଯୋଗ କରିଆସୁଥିବା ସୁଖଦେବଙ୍କୁ ୨୦୧୨ରେ ୟୁଏନ୍‌ଇପି ଦ୍ୱାରା ଏହାର ଗୁଡ଼୍‌ୱିଲ ଆମ୍ବାସାଡର ଭାବେ ନିଯୁକ୍ତି ଦିଆଯାଇଥିଲା। ଏହା ପୂର୍ବରୁ ୨୦୧୦ରେ ତାଙ୍କୁ ଏନଭାଇରନ୍‌ମେଣ୍ଟ ଫାଇନାନ୍ସ ଦ୍ୱାରା ବର୍ଷର ଶ୍ରେଷ୍ଠ ବ୍ୟକ୍ତିତ୍ୱ ଭାବେ ଚୟନ କରାଯାଇଥିଲା। ୨୦୧୧ରେ ଦି ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇକୋଲୋଜି ଆଣ୍ଡ ଏନଭାଇରନ୍‌ମେଣ୍ଟ (ଆଇଇଏମ୍)ଦ୍ୱାରା ପୁରସ୍କୃତ କରାଯାଇଥିଲା। ୨୦୧୧ରୁ ୨୦୧୪ ଯାଏ ୟେଲ୍ ବିଶ୍ୱବିଦ୍ୟାଳୟର ଭିଜିଟିଂ ଫେଲୋ ଥିଲେ।

ନବେ ଦଶକର ମଧ୍ୟଭାଗରେ ଅନ୍ତର୍ଜାତୀୟ ସ୍ତରରେ ଭାରତୀୟ ମୁଦ୍ରା, ସୁଧହାର, ବଜାର କ୍ଷେତ୍ରରେ ଉନ୍ନତି ଆଣିବାରେ ସେ ଅନବରତ ପ୍ରୟାସ କରିଥିଲେ। ଅର୍ଥନୀତିରେ ଦେଶର ବିକାଶ ଲାଗି ସେ ଭାରତୀୟ ରିଜର୍ଭ ବ୍ୟାଙ୍କର ବହୁ କମିଟିର ସଦସ୍ୟ ରହିଆସିଛନ୍ତି। ସେ ୧୯୯୪ରେ ଡ୍ୟୁଶ ବ୍ୟାଙ୍କରେ ପ୍ରଥମେ ଭାରତରେ ତା'ର ଗ୍ଲୋବାଲ ମାର୍କେଟ ଡିଭିଜନରେ ଯୋଗଦେବା ପରେ ଭାରତରେ ଫିକ୍ସଡ ଇନ୍‌କମ ବିଜନେସ ଆରମ୍ଭ କରିଥିଲେ। ଏହି ବ୍ୟାଙ୍କରେ ୧୪ ବର୍ଷ କାର୍ଯ୍ୟକରିବା ପରେ ୟୁଏନ୍‌ଇପିର ସବୁଜ ଅର୍ଥବ୍ୟବସ୍ଥା ତଥା ଟିଇଇବି ପ୍ରୋଜେକ୍ଟ ଉପରେ ଅନୁଧ୍ୟାନ କରିବା ଆରମ୍ଭ କରିଥିଲେ। ସେ ଡାଭୋସ ସମ୍ମିଳନୀରେ ନିଜର ବକ୍ତବ୍ୟ ମଧ୍ୟ ପ୍ରଦାନ କରିଛନ୍ତି। ସବୁଜ ଅର୍ଥବ୍ୟବସ୍ଥା ପାଇଁ ସହଯୋଗ ବୃଦ୍ଧିକରିବା ଲକ୍ଷ୍ୟରେ ସେ ରିଓ ସମ୍ମିଳନୀରେ ୨୦୧୨ରେ ଆରମ୍ଭ କରିଥିଲେ 'କର୍ପୋରେଶନ ୨୦୨୦' ଅଭିଯାନ। ସେ ୨୦୧୭ରୁ ୱାର୍ଲ୍ଡ ୱାଇଡ୍ ଫଣ୍ଡ ଫର ନେଚର୍‌ର ଅଧ୍ୟକ୍ଷ ରହିଛନ୍ତି। ଏହି ପଦରେ ତାଙ୍କର ପ୍ରଥମ କାର୍ଯ୍ୟକାଳ ୨୦୨୧ରେ ଶେଷ ହେବ।

ପବନ ଲେଖାଲେଖିରେ ରୁଚି ରଖନ୍ତି। ୨୦୧୨ରେ 'କର୍ପୋରେଶନ ୨୦୨୦' ଉପରେ ଦୁଇଟି ପୁସ୍ତକ ତାଙ୍କ ଲେଖକୀୟ ପରିଚୟ ପ୍ରଦାନ କରେ। ଏହାବ୍ୟତୀତ ସେ ପରିବେଶ, ଜୈବବିବିଧତା, ସବୁଜ ଅର୍ଥନୀତି ଆଦି କ୍ଷେତ୍ରରେ ସୁଧାର ଆଣିବା ଲାଗି ଅନେକ ବହି ମଧ୍ୟ ଲେଖିଛନ୍ତି। ୨୦୦୦ରୁ ସେ କ୍ରମାଗତ ଭାବେ ଖବରକାଗଜ ଓ ପତ୍ରିକା ପାଇଁ ଲେଖିଆସୁଛନ୍ତି। ତାଙ୍କ ଦ୍ୱାରା ପ୍ରକାଶିତ 'ଗ୍ରୀନ ଜିଡିପି' ଭାରତରେ ବେଶ୍ ଆଦୃତ।

୩୦ ମାର୍ଚ୍ଚ ୧୯୬୦ ରେ ଦିଲ୍ଲୀରେ ପବନଙ୍କ ଜନ୍ମ। ତାଙ୍କ ପିଲାବେଳ ଦିଲ୍ଲୀରେ କଟିଛି। ସେ ଦିଲ୍ଲୀରେ ବି ପଢିଛନ୍ତି। ପରେ ଜେନେଭାର କଲେଜ ଡୁ ଲେମ୍ୟାନ ଓ ଇଂଲଣ୍ଡର ଡୋଭର କଲେଜରେ ଉଚ୍ଚଶିକ୍ଷା ଲାଭ କରିଛନ୍ତି। ୧୯୮୧ରେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରୁ ପଦାର୍ଥ ବିଜ୍ଞାନରେ ଡିଗ୍ରୀ ହାସଲ କରିଛନ୍ତି। ଏହାପରେ ସେ ଜଣେ ଗବେଷକ ହେବା ବଦଳରେ ବ୍ୟାଙ୍କର ଭାବେ କ୍ୟାରିୟର ଆରମ୍ଭ କରିବାକୁ ସ୍ଥିର କରିଥିଲେ। ତାଙ୍କ ବାପା ଜଣେ ଆଇଏଫଏସ୍ ଅଫିସର ଥିଲେ। 'ଭଲ କାମରୁ ସୁନାମ ମିଳେ' ବୋଲି ସେ ସବୁବେଳେ କହୁଥିଲେ। ବାପାଙ୍କ ଏହି ଚିନ୍ତାଧାରାରେ ସେ ଚାଲିଛନ୍ତି ଓ ଆଜି ଟାଇଲର୍ ପୁରସ୍କାର ପାଇବା ଲାଗି ଯୋଗ୍ୟ ହୋଇପାରିଛନ୍ତି ବୋଲି କୁହନ୍ତି ପବନ। 'କଠିନ ପରିଶ୍ରମ କରି ପଢ଼ ଓ ଭଲ କର' ମା'ଙ୍କ ଏହି କଥା ତାଙ୍କୁ ଅନେକ ବାଟ ନେଇଆସିଛି । ପିଲାବେଳେ ପରିବାର ସହ ପ୍ରତି ଖରାଦିନେ ସେ ଶିମ୍‌ଲା, ମସୌରୀ ଓ ନୈନିତାଲକୁ ବୁଲିଯାଉଥିଲେ। ଏହା ତାଙ୍କୁ ପରିବେଶ ପ୍ରେମୀ କରାଇବାରେ ବହୁ ସାହାଯ୍ୟ କରିଛି। ୧୯୮୬ରେ ସେ ବିନିତଙ୍କୁ ବିବାହ କରିଥିଲେ। ସ୍ତ୍ରୀଙ୍କ ସହ ବହୁସମୟରେ କାଜିରଙ୍ଗା ବୁଲିବାକୁ ଯାଇଥାଆନ୍ତି। ତେବେ ଫାଇନାନ୍ସିଆଲ ମାର୍କେଟ ଭିତରେ ରହି ପରିବେଶ କଥା ବି ଚିନ୍ତା କରିପାରିନଥିଲେ। କିନ୍ତୁ ତାଙ୍କ ବଡ ଝିଅ ମହିମା ପୁଣି ପରିବେଶ ଆଡକୁ ଫେରିବାକୁ ବାଧ୍ୟ କରିଥିଲା। ପରିବେଶର ପ୍ରଭାବ ଥରେ ଜୀବନକୁ ଛୁଇଁଲେ ତାହା ପୂରା ଜୀବନକୁ ବଦଳାଇଦିଏ , ଯାହା ତାଙ୍କ କ୍ଷେତ୍ରରେ ଘଟିଛି ବୋଲି କୁହନ୍ତି ପବନ।

**–ଶିବ ପ୍ରସାଦ ପୁହାଣ**

## ଏଇ ଭାରତରେ

କର୍ନାଟକର ଏକ ମଦ୍ରାସାରେ ଅନୁଷ୍ଠିତ ହିନ୍ଦୁ ଓ ମୁସଲମାନଙ୍କ ସାମୂହିକ ବିବାହ ସାମ୍ପ୍ରଦାୟିକ ସଦ୍‌ଭାବ ବାର୍ତ୍ତା ଦେଇଛି। ଏହି ବିବାହରେ ୭୫ଟି ମୁସଲମାନ ଯୋଡି ଓ ୨୫ ଯୋଡି ହିନ୍ଦୁ ବିବାହ କରିଛନ୍ତି। ବେଲଗାଭି ଜିଲା ମୁଖ୍ୟାଳୟଠାରୁ ୫୦ କିଲୋମିଟର ଦୂର ବେଲିହଙ୍ଗଲସ୍ଥିତ ମଦ୍ରାସା ଅଲ୍ ଅରବିୟା ଅନୱରୁଲ ଉଲୁମାରେ ଏହି ସାମୂହିକ ବାହାଘର ଜାମିଆ ଫୈଜାନ–ଉଲ୍–କୁରାନ ଓ ଇଶା ଫାଉଣ୍ଡେଶନର ମିଳିତ ଉଦ୍ୟମରେ ଆୟୋଜିତ ହୋଇଛି। ବାହାଘରରେ ଉଭୟ ପଣ୍ଡିତ ଓ ମୌଲବୀ ଉପସ୍ଥିତ ରହିଥିଲେ। ଗୋଟିଏ ପକ୍ଷରେ ବିବାହର ଦୁଆ ପଢାଯାଉଥିବାବେଳେ ଅନ୍ୟ ପକ୍ଷରେ ବେଦମନ୍ତ୍ର ଉଚ୍ଚାରଣ ହେଉଥିଲା। ସେମାନେ ନବବିବାହିତ ହିନ୍ଦୁଯୋଡିଙ୍କୁ ଗୀତା ଓ ମୁସଲମାନ ଯୋଡିଙ୍କୁ କୋରାନ ପାଠ କରାଇଥିଲେ। ହିନ୍ଦୁ ବିବାହିତ ଯୋଡି ଓ ମୁସଲମାନ ଯୋଡି ପ୍ରତ୍ୟେକଙ୍କୁ ଯଥାକ୍ରମେ ଗୀତା ଓ କୋରାନ ପ୍ରଦାନ କରାଯାଇଥିଲା। ବିବାହ ଉତ୍ସବରେ ହିନ୍ଦୁ ଯୋଡିଙ୍କୁ ଆୟୋଜକମାନେ ମଙ୍ଗଳସୂତ୍ର ମଧ୍ୟ ଦେଇଥିଲେ। ଏହି ଅବସରରେ ୪ ହଜାରରୁ ଊର୍ଦ୍ଧ୍ୱ ଅତିଥି ଯୋଗ ଦେଇଥିଲେ। ବାହାଘର ପରେ ଆୟୋଜକ ଜାମିଆ ଫୈଜାନ–ଉଲ୍–କୁରାନ ତରଫରୁ ପ୍ରତ୍ୟେକ ଯୋଡିଙ୍କୁ ଉପହାର ପ୍ରଦାନ କରାଯାଇଥିଲା।

## ଚିରନ୍ତନୀ

ସନ୍ଧ୍ୟାଲୋକ ତଳେ ଏକା
ସଜଳ କଜ୍ଜଳରେଖା–
ଜଳ ଧାରାଟିଏ ଯାଏ ବହି,
କ୍ଳାନ୍ତ ପଦେ ମୁଁ ଏକାକୀ
ତରୁତଳ କରି ସାକ୍ଷୀ
ବିଶ୍ରମିଛି ଶଯ୍ୟାହୀନ ମହୀ।
ନିକଟେ ନିକଟେ ଆଉ
ଧୀରେ ସେ କୋମଳ ବାହୁ
ଜଡ଼ାଅ ତପତ ଅଙ୍ଗେ ମୋର,
ନିବିଡ଼ ଅତି ନିବିଡ଼
କରି ମୋର ବକ୍ଷ ଭିଡ଼
ଦିଅ ଆଲିଙ୍ଗନ ଦୃଢ଼ତର।
(ଆଶ୍ଳେଷ ସ୍ୱର୍ଗ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସାମ୍ବାଦିକଙ୍କ ହିତ ଯୋଜନା କାର୍ଯ୍ୟକାରୀ ହେଉ

ମହାଶୟ,

ସାମ୍ବାଦିକମାନେ ହେଉଛନ୍ତି ଗଣତନ୍ତ୍ରର ଜାଗ୍ରତ ପ୍ରହରୀ। ବହୁ ବାଧାବିଘ୍ନ ସତ୍ତ୍ୱେ ସେମାନେ ସତ୍ୟ, ନିର୍ଭୀକ ଓ ନିରପେକ୍ଷ ଖବର ପରିବେଷଣ କରିଥାନ୍ତି। କିନ୍ତୁ ସାମୂହିକ ସ୍ୱାର୍ଥ ପାଇଁ ଲଢ଼େଇ କରୁ କରୁ ବେଳେବେଳେ କିଛି ସାମ୍ବାଦିକଙ୍କୁ ଆକ୍ରମଣର ଶିକାର ହେବାକୁ ପଡ଼ିଥାଏ। ୨୦୧୯ ମସିହାରେ ସମଗ୍ର ଦେଶରେ ୪୦ ଜଣ ସାମ୍ବାଦିକ ଆକ୍ରମଣର ଶିକାର ହୋଇ ମୃତ୍ୟୁବରଣ କରିଛନ୍ତି। ଏହାକୁ ଆଖି ଆଗରେ ରଖି ଓଡ଼ିଶା ସରକାର ସାମ୍ବାଦିକଙ୍କ ପାଇଁ ୨୦୧୮ରୁ ପ୍ରଣୟନ କରିଛନ୍ତି ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନା, ରିହାତି ସୁଧ ହାରରେ ଗାଡ଼ି ଓ ଋଣ ସହାୟତା ଓ ମୃତ୍ୟୁ ପରେ ସାମ୍ବାଦିକଙ୍କ ସନ୍ତାନସନ୍ତତିଙ୍କୁ ଶିକ୍ଷାବୃତ୍ତି ଭଳି ଅନେକ ଯୋଜନା। କିନ୍ତୁ ଅଦ୍ୟାବଧି ସାମ୍ବାଦିକମାନେ ସ୍ୱାସ୍ଥ୍ୟବୀମା କାର୍ଡ ବ୍ୟତୀତ ଅନ୍ୟ କିଛି ସୁବିଧାସୁଯୋଗ ପାଇପାରୁନାହାନ୍ତି। ନୂଆ ଆବେଦନକାରୀମାନଙ୍କୁ ସ୍ୱାସ୍ଥ୍ୟବୀମା କାର୍ଡ ପ୍ରଦାନରୁ ବଞ୍ଚିତ କରିବା ଆଦି ବିଷୟ ନେଇ ସାମ୍ବାଦିକ ମହଲରେ ଗଭୀର କ୍ଷୋଭ ଓ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏସବୁ ସମସ୍ୟା ପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦେଇ ସମସ୍ତ ଯୋଜନାକୁ ତୁରନ୍ତ କାର୍ଯ୍ୟକାରୀ କରିବା ସହିତ ପେନ୍‌ସନ ଓ ସୁରକ୍ଷା ଆଇନ ପ୍ରଣୟନ କ୍ଷେତ୍ରରେ ତ୍ୱରିତ ପଦକ୍ଷେପ ନେବାକୁ ଅନୁରୋଧ।

ସୁଶାନ୍ତ କୁମାର ଖଟୁଆ, ଉତ୍କଳମଣି ସେବା ସଂଗଠନ, ଜେନାପୁର, ଯାଜପୁର

### ପ୍ରମୁଖ ଦେବପୀଠଗୁଡ଼ିକର ସୌନ୍ଦର୍ଯ୍ୟ ବୃଦ୍ଧି ପାଉ

ପୁରୀ ଶ୍ରୀମନ୍ଦିର ପରେ ଏବେ ଭୁବନେଶ୍ୱରସ୍ଥିତ ଲିଙ୍ଗରାଜ ମନ୍ଦିରର ସୁନ୍ଦରୀକରଣ କରାଗଲାଣି। ଏହା ପରେ ଅନ୍ୟ ଦେବପୀଠଗୁଡ଼ିକରେ ଜବରଦଖଲ ଉଚ୍ଛେଦପୂର୍ବକ ସୁନ୍ଦରୀକରଣ ଲାଗି ଦାବି ହେବା ସ୍ୱାଭାବିକ। ଭକ୍ତଙ୍କ ଆବେଗକୁ ସମ୍ମାନ ଜଣାଇ ସମସ୍ତ ଦେବପୀଠର ଶୋଭା ବର୍ଦ୍ଧନ ଲାଗି ସରକାର ଉଦ୍ୟମ କରିବେ ବୋଲି ଆଶା।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଗୃହବନ୍ଦୀ ଥିବା ଜମ୍ମୁ-କଶ୍ମୀରର ୩ ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍ତି, ଓମାର ଅବ୍ଦୁଲ୍ଲା, ଫାରୁକ୍ ଅବ୍ଦୁଲ୍ଲା ଓ ଆଉ କେତେକ ନେତାଙ୍କୁ ଖୁବ୍‌ଶୀଘ୍ର ମୁକ୍ତ ଲାଗି ପ୍ରାର୍ଥନା କରୁଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଶନିବାର କହିଛନ୍ତି। ଏବେ ଜମ୍ମୁ-କଶ୍ମୀର ସ୍ଥିତିରେ ସୁଧାର ଆସିପାରିଛି ଓ ଅଞ୍ଚଳର ବିକାଶ ଲାଗି ଏହି ନେତାମାନେ କାର୍ଯ୍ୟକରିବା ଦରକାର ବୋଲି ସେ ପ୍ରକାଶ କରିଛନ୍ତି। ପ୍ରକାଶଥାଉ କି, ୩୭୦ ଧାରା ଉଚ୍ଛେଦ ପରେ ଅଗଷ୍ଟ ୫ରୁ ଏମାନଙ୍କୁ ଅଟକ ରଖାଯାଇଛି। କେତେକ ନେତାଙ୍କୁ ମୁକ୍ତ କରାଯାଇଥିବା ବେଳେ ପର୍ଯ୍ୟାୟ କ୍ରମେ ସବୁ ଅଟକ ନେତାଙ୍କୁ ମୁକ୍ତ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### 'ଯୁବପିଢ଼ି ରାଜନୈତିକ ସଚେତନ ହେବା ଜରୁରୀ'

ଭୁବନେଶ୍ୱର,୨୨।୨(ବ୍ୟୁରୋ): ସମାଜର ପ୍ରତ୍ୟେକ ବ୍ୟକ୍ତି ରାଜନୀତି ସହ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ଜଡ଼ିତ। ତେଣୁ ସାମଗ୍ରିକ ରାଜନୈତିକ ଓ ଅର୍ଥନୈତିକ କାର୍ଯ୍ୟକଳାପ ଉପରେ ସମସ୍ତେ ଅବଗତ ହେବା ଜରୁରୀ। ବିଶେଷକରି ଯୁବବର୍ଗଙ୍କୁ ଏ ସମ୍ପର୍କରେ ସଚେତନ କରାଇବାରେ ଭାରତୀୟ ଛାତ୍ର ସଂସଦ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଓଡ଼ିଶାରେ ଏହି ସଙ୍ଗଠନ ପକ୍ଷରୁ ଆଗାମୀ ଦିନରେ କର୍ମଶାଳା ତଥା ସମ୍ମିଳନୀ ଆୟୋଜନ ପାଇଁ ଚିନ୍ତା କରାଯାଉଛି। ୪ ଦିନିଆ ଭାରତୀୟ ଛାତ୍ର ସଂସଦ ସମ୍ମିଳନୀରେ ଯୋଗଦାନ କରି ଫେରିବା ପରେ ଓଡ଼ିଶା ସଂଯୋଜକ ତବରେଜ୍ ଖାଁ ଶନିବାର ଏହା କହିଛନ୍ତି। ଏହିପରି କାର୍ଯ୍ୟକ୍ରମ ଯୁବ ସମାଜଙ୍କ ମଧ୍ୟରେ ରାଜନୈତିକ ସଚେତନତା ସୃଷ୍ଟି କରିବାରେ ସହାୟକ ହେବ ବୋଲି ସେ ଆଶାବାଦୀ। ନିକଟରେ ଦିଲ୍ଲୀର ବିଜ୍ଞାନ ଭବନରେ ହୋଇଥିବା ଛାତ୍ର ସଂସଦର ୧୦ମ ସମ୍ମିଳନୀରେ ସାମାଜିକ ଗଣମାଧ୍ୟମ ବ୍ୟବହାର, ସାମ୍ପ୍ରତିକ ରାଜନୀତି, ଜାତିବାଦ, ଅର୍ଥନୀତି ଏବଂ ସମାଜ ବିଜ୍ଞାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ସମ୍ମିଳନୀକୁ ଉପରାଷ୍ଟ୍ରପତି ଭେଙ୍କାୟା ନାଇଡୁ ଉଦ୍‌ଘାଟନ କରିଥିଲେ।

### ୧୫୦ ବଦଳରେ ଆସିଲା ୪ ଲକ୍ଷ ଟଙ୍କାର ବିଦ୍ୟୁତ୍ ବିଲ୍

**ଭୁଲ ବିଲ୍‌କୁ ନେଇ ଚିନ୍ତାରେ ଗ୍ରାହକ**



ଓମକାର ସାହୁ

ଚମ୍ପୁଆ,୨୨।୨(ଡି.ଏନ.ଏ.): କେନ୍ଦୁଝର ଜିଲା ଚମ୍ପୁଆ ବିଦ୍ୟୁତ ବିଭାଗ ଅଧୀନ ମନ୍ଦିରସାହି ନିବାସୀ ଓମକାର ସାହୁଙ୍କ ପାଖକୁ ୪ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଏକ ବିଦ୍ୟୁତ ବିଲ୍ ଆସିଛି। ଏହି ବିଲ୍ ଦେଖିବା ପରେ ତାଙ୍କର ଚିନ୍ତା ବଢ଼ିଯାଇଛି। ଘଟଣାରୁ ପ୍ରକାଶ ଯେ, ଓମ୍‌କାରଙ୍କ ବିଦ୍ୟୁତ୍ ବିଲ୍ ୧୫୦ ଟଙ୍କା ମଧ୍ୟରେ ସୀମିତ ରହିଥାଏ। ତେବେ ନିକଟରେ ଆସିଥିବା ଗତମାସର ବିଲ୍ ୪ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ସେ ଜାଣିବାକୁ ପାଇଥିଲେ। ମାସକ ମଧ୍ୟରେ ଏତେ ଟଙ୍କାର ବିଲ କିପରି ହେଲା ତାହା ତାଙ୍କୁ ଆଶ୍ଚର୍ଯ୍ୟ କରିଛି। ତେବେ ଏହାର ସମାଧାନ ପାଇଁ ସେ ବିଦ୍ୟୁତ୍ ବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି। ସୂଚନା ଅନୁସାରେ ୨ ବର୍ଷ ତଳେ ବିଦ୍ୟୁତ ସଂଯୋଗ ନେଇଥିବା ଓମକାର ସାହୁ ପ୍ରତି ମାସ ଆବଶ୍ୟକ ବ୍ୟବହାର ଅନୁଯାୟୀ ୧୪୦ରୁ ୧୫୦ ଟଙ୍କା ବିଲ୍ ପଇଠ କରି ଆସୁଥିଲେ। ଏପରିକି ମିଟର ରିଡିଂ ଅନୁଯାୟୀ ପ୍ରତ୍ୟେକ ମାସ ସମାନ ଭାବେ ଏହି ବିଲ୍ ଆସୁଥିଲା। ଏଥର ଆସିଥିବା ଦେୟ ସଂଶୋଧନ କରାଯିବ ବୋଲି ବିଭାଗ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିବା ଓମକାର ପ୍ରକାଶ କରିଛନ୍ତି। କେଉଁ କାରଣ ପାଇଁ ଏଭଳି ଭୁଲ ବିଦ୍ୟୁତ୍ ଦେୟ ଆସୁଛି ସେଥିପ୍ରତି ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି କରାଯାଇଛି।

### 'ଅର୍ଥନୀତି ବିକାଶରେ ମହିଳାଙ୍କ ସହଭାଗିତା ଆବଶ୍ୟକ'

ଭୁବନେଶ୍ୱର,୨୨।୨(ବ୍ୟୁରୋ): ଆଗାମୀ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରଙ୍କ ନେତୃତ୍ୱରେ ଦେଶ ୫ ଟ୍ରିଲିୟନ ଡଲାର ଅର୍ଥନୀତି ଲକ୍ଷ୍ୟ ହାସଲ କରିବ। ଏଥିପାଇଁ ମହିଳାଙ୍କ ସହଭାଗିତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମହିଳାମାନେ ସ୍ୱୟଂସଂପୂର୍ଣ୍ଣ ହେବା ସହ ଅର୍ଥନୀତିରେ ଭାଗିଦାରୀ ହେଲେ ଦେଶର ବିକାଶ ସମ୍ଭବ ହୋଇପାରିବ ବୋଲି ଭାଜପା ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ ସଭାନେତ୍ରୀ ବିଜୟା ରାହଟକର କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମହିଳା ମୋର୍ଚ୍ଚା ସମ୍ମିଳନୀରେ ରାହଟକର ଯୋଗଦେଇ କହିଛନ୍ତି ଯେ, ତୃଣମୂଳସ୍ତରରେ ସ୍ୱୟଂ ସହାୟିକା ଗୋଷ୍ଠୀର ସଶକ୍ତୀକରଣ କେବଳ ଭାଷାଣବାଜିରେ ହେବ ନାହିଁ। ସେମାନଙ୍କ ଉତ୍ପାଦ ବିକ୍ରି ହେଲେ ସେମାନେ ଆତ୍ମନିର୍ଭରଶୀଳ ହୋଇ ମୁଖ୍ୟ ଅର୍ଥନୈତିକ ସ୍ରୋତରେ ସାମିଲ ହୋଇପାରିବେ। କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ସମୀର ମହାନ୍ତି, ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ, ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ପ୍ରଭାତୀ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# 'ମାନ୍ଦାବସ୍ଥା ନିୟନ୍ତ୍ରଣରେ କେନ୍ଦ୍ର ବିଫଳ'

**ଭୁବନେଶ୍ୱର,୨୨।୨(ବ୍ୟୁରୋ)**

ଦେଶର ଅଭିବୃଦ୍ଧି ହାର ୧୦ ବର୍ଷ ଯାଏ ୧୦ ପ୍ରତିଶତ ନ ରହିଲେ, ଦାରିଦ୍ର୍ୟ ଦୂରୀକରଣ ଅସମ୍ଭବ। ଦେଶ ବର୍ତ୍ତମାନ ୪ ପ୍ରତିଶତରୁ କମ୍ ଅଭିବୃଦ୍ଧି ହାରରେ ରହିଛି। ହେଲେ ଏହା ୧୦ ପ୍ରତିଶତ ଅଭିବୃଦ୍ଧି ହାସଲ କରିପାରିବ ବୋଲି ଭାଜପା ନେତା ସୁବ୍ରମଣ୍ୟମ ସ୍ୱାମୀ ଶନିବାର କହିଛନ୍ତି। ବୈଦ୍ୟୁତିକ ଗଣମାଧ୍ୟମ ସଂସ୍ଥା ଓ' ଟିଭି ପକ୍ଷରୁ ଆୟୋଜିତ ଫୋର୍ ସାଇଟ୍ କାର୍ଯ୍ୟକ୍ରମର 'ସ୍ଲୋ ଡାଉନ୍ ଆଣ୍ଡ ବିୟଣ୍ଡ': ଆଇଡିଆଜ୍ ଫର ଏ ସଷ୍ଟେନେବଲ୍ ଆଣ୍ଡ ଇକ୍ୟୁଟେବଲ ରିକଭରି ଅଫ୍ ଦି ଇଣ୍ଡିଆନ୍ ଇକୋନୋମି' ଶୀର୍ଷକ ଆଲୋଚନାରେ ଭାଗନେଇ ସେ ଏଭଳି ମତବ୍ୟକ୍ତ କରିଛନ୍ତି।



ଫୋର୍‌ସାଇଟ୍ କାର୍ଯ୍ୟକ୍ରମରେ ସୁବ୍ରମଣ୍ୟମ ସ୍ୱାମୀ ଉଦ୍‌ବୋଧନ ଦେଉଛନ୍ତି।

**ଫୋର୍‌ସାଇଟ୍ କାର୍ଯ୍ୟକ୍ରମ**
- ୫ ଟ୍ରିଲିୟନ୍ ଡଲାର ଅର୍ଥନୀତି ପାଇଁ ଉଦ୍ୟମ ଜରୁରୀ: ସୁବ୍ରମଣ୍ୟମ
- ଅର୍ଥ ବ୍ୟବସ୍ଥାକୁ ଧ୍ୱଂସ କରିଛି ବିମୁଦ୍ରୀକରଣ, ଜିଏସ୍‌ଟି : ୟେଚୁରୀ

ରାଜ୍ୟ ସଭା ସଦସ୍ୟ ସୁବ୍ରମଣ୍ୟମ ସ୍ୱାମୀ କହିଛନ୍ତି ଯେ, ମାନ୍ଦାବସ୍ଥାକୁ ନିୟନ୍ତ୍ରଣ କରିବାରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବିଫଳ ହୋଇଛନ୍ତି। ଦଳୀୟ ଶୃଙ୍ଖଳାରେ ରହିଥିବାରୁ ଅନେକ ସମୟରେ ଚୁପ୍ ରହିବାକୁ ପଡୁଛି। ବର୍ତ୍ତମାନର ଅଭିବୃଦ୍ଧି ହାର ଆଗକୁ ବଜାୟ ରହିଲେ ୫ ଟ୍ରିଲିୟନ ଡଲାର ଅର୍ଥନୀତି ହାସଲ ଲକ୍ଷ୍ୟ ପୂରଣ ହେବ ନାହିଁ। ଅପରପକ୍ଷରେ ଦେଶର ଅଭିବୃଦ୍ଧି ହାର ୧୪ ପ୍ରତିଶତ ରହିଲେ, ତେବେ ଆଗାମୀ ୫ ବର୍ଷରେ ୫ ଟ୍ରିଲିୟନ ଡଲାର ଅର୍ଥନୀତି ସ୍ୱପ୍ନ ସାକାର ହୋଇପାରିବ। ନୀତି ଆୟୋଗ ଅଧିକାରୀମାନେ କିଛି ନ ବୁଝି ନେତାଙ୍କ କଥାରେ ୫ ଟ୍ରିଲିୟନ ଡଲାର ଅର୍ଥନୀତି କଥା କହିଚାଲିଛନ୍ତି। ଏହା ତାଙ୍କୁ କଷ୍ଟ ଦେଉଥିବା ସ୍ୱାମୀ କହିଛନ୍ତି। ସେହିପରି ସର୍ବନିମ୍ନ ପୁଞ୍ଜିନିବେଶ, ବ୍ୟାପକ ଶ୍ରମଶକ୍ତି ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ସୁଧ ହାର କମ୍ ହେଲେ କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପ ବିକାଶ ହେବ। ଦେଶର ଅର୍ଥନୀତି ନେଇ ପ୍ରଧାନମନ୍ତ୍ରୀଙ୍କ ପାଖକୁ ଅନେକ ଚିଠି ଲେଖିଛି। ହେଲେ ତାହା ପିଏମ୍‌ଓରେ ପହଞ୍ଚୁନାହିଁ। ଦେଶ ଖାଦ୍ୟାଭାବରୁ ମୁକୁଳିଛି। ୧୯୬୫ର ପରିସ୍ଥିତି ନାହିଁ, ତେଣୁ ଉପଯୁକ୍ତ ପଦକ୍ଷେପ ଦ୍ୱାରା ଅର୍ଥନୀତିକୁ ସୁଧାରି ହେବ ବୋଲି ସ୍ୱାମୀ କହିଛନ୍ତି। ସିପିଏମ୍ ନେତା ସୀତାରାମ ୟେଚୁରୀ ମଧ୍ୟ ମାନ୍ଦାବସ୍ଥା ପାଇଁ କେନ୍ଦ୍ର ସରକାର ଏବଂ ତ୍ରୁଟିପୂର୍ଣ୍ଣ ଆର୍ଥିକ ନୀତିକୁ ଦାୟୀ କରିଛନ୍ତି। ୟେଚୁରୀ କହିଛନ୍ତି ଯେ, ବିମୁଦ୍ରୀକରଣ ଏବଂ ଜିଏସ୍‌ଟି ହିଁ ଅର୍ଥ ବ୍ୟବସ୍ଥାକୁ ଧ୍ୱଂସ ଆଡକୁ ନେଇଛି। ଉଚିତ ପଦକ୍ଷେପ ନ ନେଲେ ଦେଶର ଆର୍ଥିକ ସ୍ଥିତି ଆହୁରି ଖରାପ ହେବ। ଗ୍ରାମାଞ୍ଚଳ ଅର୍ଥନୀତିର ଅବସ୍ଥା ଆହୁରି ଶୋଚନୀୟ ହୋଇଗଲାଣି। ଶ୍ରମଭିତ୍ତିକ ନିବେଶ ଦ୍ୱାରା ହିଁ ରୋଜଗାର ସୃଷ୍ଟି ହୋଇପାରିବ ବୋଲି ସୀତାରାମ କହିଛନ୍ତି। ସେହିଭଳି କଂଗ୍ରେସ ନେତା ସଞ୍ଜୟ ଝା କହିଛନ୍ତି ଯେ, କର୍ପୋରେଟ କ୍ଷେତ୍ରରେ କୌଣସି ଚାହିଦା ନ ଥିବା ସତ୍ତ୍ୱେ କେନ୍ଦ୍ର ସରକାର ଏହି ବର୍ଗ ପାଇଁ ବୃହତ ପ୍ୟାକେଜ୍ ଘୋଷଣା କରିଛନ୍ତି। ଗ୍ରାମୀଣ କ୍ଷେତ୍ରରେ ରୋଜଗାର ସୃଷ୍ଟି କରିବା ପାଇଁ ସରକାର ଉଦ୍ୟମ କରୁ ନ ଥିବା ସେ ସମାଲୋଚନା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଓଟିଭି ସହ ପ୍ରତିଷ୍ଠାତା ଜାଗି ମଙ୍ଗତ୍ ପଣ୍ଡା ଏବଂ ଭାଜପା ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ପୋଖରୀରେ ବୁଡି ଦଶମ ଶ୍ରେଣୀ ଛାତ୍ର ମୃତ

**ମୋହନା,୨୨।୨(ଡି.ଏନ୍.ଏ.)**

ଗଜପତି ଜିଲା ଚନ୍ଦ୍ରଗିରି ଫାଣ୍ଡି ଅଞ୍ଚଳର ଜଣେ ୧୦ମ ଶ୍ରେଣୀ ଛାତ୍ରଙ୍କର ଶନିବାର ପୋଖରୀରେ ବୁଡି ମୃତ୍ୟୁ ଘଟିଛି। ସେ ହେଲେ ମାଣିକପୁର ପଞ୍ଚାୟତ ଗୋବିନ୍ଦପୁର ଗାଁର ନାରାୟଣ ମଳିକ (୧୬)। ସକାଳ ପ୍ରାୟ ୭ଟାରେ ନାରାୟଣ ବଟବନ୍ଧକୁ ଗାଧୋଇବାକୁ ଯାଇଥିବାବେଳେ ଗୋଡ ଖସିଯିବାରୁ ବୁଡି ଯାଇଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତନ୍ମୟ ବିଶ୍ୱାଳ ତାଙ୍କୁ ମୃତ ଘୋଷଣା କରିଥିଲେ। ଚନ୍ଦ୍ରଗିରି ଫାଣ୍ଡି ଅଧିକାରୀ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡମେଡିକାଲ ପଠାଇଛନ୍ତି। ପ୍ରକାଶ ଯେ, ନାରାୟଣ ମହେନ୍ଦ୍ରଗିରି କାର୍ତ୍ତିକଗମାଙ୍ଗ ଉଚ୍ଚ ବିଦ୍ୟାଳୟ ଛାତ୍ର। ଛେଲିଗଡ ବିଦ୍ୟାଳୟରେ ତାଙ୍କ ସେଣ୍ଟର ପଡିଥିଲା। ଶନିବାର ଇଂଲିଶ ପରୀକ୍ଷା ଥିଲା। ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ଏହି ଅଘଟଣ ଘଟିଥିଲା।

# ପାଚେରିରୁ ଖସିପଡ଼ି ଅଭିଭାବକଙ୍କ ନାକ ଫାଟିଲା

**କପି ଦେବାକୁ ଉଦ୍ୟମ ବେଳେ ଗୋଡ଼ାଇଲା ପୋଲିସ**

**ପରଜଙ୍ଗ, ୨୨।୨(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ମହାବିରୋଡ଼ ଫାଣ୍ଡି ଅଧୀନ ଗଡ଼ପଳାଶୁଣି ହାଇସ୍କୁଲରେ ମାଟ୍ରିକ ପରୀକ୍ଷାର୍ଥୀଙ୍କୁ କପି ଦେବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ଗୋଡ଼ାଇବାରୁ ପାଚେରି ଉପରୁ ଖସିପଡ଼ି ଜଣେ ଅଭିଭାବକ ଗୁରୁତର ହୋଇଛନ୍ତି। ତାଙ୍କ ନାକରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଗଡ଼ପଳାଶୁଣି ପରୀକ୍ଷାକେନ୍ଦ୍ରରେ ଶନିବାର ମାଟ୍ରିକ ପରୀକ୍ଷା ଚାଲିଥିଲା। ସମ୍ପୃକ୍ତ ଅଭିଭାବକଙ୍କ ଝିଅ ପରୀକ୍ଷା ଦେଉଥିବାବେଳେ ସେ ପାଚେରି ଉପରେ ଚଢ଼ି କପି ଦେବାକୁ ଉଦ୍ୟମ କରୁଥିଲେ। ତେବେ ସେଠାରେ ନିୟୋଜିତ ଏପିଆର୍ କନଷ୍ଟେବଳ ଏହାକୁ ପ୍ରଶ୍ରୟ ଦେଇ ନ ଥିଲେ। କପି ଯୋଗାଇବାରେ ବିଫଳ ହେବାରୁ ସମ୍ପୃକ୍ତ ଅଭିଭାବକ ପୋଲିସକୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏହାପରେ କନଷ୍ଟେବଳ ଜଣଙ୍କ ତାଙ୍କୁ ଗୋଡ଼ାଇଥିଲେ। ଅଭିଭାବକ ପାଚେରି ଉପରୁ ଡେଇଁପଡ଼ିବା ବେଳକୁ ମୁହଁମାଡ଼ି ତଳେ ପଡ଼ିଯାଇଥିଲେ। ଏଥିରେ ତାଙ୍କ ନାକ ଫାଟି ଯାଇଥିଲା। ପୋଲିସ ତାଙ୍କୁ ଉଦ୍ଧାର କରି ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇଛି। ତେବେ ପୋଲିସ ପାହାରେ ପଟିଦେବାରୁ ଅଭିଭାବକ ଜଣକ ପାଚେରିରୁ ପଡ଼ିଯାଇଥିବା କହିଛନ୍ତି। ହେଲେ ସେ ପୋଲିସ ବିରୋଧରେ କୌଣସି ଅଭିଯୋଗ କରିବେ ନାହିଁ ବୋଲି କହିଛନ୍ତି। ଏ ନେଇ ଥାନାଧିକାରୀ ସନ୍ତୋଷ ପ୍ରଧାନ କୁହନ୍ତି, ଅଭିଭାବକ ଜଣକ ପାଚେରିରୁ ଡେଇଁ ପଡ଼ିବା ପରେ ମୁହଁମାଡ଼ି ପଡ଼ିଯାଇଥିଲେ। ତେଣୁ ତାଙ୍କ ନାକରେ ଆଘାତ ଲାଗିଛି। ତାଙ୍କର ଚିକିତ୍ସା କରାଯାଇଛି। କାର୍ଯ୍ୟାନୁଷ୍ଠାନ ଭୟରେ ସେ ପୋଲିସ ବିରୋଧରେ ମାଡ଼ ମାରିଥିବା ଅଭିଯୋଗ ଆଣିଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।

ଅନ୍ୟପଟେ ପରୀକ୍ଷାରେ କପିକୁ ନେଇ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ପରୀକ୍ଷା ଶେଷ ହେବାକୁ ଅଧ ଘଣ୍ଟା ବାକି ଥିବା ବେଳେ କେତେଜଣ ଯୁବକ ଏବଂ ଅଭିଭାବକ ପାଚେରି ଡେଇଁ କପି ଦେବାକୁ ଉଦ୍ୟମ କରିଥିଲେ। ଏହାକୁ ନେଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସ କପି ଯୋଗାଉଥିବା ବ୍ୟକ୍ତିଙ୍କୁ ଘଉଡ଼ାଇଦେଇଥିଲା। ସୂଚନା ପାଇ ପ୍ରଶାସନିକ ଅଧିକାରୀ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। କପି ଯୋଗାଉଥିବା ବ୍ୟକ୍ତିଙ୍କ ବିରୋଧରେ ଜିଲା ପ୍ରଶାସନ ପକ୍ଷରୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ପରକୀୟା ସନ୍ଦେହ: ଭଡାଘରେ ନିଆଁ ଲଗାଇଲେ ସ୍ୱାମୀ

**ସ୍ତ୍ରୀ, ଝିଅ, ଶାଶୁ ଗୁରୁତର**

**ସାଲେପୁର, ୨୨।୨(ଡି.ଏନ୍.ଏ.)**

ପରକୀୟା ସନ୍ଦେହରେ ଜଣେ ସ୍ୱାମୀ ଭଡାଘରେ ନିଆଁ ଲଗାଇ ସ୍ତ୍ରୀ, ଶିଶୁ ଓ ଶାଶୁଙ୍କୁ ପୋଡିଦେବାକୁ ଉଦ୍ୟମ କରିଛନ୍ତି। ସାଲେପୁର ଥାନା ଅନ୍ତର୍ଗତ ଉତ୍ତର ବଟେଶ୍ୱର ଗ୍ରାମରେ ଶୁକ୍ରବାର ରାତିରେ ଏହି ଘଟଣା ଘଟିଛି। ଘର ଭିତରୁ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଆସି ସେମାନଙ୍କୁ ଉଦ୍ଧାର କରିଥିଲେ। ଗୁରୁତରମାନଙ୍କୁ ପ୍ରଥମେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରି କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଏ ନେଇ ଘର ମାଲିକ ସାଲେପୁର ଥାନାରେ ଅଭିଯୋଗ କରିବା ପରେ ମାମଲା(ନଂ.୭୩/୨୦)ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ଏହି ଗ୍ରାମରେ ଭଡା ସୂତ୍ରରେ କଟକ ସଦରସ୍ଥିତ କିଶୋର ନଗର ଥାନା ଅନ୍ତର୍ଗତ କାଳିକାପୁର ଗ୍ରାମର ଏକ ଦମ୍ପତି ୨ ବର୍ଷର ଝିଅ ଓ ଶାଶୁ ସହ ରହୁଥିଲେ। ଅନ୍ୟ ଯୁବକଙ୍କ ସହ ସ୍ତ୍ରୀଙ୍କ ଅନୈତିକ ସମ୍ପର୍କ ଥିବା ସନ୍ଦେହ କରି ଅଧିକାଂଶ ସମୟରେ ସ୍ୱାମୀ ସ୍ତ୍ରୀ ମଧ୍ୟରେ ପାଟିତୁଣ୍ଡ ହେଉଥିଲା। ଏହି ଘଟଣାକୁ କେନ୍ଦ୍ରକରି ଶୁକ୍ରବାର ସକାଳେ ଉଭୟଙ୍କ ମଧ୍ୟରେ ପୁନର୍ବାର ଝଗଡା ହୋଇଥିଲା। ଏଥିରେ ସ୍ୱାମୀ ଉତ୍ତ୍ୟକ୍ତ ହୋଇ ବିଳମ୍ବିତ ରାତ୍ରିରେ ସ୍ତ୍ରୀ, ଝିଅ ଓ ଶାଶୁ ଶୋଇଥିବା ଘରେ ନିଆଁ ଲଗେଇଦେବା ସହ ବାହାରପଟୁ କବାଟ ବନ୍ଦ କରି ଫେରାର ହୋଇଯାଇଥିଲେ। ଅଭିଯୋଗ ପରେ ପୋଲିସ ପକ୍ଷରୁ ଏ ନେଇ ତଦନ୍ତ ଜାରି ରହିଛି।

### ଯୁବକଙ୍କ କ୍ଷତାକ୍ତ ମୃତଦେହ ଉଦ୍ଧାର

**ଢେଙ୍କାନାଳ ଅଫିସ, ୨୨।୨**

ଢେଙ୍କାନାଳ ସଦର ଥାନା ସପ୍ତଶଯ୍ୟା-ଶଙ୍କରପୁର ରାସ୍ତାର ପାମାଳସ୍ଥିତ ନିର୍ମାଣାଧୀନ ଏକ ପୋଲ ନିକଟରୁ ଶନିବାର ସକାଳେ ବାଇକ୍ ସହ ଜଣେ ଯୁବକଙ୍କ କ୍ଷତାକ୍ତ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ପ୍ରହଲାଦ ବେହେରା (୨୭)। ତାଙ୍କ ଘର ସଦର ଥାନା ଗୋବିନ୍ଦପୁର ଫାଣ୍ଡି ଅଧୀନ ତାଳବରକୋଟ ଅଞ୍ଚଳରେ। ସେ ଜଣେ ଦିନ ମଜୁରିଆ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ପରିବାର ଲୋକେ ଏହା ଏକ ହତ୍ୟାକାଣ୍ଡ ବୋଲି କହିଛନ୍ତି। ପ୍ରହଲ୍ଲାଦଙ୍କ ଭାଇ ସୁମନ୍ତଙ୍କ ଅଭିଯୋଗକ୍ରମେ ନଂ. ୭୦/୨୦, ଦଫା ୩୦୨ରେ ହତ୍ୟା ମାମଲା ରୁଜୁକରାଯାଇଛି।

### ଜାଗର ଉପବାସ କରିଥିବା ଯୁବକଙ୍କ ମୃତ୍ୟୁ

**ଖଣ୍ଡପଡା,୨୨।୨(ସ୍ୱ.ପ୍ର.)**

ମହାଶିବରାତ୍ରି ଉପଲକ୍ଷେ ଶୁକ୍ରବାର କୋଟପୋଖରୀ ଗ୍ରାମର ଜଣେ ଯୁବକ ଜାଗର ଉପବାସ କରିଥିବାବେଳେ ଶନିବାର ଭୋର ୫ଟାରେ ତାଙ୍କର ହଠାତ୍ ମୃତ୍ୟୁ ହୋଇଛି। ମୃତକ ହେଲେ ଖଣ୍ଡପଡା ବ୍ଲକ ଅଧୀନ ଖଳିସାହି ପଞ୍ଚାୟତ କୋଟପୋଖରୀ ନୂଆସାହିର ଛାଟିଆ ନାୟକ (୪୦)। ସେ ଶୁକ୍ରବାର ଦିନ ତମାମ ଉପବାସ ରହି ରାତିରେ ମହାଦୀପ ଉଠିବା ପରେ ଠାକୁରଙ୍କ ଭୋଗ ପାଇ ପଣା ପିଇଥିଲେ। ସକାଳ ସମୟରେ ହଠାତ୍ ସେ ଅସୁସ୍ଥ ହୋଇପଡିବାରୁ ପରିବାରଲୋକେ ତାଙ୍କୁ ଆଶୁ ଚିକିତ୍ସା ନିମନ୍ତେ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି।

# 'ଜୀବନରେ ଲୁହ ଛଡ଼ା କିଛି ନାହିଁ'

**ପାର୍ସଲ ବୋମା ବିସ୍ଫୋରଣ ଘଟଣାକୁ ୨ବର୍ଷ**

**ବଲାଙ୍ଗୀର ଅଫିସ/ପାଟଣାଗଡ଼ (ଡି.ଏନ.ଏ.), ୨୨।୨**

ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣାକୁ ରବିବାର ୨ ବର୍ଷ ପୂରିବ। ଏହି ୨ ବର୍ଷ ଭିତରେ ନ୍ୟାୟ ତ ମିଳି ପାରିନାହିଁ କେବଳ ଲୁହ, କୋହ ଓ ଲାଞ୍ଛନା ମିଳିଛି ବୋଲି ପାର୍ସଲ ବୋମା ବିସ୍ଫୋରଣରେ ମୃତ ସୌମ୍ୟଶେଖର ସାହୁଙ୍କ ବାପା ଅଧ୍ୟାପକ ରବୀନ୍ଦ୍ର ସାହୁ କହିଛନ୍ତି। ଏତେ ବଡ ନାରକୀୟ କାଣ୍ଡ ଭିଆଇବା ପରେ ଦୋଷୀଙ୍କୁ ଜାମିନ ମିଳୁଛି, ମାତ୍ର ପୀଡ଼ିତଙ୍କୁ ନ୍ୟାୟ ମିଳୁନାହିଁ ବୋଲି ସେ କୋହଭରା କଣ୍ଠରେ କହିଛନ୍ତି । ସବୁ



ପୁଞ୍ଜିଲାଲ ମେହେର

ଆଶା, ସବୁ ସ୍ୱପ୍ନ ଛାରଖାର ହୋଇଯିବା ପରେ ଅସ୍ତିତ୍ୱହୀନ ଜୀବନକୁ ନେଇ କେବଳ ଆୟୁଷ କାଟିବା ଛଡା ଏଇ ଜୀବନରେ ଆଉ କିଛି ନାହିଁ ବୋଲି ସେ କହିଛନ୍ତି ।



ମୃତ ସୌମ୍ୟ ଶେଖରଙ୍କ ମା'ବାପାଙ୍କ ସହ ବୋହୂ ରିମା ସାହୁ।

୨୩ ଫେବୃୟାରୀ ୨୦୧୮। ସେଦିନ ପାଟଣାଗଡ଼ ସହର ବ୍ରହ୍ମପୁରା ଛକ ନିକଟ ଅଧ୍ୟାପକ ସାହୁଙ୍କ ଘରେ ଭୟଙ୍କର ପାର୍ସଲ ବୋମା ବିସ୍ଫୋରଣ ଘଟିଥିଲା । ଏହି ବିସ୍ଫୋରଣରେ ଅଧ୍ୟାପକ ସାହୁଙ୍କ ଏକମାତ୍ର ନବବିବାହିତ ପୁଅ ସୌମ୍ୟଶେଖର ଓ ପିଉସୀ ଜେମାମଣି ସାହୁଙ୍କ ମୃତ୍ୟୁ ଘଟିଥିଲା। ନବବିବାହିତା ବୋହୂ ରିମା ସାହୁ ଗୁରୁତର ଆହତ ହୋଇଥିଲେ । ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ପରେ ଭଇଁଷା କଲେଜର ଇଂଲିଶ ଅଧ୍ୟାପକ ପୁଞ୍ଜିଲାଲ ମେହେରଙ୍କୁ ଗିରଫ କରାଯାଇଥିଲା। ଅଭିଯୁକ୍ତ ପୁଞ୍ଜିଲାଲ ଏବେ ବଲାଙ୍ଗୀର ଜିଲା କାରାଗାରରେ ବିଚାରାଧୀନ କଏଦୀ ଭାବେ ରହିଛନ୍ତି। ରବିବାର ଏହି ଘଟଣାକୁ ଦୁଇବର୍ଷ ପୂରିବା ଅବସରରେ ଅଧ୍ୟାପକ ସାହୁଙ୍କୁ ପଚରାଯିବାରୁ ପାର୍ସଲ ବୋମା ବିସ୍ଫୋରଣ ଘଟଣା ତାଙ୍କ ସୁନାର ସଂସାରକୁ ଛାରଖାର କରିଦେଲା । ସେହିଦିନରୁ ମୃତ ସୌମ୍ୟଙ୍କ ସ୍ତ୍ରୀ ରିମା, ମା' ସଂଯୁକ୍ତା ସାହୁ ଓ ସେ ଜିଅନ୍ତା ଶବ ପାଲଟି ଯାଇଥିବା କହିଛନ୍ତି। ରିମାକୁ ଦେଖିଲେ ସହି ହେଉନାହିଁ । ଘର ସଂସାରର ବୁଝି ନ ଥିବା ଝିଅ ରିମା ଉପରେ ପାହାଡ ପଡିଛି । ପାର୍ସଲ ବୋମା ବିସ୍ଫୋରଣ ଘଟଣା ପରଠାରୁ ଏଯାବତ୍ ସେ ଔଷଧ ଖାଇ ବଞ୍ଚିଛି। ତା'ର କାନକୁ ଭଲ ଭାବେ ଶୁଭୁନାହିଁ । ମାନସିକ ଚାପ ଯୋଗୁ ସେ ଏବେ ବି କେବଳ ନୀରବ ରହୁଛି । ପାଠ ପଢ଼ିଲେ କାଳେ ମନ ଭଲ ରହିବ ବୋଲି ତାକୁ ୬ ମାସ ପୂର୍ବରୁ ଓଡିଆ ପିଜି କରିବାକୁ ନାମ ଲେଖାଇଥିଲୁ। ଏବେ ପ୍ରଥମ ସେମିଷ୍ଟର ପରୀକ୍ଷା ସରିଛି। ଯେତେ ବୁଝାଇଲେ ମଧ୍ୟ କାହାରି ମନ ମାନୁନାହିଁ । ଏକମାତ୍ର ପୁଅକୁ ହରାଇ ଆମେ ସ୍ୱାମୀ-ସ୍ତ୍ରୀ ସର୍ବହରା ହୋଇଯାଇଛୁ। ଯିଏ ଦୋଷ କରିଛି ତାକୁ ମା'ଙ୍କ ଶୁଦ୍ଧିକ୍ରିୟା ପରେ ବି ଜାମିନ୍ ମିଳୁଛି। ମାତ୍ର ଆମ ପୀଡିତ ପରିବାରକୁ ସାନ୍ତ୍ୱନା ଟିକେ ମିଳିନାହିଁ। ଏହି ମାମଲାର ବିଚାର ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ଏହା କେବେ ସରିବ ଓ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହେବ ତାହା କହିହେବ ନାହିଁ। ବିଧିର ବିଡମ୍ବନା ବିଚିତ୍ର ବୋଲି ସେ କହିଛନ୍ତି । ଭଇଁଷା କଲେଜରେ ପ୍ରଥମେ ପୁଞ୍ଜିଲାଲ ମେହେର ଅଧ୍ୟକ୍ଷ ଥିଲେ। ସେହି କଲେଜକୁ ସୌମ୍ୟ ଶେଖରଙ୍କ ମା' ସଂଯୁକ୍ତା ବଦଳି ହୋଇ ଆସିବା ପରେ ସେ ଅଧ୍ୟକ୍ଷା ହେଲେ । ଏହି ଘଟଣାକୁ ନେଇ ସେ ପ୍ରତିଶୋଧପରାୟଣ ହୋଇ ପାର୍ସଲ ବୋମା ବିସ୍ଫୋରଣ କରିଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି । ତେବେ ଏହି ମାମଲାର ବିଚାର ଆରମ୍ଭ ହୋଇ ନ ଥିବାରୁ ଘଟଣା କେଉଁ ମୋଡ ନେବ ଜଣାପଡିନାହିଁ।

ISPAT
**BALASORE ALLOYS LIMITED**
Registered Office:
Balgopalpur, Balasore, Odisha – 756 020

**PRIME 50 ACRE LAND FOR SALE**

Available for sale freehold land measuring around 50 Acres situated at Mouza-Balgopalpur, Tahasil-Remuna, Balasore, Odisha located next to Balasore's two largest industries. The land is ideal for Industry / Real estate ventures and is well connected to NH-16 & Railway Siding. Single buyer will be preferred.

Interested genuine persons / company can contact **Mr. Tilak Thapa**, General Manager, Security & Administration for further details through mobile no **7381095987** or can communicate at the email **tilak_thapa@balasorealloys.com**

**ଜାତୀୟ ପରୀକ୍ଷଣ ଏଜେନ୍ସି**
ମୂଲ୍ୟାୟନରେ ଉତ୍କର୍ଷତା
ଉଚ୍ଚଶିକ୍ଷା ବିଭାଗ, ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ, ଭାରତ ସରକାର

**ଏନ୍‌ସିଏଚ୍‌ଏମ୍ ଜେଇଇ-୨୦୨୦**
ଜାତୀୟ ହୋଟେଲ ମ୍ୟାନେଜମେଣ୍ଟ ଏବଂ କ୍ୟାଟେରିଂ ଟେକ୍ନୋଲୋଜି ପରିଷଦ
ପର୍ଯ୍ୟଟନ ମନ୍ତ୍ରଣାଳୟ, ଭାରତ ସରକାର

**ଆତିଥ୍ୟ/ହୋଟେଲ ଏବଂ ତତ୍‌ସମ୍ପର୍କିତ ଶିଳ୍ପରେ ସବୁଠାରୁ ଆକର୍ଷଣୀୟ ଗ୍ଲୋବାଲ କ୍ୟାରିୟର୍ ଆପଣଙ୍କ ପ୍ରତୀକ୍ଷାରେ**

ଶୀଘ୍ର
**ଏନ୍‌ସିଏଚ୍‌ଏମ୍ ଜେଇଇ-୨୦୨୦ ଦରଖାସ୍ତ ଫର୍ମ ପୂରଣର ଶେଷ ତାରିଖ ହେଉଛି ତା୨୦।୦୩।୨୦୨୦ରିଖ**

ଭାରତରେ ୭୧ ଗୋଟି ଶୀର୍ଷ ମାନ୍ୟତାପ୍ରାପ୍ତ ଏନ୍‌ସିଏଚ୍‌ଏମ୍ ଅଙ୍ଗୀକୃତ ହୋଟେଲ ମ୍ୟାନେଜମେଣ୍ଟ ଅନୁଷ୍ଠାନ (ଆଇଏଚ୍‌ଏମ୍) – ଆଇଏଚ୍‌ଏମ୍ ପୁସା, ଆଇଏଚ୍‌ଏମ୍ ଲାଜପତ ନଗର, ଆଇଏଚ୍‌ଏମ୍ ମୁମ୍ବାଇ, ଆଇଏଚ୍‌ଏମ୍ କୋଲକାତା, ଆଇଏଚ୍‌ଏମ୍ ଚେନ୍ନାଇ, ଆଇଏଚ୍‌ଏମ୍ ଚଣ୍ଡିଗଡ଼, ଆଇଏଚ୍‌ଏମ୍ ବେଙ୍ଗାଲୁରୁ, ଆଇଏଚ୍‌ଏମ୍ ହାଇଦ୍ରାବାଦ, ଆଇଏଚ୍‌ଏମ୍ ଗୋଆ ଓ ଆହୁରି ଅନ୍ୟାନ୍ୟ ଆଇଏଚ୍‌ଏମ୍‌ରେ ଆତିଥ୍ୟ ଓ ହୋଟେଲ ପ୍ରଶାସନରେ ୩ ବର୍ଷିଆ ଡିଗ୍ରୀ କାର୍ଯ୍ୟକ୍ରମ (ବି.ଏସ୍‌ସି (ଏଚ୍‌ଏଚ୍‌ଏ)ରେ ନାମଲେଖା ପାଇଁ ଆବେଦନ କରନ୍ତୁ । ସମସ୍ତ ଆଇଏଚ୍‌ଏମ୍‌ରେ ନିରାମିଷ ବିକଳ୍ପ ମଧ୍ୟ ଉପଲବ୍ଧ।

ଅନ୍‌ଲାଇନ୍‌ରେ ଆବେଦନ ଦାଖଲ ପାଇଁ, ଲଗ୍ ଇନ୍ କରନ୍ତୁ:
**www.ntanchm.nic.in**

ସର୍ବଭାରତୀୟ ସ୍ତରରେ ଏନ୍‌ସିଏଚ୍‌ଏମ୍-ମିଳିତ ପ୍ରବେଶିକା ପରୀକ୍ଷା ୨୦୨୦ ତାରିଖ ୨୫ ଏପ୍ରିଲ ୨୦୨୦
ଅଧିକ ବିବରଣୀ ଏବଂ ଆଇଏଚ୍‌ଏମ୍‌ଗୁଡ଼ିକର ତାଲିକା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଅର୍ଥାତ୍ www.ntanchm.nic.in ପରିଦର୍ଶନ କରନ୍ତୁ । ଅନୁସନ୍ଧାନ ପାଇଁ କଲ୍ କରନ୍ତୁ: ୧୨୦ ୬୮୯୫୨୦୦
(ଏନ୍‌ସିଏଚ୍‌ଏମ୍‌ର ଅନୁସନ୍ଧାନ ପାଇଁ ନିଃଶୁଳ୍କ ନମ୍ବର: ୧୮୦୦ ୧୮୦ ୩୧୫୧ ରେ କଲ୍ କରନ୍ତୁ (ପୂର୍ବାହ୍ନ ୯ରୁ ଅପରାହ୍ନ ୫.୩୦ ଘଟିକା)
davp 21354/11/0016/1920



ଅନ୍ୟର ଆନୁଗତ୍ୟରେ ରହିଥିବା ଦେଶ ବା ଜାତି କେବେ ବି ଆଗେଇ ପାରିବ ନାହିଁ।
- ନେତାଜୀ ସୁଭାଷ ବୋଷ

## ଏ ସପ୍ତାହର କାର୍ଯ୍ୟକ୍ରମ

**ରବିବାର(୨୩।୨।୨୦୨୦)**

**ଭୁବନେଶ୍ୱର**

- ୟୁଥ୍ ଫର ଭଲ୍ୟୁଣ୍ଟାରୀ ୱାର୍କ ପକ୍ଷରୁ କ୍ରିକେଟ ମ୍ୟାଚ, ପ୍ରଗତି ସ୍ପୋର୍ଟିଂ, ୟୁନିଟ-୬, ସକାଳ ୯ଟା।
- ବିଜେବି କଲେଜର ଆଇଏମ୍‌ବିଏ ବିଭାଗ ପକ୍ଷରୁ ଦିନିକିଆ ଜାତୀୟ ସେମିନାର, ହଲ ନଂ ୧୦୮, ନ୍ୟୁ ଆର୍ଟସ୍ ବ୍ଲକ ବିଲ୍ଡିଂ, ପୂର୍ବାହ୍ନ ୧୦ଟା।
- ରିଜିଓନାଲ ଇନଷ୍ଟିଚ୍ୟୁଟ ଅଫ ଏଜୁକେଶନ ପକ୍ଷରୁ ଅନ୍ତର୍ଜାତୀୟ ସମ୍ମିଳନୀ, ନୂତନ ଅଡିଟୋରିୟମ, କ୍ୟାମ୍ପସ ପରିସର, ସଚିବାଳୟ ମାର୍ଗ, ପୂର୍ବାହ୍ନ ୧୦ଟା।
- ସାପ୍ତାହିକ ଖବରକାଗଜ ପ୍ରବାହର ତ୍ରୟୋଦଶ ସ୍ୱନକ୍ଷତ୍ର ଉତ୍ସବ, ସୂଚନା ଭବନ, ପୂର୍ବାହ୍ନ ୧୦ଟା ୩୦।
- ଅଭିଲେଖ ସପ୍ତାହ ପାଳନ ଉତ୍ସବ, ଓଡ଼ିଶା ରାଜ୍ୟ ଅଭିଲେଖାଗାର, ମଧ୍ୟାହ୍ନ ୧୨ଟା।
- କିଡସ୍ ଡ୍ରିମ ପ୍ଲେ ସ୍କୁଲର ଦ୍ୱିତୀୟ ବାର୍ଷିକ ଉତ୍ସବ, ଗୋପୀନାଥ ଦେବ ହାଇସ୍କୁଲ, ଜିଜିପି କଲୋନୀ, ଅପରାହ୍ନ ୫ଟା।
- ରାଜ୍ୟସ୍ତରୀୟ ହିନ୍ଦୁସ୍ଥାନୀ ସଙ୍ଗୀତ ସମାରୋହ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଶ୍ୱେତ ସଂକେତ ସାରସ୍ୱତ ମଞ୍ଚର ମାସିକ ସାହିତ୍ୟ ଆସର ଓ କବିତା ପାଠୋତ୍ସବ, ରାଜଧାନୀ କଳା ସଂସଦ, ସନ୍ଧ୍ୟା ୬ଟା।
- କଳିଙ୍ଗ ଭାରତୀ ଓ ଉତ୍କଳ ଛାତ୍ର ସାହିତ୍ୟ ସମାଜ ପକ୍ଷରୁ ପୁସ୍ତକ ଉନ୍ମୋଚନ, ବୁଦ୍ଧ ମନ୍ଦିର, ୟୁନିଟ-୯, ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ସମର୍ପଣ-୨୦୨୦, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ବଚପନ ପ୍ଲେ ସ୍କୁଲର ଉଦ୍‌ଘାଟନ ସମାରୋହ, ଶହୀଦ ନଗର, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**

- ଅଷ୍ଟପ୍ରହର ନାମଯଜ୍ଞର ନଗରକୀର୍ତ୍ତନ ମହୋତ୍ସବ, ନଖରାସ୍ଥିତ ଶ୍ରୀଲକ୍ଷେଶ୍ୱର ମହାଦେବ ପୀଠ, ସକାଳ ୮ଟା।
- ବାଦିପାଲା ପରିବେଷଣ, ଶାଳେଶ୍ୱର, ରାତି ୭ଟା।

**ସୋମବାର(୨୪।୨।୨୦୨୦)**

**ଭୁବନେଶ୍ୱର**

- ଇନଷ୍ଟିଚ୍ୟୁଟ ଅଫ୍ ଲାଇଫ୍ ସାଇନ୍ସ ପକ୍ଷରୁ ନ୍ୟାଶନାଲ କନକ୍ଲେଭ, ଆଇଏଲ୍ଏସ୍ ଅଡିଟୋରୟିମ, ନାଲ୍‌କୋ ଛକ, ସକାଳ ୯ଟା ୩୦।
- ଅଭିଲେଖ ସପ୍ତାହ ପାଳନ ଉତ୍ସବ, ଓଡ଼ିଶା ରାଜ୍ୟ ଅଭିଲେଖାଗାର, ମଧ୍ୟାହ୍ନ ୧୨ଟା।।

**ବାଲିଅନ୍ତା**

- ବାଦିପାଲା ପରିବେଷଣ, ଶାଳେଶ୍ୱର, ରାତି ୭ଟା।

**ମଙ୍ଗଳବାର(୨୫।୨।୨୦୨୦)**

**ଭୁବନେଶ୍ୱର**

- ଇନଷ୍ଟିଚ୍ୟୁଟ ଅଫ୍ ଲାଇଫ୍ ସାଇନ୍ସ ପକ୍ଷରୁ ନ୍ୟାଶନାଲ କନକ୍ଲେଭ, ଆଇଏଲ୍ଏସ୍ ଅଡିଟୋରୟିମ, ନାଲ୍‌କୋ ଛକ, ପୂର୍ବାହ୍ନ ୧୦ଟା।

**ବାଲିଅନ୍ତା**

- ବାଦିପାଲା ପରିବେଷଣ, ଶାଳେଶ୍ୱର, ରାତି ୭ଟା।

**ଶୁକ୍ରବାର(୨୮।୨।୨୦୨୦)**

**ଭୁବନେଶ୍ୱର**

- ଭାରତୀୟ ସର୍ବେକ୍ଷଣ ବିଭାଗ ପକ୍ଷରୁ ଜାତୀୟ ବିଜ୍ଞାନ ଦିବସ, ସର୍ବେକ୍ଷଣ ଭବନ, ଜାଭିୟର ଛକ, ଚନ୍ଦ୍ରଶେଖରପୁର, ପୂର୍ବାହ୍ନ ୧୦ଟା ୩୦।

**ଶନିବାର(୨୯।୨।୨୦୨୦)**

**ଭୁବନେଶ୍ୱର**

- ୟୁରୋ କିଡ୍‌ସ ପ୍ରି ସ୍କୁଲର ବାର୍ଷିକ ଉତ୍ସବ, ସୂଚନା ଭବନ, ପୂର୍ବାହ୍ନ ୧୦ଟା ୩୦।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନ ଦେଲା ରଣ**
**ପିତା ଡୁଉଣ, ଝିଅ ମରଣ**
**ଆଗେ ଅବିଗୁଣ, ପଛକୁ ଗୁଣ ।**

ଉପରୋକ୍ତ ବର୍ଣ୍ଣିତ ଅବସ୍ଥା ଭୁକ୍ତଭୋଗୀ ବ୍ୟକ୍ତି ପକ୍ଷେ ସହ୍ୟ କରିବା ଅତୀବ କଷ୍ଟକର ବା ଦୁଃଖଦାୟୀ ହୋଇଥାଏ। ପରନ୍ତୁ ଏହା ପଛରେ ଲୁଚି ରହିଥିବା ପ୍ରକୃତ ବାସ୍ତବତା ପରିଶେଷରେ ଉକ୍ତ ବ୍ୟକ୍ତି ଲାଗି ହିତକର ସାବ୍ୟସ୍ତ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିଜେ ରାନ୍ଧି ନିଜେ ଖାଏ**
**ପରଶଂସା କରୁଥାଏ ।**

ନିଜେ ରାନ୍ଧି ନିଜେ ଖାଇ ସୁଆଦିଆ ଲାଗୁଥିବା କହିବାରେ କୌଣସି ଯଥାର୍ଥତା ରହି ନ ଥାଏ। ସାଧାରଣତଃ ସଭିଏଁ ନିଜକୁ ଭଲ ବୋଲି ଦେଖେଇ ହୁଅନ୍ତି ବା କହି ହୁଅନ୍ତି। କିନ୍ତୁ ପ୍ରକୃତରେ ସିଏ ହିଁ ଭଲ ଯାହାକୁ ସମସ୍ତେ କହିଥାନ୍ତି। ନିଜ ମୁହଁରେ ନିଜର ପ୍ରଶଂସା କରିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ରାଜଧାନୀରେ ଆଉ ଏକ ଲଜ୍ଜା
# ଦୁଇ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର

**ଭୁବନେଶ୍ୱର,୨୧।୨(ବ୍ୟୁରୋ):** ରାଜଧାନୀରେ ଆଉଏକ ଲଜ୍ଜା। ପୁଣି ବଳାତ୍କାରର ଶିକାର ହୋଇଛନ୍ତି ଜଣେ ୨ବର୍ଷର ଶିଶୁକନ୍ୟା। ଖଣ୍ଡଗିରି ଅଞ୍ଚଳରେ ଘଟିଥିବା ଏହି ସ୍ପର୍ଶକାତର ଘଟଣାକୁ ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ କେସ୍ ନଂ.୧୩୧/୨୦, ଦଫା ୩୭୬ ଓ ପୋକ୍‌ସୋ ଆକ୍ଟ-୬ ଲଗାଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଗଞ୍ଜାମ ଜିଲା ଛତ୍ରପୁର ଅଞ୍ଚଳର ରମେଶ ଦାଶ(୪୦)। ଅଭିଯୋଗ ଅନୁଯାୟୀ, ଶିଶୁ କନ୍ୟା ଜଣକ ଖଣ୍ଡଗିରି ଥାନା ଅଞ୍ଚଳରେ ପରିବାର ସହ ରୁହନ୍ତି। ଅଭିଯୁକ୍ତ ରମେଶ ମଧ ସେହି ଅଞ୍ଚଳରେ ବିବାହ କରି ସ୍ତ୍ରୀଙ୍କ ସହ ରହୁଛନ୍ତି। ସବୁଦିନ ପରି ଗତ ୨୦ ତାରିଖ ଦିନ ପ୍ରାୟ ୧୨ଟାରେ ଶିଶୁ କନ୍ୟାଟି ଘର ଆଗରେ ଖେଳୁଥିଲେ। ଅଭିଯୁକ୍ତ ରମେଶ ତାଙ୍କୁ ଚକୋଲେଟ ଦେବା ବାହାନାରେ ଘର ନିକଟ ଏକ ନିଛାଟିଆ ସ୍ଥାନକୁ ଡାକିନେଇ ବଳାତ୍କାର କରିଥିଲେ। ଶିଶୁଟି ଚିତ୍କାର କରିବାରୁ ଅଭିଯୁକ୍ତ ରମେଶ ଧରାପଡିଯିବା ଭୟରେ ତାଙ୍କୁ ଛାଡି ପଳାଇଥିଲେ। ପରିବାର ଲୋକେ ଶିଶୁକନ୍ୟାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଅନ୍ୟପକ୍ଷରେ ଅଭିଯୁକ୍ତ ରମେଶଙ୍କୁ ଡାକ୍ତରୀ ମାଇନା ପରେ କୋର୍ଟ ଚାଲାଣ କରାଯାଇଥିବା ଥାନା ସୂତ୍ରରୁ ସୂଚନା ମିଳିଛି।

# ଗାଡ଼ି ଧକ୍କାରେ ଯୁବକ ମୃତ

**ନିମାପଡ଼ା,୨୨।୨(ଡି.ଏନ୍.ଏ.):** ନିମାପଡ଼ା-ଚାରିଛକ ରାସ୍ତାର ସାଇଲୋ-ଆମ୍ପୋର ଛକ ନିକଟ ଏକ ଇଟା ଫାକ୍ଟ୍ରି ନିକଟରେ ଶନିବାର ଭୋରରେ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ତେବେ ମୃତ ଯୁବକଙ୍କ ପରିଚୟ ମିଳିପାରି ନାହିଁ। ଖବରପାଇ ଚାରିଛକ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଚାରିଛକ ଡାକ୍ତରଖାନାକୁ ପଠାଇଛି। ମୃତ ଯୁବକଙ୍କ ବୟସ ଆନୁମାନିକ ୨୮ବର୍ଷ ହେହାଇଥିବା ବେଳେ ଚିହ୍ନଟ ପାଇଁ ବ୍ୟବଚ୍ଛେଦ କେନ୍ଦ୍ରରେ ୭୨ଘଣ୍ଟା ରଖାଯିବ ବୋଲି ପୋଲିସ କହିଛି। ଏ ସମ୍ପର୍କରେ ଗ୍ରାମରକ୍ଷୀ କନ୍ତିଲୋ ଗ୍ରାମର ଟୁକୁନା ମଲ୍ଲିକଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୪୬/୨୦)ରୁଜୁ କରିଛି। ଇଟା ଫାକ୍ଟ୍ରିରେ ଲାଗିଥିବା ସିସିକ୍ୟାମେରା ଫୁଟେଜକୁ ଆଧାରକରି ପୋଲିସ ତଦନ୍ତ ଚଳାଇଛି।

# ଅବସରପ୍ରାପ୍ତ ପୋଲିସ ଅଧିକାରୀଙ୍କ ପରଲୋକ

**କଟକ ରୋଡ,୨୨।୨(ଡି.ଏନ୍.ଏ.):** ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଶନିବାର ଜଣେ ଅବସରପ୍ରାପ୍ତ ପୋଲିସ ଅଧିକାରୀଙ୍କ ପରଲୋକ ଘଟିଛି। ସେ ହେଲେ ପୁରୀ ଜିଲା ସତ୍ୟବାଦୀ ଥାନା ସାକ୍ଷୀଗୋପାଳ ସେବକ ସାହିର ଜଗନ୍ନାଥ ନନ୍ଦ(୬୯)। ପୋଲିସ ସୂଚନା ଅନୁଯାୟୀ, ଜଗନ୍ନାଥ ପୂର୍ବରୁ ଲକ୍ଷ୍ମୀସାଗର ଥାନା ଏଏସ୍ଆଇ ଥିବା ବେଳେ ପଦୋନ୍ନତି ପାଇ ଅବସର ନେବା ପରେ ଲକ୍ଷ୍ମୀସାଗର ଅଞ୍ଚଳରେ ରହୁଥିଲେ। ଶନିବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ସେ ଝାରପଡ଼ା ଗଣେଶ ମଣ୍ଡପ ଛକରେ ହାଟକୁ ଆସିଥିବା ବେଳେ ହଠାତ୍ ତଳେ ପଡିଯାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ଝାରପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହୃଦ୍‌ଘାତରେ ଜଗନ୍ନାଥଙ୍କ ମୃତ୍ୟୁ ଘଟିଥାଇପାରେ ବୋଲି ଥାନା ଅଧିକାରୀ ଦୟାନିଧି ନାୟକ କହିଛନ୍ତି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୦/୨୦)ରୁଜୁ ହୋଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ୨ଲକ୍ଷ ଟଙ୍କାର ଜାଲ୍ ଇ-ରେଳ ଟିକେଟ ଜବତ



**ଖଡ଼ଗପୁରରୁ ଗିରଫ ହେଲେ ଦଲାଲ**

### କିଭଳି ଧରାପଡ଼ିଲେ

ଭୁବନେଶ୍ୱରର ଜଣେ ଯାତ୍ରୀ ଅନ୍‌ଲାଇନରେ ପୀୟୂଷଙ୍କଠାରୁ ଟିକେଟ କିଣି ନିଜର ଗନ୍ତବ୍ୟ ସ୍ଥଳକୁ ଯାଉଥିଲେ। ଭୁବନେଶ୍ୱର ଷ୍ଟେଶନରେ ଜଣେ ଆର୍‌ପିଏଫ୍ କର୍ମଚାରୀ ଏହି ଟିକେଟ ଦେଖିବା ପରେ ତାଙ୍କ ଆଇଡିରୁ ତାହା କରାଯାଇ ନ ଥିବା ଜାଣିବା ପରେ ସନ୍ଦେହ ହୋଇଥିଲା। ଉକ୍ତ ବ୍ୟକ୍ତିଙ୍କୁ ପଚରାଉଚରା କରିବା ପରେ ଦଲାଲଙ୍କ ନାମ ପଦାକୁ ଆସିଥିଲା। ଆର୍‌ପିଏଫ ପୋଲିସ ଖଡ଼ଗପୁରରେ ଚଢାଉ କରି ପୀୟୂଷଙ୍କୁ ଗିରଫ କରିଥିଲେ।

### ଘରେ ବସି କରୁଥିଲେ ଇ-ଟିକେଟ

ପୀୟୂଷ ଘରେ ବସି ବିଭିନ୍ନ ଲୋକଙ୍କ ନାଁରେ ଜାଲ୍ ଆଇଡି ପ୍ରସ୍ତୁତ କରି ତତ୍କାଳ ଓ ସଂରକ୍ଷଣ ରେଳ ଟିକେଟ ବୁକ୍ କରୁଥିଲେ। ଉକ୍ତ ଟିକେଟକୁ ସେ ଅଧିକ ଦାମ୍‌ରେ ଅନ୍‌ଲାଇନରେ ଲୋକଙ୍କୁ ବିକ୍ରି କରୁଥିଲେ। ଲୋକେ ଜରୁରୀ ସମୟରେ ଏପରି ଦଲାଲଙ୍କ ସହାୟତା ନେଇ ଟିକେଟ କିଣି ଯାତ୍ରା କରୁଥିଲେ। ଏହା ବେଆଇନ ହୋଇଥିବାରୁ ରେଲ୍‌ୱେ କର୍ତ୍ତୃପକ୍ଷ ଗୁରୁତ୍ୱର ସହ ନେଇ ପଦକ୍ଷେପ ନେବାକୁ ଆର୍‌ପିଏଫ୍‌କୁ ନିର୍ଦ୍ଦେଶ ଦେଇଥିଲେ।

**ଭୁବନେଶ୍ୱର,୨୨।୨(ବ୍ୟୁରେ)**

ରାଜଧାନୀରେ ଇ-ରେଳ ଟିକେଟ ଜାଲିଆତି ର୍‍ୟାକେଟ। ଇତିମଧ୍ୟରେ ରେଳ ସୁରକ୍ଷା ବଳ (ଆର୍‌ପିଏଫ୍) ବିଭିନ୍ନ ସମୟରେ ଚଢ଼ାଉ କରି ବହୁ ଦଲାଲଙ୍କୁ ଗିରଫ କରିବା ସହ ତଦନ୍ତ ଚଳାଇଥିବାବେଳେ ଦେଶର ବିଭିନ୍ନ ସହରରେ ଏପରି ର୍‍ୟାକେଟ ଚାଲିଥିବା ଜାଣିବାକୁ ପାଇଛି। ନିକଟରେ ଧରାପଡିଥିବା ଦଲାଲଙ୍କଠାରୁ ଆର୍‌ପିଏଫ୍ ବିକ୍ରି ହୋଇସାରିଥିବା ବିପୁଳ ଜାଲ୍ ଇ-ରେଳ ଟିକେଟ ଜବତ କରିଥିଲା। ସେଥିମଧ୍ୟରୁ କେତେକ ଟିକେଟରେ ଯାତ୍ରା ହୋଇଥିବାବେଳେ ଆଉ କେତେକ ବାକି ଥିଲା। ଏହାକୁ ଧରି ଆର୍‌ପିଏଫ୍ ତା'ର ତଦନ୍ତକୁ ଆଗକୁ ବଢ଼ାଇଥିବାବେଳେ ଶନିବାର ପଶ୍ଚିମବଙ୍ଗର ଖଡ଼ଗପୁରରୁ ଆଉଜଣେ ଦଲାଲଙ୍କୁ ଗିରଫ କରିଛି। ସେ ହେଲେ ପୀୟୂଷ ରାଣା। ତାଙ୍କ ନିକଟରୁ ୨ଲକ୍ଷ ଟଙ୍କାର ଇ- ରେଳ ଟିକେଟକୁ ଜବତ କରାଯାଇ ଅଧିକ ତଦନ୍ତ ଜାରି ରହିଥିବା ଆର୍‌ପିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି।

# ମାନବିକତା ଦେଖାଇଲେ ଆର୍‌ପିଏଫ୍ କନଷ୍ଟେବଲ

**ଭୁବନେଶ୍ୱର,୨୨।୨(ବ୍ୟୁରୋ)**

- **କଲୋନେଲଙ୍କ ସ୍ତ୍ରୀଙ୍କୁ ଫେରାଇଲେ ୨୦ ହଜାର ଟଙ୍କା, ସୁନା ଗହଣା**
- **କୋଣାର୍କ ଏକ୍ସପ୍ରେସ୍‌ରେ ଛାଡ଼ି ଯାଇଥିଲେ**

ଟ୍ରେନ୍‌ରୁ ବିପୁଳ ଟଙ୍କା ଓ ସୁନା ଗହଣା ପାଇଥିଲେ ମଧ ଲୋଭ ତାଙ୍କୁ କରାୟତ୍ତ କରିପାରି ନ ଥିଲା। ମାନବିକତା ଆଗରେ ଲୋଭ ହାର୍ ମାନିଥିଲା। ତାହାକୁ ଫେରାଇ ସଚ୍ଚୋଟତା ଦେଖାଇଛନ୍ତି ଭୁବନେଶ୍ୱରର ଆର୍‌ପିଏଫ୍ କନ୍‌ଷ୍ଟେବଲ ବୁଲୁ ମୁଦୁଲି। ସେ ଶନିବାର ଅପରାହ୍ନରେ କୋଣାର୍କ ଏକ୍ସପ୍ରେସ୍‌ରେ ଡ୍ୟୁଟି କରୁଥିଲେ। ଏହି ସମୟରେ ଟ୍ରେନ୍‌ର ଏକ ସିଟ୍ ଉପରେ ପର୍ସ ପଡ଼ିଥିବା ଦେଖିବାକୁ ପାଇଥିଲେ। କିଛି ସମୟ ଜଗି ରହିବା ପରେ କେହି ନ ନେବାରୁ ସେ ତାହାକୁ ଖୋଲିଥିଲେ। ସେଥିରେ ୨୦ହଜାର ଟଙ୍କା ଓ ସୁନା ଗହଣା ଥିଲା। ଏହାସହ ସେଥିରେ ମଧ କିଛି କାଗଜପତ୍ର ରହିଥିଲା। କନ୍‌ଷ୍ଟେବଲ ବୁଲୁ ଟ୍ରେନରେ ବସିଥିବା ଯାତ୍ରୀଙ୍କୁ ପଚାରିଥିଲେ ମଧ ପର୍ସ କାହାର ଜଣାପଡି ନ ଥିଲା। କେହି ଯାତ୍ରୀ ଛାଡ଼ିଯାଇଥିବା ଭାବି ଉକ୍ତ ପର୍ସଟିକୁ ତାଙ୍କର ଉଚ୍ଚ ଅଧିକାରୀଙ୍କୁ ଦେଇଥିଲେ। ଅଧିକାରୀମାନେ କାଗଜପତ୍ର ଯାଞ୍ଚ ପରେ ପର୍ସଟି ଜଣେ କଲୋନେଲଙ୍କ ସ୍ତ୍ରୀଙ୍କର ବୋଲି ଜଣାପଡିଥିଲା। ଏହାପରେ ତାଙ୍କ ସହ ଯୋଗାଯୋଗ କରାଯାଇ ପର୍ସ ସହ ସେଥିରେ ଥିବା ଟଙ୍କା, ସୁନାଗହଣା ଓ କାଗଜପତ୍ର ଫେରାଇ ଦିଆଯାଇଥିଲା। ସୂଚନାଯୋଗ୍ୟ, ମହିଳା ଜଣକ ଭୁବନେଶ୍ୱରରୁ ଅପରାହ୍ନ ପ୍ରାୟ ୩ଟା ୩୦ରେ କୋଣାର୍କ ଏକ୍ସପ୍ରେସ୍‌ରେ ବ୍ରହ୍ମପୁର ଯାଇଥିଲେ। ସେଠାରେ ଓହ୍ଲାଇବାବେଳେ ଅଜାଣତରେ ବସିଥିବା ସିଟ୍ ଉପରେ ପର୍ସ ଛାଡ଼ି ଚାଲିଯାଇଥିଲେ। ତେବେ କନ୍‌ଷ୍ଟେବଲ ବୁଲୁଙ୍କର ଏଭଳି କାର୍ଯ୍ୟ ପାଇଁ ତାଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଉଛି।



ପୁରୀଠାରେ ବ୍ଲୁ ଫ୍ଲାଗ୍ ବିଚ୍ ଲାଗି ତିଆରି ହୋଇଥିବା ବ୍ୟାରିକେଡ ସମୁଦ୍ର ଢେଉ ମାଡ଼ରେ ଭାଙ୍ଗିଯାଇଛି।

# ରୁଚି ଓଡ଼ିଆ ଫିଲ୍ମ ଫେୟାର ସମ୍ମାନ ସମାରୋହ ୫ରେ

**ଭୁବନେଶ୍ୱର, ୨୨।୨(ବ୍ୟୁରୋ)**

ହ୍ୱାଇଟ୍ କାନ୍‌ଭାସ୍ ଆନୁକୂଲ୍ୟରେ ଓଫା ଫାଉଣ୍ଡେଶନ ସହଯୋଗରେ ୧୦ମ ରୁଚି ଓଡ଼ିଆ ଫିଲ୍ମ ଫେୟାର ଆୱାର୍ଡସ ମାର୍ଚ୍ଚ ୧୫ରେ ଭୁବନେଶ୍ୱର ଜନତା ମଇଦାନଠାରେ ଅନୁଷ୍ଠିତ ହେବ। ୨୦୧୦ରୁ ହୋଇଆସୁଥିବା ଏହି ସମ୍ମାନଜନକ ଚଳଚ୍ଚିତ୍ର ପୁରସ୍କାର ଉତ୍ସବକୁ ଚଳିତବର୍ଷ ସ୍ୱତନ୍ତ୍ର ଭାବେ ଆୟୋଜନ କରାଯିବ। ଏଥିରେ ୨୫ଟି ବିଭାଗରେ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଜଣେ ବର୍ଷୀୟାନ କଳାକାରଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯିବ। ଏତଦ୍ ବ୍ୟତୀତ ଚଳଚ୍ଚିତ୍ର ସହ ସଂଶ୍ଳିଷ୍ଟ ସ୍ୱତ୍ୱୟ, ମେକଅପ୍ ମ୍ୟାନ୍‌ଙ୍କୁ ମଧ ପୁରସ୍କୃତ କରାଯିବ। ବିଗତବର୍ଷଗୁଡ଼ିକରେ ଏହି ସମାରୋହରେ ବଲିଉଡ୍ ଅଭିନେତ୍ରୀ ରବିନା ଟଣ୍ଡନ, ଉର୍ମିଳା ମାଟୋଣ୍ଡକର, ଅଭିନେତା ରାଜ୍‌ପାଲ ଯାଦବ, ଜନିଲିଭର ପ୍ରମୁଖ ଯୋଗଦେଇଥିବାବେଳେ ଚଳିତ ବର୍ଷ ମଧ ଜଣେ ବଲିଉଡ୍ କଳାକାର ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଓଲିଓଡ଼ର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ ବୋଲି ଓଫା ଅଧକ୍ଷ ଉଲ୍ଲାସ ଚନ୍ଦ୍ର ବେହୁରା ଓ ଉପାଧକ୍ଷ ସ୍ମୃତି ଶିକ୍ତ ସାମନ୍ତରାୟ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି।

# 'ଓଡ଼ିଆଙ୍କ ମଧରେ ସ୍ୱାଭିମାନ କ୍ଷୁଣ୍ଣ ଶୁଭ ସୂଚନା ନୁହେଁ'

**ଭୁବନେଶ୍ୱର, ୨୨।୨(ବ୍ୟୁରୋ)**

ମାତୃଭାଷା ଗୋଟିଏ ଜାତିର ପରିଚୟ। ଏହା ନିଜ ଭିତରେ ସ୍ୱାଭିମାନ ସୃଷ୍ଟି କରିବା ସହ ସମାଜକୁ ସମୃଦ୍ଧ କରିଥାଏ। ତେଣୁ ମାତୃଭାଷାର ସୁରକ୍ଷା ଓ ବ୍ୟବହାର ପ୍ରତି ସମସ୍ତେ ସଚେତନ ହେବା ଉଚିତ। କିନ୍ତୁ ଦୁର୍ଭାଗ୍ୟର କଥା ଓଡ଼ିଆ ଭାଷା କ୍ରମଶଃ ଅସୁରକ୍ଷିତ ହେବା ସହ ଏହାର ବ୍ୟବହାର କମିକମି ଯାଉଛି। ଫଳରେ ଓଡ଼ିଆଙ୍କ ମଧରେ ସ୍ୱାଭିମାନ କ୍ଷୁଣ୍ଣ ହୋଇଚାଲିଛି। ଏହା ଆଦୌ ଶୁଭ ସୂଚନା ନୁହେଁ। କିନ୍ତୁ ପୂର୍ବତନ ରାଜ୍ୟ ସଭା ସଦସ୍ୟ ସ୍ୱର୍ଗତ ବୈଷ୍ଣବ ପରିଡ଼ା ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଯେଉଁ ଦୁର୍ବାର ଆନ୍ଦୋଳନ ଗଢ଼ିତୋଳିଥିଲେ ତାହା ଓଡ଼ିଆଙ୍କ ଜାତୀୟ ଚେତନା ବୃଦ୍ଧି କରିବା ସହ ଭାଷାର ସୁରକ୍ଷା ଓ ବ୍ୟବହାର ନେଇ ସଚେତନ କରାଇପାରିଥିଲା। ସ୍ୱର୍ଗତ ପରିଡ଼ାଙ୍କ ତ୍ୟାଗପୂତ ଜୀବନ ଓ ଭାଷା ଆନ୍ଦୋଳନ ତାଙ୍କୁ ସବୁଦିନ ପାଇଁ ମନେରଖିଥିବ ବୋଲି ଶନିବାର ସୂଚନା ଭବନଠାରେ ଅନୁଷ୍ଠିତ ବୈଷ୍ଣବ ପରିଡ଼ାଙ୍କ ୭୯ତମ ଜୟନ୍ତୀ ସମାରୋହରେ ମତପ୍ରକାଶ ପାଇଛି। ସମାରୋହରେ ଅତିଥିମାନେ ସ୍ୱର୍ଗତ ପରିଡ଼ାଙ୍କୁ ସ୍ମରଣ କରିବା ସହ ଜଣେ ବିଶିଷ୍ଟ ରାଜନେତା, ସୁସାହିତ୍ୟିକ ଓ ଭାଷା ସୁରକ୍ଷା ଆନ୍ଦୋଳନର କର୍ଣ୍ଣଧାର ଭାବେ ବର୍ଣ୍ଣନା କରିଥିଲେ।




ସମାରୋହରେ ମଞ୍ଚାସୀନ ଅତିଥିମାନେ।

### ବୈଷ୍ଣବ ପରିଡ଼ାଙ୍କ ୭୯ତମ ଜୟନ୍ତୀ ସମାରୋହ

ବରିଷ୍ଠ ଖବରଦାତା ରବି ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସମାଜବାଦୀ ଚିନ୍ତକ ପ୍ରଫେସର ଆନନ୍ଦ କୁମାର, ସମ୍ମାନିତ ଅତିଥି ଭାବେ ପୂର୍ବତନ ଏମ୍‌ପି ଶିବାଜୀ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ପୂର୍ବତନ ଏମ୍‌ପି ଖାରବେଳ ସ୍ୱାଇଁ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ବରିଷ୍ଠ ସାହିତ୍ୟିକ ସାତକଡ଼ି ହୋତା ଓ ବିଶିଷ୍ଟ ଭାଷାବିତ୍ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ ଯୋଗଦେଇଥିଲେ। ସେମାନେ ସ୍ୱର୍ଗତ ପରିଡ଼ାଙ୍କର ସ୍ମୃତିଚାରଣ କରି କହିଲେ, ବିଭିନ୍ନ ପ୍ରସଙ୍ଗକୁ ନେଇ ବୈଷ୍ଣବ ଚରଣ ପରିଡ଼ା ଜୀବନବ୍ୟାପୀ ଆନ୍ଦୋଳନ କରିଆସୁଥିଲେ। ଭାଷା ସୁରକ୍ଷା ଆନ୍ଦୋଳନ ତାଙ୍କର ଶେଷ ସର୍ବଶ୍ରେଷ୍ଠ ଆନ୍ଦୋଳନ ଥିଲା। ଏଥିସହ ତାଙ୍କର ସାହିତ୍ୟେ ଜୀବନ ରାଜନୈତିକ ଜୀବନକୁ ସମୃଦ୍ଧ କରିଥିଲା, ଯାହା ତାଙ୍କୁ ଜଣେ ସ୍ୱତନ୍ତ୍ର ରାଜନେତାର ସମ୍ମାନ ପ୍ରଦାନ କରିଥିଲା। ସାହିତ୍ୟିକ ଡ. ବାସୁଦେବ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ. ମାନସ ବେହେରା ଅତିଥିଙ୍କୁ ଆମନ୍ତ୍ରଣ କରିଥିବାବେଳେ ମହେଶ୍ୱର ଦାସ ଧନ୍ୟବାଦ ଦେଇଥିଲେ।

# ଓଭରଟେକ୍‌ବେଳେ ଚାଲିଗଲା ବାଇକ ଚାଳକଙ୍କ ଜୀବନ

**ଭୁବନେଶ୍ୱର,୨୨।୨(ବ୍ୟୁରୋ)**

### ବ୍ଲାକ୍ ସ୍ପଟ୍‌ରେ ପୁଣି ଦୁର୍ଘଟଣା

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପଳାଶୁଣୀ ହାଟ ନିକଟରେ ଘଟିଛି ଆଉ ଏକ ଦୁର୍ଘଟଣା। ଉକ୍ତ ସ୍ଥାନକୁ ବ୍ଲାକ୍ ସ୍ପଟ୍ ଭାବେ ଘୋଷଣା କରାଯାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଶନିବାର ଆଉ ଏକ ଜୀବନ ଯାଇଛି। ଏକ ଟ୍ରକ୍‌କୁ ଓଭରଟେକ୍ କରିବା ଜଣେ ବାଇକ୍ ଚାଳକଙ୍କ ପାଇଁ କାଳ ହୋଇଛି। ଟ୍ରକ୍ ପାର୍ଶ୍ୱରେ ଧକ୍କା ଲାଗି ପଛଚକା ତଳକୁ ଚାଲିଯିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଛି। ମୃତ ବାଇକ ଚାଳକ ହେଲେ ଯାଜପୁର ଜିଲା ବଡ଼ଗୀତ ଗାଁର ନୀହାର ରଞ୍ଜନ ସାହୁ(୨୨)। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଡ୍ରାଇଭର ଫେରାର ହୋଇଯାଇଥିବାରୁ ପୋଲିସ ଟ୍ରକ ଜବତ କରି ତଦନ୍ତ ଚଳାଇଛି।

ପୋଲିସ ସୂଚନା ଅନୁଯାୟୀ, ନୀହାରଙ୍କ ଘର ଯାଜପୁର ଜିଲାରେ ହୋଇଥିବାବେଳେ ସେ ପଟିଆସ୍ଥିତ ଏକ ଘରୋଇ ସଂସ୍ଥାରେ ଚାକିରି କରନ୍ତି। ଶନିବାର ସକାଳୁ ସେ ନିଜ ବାଇକ୍‌ରେ ଘରୁ ବାହାରି ଭୁବନେଶ୍ୱର ଫେରୁଥିଲେ। ସକାଳ ପ୍ରାୟ ୯ଟାରେ ପଳାଶୁଣି ହାଟ ନିକଟରେ ଯାଉଥିବା ଏକ ଟ୍ରକ୍‌କୁ ନୀହାର ଓଭରଟେକ୍ କରିବା ସମୟରେ ଟ୍ରକ୍‌ର ପଛପାର୍ଶ୍ୱ ତାଙ୍କ ବାଇକ୍‌ର ଲାଗିଯାଇ ଟାଣି ନେଇଥିଲା। ଫଳରେ ନୀହାର ଖସି ପଡ଼ି ଟ୍ରକ୍ ତଳକୁ ଚାଲିଯାଇଥିଲେ ଓ ପଛ ଚକ ତାଙ୍କ ଉପରେ ଚାଲିଯିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ଦୁର୍ଘଟଣା ପରେ କିଛି ସମୟ ଉତ୍ତେଜନା ଦେଖିବାକୁ ମିଳିଥିଲା। ମଞ୍ଚେଶ୍ୱର ଥାନା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇ ଦେଇଛି।

# ଆରମ୍ଭ ହେଲା ବିଶ୍ୱ ସବୁଜ ମହାସଂଗ୍ରାମ



**କଟକ ଅଫିସ, ୨୨।୨**

### ଏପ୍ରିଲ ୧ରେ ସାମିଲ ହେବେ ଏକ ଲକ୍ଷ ଗ୍ରୀନ୍ ଆର୍ମି
### ଜୁଲାଇ ୧ରେ ରାଜ୍ୟରେ ୧ଲକ୍ଷ ଚାରାରୋପଣ

ବିଶ୍ୱକୁ ସବୁଜ କରିବା ପାଇଁ ସବୁ ବର୍ଗର ଲୋକଙ୍କୁ ନେଇ କଟକରୁ ଆରମ୍ଭ ହୋଇଛି ବିଶ୍ୱ ସବୁଜ ମହାସଂଗ୍ରାମ। ପ୍ରେରଣା ଇଣ୍ଟରନ୍ୟାଶନାଲ ଗ୍ରୀନ ଆର୍ମି ପକ୍ଷରୁ ଶନିବାର ବାରବାଟୀ ଷ୍ଟାଡିୟମଠାରୁ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଏହି ଅବସରରେ ବିଶ୍ୱକୁ ସବୁଜ କରିବା ବାର୍ତ୍ତା ନେଇ ଷ୍ଟାଡିୟମଠାରୁ ବକ୍ସିବଜାର ଛକ ପର୍ଯ୍ୟନ୍ତ ଏକ ପଦଯାତ୍ରା କରାଯାଇଥିଲା। ଏଥିରେ ପ୍ରାୟ ୧୦୦୦ରୁ ଅଧିକ ବ୍ୟକ୍ତି ସାମିଲ ହୋଇଥିଲେ। ଏହା ପରେ ଷ୍ଟାଡିୟମରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଙ୍ଗଠନର କମାଣ୍ଡର ଇନ ଚିଫ୍ ଡ. ଦିଲୀପ ଶ୍ରୀଚନ୍ଦନ ସଭାପତିତ୍ୱ କରିଥିଲେ। ସେ କହିଥିଲେ ଯେ, ବିଶ୍ୱ ସମ୍ମୁଖରେ ଜଳବାୟୁ ପରିବର୍ତ୍ତନ, ବିଶ୍ୱତାପନ ବୃଦ୍ଧି, ପରିବେଶ ପ୍ରଦୂଷଣ, ସାମୁଦ୍ରିକ ଝଡ ଆଦି ମହାସଙ୍କଟ ଭାବେ ଦେଖାଦେଇଛି। ଏହାର ପ୍ରଭାବରେ ପୃଥିବୀ ପୃଷ୍ଠରେ ବହୁ ଜୀବଜନ୍ତୁ ଲୋପ ପାଇଗଲେଣି। ଏହା ସହିତ ଗଛ, ଜଙ୍ଗଲ ହ୍ରାସ ପାଉଛି। ତେଣୁ ବିଶ୍ୱକୁ ସବୁଜ ସୁନ୍ଦର କରିବା ପାଇଁ ଏହି କାର୍ଯ୍ୟକ୍ରମରେ ସାମିଲ ହେବା ଲାଗି ସେ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଗୋଟିଏ ବର୍ଷରେ ଦେଶରେ ୧କୋଟି ଅଧିକ ଚାରାରୋପଣ କରିବା। ଏଥିସହିତ ଆସନ୍ତା ଏପ୍ରିଲ ୧ରେ ପ୍ରାୟ ଏକ ଲକ୍ଷ ଗ୍ରୀନ ଆର୍ମିଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯିବ। ଜୁଲାଇ ୧ରେ ରାଜ୍ୟରେ ୧ଲକ୍ଷ ଚାରାରୋପଣ କରାଯିବ ବୋଲି ସଙ୍ଗଠନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି କାର୍ଯ୍ୟକ୍ରମରେ କଟକ ବାରବାଟୀ ବିଧାୟକ ଇଂ. ମହମ୍ମଦ ମୋକିମ, ଚଳଚ୍ଚିତ୍ର ଅଭିନେତା କୁନା ତ୍ରିପାଠୀ, ପ୍ରକାଶ ଶ୍ରୀଚନ୍ଦନ, ଅଶୋକ ସୁନ୍ଦରରାୟ, ସିନେ ଅଭିନେତା ଶ୍ରୀତମ ଦାସ, ସଙ୍ଗଠନର ସଂଯୋଜକ ସହଦେବ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



ଭାରତରେ ଉଗ୍ରବାଦ ଓ ସମ୍ପୂର୍ଣ୍ଣ ଭାବାବେଗ ବିଚାରଧାରା ସୃଷ୍ଟି ଲାଗି ଜାତୀୟତାବାଦ ଏବଂ 'ଭାରତ ମାତା କି ଜୟ୍' ସ୍ଲୋଗାନର ଅପବ୍ୟବହାର କରାଯାଉଛି।

-ମନମୋହନ ସିଂ, ପୂର୍ବତନ ପ୍ରଧାନମନ୍ତ୍ରୀ



# 'ଆଇନକୁ ମାନନ୍ତୁ ନାଗରିକ'

ନୂଆଦିଲ୍ଲୀ,୨୨।୨(ପି.ଟି.)



ସିଜେଆଇ ଜଷ୍ଟିସ୍ ଏସ୍.ଏ.ବୋବ୍‌ଡେଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

## ଅନ୍ତର୍ଜାତୀୟ ବିଚାରପତି ସମ୍ମିଳନୀ

- ଆତଙ୍କବାଦ ଭଳି ସମସ୍ୟାର ସମାଧାନ ଦିଗରେ ନ୍ୟାୟପାଳିକା କାର୍ଯ୍ୟ କରୁ: ଜଷ୍ଟିସ୍ ରମନା
- ବିକାଶ ଓ ପରିବେଶ ସୁରକ୍ଷା ମଧ୍ୟରେ ସନ୍ତୁଳନ ଆଣିଛି ଭାରତୀୟ ବିଚାର ବ୍ୟବସ୍ଥା: ପ୍ରଧାନମନ୍ତ୍ରୀ

ଆଇନର ଶାସନ ଆଧୁନିକ ସମ୍ବିଧାନର ମୌଳିକ ବୈଶିଷ୍ଟ୍ୟ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେ କହିଛନ୍ତି। ଶନିବାର ସୁପ୍ରିମକୋର୍ଟରେ ଅନୁଷ୍ଠିତ ଅନ୍ତର୍ଜାତୀୟ ବିଚାରପତି ସମ୍ମିଳନୀରେ 'ନ୍ୟାୟପାଳିକା ଓ ପରିବର୍ତ୍ତିତ ବିଶ୍ୱ' ଶୀର୍ଷକ ଉପରେ ଉଦ୍‌ବୋଧନ ଦେଇ ସିଜେଆଇ କହିଥିଲେ, ନାଗରିକମାନେ ସେମାନଙ୍କ ଆଇନଗତ କର୍ତ୍ତବ୍ୟ ନିଭାଇବା ଆବଶ୍ୟକ। ଅତ୍ୟାଧୁନିକ ସମ୍ବିଧାନର ଅତ୍ୟନ୍ତ ମୌଳିକ ବୈଶିଷ୍ଟ୍ୟ ହେଉଛି ଆଇନର ଶାସନ ଚିନ୍ତାଧାରା। ଏହା ନିଃସନ୍ଦେହ ଯେ, ଏହାର ସଫଳତା ନୂଆ ନୂଆ ଚ୍ୟାଲେଞ୍ଜକୁ ସମ୍ମୁଖୀନ ହେବାରେ ସାରା ବିଶ୍ୱରେ ବିଚାର ବ୍ୟବସ୍ଥା କିପରି କାର୍ଯ୍ୟ କରୁଛି, ତାହା ଉପରେ ନିର୍ଭର କରେ ବୋଲି ସିଜେଆଇ କହିଛନ୍ତି। ସାମ୍ବିଧାନିକ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇ ଜଷ୍ଟିସ୍ ବୋବ୍‌ଡେ କହିଥିଲେ, ଆଇନଗତ ଅଧିକାର ଓ କର୍ତ୍ତବ୍ୟ ପରସ୍ପର ନିର୍ଭରଶୀଳ ବୋଲି ଆଇନରେ ବିଚାର କରାଯାଇଥାଏ। ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ ହେଉଛି ସମ୍ବିଧାନକୁ ମାନିବା ଓ ଏହାର ବିଚାରଧାରା ଓ ଅନୁଷ୍ଠାନକୁ ସମ୍ମାନ ଦେବା। ୫୦ରୁ ଊର୍ଦ୍ଧ୍ୱ ଦେଶର ସମ୍ବିଧାନରେ ମୌଳିକ କର୍ତ୍ତବ୍ୟକୁ ନେଇ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ରହିଛି। ମହାତ୍ମା ଗାନ୍ଧୀଙ୍କ ଉକ୍ତିକୁ ଉଦ୍ଧାର କରି ଜଷ୍ଟିସ୍ ବୋବ୍‌ଡେ କହିଥିଲେ, ଅଧିକାର ସାବ୍ୟସ୍ତ କରିବା ଜଣଙ୍କର କର୍ତ୍ତବ୍ୟ ପ୍ରତି ସଚେତନତା ଉପରେ ନିର୍ଭର କରେ। ପ୍ରକୃତ ଅଧିକାର ହେଉଛି କର୍ତ୍ତବ୍ୟ ପାଳନର ଫଳାଫଳ। ସାରା ବିଶ୍ୱରେ ପ୍ରଯୁକ୍ତିର ବିକାଶ ହେବାରେ ଲାଗିଛି ଓ ତା'ର ପ୍ରଭାବ ମଧ୍ୟ ନ୍ୟାୟପାଳିକାରେ ଅନୁଭୂତ ହୋଇଛି। ଏହାକୁ ମଧ୍ୟ ଅଧିକାରର ବିପ୍ଳବ, ବୈଷୟିକ ବିପ୍ଳବ ଓ ଜନସାଂଖ୍ୟିକ କ୍ରାନ୍ତି କୁହାଯିବା ଆବଶ୍ୟକ।

ସମ୍ମିଳନୀରେ ଉଦ୍‌ବୋଧନ ଦେଇ ସୁପ୍ରିମକୋର୍ଟର ବରିଷ୍ଠ ବିଚାରପତି ଏନ୍.ଭି. ରମନା କହିଥିଲେ, ଆତଙ୍କବାଦ, ସାଇବର ଅପରାଧ, ପରିବେଶ ଅବକ୍ଷୟ ଭଳି ସମସ୍ୟାର ସମାଧାନ ଦିଗରେ ନ୍ୟାୟପାଳିକା କାର୍ଯ୍ୟକରିବା ଆବଶ୍ୟକ। ସେ କହିଥିଲେ, ଆତଙ୍କବାଦ ଏକ ମୁଖ୍ୟ ପ୍ରସଙ୍ଗ ଯାହା ସାରା ବିଶ୍ୱକୁ ପ୍ରଭାବିତ କରିଛି। ଜଗତୀକରଣ ବିଶ୍ୱ ଅଧିକ ନିକଟତର ହୋଇଛି। ଏଭଳି ପ୍ରସଙ୍ଗଗୁଡ଼ିକ ସାଧାରଣ ହୋଇଥିବାରୁ ଏହାର ସର୍ବସମ୍ମତ ସମାଧାନ ଆବଶ୍ୟକ ବୋଲି ସେ ମତ ଦେଇଥିଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ମିଳନୀରେ ଉଦ୍‌ବୋଧନ ଦେଇ କହିଥିଲେ, ୧୩୦ କୋଟି ଦେଶବାସୀ ନିକଟରେ ଅଦାଲତଙ୍କ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିଗୁଡ଼ିକୁ ଆନ୍ତରିକତାର ସହ ଗ୍ରହଣ କରିନେଇଛନ୍ତି, ଯାହା ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ହୋଇଛି। ସୁପ୍ରିମକୋର୍ଟଙ୍କ ଐତିହାସିକ ଅଯୋଧ୍ୟା ରାୟକୁ ଲକ୍ଷ୍ୟ କରି ପ୍ରଧାନମନ୍ତ୍ରୀ ଏହା କହିଥିଲେ। ଲିଙ୍ଗଗତ ସମାନତା ବିନା କୌଣସି ଦେଶ କିମ୍ବା ସମାଜ ସମ୍ପୂର୍ଣ୍ଣ ବିକଶିତ ବୋଲି ଦାବି କରିପାରିବ ନାହିଁ। ସେଥିପାଇଁ ସରକାର ସମଲିଙ୍ଗୀ, ଦିବ୍ୟାଙ୍ଗ ଅଧିକାର ଓ ତିନି ତଲାକ୍ ଉପରେ ଆଇନ ଆଣିଛନ୍ତି। ସାମରିକ ସେବାରେ ମହିଳାମାନଙ୍କୁ ଅଧିକାର ଦେବା ପାଇଁ ସରକାର ପଦକ୍ଷେପ ନେଇଛନ୍ତି। ବିକାଶ ଓ ପରିବେଶ ସୁରକ୍ଷା ଉପରେ ସନ୍ତୁଳନ ରକ୍ଷା କରିଥିବାରୁ ଭାରତୀୟ ବିଚାର ବ୍ୟବସ୍ଥାକୁ ପ୍ରଧାନମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଥିଲେ। ମାମଲା ପରିଚାଳନାରେ ପ୍ରଯୁକ୍ତି ଓ ଇଣ୍ଟରନେଟର ବ୍ୟବହାର ଉପରେ ସେ ଗୁରୁତ୍ୱ ଦେଇଥିଲେ।

ସେହିପରି ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଥିଲେ, ଆତଙ୍କବାଦୀ ଓ ଦୁର୍ନୀତିଗ୍ରସ୍ତ ଲୋକମାନଙ୍କର ଗୋପନୀୟତା ଅଧିକାର ନାହିଁ। ସେହି ଲୋକମାନଙ୍କୁ ଇଣ୍ଟରନେଟର ଦୁରୁପଯୋଗ କରିବା ଲାଗି ଅନୁମତି ଦେବା ଉଚିତ ନୁହେଁ। ଏଭଳି ବ୍ୟକ୍ତି ମାନବଜାତି ପାଇଁ ବଡ଼ ବିପଦ ବୋଲି ସେ କହିଥିଲେ। କାମରେ ଲାଗୁ ନ ଥିବା ପାଖାପାଖି ୧୫୦୦ ଆଇନକୁ ସରକାର ରଦ୍ଦ କରିଦେଇଛନ୍ତି ବୋଲି ଆଇନମନ୍ତ୍ରୀ କହିଥିଲେ। ସେହିପରି ଜଷ୍ଟିସ ଅରୁଣ ମିଶ୍ର କହିଥିଲେ, ଅନ୍ତର୍ଜାତୀୟ ସମୁଦାୟରେ ଭାରତ ଏକ ଦାୟିତ୍ୱସମ୍ପନ୍ନ ରାଷ୍ଟ୍ର। ଅନ୍ତର୍ଜାତୀୟ ସ୍ତରରେ ମୋଦି ଜଣେ ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତି ଯିଏ ବିଶ୍ୱ ସ୍ତରୀୟ ଚିନ୍ତା କରିଥାନ୍ତି ଓ ତାହାକୁ ସ୍ଥାନୀୟ ଅଞ୍ଚଳରେ କାର୍ଯ୍ୟକାରୀ କରିଥାନ୍ତି ବୋଲି ଜଷ୍ଟିସ୍ ମିଶ୍ର କହିଥିଲେ।

ସୁପ୍ରିମକୋର୍ଟଙ୍କ ଦ୍ୱାରା ଆୟୋଜିତ ବିଚାରପତି ସମ୍ମିଳନୀରେ ୨୦ରୁ ଊର୍ଦ୍ଧ୍ୱ ଦେଶର ବିଚାରପତିମାନେ ଯୋଗଦେଇଥିଲେ। ସିଜେଆଇ ସମ୍ମିଳନୀର ସଫଳତା କାମନା କରିଥିଲେ।

# ବିନୟଙ୍କ ଆବେଦନ ଖାରଜ

ନୂଆଦିଲ୍ଲୀ,୨୨।୨(ପି.ଟି.)



**ମାନସିକ ବିକୃତି ଦର୍ଶାଇ ଚିକିତ୍ସା ପାଇଁ ଆବେଦନ କରିଥିଲେ ନିର୍ଭୟା ଦୋଷୀ**

ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାରେ ମୃତ୍ୟୁଦଣ୍ଡାଦେଶ ପାଇଥିବା ଅନ୍ୟତମ ଅପରାଧୀ ବିନୟ ଶର୍ମାଙ୍କ ଚିକିତ୍ସା ଆବେଦନକୁ ଦିଲ୍ଲୀର ଏକ ଅଦାଲତ ଖାରଜ କରିଦେଇଛନ୍ତି। ମାନସିକ ବିକୃତି ଥିବା ଦର୍ଶାଇ ବିନୟ ଚିକିତ୍ସା ପାଇଁ ଆବେଦନ କରିଥିଲେ। ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିବା ସହ ଡାହାଣ ହାତ ଭାଙ୍ଗିଥିବା ସେ ଦର୍ଶାଇଥିଲେ। ମୁଣ୍ଡରେ ଆଘାତ ଯୋଗୁ ମାନସିକ ବିକୃତି ଦେଖାଦେଇଛି। ସେ ତାଙ୍କ ମାଆ ଓ ଅନ୍ୟମାନଙ୍କୁ ଚିହ୍ନିପାରୁ ନ ଥିବା ତାଙ୍କ ଓକିଲ ଦର୍ଶାଇଥିଲେ। ଏନେଇ କୋର୍ଟ ତିହାର ଜେଲ୍ କର୍ତ୍ତୃପକ୍ଷଙ୍କୁ ଜବାବ ମାଗିଥିଲେ। ବିନୟଙ୍କ ଅଭିଯୋଗ ସମ୍ପୂର୍ଣ୍ଣ ମିଛ। ସେ ଜାଣିଶୁଣି ମୁଣ୍ଡ ବାଡ଼େଇ ଆହତ ହୋଇଥିବା ଜେଲ୍ କର୍ତ୍ତୃପକ୍ଷ କୋର୍ଟଙ୍କୁ ଜଣାଇଥିଲେ। ପୂର୍ବରୁ ତାଙ୍କର ମାନସିକ ବିକୃତିର କୌଣସି ସୂଚନା ନ ଥିବା ଡାକ୍ତରୀ ପରୀକ୍ଷାରୁ ଜଣାପଡିଥିବା ମାନସିକ ରୋଗ ବିଶେଷଜ୍ଞ କୋର୍ଟରେ ହାଜର ହୋଇ କହିଥିଲେ। ଅତିରିକ୍ତ ସେସନ୍ସ ଜଜ୍ ଧର୍ମେନ୍ଦ୍ର ରଣା ଏହା ଶୁଣିବା ପରେ ବିନୟଙ୍କ ଚିକିତ୍ସା ଆବେଦନକୁ ଖାରଜ କରିଦେଇଛନ୍ତି।

ମୃତ୍ୟୁଦଣ୍ଡାଦେଶ ପାଇଥିବା ୪ ଅପରାଧୀଙ୍କୁ ମାର୍ଚ୍ଚ ୩ ତାରିଖ ସକାଳ ୬ଟାରେ ଫାଶୀ ଦେବା ପାଇଁ ପଟିଆଲା ହାଉସ୍ କୋର୍ଟ ତୃତୀୟ ଥର ପାଇଁ ଡେଥ୍ ୱାରେଣ୍ଟ ଜାରି କରିଛନ୍ତି। ଏହା ସତ୍ତ୍ୱେ ବିଭିନ୍ନ ବାହାନା କରି ଅପରାଧୀ ସମୟ ଗଡ଼ାଇବାକୁ ଉଦ୍ୟମ ଜାରି ରଖିଛନ୍ତି।

# ଦୁର୍ଘଟଣାରେ ୧୨ ମୃତ



ବଡୋଦରା, ୨୨।୨

ଗୁଜରାଟର ବଡୋଦରା ଅନ୍ତର୍ଗତ ପଡ୍ରା ତାଲୁକଠାରେ ଶନିବାର ଦୁଇଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୧୨ ଜଣ ଯାତ୍ରୀଙ୍କ ପ୍ରାଣହାନି ଘଟିଛି। ମୃତକମାନେ ସ୍ଥାନୀୟ ରାନୁ ଓ ଭୋଜ୍ ଗ୍ରାମର ବୋଲି ଜଣାପଡ଼ିଛି। ଗୋଠାଡ଼ରେ ଅନୁଷ୍ଠିତ ଏକ ବିବାହ କାର୍ଯ୍ୟକ୍ରମରେ ଯୋଗଦେଇ ସେମାନେ ଏକ ଟ୍ରକ୍‌ରେ ଫେରୁଥିବା ବେଳେ ଅନ୍ୟ ଏକ ଡମ୍ପିଂ ଟ୍ରକ୍ ସହ ଧକ୍କା ହୋଇଥିଲା। ଦୁର୍ଘଟଣାସ୍ଥଳରେ ୭ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ହସ୍ପିଟାଲ ଯିବା ବାଟରେ ଆଉ ୫ ଜଣ ପ୍ରାଣ ହରାଇଥିଲେ।

# ମୌର୍ଯ୍ୟ ହୋଟେଲରେ ଟ୍ରମ୍ପଙ୍କ ରହଣି



'ନମସ୍ତେ ଟ୍ରମ୍ପ' କାର୍ଯ୍ୟକ୍ରମ ପାଇଁ ଅହମଦାବାଦ୍‌ର ମୋଟେରା ଷ୍ଟାଡିୟମରେ କଡ଼ା ସୁରକ୍ଷା ବ୍ୟବସ୍ଥା ।

**ଗୋଟିଏ ରାତିର ରୁମ୍ ଭଡ଼ା ୮ ଲକ୍ଷ**

**ନୂଆଦିଲ୍ଲୀ,୨୨।୨:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୨ ଦିନିଆ ଗସ୍ତରେ ଭାରତ ଆସୁଛନ୍ତି। ତାଙ୍କ ଭାରତ ଗସ୍ତକୁ ସ୍ମୃତି ବହୁଳ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାର ଉଦ୍ୟମ ଜାରି ରଖିଛନ୍ତି। ଟ୍ରମ୍ପ ଦିଲ୍ଲୀର ମୌର୍ଯ୍ୟ ହୋଟେଲରେ ରହିବେ। ଏଠାରେ ଗୋଟିଏ ରାତି ପାଇଁ ରୁମ୍ ଭଡ଼ା ୮ ଲକ୍ଷ ଟଙ୍କା ରହିଛି। ଏହି ହୋଟେଲର ପ୍ରେସିଡେନ୍ସିଆଲ ଫ୍ଲୋରର ଚାଣକ୍ୟ ସୁଟ୍‌ରେ ଟ୍ରମ୍ପ ରହିବେ। ମୌର୍ଯ୍ୟ ହୋଟେଲର ପ୍ରେସିଡେନ୍ସିଆଲ ଫ୍ଲୋରରେ ଏହା ପୂର୍ବରୁ ରାଜା ଅବ୍‌ଦୁଲା, ରୁଷିଆ ରାଷ୍ଟ୍ରପତି ଭ୍ଲାଡ଼ିମିର ପୁଟିନ୍, ବ୍ରୁନେଇ ସୁଲତାନ, ଟୋନୀ ବ୍ଲେୟାର, ଦଲାଇ ଲାମାଙ୍କ ଭଳି ବିଶିଷ୍ଟ ବ୍ୟକ୍ତି ରହିସାରିଛନ୍ତି।

## ୫ ସ୍ତରୀୟ ସୁରକ୍ଷା ବ୍ୟବସ୍ଥା

ଅହମଦାବାଦ,୨୨।୨

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଫେବୃୟାରୀ ୨୪ରେ ଭାରତ ଗସ୍ତରେ ଆସୁଛନ୍ତି। ତାଙ୍କ ପରିବାର ପାଇଁ ୫ ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସୁରକ୍ଷା କାର୍ଯ୍ୟରେ ୨୫ ହଜାରରୁ ଅଧିକ ପୋଲିସ କର୍ମୀଙ୍କୁ ମୁତୟନ କରାଯାଇଛି। ଟ୍ରମ୍ପଙ୍କ ୩୬ ଘଣ୍ଟିଆ ଗସ୍ତ କାର୍ଯ୍ୟକ୍ରମରେ ୧୦୦ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ ହେବ। ଟ୍ରମ୍ପ ପରିବାର ସଦସ୍ୟଙ୍କ ଆଭ୍ୟନ୍ତରୀଣ ସୁରକ୍ଷା ଦାୟିତ୍ୱ ସମ୍ପୂର୍ଣ୍ଣ ଭାବେ ଆମେରିକା ସିକ୍ରେଟ୍ ସର୍ଭିସ୍ ହାତରେ ରହିବ। ସେହିପରି ଅନ୍ୟ ସୁରକ୍ଷା ସ୍ତରଗୁଡ଼ିକର ଦାୟିତ୍ୱରେ ଏନ୍‌ଏସ୍‌ଜି, ଚେତକ କମାଣ୍ଡୋ, ଅର୍ଦ୍ଧ ସାମରିକ ସୁରକ୍ଷାକର୍ମୀ, ପୋଲିସକର୍ମୀଙ୍କୁ ନିୟୋଜିତ କରାଯାଇଛି।

# 'ନୀତୀଶ ପୁଣି ହେବେ ବିହାର ମୁଖ୍ୟମନ୍ତ୍ରୀ'

ପାଟନା,୨୨।୨



ନୀତୀଶ କୁମାରଙ୍କୁ ଭେଟୁଛନ୍ତି ଜେ.ପି. ନଡ୍ଡା।

ବିହାର ବିଧାନସଭା ନିର୍ବାଚନ ପାଇଁ ଭାଜପା ପକ୍ଷରୁ ସଜବାଜ ଆରମ୍ଭ ହୋଇଛି। ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା ଏକ ସଭାରେ କହିଛନ୍ତି, ଆସନ୍ତା ନଭେମ୍ବର ମାସରେ ରାଜ୍ୟରେ ବିଧାନସଭା ନିର୍ବାଚନ ହୋଇପାରେ। ପୁଣିଥରେ ମୁଖ୍ୟମନ୍ତ୍ରୀ ଭାବେ ନୀତୀଶ କୁମାର କ୍ଷମତା ଦଖଲ କରିବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ନିର୍ବାଚନ କମିଶନଙ୍କ ଘୋଷଣା ପୂର୍ବରୁ ଭାଜପା ନେତା କିଭଳି ନିର୍ବାଚନ କେବେ ହେବ ଜାଣିପାରୁଛନ୍ତି, ସେ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି। ପୂର୍ବରୁ କିଛି ଭାଜପା ନେତା ମଧ୍ୟ ନିର୍ବାଚନ ସମୟ ସମ୍ପର୍କରେ ସୂଚନା ଦେଇଥିବା ନଜିର ରହିଛି।

# ୩ କଲେଜ ଛାତ୍ରୀ ଜଳିଗଲେ

**ଚଣ୍ଡିଗଡ଼,୨୨।୨(ଆଇଏଏନ୍‌ଏସ୍):** ଚଣ୍ଡିଗଡ଼ ସେକ୍ଟର ୩୨ ଅଞ୍ଚଳରେ ଥିବା ଏକ ଭଡ଼ାଘରେ ଶନିବାର ବଡ଼ ଧରଣର ଅଗ୍ନିକାଣ୍ଡ ହୋଇଛି। ଏଥିରେ ୩ କଲେଜ ଛାତ୍ରୀ ଜୀବନ୍ତ ଦଗ୍ଧ ହୋଇଥିବାବେଳେ ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ଶର୍ଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ହୋଇଥିବା ବିଶ୍ୱାସ କରାଯାଉଛି। ଉକ୍ତ ୨ ମହଲା କୋଠାରେ ୩୦ରୁ ଅଧିକ ଛାତ୍ରୀ ରହୁଥିଲେ। ସେଠାରେ ବେଆଇନ ଭାବରେ ପେଇଙ୍ଗ୍ ଗେଷ୍ଟହାଉସ୍ ଚାଲିଥିଲା ବୋଲି କୁହାଯାଉଛି। ମୃତ ଛାତ୍ରୀଙ୍କ ମଧ୍ୟରୁ ଦୁଇଜଣ ପଞ୍ଜାବର ହୋଇଥିବାବେଳେ ଅନ୍ୟ ଜଣକ ଘର ହରିୟାଣାରେ ବୋଲି ଜଣାପଡିଛି।

# ଆତଙ୍କବାଦକୁ ଲଗାମ ଦେଉ ପାକ୍

ୱାଶିଂଟନ,୨୨।୨(ପି.ଟି.)

**ଭାରତ ସହ ଆଲୋଚନା ପାଇଁ ହ୍ୱାଇଟ୍ ହାଉସ୍‌ର ପରାମର୍ଶ**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଗସ୍ତ ପୂର୍ବରୁ ଦୁଇ ପଡୋଶୀ ଦେଶ ଭାରତ ଓ ପାକ୍ ଉତ୍ତେଜନା ହ୍ରାସ କରିବା ଉପରେ ଟ୍ରମ୍ପ ଗୁରୁତ୍ୱ ଦେଇଛନ୍ତି। ଦୁଇଦେଶ ମଧ୍ୟରେ ସଫଳ ଆଲୋଚନା ପାଇଁ ଇସ୍‌ଲାମାବାଦକୁ ନିଜ ଅଞ୍ଚଳରୁ ଆତଙ୍କବାଦୀ ଓ ଉଗ୍ରପନ୍ଥୀମାନଙ୍କୁ କାବୁ କରିବାକୁ ହେବ ବୋଲି ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି। ଭାରତ ସରକାର ଗତବର୍ଷ ଅଗଷ୍ଟ ୫ରେ ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିବା ପରେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ଇସ୍‌ଲାମାବାଦ ନୂଆଦିଲ୍ଲୀ ସହ କୂଟନୈତିକ ସମ୍ପର୍କ ଛିନ୍ନ କରିଛି। ଟ୍ରମ୍ପ କଶ୍ମୀର ପ୍ରସଙ୍ଗରେ ମଧ୍ୟସ୍ଥତା ପାଇଁ ପ୍ରସ୍ତାବ ଦେବେ କି ପ୍ରଶ୍ନରେ ଅଧିକାରୀ ଜଣକ ଉପରୋକ୍ତ ମତ ଦେଇଥିଲେ।

# ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ

ଶ୍ରୀନଗର, ୨୨।୨(ପି.ଟି.)

ଜମ୍ମୁ-କଶ୍ମୀରର ଅନନ୍ତନାଗ ଜିଲାରେ ସୁରକ୍ଷାକର୍ମୀଙ୍କ ଏନ୍‌କାଉଣ୍ଟରରେ ୨ ଲସ୍କର-ଇ-ତୋଇବା ଆତଙ୍କବାଦୀ ନିହତ ହୋଇଛନ୍ତି। ମୃତ ଆତଙ୍କବାଦୀ ଦ୍ୱୟ ହେଲେ କୁଲଗାମ୍ ନିବାସୀ ନୱିଦ୍ ଅହମଦ ଓରଫ ଫୁର୍‌କାନ ଓ ଆକିବ୍ ୟାସିନ୍ ଭଟ୍ଟ। ଅନ୍ୟ ଏକ ଘଟଣାରେ ବାରମୁଲ୍ଲାରୁ ହିଜ୍‌ବୁଲ କମାଣ୍ଡର ଜୁନୈଦ ଫାରୁକ୍ ପଣ୍ଡିତଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ଗୋଟିଏ ପିସ୍ତଲ ସହ ୩୦ ରାଉଣ୍ଡ ଗୁଳି ଜବତ ହୋଇଛି।

# କଠୁଆରେ ଦୁର୍ଘଟଣା: ୯ ମୃତ

**ଜମ୍ମୁ,୨୨।୨(ପି.ଟି.):** ଜମ୍ମୁ-କଶ୍ମୀରର କଠୁଆ ଜିଲାରେ ଶନିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୩ ମହିଳା ଓ ୩ ଶିଶୁଙ୍କ ସମେତ ୯ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଟାଟା ସୁମୋ ଡ୍ରାଇଭର ନିୟନ୍ତ୍ରଣ ହରାଇବାରୁ ଏହା ୩୦୦ ଫୁଟ ଗଭୀର ଖାତ ମଧ୍ୟକୁ ଖସିପଡ଼ିଥିଲା।

# ୩୦୦୦ ଟନ୍ ସୁନାଖଣି ଖବରକୁ ଜିଏସ୍‌ଆଇର ଖଣ୍ଡନ

ସୋନଭଦ୍ର,୨୨।୨(ପି.ଟି.)

ଉତ୍ତରପ୍ରଦେଶର ସୋନଭଦ୍ର ଜିଲାରେ ପାଖାପାଖି ୩୦୦୦ ଟନ୍ ସୁନା ଗଚ୍ଛିତ ଥିବା ଖବର ପ୍ରକାଶ ପାଇଥିଲା। ଜିଲା ଖଣି ଅଧିକାରୀଙ୍କ ଏଭଳି ଦାବିକୁ ଭାରତୀୟ ଭୂତାତ୍ତ୍ୱିକ ସର୍ବେକ୍ଷଣ (ଜିଏସ୍‌ଆଇ) ଶନିବାର ଅସ୍ୱୀକାର କରିଛି। ୧୯୯୮ରୁ ୨୦୦୦ ମଧ୍ୟରେ ଉକ୍ତ ଅଞ୍ଚଳରେ ସର୍ଭେ କରାଯାଇଥିଲା। ସେଠାରୁ ୧୬୦ କିଲୋ ସୁନା ବାହାରିପାରିବ ବୋଲି ଜିଏସ୍‌ଆଇ କହିଛି।

## ଇତିହାସର ଆଇନାରେ ଫେବୃୟାରୀ ୨୩ର ପ୍ରମୁଖ ଘଟଣା

୧୯୯୮ ଫେବୃୟାରୀ ୨୩ରେ ସାମୁଦ୍ରିକ ଝଡ଼ ଫ୍ଲୋରିଡାରେ ବ୍ୟାପକ କ୍ଷୟକ୍ଷତି କରିଥିଲା। ୪୪ ଜଣ ଏଥିରେ ମୃତ୍ୟୁବରଣ କରିଥିବା ବେଳେ ୨୬୦ ଆହତ ହୋଇଥିଲେ।

୨୦୧୨ ଫେବୃୟାରୀ ୨୩ରେ ଇରାକ୍‌ରେ ସିରିଜ୍ ବୋମାମାଡ଼ କରାଯିବାରୁ ୮୩ ଜଣଙ୍କ ମୃତ୍ୟୁ ହୋଇଥିଲା। ଏଥିରେ ୨୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିଲେ।

# ଭାରତୀୟ ବିମାନକୁ ଅନୁମତି ଦେଉନି ଚାଇନା

ଉହାନ, ୨୨।୨



ଡାଇମଣ୍ଡ ପ୍ରିନ୍ସେସ୍ ଜାହାଜରେ ରହିଥିବା ଭାରତୀୟଙ୍କର ଏବେବି ସ୍ୱାସ୍ଥ୍ୟ ପରୀକ୍ଷା ହୋଇନି।

ଚାଇନାରେ କରୋନା ପରିସ୍ଥିତି ଅଣାୟତ୍ତ ହୋଇପଡ଼ିଛି। ଏବେସୁଦ୍ଧା ସେଠାରେ କରୋନା ମୃତ୍ୟୁସଂଖ୍ୟା ୨,୩୪୫ରେ ପହଞ୍ଚିଥିବାବେଳେ ପ୍ରାୟ ୭୬ ହଜାର ଲୋକ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ଅନେକ ଭାରତୀୟ ଚାଇନାରେ ଏବେ ବି ରହିଛନ୍ତି। ସେମାନଙ୍କୁ ଉଦ୍ଧାର କରିବା ଲାଗି ଭାରତୀୟ ବାୟୁସେନାର ରିଲିଫ ବିମାନକୁ ଚାଇନା ଉଦ୍ଦେଶ୍ୟମୂଳକ ଭାବେ ଅନୁମତି ଦେଉ ନ ଥିବା ଅଭିଯୋଗ କରାଯାଇଛି। ଫେବୃୟାରୀ ୧୬ରୁ ଜାପାନ, ୟୁକ୍ରେନ, ଫ୍ରାନ୍ସ ବିମାନକୁ ଚାଇନା ଅନୁମତି ଦେଇଥିବା ବେଳେ ଭାରତକୁ ଜାଣିଶୁଣି ଅବହେଳା ପ୍ରଦର୍ଶନ କରାଯାଉଛି। କରୋନା ସଂକ୍ରମିତ ଚାଇନାକୁ ଭାରତ ସହଯୋଗର ହାତ ବଢ଼ାଇ ଥିବାବେଳେ ଏପର୍ଯ୍ୟନ୍ତ ରିଲିଫ ବିମାନକୁ ଅନୁମତି ଦିଆଯାଇ ନାହିଁ। ଚାଇନା ଦୂତାବାସର ମୁଖପାତ୍ର କହିଛନ୍ତି, ଉଦ୍ଦେଶ୍ୟମୂଳକ ଭାବେ ନୁହେଁ ବରଂ ଯୋଗାଯୋଗରେ ବିଳମ୍ବ ଯୋଗୁ ଏଭଳି ସ୍ଥିତି ଉପୁଜିଛି। ପୂର୍ବରୁ ଭାରତ ୬୫୦ ନାଗରିକଙ୍କୁ ସେଠାରୁ ଉଦ୍ଧାର କରିସାରିଛି। ପରିସ୍ଥିତି ଉଦ୍‌ବେଗଜନକ ହୋଇପଡ଼ି ଥିବାବେଳେ ସେଠାରେ ଥିବା ଅନ୍ୟ ଭାରତୀୟଙ୍କୁ ଫେରାଇ ଅଣାଯିବା ଲାଗି ପ୍ରୟାସ ଜାରି ରହିଛି।

କରୋନା ଭୂତାଣୁ ସଂକ୍ରମଣ ଯୋଗୁ ଜାପାନ ଉପକୂଳରେ ଅଟକି ରହିଥିବା ଜାହାଜର ଅନେକ କର୍ମଚାରୀ ଓ ଯାତ୍ରୀଙ୍କ ଯାଞ୍ଚ ସରିଲାଣି। ତେବେ ଏବେ ମଧ୍ୟ ସେଥିରେ କେତେଜଣ ଭାରତୀୟ ରହିଛନ୍ତି, ଯାହାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇନାହିଁ ବୋଲି ଶନିବାର ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି। ସୁସ୍ଥ ଥିବା ଯାତ୍ରୀମାନଙ୍କ କ୍ୱାରାଣ୍ଟାଇନ୍ ସମୟସୀମା ଶେଷ ହେବା ପରେ ସେମାନଙ୍କୁ ଜାହାଜରୁ ଯିବା ପାଇଁ ଅନୁମତି ଦିଆଯାଇଛି। ଜାହାଜରେ ୧୦୦୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଓ କର୍ମଚାରୀ ରହିଥିବା ଜାପାନର ମୁଖ୍ୟ କ୍ୟାବିନେଟ ସଚିବ ୟୋଶିହିଡେ ସୁଗା କହିନ୍ତି। ଡାଇମଣ୍ଡ ପ୍ରିନ୍ସେସ୍ ଜାହାଜରେ ମୋଟ ୩୭୧୧ ଯାତ୍ରୀଙ୍କ ମଧ୍ୟରେ ୧୩୮ ଜଣ ଭାରତୀୟ ଥିଲେ। ସେମାନଙ୍କ ମଧ୍ୟରୁ ୮ ଭାରତୀୟଙ୍କଠାରେ କରୋନା ପଜିଟିଭ୍ ଥିବା ପରୀକ୍ଷାରୁ ଜଣାପଡିଥିଲା। ଚିକିତ୍ସାଧୀନ ଥିବା ଏହି ୮ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିଛି।

## ସିଙ୍ଗାପୁର ନ ଯିବାକୁ ଭାରତୀୟଙ୍କୁ ପରାମର୍ଶ

**ନୂଆଦିଲ୍ଲୀ, ୨୨।୨(ପି.ଟି.):** ଚାଇନାରେ କରୋନା ଭାଇରସ୍ ଆତଙ୍କ ସୃଷ୍ଟି କରିଥିବା ବେଳେ ପଡ଼ୋଶୀ ଭାରତ ଏନେଇ ସତର୍କ ରହିଛି। କରୋନା ସଂକ୍ରମଣ ରୋକିବା ଲାଗି ଭାରତ ଏକାଧିକ ପଦକ୍ଷେପ ଗ୍ରହଣ କରିଛି। ନିହାତି ଆବଶ୍ୟକ ନ ଥିଲେ ସିଙ୍ଗାପୁର ଗସ୍ତ ବାତିଲ କରିବା ଲାଗି ଶନିବାର ସମସ୍ତ ନାଗରିକଙ୍କୁ ପରାମର୍ଶ ଦିଆଯାଇଛି। କରୋନା ସଂକ୍ରମଣ ବ୍ୟାପୁଥିବା ବେଳେ ବିଶ୍ୱ ଲାଗି ଏହା ଏକ ସତର୍କ ଘଣ୍ଟି ପାଲଟିଛି। ହଂକଂ, ଥାଇଲାଣ୍ଡ, ଦକ୍ଷିଣ କୋରିଆ, ନେପାଳ, ଇଣ୍ଡୋନେସିଆ, ଭିଏତ୍‌ନାମ, ମାଲେସିଆରୁ ଭାରତ ଆସୁଥିବା ବିମାନ ଯାତ୍ରୀଙ୍କୁ ବିମାନବନ୍ଦରରେ ସ୍କ୍ରିନିଂ କରାଯାଉଛି। କ୍ୟାବିନେଟ ସଚିବ ଶନିବାର ପରିସ୍ଥିତିର ସମୀକ୍ଷା କରିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଅନୁଷ୍ଠିତ ବୈଠକରେ ସ୍ୱାସ୍ଥ୍ୟ, ପ୍ରତିରକ୍ଷା, ବେସାମରିକ ବିମାନ ଚଳାଚଳ, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସଚିବଙ୍କ ସହ ସ୍ୱରାଷ୍ଟ୍ର, ବହିର୍ବ୍ୟାପାର ମନ୍ତ୍ରଣାଳୟର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

# ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଏକ ରଙ୍ଗାରଙ୍ଗ ଉତ୍ସବରେ ଶନିବାର ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ପ୍ରଥମ ସଂସ୍କରଣ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଛି। ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ମେଗା ଇଭେଣ୍ଟକୁ ଉଦ୍‌ଘାଟନ କରିଥିଲେ। ମାର୍ଚ୍ଚ ୧ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ଦେଶର ୧୫୯ ବିଶ୍ୱବିଦ୍ୟାଳୟରୁ ପାଖାପାଖି ୩୪୦୦ ଆଥଲେଟ ଅଂଶଗ୍ରହଣ କରିଛନ୍ତି। ୧୭ଟି ବର୍ଗରେ ପ୍ରତିଯୋଗିତା ଆୟୋଜନ ହେବ। ଭୁବନେଶ୍ୱର ଓ କଟକର ୧୦ଟି ଭେନ୍ୟୁରେ ଖେଳ ଅନୁଷ୍ଠିତ ହେବ। ରଗ୍‌ବୀ ସମେତ ୬ଟି ଟିମ୍ ଇଭେଣ୍ଟରେ ମଧ୍ୟ ପ୍ରତିଯୋଗିତା ଆୟୋଜନ ହେବ।



ସଙ୍ଗୀତ ପରିବେଷଣ କରୁଛନ୍ତି ସୋନା ମହାପାତ୍ର



ମଶାଲ ସହ ପଦ୍ମଶ୍ରୀ ଦିଲୀପ ତିର୍କୀ




ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ଉଦ୍‌ଘାଟନୀ ଅବସରରେ (ବାମରୁ) ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ରାଜ୍ୟ କୃଷି, ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଓ କେନ୍ଦ୍ର କ୍ରୀଡ଼ା ସଚିବ ରାଧେଶ୍ୟାମ ଜୁଲାନିୟା।



ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତିଯୋଗିତାକୁ ଉଦ୍‌ଘାଟନ କରୁଛନ୍ତି।

## କମ୍ପିଲା ଇନ୍‌ଡୋର



ଅଲିମ୍ପିଆନ ଦୂତୀ ଚାନ୍ଦଙ୍କ ଶପଥ ପାଠ



ଜଣେ ଜିମ୍ନାଷ୍ଟଙ୍କ କୌଶଳ ପ୍ରଦର୍ଶନ

ଫଟୋ: ରାଜକିଶୋର ମହାନ୍ତି




# ଭାରତୀୟ କ୍ରୀଡ଼ାରେ ନୂଆ ଅଧ୍ୟାୟ

## କଲଡ୍ରନରେ ଅଗ୍ନି ସଂଯୋଗ କଲେ ଦିଲୀପ

ଭାରତୀୟ ତୀରନ୍ଦାଜ ମୁସ୍କାନ କିରାର୍‌ଙ୍କ ଦ୍ୱାରା ଉଦ୍‌ଘାଟନୀ ଉତ୍ସବର ମଶାଲ ରିଲେ ଆରମ୍ଭ ହୋଇଥିଲା। ପରେ ଏହାକୁ ଧରିଥିଲେ ସନ୍ତରଣକାରୀ ଏସ.ପି ଲିକିଥ। ଶେଷର ଅଲିମ୍ପିଆନ ଦିଲୀପ ତିର୍କୀ ମଶାଲକୁ ନେଇ କଲଡ୍ରନରେ ରଖିଥିଲେ।

### ସୋନା-ରାମଙ୍କ ଖେଲେଙ୍ଗେ ସାନ୍ ସେ...

ବଲିଉଡ କଣ୍ଠଶିଳ୍ପୀ ତଥା ଓଡ଼ିଆ ଝିଅ ସୋନା ମହାପାତ୍ର ଓ ସଙ୍ଗୀତ ନିର୍ଦ୍ଦେଶକ ରାମ ସମ୍ପଥଙ୍କ ଯୁଗଳବନ୍ଦୀରେ ପରିବେଷଣ ହୋଇଥିଲା ଖେଲେଙ୍ଗେ ସାନ୍ ସେ.. ଗୀତ। ଉପସ୍ଥିତ ଦର୍ଶକ ଏହି ଗୀତରେ ଝୁମିବା ସହ ଶେଷରେ କଣ୍ଠଶିଳ୍ପୀ ସୋନାଙ୍କ ସହ ତାଳ ମିଶାଇ ଗାଇଥିଲେ ଅଗଣିତ ଶ୍ରୋତା।

### ଚମତ୍କାର ଥିଲା ଓଡ଼ିଶୀ ଫ୍ୟୁଜନ

ଓଡ଼ିଶୀ ନୃତ୍ୟ ମାଧ୍ୟମରେ ଆରମ୍ଭ ହୋଇଥିଲା ଉତ୍ସବ। ପ୍ରତିଷ୍ଠିତ ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ଅରୁଣା ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୦୦ଜଣ ନୃତ୍ୟଶିଳ୍ପୀ ଚମତ୍କାର ନୃତ୍ୟ ପ୍ରଦର୍ଶନ କରିଥିଲେ। ପ୍ରାୟ ୨୦ ମିନିଟ ଧରି ଓଡ଼ିଶୀ ନୃତ୍ୟ ସହ ଅନ୍ୟ ପାରମ୍ପରିକ ନୃତ୍ୟର ଫ୍ୟୁଜନ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ବଲିଉଡର ଆଗଧାଡ଼ିର କଣ୍ଠଶିଳ୍ପୀ ନାକାସ୍ ଅଜିଜ୍ ପ୍ରତିଯୋଗିତାର ଥିମସଙ୍ଗ ପରିବେଷଣ କରିଥିବା ବେଳେ କୋରିଓଗ୍ରାଫର ଟେରେନ୍ସ ଲୁଇସ୍‌ଙ୍କ ଡ୍ୟାନ୍ସଗ୍ରୁପ ନୃତ୍ୟ ପରିବେଷଣ କରିଥିଲା।



### କାର୍ଯ୍ୟସୂଚୀ

୨୩.୨.୨୦୨୦ (ରବିବାର)

| ସମୟ | ଇଭେଣ୍ଟ | ଭେନ୍ୟୁ |
|---|---|---|
| **ଆର୍ଚ୍ଚେରୀ** | | |
| ସକାଳ ୯ଟା | ପୁରୁଷ କମ୍ପାଉଣ୍ଡ | କିଟ୍ |
| ସକାଳ ୯ଟା ୪୫ | ମହିଳା କମ୍ପାଉଣ୍ଡ | କିଟ୍ |
| ଦିବା ୧ଟା ୩୦ | ପୁରୁଷ ଟିମ୍ କମ୍ପାଉଣ୍ଡ | କିଟ୍ |
| ଦିବା ୨ଟା | ମହିଳା ଟିମ୍ କମ୍ପାଉଣ୍ଡ | କିଟ୍ |
| ଅପରାହ୍ଣ ୩ଟା ୧୫ | ଆର୍‌ଏକ୍ସ ଟିମ୍ | କିଟ୍ |
| ଅପରାହ୍ଣ ୩ଟା ୪୦ | ସିଏକମ୍ବ ଟିମ୍ | କିଟ୍ |
| **ଭଲିବଲ୍** | | |
| ସକାଳ ୧୦ଟା | ପୁରୁଷ ବିଭାଗ | କ୍ୟାମ୍ପସ-୧୩ |
| ସକାଳ ୧୦ଟା | ମହିଳା ବିଭାଗ | କ୍ୟାମ୍ପସ୍-୧୩ |
| ଦିବା ୨ଟା | ଏଏଲ୍‌ପିୟୁ ବନାମ ଉତ୍କଳ | କ୍ୟମ୍ପସ-୧୩ |
| ଅପରାହ୍ଣ ୪ଟା | ଉତ୍କଳ ବନାମ ଏମ୍‌ଜି କାଶୀ | କ୍ୟାମ୍ପସ-୧୩ |
| **ବାସ୍କେଟବଲ** | | |
| ସକାଳ ୯ଟା | ମହିଳା ବିଭାଗ | କ୍ୟାମ୍ପସ-୧୩ |
| ସକାଳ ୧୧ଟା | ପୁରୁଷ ବିଭାଗ | କ୍ୟାମ୍ପସ-୧୩ |
| **ଫୁଟବଲ** | | |
| ସକାଳ ୯ଟା | ପୁରୁଷ ବିଭାଗ | କ୍ୟାମ୍ପସ-୧୩ |
| **ସୁଇମିଂ** | | |
| ସକାଳ ୧୦ଟା ୫ | ପୁରୁଷ ବିଭାଗ | କଳିଙ୍ଗ ଷ୍ଟାଡିୟମ |
| ସକାଳ ୧୦ଟା ୧୫ | ମହିଳା ବିଭାଗ | କଳିଙ୍ଗ ଷ୍ଟାଡିୟମ |
| **ହକି** | | |
| ସକାଳ ୭ଟା | ମହିଳା ବିଭାଗ | କ୍ୟାମ୍ପସ-୧୩ |
| ସକାଳ ୮ଟା ୪୫ | ସମ୍ବଲପୁର-ମାଙ୍ଗାଲୋର | କ୍ୟାମ୍ପସ-୧୩ |
| ଅପରାହ୍ଣ ୨ଟା | ପୁରୁଷ ବିଭାଗ | କ୍ୟାମ୍ପସ-୧୩ |
| **ବ୍ୟାଡ୍‌ମିଣ୍ଟନ** | | |
| ସକାଳ ୧୧ଟା | ମହିଳା ବିଭାଗ | ଇନ୍‌ଡୋର, କଟକ |
| ସକାଳ ୧୧ଟା | ପୁରୁଷ ବିଭାଗ | ଇନ୍‌ଡୋର, କଟକ |
| **ଟେନିସ** | | |
| ସକାଳ ୯ଟା ୩୦ରୁ ଆରମ୍ଭ | | କ୍ୟାମ୍ପସ ୮ ଓ ୯ |
| **ଫେନସିଂ** | | |
| ସକାଳ ୯ଟା | ପୁରୁଷ ବିଭାଗ | ଇନ୍‌ଡୋର, ସହିଦ ନଗର |
| ସକାଳ ୯ଟା | ମହିଳା ବିଭାଗ | ଇନ୍‌ଡୋର, ସହିଦ ନଗର |

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୩ ଫେବୃୟାରୀ, ୨୦୨୦



ଈଶ୍ୱର ନାମ ଆଗରେ ଜାତି ଧର୍ମର
ବିଦ୍ୱେଷ ରହିବା ଉଚିତ୍ ନୁହେଁ।
- ଗୁରୁ ନାନକ



## ସଂକ୍ଷେପରେ

### ଜିଲାପାଳଙ୍କ କାର୍ଯ୍ୟାଳୟ ରାସ୍ତାରେ ଖପୁରି



**ପୁରୀ ଅଫିସ,୨୨।୨:** ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯିବା ରାସ୍ତାରେ ମଣିଷ ଖପୁରି। ଟାଉନ ହଲ୍ ପଟୁ ସାଇ ମନ୍ଦିର ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯିବା ରାସ୍ତାରେ ଶନିବାର ୨ଟି ମଣିଷ ଖପୁରି ପଡ଼ିଥିବା ଦେଖିବାକୁ ମିଳିଥିଲା। ଗୋଟିଏ ଖପୁରି ଜିଲାପାଳଙ୍କ କାର୍ଯ୍ୟାଳୟ ଫାଟକ ସମ୍ମୁଖ ରାସ୍ତା ଉପରେ ଏବଂ ଆଉ ଗୋଟିଏ ଶନି ମନ୍ଦିର ପଛପଟେ ଅଳିଆ ଗଦା ଭିତରେ ପଡ଼ିଥିଲା। ଏହି ଖପୁରି ଦୁଇଟି କିପରି ଏଠାକୁ ଆସିଲା ତାହାକୁ ନେଇ ଲୋକଙ୍କ ମଧ୍ୟରେ ପ୍ରଶ୍ନ ସୃଷ୍ଟି ହେବା ସହ ଏକ ପ୍ରକାର ଭୟ ଛାଇଯାଇଛି। ଏହି ଖପୁରି ୨ଟି ଅତ୍ୟନ୍ତ ଛୋଟ। ଅର୍ଥାତ୍ କୌଣସି ଛୋଟ ପିଲାଙ୍କ ଖପୁରି ପରି ଲାଗୁଛି। ଖପୁରି ଏଠାକୁ ଆସିବା ନେଇ ନାନା ପ୍ରକାର ଆଲୋଚନା ଶୁଣିବାକୁ ମିଳୁଛି। କେହି କେହି ଗୁଣିଗାରେଡ଼ିକୁ ଦିଗକୁ ମଧ୍ୟ ଅଙ୍ଗୁଳି ନିର୍ଦ୍ଦେଶ କରୁଛନ୍ତି। ସେହିପରି କୁକୁର ଅନ୍ୟ କେଉଁ ସ୍ଥାନରୁ ଖପୁରି ଆଣି ଏଠାରେ ପକାଇଥାଇପାରେ ବୋଲି ମଧ୍ୟ ଆଲୋଚନା ହେଉଛି। ତେବେ ଏ ନେଇ ପୋଲିସ ପାଖରେ କୌଣସି ସୂଚନା ନ ଥିବା ଜଣାପଡ଼ିଛି। ସୂଚନାଥାଉ କି, ପୁରୀ ସହରରେ ଖପୁରି ମିଳିବା ଘଟଣା ନୂଆ ନୁହେଁ। ୨୦୧୮ ସେପ୍ଟେମ୍ବର ୯ ତାରିଖରେ ପୁରୀ ଷ୍ଟେଶନ ରୋଡସ୍ଥିତ ମାତୃମଙ୍ଗଳ ଚିକିତ୍ସାଳୟ ପଛପଟୁ ଅଖାରେ ବନ୍ଧା ହୋଇଥିବା ଅବସ୍ଥାରେ ୭ଟି ମଣିଷ ଖପୁରି ମିଳିଥିଲା। ସେତେବେଳେ ଏହି ଘଟଣା ବେଶ୍ ଚର୍ଚ୍ଚା ସୃଷ୍ଟି କରିଥିଲା। ସମୁଦ୍ରକୂଳ ଥାନା ପୋଲିସ ଏହାର ତଦନ୍ତ କରିଥିଲା। ଗୁଣିଗାରେଡି ପାଇଁ କେହି ଖପୁରିଗୁଡିକ ଆଣି ଲୁଚାଇ ରଖିଥାଇପାରନ୍ତି ବୋଲି ପୋଲିସ ସନ୍ଦେହ କରିଥିଲା।

### ରଙ୍ଗ କାମ ନାଁରେ ୨ ଲକ୍ଷ ଚଲୁ, ଠିକାଦାର ଅଟକ

**ଭୁବନେଶ୍ୱର,୨୨।୨(ବ୍ୟୁରୋ):** ଘରର ରଙ୍ଗ କାମ କରିବା ନାଁରେ ଜଣେ ଠିକାଦାର ଜଣେ ଘର ମାଲିକଙ୍କଠାରୁ ୨ ଲକ୍ଷ ଟଙ୍କା ଚଲୁ କରିଥିବାନେଇ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଠିକାଦାରଙ୍କୁ ଅଟକ ରଖି ପଚରାଉଚରା କରୁଛି। ଅଭିଯୁକ୍ତ ଜଣକ ଟଙ୍କା ନେଇଥିବା ସ୍ୱୀକାର କରିବା ସହ ଫେରସ୍ତ କରିଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ରବିବାର ମଧ୍ୟରେ ଟଙ୍କା ନ ଫେରାଇଲେ ତାଙ୍କୁ ଗିରଫ ସହ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାର ବିଶ୍ୱରଞ୍ଜନ ନାୟକ କହିଛନ୍ତି। ସୂଚନା ଅନୁଯାୟୀ, ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଅଭିଯୋଗକାରୀଙ୍କର ଏକ ଘର ତିଆରି ଚାଲିଛି। ୬ ମାସ ହେବ ଘରର ରଙ୍ଗ କାମ ପାଇଁ ଠିକାଦାର ଅଗ୍ରିମ ଆକାରରେ ମାଲିକଙ୍କଠାରୁ ୨ ଲକ୍ଷ ଟଙ୍କା ନେଇଥିଲେ। ହେଲେ ରଙ୍ଗ କାମ ନ କରି ଧରାଛୁଆଁ ଦେଇ ନ ଥିଲେ। ଶେଷରେ ଘର ମାଲିକ ଥାନାର ଦ୍ୱାରସ୍ଥ ହୋଇଥିଲେ।

### କାଠଯୋଡ଼ି ପଠାରୁ ମୃତଦେହ ଜବତ

**କଟକ ଅଫିସ,୨୨।୨:** ଖାନ୍‌ନଗରସ୍ଥିତ କାଠଯୋଡି ନଦୀପଠାରୁ ଶନିବାର ୪୨ ମୌଜା ଅଞ୍ଚଳର ବାବୁଲି ବେହେରାଙ୍କ ମୃତଦେହ ବାଦାମବାଡି ପୋଲିସ ଜବତ କରିଛି। ସକାଳ ପ୍ରାୟ ୭ଟାରେ ନଦୀପଠାରେ ମୃତଦେହ ପଡ଼ିଥିବା ଲୋକେ ଦେଖିଥିଲେ। ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ତଦନ୍ତ ଆରମ୍ଭ କରିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ସେ ଗାଧୋଉଥିବା ସମୟରେ ବୁଡି ଯାଇଥିବା ସନ୍ଦେହ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି।

# ଆଳସ୍ୟ ପାଖ ମାଡ଼େନି ସଫଳତା

## ବାଏ ଅଫ୍‌ର ଦ୍ୱିତୀୟ ସନ୍ଧ୍ୟାରେ 'ବ୍ଲିଦ୍' ଓ ଅନ୍ୟ ଫିଲ୍ମ ପ୍ରଦର୍ଶିତ

**ପୁରୀ ଅଫିସ,୨୨।୨**

ଦୁନିଆ ତା' ବାଟରେ ଆଗେଇ ଚାଲିଛି। ପ୍ରତ୍ୟେକ ମଣିଷ ନିଜ ନିଜ କର୍ମମୟ ଜୀବନକୁ ନେଇ ଆଗଉଛନ୍ତି। ସମସ୍ତେ ସେମାନଙ୍କ ଲକ୍ଷ୍ୟ ପଛରେ ଧାଉଁଛନ୍ତି। ଆଉ ନିଜର ଆଗ୍ରହ ଏବଂ ପରିଶ୍ରମ ଫଳରେ ସଫଳତା ବି ଛୁଉଁଛନ୍ତି। ହେଲେ ଆଳସ୍ୟ ବ୍ୟକ୍ତି ସବୁ ଦେଖୁଥିବେ, ସବୁ ଜାଣୁଥିବେ ହେଲେ ଶେଷ ମୁହୂର୍ତ୍ତରେ ପୁଣି ଫେରିଯିବେ ତାଙ୍କ ରାଇଜକୁ। ଅର୍ଥାତ୍ ସଫଳତା କେବେ ସେମାନଙ୍କ ପାଦ ଛୁଇଁପାରେନି। ଏମିତି ଏକ କାହାଣୀ ଉପରେ ପର୍ଯ୍ୟବସିତ ଚଳଚ୍ଚିତ୍ର 'ବ୍ଲିଦ୍' ପ୍ରଦର୍ଶିତ ହୋଇଥିଲା ବାଏ ଅଫ୍‌ର ଦ୍ୱିତୀୟ ସନ୍ଧ୍ୟାରେ। ଏହା ଏକ ନିଆରା ଚଳଚ୍ଚିତ୍ର ଥିଲା। ଏଥିରେ ଜଣେ ମାତ୍ର ଅଭିନୟ କରିଥିବାବେଳେ ସେ କଥା କହୁ ନ ଥିଲେ। ଭାବଭଙ୍ଗୀ, ସାଉଣ୍ଡ ଏବଂ ସିମ୍ବଲକୁ ନେଇ ପ୍ରଦର୍ଶିତ ହୋଇଥିଲା ୧୧ ମିନିଟ୍‌ର ଏହି ଚଳଚ୍ଚିତ୍ର। ୨୨ବର୍ଷୀୟ ଶୋଭାଙ୍ଗ ମହାନ୍ତିଙ୍କ ନିର୍ଦ୍ଦେଶିତ ଏହି କ୍ଷୁଦ୍ର ଚଳଚ୍ଚିତ୍ରରେ ଅଭିନୟ କରିଥିଲେ ପ୍ରିୟସୁନ୍ଦର ମିଶ୍ର। ସେ ଜଣେ ଅଳସୁଆ, ହେଲେ କ୍ରିଏଟିଭ ଲେଖକ। ଦିନେ ଅପରାହ୍ଣରେ ସେ ଘରୁ ବାହାରିଛନ୍ତି। ଦୁନିଆକୁ ବୁଲି ଦେଖୁଛନ୍ତି। ସମସ୍ତେ କିପରି ନିଜ ନିଜ କାମରେ ବ୍ୟସ୍ତ। ସେ ବି ଚାହୁଁଛନ୍ତି ତାଙ୍କର ମଧ୍ୟ କିଛି ଆବଶ୍ୟକତା ରହିଛି।



ବିଦେଶୀ ପର୍ଯ୍ୟଟକମାନେ ବାଏ ଅଫ୍‌ରେ ପ୍ରଦର୍ଶିତ ଫିଲ୍ମ ପୋଷ୍ଟରକୁ ବୁଲି ଦେଖୁଛନ୍ତି।



ଫିଲ୍ମ 'ବ୍ଲିଦ୍'ର ଏକ ଦୃଶ୍ୟ।

ପୁଣି ଘରକୁ ଫେରି ସ୍ୱପ୍ନରେ ଅନେକ କଥା ଚିନ୍ତା କରୁଛନ୍ତି। ଅନ୍ୟମାନଙ୍କ ପରି ସେ ଖୁସି ଏବଂ ଆତ୍ମତୃପ୍ତି ପାଆନ୍ତୁ, ଏମିତି ଭାବନା ଭିତରେ ହଠାତ୍ ସେ ଉଠି ପଡୁଛନ୍ତି। ଆଉ ନିଜ ମୋବାଇଲ ଅନ୍ କରି କେତେଜଣଙ୍କ ପାଖକୁ ଗୁଡ୍‌ନାଇଟ୍ ଲେଖି ପୁଣି ଶୋଇପଡୁଛନ୍ତି। ଅଳସୁଆଙ୍କ ପାଖରେ ଖୁସି ଓ ଆତ୍ମତୃପ୍ତିର ବାସ୍ତବ ଚିତ୍ରକୁ ଚଳଚ୍ଚିତ୍ର ବ୍ଲାଇଥ୍ ମାଧ୍ୟମରେ ଦର୍ଶାଇଛନ୍ତି ଯୁବ ନିର୍ଦ୍ଦେଶକ ଶୋଭାଙ୍ଗ। ସେହିପରି ଶନିବାର ସନ୍ଧ୍ୟାରେ ୭ମିନିଟ୍‌ର ଓଡ଼ିଆ ଚଳଚ୍ଚିତ୍ର ଶର୍ଟକର୍ଟ (ନିର୍ଦ୍ଦେଶକ ବିଶ୍ୱରୂପ ଦାସ), ବଙ୍ଗଳା ଚଳଚ୍ଚିତ୍ର ରୁନାନୁବନ୍ଧ (ନିର୍ଦ୍ଦେଶକ ସ୍ୱସ୍ତିକ ଚୌଧୁରୀ) ଓ ବଙ୍ଗଳା ଚଳଚ୍ଚିତ୍ର ଏକ୍‌ଜେ ଚିଲୋ ଜମ୍ (ନିର୍ଦ୍ଦେଶକ ଶର୍ମି ପାଣ୍ଡେ)ର ସ୍କ୍ରିନିଂ କରାଯାଇଥିଲା।

# ଜୈନ ଗୁମ୍ଫା ବିଷୟରେ ଜାଣିଲେ ଅଷ୍ଟ୍ରେଲୀୟ ଛାତ୍ରୀଛାତ୍ର



**ଭୁବନେଶ୍ୱର, ୨୨।୨(ବ୍ୟୁରୋ)**

## ୧୦୬ତମ ଐତିହ୍ୟ ପଦଯାତ୍ରା

ଖଣ୍ଡଗିରି-ଉଦୟଗିରି ପାହାଡ଼ ପାଦଦେଶରେ ୧୦୬ତମ ଐତିହ୍ୟପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଐତିହ୍ୟ ବିଷାରଦ, ସ୍ଥପତିଙ୍କ ସହ ଅଷ୍ଟ୍ରେଲୀୟ ଛାତ୍ରୀଛାତ୍ରଙ୍କୁ ନେଇ ହୋଇଥିବା ପଦଯାତ୍ରାରେ ପଦାଚାରୀମାନେ ପାହାଡ଼ ଭିତରେ ଥିବା ଜୈନ ଗୁମ୍ଫା ବିଷୟରେ ଜାଣିବାକୁ ପାଇଛନ୍ତି। ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀରେ ମହାବୀର ଜୈନଙ୍କ ଦ୍ୱାରା କରାଯାଇଥିବା ଏହି ଐତିହ୍ୟ କଳାକୃତିଗୁଡ଼ିକ ବିଷୟରେ ଜାଣିବା ସହ ଭୁବନେଶ୍ୱର ସହର ସହ ଦୁଇ ପାହାଡ଼ର ସମ୍ପର୍କକୁ ନେଇ ନୂଆ ତଥ୍ୟ ପାଇଥିଲେ। ସେହି ସମୟରେ ସାଧୁ ସନ୍ଥମାନେ କିପରି ଗୁମ୍ଫାରେ ରହୁଥିଲେ। ଗୁମ୍ଫା ସହ ଜଡ଼ିତ ଇତିହାସ ସମ୍ପର୍କରେ ମଧ୍ୟ ସେମାନଙ୍କୁ ବୁଝାଯାଇଥିଲା।

ଉଲ୍ଲେଖଯୋଗ୍ୟ, ସହରରେ ଥିବା ପୁରାତନ ଐତିହ୍ୟ କାହାଣୀଗୁଡ଼ିକୁ ପର୍ଯ୍ୟଟକ ତଥା ସହରବାସୀଙ୍କୁ ଜଣାଇବା ଉଦ୍ଦେଶ୍ୟରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି), ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଓ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ) ଦ୍ୱାରା ଐତିହ୍ୟ ପଦଯାତ୍ରା ଚାଲିଛି। ଶନିବାର ସକାଳେ ଖଣ୍ଡଗିରି ଉଦୟଗିରି ପାହାଡ଼, ରବିବାର ସକାଳେ ପୁରୁଣା ଭୁବନେଶ୍ୱର ଓ ଅପରାହ୍ଣରେ କଳାଭୂମିରେ ଐତିହ୍ୟ ପଦଯାତ୍ରାର ଆୟୋଜନ କରାଯାଉଛି।

# ଦୁଇ ଶିକ୍ଷକଙ୍କ ଦରମା ବନ୍ଦ କଲେ ମନ୍ତ୍ରୀ

**ଭୁବନେଶ୍ୱର, ୨୨।୨(ବ୍ୟୁରୋ)/ କଣ୍ଟାପଡ଼ା (ଡି.ଏନ୍.ଏ.)**

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଶନିବାର କଟକ ଓ ଖୋର୍ଦ୍ଧା ଜିଲାର ବିଭିନ୍ନ ସ୍କୁଲକୁ ଅଚାନକ ପରିଦର୍ଶନ କରି କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିଥିବା ୨ ଜଣ ଶିକ୍ଷକଙ୍କ ଦରମା ବନ୍ଦ କରିଛନ୍ତି। ସେମାନେ ହେଲେ ବାରଙ୍ଗସ୍ଥିତ ଅରିଲୋ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶ୍ରୀରାମ କଉରିଆ ଓ ନଗରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଦୀପାଞ୍ଜଳି ସାମନ୍ତରାୟ। ଏନେଇ କଟକ ଜିଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସେହିପରି ମାଇଧରପୁର ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ମଧ୍ୟ ମନ୍ତ୍ରୀ ଦାଶ ତାଗିଦ୍ କରିଛନ୍ତି। ଏଥିସହ ଲକ୍ଷେଶ୍ୱର ନୋଡାଲ ସ୍କୁଲ, ହଂସପାଳ ସରକାରୀ ହାଇସ୍କୁଲ, ଗବବନ୍ତ ସରକାରୀ ହାଇସ୍କୁଲ, ନଗରୀ ପ୍ରାଇମେରୀ ସ୍କୁଲ ପରିଦର୍ଶନ କରି ପାଠପଢ଼ା ଓ ଅନ୍ୟ କେତେକ ପ୍ରସଙ୍ଗ ଉପରେ ପଚାରି ବୁଝିଥିଲେ। 'ମୋ ସରକାର' ଯୋଜନାରେ ଶିକ୍ଷା ବ୍ୟବସ୍ଥାର ସଂସ୍କାର ଆଣିବା ପାଇଁ ଓ ଶିକ୍ଷକଙ୍କୁ ଅଧିକ ଉତ୍ତରଦାୟୀ କରିବା ଲାଗି ମନ୍ତ୍ରୀ ଦାଶ ଏଭଳି ଅଭିଯାନ ଚଳାଇଥିବା ସୂଚନା ମିଳିଛି।

# ୩ ପ୍ରତିଭାଙ୍କୁ ରେଭେନ୍‌ଶା ରତ୍ନ ସମ୍ମାନ

**କଟକ ଅଫିସ, ୨୨।୨**



ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସେଭେନ ପିଲାର ଅଫ ୱିଜଡମ ଠାରେ ଟି.ଇ. ରେଭେନ୍‌ଶାଙ୍କ ୧୦୬ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଫାଇଟ ଫର ଦି ଫାଉଣ୍ଡେଶନ ଅଫ ରେଭେନ୍‌ଶା ଇନଷ୍ଟିଚ୍ୟୁସନ୍ସ ଟ୍ରଷ୍ଟ(ଏଫଏଫଆରଆଇ)ପକ୍ଷରୁ ରେଭେନ୍‌ଶା ରତ୍ନ ସମ୍ମାନ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ମାନବାଧିକାର ଆୟୋଗର ଅଧ୍ୟକ୍ଷ ଜଷ୍ଟିସ ବି. ପି. ଦାସ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଈଶାନ କୁମାର ପାତ୍ର ଯୋଗଦେଇଥିଲେ। ସଙ୍ଗଠନର ଆବାହକ ପ୍ରକାଶ କୁମାର ପଣ୍ଡା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଚଳିତବର୍ଷ ପାଇଁ ୩ ପ୍ରତିଭାଙ୍କୁ ରେଭେନ୍‌ଶା ରତ୍ନ ସମ୍ମାନ ପ୍ରଦାନ କରାଯାଇଥିଲା। ପଦ୍ମଶ୍ରୀ ଡ. ପ୍ରତିଭା ରାୟ ଓ ପଦ୍ମଶ୍ରୀ ପ୍ରଫେସର ପ୍ରଫୁଲ୍ଲ କୁମାର ଜେନାଙ୍କୁ ଏହି ସମ୍ମାନ ଦିଆଯାଇଥିଲା। ସେହିପରି ଡ. ବିବୁଧେନ୍ଦ୍ର ମିଶ୍ରଙ୍କୁ ମରଣୋତ୍ତର ଭାବେ ଏହି ସମ୍ମାନ ପ୍ରଦାନ କରାଯାଇଛି। ହେଲେ ତାଙ୍କ ଅନୁପସ୍ଥିତିରେ ପରିବାର ସଦସ୍ୟ ଏହି ସମ୍ମାନ ଗ୍ରହଣ କରିଛନ୍ତି। ଏଥି ସହିତ ପ୍ରଫେସର ସିଦ୍ଧାର୍ଥ ଦାସ ଏବଂ ସିନେ ଅଭିନେତା ବୁଦ୍ଧାଦିତ୍ୟ ମହାନ୍ତିଙ୍କୁ 'ରେଭେନ୍‌ଶା ଗୌରବ' ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ସାମାଜିକ କର୍ମୀ ଲିଙ୍କନ ସୁବୁଦ୍ଧି, ଯୁବନେତା ସ୍ମୃତିରଞ୍ଜନ ଦାଶ, ହରିଶଙ୍କର ରାଉତ, କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀଙ୍କୁ 'ରେଭେନ୍‌ଶା ଶ୍ରୀ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ବିଭିନ୍ନ ସ୍କୁଲ ଓ କଲେଜରେ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସଙ୍ଗଠନ ପକ୍ଷରୁ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଜେଏମ୍‌ସି ବିଭାଗର ଛାତ୍ରୀଛାତ୍ରଙ୍କ ପକ୍ଷରୁ ଡ. ଦେବିଲାଲ ମିଶ୍ରଙ୍କ ଦ୍ୱାରା ନିର୍ଦ୍ଦେଶିତ ନାଟକ 'କର୍ତ୍ତବ୍ୟ' ମଞ୍ଚସ୍ଥ ହୋଇଥିଲା। ସଙ୍ଗଠନର ଅଧ୍ୟକ୍ଷ ସନ୍ତୋଷ ମହାରଣା ସ୍ୱାଗତ ଭାଷଣ, ଉପାଧ୍ୟକ୍ଷ ଜଗନ୍ନାଥ ମହାନ୍ତି ବିବରଣୀ ପାଠ ଓ ଛାତ୍ରୀ ପୂଜାରାଣୀ ରାଉତ ଧନ୍ୟବାଦ ଦେଇଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



ଅବନ୍ତିକା



ଜନ୍ମେଜୟ



ଚନ୍ଦ୍ରକାନ୍ତ



ଶିଶିର



ତୋଫାନ



ପ୍ରିୟା

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

## ଫଟୋରେ ଖବର




ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତ ଗସ୍ତକୁ ସ୍ୱାଗତ ଜଣାଇ ପୁରୀ ବେଳାଭୂମିରେ ଶନିବାର ଶିଳ୍ପୀ ମାନସ ସାହୁଙ୍କ ବାଲୁକା କଳା।



ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ଶନିବାର ଅନୁଷ୍ଠିତ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ 'ସମର୍ପଣ-୨୦୨୦'ରେ ଗୁରୁ ରାମହରି ଦାସ ସଙ୍ଗୀତ ପରିବେଷଣ କରୁଛନ୍ତି।




ଭୁବନେଶ୍ୱର ସୂଚନା ଭବନରେ ଶନିବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ସମାରୋହରେ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରୁଛନ୍ତି।



କାମ କରୁଥିବାବେଳେ ଯେଉଁ ଲୋକ ମନ ଖୋଲା ଗୀତ ଗାଏ, ସେ' ହିଁ ଦୁନିଆରେ ପ୍ରକୃତ ସୁଖୀ।
- କାର୍ଲାଇଲ



## ସଂକ୍ଷେପରେ

### ଆଜି ଏକାମ୍ରକ୍ଷେତ୍ରରେ ସାମୂହିକ ସଫେଇ

ଭୁବନେଶ୍ୱର, ୨୨।୨(ବ୍ୟୁରୋ)- ପରିବେଶ ପରିଚ୍ଛନ୍ନତା ଏବଂ ଐତିହ୍ୟ ମହନୀୟତାକୁ ବଜାୟ ରଖିବା ପାଇଁ ଶନିବାର ସହର ପ୍ରଶାସନ ଏକ ସାମୂହିକ ସଫେଇ କରିବାର ନିଷ୍ପତ୍ତି ନେଇଛନ୍ତି। ପୁରୁଣା ଭୁବନେଶ୍ୱର ଅଞ୍ଚଳ ଯାହାକି ଏକାମ୍ରକ୍ଷେତ୍ର ଭାବେ ପରିଚିତ ତା'ର ଚତୁଃପାର୍ଶ୍ୱକୁ ରବିବାର ସକାଳେ ସାମୂହିକ ସଫେଇ କରାଯିବ। ବିଭିନ୍ନ ରାଜ୍ୟରୁ ଭକ୍ତମାନେ ଆସି ଏଠାରେ ମହାଶିବରାତ୍ରି ପାଳନ କରିଥିବା ପରେ ସମଗ୍ର ଅଞ୍ଚଳକୁ ପରିଷ୍କାର ନିମନ୍ତେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ସାରା ସହରରେ ମୁଁ ସଫେଇବାଲା କାର୍ଯ୍ୟକ୍ରମ ଚାଲୁରହିଥିବାବେଳେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସିସ), ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏବଂ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ)ର ମିଳିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିବା ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ ପାଇଛି। କାର୍ଯ୍ୟକ୍ରମରେ ପ୍ରସିଦ୍ଧ ଲେଖକ ଅନନ୍ତ ମହାପାତ୍ର, ଲେଖକ ତଥା ଐତିହାସିକ ଅନିଲ୍ ଧିର୍ ପ୍ରମୁଖ ରହି ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିବେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟତଃ ବିଏମ୍‌ସି, ବିଡିଏ ଏବଂ ସ୍ମାର୍ଟସିଟିର ଅଧିକାରୀ ସମେତ କଲେଜ ଛାତ୍ରୀଛାତ୍ର, ସଫେଇକର୍ମୀଙ୍କୁ ନେଇ ପ୍ରାୟ ୫ଶହ ଜଣ ଭାଗନେବେ। ସମସ୍ତେ ସକାଳ ୭ଟା ପୂର୍ବରୁ ଲିଙ୍ଗରାଜ ମନ୍ଦିର ସମ୍ମୁଖରେ ଏକତ୍ରିତ ହେବା ପରେ ୫ଭାଗରେ ବିଭକ୍ତ ହୋଇ ମାଉସୀ ମା ଠାରୁ ଲିଙ୍ଗରାଜ ୨.୫ କିମି ରାସ୍ତାକୁ ପରିଷ୍କାର କରିବେ ବୋଲି ଶନିବାର ବିଡିଏରେ ଆୟୋଜିତ ଏକ ପ୍ରସ୍ତୁତି ବୈଠକରେ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି। ଏହା କେବଳ ଗୋଟିଏ ଦିନରେ ଗୋଟିଏ ସ୍ଥାନକୁ ପରିଷ୍କାର କରିବା ଲକ୍ଷ୍ୟରେ କାର୍ଯ୍ୟକ୍ରମ ହୋଇନାହିଁ, ବରଂ ଅଞ୍ଚଳର ସମସ୍ତ ଗଳିକନ୍ଦି ବୁଲି ଅଂଶଗ୍ରହଣକାରୀମାନେ ପରିଷ୍କାର କରିବା ସହ ଲୋକଙ୍କୁ ପରିବେଶ ପରିଚ୍ଛନ୍ନ ରଖିବାର ବାର୍ତ୍ତାଦେବା ଉଦ୍ଦେଶ୍ୟରେ ଏହା କରାଯାଉଛି ବୋଲି ବିଏମ୍‌ସି କମିଶନର କହିଛନ୍ତି।

### ଶ୍ରୀଲିଙ୍ଗରାଜ ମନ୍ଦିରରେ ଶ୍ରମଦାନ ଶିବିର

ପୁରୁଣା ଭୁବନେଶ୍ୱର, ୨୨।୨ (ଡି.ଏନ.ଏ.)- ମହାଶିବରାତ୍ରି ପରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପୀଠରେ ଏକ ସ୍ୱେଚ୍ଛାକୃତ ଶ୍ରମଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାଶିବରାତ୍ରିରେ ଶ୍ରଦ୍ଧାଳୁ ଓ ଭକ୍ତମାନେ ଛାଡ଼ି ଯାଇଥିବା ଦୀପ, ବେଲପତ୍ର, ଫୁଲ, କୁଡୁଆ, ପଲିଥିନ୍ ଆଦିକୁ ସ୍ୱେଚ୍ଛାସେବୀମାନେ ଶନିବାର ପରିଷ୍କାର କରିଥିଲେ। ଏତଦ୍‌ବ୍ୟତୀତ ମନ୍ଦିରର ଗର୍ଭଗୃହ ଓ ମନ୍ଦିର ପରିସରରେ ଜମା ହୋଇ ରହିଥିବା କୁଢ଼ କୁଢ଼ ବର୍ଜ୍ୟଗୁଡ଼ିକୁ ସଫା କରି ବାହାରେ ନେଇ ପକାଇଥିଲେ। ଦୀର୍ଘ ୧୮ ବର୍ଷ ଧରି ପରିବେଶ, ପରିମଳ, ଜାତୀୟ ଐତିହ୍ୟ, କୀର୍ତ୍ତିରାଜିର ସୁରକ୍ଷା ସହ ଆଧ୍ୟାତ୍ମିକ ଚିନ୍ତାଧାରାରେ ସାମିଲ କରିବା ଉଦ୍ଦେଶ୍ୟରେ ସାମାଜିକ କର୍ମୀ ସୁଶାନ୍ତ ସାହୁ ଶ୍ରମଦାନ କାର୍ଯ୍ୟକ୍ରମ କରି ଆସୁଛନ୍ତି।

# ଗାନ୍ଧୀଙ୍କ ଜୀବନୀ ବଖାଣୁଛି 'ଶାନ୍ତି କେନ୍ଦ୍ର'

ଭୁବନେଶ୍ୱର, ୨୨।୨(ବ୍ୟୁରୋ)

୨୦୧୭ରୁ ୨୦୨୦। ବହୁ ଦିନର ପ୍ରତୀକ୍ଷା ପରେ ଶନିବାରଠାରୁ ଖଣ୍ଡଗିରି ନିକଟ ବ୍ୟାଖ୍ୟାନ କେନ୍ଦ୍ର ପରିସରରେ ଖୋଲିଛି ଗାନ୍ଧୀ ଶାନ୍ତି କେନ୍ଦ୍ର। ଏଠାରେ ରହିଥିବା ୬ ଗ୍ୟାଲେରୀ 'ଅହିଂସା ପ୍ରଦର୍ଶିକା', 'ଏକବିଂଶ ଶତାବ୍ଦୀର ମହାତ୍ମା', 'ମୋହନଦାସରୁ ମହାତ୍ମା', 'ମହାତ୍ମାରୁ ବାପୁ', 'ଗାନ୍ଧୀ ଆଦର୍ଶ', 'ପ୍ରେରଣାଦାୟକ ଏବଂ ଚିରନ୍ତନ ଗାନ୍ଧୀ ଭଣ୍ଡାର' ଗାନ୍ଧିଜୀଙ୍କ ଜୀବନ ସଂଗ୍ରାମର କଥା କହୁଛି, ଯେଉଁଥିରେ ମହାତ୍ମା ଗାନ୍ଧୀଙ୍କ ଉପରେ ସମ୍ପୂର୍ଣ୍ଣ ତଥ୍ୟ ରହିଛି। ମହାତ୍ମା ଗାନ୍ଧୀ ୮ଥର ଓଡ଼ିଶାକୁ ଆସି ବିଭିନ୍ନ ସ୍ଥାନରେ ଅବସ୍ଥାନ କରିଥିଲେ। ତାଙ୍କର ପ୍ରତିଟି ମୁହୂର୍ତ୍ତ କିପରି କଟିଥିଲା ସେସବୁକୁ ମଧ୍ୟ ଏଠାରୁ ଜାଣିବାକୁ ମିଳୁଛି। ଅହିଂସା ଛକ, ଅହିଂସା ସ୍ତମ୍ଭ, ନୀରବ ସରୋବର, ଓକିଲ ମୋହନଦାସ, ମହାତ୍ମାଙ୍କ ପ୍ରତ୍ୟାବର୍ତ୍ତନ, ବାପୁ, ହାତଖଞ୍ଜା ଅକ୍ଷର ଛାପ ଯନ୍ତ୍ର, ମହାତ୍ମା ବାଣୀ, ମହାତ୍ମାଙ୍କ ଭଜନ ଓ ଗାନ୍ଧୀଙ୍କ ସ୍ୱାକ୍ଷର ଆଦି ରହିଛି।



ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଦ୍ୱାରା ପରିଚାଳିତ ସଂଗ୍ରହାଳୟଟି ହିନ୍ଦୀ, ଇଂଲିଶ ଓ ଓଡ଼ିଆ ଭାଷାରେ ମହାତ୍ମା ଗାନ୍ଧୀଙ୍କ ଜୀବନୀ ବଖାଣୁଛି।

### ଫୋନ୍‌ରେ ଗାନ୍ଧୀଙ୍କ ଭାଷଣ

ଏହି କେନ୍ଦ୍ରରେ ଏପରି ଏକ ଟେଲିଫୋନ୍ ରଖାଯାଇଛି, ଯାହା ଉଠାଇବା କ୍ଷଣି ଶୁଣିବାକୁ ମିଳିବ ଗାନ୍ଧିଜୀଙ୍କ ଭାଷଣ। ଏହା ପର୍ଯ୍ୟଟକ ଓ ଛାତ୍ରୀଛାତ୍ରଙ୍କୁ ବେଶ୍ ଆକର୍ଷିତ କରୁଛି। ଏହାସହିତ ସେଲ୍‌ଫି ବୁଥ୍ ଓ ଫିଡ୍ ବ୍ୟାକ୍ ଜୋନ୍ ରହିଛି। ଏକ କାଚ ଗୃହରେ ସ୍ୱତନ୍ତ୍ର କ୍ୟାମେରା ଖଞ୍ଜା ହୋଇଛି, ଯେଉଁଠି ଜଣେ ବ୍ୟକ୍ତି ନିଜର ଫଟୋ ଗାନ୍ଧିଜୀଙ୍କ



ସହ ଉଠାଇପାରିବେ ଏବଂ ଇମେଲ୍ ଜରିଆରେ ଉକ୍ତ ଫଟୋ ସଙ୍ଗେ ସଙ୍ଗେ ପାଇପାରିବେ। ଏହାସହିତ ଫିଡ୍‌ବ୍ୟାକ୍ ରୁମ୍‌ରେ ଥିବା ସ୍କ୍ରିନ୍‌କୁ ଟଚ୍ କରି ନିଜର ଅନୁଭୂତି ବଖାଣିଲେ ତାହା ତୁରନ୍ତ ସେଭ୍ ହୋଇ ହରିଯାଉଛି।

### ଆଶ୍ଚର୍ଯ୍ୟ କରୁଛି ଗାନ୍ଧୀଙ୍କ ଭଜନ

ଏକ ସ୍ୱତନ୍ତ୍ର କାଚ ଗୃହରୁ ଭାସି ଆସୁଛି ଗାନ୍ଧିଜୀଙ୍କ ପ୍ରିୟ ୫ ଗୀତ। ଗୁଜରାଟୀ, ବେଙ୍ଗଲୀ ଓ ହିନ୍ଦୀ ଭାଷାର ଏହି ସଙ୍ଗୀତ ପରିବେଷଣ କରାଯାଉଛି। ସେହି ସ୍ଥାନରେ ୫ ଭିନ୍ନ ଭିନ୍ନ ପରିମାଣ(ଓଜନ)ର ଲୁଣ ଡବା ରଖାଯାଇଛି। ସେଥିରୁ ଗୋଟିଏ ଡବା ଉଠାଇ ଏକ ସ୍ଥାନରେ ରଖିଲେ ଗୀତ ବଦଳିଯାଉଛି।

### ବାର୍‌କୋଡ୍ ସ୍କାନ୍ କଲେ ମିଳୁଛି ତଥ୍ୟ

ଗାନ୍ଧୀ ଶାନ୍ତି କେନ୍ଦ୍ର କାନ୍ଥରେ ରହିଛି ଏକ ବାର୍‌କୋଡ୍। ଏହାକୁ ମୋବାଇଲ୍ ଫୋନ୍‌ରେ ସ୍କାନ୍ କଲେ ଗାନ୍ଧିଜୀଙ୍କ ସମ୍ପର୍କରେ ତଥ୍ୟ ମିଳିପାରୁଛି। ସାଉଥ୍ ଆଫ୍ରିକାରେ ୧୮୯୩ରୁ ୧୯୧୪ ପର୍ଯ୍ୟନ୍ତ ମହାତ୍ମା ଗାନ୍ଧୀଙ୍କ କାର୍ଯ୍ୟାବଳୀ ସମ୍ପର୍କରେ ହେଉ ଅବା ଗାନ୍ଧିଜୀଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିବିଶେଷଙ୍କ ସମ୍ପର୍କରେ ଜାଣି ହେଉଛି।

## ଶ୍ରୀରାମଚନ୍ଦ୍ର ଭଞ୍ଜଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ



ଶ୍ରୀରାମଚନ୍ଦ୍ର ଭଞ୍ଜଦେବଙ୍କ ପ୍ରତିମୂର୍ତ୍ତିରେ ଉତ୍କଳ ସମ୍ମିଳନୀ ପକ୍ଷରୁ ମାଲ୍ୟାର୍ପଣ।

ଭୁବନେଶ୍ୱର, ୨୨।୨(ବ୍ୟୁରୋ)

ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି ତଥା ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେବଙ୍କ ଶ୍ରାଦ୍ଧଦିବସ ଶନିବାର ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପୂର୍ବାହ୍ନରେ ପାୱାର ହାଉସ୍ ଛକସ୍ଥିତ ଉତ୍କଳ ସମ୍ମିଳନୀ ସରଣୀ ଆରମ୍ଭରେ ସ୍ଥାପିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେବଙ୍କ ପ୍ରତିମୂର୍ତ୍ତିରେ ଉତ୍କଳ ସମ୍ମିଳନୀ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲୀପ ଦାଶଶର୍ମା ସଭାପତିତ୍ୱ କରି କହିଲେ, ଶ୍ରୀରାମଚନ୍ଦ୍ର ଭଞ୍ଜଦେବ ରାଜା ହୋଇ ମଧ୍ୟ ସେତେବେଳେ ଗଣତନ୍ତ୍ର ପ୍ରତିଷ୍ଠା ଚାହୁଁଥିଲେ। ଏବେ ଗଣତନ୍ତ୍ର ପ୍ରକ୍ରିୟାରେ ନିର୍ବାଚିତ ପ୍ରତିନିଧିମାନେ ରାଜତନ୍ତ୍ରରେ ବିଶ୍ୱାସ କରୁଛନ୍ତି। ସମ୍ମିଳନୀର ଉପଦେଷ୍ଟା ନିମାଇଁ ଚରଣ ଦାସ, ଉପସଭାପତି ଶୀତଳ ଚନ୍ଦ୍ର ମହାନ୍ତି, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, ଯୁଗ୍ମ ସମ୍ପାଦକ ଅଶୋକ ପାଲଟାସିଂହ, ବାସନ୍ତୀ ତ୍ରିପାଠୀ, ମହେଶ୍ୱର ବିଶ୍ୱାଳ, ଶିବ ପ୍ରସାଦ ମିଶ୍ର, ନଳିନୀ କୁମାର ମହାନ୍ତି, ଅଜୟ କାନୁନ୍‌ଗୋ, ନିରଞ୍ଜନ ପାତ୍ର, ଅକ୍ଷୟ ଜେଠୀ ଓ ଅଜୟ କୁମାର ଦାସ ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ହତ୍ୟା ଅଭିଯୋଗ ଆଣିଲେ ଚିନ୍ମୟଙ୍କ ପରିବାର ଲୋକେ

ଭୁବନେଶ୍ୱର,୨୨।୨(ବ୍ୟୁରୋ)

■ ଘର ଭିତରୁ ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣା
■ ସାଙ୍ଗକୁ ଅଟକ ରଖିଲା ପୋଲିସ

ଇନ୍‌ଫୋସିଟି ଥାନା ଅନ୍ତର୍ଗତ ସିପେଟ ନିକଟ ଏକ ଘରେ ରହୁଥିବା କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଅଞ୍ଚଳର ଚିନ୍ମୟ କୁମାର ସ୍ୱାଇଁଙ୍କ ଶୁକ୍ରବାର ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ଏକ ତାରରେ ଚିନ୍ମୟଙ୍କ ବେକ ବନ୍ଧାଯାଇ ଝୁଲନ୍ତା ଅବସ୍ଥାରେ ମୃତଦେହ ମିଳିଥିଲା। ହେଲେ ଉକ୍ତ ଘରେ ଚିନ୍ମୟଙ୍କର ଜଣେ ସାଙ୍ଗ ରହୁଥିବାବେଳେ ସେ ଏହା କିପରି ଜାଣିପାରିଲେନି ତାହାକୁ ନେଇ ସନ୍ଦେହ ଦୃଢ଼ୀଭୂତ ହୋଇଛି। ଅନ୍ୟପକ୍ଷରେ ଶନିବାର ମୃତ ଚିନ୍ମୟଙ୍କ ବାପା ଓ ମାମୁ ଇନ୍‌ଫୋସିଟି ଥାନାରେ ହତ୍ୟା ଅଭିଯୋଗ ଆଣିଛନ୍ତି। ପୋଲିସ ଚିନ୍ମୟଙ୍କ ସାଙ୍ଗକୁ ଥାନାରେ ଅଟକ ରଖି ତଦନ୍ତକୁ ଆଗକୁ ବଢ଼ାଇଛି।

ପରିବାର ଲୋକେ ଅଭିଯୋଗ କରିଛନ୍ତି, ଚିନ୍ମୟଙ୍କ ରୁମ୍‌ରେ ଆଉଜଣେ ଯୁବକ ରହୁଥିଲେ। କିଛିଦିନ ହେବ ଉକ୍ତ ରୁମ୍‌ମେଟ୍‌ଙ୍କ ସହ ଚିନ୍ମୟଙ୍କର ପଡୁ ନ ଥିଲା। ରୁମ୍‌ମେଟ୍ ଜଣକ କାମ କରୁଥିବା କମ୍ପାନୀରୁ ଚୋରି କରୁଥିଲେ। ଚିନ୍ମୟ ଏନେଇ କମ୍ପାନୀର ମାଲିକଙ୍କୁ କହିଦେଉଥିବାରୁ ରୁମ୍‌ମେଟ୍ ଅନେକ ସମୟରେ ତାଙ୍କ ସହ ପାଟିତୁଣ୍ଡ ସହ ମାର୍‌ପିଟ୍ କରୁଥିଲେ। ଗତ ସପ୍ତାହରେ ମଧ୍ୟ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ତେଣୁ ଉକ୍ତ ଯୁବକ ଜଣକ ଯୋଜନାବଦ୍ଧଭାବେ ଚିନ୍ମୟଙ୍କୁ ହତ୍ୟା କରି ପ୍ରମାଣ ଲୁଚାଇବା ପାଇଁ ତାରରେ ଝୁଲାଇ ଦେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ପୋଲିସ ଏହାକୁ ମଧ୍ୟ ଗୁରୁତ୍ୱର ସହ ଗ୍ରହଣ କରିବାକୁ ତଦନ୍ତ ତଦନ୍ତ ଚଳାଇଛି। ଶନିବାର ସକାଳୁ ସାଇଣ୍ଟିଫିକ୍ ଟିମ୍ ଉକ୍ତ ରୁମ୍‌କୁ ଯାଇ ତନାଘନା କରିଛି। ଏପରି କି ଚିନ୍ମୟ ବାନ୍ତି କରିଥିବା ଏହି ଟିମ୍ ଦେଖିବାକୁ ପାଇଛନ୍ତି। ଅନ୍ୟପକ୍ଷରେ ଥାନାରେ ଅଟକ ଥିବା ଯୁବକଙ୍କ କହିବା ଅନୁଯାୟୀ,ଜାଗର ଥିବାରୁ ଉଭୟ ଭାଙ୍ଗ କରି ପିଇଥିଲେ। ହେଲେ ମୁଁ ଶୋଇଯାଇଥିଲି। ଏହାପରେ କ'ଣ ହୋଇଛି ମୁଁ ଜାଣିନି। କିନ୍ତୁ ମୁଁ ନିଦରୁ ଉଠିଲା ପରେ ଚିନ୍ମୟ ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲି ବୋଲି ସଫେଇ ଦେଇଛନ୍ତି।




ଓଡ଼ିଶାରେ ଜାତୀୟ ଜନସଂଖ୍ୟା ପଞ୍ଜିକା(ଏନ୍‌ପିଆର୍) କାର୍ଯ୍ୟକାରୀ ନ କରାଇବା ଦାବିରେ ଶନିବାର 'ଆମେ ଭାରତବାସୀ' ସଂଗଠନ ପକ୍ଷରୁ ଲୋୟର ପିଏମ୍‌ଜି ଠାରେ ଦିଆଯାଇଥିବା ଧାରଣା।

## 'ନୂତନ ଭାରତ ଗଠନରେ ପିଏସ୍‌ୟୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

ଭୁବନେଶ୍ୱର, ୨୨।୨

**ନାଲ୍‌କୋ ପକ୍ଷରୁ ଲେକ୍‌ଚର ସିରିଜ୍**

ନୂତନ ଭାରତ ଗଠନରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗ (ପିଏସ୍‌ୟୁ)ଗୁଡିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ଭାଜପା ଏମ୍‌ପି ତଥା ଅର୍ଥନୀତିଜ୍ଞ ସୁବ୍ରମଣ୍ୟନ ସ୍ୱାମୀ ଗୁରୁତ୍ୱାରୋପ କରିଛନ୍ତି। ନାଲ୍‌କୋ ପକ୍ଷରୁ ଲେକ୍‌ଚର ସିରିଜ୍ 'ରେଲେଭାନ୍ସ ଅଫ୍ ପିଏସ୍‌ୟୁ ଇନ୍ ସେପିଂ ନିୟୁ ଇଣ୍ଡିଆ' କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ସେ କହିଛନ୍ତି ଯେ, ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକୁ ଠିକ୍ ଭାବେ ଉତ୍ସାହିତ କରିବାର ଆବଶ୍ୟକତା ରହିଛି। ବଜାର ସ୍ଥିତିକୁ ବିଚାର କରି ଏହି କମ୍ପାନୀଗୁଡିକ ପରିଚାଳନାରେ ଦକ୍ଷତା ହାସଲ କରିବାକୁ ହେଲେ ସେମାନଙ୍କୁ ନିଷ୍ପତ୍ତି ନେବାରେ ସ୍ୱାଧୀନତା ଦେବାକୁ ହେବ। କମ୍ପାନୀଗୁଡିକ କେବଳ ଲାଭ କମାଇବା ଉପରେ ନିଜକୁ ସୀମିତ ନ ରଖି ବିଭିନ୍ନ ଦିଗରେ ଫୋକସ୍ କରନ୍ତୁ ବୋଲି ସ୍ୱାମୀ ଆହ୍ୱାନ ଦେଇଛନ୍ତି। ସେ ପୁଣି କହିଛନ୍ତି ଯେ, ଏମିତି କିଛି କ୍ଷେତ୍ର ରହିଛି ଯାହାକୁ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଖୋଜି ବାହାର କରିବା ସହ ତାର ବିକାଶ ସାଧନ କରିପାରିବେ। ଏଭଳି ସ୍ଥିତିରେ ବାଣିଜ୍ୟିକ ସ୍ଥିତିକୁ ଧ୍ୟାନରେ ରଖି କମ୍ପାନୀଗୁଡିକ ଅଧିକ ପ୍ରତିଦ୍ୱନ୍ଦ୍ୱୀ ହେବାକୁ ପଡିବ। ଭାରତ ପିଏସ୍‌ୟୁଗୁଡିକର ପ୍ରକୃତ ଶକ୍ତିକୁ ଚିହ୍ନିବାକୁ ହେବ। ଏହାବାଦ ଭାରତୀୟ ଅର୍ଥନୀତି ଏବଂ ଆଲୁମିନିୟମ କ୍ଷେତ୍ରକୁ ନାଲ୍‌କୋର ଯୋଗଦାନ ମହତ୍ତ୍ୱପୂର୍ଣ୍ଣ ବୋଲି ସେ ମତ ରଖିଛନ୍ତି। ଦେଶ ଗଠନରେ ନାଲ୍‌କୋ ସର୍ବଦା ଏହାର ଯୋଗଦାନ ରଖି ଆସିଛି ବୋଲି ସିଏମ୍‌ଡି ଶ୍ରୀଧର ପାତ୍ର କହିଥିଲେ। କାର୍ଯ୍ୟକ୍ରମ ଅବସରରେ କମ୍ପାନୀର ଅଧିକାରୀ, କର୍ମଚାରୀ ଏବଂ ବିଭିନ୍ନ ଅଂଶୀଦାରମାନେ ଉପସ୍ଥିତ ଥିଲେ।

## ଆଚାର୍ଯ୍ୟ ହରିହରଙ୍କ ଶ୍ରାଦ୍ଧଦିବସ

ଭୁବନେଶ୍ୱର, ୨୨।୨(ବ୍ୟୁରୋ)

ଆସ ଭଲ ମଣିଷ ହେବା, ମଣିଷକୁ ଭଲ ପାଇବା, ଭଲ ସମାଜ ଗଠନ କରିବା। ଏହା ଥିଲା ପଞ୍ଚସଖାର ଅନ୍ୟତମ ସଖା ତଥା ବକୁଳବନ ବିଦ୍ୟାଳୟର ପୁରୋଧା ପ୍ରବୀଣ ଶିକ୍ଷକ ଆଚାର୍ଯ୍ୟ ହରିହରଙ୍କ ବାର୍ତ୍ତା ବୋଲି ଆଚାର୍ଯ୍ୟ ହରିହର ମହାବିଦ୍ୟାଳୟ ଅଧକ୍ଷା ମିନତି ରାଉତରାୟ କହିଛନ୍ତି। ଶନିବାର ଆଚାର୍ଯ୍ୟ ହରିହର ମହାବିଦ୍ୟାଳୟ ପରିସରରେ ଆଚାର୍ଯ୍ୟ ହରିହରଙ୍କ ଶ୍ରାଦ୍ଧ ଦିବସ ପାଳନ ଅବସରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ତାଙ୍କ ପ୍ରତିମୂର୍ତ୍ତିରେ ମଲ୍ୟାର୍ପଣ କରିଥିଲେ। ପରେ ଅଧକ୍ଷା ରାଉତରାୟଙ୍କ ସଭାପତିତ୍ୱରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧାପକ ମକରଧର ମିଶ୍ର, ଅଧାପିକା ଅନସୂୟା ମିଶ୍ର, ମୁକ୍ତିଲତା ପାଲ, ଚିନ୍ମୟୀ ପାତ୍ର, ଶାଶ୍ୱତୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଆସ୍ଥା ସ୍କୁଲରେ ଯୁଗ୍ମ ୨୦୨୦

ବାଲିଅନ୍ତା,୨୨।୨(ଡି.ଏନ.ଏ)

ଶ୍ରୀମାଙ୍କ ଜୟନ୍ତୀ ଅବସରରେ ବାଲିଅନ୍ତାସ୍ଥିତ ଆସ୍ଥା ସ୍କୁଲ ଅଫ ମ୍ୟାନେଜମେଣ୍ଟ ପରିସରରେ ୨ଦିନ ଧରି ଚାଲିଥିବା ଜାତୀୟସ୍ତରୀୟ ବାଗ୍ମୀତା ପ୍ରତିଯୋଗିତାର ୪ର୍ଥ ସଂସ୍କରଣ ଯୁଗ୍ମ ୨୦୨୦ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ରାଜ୍ୟ ଓ ରାଜ୍ୟ ବାହାରୁ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ପ୍ରଥମ ଦିବସରେ ମୁଖ୍ୟ ଉପଦେଷ୍ଟା ଭାଗୀରଥି ମହାପାତ୍ର ଯୋଗଦେଇଥିଲେ। ଏହାପରେ ଜୁରୀ ସଦସ୍ୟ ପ୍ରଫେସର ଡ.ଶର୍ମିଳା ସୁବ୍ରମନିୟନ, ଡ.ଅଶୋକ ମଙ୍ଗରାଜ, ଭାଗୀରଥି ମହାପାତ୍ର, ଡ.ଦେବୀଦତ୍ତ କର ଓ ସେକ୍ ଅବଦୁଲ କସମଙ୍କ ନିକଟରେ ଛାତ୍ରୀଛାତ୍ରମାନେ ନିଜ ବକ୍ତବ୍ୟ ରଖିଥିଲେ। ପ୍ରତିଯୋଗିତାରେ କଟକ ଏସସିବି କଲେଜର ଛାତ୍ର ପ୍ରୀତିମାନ ମିଶ୍ର ଚାମ୍ପିୟନ ହୋଇ ଟ୍ରଫି ସହ ନଗଦ ୨୫ହଜାର ଟଙ୍କା ଅତିଥିଙ୍କଠାରୁ ପାଇଥିଲେ। ପ୍ରଥମ ରନର୍ସ ଅପ ଭୁବନେଶ୍ୱର ସିଲିକନ ଇନଷ୍ଟିଚ୍ୟୁଶନର ଛାତ୍ର ସନତ ସ୍ୱାଇଁ ଓ ଏସସିବି କଲେଜର ସୋନମନ ଅମ୍ଳାନ ଦ୍ୱିତୀୟ ରନର୍ସ ଅପ ଭାବେ ପୁରସ୍କୃତ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ପଞ୍ଚମୁଖୀ ଏଜୁକେଶନାଲ ଓ ଚାରିଟେବୁଲ ଟ୍ରଷ୍ଟର ଚେୟାରମ୍ୟାନ ବିଜୟ ପାତ୍ର, ସମ୍ପାଦକ ଇଂ. ବଙ୍କିମ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଡ.ତ୍ରିଲୋଚନ ନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରଫେସର ରଞ୍ଜିତ ପାଢ଼ୀ ଧନ୍ୟବାଦ ଦେଇଥିଲେ। ପ୍ର.ସବ୍ୟସାଚୀ ପ୍ରଧାନ, ପ୍ର.ଜିନାଶିଷ ମହାନ୍ତି, ପ୍ର. ନିନ୍ଦିତା ମହାପାତ୍ର ଓ ପ୍ର. ଅଭିପ୍ସା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

## ଆଇବିଏମ୍ ପକ୍ଷରୁ ଏମ୍‌ଇଏମ୍‌ସି ୱିକ୍

ଭୁବନେଶ୍ୱର, ୨୨।୨

ଇଣ୍ଡିଆନ ବ୍ୟୁରୋ ଅଫ୍ ମାଇନ୍ସ (ଆଇବିଏମ୍) ଭୁବନେଶ୍ୱର ପକ୍ଷରୁ ଖଣି ପରିବେଶ ଏବଂ ଖଣିଜ ସମ୍ପଦ ସଂରକ୍ଷଣ (ଏମ୍‌ଇଏମ୍‌ସି) ସପ୍ତାହ ସ୍ଥାନୀୟ ଏକ ହୋଟେଲରେ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ପ୍ରମୁଖ ଖଣିଗୁଡିକ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ବିଶେଷଜ୍ଞମାନେ ଖଣି ଅଞ୍ଚଳରେ ବନୀକରଣ, ବର୍ଜ୍ୟବସ୍ତୁ ପରିଚାଳନା, ମୃତ୍ତିକା ପରିଚାଳନା, ପୁନର୍ବାସ ଥଇଥାନ, ସବ୍‌ଗ୍ରେଡ ମ୍ୟାଟେରିଆଲ ପରିଚାଳନା, ଜଳ ଏବଂ ବାୟୁ ପରିଚାଳନା ଭଳି ପ୍ରମୁଖ ଦିଗ ଉପରେ ଗୁରୁତ୍ୱାରୋପ କରିଥିଲେ। ଖଣି ପରିବେଶ ଏବଂ ସୁରକ୍ଷା ଦିଗରେ ଉଲ୍ଲେଖନୀୟ ଯୋଗଦାନ ରଖିଥିବା ଅଂଶୀଦାରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ କେନ୍ଦୁଝର, ସୁନ୍ଦରଗଡ, ଯାଜପୁର, କୋରାପୁଟ, ବଲାଙ୍ଗୀର, ଗଞ୍ଜାମ, କଟକ ଏବଂ ବରଗଡ ଭଳି ସ୍ଥାନରୁ ୮୨ ବକ୍ସାଇଟ, କ୍ରୋମ, ଡୋଲାମାଇଟ, ଚୂନପଥର, ଲୁହାପଥର, ମାଙ୍ଗାନିଜ ଭଳି ଖଣି ଅଂଶଗ୍ରହଣ କରିଥିଲେ।

## ଏଲ୍‌ଜି ପକ୍ଷରୁ ମାଗଣା ଜଳ ବିତରଣ କ୍ୟାମ୍ପ

ଭୁବନେଶ୍ୱର,୨୨।୨

ମହାଶିବରାତ୍ରି ଉପଲକ୍ଷେ ଏଲ୍‌ଜି ଇଲେକଟ୍ରୋନିକ୍ସ ଇଣ୍ଡିଆ ପକ୍ଷରୁ ଲିଙ୍ଗରାଜ ମନ୍ଦିରଠାରେ ମାଗଣା ଜଳ ବିତରଣ କ୍ୟାମ୍ପ ଆୟୋଜନ କରାଯାଇଥିଲା। ସକାଳ ୫ଟାରୁ ରାତି ୧୧ଟା ଯାଏ ଏହି ଅବସରରେ ୧୫ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କୁ ୨ ହଜାର ଲିଟରରୁ ଉର୍ଦ୍ଧ୍ୱ ଜଳଦାନ ଏହି ଅବସରରେ ହୋଇଥିଲା। ଏଲ୍‌ଜି ୱାଟର ପ୍ୟୁରିଫାୟର ମେଶିନ ସ୍ଥାପନ କରାଯାଇ ଲୋକଙ୍କୁ ଜଳ ପାନର କରିବାର ଅବସର ଦିଆଯାଇଥିଲା। ଏଭଳି କାର୍ଯ୍ୟକ୍ରମ ବିଗତ ଦିନଗୁଡିକରେ ହାତକୁ ନିଆଯାଇଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।




# ଖଜଣା ଭରୁଛନ୍ତି ଶ୍ରୀଲିଙ୍ଗରାଜ

ପୁରୁଣା ଭୁବନେଶ୍ୱର, ୨୨।୨ (ଡି.ଏନ.ଏ.)

ଏକାମ୍ର ଶ୍ରୀଲିଙ୍ଗରାଜ କ୍ଷେତ୍ରରେ ସୌନ୍ଦର୍ଯ୍ୟକରଣ ନେଇ ଦୀର୍ଘ ୩ ମାସରୁ ଉର୍ଦ୍ଧ୍ୱ ସମୟ ହେଲା ମାପଚୁପ ଚାଲିଛି। ହେଲେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଜବରଦଖଲ ଯୋଗୁ କାର୍ଯ୍ୟ ଆଗେଇ ପାରୁନାହିଁ। ଏଠାରେ ପୂର୍ବରୁ ବହୁ ଅଫିସର ଶ୍ରୀଲିଙ୍ଗରାଜ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଜିଲା ପ୍ରଶାସନର ବିଭିନ୍ନ ପଦ ପଦବୀରେ ରହିଛନ୍ତି। ସେମାନଙ୍କ ଅଭିଜ୍ଞତା କାରଣରୁ ମିଳିତ ଉଚ୍ଛେଦ ଟିମ୍‌ରେ ଦାୟିତ୍ୱ ଦିଆଯାଇଛି। ହେଲେ ସେମାନଙ୍କ କାର୍ଯ୍ୟକାଳ ସମୟରେ ଶ୍ରୀଲିଙ୍ଗରାଜଙ୍କ ବହୁ ମୂଲ୍ୟବାନ ଜମିକୁ ସେମାନେ ଚଞ୍ଚକତା କରି ପ୍ରଭାବଶାଳୀ ଗୋଷ୍ଠୀ ନିଜ ନାମରେ ରେକର୍ଡ କରାଇଥିଲେ। ପୁଣି ସେହି ଅଧିକାରୀ କିଭଳି କାର୍ଯ୍ୟାନୁଷ୍ଠାନ ନେବେ ଏହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଶ୍ରୀଲିଙ୍ଗରାଜଙ୍କ ଭୂସମ୍ପତ୍ତି ଆବହମାନକାଳରୁ ସର୍ବସାଧାରଣ ରାସ୍ତା, ଦେବସ୍ଥଳୀ, ମନ୍ଦିର ବେଢା ଓ ସର୍ବସାଧାରଣ ଉଦ୍ଦେଶ୍ୟରେ ରହିଥିବା ଦର୍ଶାଯାଇଛି। ଏଗୁଡିକ ବହୁ ରାଜନୈତିକ, ପ୍ରଭାବଶାଳୀ ବ୍ୟକ୍ତି ନିଜ ରଖିବା ସହ ସମ୍ପର୍କୀୟଙ୍କ ନାମରେ କରାଇ ନେଇଛନ୍ତି। କେତେକ କ୍ଷେତ୍ରରେ ଶ୍ରୀଲିଙ୍ଗରାଜ ଜମିଗୁଡିକୁ ଜବରଦଖଲ କରିବା ପରେ ସାଧାରଣ ପ୍ରଶାସନ ସେମାନଙ୍କ ନାମରେ ବେଆଇନ ଦଖଲ ଓ ଜବରଦଖଲ ଲେଖାଯାଇଛି। ଏହାଦ୍ୱାରା ଜବରଦଖଲକାରୀ ଆଇନ ଅଦାଲତ ପେଞ୍ଚ ଦେଖାଇ ଭୋଗ ଦଖଲ କରୁଛନ୍ତି। ଫଳରେ ଶ୍ରୀଲିଙ୍ଗରାଜ ଏହାର ଖଜଣା ଭରୁଛନ୍ତି।

ଶ୍ରୀଲିଙ୍ଗରାଙ୍କ ବହୁ ମୂଲ୍ୟ ଜମି ଓ ରୀତି ନୀତି ସହ ଜଡିତ ଦେବସ୍ଥଳୀଗୁଡିକୁ ଜବରଦଖଲ କରାଯାଇଛି।

**ଭୋଗ ଦଖଲରେ ଜବରଦଖଲକାରୀ**



ଶ୍ରୀପଞ୍ଚମୀ ପଡ଼ିଆ ଫାଇଲ୍ ଫଟୋ।

ଏ ନେଇ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶିତ ହୋଇଛି। ଶ୍ରୀଲିଙ୍ଗରାଜଙ୍କ ଲାଖବିନ୍ଧା ପଡିଆ ଓ ଶ୍ରୀପଞ୍ଚମୀ ପଡିଆ ଅନ୍ୟତମ। ଏଗୁଡିକର ପ୍ରଜା ଶ୍ରୀଲିଙ୍ଗରାଜ ମହାପ୍ରଭୁ ମାର୍ଫତ ଟ୍ରଷ୍ଟବୋର୍ଡ ଥାଇ ମଧ୍ୟ ତାହାକୁ ପ୍ରଭାବଶାଳୀ ବ୍ୟକ୍ତି ଭୋଗ ଦଖଲ କରୁଛନ୍ତି। ଏସବୁର ଟିକସ ମଧ୍ୟ ଶ୍ରୀଲିଙ୍ଗରାଜଙ୍କ ନାମରେ ଗଡୁଛି। ଭୁବନେଶ୍ୱର ମୌଜା ୟୁନିଟ୍ ୨୭ ଅନ୍ତର୍ଗତ ଖତିଆନା ନଂ. ୨୮୮ରେ ମୋଟ ୧୬୭ ଗୋଟି ପ୍ଲଟ ୧୯ ଏକର ୮ ଡିସିମିଲ ରେକର୍ଡ ଭୁକ୍ତ ହୋଇଛି। ମାତ୍ର କେତୋଟି ମନ୍ଦିର ବିଜେ ସ୍ଥଳୀ ଛାଡି ଦେଲେ ଅଧିକାଂଶ ଜମି ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ସେଥିମଧ୍ୟରୁ ପ୍ଲଟ ନଂ. ୧୯୭୭, ୧୦୩ ଡିସିମିଲ ହୋଇଥିବାବେଳେ ରଥକାଠ ଅନୁକୂଳ ସମ୍ବନ୍ଧରେ ଥାଇ ମଧ୍ୟ ଜଣେ ବ୍ୟକ୍ତି ଏଠାରେ ଘର ନିର୍ମାଣ କରିଛନ୍ତି। ଉକ୍ତ ସ୍ଥାନରେ ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ଶ୍ରୀଲିଙ୍ଗରାଜଙ୍କ ଭୂସମ୍ପତ୍ତି ବୋଲି ଗୋଟିଏ ବୋର୍ଡ ମାରି ନିଜର କାର୍ଯ୍ୟ ସାରି ଦେଇଛନ୍ତି। ପୂର୍ବରୁ ୨ ଏକରରୁ ଉର୍ଦ୍ଧ୍ୱ ଶ୍ରୀପଞ୍ଚମୀ ପଡିଆ ରହିଥିବା ସ୍ଥଳେ ଏବେ ପ୍ଲଟ ନଂ. ୧୯୮୦ ମାତ୍ର ୫ ଡିସିମିଲ ଶ୍ରୀଲିଙ୍ଗରାଜଙ୍କ ଭୋଗ ଲାଗି ପୀଠ ରହିଛି। ଏହି ୨୮୮ ଖାତାରେ ଖଜଣା ବାବଦକୁ ୩୦୯୪ ଟଙ୍କା ଓ ସେସ୍ ବାବଦକୁ ୯୪୫ ଟଙ୍କା ୪୪ ପଇସା ଏପରି ମୋଟ ୪୦୪୦ଟଙ୍କା ୩୪ ପଇସା ଟିକସ୍ ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ନାମରେ ଗଡୁଥିବାବେଳେ ଏହା ଜବରଦଖଲକାରୀଙ୍କ ଭୋଗ ଦଖଲରେ ରହିଛନ୍ତି।

### ଦକ୍ଷ ଅଫିସରଙ୍କ ବଦଳି ଯୋଗୁ ଅବ୍ୟବସ୍ଥା

ଜବରଦଖଲ ସମ୍ପତ୍ତି ପୁନରୁଦ୍ଧାର ନେଇ ପଦକ୍ଷେପ ନେଉଥିବା ଅଫିସରଙ୍କୁ ଆକ୍ରୋଶମୂଳକ ଭାବେ ବିଭିନ୍ନ ସମୟରେ ବଦଳି କରି ଦିଆଯାଉଛି। ଏଥିଯୋଗୁ ଏପରି ସମସ୍ୟା ବଢି ଚାଲିଛି। କିଛିବର୍ଷ ପୂର୍ବରୁ ୧୫୫ ଗୋଟି ବେଆଇନ ଦଖଲ ଓ ବିକ୍ରି କବଲା ହୋଇଥିବା ଠାକୁର ସମ୍ପତ୍ତି ଜବରଦଖଲକାରୀଙ୍କ ନାମରେ ରେକର୍ଡ କରାଇବା ନେଇ ଘୋଷଣା କରାଯାଇଥିଲା। ମାତ୍ର ୧୯୭୪ ମସିହାରୁ ଉଚ୍ଚ ନ୍ୟାୟାଳୟ ଏହି ୧୫୫ଗୋଟି ଜମି ମଧ୍ୟରୁ ଅଧିକାଂଶ କୌଣସି ବ୍ୟକ୍ତିଗତ ମାଲିକାନାକୁ ନ ଯିବା ନେଇ ରାୟ ଦେବାରୁ ଏହା ଲଟକି ରହିଥିଲା। ଯେଉଁ ସଚ୍ଚୋଟ ଅଧିକାରୀ ବର୍ଷ ବର୍ଷ ଧରି ଜବରଦଖଲ ସମ୍ପତ୍ତି ପୁନରୁଦ୍ଧାର ନେଇ ବୋର୍ଡ଼ ମାରିବା ଓ ଅନ୍ୟ ପଦକ୍ଷେପ ନେଉଛନ୍ତି ସେମାନଙ୍କୁ ରାତିଅଧିଆ ବଦଳି କରାଯାଉଥିବା ଯୋଗୁ ଅନ୍ୟ କେହି ସାହାସ ଜୁଟାଇ ପାରୁନାହାନ୍ତି।

### ଅଧିକାଂଶ ଉଚ୍ଚବର୍ଗଙ୍କ ଦଖଲରେ ଠାକୁର ସମ୍ପତ୍ତି

ଶ୍ରୀଲିଙ୍ଗରାଜଙ୍କ ବିଭିନ୍ନ ମୌଜାରେ ରହିଥିବା ମୋଟ ସମ୍ପତ୍ତିରୁ ଅଧିକାଂଶ ଜମି ଉଚ୍ଚବର୍ଗ, ଅନ୍ୟମାନଙ୍କ ଜବରଦଖଲରେ ରହିଛି। ଜମି ଜବରଦଖଲ ଓ ଟିକସ୍ ସମ୍ପର୍କରେ ଶ୍ରୀଲିଙ୍ଗରାଜ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାସଙ୍କୁ ପଚାରିବାରେ ସର୍ବସାଧାରଣ ଯାହା ଖଜଣା ଦେଉଛନ୍ତି, ଅନୁରୂପ ଭାବେ ଶ୍ରୀଲିଙ୍ଗରାଜ ସେତିକି ଦେଉଛନ୍ତି। ଶ୍ରୀଲିଙ୍ଗରାଜ ଯେଉଁ ଜବରଦଖଲ ଜମି ପାଇଁ ଖଜଣା ଦେଉଛନ୍ତି ତାହାକୁ ତୁରନ୍ତ ଉଚ୍ଛେଦ କରାଯିବ ବୋଲି ସେ କହିଥିଲେ।

# ପରୀକ୍ଷା

**ବର୍ତ୍ତମାନ ଚାଲିଛି ପରୀକ୍ଷା ସିଜନ୍ । ମାଟ୍ରିକ୍ ପରୀକ୍ଷା ଚାଲିଥିବା ବେଳେ ଅନ୍ୟାନ୍ୟ ପରୀକ୍ଷା ପାଖେଇ ଆସୁଛି। ପ୍ରାୟ ସମସ୍ତ ଛାତ୍ରୀଛାତ୍ରଙ୍କ ମନରେ ଏହାକୁ ନେଇ ବଢ଼ିଯାଇଛି ଟେନ୍‌ସନ୍ । ହେଲେ ନିଜକୁ ଚାପମୁକ୍ତ ରଖିବା ସହ କେତେକ କଥା ପ୍ରତି ସଜାଗ ରହିଲେ ପରୀକ୍ଷାରେ ଆଶାନୁରୂପ ଫଳ ମିଳିବା ହୋଇଥାଏ ସହଜ...**



ପରୀକ୍ଷା ପାଖେଇ ଆସିଲେ କିମ୍ବା ପରୀକ୍ଷା ଚାଲିଥିବା ବେଳେ ପଢ଼ିବା ଆଳରେ ଖାଇବା, ଶୋଇବା ଆଦିରେ ଅବହେଳା କରି ସ୍ୱାସ୍ଥ୍ୟ ସମସ୍ୟା ଭୋଗିବା ହେଉ କିମ୍ବା ପରୀକ୍ଷାକୁ ନେଇ ମାନସିକ ଚାପଗ୍ରସ୍ତ ହୋଇପଡ଼ିବା ଭଳି ସମସ୍ୟା ଅନେକଙ୍କ ଠାରେ ଦେଖିବାକୁ ମିଳେ। ତେଣୁ ଏ ସମୟରେ କିଭଳି ନିଜକୁ ଶାରୀରିକ ଏବଂ ମାନସିକ ସ୍ତରରେ ଫିଟ୍ ରଖି ପରୀକ୍ଷା ଦେବେ ଜାଣି ରଖନ୍ତୁ...

▶ ପଢ଼ିବା ଲାଗି ସର୍ବଦା ଏକ ନିରୋଳା ସ୍ଥାନ ବାଛନ୍ତୁ। ଯେଉଁ ବିଷୟ ଅଧିକ ସହଜ ଅବା ପ୍ରିୟ ତାକୁ ଅଧିକ ଗୁରୁତ୍ୱ ଦେବା ପରିବର୍ତ୍ତେ ସମସ୍ତ ବିଷୟକୁ ସମାନ ଗୁରୁତ୍ୱ ଦିଅନ୍ତୁ। ଅଧିକ କଷ୍ଟ ବିଷୟ ପାଇଁ ପାହାନ୍ତା ସମୟ ବା ବ୍ରାହ୍ମ ମୁହୂର୍ତ୍ତ ସବୁଠୁ ଭଲ। କାରଣ ଏହି ସମୟରେ ମସ୍ତିଷ୍କ ସବୁଠାରୁ ଅଧିକ ସକ୍ରିୟ ରହିଥିବାରୁ ପାଠ ସହଜରେ ମନେ ରହିଥାଏ।

▶ ଯଦି ପରୀକ୍ଷା ଚାଲିଛି ତେବେ ସେଥିରେ କ'ଣ ଭୁଲ ହେଲା, କେତେ ମାର୍କ ଆସିବ ଆଦି ବିଷୟରେ ଚିନ୍ତା ପରି ମାନସିକ ଚାପ ନ ନେଇ ପରବର୍ତ୍ତୀ ପରୀକ୍ଷା ଲାଗି ପ୍ରସ୍ତୁତ ହୁଅନ୍ତୁ। ନଚେତ୍ ଏହାର ନକରାତ୍ମକ ପ୍ରଭାବ ପରବର୍ତ୍ତୀ ପରୀକ୍ଷା ଉପରେ ପଡ଼ିବ ଏବଂ ଅଶାନୁରୂପ ନମ୍ବର ମଧ୍ୟ ମିଳିବାରେ କଷ୍ଟ ହେବ।





▶ ପରୀକ୍ଷା ଚାଲିଥିବା ବେଳେ କିମ୍ବା ପାଖେଇ ଆସିଲେ ଅନେକେ ରାତି ଅନିଦ୍ରା ହୋଇ ପାଠ ପଢ଼ନ୍ତି। ହେଲେ ଏପରି କରିବା ଦ୍ୱାରା ମସ୍ତିଷ୍କକୁ ଆଦୌ ବିଶ୍ରାମ ନ ମିଳିବା କାରଣରୁ ପାଠ ମନେ ରହିବା ବଦଳରେ ଭୁଲି ହୋଇଯାଏ। ବେଳେବେଳେ ରାତି ଅନିଦ୍ରା ହୋଇ ପଢ଼ି ସକାଳୁ ପରୀକ୍ଷା ଦେବା ସମୟରେ ଅନେକଙ୍କୁ ନିଦ ଆସେ ଏବଂ ଠିକ୍ ଭାବେ ଉତ୍ତର ଲେଖିବାରେ ଅସୁବିଧା ହେବାର ନିଜର ରହିଛି। କେବଳ ଏତିକି ନୁହେଁ ରାତି ଅନିଦ୍ରା ଯୋଗୁ କେତେକଙ୍କ ଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜି ପରୀକ୍ଷାରେ ଭଲ ନମ୍ବର ରଖିବା ତ ଦୂରର କଥା ପରୀକ୍ଷା ଦେବା ବି କଷ୍ଟକର ହୋଇପଡ଼େ। ତେଣୁ ପରୀକ୍ଷାରେ ଭଲ କରିବାକୁ ହେଲେ ପଢ଼ିବା ସହିତ ଆବଶ୍ୟକ ନିଦ୍ରା ବି ଜରୁରୀ। ଏହା ଉଭୟ ଶାରୀରିକ ଏବଂ ମାନସିକ ସ୍ତରରେ ଫିଟ୍ ରଖିବ ଏବଂ ପରୀକ୍ଷା ଭଲ କରିବାରେ ସାହାଯ୍ୟ କରିବ।

▶ ଠିକ୍ ସେହିପରି ଏ ସମୟରେ ପଢ଼ା ନିଶାରେ ଅନେକେ ଖାଦ୍ୟପେୟ ପ୍ରତି ମଧ୍ୟ ଅବହେଳା କରିବସନ୍ତି ଏବଂ ଗ୍ୟାସ୍, ଏସିଡିଟି, ବାନ୍ତି, ଝାଡ଼ା ଭଳି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ଯାହାକି ପରୀକ୍ଷା ଲାଗି ସବୁଠୁ ଅଧିକ ବାଧା ଉପୁଜାଇଥାଏ। ତେଣୁ ପରୀକ୍ଷା ସମୟରେ ପ୍ରଚୁର ପରିମାଣରେ ପାଣି ପିଇବା ସହ ଯଥା ସମ୍ଭବ ତେଲ ମସଲା, ଫାଷ୍ଟଫୁଡ୍ ଭଳି ଖାଦ୍ୟଠାରୁ ଦୂରେଇ ରୁହନ୍ତୁ ଏବଂ ସୁଷମ ଖାଦ୍ୟ ଖାଆନ୍ତୁ।

▶ ପରୀକ୍ଷା ବେଳେ ପାଠ ଘୋଷିବାର ବଦଭ୍ୟାସ ଅନେକଙ୍କର ରହିଛି। ତେଣୁ ଏପରି ନ କରି ପାଠକୁ ବୁଝନ୍ତୁ। ବିଶେଷ କରି ପରୀକ୍ଷା ଚାଲିଥିଲେ ଆଗାମୀ ପେପର ଲାଗି କୌଣସି ନିର୍ଦ୍ଦିଷ୍ଟ ପ୍ରଶ୍ନୋତ୍ତରକୁ ଘୋଷିବା ବଦଳରେ ବହିର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଥରେ ଭଲ ଭାବେ ପଢ଼ି ନେବା ବୁଦ୍ଧିମତ୍ତାର କାମ। କାରଣ ବର୍ତ୍ତମାନର ପରୀକ୍ଷା ପଦ୍ଧତି ଯାହା, ପ୍ରତି ପୁସ୍ତକର ପ୍ରଥମ ପୃଷ୍ଠାରୁ ଶେଷ ପୃଷ୍ଠା ପର୍ଯ୍ୟନ୍ତ ପାଠକୁ ଠିକ୍‌ରେ ବୁଝିବା ଆବଶ୍ୟକ। ଯେହେତୁ ପ୍ରଶ୍ନ ଅନେକ, ପ୍ରତି ପୃଷ୍ଠା କିମ୍ବା ପ୍ରସଙ୍ଗରୁ ପ୍ରଶ୍ନ ନିହାତି ଆସିପାରେ। ସେହିପରି ଯେଉଁମାନଙ୍କର ପରୀକ୍ଷା ପାଖେଇ ଆସୁଛି ସେମାନେ ଏ ସମୟରେ ଆଉ ବଡ଼ ବଡ଼ ପ୍ରଶ୍ନୋତ୍ତର ପଢ଼ିବା କିମ୍ବା ଘୋଷିବାରେ ସମୟ ନଷ୍ଟ ନ କରି କୋର୍ସ ରିଭିଜନ ଅର୍ଥାତ୍ ଶର୍ଟଟର୍ମ ଷ୍ଟଡି ବା ଇଣ୍ଟେନ୍ସିଭ୍ ଷ୍ଟଡି ପ୍ରତି ଅଧିକ ଗୁରୁତ୍ୱ ଦିଅନ୍ତୁ।

▶ ପରୀକ୍ଷା ବେଳେ ମସ୍ତିଷ୍କ ଉପରେ ପଢ଼ାର ଚାପ ଥିବାରୁ ବେଳେବେଳେ ଏହା ଭ୍ରମିତ ହୋଇଯାଏ। ତେଣୁ ପଢ଼ା ମଝିରେ କିଛି ସମୟ ମସ୍ତିଷ୍କକୁ ଆରାମ ଦିଅନ୍ତୁ। ତା'ଛଡ଼ା କିଛି ସମୟ କପାଳଭାତି, ଅନୁଲୋମ ବିଲୋମ, ବଜ୍ରାସନ, ଭ୍ରାମରି ଭଳି ଆସନ କଲେ ମଧ୍ୟ ପଞ୍ଚ ଇନ୍ଦ୍ରିୟ ସକ୍ରିୟ ରଖିବା ସହ ମାନସିକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିବ। ଯାହାର ସକାରାତ୍ମକ ପ୍ରଭାବ ପରୀକ୍ଷା ଉପରେ ପଡ଼ିବ।

## ଏ ସପ୍ତାହର ପ୍ରଶ୍ନ

୧ – ମୋନାଲିସାର ଚିତ୍ର ପ୍ରଥମ ଥର....... ମସିହାରେ ଲୌର୍ଭ ମ୍ୟୁଜିୟମ୍‌ରେ ପ୍ରଦର୍ଶିତ ହୋଇଥିଲା ?
୨– ଆର୍‌ଗନ୍ ଗ୍ୟାସ୍.......... ଆବିଷ୍କାର କରିଥିଲେ ?
୩– ମସ୍କିଟୋ ରିପେଲିଂ ଫୋନ୍ ଲଞ୍ଚ କରିଥିବା କମ୍ପାନୀ....... ?
୪– ବିଶ୍ୱ ହୋମିଓପାଥି ଦିବସ........... ତାରିଖରେ ପାଳନ କରାଯାଇଥାଏ ?
୫– ଦି ଜଏଣ୍ଟ ମିଲିଟାରି ଏକ୍ସରସାଇଜ୍ 'ର୍‌ୟାପିଡ୍ ଟ୍ରାଇଡେଣ୍ଟ ୨୦୧୮' ପ୍ରଥମେ........ ଦେଶରେ ଆରମ୍ଭ କରାଗଲା ?

## ଗତ ଥରର ଉତ୍ତର

୧ ହ୍ୱାଇଟ୍ ହାଉସ୍, ଆମେରିକା
୨ କେ. ରାମକ୍ରିଷ୍ଣ ରାଓ
୩ କଲିକତା
୪ ଘାନା
୫ ୱି ସର୍ଭ ଆଣ୍ଡ ପ୍ରୋଟେକ୍ଟ ବା ସେବା ଓ ସୁରକ୍ଷା

## ଉତ୍ତର ଦାତା


ପ୍ରଶାନ୍ତ କର, ପୁରୀ


ଅବିନାଶ ମହାନ୍ତି, ପୁରୀ


ରବୀନ୍ଦ୍ର ନାଥ, ଜାମସେଦପୁର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

## ୟୁ | ଥ୍ | ଆ | ଲ | ର୍ଟ

# ଯୁବାବସ୍ଥାରେ ଆଙ୍କୋଲାଇଜିଂ ସ୍ପଣ୍ଡିଲୋସିସ୍



**ବୃଦ୍ଧାବସ୍ଥା ହେଉ ବା ଯୁବାବସ୍ଥା, ରୋଗ କେବେ ବୟସ ଦେଖେନି। ତା'ଛଡ଼ା ବର୍ତ୍ତମାନର ପରିବର୍ତ୍ତିତ ଜୀବନଶୈଳୀ ଯୋଗୁ ଦିନକୁ ଦିନ ନୂଆ ନୂଆ ରୋଗ ସୃଷ୍ଟି ହେଉଛି, ଯାହାକୁ ଅଧିକାଂଶ ଅବହେଳାକରି ପରବର୍ତ୍ତୀ ସମୟରେ ଜଟିଳ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେମିତି ଏକ ସମସ୍ୟା ହେଉଛି ଯୁବାବସ୍ଥାରେ ଗ୍ରୀବା ସ୍ତମ୍ଭ ବା ଆଙ୍କୋଲାଇଜିଂ ସ୍ପଣ୍ଡିଲୋସିସ୍। ଏଥିରେ ପୀଡ଼ିତ ହୋଇ ହେଳା କଲେ ବହୁ ସମସ୍ୟା, କଷ୍ଟ ଯନ୍ତ୍ରଣା ଭୋଗ କରିବାକୁ ପଡ଼ିଥାଏ...**

ବର୍ତ୍ତମାନ ଅଧିକ ସମୟ କମ୍ପ୍ୟୁଟର, ମୋବାଇଲ୍ ଆଦିର ବ୍ୟବହାର ଏବଂ ଅନ୍ୟାନ୍ୟ କାରଣରୁ ଯୁବାବସ୍ଥାରୁ ଅନେକଙ୍କଠାରେ ଆଙ୍କୋଲାଇଜିଂ ସ୍ପଣ୍ଡିଲୋସିସ୍ ସମସ୍ୟା ଦେଖିବାକୁ ମିଳୁଛି। ଏହା ଏମିତି ଏକ ରୋଗ, ଯାହାକୁ ଯଥା ସମୟରେ ଚିକିତ୍ସା ନ କରାଇଲେ ମଣିଷକୁ ସମ୍ପୂର୍ଣ୍ଣ ଶଯ୍ୟାଶାୟୀ କରିଦେଇପାରେ। ଆୟୁର୍ବେଦ ଚିକିତ୍ସା ବିଜ୍ଞାନରେ ସ୍ପଣ୍ଡିଲୋସିସ୍‌ର ସାଦୃଶ୍ୟ ଅନେକ ପ୍ରକାର ସନ୍ଧିଗତ ରୋଗର ବର୍ଣ୍ଣନା କରାଯାଇଛି। ଏହା ଏକ କ୍ରମବର୍ଦ୍ଧିଷ୍ଣୁ ଶୋଫ ସୃଷ୍ଟିକାରୀ ରୋଗ, ଯାହାକି ସାଧାରଣତଃ ମେରୁଦଣ୍ଡର ସନ୍ଧି ଓ ନିକଟସ୍ଥ ମାଂସ ତନ୍ତୁଗୁଡ଼ିକୁ ବିକୃତ କରିଥାଏ। ଏହା ସହିତ କୀଟସନ୍ଧି, ଜାନୁସନ୍ଧି ବା ସ୍କନ୍ଧ ସନ୍ଧିଗୁଡ଼ିକୁ ଅଧିକ ପ୍ରଭାବିତ କରାଇଥାଏ। ହସ୍ତ ଓ ପାଦର ଅନ୍ୟାନ୍ୟ ସନ୍ଧିଗୁଡ଼ିକ କଦବା କ୍ୱଚିତ୍ ପ୍ରଭାବିତ ହୁଏ। ଏଥିରେ କ୍ରମଶଃ ମେରୁଦଣ୍ଡ, ବେକ, ଅଣ୍ଟା ତଥା କାନ୍ଧ ଦୁଇଟି ପ୍ରଭାବିତ ହୋଇଥାଏ। ଫଳରେ ସକାଳୁ ଉଠିଲେ ଅଣକଟା ଓ ବେକ ଦରଜ ହୋଇଥାଏ, ପ୍ରାଥମିକ ଅବସ୍ଥାରୁ ଏହାର ଉପଯୁକ୍ତ ଚିକିତ୍ସା ନ କଲେ ବେଳେବେଳେ ଏହା ମେରୁଦଣ୍ଡ ନମନୀୟତା ହ୍ରାସ କରି ଅଚଳ କରିଦିଏ।

ଏହି ରୋଗରେ ମହିଳାମାନଙ୍କ ଅପେକ୍ଷା ଦଶଗୁଣ ଅଧିକ ପୁରୁଷ ପୀଡ଼ିତ ବୋଲି ଅନୁସନ୍ଧାନରୁ ଜଣାପଡ଼ିଛି। ୧୫ରୁ ୪୦ ବର୍ଷ ବୟସ ମଧ୍ୟରେ ବିଶେଷତଃ ଜୀବନର ତୃତୀୟ ଅବସ୍ଥାରେ ଏହି ରୋଗ ଅଧିକ ଦେଖାଯାଏ।

ଏହି ରୋଗର ସଠିକ କାରଣ ଏ ପର୍ଯ୍ୟନ୍ତ ଆଧୁନିକ ଚିକିତ୍ସାବିଦ୍‌ମାନଙ୍କୁ ଅଜଣା ରହିଛି। ପ୍ରାୟତଃ ବଂଶଗତଜନିତ ଏଚ୍.ଏଲ୍.ବି.-୨୭ ନାମକ ଜିନ୍ ଏହି ରୋଗୀମାନଙ୍କଠାରେ ଦେଖାଯାଇଥାଏ। ଜିନ୍‌ଗତ କାରଣ ବା Genetic Factor, ପାରିପାର୍ଶ୍ୱିକ କାରଣ ବା Environmental Factors ତଥା Infection ବା ସଂକ୍ରମଣ ଏହି ରୋଗ ସୃଷ୍ଟିରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବାର ଅନୁମାନ କରାଯାଏ। ଆୟୁର୍ବେଦ ଚିକିତ୍ସା ବିଜ୍ଞାନ ଅନୁସାରେ ଖାଦ୍ୟ ଠିକ୍ ଭାବେ ପରିପାକ ନ ହୋଇ ଆମ ସୃଷ୍ଟି, ଥଣ୍ଡା ସର୍ଦ୍ଦି, କଫକର ଆହାର ସେବନ ପରେ ତୁରନ୍ତ ବ୍ୟାୟାମ, କଫକର, ଗୁରୁ ତଥା ଅଭିଷ୍ୟନ୍ଦୀ ଦ୍ରବ୍ୟ ଯଥା ବିରି, ଦହି, ଅମ୍ଳ ପଦାର୍ଥର ଅଧିକ ସେବନ କରିବା, ଶ୍ରମ ଆଦୌ ନ କରିବା, ଅଧିକ ଧାତୁକ୍ଷୟ ଆଦି ବିଭିନ୍ନ କାରଣ ପାଇଁ ଏହି ରୋଗ ହୁଏ। ଏହି ଆଙ୍କୋଲାଇଜିଂ ସ୍ପଣ୍ଡିଲୋସିସ ରୋଗ ସାଧାରଣତଃ ମେରୁଦଣ୍ଡ ଓ ଅସ୍ଥି ସନ୍ଧି, ଗ୍ରୀବାର କୌଣସି ଅଂଶରେ ପ୍ରଥମେ ଆରମ୍ଭ ହୋଇଥାଏ। ଏହା କ୍ରମଶଃ ମେରୁଦଣ୍ଡର ଅନ୍ୟ ଅଂଶକୁ ବ୍ୟାପିଯାଏ, ସନ୍ଧିଗତ ଶ୍ଳେଷ କଳା ବା sinovial membraneରେ ଶୋଫ ବା Inflamation ସୃଷ୍ଟି ହୁଏ। ଲସିକା ତଥା ରକ୍ତକଣିକା ମଧ୍ୟ ଜମା ହୋଇଯାଏ। ତରୁଣାସ୍ଥିମାନଙ୍କରେ ତନ୍ତୁ କାଠିନ୍ୟ ସୃଷ୍ଟି ହୁଏ। Spinal Cord ଓ ସଂଯୁକ୍ତ ରଜ୍ଜୁ ବା ligaments dendons ମାନଙ୍କରେ ମଧ୍ୟ ଶୋଫ ବା Inflamation ସୃଷ୍ଟି ହୁଏ। ଏଥିରେ ସକାଳୁ ଉଠିଲେ ଅଣ୍ଟା, ପିଠି, ବେକ ଦରଜ ହେବା ଏବଂ ବେକ ବୁଲାଇବାରେ ଯନ୍ତ୍ରଣା, ଦରଜ, ଅନ୍ୟ ଗଣ୍ଠି, ଜଙ୍ଘ ସନ୍ଧି, ଆଣ୍ଠୁ, ମଣିବନ୍ଧ, କହୁଣି ଆଦି ଫୁଲିବା ଓ ଦରଜ ହେବା ଭଳି ଲକ୍ଷଣ ପରିଲକ୍ଷିତ ହୁଏ। ଅନେକଙ୍କ ଗୋଡ଼, ପାଦ, ଗୋଇଠି ମଧ୍ୟ ଦରଜ ହୁଏ। ଫଳରେ ରାତିରେ ଶୋଇ କରି ସକାଳୁ ଉଠିଲା ପରେ ପାଦ ତଳେ ଲଗାଇବାକୁ ମଧ୍ୟ କଷ୍ଟ ହୁଏ। ଏଥିରେ ପେଟ ଦରଜ, ଲାଳଝାଡ଼ା ଓ ଚର୍ମଗତ ରୋଗର ଲକ୍ଷଣ ମଧ୍ୟ ଦେଖାଯାଇପାରେ। ଏହାର ଲକ୍ଷଣ ପରିଲକ୍ଷିତ ହେଲେ ରୋଗ ଚିହ୍ନଟ କରିବା ପାଇଁ କିଛି ରକ୍ତ ପରୀକ୍ଷା କରିବା ଆବଶ୍ୟକ, ଯେପରିକି ୟୁରିକ୍‌ଏସିଡ୍, ଇଶନୋଫିଲ, ଇ.ଏସ୍.ଆର. ସି.ଆଇ.ପି.ଆର.ଏଏଚ୍.ଅଣ୍ଟାର ଏକ୍ସରେ ଓ ରକ୍ତରେ ଏଚ୍.ସି.ବି.-୨୭ ଜିନ ପରୀକ୍ଷା ଆଦି ଦରକାର ପଡ଼ିପାରେ।

ଏଥିରେ ଅଣ୍ଟାରୁ ଜଙ୍ଘ ବା ବେକଠାରୁ ଅଣ୍ଟା ଆଡ଼କୁ ପୀଡ଼ା ପ୍ରସାରିତ ହୁଏ। ଏହା ସହିତ ଅନ୍ୟ ଗଣ୍ଠିଗୁଡ଼ିକ ମଧ୍ୟ ଦରଜ ହୋଇପାରେ। କ୍ଲାନ୍ତି ଅନୁଭବ, ରକ୍ତହୀନତା ଓ ଓଜନ ହ୍ରାସ ମଧ୍ୟ ସହଜାତ ପ୍ରବୃତ୍ତି। ଏହା ପରେ ଗୋଡ଼ ଦୁଇଟିରେ ଦୁର୍ବଳ ଅନୁଭବ ହେବା, ବଧିରା, ଝିମଝିମ ହେବା ପ୍ରଭୃତି ଲକ୍ଷଣ ପ୍ରକାଶ ପାଏ।

ନିଃଶ୍ୱାସପ୍ରଶ୍ୱାସଗତ ବ୍ୟାୟାମ, ପ୍ରାଣାୟାମ, ମୋଟା ଗଦି ବା ବଡ଼ ତକିଆ ବଦଳରେ କଠିନ ଶଯ୍ୟାରେ ଶୟନ ଏବଂ ଅତି ପତଳା ତକିଆ ବ୍ୟବହାର କରିବା ଆବଶ୍ୟକ। ବର୍ଷାରେ ଭିଜିବା, ଥଣ୍ଡା ପାଣିରେ ସ୍ନାନ କରିବା ଉଚିତ ନୁହେଁ। ବିରି, ଖଟା, ବାସିପଖାଳ, ଦହି, ପାଚିଲା କଦଳୀ, ଆତ, କାକୁଡ଼ି, ଥଣ୍ଡାପାନୀୟ ଆଦି ଶ୍ଳେଷଣ ପଦାର୍ଥ ଖାଦ୍ୟ ଖାଇବା ଅନୁଚିତ। ବୃହତ୍ ବାତଚିନ୍ତାମଣି ରସ ୧ଟି ବଟିକା, ମହୁ ସହ ଶୁଣ୍ଠି ଗୁଣ୍ଡ ୧ ଚାମଚ, ଦଶମୂଳ ପାଚନ ସହ ବଳାରିଷ୍ଟ, ଦଶମୂଳାରିଷ୍ଟ, ଅଶ୍ୱଗନ୍ଧା ଚୂର୍ଣ୍ଣ, ବୃହତ୍ ଛାଗଳାଦି ଘୃତ, ସାମିଷ ମହାମାସ୍ ତୈଳ, କୁବ୍ଜ ପ୍ରସାରଣୀ ତୈଳ ମାଲିସ୍, ରିଲାକ୍ସି ତୈଳ ମାଲିସ୍, ସାଇନୋଭିନ ନାଜାଲ ଡ୍ରପ୍, ପଞ୍ଚସକାର ଚୂର୍ଣ୍ଣ ବା ଜି-ଲାକ୍ସ ୧ ଚାମଚ ଥରେ, ଅମ୍ଳୋନିଲ୍ ବା ଶୁଣ୍ଠି ଖଣ୍ଡ ମୋଦକ ୨ ଚାମଚ ଗରମ ପାଣି ସହ ଅଭିଜ୍ଞ ଶିକ୍ଷିତ ଆୟୁର୍ବେଦ ଡାକ୍ତରଙ୍କ ପରାମର୍ଶ ଅନୁସାରେ ସେବନ କରିବେ। ଯୋଗ, ବ୍ୟାୟାମ, ପ୍ରାଣାୟାମ ପ୍ରଭୃତି ପ୍ରତିଦିନ ଉପଯୁକ୍ତ ଅଧିକାରୀଙ୍କ ନିର୍ଦ୍ଦେଶ ମୁତାବକ କରିବେ। ଧୂମପାନ, ମଦ୍ୟପାନ ଏହି ରୋଗ ବଢ଼ାଇବାରେ ସହାୟକ ହେଉଥିବାରୁ ଏହି ବଦ ଅଭ୍ୟାସ ପରିତ୍ୟାଗ କରିବେ। ଫାଷ୍ଟଫୁଡ୍, ଅଧିକ ତେଲ ମସଲାଦିଆ ଖାଦ୍ୟ, ତେଲ ଘିଅ ଛଣାଛଣି ଖାଦ୍ୟ, ମାଂସ, ଅଣ୍ଡା ପ୍ରଭୃତି ବର୍ଜନ କରି ସବୁଜ ପନିପରିବା ତରକାରି ଅଧିକ ଖାଇବେ। ସକାଳୁ ୧ ଗ୍ଲାସ ଗରମ ପାଣି ପ୍ରତିଦିନ ଖାଲି ପେଟରେ ପିଇବେ ଓ ଦିନକୁ ୫/୬ ଲିଟର ପାଣି ପିଇଲେ ଶରୀର ନୀରୋଗ ଓ ସୁସ୍ଥ ରହିବ।

**– ଡା. ସ୍ୱପ୍ନେଶ୍ୱର ପଣ୍ଡା**
*ରାଜବୈଦ୍ୟ ଆୟୁର୍ବେଦ,*
*ପଳାଶୁଣୀ ଓଭରବ୍ରିଜ୍ ନିକଟ, ଭୁବନେଶ୍ୱର*
*ମୋ-୯୪୩୭୦୩୬୨୬୫*

# ୱାଇ-ଫାଇ ବ୍ୟବହାର କରୁଥିଲେ



ବର୍ତ୍ତମାନ ଅଳ୍ପ ବୟସ୍କଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ଅଧିକାଂଶ ଇଣ୍ଟରନେଟ୍ ବ୍ୟବହାର କରୁଛନ୍ତି। ଏଥିପାଇଁ ସମସ୍ତଙ୍କୁ ଇଣ୍ଟରନେଟ୍ ପ୍ୟାକ୍ ରିଚାର୍ଜ କରିବାକୁ ପଡୁଛି। ଫଳରେ ଖର୍ଚ୍ଚ ଅଧିକ ହେଉଛି। ତେଣୁ ଅଳ୍ପ ଖର୍ଚ୍ଚରେ ଅଧିକ ଜଣ ଇଣ୍ଟରନେଟ୍ ବ୍ୟବହାର କରିବା ଲାଗି ଅନେକେ ଘରେ ୱାଇ-ଫାଇ କନେକ୍ସନ ନେଉଛନ୍ତି। କିନ୍ତୁ ଏଥିରେ ଅନେକ ସମୟରେ ନେଟ୍‌ୱର୍କ ସ୍ଲୋ ରହିବା, ଠିକ୍ ଭାବେ ସିଗ୍‌ନାଲ୍ ନ ପହଞ୍ଚିବାର ଅଭିଯୋଗ ରହୁଛି। ଯଦି ଆପଣ ଏପରି ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ତେବେ ଜାଣିରଖନ୍ତୁ ୱାଇ-ଫାଇର ସ୍ପିଡ୍ ବଢ଼ାଇବାର କେତେକ ଉପାୟ...

**ରାଉଟର ଏବଂ ଫାର୍ମୱେର ଅପ୍‌ଡେଟ୍ କରନ୍ତୁ:** ଇଣ୍ଟରନେଟ୍ ସ୍ଲୋ ହେବାର ଏକ କାରଣ ରାଉଟର ଅପ୍‌ଡେଟ୍ ନ ହେବା ମଧ୍ୟ ହୋଇପାରେ। କାରଣ ଅନେକ ସମୟରେ ରାଉଟର ପ୍ରସ୍ତୁତକାରୀ କମ୍ପାନିଗୁଡ଼ିକ ଅଧିକ ସ୍ପିଡ୍ ଲାଗି ସଫ୍ଟୱେର୍‌ରେ ପରିବର୍ତ୍ତନ କରିଥାଆନ୍ତି। ତେଣୁ ଏହାର ଠିକ୍ ବ୍ୟବହାର ଲାଗି ମଝିରେ ମଝିରେ ଅପ୍‌ଡେଟ୍ କରିବା ଆବଶ୍ୟକ। ବେଳେବେଳେ ରାଉଟର ଥିଲେ ବି ନେଟ୍‌ୱର୍କ ସ୍ଲୋ ରୁହେ। ଏପରି ନ ହେବା ଲାଗି ନିୟମିତ ଫାର୍ମୱେର ଅପ୍‌ଡେଟ୍ କରିବା ଆବଶ୍ୟକ। ଏହାଦ୍ୱାରା ନା କେବଳ ଆପଣଙ୍କ ଇଣ୍ଟରନେଟ୍‌ର ସ୍ପିଡ୍ ବଢ଼ିବାରେ ସାହାଯ୍ୟ ହେବ ବରଂ ସିକ୍ୟୁରିଟି ସିଷ୍ଟମ ଷ୍ଟ୍ରଙ୍ଗ୍ ହେବା ସହ ନୂଆନୂଆ ଫିଚର୍ସ ମିଳିବ।

**ଲୋକେଶନ:** ୱାଇ-ଫାଇରେ ନେଟ୍‌ୱର୍କ ସ୍ପିଡ୍ ରଖିବା ଲାଗି ଏହାକୁ ପ୍ରଥମେ ଠିକ୍ ଜାଗାରେ ରଖିବା ଆବଶ୍ୟକ। କାରଣ ଘରର ସବୁ ସ୍ଥାନକୁ ଠିକ୍ ଭାବେ ନେଟ୍‌ୱର୍କ ପହଞ୍ଚିପାରି ନ ଥାଏ। ତେଣୁ ଭଲ ୱେର୍‌ଲେସ୍ କଭରେଜ୍ ପାଇବାକୁ ଚାହୁଁଥିଲେ ରାଉଟର ଲଗାଇବା ଲାଗି ଘରର ଏଭଳି ଏକ ସ୍ଥାନ ବାଛନ୍ତୁ, ଯେଉଁଠି ଫୁଲ୍ ନେଟ୍‌ୱର୍କ ପହଞ୍ଚି ପାରୁଥିବ। ତେବେ ଏଥିପାଇଁ ମଝିଘର ବା ଘରର ସେଣ୍ଟର ସବୁଠୁ ଭଲ।

**କ୍ୱାଲିଟି କଣ୍ଟ୍ରୋଲ:** ବର୍ତ୍ତମାନ ଆସୁଥିବା ମଡର୍ନ ରାଉଟରଗୁଡ଼ିକ କ୍ୱାଲିଟି ଅଫ୍ ସର୍ଭିସ୍ (କ୍ୟୁଓଏସ୍) ଟୁଲ୍ ସହିତ ଆସୁଛି। ଏହାଦ୍ୱାରା ଆପଣ ନିଜ ବ୍ୟବହାର ଅନୁଯାୟୀ ବ୍ୟାଣ୍ଡୱିଥ୍ ସେଟ୍ କରିପାରିବେ। ଏହାଦ୍ୱାରା ମଧ୍ୟ ଇଣ୍ଟରନେଟ୍ ସ୍ପିଡ୍ ରହିବ।

**ଫ୍ରିକ୍ୱେନ୍ସି ଯାଞ୍ଚ କରନ୍ତୁ:** ରାଉଟରର ନେଟ୍‌ୱର୍କ ଆଡ୍‌ମିନିଷ୍ଟ୍ରେଟର ଇଣ୍ଟରଫେସ୍ ଯାଞ୍ଚ କରନ୍ତୁ। ତାହା ଅପ୍ଟିମମ୍ ପରଫର୍ମାନ୍ସ ଲାଗି କନ୍‌ଫିଗର ହୋଇଛି କି ନାହିଁ ଦେଖନ୍ତୁ। ଡୁଆଲ୍ ବ୍ୟାଣ୍ଡ ରାଉଟର୍ ବ୍ୟବହାର କରୁଥିଲେ ଭଲ ଆଉଟ୍‌ପୁଟ୍ ପାଇବା ଲାଗି ଫ୍ରିକ୍ୱେନ୍ସି ୨.୪ ଗିଗାହର୍ଜ ବ୍ୟାଣ୍ଡ ବଦଳରେ ୫ ଗିଗାହର୍ଜ ବ୍ୟାଣ୍ଡ ବ୍ୟବହାର କରନ୍ତୁ।

**ହାର୍ଡୱେର୍ ବଦଳାନ୍ତୁ:** ପୁରୁଣା ହାର୍ଡୱେର ବ୍ୟବହାର କରୁଥିଲେ ବି ବେଳେବେଳେ ସିଗ୍‌ନାଲ୍ ଠିକ୍ ଭାବେ ଆସିବାରେ ଅସୁବିଧା ହୁଏ। ତେଣୁ ଆବଶ୍ୟକ ସ୍ଥଳେ ଏହାକୁ ବଦଳାଇ ଦିଅନ୍ତୁ।



**ବଳାତ୍କାର ମାମଲାରେ ଭାଜପା ବିଧାୟକଙ୍କୁ କ୍ଲିନଚିଟ୍**

ଏକ ଗଣବଳାତ୍କାର ମାମଲାରେ ଭାଜପା ବିଧାୟକ ରବୀନ୍ଦ୍ର ନାଥ ତ୍ରିପାଠୀ ଓ ତାଙ୍କର ୪ ପୁଅଙ୍କୁ ଉତ୍ତରପ୍ରଦେଶ ପୋଲିସ କ୍ଲିନ୍‌ଚିଟ୍ ପ୍ରଦାନ କରିଛି। ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ବିଧାୟକଙ୍କ ପୁତୁରା ସନ୍ଦୀପ୍ ତିୱାରୀଙ୍କୁ ପୋଲିସ ଗିରଫ କରିଛି। ବିଧାୟକଙ୍କ ପୁଅ ନିତେଶଙ୍କ ବିରୋଧରେ ଆଇପିସିର ଧାରା ୫୦୪ ଓ ୫୦୬ରେ ମାମଲା ଦାଏର ହୋଇଛି। ଭଦୋହୀ ବିଧାୟକ, ତାଙ୍କ ୫ ପୁଅ ଓ ପୁତୁରାଙ୍କ ବିରୋଧରେ ଗଣବଳାତ୍କାର ଅଭିଯୋଗ ହୋଇଥିଲା।

# ନିଖୋଜ ୪ ଭଉଣୀ ଯୋରନ୍ଦାରୁ ଠାବ

**ଢେଙ୍କାନାଳ ଅଫିସ, ୨୨।୨**

ନୂଆପଡ଼ା ଜିଲା ଲଖନା ଥାନା ଅଞ୍ଚଳରୁ ଦୁଇମାସ ତଳେ ନିଖୋଜ ହୋଇଥିବା ଗୋଟିଏ ପରିବାର ୪ ଭଉଣୀଙ୍କୁ ଶନିବାର ସନ୍ଧ୍ୟାରେ ଢେଙ୍କାନାଳ ଜିଲା ଯୋରନ୍ଦା ଅଞ୍ଚଳର ଏକ ଆଶ୍ରମରୁ ସ୍ଥାନୀୟ ଫାଣ୍ଡି ପୋଲିସ ଠାବ କରିଛି। ସମ୍ପୃକ୍ତ ୪ଜଣଙ୍କ ବୟସ ୨୭ରୁ ୩୬ ବର୍ଷ ମଧ୍ୟରେ ହେବ। ସେମାନେ କପିଳାସରେ ଜାଗର ପାଳିବା ପରେ ସେଠାରୁ ଯୋରନ୍ଦା ଆସିଥିଲେ। ଯୋରନ୍ଦାରେ ରହୁଥିବା ଜଣେ ସମ୍ପର୍କୀୟ ସେମାନଙ୍କୁ ଚିହ୍ନି ପାରି ଆଶ୍ରମରେ ରଖିବା ବ୍ୟବସ୍ଥା କରାଇବା ସହ ପରିବାରକୁ ସୂଚନା ଦେଇଥିଲେ। ଏ ନେଇ ଲଖନା ପୋଲିସକୁ ସୂଚନା ମିଳିଥିଲା। ଏହାପରେ ୪ଭଉଣୀଙ୍କୁ ଉଦ୍ଧାର କରିବାକୁ ସେଠାକାର ପୋଲିସ ଯୋରନ୍ଦା ଫାଣ୍ଡିର ସହାୟତା ଲୋଡ଼ିଥିଲା। ଖବର ଲେଖାଯିବା ସୁଦ୍ଧା ୪ ଭଉଣୀଙ୍କୁ ପୋଲିସ ପଚରାଉଚୁରା କରୁଛି। ସମ୍ପୃକ୍ତା ଯୁବତୀଙ୍କ ବାପାଙ୍କ ଗତ ଡିସେମ୍ବର ୨୦ରେ ମୃତ୍ୟୁ ଘଟିଥିଲା। ସେମାନେ ମୃତଦେହକୁ ଦିନଟିଏ ଗ୍ରାମରେ ରଖିବାକୁ ଗ୍ରାମବାସୀଙ୍କୁ ଅନୁରୋଧ କରିଥିଲେ। ହେଲେ ଏହାକୁ ଗ୍ରାମବାସୀ ମାନି ନ ଥିଲେ। ଓଲଟି ଜୋରଜବରଦସ୍ତ ମୃତଦେହକୁ ମଶାଣିକୁ ନେଇ ପୋଡ଼ିଦେଇଥିଲେ। ଏହି ଘଟଣା ପରେ ସମ୍ପୃକ୍ତ ୪ ଭଉଣୀ ଗାଁ ଛାଡ଼ି ପଳାଇଥିଲେ। ଦୁଇମାସ ଧରି ସେମାନେ ବିଭିନ୍ନ ସ୍ଥାନରେ ବୁଲିବା ପରେ ଶୁକ୍ରବାର କପିଳାସ ଏବଂ ସେଠାରୁ ଯୋରନ୍ଦାରେ ପହଞ୍ଚିଥିବା ପୋଲିସ କହିଛି।

## ମହିଳା କଂଗ୍ରେସ ପୁନର୍ଗଠନ ସମ୍ଭାବନା

**ଭୁବନେଶ୍ୱର, ୨୨।୨ (ବ୍ୟୁରୋ)**

ଓଡ଼ିଶା ମହିଳା କଂଗ୍ରେସ କମିଟିର ପୁନର୍ଗଠନ କରାଯିବ। ଏଆଇସିସି ମହିଳା ସଙ୍ଗଠନ ସଭାନେତ୍ରୀ ସୁସ୍ମିତା ଦେବ ଶନିବାର ଏହି ସୂଚନା ଦେଇଛନ୍ତି। ଅନ୍ତର୍ଜାତୀୟ ମହିଳା ଦିବସ ପରେ ଓଡ଼ିଶା ମହିଳା କଂଗ୍ରେସ ସଭାନେତ୍ରୀଙ୍କ ନାଁ ଘୋଷଣା କରାଯିବ। ଗତ ସାଧାରଣ ନିର୍ବାଚନରେ କଂଗ୍ରେସର ଶୋଚନୀୟ ପରାଜୟ ନେଇ ମହିଳା କଂଗ୍ରେସ ବୈଠକରେ ଆଲୋଚନା ହୋଇଥିବା ଜଣାପଡ଼ିଛି।

ଆଗାମୀ ଦିନରେ ରାଜ୍ୟରେ ମହିଳାଙ୍କ ବିରୋଧରେ ବଢୁଥିବା ହିଂସା, ନିର୍ଯାତନା ଇତ୍ୟାଦି ବିରୋଧରେ ଆନ୍ଦୋଳନ କାର୍ଯ୍ୟକ୍ରମ ନିଆଯିବ। ଉଭୟ ବିଜେଡି ଏବଂ କେନ୍ଦ୍ରରେ ଭାଜପା ସରକାର ମହିଳାଙ୍କ ସମସ୍ୟା ସମାଧାନରେ ବିଫଳ ହୋଇଥିବା ସୁସ୍ମିତା ଅଭିଯୋଗ କରିଥିଲେ।

# ଅନୁପଙ୍କ ରିମାଣ୍ଡ ଅବଧି ଶେଷ

**ଝାରସୁଗୁଡ଼ା ଅଫିସ, ୨୨।୨**

**କଳ୍ପନା ଦାଶ ଓ ବବ୍‌ଲି ହତ୍ୟା ଘଟଣା**
- ପୋଲିସକୁ ଭୁଆଁ ବୁଲାଇଲେ
- ଅଧିକ ତଥ୍ୟ, ପ୍ରମାଣ ଯୋଗାଡ଼ରେ ପୋଲିସ ଫେଲ୍

ବହୁଚର୍ଚ୍ଚିତ କଳ୍ପନା ଦାଶ ଓ ବବ୍‌ଲି ହତ୍ୟା ଘଟଣାରେ ଛତିଶଗଡ଼ ପୋଲିସ ଏବେ ଚିନ୍ତାରେ ପଡ଼ିଛି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଝାରସୁଗୁଡ଼ା ଜିଲା ବ୍ରଜରାଜନଗରର ପୂର୍ବତନ ବିଧାୟକ ଅନୁପ ସାଏ ଓ ଡ୍ରାଇଭର ବର୍ଦ୍ଧନ ଟପ୍ପୋ ପୋଲିସ ନିକଟରେ ପ୍ରଥମେ ନିଜ ଦୋଷ ସ୍ୱୀକାର କରିଥିଲେ। ଏଣୁ ପୋଲିସ ଉଭୟଙ୍କୁ ରିମାଣ୍ଡରେ ଆଣି ସାମ୍ନାସାମ୍ନି ବସାଇ ପଚାରାଉଚରା କରିଥିଲା। ବର୍ଦ୍ଧନଙ୍କ ଦିନିକିଆ ରିମାଣ୍ଡ ଅବଧି ଶେଷ ପରେ ତାଙ୍କୁ ପୋଲିସ ଜେଲ ପଠାଇ ଦେଇଛି। ଶନିବାର ଅନୁପଙ୍କ ୩ ଦିନିଆ ରିମାଣ୍ଡ ସରିଛି। ହେଲେ ଏହି ରିମାଣ୍ଡ ସମୟ ଭିତରେ ଅନୁପ ପୋଲିସକୁ ସହଯୋଗ ନ କରି ଭୁଆଁ ବୁଲାଇଛନ୍ତି। ଅସୁସ୍ଥ ଆଳ ଦେଖାଇ ଅନୁପ ଅଧିକାଂଶ ପ୍ରଶ୍ନରେ ଚୁପ୍ ରହିଥିଲେ। ଏଣୁ ତାଙ୍କଠାରୁ ଅଧିକା ତଥ୍ୟ,ପ୍ରମାଣ ଯୋଗାଡ଼ କରିବାରେ ପୋଲିସ ଉଦ୍ୟମ ଶେଷରେ ଫେଲ୍ ମାରିଛି।

ଗତ ବୁଧବାର କୋର୍ଟ ଅନୁପଙ୍କୁ ୩ ଦିନ ଓ ବର୍ଦ୍ଧନଙ୍କୁ ଗୋଟିଏ ଦିନ ଲାଗି ରିମାଣ୍ଡରେ ନେବାକୁ ପୋଲିସକୁ ଅନୁମତି ଦେଇଥିଲେ। ଗୁରୁବାର ବର୍ଦ୍ଧନଙ୍କ ରିମାଣ୍ଡ ଅବଧି ଶେଷ ହୋଇଥିଲା। ଶନିବାର ଅନୁପଙ୍କ ରିମାଣ୍ଡ ଅବଧି ଶେଷ ହେବାରୁ ଅପରାହ୍ନରେ ପୋଲିସ କୋର୍ଟରେ ହାଜର କରି ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛି। ତେବେ ଉଭୟ ବର୍ଦ୍ଧନ ଓ ଅନୁପଙ୍କଠାରୁ ରିମାଣ୍ଡ ଅବଧି ମଧ୍ୟରେ ପୋଲିସ କୌଣସି ନୂଆ ତଥ୍ୟ ପାଇ ନ ଥିବା ଆଲୋଚନା ହେଉଛି। ବରଂ ଅଭିଯୁକ୍ତଦ୍ୱୟ ପୋଲିସକୁ ବାଟବଣା କରିବାକୁ ଉଦ୍ୟମ କରିଥିଲେ, ଯାହା ଖୋଦ୍ ରାୟଗଡ ଏସ୍‌ପି ସନ୍ତୋଷ ସିଂ ସ୍ୱୀକାର କରିଛନ୍ତି। ଆବଶ୍ୟକ ପଡ଼ିଲେ ସେମାନଙ୍କୁ ଆଉଥରେ ରିମାଣ୍ଡରେ ଆଣିବାକୁ ପୋଲିସ ପଦକ୍ଷେପ ନେବ ବୋଲି ସେ କହିଛନ୍ତି। ଅନୁପଙ୍କ ନାର୍କୋ ଟେଷ୍ଟ ପାଇଁ କୋର୍ଟରେ ଆବେଦନ କରାଯାଇଛି। ମଙ୍ଗଳବାର ଏହାର ଶୁଣାଣି ଅଛି। ପୋଲିସ ନିକଟରେ ଯାହା ତଥ୍ୟ ଓ ପ୍ରମାଣ ରହିଛି ତାହା ଉଭୟ ଅଭିଯୁକ୍ତଙ୍କ ବିରୋଧରେ ଯାଉଛି ବୋଲି ସେ କହିଛନ୍ତି।

### ତୃତୀୟ ବ୍ୟକ୍ତିଙ୍କୁ ନେଇ ପ୍ରଶ୍ନବାଚୀ

ଏହି ଡବଲ ମର୍ଡର ଘଟଣାର ଗୁମର ଫିଟୁଥିଲେ ହେଁ ଏଥିରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ନାମ ସ୍ପଷ୍ଟ ଜଣାପଡ଼ିନାହିଁ। ଛତିଶଗଡ଼ ପୋଲିସ ପୂର୍ବତନ ବିଧାୟକ ଅନୁପ ସାଏ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ବୋଲି କହୁଥିବା ବେଳେ ତାଙ୍କ ଡ୍ରାଇଭର ବର୍ଦ୍ଧନ ତାଙ୍କୁ ସହଯୋଗ କରିଥିବା ଦର୍ଶାଉଛି। ଉଭୟଙ୍କୁ ଜେରା ବେଳେ ଏହି ଘଟଣାରେ ଆଉ ଜଣେ ବ୍ୟକ୍ତି ସମ୍ପୃକ୍ତ ଥିବା ସେମାନେ କୁଆଡ଼େ ଦର୍ଶାଇଥିଲେ। ହେଲେ ପୋଲିସ ସେମାନଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରିବା ବେଳେ ଆଉ କିଛି ତଥ୍ୟ ଦେଲେ ନାହିଁ। ଫଳରେ ଛତିଶଗଡ଼ ପୋଲିସର ଅକଲଗୁଡ୍ଡୁମ ହୋଇଯାଇଛି। ସେହିପରି ଏହି ଘଟଣାରେ ସମ୍ପୃକ୍ତ ତୃତୀୟ ବ୍ୟକ୍ତିଙ୍କୁ ପୋଲିସ ନିଜ ସ୍କାନରରେ ରଖିଥିବା ଗଣମାଧ୍ୟମକୁ କହିଥିଲା। ଏବେ କିନ୍ତୁ ପୋଲିସ ପାଖରୁ କିଛି ସୂଚନା ମିଳୁନାହିଁ। ଫଳରେ ପୋଲିସର ତଦନ୍ତ ବାଟବଣା ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି।

### ଅନୁପଙ୍କ ସମ୍ପର୍କୀୟଙ୍କ ଉପରେ ନଜର

ଅନୁପ ସାଏ ଓ ବର୍ଦ୍ଧନ ଟପ୍ପୋଙ୍କଠାରୁ ସତ ଓକାଳିବାରେ ଛତିଶଗଡ଼ ପୋଲିସ ବିଫଳ ହେବାପରେ ପୋଲିସ ଅନ୍ୟ ବାଟ ବାହାର କରିଛି। ଅନୁପ ଓ ବର୍ଦ୍ଧନଙ୍କ ସମ୍ପର୍କୀୟମାନଙ୍କୁ ପଚରା ଉଚରା କରି ସେମାନଙ୍କ ନିକଟରୁ ତଥ୍ୟ ଓ ପ୍ରମାଣ ଯୋଗାଡ କରିବାକୁ ଯୋଜନା ରଖିଛି। ଏଥିପାଇଁ ପୋଲିସ ସେମାନଙ୍କ କେତେକ ସମ୍ପର୍କୀୟଙ୍କୁ ନୋଟିସ ପଠାଇ ଥାନାକୁ ଡାକିଛି। ଏଥିପାଇଁ ପୋଲିସ ନିଜକୁ ପ୍ରସ୍ତୁତ କରୁଥିବା ଜଣାପଡ଼ିଛି।

### ବୋଲେରୋ, ଲୁହାରଡ଼ ଚିନ୍ତା

ଏହି ହତ୍ୟାକାଣ୍ଡରେ ବ୍ୟବହୃତ ସାମଗ୍ରୀକୁ ଜବତ କରିବା ପାଇଁ ପୋଲିସ ତତ୍ପରତା ଦେଖାଇଛି। ହତ୍ୟାକାଣ୍ଡରେ ବୋଲେରୋ, ଇନୋଭା ସହ ଏକ ଲୁହା ରଡ଼ ବ୍ୟବହୃତ ହୋଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଥିଲା। ପୋଲିସ କେବଳ ଇନୋଭା ଜବତ କରିବାରେ ସକ୍ଷମ ହୋଇଛି। ହେଲେ ବୋଲେରୋ ଓ ଲୁହା ରଡ଼କୁ ଜବତ କରିପାରିନାହିଁ। ବୋଲେରୋକୁ ଜବତ ପାଇଁ ପୋଲିସର ଏକ ଟିମ୍ ଗୁଜରାଟ ଯାଇଛି। ଏବେ ବୋଲେରୋ ଯାହାଙ୍କ ମାଲିକାନାରେ ରହିଛି ତାଙ୍କୁ ନୋଟିସ ଦିଆଯାଇଥିବା ଶନିବାର ରାୟଗଡ ଏସ୍‌ପି ସନ୍ତୋଷ ସିଂ କହିଛନ୍ତି। ବୋଲେରୋ ଏବଂ ଲୁହାରଡ୍ ଖୋଜିବାକୁ ପୋଲିସର ନିଦ ହଜିଯାଇଛି।

## ମୁହଁ ଖୋଲିଲେ, ସୁରକ୍ଷା ମାଗିଲେ



ଝାରସୁଗୁଡା ଜିଲାପାଳଙ୍କ ଅଫିସ ଆଗରେ ଅନୁପ ସାଏଙ୍କ ଘର ଲୋକେ ବସି ରହିଛନ୍ତି।

**ଝାରସୁଗୁଡା ଅଫିସ, ୨୨।୨**

ଝାରସୁଗୁଡା ଜିଲା ବ୍ରଜରାଜନଗରର କଳ୍ପନା ଦାଶ ଓ ତାଙ୍କ ଝିଅ ବବ୍‌ଲିଙ୍କୁ ହତ୍ୟାକାଣ୍ଡ ଘଟଣା ଦିନକୁ ଦିନ ଭିନ୍ନ ମୋଡ ନେଉଛି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ବ୍ରଜରାଜନଗରର ପୂର୍ବତନ ବିଧାୟକ ଅନୁପ ସାଏଙ୍କୁ ପୋଲିସ ଗିରଫ କରିବା ଦିନରୁ ଚୁପ୍ ରହିଥିବା ତାଙ୍କ ପରିବାରବର୍ଗ ଶେଷରେ ମୁହଁ ଖୋଲିଛନ୍ତି। ଶନିବାର ଅପରାହ୍ନରେ ଅନୁପଙ୍କ ସ୍ତ୍ରୀ ସୁଷମା, ପୁଅ ଶୁଭମ୍ ଓ ବଡ ଭାଇ ପ୍ରମୋଦଙ୍କ ସମେତ ପରିବାର ଅନ୍ୟମାନେ ଝାରସୁଗୁଡା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୁରକ୍ଷା ଦାବି କରି ବସି ରହିଛନ୍ତି। ଏମାନେ ଜିଲାପାଳଙ୍କ ଅଫିସ ଆଗରେ ବସିବା ଖବର ପାଇ ସେଠାରେ ଗଣମାଧ୍ୟମ ପ୍ରତିନିଧି ପହଞ୍ଚିଥିଲେ। ଅନୁପଙ୍କୁ ରାଜନୈତିକ ଷଡଯନ୍ତ୍ର କରି ଫସାଇ ଦିଆଯାଇଛି। ସେ ଅପରାଧୀ ପ୍ରବୃତ୍ତିର ବ୍ୟକ୍ତି ନୁହନ୍ତି। ତାଙ୍କୁ ପୋଲିସ ମିଛରେ ଗିରଫ କରିଛି। ଛତିଶଗଡ଼ ପୋଲିସ ପରିବାରର ସମସ୍ତଙ୍କୁ ଗିରଫ କରିବାକୁ ଧମକ ଦେଉଛି। ପୋଲିସ ନିକଟରେ କୌଣସି ତଥ୍ୟ ଓ ପ୍ରମାଣ ନ ଥିବା ସତ୍ତ୍ୱେ ତାଙ୍କୁ ଗିରଫ କରାଯାଇଛି। ମିଛକୁ ସତ ବୋଲି ସ୍ୱୀକାର କରିବା ପାଇଁ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଛି। ପୂର୍ବରୁ ଅନୁପଙ୍କୁ ବାରମ୍ବାର ନୋଟିସ ଦେଇଥିବା ପୋଲିସ ମିଛ କହୁଛି। ଘରେ କେହ ବି ଏ ନେଇ ଜାଣି ନାହାନ୍ତି। ପୋଲିସ କେବେ କେବେ ନୋଟିସ ଦେଇଛି ତାହା ସ୍ପଷ୍ଟ କରୁ। ପରିବାର ସଦସ୍ୟଙ୍କୁ ମଧ୍ୟ ପୋଲିସ ମାନସିକ ନିର୍ଯାତନା ଦେଉଛି। ବାରମ୍ବାର ଥାନାକୁ ଡାକୁଛି। ଗିରଫର ଭୟ ଦେଖାଉଛି। ଏହି ନିର୍ଯାତନା ଅସହ୍ୟ ହୋଇ ଗଲାଣି। ଅନୁପଙ୍କ ଘରଲୋକେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଏହା କହିଛନ୍ତି। ତେବେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁପଙ୍କ ମା'ଙ୍କ ସମେତ ସମସ୍ତ ପରିବାର ବର୍ଗ ଶୀତ ରାତିରେ ବସି ରହିଥିଲେ ବି ଜିଲା ପ୍ରଶାସନର କୌଣସି ଅଧିକାରୀ ପହଞ୍ଚି ନ ଥିଲେ।

# କଶ୍ମୀରରେ ୨୫୦ ଆତଙ୍କବାଦୀ ସକ୍ରିୟ



**ଶ୍ରୀନଗର, ୨୨।୨ (ପି.ଟି.)**

**ଦୁଇ ମାସରେ ୧୨ ଅପରେଶନ: ମଲେଣି ୨୫**

କଶ୍ମୀରରେ ଏବେ ବି ୨୫୦ ଆତଙ୍କବାଦୀ ସକ୍ରିୟ ଅଛନ୍ତି। ଗତ ୨ ମାସ ମଧ୍ୟରେ ସୁରକ୍ଷାକର୍ମୀଙ୍କ ଏକାଧିକ ଅପରେଶନରେ ୨୫ ଆତଙ୍କବାଦୀ ପ୍ରାଣ ହରାଇଥିବା ଜମ୍ମୁ-କଶ୍ମୀର ଡିଜିପି ଦିଲ୍‌ବାଗ ସିଂ ଶନିବାର ପ୍ରକାଶ କରିଛନ୍ତି। ଚଳିତବର୍ଷ ଅନ୍ତର୍ଜାତୀୟ ସୀମା ଦେଇ ୩ ଆତଙ୍କବାଦୀ ଭାରତ ଭିତରକୁ ଅନୁପ୍ରବେଶ କରିଥିବା ସେ କହିଛନ୍ତି। ସେମାନଙ୍କ ମଧ୍ୟରୁ ତ୍ରାଲ୍ ସେକ୍ଟର୍‌ରେ ଜଣେ ଜେଇଏମ୍ ଆତଙ୍କବାଦୀଙ୍କୁ ସୁରକ୍ଷାକର୍ମୀମାନେ ନିପାତ୍ କରିଛନ୍ତି। ପୂର୍ବରୁ ଅନେକ ଆତଙ୍କବାଦୀ ସୀମା ଡେଇଁ ଭାରତରେ ପ୍ରବେଶ କରିଥିବା ବେଳେ ଏବେ ସେନାର କଠୋର କାର୍ଯ୍ୟାନୁଷ୍ଠାନ ଯୋଗୁ ଏହା ଯଥେଷ୍ଟ କମିଥିବା ସେ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଗତ ୨ ମାସ ମଧ୍ୟରେ ପ୍ରାୟ ୧୨ ଅପରେଶନ ସେନା ପକ୍ଷରୁ କରାଯାଇ ୨୫ ଆତଙ୍କବାଦୀଙ୍କୁ ହତ୍ୟା କରାଯାଇଥିବା ସେ କହିଛନ୍ତି। ଉପତ୍ୟକାରେ ୯, ଜମ୍ମୁରେ ୪ ଆତଙ୍କବାଦୀ ଗିରଫ ହୋଇଛନ୍ତି। ଆତଙ୍କବାଦୀଙ୍କୁ ସମର୍ଥନ ଦେବା ଅଭିଯୋଗରେ ପ୍ରାୟ ୪୦ ଜଣଙ୍କୁ ମଧ୍ୟ ଗିରଫ କରାଯାଇଛି। ସୋସିଆଲ ମିଡିଆକୁ ଅପବ୍ୟବହାର କରାଯାଇ ବିଭିନ୍ନ ଧମକ ଦିଆଯାଉଛି ଓ ଏନେଇ ସୁରକ୍ଷାକର୍ମୀମାନେ ସତର୍କ ଥିବା ଡିଜିପି ସିଂ ପ୍ରକାଶ କରିଛନ୍ତି।

# ଡେଲିଭରି ବୟଠାରୁ ଠକିନେଲେ ୮ ମୋବାଇଲ୍

**ବାରିପଦା ଅଫିସ, ୨୨।୨**

ବାରିପଦା ଟାଉନରେ ଜଣେ ଡେଲିଭରି ବୟଠାରୁ ଦୁଇ ଜଣ ଯୁବକ ୮ମୋବାଇଲ ଠକି ନେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗକୁ ଭିତ୍ତି କରି ଏହି ଘଟଣାରେ ସମ୍ପୃକ୍ତ ଥିବା ଦୁଇ ଜଣଙ୍କୁ ଯାଜପୁର ଓ ଭୁବନେଶ୍ୱରରୁ ଉଠାଇ ଆଣିଛି। ରବିବାର ପଚରାଉଚରା କରାଯିବା ପରେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନାରୁ ସୂଚନା ମିଳିଛି। ସୂଚନା ଅନୁସାରେ ଟାଉନ ଥାନା ଅନ୍ତର୍ଗତ ବିଜୟ ରାମଚନ୍ଦ୍ରପୁରର ଦେବବ୍ରତ ପଲେଇ ଏକ ସଂସ୍ଥାର ଡେଲିଭରି ବୟ ଭାବେ କାର୍ଯ୍ୟ କରନ୍ତି। ଗତ ୧୭ ତାରିଖରେ ଜଣେ ଯୁବକ ୧୦ଟି ମୋବାଇଲ ଅର୍ଡର କରିଥିଲେ। ଅମ୍ବିକା ମନ୍ଦିର ଛକ ନିକଟରେ ରହୁଥିବା ଉକ୍ତ ଯୁବକ ଜଣଙ୍କ ଡେଲିଭରି ବୟଠାରୁ ସମସ୍ତ ମୋବାଇଲ୍ ରଖି ଟଙ୍କା ଦେଇଥିଲେ।

ଏହା ପରେ ମୋବାଇଲ ଅର୍ଡର କରିଥିବା ଯୁବକ ଆଉ ଜଣେ ଯୁବକଙ୍କୁ ତାଙ୍କ ଭାଇ ବୋଲି ପରିଚୟ ଦେଇ ଡେଲିଭରି ବୟ ଦେବବ୍ରତଙ୍କ ସହିତ ବନ୍ଧୁତା କରିବା ସହ ତାଙ୍କ ନମ୍ବର ନେଇଥିଲେ। କିଛି ସମୟ ପରେ ଯୁବକ ଜଣଙ୍କ ଡେଲିଭରି ବୟଙ୍କୁ ଡାକି ୮ଟି ମୋବାଇଲ ପ୍ୟାକେଟ୍ ଫେରାଇ ଦେଇଥିଲେ। ଫଳରେ ଦେବବ୍ରତଙ୍କଠାରୁ ସେ ୨ଲକ୍ଷ ୮୮ ହଜାର ଟଙ୍କା ଫେରସ୍ତ ନେଇ ଯାଇଥିଲେ। ମାତ୍ର ଦେବବ୍ରତ ଡିପୋରେ ଯାଇ ଉକ୍ତ ପ୍ୟାକେଟ ଗୁଡ଼ିକ ଡିପୋଜିଟ କରିବାପରେ ସେଥିରେ ମୋବାଇଲ ବଦଳରେ ସାବୁନ ଥିବା ଜାଣିବାକୁ ପାଇଥିଲେ। ଏହାପରେ ସେ ଯୁବକଙ୍କ ନମ୍ବରକୁ ଯୋଗାଯୋଗ କରିଥିଲେ ମଧ୍ୟ ଫୋନ୍ ଲାଗି ନ ଥିଲା। ଡେଲିଭରି କରିଥିବା ଉକ୍ତ ସ୍ଥାନରେ ପହଞ୍ଚି ସେ ଖୋଜାଖୋଜି କରିଥିଲେ ମଧ୍ୟ ଦୁଇ ଯୁବକଙ୍କ ପତ୍ତା ପାଇ ନ ଥିଲେ। ପରେ ସେ ଟାଉନ ଥାନାରେ ଅଭିଯୋଗ କରିବାପରେ ପୋଲିସ ଏନେଇ ଏକ ମାମଲା (ନଂ.୧୦୨/୨୦) ରୁଜୁ କରି ତଦନ୍ତ ଚଳାଇଛି।

## ସିରିଜ ଦୁର୍ଘଟଣା: ଜଣେ ମୃତ, ୪ ଗୁରୁତର

**ଓଡ଼ଗାଁ, ୨୨।୨ (ସ୍ୱ.ପ୍ର.)**

ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ ବାହାଡାପିଠା-ମଶାବାରୀ ରାସ୍ତାରେ ଶନିବାର ସିରିଜ ବାଇକ୍ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୪ ଜଣ ଗୁରୁତର ହୋଇଛନ୍ତି। ସୂଚନା ଅନୁସାରେ ସ୍ଥାନୀୟ ମନ୍ଦିର ରୋଡରେ ରହୁଥିବା ସରୋଜ କୁମାର ସାହୁ(୨୮) ମା' ମଞ୍ଜୁଲତା ସାହୁ(୫୨) ଓ ଝିଆରୀ ଅନିତା ସାହୁ(୫)ଙ୍କୁ ବାଇକ୍ (ଓଆର୨୫ସି-୫୫୭୫)ରେ ବସାଇ ଯାଉଥିବା ବେଳେ ପଛରୁ ଓଡି୨୫ଏଚ୍ ୬୦୨୮ ନମ୍ବର ବିଶିଷ୍ଟ ବାଇକ୍ ଆରୋହୀ ଆଡିପଡା ଗ୍ରାମର ମନୋଜ ସେଠୀ (୨୪) ତାଙ୍କୁ ପଛରୁ ଧକ୍କା ଦେଇଥିଲା। ଏହି ସମୟରେ ପଛରୁ ଆସୁଥିବା ସ୍ଥାନୀୟ ଜାରିଙ୍ଗୀ ଗ୍ରାମର ସୁଶାନ୍ତ ସେଠୀ (୨୬) ମନୋଜଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଏଥିରେ ସମସ୍ତ ବାଇକ୍ ଆରୋହୀ ଛିଟିକି ପଡି ଗୁରୁତର ହୋଇଥିଲେ। ସମସ୍ତଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା। ହେଲେ ସେଠାରେ ମନୋଜଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ସମସ୍ତଙ୍କୁ ଗୁରତର ଅବସ୍ଥାରେ ଭୁବନେଶ୍ୱର ପଠାଇ ଦିଆଯାଇଛି। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ବେଳେ ମନୋଜଙ୍କ ମୃତଦେହ ଜିଲା ମୁଖ୍ୟ ଚିକିତ୍ସାଳୟରେ ରହିଥିବା ଜଣାଯାଇଛି। ଅନ୍ୟପକ୍ଷେ ପୋଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ନିଜ ଆଡୁ ତଦନ୍ତ କରିଥିବା ବେଳେ ଦୁର୍ଘଟଣାଗ୍ରସ୍ତ ୩ ବାଇକ୍ ଉଦ୍ଧାର କରି ନିଜ ହେପାଜତରେ ରଖିଥିବା ପ୍ରକାଶ କରିଛି।

# ନବରଙ୍ଗପୁର ଆର୍‌ଟିଓଙ୍କ ନାଁରେ ଏତଲା

**ନବରଙ୍ଗପୁର, ୨୨।୨ (ବି.ପ୍ର.)**



ନବରଙ୍ଗପୁର ଥାନାରେ ଏସଆଇ ରାକେଶ ବେହେରାଙ୍କୁ ଲକ୍ଷ୍ମୀନାଥ ହରିଜନ ଏତଲା ଦେଉଛନ୍ତି

**ଭାଇରାଲ ଭିଡିଓ ଘଟଣା**
- ଅଭିଯୋଗକାରୀଙ୍କୁ ମୋବାଇଲରେ ହତ୍ୟା ଧମକ

ନବରଙ୍ଗପୁର ଜିଲା ପାପଡାହାଣ୍ଡି ଥାନା ଅଧୀନ ବଡକୁମୁଲି ଗାଁର ଲକ୍ଷ୍ମୀନାଥ ହରିଜନ ଓରଫ ଆକାଶଙ୍କ ଠାରୁ ନବରଙ୍ଗପୁର ଆରଟିଓ ଗଣେଶ୍ୱର କଅଁର ୩୦ ହଜାର ଟଙ୍କା ନିଯୁକ୍ତି ପାଇଁ ନେଇଥିବା ଏକ ଭିଡିଓ ଭାଇରାଲ ହୋଇଥିଲା। ଏହି ଘଟଣା ଏବେ ଜଟିଳ ହେବାରେ ଲାଗିଛି। ଆଞ୍ଚଳିକ ପରିବହନ ଅଧିକାରୀଙ୍କ ବିରୋଧରେ ବଡକୁମୁଲି ଗାଁର ଲକ୍ଷ୍ମୀନାଥ ଶନିବାର ଏତଲା ଦେଇଛନ୍ତି। ବର୍ତ୍ତମାନ ବିଭିନ୍ନ ମୋବାଇଲରୁ ଧମକ ଆସୁଥିବାରୁ ତାଙ୍କ ଜୀବନ ପ୍ରତି ବିପଦ ରହିଛି ବୋଲି ଏସପି ନିତୀନ କୁସଲକରଙ୍କ ନିକଟରେ ଲକ୍ଷ୍ମୀନାଥ ଲିଖିତ ଅଭିଯୋଗ କରିଛନ୍ତି। ଏସଆଇ ରାକେଶ ବେହେରାଙ୍କୁ ଘଟଣା ସମ୍ପର୍କରେ ବୁଝିବା ପାଇଁ ଏସପି ଦାୟିତ୍ୱ ଦେଇଛନ୍ତି। ଏ ନେଇ ନବରଙ୍ଗପୁର ଥାନାରେ ନଂ ୪୮/୨୦ରେ ମାମଲା ରୁଜୁ ହୋଇଛି।

ଲକ୍ଷ୍ମୀନାଥ ଏତଲାରେ ଦର୍ଶାଇଛନ୍ତି ଯେ, ନବରଙ୍ଗପୁର ଆଞ୍ଚଳିକ ପରିବହନ ଅଧିକାରୀ କାର୍ଯ୍ୟାଳୟରେ ଡାଟା ଏଣ୍ଟ୍ରି ଅପରେଟର ଭାବେ କାର୍ଯ୍ୟ କରି ଆସୁଥିଲେ। ୨୦୧୭ରେ ଡାଟା ଏଣ୍ଟ୍ରି ଅପରେଟର ନିଯୁକ୍ତି ପାଇଁ ଆରଟିଓ ୩୦ ହଜାର ଟଙ୍କା ଲାଞ୍ଚ ନେଇଥିଲେ। ସ୍ଥାୟୀ ଚାକିରୀ ଓ ବକେୟା ଦରମା କରାଇ ଦେବା ପାଇଁ ପରବର୍ତ୍ତୀ ସମୟରେ ୪୦ ହଜାର ଟଙ୍କା ଏକ ବ୍ୟାଙ୍କ ଆକାଉଣ୍ଟ ନଂ. ୨୦୨୦୭୩୦୫୦୯୦ରେ ଜମା କରିବାକୁ କହିଥିଲେ। ଏହା ୨୦୧୯ ନଭେମ୍ବର ୧୪ ତାରିଖରେ ଲକ୍ଷ୍ମୀନାଥ ଜମା କରିଥିଲେ, ଯାହାର ପ୍ରମାଣ ରହିଥିବା ସେ କହିଛନ୍ତି। ୧୬ ମାସ ହେବ ଦରମା ଦିଆଯାଇ ନାହିଁ କି ସ୍ଥାୟୀ ନିଯୁକ୍ତି ଦିଆଯାଇ ନାହିଁ। ୬ ତାରିଖରେ ବକେୟା ଦରମା ପାଇଁ ଯାଇଥିଲି। ଆରଟିଓ ଦୁର୍ବ୍ୟବହାର କରିବା ସହ ଫେରାଇ ଦେଇଥିଲେ। ସେହିଦିନ ନବରଙ୍ଗପୁର ଥାନାର ଦ୍ୱାରସ୍ଥ ହୋଇଥିଲି। ପରେ ଆରଟିଓ ଅନ୍ୟ ଜଣକ ମାଧ୍ୟମରେ ୪୦ ହଜାର ଟଙ୍କା ଫେରାଇ ଥିଲେ। ଆସନ୍ତା ୨୫ ତାରିଖରେ ବକେୟା ଟଙ୍କା ଫେରାଇ ଦେବାକୁ ବୁଝାମଣା ହୋଇଥିଲା। ଏହି ବୁଝାମଣାରେ ସରପଞ୍ଚ, ସିକ୍ୟୁରିଟି ଗାର୍ଡ ଓ ଡ୍ରାଇଭର ଦସ୍ତଖତ କରିଛନ୍ତି। ଏହାର ପ୍ରମାଣ ମଧ୍ୟ ରହିଥିବା ପୋଲିସ ନିକଟରେ ଲକ୍ଷ୍ମୀନାଥ କହିଛନ୍ତି। ଆରଟିଓଙ୍କ ବିରୋଧରେ ସମସ୍ତ ପ୍ରମାଣ ରଖିଛି ଓ ତାହା ଆବଶ୍ୟକ ସ୍ଥଳେ ଉପସ୍ଥାପନ କରିବେ ବୋଲି କହିଛନ୍ତି। ଏହି ଘଟଣାକୁ ନେଇ ଆରଟିଓ ଗଣେଶ୍ୱର କଅଁରଙ୍କୁ ମୋବାଇଲରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ରିସିଭ କରି ନ ଥିଲେ। ମେସେଜ ମାଧ୍ୟମରେ ତାଙ୍କ ଠାରୁ ମତାମତ ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ମିଳି ପାରି ନାହିଁ। ଅନ୍ୟ ପକ୍ଷରେ କଂଗ୍ରେସ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ଆରଟିଓଙ୍କ ଗିରଫ ଦାବି କରାଯାଇଛି।


**OFFICE OF THE MUNICIPAL COUNCIL, PHULBANI, KANDHAMAL**

**e-Procurement Notice**

**Tender Call Notice No.361, Dated: 17.02.2020**
**BID Reference No.EO_PLB.M_04_2019-20**
**Tender ID- 2020_ORULB_60159_1 to 60159_2**

| | | |
|---|---|---|
| 1 | Name of the work | 2 number of work as in the DTCN published in the website |
| 2 | Estimated Cost | Rs.13,70,000/- to Rs.47,60,000/- |
| 3 | Period of completion | 90 days |
| 4 | Date and time of availability of bid documents | From 10.00 A.M. on 24.02.2020 to 5.00 P.M. on 02.03.2020 |
| 5 | Last date / time for receipt of bids in the portal | 5.00 P.M. on 02.03.2020 |
| 6 | Date and time of opening bid | After 3.00 P.M. on 04.03.2020 |
| 7 | Name and address of the officer inviting Bid | Executive Officer, Phulbani Municipality |

Further details can be seen from the e-procurement portal **https://tendersorissa.gov.in**

**Sd./- Executive Officer, Phulbani Municipality**

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
SCRIPS PMU, Janpath, Bhubaneswar -751 022 (Odisha)
OPTCL Lifeline of Odisha
**E-mail: scripspmu@optcl.co.in CIN: U40102OR2004SGC007553**

**ସର୍ବସାଧାରଣ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି କି, ୧୩୨କେଭି ଭୂତଳ ବିଦ୍ୟୁତ୍ କେବୁଲ୍ ଲାଇନ୍ ୨୨୦/୧୩୨/୩୩କେଭି ସବ୍‌ଷ୍ଟେସନ୍, ଚନ୍ଦକା-ଖ ଠାରୁ ୧୩୨/୩୩କେଭି ସବ୍‌ଷ୍ଟେସନ୍, ମଞ୍ଚେଶ୍ୱର-ଖ ପର୍ଯ୍ୟନ୍ତ ରାସ୍ତାର ବାମ / ଡାହାଣ ପାର୍ଶ୍ୱରେ ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଯାଇଅଛି। ଏହି କେବୁଲ୍ ଲାଇନ୍ ଇନ୍‌ଫୋସିଟି ପୋଲିସ୍ ଷ୍ଟେସନରୁ କିଟ୍ ମେଡିକାଲ୍ ଛକ (ଡାହାଣ), କିଟ୍ ମେଡିକାଲ୍ ଛକରୁ ସାଇ ଆନ୍ତର୍ଜାତୀୟ ବିଦ୍ୟାଳୟ (ବାମ), ସାଇ ଆନ୍ତର୍ଜାତୀୟ ବିଦ୍ୟାଳୟରୁ ପଟିଆ ଛକ (ବାମ), ପଟିଆ ଛକରୁ ଓମ୍‌ଫେଡ୍ ଛକ ଭାୟା ଡମଣା ଛକ (ଡାହାଣ), ଓମ୍‌ଫେଡ୍ ଛକରୁ ରେଲ୍‌ୱେ ଷ୍ଟାଡିୟମ୍ (ଡାହାଣ), ରେଲ୍‌ୱେ ଷ୍ଟାଡିୟମ୍‌ରୁ ରେଲ୍‌ୱେ ହସ୍ପିଟାଲ ଛକ (ବାମ), ରେଲ୍‌ୱେ ହସ୍ପିଟାଲ ଛକରୁ ବି.ଏମ୍.ସି. ଡମ୍ପୟାର୍ଡ (ଡାହାଣ), ବି.ଏମ୍.ସି. ଡମ୍ପୟାର୍ଡ (ସାମନା ରାସ୍ତା ବାମ ପାର୍ଶ୍ୱ), ମଞ୍ଚେଶ୍ୱର ରେଲ୍‌ୱେ ଷ୍ଟେସନ୍ ରାସ୍ତା (ଡାହାଣ), ମଞ୍ଚେଶ୍ୱର ରେଲ୍‌ୱେ ଷ୍ଟେସନ୍ ରାସ୍ତାରୁ ଓ.ଡି.ସି.ଏଲ୍. ଛକ (ବାମ), ଓ.ଡି.ସି.ଏଲ୍. ଛକରୁ ଇଡ୍.କୋ. ବିଲ୍ଡିଙ୍ଗ୍ ଛକ (ଡାହାଣ), ଇଡ୍.କୋ. ବିଲ୍ଡିଙ୍ଗ୍ ଛକରୁ ମଞ୍ଚେଶ୍ୱର-ଖ (ବାମ) ରାସ୍ତା ତଳ ଦେଇ ବିଛାଯାଇଅଛି ଏବଂ ମଞ୍ଚେଶ୍ୱର ରେଲ୍‌ୱେ ଷ୍ଟେସନ୍ ପାଖରେ ରେଳ ଧାରଣାକୁ ଅତିକ୍ରମ କରିଛି। ଉକ୍ତ ୧୩୨ କେଭି ଅତ୍ୟୁଚ୍ଚ ବିଦ୍ୟୁତ୍ କେବୁଲ୍ ଲାଇନ୍ ଆସନ୍ତା **ତା.୨୫.୦୨.୨୦୨୦** ଠାରୁ ଯେକୌଣସି ମୁହୂର୍ତ୍ତରେ ସଂଯୋଗ କରାଯାଇ ବିଦ୍ୟୁତ୍ ସରବରାହ କରାଯିବ।

ଏହା ସର୍ବସାଧାରଣଙ୍କ ଅବଗତ ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପ୍ରଚଳିତ ଭାରତୀୟ ବିଦ୍ୟୁତ୍ ଆଇନ୍‌ର ଧାରା ଅନୁଯାଇ ଭୂତଳ ଲାଇନ୍ ଉପରେ କୌଣସି ଖୋଳା ଖୋଳି କାର୍ଯ୍ୟ, ଭୂତଳ କାର୍ଯ୍ୟ ଯଥା ସୁଡଙ୍ଗ କରିବା ଏବଂ ଘର ତୋଳିବା, ଗଛ ଲଗାଇବା, ଲମ୍ବା କାଠ ବା ଲୁହାଖୁଣ୍ଟ ଉଠାଇବା ଆଦି ନିଷେଧ, ଦଣ୍ଡନୀୟ ଓ ବିପଦଜନକ ଅଟେ ଏବଂ ଧନ ଜୀବନ ନଷ୍ଟ ହେବାର ଯଥେଷ୍ଟ ଆଶଙ୍କା ଅଛି।

ଏଣୁ ସର୍ବସାଧାରଣଙ୍କୁ ଉପରୋକ୍ତ ସତର୍କତାକୁ ଅବଲମ୍ବନ କରି ନିଷେଧ କାର୍ଯ୍ୟଗୁଡ଼ିକୁ ନ କରିବା ପାଇଁ ଅନୁରୋଧ କରାଯାଉଛି।

ସ୍ୱା/-
ମୁଖ୍ୟ ମହାପ୍ରବନ୍ଧକ (ବିଦ୍ୟୁତ୍)

Please connect us: optcl.odisha optcl_odisha energyodisha

**ODISHA UNIVERSITY OF AGRICULTURE AND TECHNOLOGY**
BHUBANESWAR-751 003, ODISHA, INDIA
Email: cpcouat2018@gmail.com; Tel : 0674-2562360; Visit us at: www.ouat.nic.in

**No. 361/CAET** **TENDER NOTICE** Date: 22nd Feb. 2020

Sealed tenders are invited from reputed manufacturers/ authorized dealers having valid GST/PAN and Service Centers in India, preferably in Odisha, for supply, installation and commissioning of different items as specified in the tender document at different Colleges/ Departments/ Projects located at Bhubaneswar as well as at different parts of Odisha under Odisha University of Agriculture and Technology (OUAT). Interested firms have to download the tender documents from the official Website of OUAT at **ouat.nic.in** and submit the same along with the required tender fee as specified in the tender document.

The last date for receipt of tender bids by speed post (India post) is16th March, 2020 up to 4 PM. For details of opening of bids, important information, terms and conditions, requirements, etc. please refer to the tender document available at **www://ouat.nic.in.**

Sd/-
Chairman,
Central Purchase Committee, 2019-20 cum–Dean, CAET, O.U.A.T, Bhubaneswar 751003

# SUNDAY classifieds




## BRIDE WANTED

Widow Brahmin boy 1979 Dy. Manager BBSR 14 LPA.9776562742. D-16779

Wanted a widow/ divorcee 40+ for remarriage widower, pensioner. Contact: Whatsapp-7326037796, Mob: 9853151643. Family pension allowed. D-16772

Khandayat boy 1992/ M.Sc, Syndicate Bank Manager. "VAISNABI" 9337336614, 7008967858. D-68594

Wanted Bengali bride for Bengali groom 35yrs, 5'8", LIC agent, Medicine business. Father Retd. Govt. employee, only son. 9040005722, 9937671096. D-16770

ଭୁବନେଶ୍ୱର ସ୍ଥିତ 30,000 ଦରମା, 40 ବୟସ୍କ ବ୍ରାହ୍ମଣ Divorcee ପୁଅଙ୍କ ପାଇଁ ଝିଅ ଦରକାର, 9668488654. D-67933

Wanted fair, goodlooking bride working preferably in IT Sector for handsome karan groom, B.Tech, 29years, 5'9", 15lakhs PA, Software professional, Bangalore, 9348720963. D-68338

Handsome brahmin boy 1989 5'6", 1/1, M.Tech, U.G.C, Net qualified service, T.G.T (Computer Science DAV) N.T.F.C, Contact Swaymbar, 9861501286, 9583335399. D-60874

Kaibarta boy/31/5.6, B.Tech Govt. job in Chennai, 8-9 LPA, need a educated beautiful girl (any caste) 8594934817, 8895265673. D-16854

Brahmin boy 1994/5'8", serving MNC Bhubaneswar requires beautiful bride 8144591758. D-68595

## GROOM WANTED

ଜାତିବନ୍ଧନ ନାହିଁ। 35, 5'.3", M.A, B.Ed, ମହିଳା ବାଳ ବିକାଶ ସୁପରଭାଇଜର, ମାସିକ ଆୟ 38,000/- ପାଇଁ ଅବିବାହିତ, ଛାଡପତ୍ରପ୍ରାପ୍ତ, ବିପତ୍ନୀକ ବର ଗ୍ରହଣୀୟ ହେବେ। 8462050474. D-16857

Khandayat girl M.Sc./ Railway service 26+/ SBI/PO. SUHAG: 9938199964, 9090486408. D-67292

Highschool Clerk 41 ବୟସ୍କା ବିଧବା ଖଣ୍ଡାୟତ ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର, 7381460016. D-67932

Now Matrimonial ads. only on Wednesday & Sunday Book 1 Get 1 FREE




## SALE

Hyundai creta, I twenty, Honda City, KUV 100, Pajero & others: 9937153557. D-16844




## SALE

Bhubaneswar AIIMS ନିକଟରେ yellowzone ଏବଂ BDA ପ୍ଲାନ ଏରିଆ ଥାଇ ଘରବାରି ପ୍ଲଟ (40x36x3) ବିକ୍ରିହେବ। 9861237472. D-67748

ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। 9437166686, 7609956035. D-68487

ଭୁବନେଶ୍ୱର Amri Hospital ଠାରେ 30' ରାସ୍ତାଥାଇ BDA yellowzone plot 7894216209. D-68494

ଭୁବନେଶ୍ୱର ହଂସପାଳଛକ ଠାରୁ 4k.m ଦୂରତାରେ 30' ପିଚୁରୋଡ଼କୁ ଲାଗି ଘରବାରି ପାଚେରି ପ୍ଲଟ ବେଣୁପୁର ପେଟ୍ରୋଲ ପମ୍ପ ପାଖରେ @ 10,80,000/-, 9437033320. D-68479

For sale 72 Decimal gharabari Kisan Land by the side of Chandanpur Flyover infront of Samjajpur Village. On the main road @ 3lakh per Decimal (Negotiable), Contact mobile no.- 9938138185. D-69010

Flats for sale at DHPL Crystal Raghunathpur. Contact: 9937059891, 8908292617. D-16586

One BHK flat for sale near Sea beach, Puri with modern facilities. Contact: 0674-2561050, 8260011011. D-16225

2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617. D-16587

Plot for sale at Puri near Lokanath Temple sthitiban patta plot, 30ft road, electrification sqft. 1000. Contact- 9438422888. D-69220

ଭୁବନେଶ୍ୱର ଜଟଣୀଗେଟ୍ ଠାରେ sqft-185/-, SC plot sqft-120/-, ନଖରା SC plot sqft-390/- IIT ଅରଗୁଳ sqft-120/-, immediate possession/ registration, 8144706560, 7750909843. D-68488

3BHK Duplex 35,00,000/- finishing Hanspal, low cost plot Atala- 6372150338. D-68668

Buy 1/2/3BHK luxury flats at Bhubaneswar near SUM Hospital Gothapatna with many amenities. 9078263828. D-16530

ଭୁବନେଶ୍ୱର ବାଲକାଟି ବଜାରରୁ 2km sqft.-550/-, (ଘରବାରି) ଜଟଣୀଗେଟ୍‌ଠାରେ sqft.-200/-, କଟକ ତ୍ରିଶୁଳିଆରୁ 4km sqft.-300/- ପ୍ଲଟ୍ ମିଳୁଅଛି। 7978939440, 9178004547. D-68489

2400sqft. corner plot with boundary wall, electricity near Infocity-2 7008818121, 9938770157. D-68493

ମଦନପୁର Infocity-II 200' Road ପାଖରେ yellowzone boundary plot ନିଅନ୍ତୁ। 9438859527. D-68496

5Acres sthitiban land for sale 27 lakhs @ acre. Location- 3kms from Chhatabar Chhak. 1.1acres sthitiban land near Gangua Canal. 2lakhs per guntha (brokers are not allowed). Mob: 6371297190. D-16792

Gharabari plot sale Sundarpada near Hi-tech Plaza sqft. 910/-. 9337766961, 9439364818. D-16820

ସୁନ୍ଦରପଦା Hitech Plaza ପାଖରେ 30'ରାସ୍ତା, ଘରବାରି, boundary, ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ ବିକ୍ରି ହେଉଛି। 6370292040. D-68495

Best location, development, communication and price ready for construction Balianta, Pahala, Nakhara (Both general and SC plot available )- 9040059669. D-68667

1600 sqft. gharabari residential plot for sale near Rabi Talkies, Tankapani Road, Bhubaneswar. 51 lakh. 7326084916. D-69221

Well Developed 30' Road with Boundarywall plot at Bilipada Near Gudiapokhari, Bhubaneswar Call: 9937518482, 8908805482. D-68669

Self plot at Brahmanjharilo, Cuttack, BBSR- 13k.m, Cuttack- 20k.m, 30' road, Gharabari, compound wall, electricity, near CBSE English Medium School at a reasonable price. 7809525452. D-68791

4BHK (2300Sqft.) with double parking readymade new luxurious apartment sale at prime location of Puri. Please call: 9438109040, 8144658008. D-16821

GA freehold plot sale immediately at Surya Nagar (4000 sqft.) only buyer contact Deepak- 9937329999. D-68070

Duplex house (five bedrooms, outhouse, covered car parking) near IRC Village (no broker), 7684836369 (9-5 pm). D-65902

13500 sqft. gharabari commercial plot 4km from Phulnakhara-Niali, near Bharat Petrol Pump- 8658182243. D-68069

NRI'S Bungalow for sale having area 7114sqft. and built up area 3797sqft. at Sabitri Sadan, Rameswar Patana near Mausima square, Bhubaneswar. For details Contact: 9437220545. D-67110

ଜଙ୍କିଆ ଥାନା ସମ୍ମୁଖରେ NHକୁ ଲାଗି ଘରବାରି plot ବିକ୍ରି ହେବ। 9437041063, 9938499755. D-16840

Gharabari plots eastfacing boundary walls Tankapaniroad Sai Mandir sqft. 1300/-, 7735738102. D-16835

30 Decimals (13000sqft.) adjacent to NH opposite Bhandaripokhari Petrol Pump 30km to Bhadrak available. 7873657633. D-16838

Own land 2600sqft. sthitiban near AIIMS for sale, Price-2700/- sqft. (negotiable), Contact-7684983099. D-16839




Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech 9040008777. D-16719




1/2BHK for family, New forest park, lane-6, Bhubaneswar. Contact: 9437283842. D-68681

1BHK flat in Paikarapur, 2km from SUM Hospital. Contact: 8249917157. D-68670

2BHK flat main road Soubhagya Nagar Unit-8 for office/residence. 9000004523. D-16843

2BHK flat with parking at Lingipur rent family. Contact: 7894381416. D-59945

ଅଫିସ ଓ ଗୋଦାମ ଘର ଭଡ଼ା ଦିଆଯିବ। ଚାରିନଳା, ଜଗନ୍ନାଥ ବିହାର, ପୁରୀ। ମୋବାଇଲ: ୭୭୩୫୬୮୫୬୪୮ ଧ-୧୬୭୭୪

2BHK ground floor with two bathroom south facing car parking at Palashpalli BDA Colony near main road and bus route. Contact: 9437025913. D-16776

To let for Bank/Office/ Residence at Bapuji Nagar, Bhubaneswar, 9437205577. D-67539




Shivam logistic packers movers. Household/ car relocation countrywide. 9777044177, 9338461133. D-16741

Hindustan Packers & Movers shifting of household goods, office & bike (all over India). 9437045552, 9937288024. D-16608




Full body herbal massage with refreshment expert therapist. 7381239385, 06742540855. D-69213

Experience full body massage with us (expert). Call: 7377048581, 06742597822. D-69214

Herbal full body massage by smart / expert therapist. Contact: 8338067247. D-69215

Experience winter therapeutic Abhyanga massage feeling refreshing energetic: Appointment- 9668374480. D-69216

Body massage @ 1099 at mystic Unisex Salon and Spa. 9556978408. D-69218

Rejuvenate and Ayurvedic full body massage by smart therapist. 9114402304. D-69217

Sai herbal spa refresh your body with smart, expert therapist. 7608062524. D-69222

Newly open full body massage by ladies, gents therapist. 8018656899 D-60872

Ayurvedic full body massage by ladies, gents therapist. 7008773793 D-60873




A Reputed take away restaurant specializing in variety snacks/ meals requires franchisees. Low Investment. High returns. Call- 09330941217. D-16842

Gharka khana/ Caterer, North Indian Lunch & Dinner, weekly 3days nonveg with home/ office delivery@3500/-per month. Pokhariput, Bhubaneswar. Contact: 9668732935. D-67291

## LOST

ମୁଁ ଲକ୍ଷୀଧର ସେଠୀ, ପିତା- ସ୍ୱର୍ଗତ ବନମାଳୀ ସେଠୀ, ଗ୍ରାମ- ଶିଶୁପାଳଗଡ଼, ଥାନା- ଧଉଳି, ଜିଲ୍ଲା- ଖୋର୍ଦ୍ଧା, ଘୋଷଣା କରୁଅଛି କି, ମୁଁ ଧଉଳିଠାରୁ ଲିଙ୍ଗିପୁର ରୋଡ ବାଟରେ ଆସୁଥିବା ସମୟରେ ଆଧାରକାର୍ଡ, ପ୍ୟାନକାର୍ଡ, ATM କାର୍ଡ ଓ ଭୋଟର କାର୍ଡ କେଉଁଠାରେ ହଜିଯାଇଅଛି। କୌଣସି ସହୃଦୟ ବ୍ୟକ୍ତି ଏହାର ସନ୍ଧାନ ପାଇଲେ ଉପରୋକ୍ତ ଠିକଣାରେ ଜଣାଇବାକୁ ଅନୁରୋଧ। Phone- 9437590925. D-16855

## AFFIDAVIT

By virtue of an affidavit sworn before the Executive Magistrate, Sohela I, Roji Behera @ Naik, W/o- Subrat Kumar Behera, R/o- village Kanapali, P.O.- Panimora, Dist. Bargarh declared that after marriage I have changed my surname from Naik to Behera. Henceforth I will be known as Roji Behera, W/o- Subrat Kumar Behera for all purposes. D-37395

### ତୃତୀୟ ବର୍ଷ ଜନ୍ମଦିନ ଶୁଭେଚ୍ଛା



(ପ୍ରଜ୍ଞା)

**ଦିବ୍ୟାଜ୍ଞନା**

ନୂଆପଡା, ଚିକିଟୀ ବ୍ଲକ, ଗଞ୍ଜାମ

ତୃତୀୟବର୍ଷ ଜନ୍ମବାର୍ଷିକ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ଓ ମା ଅନ୍ନପୂର୍ଣ୍ଣାଙ୍କ ନିକଟରେ ତୋର ଉଜ୍ଜ୍ୱଳ ଭବିଷ୍ୟତ ଏବଂ ଦୀର୍ଘ ଚଲାପଥ କାମନା କରୁଅଛୁ। ପ୍ରଭୁଙ୍କ କୃପାରୁ ତୋର ଚଲାପଥ କୁସୁମିତ ହେଉ ଏତିକି ପ୍ରାର୍ଥନା।

-:ଶୁଭେଚ୍ଛା ସହ:-

ବାବା, ମମି, ଜେଜେ ବାପା, ଜେଜେ ମା', ଅଜା, ଆଈ ଓ ପରିବାରବର୍ଗ। ଧ-୬୬୬୩୧

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

# CLASSIFIED BOOKING STATIONS

**ASSET PROPERTIES**
R.P. Patra, Plot-3766, Opposite Reliance Trends Footwear/ Odisha Hotel, Rabi talkies chakka, Lewis Road, 9337124748 (What's app) 9439963384

**AMAN ADDCARE**
Plot No: 114/7, Airport Square, Bhimpur, Bhubaneswar- 751020
Email ID: amamaddcare@gmail.com
Whatsapp & Mobile No: 9937426436, 9853380364

**ANITA ADVERTISER**
S-17, BDA Market Complex, Nilakantha Nagar, Near Passport Office, Nayapalli, BBSR-12
Chinmaya Choudhury
Ph:9338991113, 9439811130
Email: anitaadvt@gmail.com

**CUTTACK**
**DHARITRI OFFICE**
Link Road, P. K. Ratha, Mob: 9437196416

**MAHAVEER COMMUNICATION**
Kantapada, Nakhara, Cuttack, Sura Narayan Sahu, Phone: 9438282244

**J. N. MOHANTY & SONS**
Infront of Annapurna Theatre, Grand Road, Puri, Deepak Mohanty, Mob: 9437285941, 9861451995

**BERHAMPUR**
**DHARITRI OFFICE**
Contact: Siba prasad Das, Mob: 9040449673

**MANIKA COLD CABIN**
Dhenkanal Bus-Stand, Dhenkanal, Manabhanjan Pattnaik, Mob : 9937233228

**VIDYA PURI BOOK STORE**
Puri Badasankha, Sibaram Pradhan, Mob : 9861446582

**AMBICA COMPUTERS**
Sanjeeb Ku. Patra, Rajanahar Chowk, Singhlal Complex 1st Floor, Jeypore, Mob : 9439773311

**SHREE GOPAL STORE**
Sakhigopal, Puri, Manjulata Mahapatra, Mob: 7787087031, 9777203839

**ANNAPURNA COMMUNICATION**
Qtr-VII, H-185, C.S.Pur, BBSR
Prabina Kumar Mohanty
Ph: 9337336614, 7008967858

**NEELACHAL INFOTECH**
Hotel Jajati Complex, Master Canteen Square, BBSR, Nalin Kishore Panda, Ph:0674-2531315, 9861033004

**SAINEE COMMUNICATION**
At- Beheramal, PS/ Dist- Jharsuguda, Contact : Chinmaya Kumar Dwibedy, Mobile: 9861434126

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ସୂର୍ଯ୍ୟ ନାରାୟଣ ମିଶ୍ର**

ପ୍ରତିଷ୍ଠାତା ସମ୍ପାଦକ, ସମ୍ରାଟ ମହାବିଦ୍ୟାଳୟ ବ୍ରହ୍ମପୁର, ଗଞ୍ଜାମ
କୃଷ୍ଣଶରଣପୁର (ଶାସନ) କୁଲାଡ଼, ଗଞ୍ଜାମ
ଆବିର୍ଭାବ: ତା. ୦୪।୦୮।୧୯୮୩
ତିରୋଧାନ: ତା. ୦୫।୦୩।୨୦୧୯
(ଫାଲ୍‌ଗୁଣ ଅମାବାସ୍ୟା)

ଆପଣଙ୍କ ସ୍ନେହ, ତ୍ୟାଗ, କର୍ତ୍ତବ୍ୟନିଷ୍ଠା ଆମ୍ଭମାନଙ୍କୁ ଉତ୍ତମ ଦିଗ୍‌ଦର୍ଶନ ଓ ପ୍ରେରଣା ଯୋଗାଉଛି। ପ୍ରତି ମୁହୂର୍ତ୍ତରେ ଆମେ ଆପଣଙ୍କ ଅନୁପସ୍ଥିତି ଅନୁଭବ କରୁଛୁ। ଆଜିର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଓ ଚିରଶାନ୍ତି ପାଇଁ ଆମେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ନିବେଦନ ଜଣାଉଛୁ।

-:ଶ୍ରଦ୍ଧାଞ୍ଜଳି ସହ:-

ଶୋକ ସନ୍ତପ୍ତ ପରିବାର, ସମ୍ରାଟ ପରିବାର, ବନ୍ଧୁ ଓ ଆତ୍ମୀୟସ୍ୱଜନ। ଧ-୬୬୬୩୩

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ଖଗେଶ୍ୱର ପାତ୍ର**

ପଟଣା, ରତ୍ନଗିରି, ଯାଜପୁର

ଆପଣଙ୍କର ସ୍ନେହ, ଶ୍ରଦ୍ଧା ଓ ଦିଗ୍‌ଦର୍ଶନ ଆମର ମାର୍ଗ ଦର୍ଶନ ହେଉ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ନିବେଦନ କରୁଛୁ।

-:ଶୋକସନ୍ତପ୍ତ:-

ପୁତ୍ର: ରମେଶ ଚନ୍ଦ୍ର ପାତ୍ର, କୈଳାସ ଚନ୍ଦ୍ର ପାତ୍ର, ବୋହୂ, ଝିଅ ଓ ପାତ୍ର ପରିବାରବର୍ଗ। ଧ-୧୬୮୪୧

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ବୃନ୍ଦାବନ ମହାନ୍ତି**

ଆବିର୍ଭାବ:୦୧।୦୧।୧୯୨୮
ତିରୋଧାନ: ୧୩।୦୨।୨୦୨୦

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ:

ତୁମର ପରିବାର ଓ ଆତ୍ମୀୟସ୍ୱଜନ ଧ-୧୬୮୫୮

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଏକାଦଶାହ ଉପଲକ୍ଷେ



**✓ ଅର୍ଜୁନ ମହାନ୍ତି**

ଆବିର୍ଭାବ-୨୦.୧୧.୧୯୩୪
ତିରୋଧାନ-୧୩.୦୨.୨୦୨୦

ଦୁର୍ଗାବଜାର, ଢେଙ୍କାନାଳ

ଆମ ସମସ୍ତଙ୍କୁ ଶୋକସାଗରରେ ଭସାଇଦେଇ ଚାଲିଗଲ। ଚାହୁଁ ଚାହୁଁ ୧୧ଦିନ ବିତିଗଲା। ତୁମର କର୍ତ୍ତବ୍ୟନିଷ୍ଠ, ଚାଲିଚଳନ, ତ୍ୟାଗ, ଆଦର, ସବୁଦିନ ସମସ୍ତଙ୍କ ହୃଦୟରେ ଜୀବିତ ହୋଇ ରହିବ। ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ଢେଙ୍କାନାଳ ଅଧିଷ୍ଠାତା ଦେବତା ପ୍ରଭୁ ଶ୍ରୀ ବଳରାମ ଓ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଆପଣଙ୍କ ଶୋକସନ୍ତପ୍ତ ପରିବାର ବର୍ଗ- ପୁତ୍ର- ବିନୋଦ, ପ୍ରଶାନ୍ତ, ବୋହୂ ରଜନୀ, ବୁବୁଲି, ସବିତା, ରୁବି, ଝିଅ-ପ୍ରଭାତୀ, ସଂଯୁକ୍ତା, ପଦ୍ମିନୀ, ଜ୍ୱାଇଁ-ପ୍ରାଣବନ୍ଧୁ, ବିଳାସ, ସ୍ମାରକ, ନାତି-ଦେବ, ପିନ୍ଟୁ, ଗୁଲୁ, ବବ୍‌ଲୁ, ମିଲା, ମୁନୁ, ଲିଲନ୍, ସୋମ୍, ଗୁଗୁଲା, ଗୁଗୁ, ନାତୁଣୀ-ପୁଷି, ପୂଜା, ଲିଜା, ମୁନି, ମାମୁନି, ନାତୁଣୀ ବୋହୂ-ମାନୁ, ଦୀପା, ସୁରେଖା, ମାମାଲି, ଅଣନାତି, ସାଇ, ଓମ୍, ଛୋଟୁ, ଅଣନାତୁଣୀ, ଟିକି, ମିକି, ପିକୁ, କିଟିଙ୍କ ସମେତ ଭାଇ ଦୈତାରୀ, ପୁତୁରା, ପୁତୁରା ବୋହୂ ଓ ମହାନ୍ତି ପରିବାରବର୍ଗ। ଧ-୬୬୮୪୩

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ କାଶୀନାଥ ରଥ**

ବୀରରାମଚନ୍ଦ୍ରପୁର, ପୁରୀ
ତିରୋଧାନ: ୦୬।୦୩।୨୦୧୯

ଆପଣଙ୍କ ଭଲପାଇବା, ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟନିଷ୍ଠା ଓ ପରୋପକାରିତା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।

-:ଶୋକସନ୍ତପ୍ତ:-

ବନ୍ଧୁ ଓ ପରିବାରବର୍ଗ। ଧ-୧୬୮୦୫

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

“ବେଳେ ବେଳେ ସରଳତା ଭିତ୍ତିକ ସମାଧାନ ଟେକ୍ନୋଲୋଜିଠାରୁ ଅଧିକ ସୁବିଧା ପ୍ରଦାନ କରିଥାଏ। ଏହାକୁ ବିଚାରକୁ ନେବାକୁ ହେବ।

–ସୋନମ ୱାଙ୍ଗଚୁକ୍, ଉଦ୍ଭାବକ ଓ ଶିକ୍ଷା ସଂସ୍କାରକ



“କିଛି ମୁଷ୍ଟିମେୟ ଗୋଷ୍ଠୀଙ୍କୁ ସହାୟତା ପରିବର୍ତ୍ତେ ଦେଶର ବାଣିଜ୍ୟିକ ପରିବେଶକୁ ସହାୟକ ହେବା ଭଳି ନୀତି ଉପରେ ସରକାର କାର୍ଯ୍ୟ କରିବାର ଆବଶ୍ୟକତା ରହିଛି।

–କେ.ଭି.ସୁବ୍ରମଣ୍ୟନ, ସିଇଏ



## ସଂକ୍ଷେପରେ

### ପାନାସୋନିକ୍ ଆଣିଲା ନୂଆ କନେକ୍ଟେଡ୍ ଏସି

ଭୁବନେଶ୍ୱର,୨୨-୨

ପାନାସୋନିକ୍ ଇଣ୍ଡିଆ ପକ୍ଷରୁ ନୂତନ ଫ୍ୟୁଚରିଷ୍ଟିକ୍ ରେଞ୍ଜର କନେକ୍ଟେଡ୍ ଏୟାର କଣ୍ଡିସନର୍ର ଶୁଭାରମ୍ଭ କରାଯାଇଛି।ଏହି ଏସିର ମୂଲ୍ୟ ୩୫,୯୯୦ ଟଙ୍କାରୁ ଆରମ୍ଭ ହେଉଛି। ଏହି ଅବସରରେ ପାନାସୋନିକ୍ ଇଣ୍ଡିଆର ଏୟାର କଣ୍ଡିସନିଂ ଗ୍ରୁପ୍, ବ୍ୟବସାୟ ମୁଖ୍ୟ ଗୌରବ ଶାହ କହିଛନ୍ତି, ନୂତନ କନେକ୍ଟେଡ୍ ଏସି ରେଞ୍ଜକୁ ପାରମ୍ପରିକ ସ୍ପ୍ଲିଟ୍ ଏସି ଭଳି ସମାନ ମୂଲ୍ୟ ବର୍ଗରେ ଉପଲବ୍ଧ କରିଛୁ। କନେକ୍ଟେଡ୍ ଏସିଗୁଡିକ ପାଇଁ ରହିଥିବା ବର୍ଦ୍ଧିତ ଆବଶ୍ୟକତାକୁ ପୂରଣ କରିବା ଲାଗି ଏହ ଲଞ୍ଚ ସହ ୧୦% ବଜାର ଅଂଶ ଏବଂ ୨୦୨୦-୨୧ ଆର୍ଥିକ ବର୍ଷରେ ଏୟାର କଣ୍ଡିସନର ବର୍ଗରେ ୨୫ରୁ ୩୦% ବିକାଶ ହାସଲ କରିବାକୁ ଲକ୍ଷ୍ୟ ରଖିଛୁ। ଏହି ନୂତନ ରେଞ୍ଜର କନେକ୍ଟେଡ୍ ଏସି ଏଆଇ ସକ୍ଷମ ମିରାଏ ଆପ୍ ସହ ସହଜତା ପ୍ରଦାନ କରିବା ସହ ଆମର ସ୍ୱତନ୍ତ୍ର ଜେଟ୍ଷ୍ଟ୍ରିମ୍, ଏରୋ-ୱିଙ୍ଗ୍ସ ଟେକ୍ନୋଲୋଜି ମାଧ୍ୟମରେ ଉନ୍ନତ କୁଲିଙ୍ଗ ସହ ଆରାମ ପ୍ରଦାନ କରୁଛି। ଜୀବାଣୁ ଓ ପିଏମ୍ ୨.୫ କୁ ନଷ୍ଟ କରୁଥିବା ନାନୋଇ-ଜି ଟେକ୍ନୋଲୋଜି ସହ ଉନ୍ନତ ସ୍ୱାସ୍ଥ୍ୟ ପ୍ରଦାନ କରୁଛି। ଏକ ସହଜ ଅଟୋ ଡାଇଗ୍ନୋସିସ୍ ଫିଚର ସହ ନୂଆ କନେକ୍ଟେଡ୍ ରେଆଗୁଆ ସମସ୍ୟାକୁ ଚିହ୍ନଟ କରି ଉପଭୋକ୍ତାଙ୍କୁ ସତର୍କ କରିଥାଏ। ଏଥିସହିତ ପାନାସୋନିକ୍ର ନୂତନ ରେଞ୍ଜର କନେକ୍ଟେଡ୍ ଏସିକୁ ଆମାଜନ୍ ଆଲେକ୍ସା ଓ ଗୁଗଲ୍ ଆସିଷ୍ଟାଣ୍ଟଭଳି ଭଏସ୍ ଆସିଷ୍ଟାଣ୍ଟ ମାଧ୍ୟମରେ ପରିଚାଳନା କରିହେବ।

# ଗ୍ରାହକ ସମ୍ପର୍କକୁ ତନିସ୍କର ଅଗ୍ରାଧିକାର

- ନୂଆ ବିରାସତ କଲେକ୍ସନ ଉନ୍ମୋଚିତ
- ସ୍ୱତନ୍ତ୍ର ଗ୍ରାହକ ଭାବ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ

ଭୁବନେଶ୍ୱର,୨୨-୨

ଗ୍ରାହକ ସମ୍ପର୍କକୁ ତନିସ୍କ ସର୍ବଦା ଅଗ୍ରାଧିକାର ଦେଇ ଆସିଛି। ଭୁବନେଶ୍ୱର କମ୍ପାନୀ ଲାଗି ଏକ ରଣନୈତିକ ବଜାର ଭାବେ ଗୁରୁତ୍ୱ ବହନ କରୁଛି। ଗ୍ରାହକଙ୍କୁ ସର୍ବୋତ୍ତମ ଅଫର ପ୍ରଦାନ ଦ୍ୱାରା ସେମାନଙ୍କୁ ପ୍ରତି ମୂହୂର୍ତ୍ତରେ ସ୍ୱତନ୍ତ୍ର ଅନୁଭବ କରାଇବା ତନିସ୍କର ଲକ୍ଷ୍ୟ ବୋଲି କମ୍ପାନୀର କଷ୍ଟମର ଏକ୍ସପେରିଏନ୍ସ ହେଡ୍ ଅନୁପମ ଶାହା ଶନିବାର କହିଛନ୍ତି। ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଗ୍ରାହକ ଭାବ ବିନିମୟ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ କହିଛନ୍ତି ଯେ, ଗ୍ରାହକଙ୍କୁ ସର୍ବୋତ୍ତମ ତଥା ଶୁଦ୍ଧ ଗହଣା ଯୋଗାଇବା ଉପରେ ତନିସ୍କ ବିଶ୍ୱାସ କରେ। ସାରା ଦେଶରେ କମ୍ପାନୀର ଷ୍ଟୋରଗୁଡିକରେ କ୍ୟାରେଟ ମିଟର ଦ୍ୱାରା ଶୁଦ୍ଧତା ପରୀକ୍ଷଣ କରାଯାଇଥାଏ। ଏହି ଅବସରରେ ସେ ନୂଆ ବିରାସତ କଲେକ୍ସନକୁ



କାର୍ଯ୍ୟକ୍ରମ ଅବସରରେ ନୂଆ କଲେକ୍ଶନକୁ ଉନ୍ମୋଚନ କରାଯାଉଛି।

ବଜାର ପ୍ରବେଶ କରାଇଥିଲେ।

ଏହି କଲେକ୍ସନ ସମ୍ପର୍କରେ ସୂଚନା ଦେଇ ଶାହା କହିଛନ୍ତି, ନୂଆ କଲେକ୍ସନକୁ ରାଜସ୍ଥାନର କାରିଗରମାନେ ପ୍ରସ୍ତୁତ କରିଛନ୍ତି। ଏହାକୁ କାରିଗରମାନେ ସମ୍ପୂର୍ଣ୍ଣ ଭାବେ ହାତରେ ପ୍ରସ୍ତୁତ କରିଛନ୍ତି। ଏନାମେଲ କାରିଗରିଲାଗି ବିରାସତ କଲେକ୍ସନ ଗୁରୁତ୍ୱ ବହନ କରୁଛି। ରାଜସ୍ଥାନ ଉଦୟପୁରର ପ୍ୟାଲେସ, ହ୍ରଦପ୍ରଭୃତିର ପ୍ରେରଣାରୁ କଲେକ୍ସନକୁ ପ୍ରସ୍ତୁତ କରାଯାଇଛି। ଏହାମଧ୍ୟରେ ପିକକ୍ ନେକଲେସ, ରାଜା ମହାରାଜାଙ୍କ କଲେକ୍ସନର ଛାପ, ଆଣ୍ଟିକ ଜୁଏଲେରି, ମହଲର ଗଢଣ ଭଳି କାରିଗରିକୁ ଗ୍ରାହକ ପାଇପାରିବେ। ଇତିହାସ ଏବଂ ଭାରତୀୟ ପରମ୍ପରା ମଧ୍ୟ ଏଠାରେ ରହିଛି। ଗ୍ରାହକଙ୍କ ଚାହିଦା ଆଧାରରେ ଏହାକୁ ପ୍ରସ୍ତୁତ କରାଯାଇଛି। ଗ୍ରାହକଙ୍କ ସହ ଅଧିକ ଜଡିତ ହେବା ଲକ୍ଷ୍ୟରେ ଏଭଳି ଏକ କାର୍ଯ୍ୟକ୍ରମ ରହିଛି ବୋଲି ଶାହା କହିଛନ୍ତି।

କାର୍ଯ୍ୟକ୍ରମରେ ଫ୍ରାଞ୍ଚାଇଜି ଓନର ମାନିକ ହଂସ କହିଛନ୍ତି ଯେ, ନୂଆ କଲେକ୍ସନରେ ଗ୍ରାହକମାନେ ସ୍ୱତନ୍ତ୍ର ଗହଣା ଲାଭ କରିପାରିବେ। ଏହି ଅବସରରେ ଗ୍ରାହକଙ୍କ ଲାଗି ଆକର୍ଷଣୀୟ ଅଫର ମଧ୍ୟ ରହିଛି। ସୁନା ଗହଣାର ଗଢା ମୂଲ୍ୟ ଉପରେ ୨୫% ପର୍ଯ୍ୟନ୍ତ ଏବଂ ହୀରା ଗହଣା ମୂଲ୍ୟରେ ୨୦% ପର୍ଯ୍ୟନ୍ତ ରିହାତି ଗ୍ରାହକ ପାଇପାରିବେ। କାର୍ଯ୍ୟକ୍ରମରେ ରିଭା, ଅହଲ୍ୟା କଲେକ୍ସନକୁ ପ୍ରଦର୍ଶନ କରାଯାଇଥିଲା।

## ମାରୁତି ଇଗ୍ନିସ୍ ବିଏସ୍-୬ ଉନ୍ମୋଚନ




ଯାଜପୁର ଅଫିସ,୨୨।୨

ପ୍ରମୁଖ ଯାନ ନିର୍ମାତା କମ୍ପାନୀ ମାରୁତି ସୁଜୁକି ଲିଃର ନେକ୍ସା ଟୁଇନ ସିଟି ସ୍କାଏ ଅଟୋମୋବାଇଲ୍ସ, ଭୁବନେଶ୍ୱର ପକ୍ଷରୁ ନୂଆ ଇଗ୍ନିସ୍ ବିଏସ୍-୬ ମଡେଲକୁ ଶନିବାର ଯାଜପୁରରୋଡ ନହକା ବାଇପାସ୍ଠାରେ ବଜାର ପ୍ରବେଶ କରାଯାଇଛି। ଧରିତ୍ରୀର ଯାଜପୁର ଜିଲା ପ୍ରତିନିଧି ହର୍ଷବର୍ଦ୍ଧନ ବେହେରା ମୁଖ୍ୟଅତିଥି, ନେକ୍ସା ଟୁଇନ ସିଟିର ଜିଏମ୍ ଅମିତ ଶର୍ମା ଓ କର୍ପୋରେଟ ମ୍ୟାନେଜର ସ୍ମୃତିରଞ୍ଜନ ବାରିକ ସମ୍ମାନିତ ଅତିଥି ଭାବେ ମଡେଲଟିକୁ ଉନ୍ମୋଚନ କରିଥିଲେ। ଏଥିରେ ଗ୍ରାହକଙ୍କ ଲାଗି ଏକ୍ସଚେଞ୍ଜ ଅଫର ଏବଂ କର୍ପୋରେଟ ଡିସ୍କାଉଣ୍ଟ ରହିଛି। ମଡେଲଟି ଲିଟର ପିଛା ୨୧ କିମି ମାଇଲେଜ ଦେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏହାର ଏକ୍ସ ଶୋ'ରୁମ୍ ଭୁବନେଶ୍ୱର ମୂଲ୍ୟ ୪. ୮୩ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି। ଯାନଟି ଗ୍ରାହକଙ୍କୁ ଉଲ୍ଲସିତ କରିଛି ବୋଲି ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଗ୍ରାହକ ଓ ଅଂଶୀଦାରଙ୍କ ତରଫରୁ ମିଳିଥିବା ସହଯୋଗ ଓ ସମର୍ଥନକୁ ନେଇ କମ୍ପାନୀ ଏହି ନୂଆ କାରକୁ ବଜାରକୁ ଛାଡିଥିବା କମ୍ପାନୀ ସୂଚନା ଦେଇଛି। ଯାଜପୁରରୋଡରେ ୨୨ ଏବଂ ୨୩ ତାରିଖ ଦୁଇଦିନ ଧରି ଆୟୋଜିତ ହେଉଥିବା କାର ମହୋତ୍ସବରେ ଉନ୍ନତ ବ୍ୟବସାୟ ନେଇ କମ୍ପାନୀ ପକ୍ଷରୁ ଆଶା ରଖାଯାଇଛି।

# ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ୨୧ତମ ମେଗା ଶୋ'ରୁମ୍

ଭୁବନେଶ୍ୱର,୨୨-୨

ପ୍ରମୁଖ ଇଲେକଟ୍ରୋନିକ୍ସ ଶୋ'ରୁମ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସ ପକ୍ଷରୁ ଏହାର ୨୧ତମ ମେଗା ଶୋ'ରୁମ ଖୋର୍ଦ୍ଧାର କଳାପଥରଠାରେ ଶୁଭାରମ୍ଭ ହୋଇଛି। ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ପରିଚାଳନା ନିର୍ଦ୍ଦେଶକ ରାଜେଶ କୁମାର ଗୁପ୍ତା ଏବଂ ଲୋକପ୍ରିୟ ଫର୍ନିଚର କମ୍ପାନୀ ପିଚଟ୍ରୀର ପରିଚାଳନା ନିର୍ଦ୍ଦେଶକ ଆଶିଷ ବଂଶଲ ନୂଆ ଶୋ'ରୁମକୁ ଶୁଭାରମ୍ଭ କରିଥିଲେ। ଗ୍ରାହକଙ୍କୁ ସୁଲଭ ମୂଲ୍ୟରେ ପ୍ରଡକ୍ଟ ଯୋଗାଣ କ୍ଷେତ୍ରରେ ସର୍ବଦା କାର୍ଯ୍ୟକ୍ରମ ଜାରି ରହିଛି ବୋଲି ଶୋ'ରୁମ



ପକ୍ଷରୁ ସୂଚନା ରହିଛି। ଏଠାରେ ଗ୍ରାହକମାନେ ଆକର୍ଷଣୀୟ ଅଫରର ଲାଭ ଉଠାଇ ପାରିବେ। ଉଦ୍ଘାଟନୀ ଅଫର ଭାବେ ପ୍ରଥମ ୧୦୦ ଗ୍ରାହକଙ୍କ ଲାଗି ଲକି ଡ୍ର ସୁବିଧା କରାଯାଇଛି। ଏହି ସମୟରେ ଗୋଟିଏ ପ୍ରଡକ୍ଟ କିଣି ଗ୍ରାହକ ୫ଟି ଅଫର ଲାଭ ନେଇ ପାରିବେ। ୬୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ଫର୍ନିଚର କ୍ରୟ ଉପରେ ୨୪ ଇଞ୍ଚ ଏଲଇଡି ଟିଭି, ୯୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ଫର୍ନିଚର କ୍ରୟରେ ୩୨ ଇଞ୍ଚ ଏଲ୍ଇଡି ଟିଭି, ୧.୨୦ ଲକ୍ଷ ଟଙ୍କାର ଫର୍ନିଚର କ୍ରୟରେ ୪୦ ଇଞ୍ଚର ଟିଭି ଗ୍ରାହକ ପାଇପାରିବେ। ସେହିଭଳି ବ୍ରାଣ୍ଡେଡ ଏୟାର କଣ୍ଡିସନର କ୍ରୟରେ ୪୦% ଡିସ୍କାଉଣ୍ଟ, ଏଲଇଡି ଟିଭି କ୍ରୟ ଉପରେ ୫୫% ପର୍ଯ୍ୟନ୍ତ ଡିସ୍କାଉଣ୍ଟ ଏବଂ ହୋମ ଆପ୍ଲାଏନ୍ସ ଉପରେ ଆକର୍ଷଣୀୟ ରିହାତି ସୁଯୋଗ ରହିଛି। ବିବାହ ଋତୁରେ ଗ୍ରାହକଙ୍କ ଲାଗି ଆକର୍ଷଣୀୟ ବଣ୍ଡଲ ଅଫର ୩୩,୩୦୦ ଟଙ୍କାରେ ଉପଲବ୍ଧ ହେଉଛି। ସ୍ୱଳ୍ପ ଡାଉନପେମେଣ୍ଟ, ଶୂନ ପ୍ରତିଶତ ସୁଧ, ସହଜ କିସ୍ତି ସୁବିଧା ଗ୍ରାହକଙ୍କ ଲାଗି ଉପଲବ୍ଧ । ଏହି ଅଫରର ଲାଭ ଗ୍ରାହକମାନେ ଉଠାଇବାକୁ ଏମ୍ଡି ରାଜେଶ ଗୁପ୍ତା ଆଶାବ୍ୟକ୍ତ କରିଛନ୍ତି। ଗ୍ରାହକଙ୍କ ଚାହିଦାକୁ ଦେଖି ଆଗାମୀ ଦିନରେ ବାରିପଦା, ଅନୁଗୋଳ ଏବଂ ପାରାଦୀପଠାରେ ନୂଆ ଶୋ'ରୁମ ଶୁଭାରମ୍ଭ ହେବ ବୋଲି ସେ ସୂଚନା ଦେଇଛନ୍ତି।

## ପିଏମ୍ କିଷାନରେ କୃଷକଙ୍କୁ ୫୦,୮୫୦ କୋଟି ଟଙ୍କା ପ୍ରଦାନ

ନୂଆଦିଲ୍ଲୀ,୨୨-୨

ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ କେନ୍ଦ୍ର ସରକାର ୫୦,୮୫୦ କୋଟି ଟଙ୍କା ପ୍ରଦାନ କରିଥିବା ଶନିବାର କହିଛନ୍ତି। ଇନପୁଟ ଖର୍ଚ୍ଚ ଏବଂ ଘର ଖର୍ଚ୍ଚ ଉଠାଇବା ଦିଗରେ ଏହା ସହାୟକ ହେବ ବୋଲି ସରକାର ମତ ରଖିଛନ୍ତି। ଫେବୃୟାରୀ ୨୪ରେ ଉକ୍ତ ଯୋଜନାକୁ ଗୋଟିଏ ବର୍ଷ ପୂରଣ ହେବାକୁ ଯାଉଛି। ଯୋଜନାର ରୂପାୟନ କିଭଳି ହୋଇଛି ତାକୁ ନେଇ କୃଷି ମନ୍ତ୍ରଣାଳୟ ପକ୍ଷରୁ ଏଭଳି ତଥ୍ୟ ପ୍ରକାଶ କରାଯାଇଛି। ଗତ ବର୍ଷ ଉକ୍ତ ଯୋଜନାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍ତର ପ୍ରଦେଶର ଗୋରଖପୁରରେ ଶୁଭାରମ୍ଭ କରିଥିଲେ। ଉକ୍ତ ଯୋଜନାରେ କେନ୍ଦ୍ର ସରକାର ବାର୍ଷିକ ୩ ଟି କିସ୍ତିରେ ୬ ହଜାର ଟଙ୍କା କୃଷକଙ୍କ ବ୍ୟାଙ୍କ ଖାତାକୁ ପ୍ରଦାନ କରୁଛନ୍ତି। ଯୋଜନାରେ ୧୪ କୋଟି ହିତାଧିକାରୀ ରହିଛନ୍ତି। ଚଳିତ ବର୍ଷ ଫେବୃୟାରୀ ସୁଦ୍ଧା ୮.୪୬ କୋଟି କୃଷକଙ୍କୁ ସୁବିଧା ପ୍ରଦାନ କରାଯାଇଛି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

REAL ESTATE SALE

APARTMENT FOR IMMEDIATE SALE
At: Kalyani Plaza Annexe, Sundarpada, Off Jatni Road, Bhubaneswar
775 sqft 2 BHK
4th Floor with Lift
Basement Parking facility.
Only Serious Buyers need to contact:
7008053811

FINANCE

FINANCE
ସରକାରୀ ଯୋଜନା ଦ୍ୱାରା All Odisha ଋଣ ନିଜର ମାର୍କସିଟ, ଆଧାରକାର୍ଡ, କୃଷି ଋଣ ମାତ୍ର ୦% ସୁଧ ୫୦% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
Call / SMS Now
Rupali - 8963951185
Sweta - 8963979286
Riya - 9630505037
Sandhya - 8878040343
Niddhi - 7587695952
Vasundhara Mall, West Boring Canal Rd, Rajapur, Patna, Bihar 800001

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ | 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
9990624548
7982465910

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
78950-82886
73765-91521
B-34/7 A Block Vijay Enclave, Bururi, New Delhi

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
▸ ବିଜିନେସ୍ ଋଣ ▸ ସମ୍ପତ୍ତି ଋଣ ▸ ମାର୍କଶିଟ୍ ଋଣ ▸ ଆଧାର କାର୍ଡ ଋଣ ▸ ବ୍ୟକ୍ତିଗତ ଋଣ ▸ ବିପିଏଲ୍ ଋଣ ▸ ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସ୍ବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
୨୫ ବର୍ଷ ଧରି ଆପଣଙ୍କ ସେବାରେ, ଲକ୍ଷେ ଲୋକଙ୍କ ଭରସା ସମସ୍ତ ପ୍ରକାର ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
ସମ୍ପର୍କ କରନ୍ତୁ କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
୦୮୭୬୫୪୧୪୪୮୧, ୦୯୧୨୭୬୩୪୪୯୮୦

ସହଜ କିସ୍ତିରେ ଋଣ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଫାଇନାନ୍ସ
ଆଣିଛନ୍ତି ଓଡ଼ିଶାରେ ପ୍ରଥମ ଥର ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତି
ଆଧାରକାର୍ଡ | ରାଶନକାର୍ଡ | ପର୍ସନାଲ | ପ୍ରପର୍ଟି | ଏଗ୍ରିକଲ୍ଚର | ବ୍ୟବସାୟ | ଗୃହ ଋଣ | ଟୁ-ହ୍ୱିଲର୍ | ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
Online ସୁବିଧା ଉପଲବ୍ଧ
9540066083
9540066027
M.P. Nagar, Zone-1, Bhopal, Madhya Pradesh.

OMM FINANCE
OMM ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 24 ଘଣ୍ଟାରେ ପାଆନ୍ତୁ। 3% ସୁଧ 25% ଛାଡ + ୧୦ ବର୍ଷ ଗ୍ୟାରେଣ୍ଟୀ
Plot No 428/74, Shahnajaf Rd, Lucknow, Uttar Pradesh 226001
08887324254
09455705969

NATIONAL FINANCE
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ହୋମ, ଇଟାଭାଟ୍ଟୀ ଋଣ ଘରେବସି ପାଆନ୍ତୁ କମ୍ ସୁଧ ଅଧିକ ରିହାତୀ। ଅଳ୍ପ ସମୟ ଓ ପୁରା ବିଶ୍ୱାସର ସହିତ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7419086063
7404603540

DHARITRI Career appointment Every Wednesday and Saturday

BUSINESS

ହିନ୍ଦୁସ୍ତାନ ଟାୱାର୍
ପଞ୍ଜୀକୃତ କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ। 9000000 ଅଗ୍ରିମ + 60000 ଭଡ଼ା + ବାଇକ୍ + 20 ବର୍ଷର କୋର୍ଟ ଏଗ୍ରୀମେଣ୍ଟ ।
7042350747
8929313996

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ ।
ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: galaxytower1999@gmail.com
WhatsApp No
9479667248

ଡିଜିଟାଲ ଇଣ୍ଡିଆ ସ୍କିମ୍ ଦ୍ୱାରା ନିଜ ଖାଲି ଜମି, ଛାତରେ ଟାୱାର୍ ଲଗାନ୍ତୁ (ଅଗ୍ରିମ-60,00,000) ଭଡ଼ା 45,000। ସରକାରୀ ନିର୍ଦ୍ଦେଶ- କୌଣସି ଟାୱାର୍/ ଫାଇନାନ୍ସ କମ୍ପାନୀ ସହ କଥାବାର୍ତ୍ତା ଚାଲିଥିଲେ ପ୍ରଥମେ କଲ୍ କରି ସୂଚନା ନିଅନ୍ତୁ ଯେ କମ୍ପାନୀ ଠିକ୍ କି ନୁହେଁ ଏବଂ ଅଭିଯୋଗ କରି ଟଙ୍କା ଫେରସ୍ତ ପାଆନ୍ତୁ (ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାନ୍ତୁ ଏବଂ ଟାୱାର ମଧ୍ୟ ଲଗାନ୍ତୁ) ।
ମୋ. 9411277198

ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍ମ୍ୟାରେଜ୍, ସଁପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ରବି ଜିତିଲେ ସ୍ୱର୍ଣ୍ଣ, ବଜରଙ୍ଗଙ୍କୁ ରୌପ୍ୟ

**ନୂଆଦିଲ୍ଲୀ, ୨୨।୨ (ପି.ଟି.):** ଏସିଆନ ରେସ୍‌ଲିଂ ଚାମ୍ପିୟନଶିପ୍‌ରେ ପ୍ରଭାବୀ ପ୍ରଦର୍ଶନ କରି ରବି ଦାହିୟା ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। କିନ୍ତୁ ଭାରତ ପାଇଁ ଅଲିମ୍ପିକ ପଦକ ସମ୍ଭାବନା ସୃଷ୍ଟି କରିଥିବା ବଜରଙ୍ଗ ପୁନିଆ ଫାଇନାଲରେ ଜାପାନର ଟ୍ରୁକୁଟୋ ଓଟୋଗେ୍ରାଙ୍କଠାରୁ ହାରି ରୌପ୍ୟ ପଦକ ଲାଭ କରିଛନ୍ତି। ସ୍ଥାନୀୟ କେଡି ଯାଦବ ଇନ୍‌ଡୋର ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ୫୭କେଜି ଫାଇନାଲରେ ରବି କାଜାଖସ୍ତାନର ନୁର ସୁଲ୍‌ତାନଙ୍କୁ ପରାସ୍ତ କରିଥିଲେ। ବଜରଙ୍ଗ (୬୫କେଜି)ଙ୍କ ବ୍ୟତୀତ ଗୌରବ ବାଲିୟାଁ(୭୯କେଜି) ଓ ସତ୍ୟବ୍ରତ କାଡିଆନ ରୌପ୍ୟ ପଦକ ଲାଭକରିଛନ୍ତି। ବିଶ୍ୱର ୨ ନମ୍ବର ରେସ୍‌ଲର ବଜରଙ୍ଗ ଏଠାରେ ଗତଥର ଚାମ୍ପିୟନ ହୋଇଥିଲେ। ଏଠାରେ କିନ୍ତୁ ସେଓଟୋଗୁରୁଙ୍କୁ ପରାସ୍ତ କରି ୨୦୧୮ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ଲଢେଇର ପ୍ରତିଶୋଧ ନେଇ ପାରି ନ ଥିଲେ। ବଜରଙ୍ଗ ବିଶ୍ୱର ୯ ନମ୍ବର ରେସ୍‌ଲଙ୍କଠାରୁ ୧-୧୦ରେ ପରାସ୍ତ ହୋଇଥିଲେ।

### ଦକ୍ଷିଣ ଆଫ୍ରିକାକୁ ଜରିମାନା

**ଜୋହାନ୍ସବର୍ଗ, ୨୨।୨ (ପି.ଟି.):** ଏଠାରେ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଟି୨୦ରେ ସ୍ଲୋ ଓଭର-ରେଟ୍ ପାଇଁ ଦକ୍ଷିଣ ଆଫ୍ରିକାକୁ ମ୍ୟାଚ ଫି'ର ୨୦ ପ୍ରତିଶତ ଜରିମାନା କରାଯାଇଛି। ମ୍ୟାଚରେ ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ସମୟରେ ଯେତିକି ଓଭର ବୋଲିଂ କରିବା କଥା ତା'ଠାରୁ ଗୋଟିଏ ଓଭର ପଛରେ ରହିଯାଇଥିଲା। ଅଧିନାୟକ କ୍ୱିଣ୍ଟନ ଡି'କକ୍ ଦଣ୍ଡକୁ ଗ୍ରହଣ କରିନେବାରୁ ମ୍ୟାଚ ରେଫରି ଆଣ୍ଡ୍ର୍ୟୁ ପାଇକ୍ରଫ୍ଟଙ୍କଠାରୁ ଆନୁଷ୍ଠାନିକ ଶୁଣାଣିର ଆବଶ୍ୟକ ପଡ଼ି ନ ଥିଲା।

### ୬ଥର ଡୋପ୍ ଟେଷ୍ଟର ସାମ୍ନା କରିଛନ୍ତି କ୍ଲାଇଷ୍ଟର୍ସ

**ବ୍ରସେଲ୍ସ, ୨୨।୨ (ଏଏଫ୍‌ପି):** ଚଳିତ ସପ୍ତାହରେ ଦୁବାଇରେ ଟେନିସ୍‌କୁ ପୁନଃ ପ୍ରତ୍ୟାବର୍ତ୍ତନ ପୂର୍ବରୁ ପୂର୍ବତନ ବିଶ୍ୱର ନମ୍ବର ୱାନ ଖେଳାଳି କିମ୍ କ୍ଲାଇଷ୍ଟର୍ସଙ୍କର ୬ଥର ଡୋପ୍ ଟେଷ୍ଟ ହୋଇଥିଲା। ଅନ୍ତର୍ଜାତୀୟ ଟେନିସ ମହାସଂଘ (ଆଇଟିଏଫ୍) ତରଫରୁ ପ୍ରକାଶିତ ଡକୁମେଣ୍ଟରେ ଏହା ଉଲ୍ଲେଖ କରାଯାଇଛି। ୩ଥର ୟୁଏସ୍ ଚାମ୍ପିୟନ ୩୬ବର୍ଷୀୟା କ୍ଲାଇଷ୍ଟର୍ସ ୭ ବର୍ଷ ହେଲା ଟେନିସ୍‌ରୁ ଦୂରେଇ ରହିବା ପରେ ଖେଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ରିଟର୍ନ ମ୍ୟାଚରେ ସେ ବିଶ୍ୱର ୧୬ ନମ୍ବର ମାନ୍ୟତାପ୍ରାପ୍ତ ଗାର୍ବାଇନ୍ ମୁଗୁରୁଜାଙ୍କ ନିକଟରୁ ୬-୨, ୭-୬ (୮-୬) ସେଟ୍‌ରେ ହାରିଯାଇଛନ୍ତି। ଦୁଇଥର ଗ୍ରାଣ୍ଡସ୍ଲାମ ବିଜୟିନୀ ମୁଗୁରୁଜା ହେଉଛନ୍ତି ଚଳିତ ବର୍ଷ ଅଷ୍ଟ୍ରେଲିଆନ ଓପନ ଫାଇନାଲିଷ୍ଟ।

### ଋଷିଆନ ବାଇଥଲେଟ୍ ଟିମ୍ ହୋଟେଲରେ ପୋଲିସ ଚଢ଼ାଉ

**ରୋମ୍, ୨୨।୨ (ଏଏଫ୍‌ପି):** ବାଇଥଲନ ୱାର୍ଲ୍ଡ ଚାମ୍ପିୟନଶିପ୍ ଅବସରରେ ଇଟାଲୀ ପୋଲିସ ଋଷିଆ ଟିମ୍ ଅବସ୍ଥାନ କରୁଥିବା ହେଟେଲ ଉପରେ ଚଢାଉ କରିଛି। ଏହା ଏକ ଆଣ୍ଟି ଡୋପିଂ ଚଢାଉ ବୋଲି କୁହାଯାଉଛି। ଗତ ଫେବୃୟାରୀ ୧୫ରେ ୧୦ କିଲୋମିଟର ସ୍ପ୍ରିଣ୍ଟ ଜିତିଥିଲେ। ଋଷିଆର ୨ଜଣଙ୍କୁ ଟାର୍ଗେଟ କରାଯାଇ ଏହି ଚଢାଉ କରାଯାଇଛି। ସେମାନେ ହେଲେ ଗତ ଫେବୃୟାରୀ ୧୫ରେ ୧୦ କିଲୋମିଟର ସ୍ପ୍ରିଣ୍ଟ ଜିତିଥିବା ବାଇଥଲେଟ ଆଲେକ୍‌ଜାଣ୍ଡର ଲୋଗିନୋଭ ଏବଂ ତାଙ୍କ କୋଚ୍ ଆଲେକ୍‌ଜାଣ୍ଡର କାସ୍ପରୋଭିଚ୍। ଋଷିଆ ବାଇଥଲନ ଫେଡେରେଶନ ଭ୍ଲାଡିମିର ଡ୍ରାଚେଭ୍ ଋଷିଆନ ନ୍ୟୁଜ୍ ଏଜେନ୍ସିକୁ ଏକଥା କହିଛନ୍ତି।

# ଅଷ୍ଟ୍ରେଲିଆକୁ ହରାଇଲା ଭାରତ



ବିଜୟ ହାସଲପରେ ଭାରତୀୟ ଖେଳାଳି ଖୁସି ମନାଉଛନ୍ତି।

**ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍**

**ଭୁବନେଶ୍ୱର ୨୨।୨(କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଏଫଆଇଏଚ୍ ହକି ପ୍ରୋ ଲିଗ୍‌ର ଏକ ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଭାରତ ଶୁଟ୍‌ଆଉଟ ୩-୧ ଗୋଲରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ମ୍ୟାଚ ୨-୨ ଗୋଲରେ ବରାବର ରହିଥିଲା। ଫଳରେ ଏହି ମ୍ୟାଚରୁ ଭାରତ ୨ ଓ ଅଷ୍ଟ୍ରେଲିଆ ୧ ପଏଣ୍ଟ ପାଇଛି। ଭାରତ ଏହାକୁ ମିଶାଇ ମୋଟ ୬ ମ୍ୟାଚ ଖେଳିଥିବାବେଳେ ୨ ବିଜୟ, ୨ ଶୁଟ୍‌ଆଉଟ ବିଜୟ ଓ ୨ ପରାଜୟ ସହ ୧୦ ପଏଣ୍ଟ ପାଇଛି। ସେହିପରି ଅଷ୍ଟ୍ରେଲିଆ ୬ ମ୍ୟାଚରୁ ୨ ବିଜୟ, ୧ ଶୁଟ୍ ଆଉଟ ବିଜୟ, ୨ ଶୁଟ୍ ଆଉଟ ପରାଜୟ ଓ ୧ ପରାଜୟ ସହ ୧୦ ପଏଣ୍ଟ ପାଇଛି। ହରମନପ୍ରୀତ ସିଂ ପ୍ଲେୟର ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

ପୂର୍ବ ମ୍ୟାଚରେ ପରାଜୟରୁ ଶିକ୍ଷାଲାଭ କରିଥିବା ଭାରତ ଦ୍ୱିତୀୟ ମ୍ୟାଚର ପ୍ରଥମ କ୍ୱାର୍ଟରରେ ଅତ୍ୟନ୍ତ ସତର୍କତା ଅବଲମ୍ବନ କରି ଖେଳିଥିଲା। ତେବେ ଅଷ୍ଟ୍ରେଲିଆ ସ୍ୱାଭାବିକ ସ୍ପିଡ୍ ଗେମ୍ ଖେଳି ଭାରତ ଉପରେ ଚାପ ପକାଇଥିଲା। ଡି ଏରିଆ ମଧ୍ୟରେ ତ୍ରୁଟି ଯୋଗୁ ପ୍ରଥମ କ୍ୱାର୍ଟରରେ ଅଷ୍ଟ୍ରେଲିଆକୁ ୪ଟି ପେନାଲ୍ଟି କର୍ନର ମିଳିଥିଲା। ମ୍ୟାଚ ଆରମ୍ଭର ତତ୍‌କ୍ଷଣାତ ଅର୍ଥାତ୍ ୩୧ ସେକେଣ୍ଡରେ ଦଳ ପ୍ରଥମ ସୁଯୋଗ ସୃଷ୍ଟି କରିଥିଲା। ଗୋଲ କିପର ପି.ଆର. ଶ୍ରୀଜେଶଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ତାହା ସେଭ୍ ହୋଇ ଯାଇଥିଲା। ୭ମ ମିନିଟରେ ଅଷ୍ଟ୍ରେଲିଆ କ୍ରମାଗତ ୨ଟି ପେନାଲ୍ଟି କର୍ନର ପାଇଥିଲା। ଦ୍ୱିତୀୟ ସୁଯୋଗରେ ଅଷ୍ଟ୍ରେଲିଆ ଗୋଲ କରିଥିଲେ ହେଁ ଭାରତୀୟ ଦଳର ଅଧିନାୟକ ମନପ୍ରୀତ ସିଂ ଭିଡିଓ ରେଫରାଲ ମାଗିଥିଲେ। ସେଥିରେ ଗୋଲ ହେବା ପୂର୍ବରୁ ବଲ୍ ଅଷ୍ଟ୍ରେଲିଆର ଆରନ ଜେଲସ୍କିଙ୍କ ଗୋଡ଼ରେ ବାଜିଥିବା ସ୍ପଷ୍ଟ ହୋଇଥିଲା। ଫଳରେ ଗୋଲଟି ନାକଚ ହୋଇ ଯାଇଥିଲା। ୧୨ତମ ମିନିଟ ପେନାଲ୍ଟି କର୍ନରକୁ ମଧ୍ୟ ଶ୍ରୀଜେଶ୍ ଚମତ୍କାର ସେଭ୍ କରିଥିଲେ। ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୧୬ତମ ମିନିଟରେ ଭାରତ ପାଇଁ ଅଗ୍ରଣୀ ନେବାର ଭଲ ସୁଯୋଗ ମିଳିଥିଲା। ମାତ୍ର ଅଷ୍ଟ୍ରେଲିଆ ଗୋଲପୋଷ୍ଟରେ ବଡ଼ ଗ୍ୟାପ ଥିଲେ ହେଁ ଗୁର୍‌ସାହିବଜିତ ସିଂ ମାରିଥିବା ବଲଟି ବାହାରେ ଚାଲି ଯାଇଥିଲା। ଅଷ୍ଟ୍ରେଲିଆ ୧୮ ଓ ୨୩ତମ ମିନିଟରେ ୨ଟି ପେନାଲ୍ଟି କର୍ନର ପାଇଥିଲେ ହେଁ ଗୋଲ ମିସ୍ ହୋଇଥିଲା। ତେବେ ସେହି ୨୩ ତମ ମିନିଟରେ ଭାରତ ଗୋଲକିପର କ୍ରିଷ୍ଣନ ବାହାଦୁର ପାଠକଙ୍କ ତ୍ରୁଟି ଯୋଗୁ ଅଷ୍ଟ୍ରେଲିଆର ଟ୍ରେଣ୍ଟ ମିଟନ ପ୍ରଥମ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ତେବେ ଅଷ୍ଟ୍ରଲିଆର ଏହି ଖୁସି ବେଶି ସମୟ ତିଷ୍ଠିପାରି ନ ଥିଲା। ୨୫ତମ ମିନିଟରେ ଭାରତକୁ ମିଳିଥିବା ପେନାଲ୍ଟି କର୍ନରକୁ ରୁପିନ୍ଦରପାଲ ସିଂ ଗୋଲରେ ପରିଣତ କରି ମ୍ୟାଚକୁ ସମାନସ୍ତରକୁ ନେଇ ଆସିଥିଲେ। ଏହାର ୨ ମିନିଟ ପରେ ଅର୍ଥାତ୍ ୨୭ତମ ମିନିଟରେ ଭାରତକୁ ପେନାଲ୍ଟି କର୍ନର ମିଳିଥିଲା। ହରମନପ୍ରୀତ ସିଂ ଏହାକୁ ମିସ୍ କରିଥିଲେ। ମାତ୍ର ଅଷ୍ଟ୍ରେଲିଆ ଖେଳାଳିଙ୍କ ତ୍ରୁଟି ଯୋଗୁ ଭାରତକୁ କ୍ରମାଗତ ୨ୟ ପେନାଲ୍ଟି କର୍ନର ମିଳିଥିଲା। ଏଥର କିନ୍ତୁ ହରମନପ୍ରୀତ ଭୁଲ ନ କରି ଗୋଲ ଦେଇ ଭାରତକୁ ଅଗ୍ରଣୀ କରାଇଥିଲେ। ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଭାରତ ୨-୧ ଗୋଲରେ ଅଗ୍ରଣୀ ନେଇଥିଲା।

ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ଅଷ୍ଟ୍ରେଲିଆ ଆକ୍ରମଣ ଆରମ୍ଭ କରିଥିଲା। ତେଣୁ ୩୧ତମ ମିନିଟରେ ହିଁ ଦଳକୁ ପେନାଲ୍ଟି କର୍ନର ମିଳି ଯାଇଥିଲା। ଏହା ସେଭ୍ ହୋଇଥିଲେ ହେଁ କ୍ରମାଗତ ୨ଟି ପେନାଲ୍ଟି କର୍ନର ପାଇଥିଲା ଅଷ୍ଟ୍ରେଲିଆ। ମାତ୍ର ଏଥର ମଧ୍ୟ ଅଷ୍ଟ୍ରେଲିଆ ଖେଳାଳିମାନେ ସଫଳ ହାଇ ନ ଥିଲେ। ୩୩ତମ ମିନିଟରେ ଡି ଏରିଆ ମଧ୍ୟରେ ଜରମନପ୍ରୀତ ସିଂଙ୍କ ଷ୍ଟିକ୍ ଚେକ୍ ପାଇଁ ଭାରତକୁ ଦଣ୍ଡ ସ୍ୱରୂପ ଅଷ୍ଟ୍ରେଲିଆକୁ ପେନାଲ୍ଟି ଷ୍ଟ୍ରୋକ୍ ଅଫର ଦିଆ ଯାଇଥିଲା। ଫଳରେ ଅଷ୍ଟ୍ରେଲିଆ ମ୍ୟାଚକୁ ସମାନସ୍ତରକୁ ଆଣିବା ପାଇଁ ଶତ ପ୍ରତିଶତ ସୁଯୋଗ ଆସିଥିଲା। ମାତ୍ର ଭାରତକୁ ଭାଗ୍ୟଦେବୀ ସହାୟ ହୋଇଥିଲେ। ଅଷ୍ଟ୍ରେଲିଆର ଟିମ୍ ବ୍ରାଣ୍ଡ ମାରିଥିବା ଶଟ୍ ଗୋଲପୋଷ୍ଟ ବାହାରେ ଚାଲି ଯାଇଥିଲା। ଏହାପରେ ଆକ୍ରମଣ ପ୍ରତିଆକ୍ରମଣ ଜାରି ରହିଥିଲେ ହେଁ ଆଉ ଗୋଲ ହୋଇପାରି ନ ଥିଲା। ଫଳରେ ଭାରତର ଅଗ୍ରଣୀ ବଳବତ୍ତର ରହିଥିଲା। ପୂର୍ବତନ ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆ କିନ୍ତୁ ସହଜରେ ହାର ମାନିବାକୁ ପ୍ରସ୍ତୁତ ନ ଥିଲା। ତୃତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୪୬ତମ ମିନିଟରେ ଭାରତୀୟ ଗୋଲକିପର ପାଠକଙ୍କ ତ୍ରୁଟି ଯୋଗୁ ଅଷ୍ଟ୍ରେଲିଆର ଆରନ ଜେଲସ୍କି ଫିଲ୍ଡ ଗୋଲ ଦେଇ ମ୍ୟାଚକୁ ୨-୨ ସ୍ଥିତିକୁ ନେଇ ଆସିଥିଲେ। ଏହାପରେ ଭାରତ କେତେକ ଭଲ ମୁଭ୍ ନେଇଥିଲେ ହେଁ ଫିନିଶିଂ କରିପାରି ନ ଥିଲା। ମ୍ୟାଚ ଶେଷ ହେବାପାଇଁ ୬ ମିନିଟ ଥିବାବେଳେ ରାଜ କୁମାର ପାଲ୍ ତଳେ ପଡ଼ି ଯାଇଥିଲେ। ଫଳରେ ତାଙ୍କ ମୁଣ୍ଡ ଫାଟି ଯାଇଥିଲା। ଫିଜିଓଙ୍କ ସହାୟତାରେ ସେ ପଡ଼ିଆ ବାହାରକୁ ଯାଇଥିଲା। ମ୍ୟାଚ ଶେଷ ହେବାପାଇଁ ୧ ମିନିଟ ଥିବବେଳେ ନୀଳକାନ୍ତ ଶର୍ମାଙ୍କ ଶକ୍ତିଶାଳୀ ଶଟ୍‌କୁ ଅଷ୍ଟ୍ରେଲିଆ ଗୋଲକିପର ଚମତ୍କାରଭାବେ ସେଭ୍ କରି ଦେଇଥିଲେ। ୧୨ ସେକେଣ୍ଡ ବାକିଥିବାବେଳେ ଅଷ୍ଟ୍ରେଲିଆ ଏକ ପେନାଲ୍ଟି କର୍ନର ପାଇଥିଲା। ମାତ୍ର ଭାରତୀୟ ରକ୍ଷଣଭାଗ ତାହାକୁ ଚମତ୍କାର ଭାବେ ସେଭ୍ କରି ଦେଇଥିଲେ। ଫଳରେ ମ୍ୟାଚ ଶୁଟ୍ ଆଉଟକୁ ଯାଇଥିଲା।

### ଶୁଟ୍ ଆଉଟ ରୋମାଞ୍ଚ

ଶୁଟ ଆଉଟ ପର୍ଯ୍ୟାୟରେ ପ୍ରଥମେ ଆସିଥିଲେ ଅଷ୍ଟ୍ରେଲିଆର ଡାନିଏଲ ବେଲ୍। ଭାରତୀୟ ଗୋଲକିପର ପି.ଆର୍. ଶ୍ରୀଜେଶ ଫାଉଲ କରିବାରୁ ଅଷ୍ଟ୍ରେଲିଆକୁ ପେନାଲ୍ଟି ଷ୍ଟ୍ରୋକ୍ ମିଳି ଯାଇଥିଲା। ମ୍ୟାଚ ଡସନ ଏହାକୁ ଗୋଲରେ ପରିଣତ କରି ଅଷ୍ଟ୍ରେଲିଆକୁ ଅଗ୍ରଣୀ କରାଇଥିଲେ। ଭାରତ ପକ୍ଷରୁ ପ୍ରଥମେ ଆସିଥିବା ହରମନପ୍ରୀତ ସିଂ ପ୍ରତିପକ୍ଷ ଗୋଲକିପର ଟେଲର ଲୋଭେଲଙ୍କୁ ଚକ୍‌ମା ଦେବାରେ ସକ୍ଷମ ହୋଇଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଟିମ୍ ବ୍ରାଣ୍ଡ ଦ୍ୱିତୀୟରେ ଆସିଥିବାବେଳେ ଶ୍ରୀଜେଶ ପୁଣି ଫାଉଲ କରିଥିଲେ। ତେବେ ଡାନିଏଲ ବେଲ୍ ଗୋଲପୋଷ୍ଟ ବାହାରେ ବଲ୍ ମାରି ଅଷ୍ଟ୍ରେଲିଆକୁ ନିରାଶ କରିଥିଲେ। ଭାରତ ପକ୍ଷରୁ ଦ୍ୱିତୀୟରେ ଆସିଥିବା ବିବେକ ସାଗର ପ୍ରସାଦ କିନ୍ତୁ ଗୋଲ ଦେବାରେ ସକ୍ଷମ ହୋଇଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ତୃତୀୟରେ ଆସିଥିବା ନାଥନ ଏଫରାଉମ୍ସ ଗୋଲ କରିପାରି ନ ଥିବାବେଳେ ଭାରତ ପକ୍ଷରୁ ଲଳିତ ଉପାଧ୍ୟାୟ ତୃତୀୟ ଗୋଲ ସ୍କୋର କରି ମ୍ୟାଚ ବିଜୟ ସମ୍ଭାବନା ସୃଷ୍ଟି କରିଥିଲେ। ପରେ ଅଷ୍ଟ୍ରେଲିଆର ଜ୍ୟାକ ହାର୍ଭି ଗୋଲ ମିସ୍ କରିବାସହିତ ଭାରତୀୟ ଖେଳାଳିମାନେ ଖୁସିରେ ନାଚି ଉଠିଥିଲେ।

# ଶ୍ରୀଲଙ୍କାର ରୋମାଞ୍ଚକ ବିଜୟ

**କଲମ୍ବୋ, ୨୨।୨**

**ପ୍ରଥମ ଦିନିକିଆ**

ସ୍ଥାନୀୟ ସିଂଘଳୀ ସ୍ପୋର୍ଟ୍ସ କ୍ଲବ ଗ୍ରାଉଣ୍ଡରେ ଶନିବାର ଅନୁଷ୍ଠିତ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଶ୍ରୀଲଙ୍କା ୫ଟି ବଲ୍ ବାକି ରଖି ୧ ଉଇକେଟରେ ରୋମାଞ୍ଚକ ଢଙ୍ଗରେ ଭ୍ରମଣକାରୀ ୱେଷ୍ଟଇଣ୍ଡିଜକୁ ହରାଇଛି। ଟସ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ୱେଷ୍ଟଇଣ୍ଡିଜ ନିର୍ଦ୍ଧାରିତ ୫୦ ଓଭରରେ ୭ ଉଇକେଟ ହରାଇ ୨୮୯ ରନ ସଂଗ୍ରହ କରିଥିଲା। ଜବାବରେ ଶ୍ରୀଲଙ୍କା ୪୯.୧ ଓଭରରେ ୯ ଉଇକେଟ ହରାଇ ୨୯୦ ରନ ସଂଗ୍ରହ କରି ବିଜୟୀ ହୋଇଛି। ଶ୍ରୀଲଙ୍କା ତରଫରୁ ଅଭିଷ୍କା ଫର୍ଣ୍ଣାଣ୍ଡୋ ୫୦, ଅଧିନାୟକ ଦିମୁଥ କରୁଣାରତ୍ନେ ୫୨, କୁଶଲ ପେରେରା ୪୨, ଥିସାରା ପେରେରା ୩୨, ୱାନିଣ୍ଡୁ ହାସରଙ୍ଗା ଅପରାଜିତ ୪୨ ରନ ସଂଗ୍ରହ କରିଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜ ତରଫରୁ ଅଜାରି ଜୋସେଫ ୩, ହେଡେନ ୱାଲ୍ସ ଓ କିମୋ ପଲ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ପକ୍ଷରୁ ଓପନର ସାଇ ହୋପ୍ ସର୍ବାଧିକ ୧୧୫ ରନର ଶତକୀୟ ପାଳି ଖେଳିଥିଲେ। ସେହିପରି ଡାରେନ ବ୍ରାଭୋ ୩୯, ରୋଷ୍ଟନ ଚେଜ୍ ୪୧ରନ କରି ଆଉଟ ହୋଇଥିଲେ। ସେହିପରି କିମୋ ପଲ ୩୨ ଓ ହେଡେନ ୱାଲ୍ସ ୨୦ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଶ୍ରୀଲଙ୍କା ପାଇଁ ଇସିରୁ ଉଡାନା ୩, ନୂଆନ ପ୍ରଦୀପ ଓ ଥିସାରା ପେରେରା ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



ଅପରାଜିତ ୪୨ ରନ ଇନିଂସ ଅବସରରେ ୱାନିଣ୍ଡୁ ହାସରଙ୍ଗା ଏକ ଶଟ୍ ମାରୁଛନ୍ତି।

**ସଂକ୍ଷିପ୍ତ ସ୍କୋର**

**ୱେଷ୍ଟଇଣ୍ଡିଜ:** ୫୦ ଓଭରରେ ୨୮୯/୭ (ହୋପ-୧୧୫, ଚେଜ- ୪୧, ବ୍ରାଭୋ- ୩୯, ପଲ- ୩୨*, ୱାଲ୍ସ- ୨୦*, ଉଡାନା- ୩/୮୨)।
**ଶ୍ରୀଲଙ୍କା:** ୪୯.୧ ଓଭରରେ ୨୯୦/ ୯ (ଫର୍ନାଣ୍ଡୋ- ୫୦, କରୁଣାରତ୍ନେ- ୫୨, କୁଶଲ- ୪୨, ହାସରଙ୍ଗା- ୪୨*, ଥିସାରା- ୩୨, ଜୋସେଫ- ୩/୪୨, ୱାଲ୍ସ- ୨/୩୮)।

### ପୂର୍ବତନ ଭାରତୀୟ ଫୁଟ୍‌ବଲର୍ ଅଶୋକଙ୍କ ପରଲୋକ

**କୋଲକାତା, ୨୨।୨ (ପି.ଟି.)**

ପୂର୍ବତନ ଭାରତୀୟ ଫୁଟ୍‌ବଲର ଅଶୋକ ଚାଟାର୍ଜୀଙ୍କ ପରାଲୋକ ହୋଇଯାଇଛି। ତାଙ୍କୁ ୭୮ବର୍ଷ ହୋଇଥିଲା। ୧୯୬୫ ଏବଂ ୧୯୬୬ରେ ମର୍ଡେକା କପ୍ ଜିତିଥିବା ଭାରତୀୟ ଫୁଟ୍‌ବଲ ଦଳର ସେ ଅନ୍ୟତମ ସଦସ୍ୟ ଥିଲେ। ଚାଟାର୍ଜୀ ଜାତୀୟ ସିନିୟର ଦଳ ପକ୍ଷରୁ ୩୦ ଥର ପ୍ରତିନିଧିତ୍ୱ କରିଛନ୍ତି। ୧୯୬୫ ମର୍ଡେକା କପ୍‌ରେ ଜାପାନ ବିପକ୍ଷ ମ୍ୟାଚରେ ସେ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ମ୍ୟାଚର ଦ୍ୱିତୀୟାର୍ଦ୍ଧରେ ପି.କେ. ବାନାର୍ଜୀଙ୍କ ବଦଳ ଖେଳାଳି ହିସାବରେ ସେ ଖେଳିଥିଲେ। ସେ ଭାରତ ତରଫରୁ ମୋଟ ୧୦ଟି ଗୋଲ ସ୍କୋର କରିଥିଲେ। ୧୯୬୬ ମର୍ଦ୍ଦେକା କପ୍ ଗ୍ରୁପ୍ ଲିଗ୍ ଷ୍ଟେଜ୍‌ରେ ଜାପାନ ବିପକ୍ଷରେ ୩-୦ ବିଜୟ ମ୍ୟାଚରେ ବ୍ୟକ୍ତିଗତ ୨ଟି ଗୋଲ ସ୍କୋର କରିଥିଲେ। ଚାଟାର୍ଜୀ ୧୯୬୬ରେ ବ୍ୟାଙ୍କକ୍‌ଠାରେ ଅନୁଷ୍ଠିତ ଏସିଆନ ଗେମ୍ସ ଏବଂ ୧୯୬୭ରେ ଏସିଆନ କପ୍ କ୍ୱାଲିଫାୟର୍ସରେ ଭାରତରୁ ପ୍ରତିନିଧିତ୍ୱ କରିଥିଲେ। ଚାଟାର୍ଜୀଙ୍କ ବିୟୋଗରେ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍) ସଭାପତି ପ୍ରଫୁଲ୍ଲ ପଟେଲ ଗଭୀର ଶୋକ ପ୍ରକାଶ କରିଛନ୍ତି। ଭାରତୀୟ ଫୁଟ୍‌ବଲକୁ ଚାଟାର୍ଜୀଙ୍କ ଅବଦାନ ଭୁଲି ହେବନାହିଁ।

# ନ୍ୟୁଜିଲାଣ୍ଡର ସହଜ ବିଜୟ

**ଆଇସିସି ମହିଳା ଟି୨୦ ବିଶ୍ୱକପ୍**

**ପର୍ଥ, ୨୨।୨**

ଅଷ୍ଟ୍ରେଲିଆରେ ଚାଲିଥିବା ମହିଳା ଟି୨୦ ବିଶ୍ୱକପ୍‌ରେ ଶନିବାର ନ୍ୟୁଜିଲାଣ୍ଡ ଓ ୱେଷ୍ଟଇଣ୍ଡିଜ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ବିଶ୍ୱକପ୍‌ର ତୃତୀୟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୧୪ଟି ବଲ୍ ବାକି ରଖି ୭ ଉଇକେଟରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଶ୍ରୀଲଙ୍କା ୭ ଉଇକେଟ ହରାଇ ୧୨୭ ରନ ସଂଗ୍ରହ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ୧୭.୪ ଓଭରରେ ୩ ଉଇକେଟ ହରାଇ ୧୩୧ ରନ କରି ବିଜୟୀ ହୋଇଛି। ନ୍ୟୁଜିଲାଣ୍ଡ ତରଫରୁ ଓପନର ତଥା ସୋଫି ଡେଭିନ ୭୫ ରନ କରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ସେହିପରି ମାଡି ଗ୍ରୀନ୍ ୨୯ ରନ ସଂଗ୍ରହ କରିଥିଲେ। ବୋଲିଂରେ ଶ୍ରୀଲଙ୍କା ତରଫରୁ କଭିସା ଦିଲହାରି ଓ ଚମାରି ଆଟାପାଟ୍ଟୁ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ତରଫରୁ ଅଧିନାୟିକା ଚମାରି ଆଟାପାଟ୍ଟୁ ସର୍ବାଧିକ ୪୧, ହର୍ଷିତା ମାଡାଭି ଅପରାଜିତ ୨୭, ଓପନର ହସିନି ପେରେରା ୨୦, ଅନୁଷ୍କା ସଞ୍ଜୀବନୀ ୨୭ ରନ ସଂଗ୍ରହ କରିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ପକ୍ଷରୁ ହେଲି ଜେନସେନ ସର୍ବାଧିକ ୩, ଆମେଲିଆ କେର ଦୁଇଟି ଉଇକେଟ ନେଇଥିଲେ।

**ୱେଷ୍ଟଇଣ୍ଡିଜ ଜିତିଲା**

ଶନିବାର ଖେଳାଯାଇଥିବା ଟୁର୍ନାମେଣ୍ଟର ଦ୍ୱିତୀୟ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ୨୦ଟି ବଲ୍ ବାକି ରଖି ୭ ଉଇକେଟରେ ଥାଇଲାଣ୍ଡକୁ ହରାଇଛି। ଟସ୍ ଜିତି ଥାଇଲାଣ୍ଡ ପ୍ରଥମେ ବ୍ୟାଟିଂ କରି ୯ ଉଇକେଟ ହରାଇ ୭୮ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ନାନପାଟ କୋଞ୍ଚାରୋଏଙ୍କାଇ ସର୍ବାଧିକ ୩୩ ଓ ନାରୁଏମୋଲ ଚାଇୱାଇ ୧୩ ରନ ସଂଗ୍ରହ କରିଥିବା ବେଳେ ଅନ୍ୟମାନେ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜ ତରଫରୁ ଷ୍ଟାଫାନି ଟେଲର ସର୍ବାଧିକ ୩ ଉଇକେଟ ନେଇଥିଲେ।

ଜବାବରେ ୱେଷ୍ଟଇଣ୍ଡିଜ ୧୬.୪ ଓଭରରେ ୩ ଉଇକେଟ ହରାଇ ୮୦ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଅଧିନାୟିକା ଟେଲର ଅପରାଜିତ ୨୬, ସେମାଇନ କ୍ୟାମ୍ପବେଲ୍ ୨୫ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଥାଇଲାଣ୍ଡର ସୋରାୟା ଲାଟେ ଗୋଟିଏ ଉଇକେଟ ହାସଲ କରିଥିଲେ।



**ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା** ଶନିବାର ତୀରନ୍ଦାଜୀ ଇଭେଣ୍ଟ ଅବସରରେ ମହିଳା ତୀରନ୍ଦାଜମାନେ।



କିଟ୍ କ୍ୟାମ୍ପସ୍ - ୧୩ସ୍ଥିତ ଇନ୍‌ଡୋର ହଲ୍‌ରେ ମହିଳା ଭଲିବଲ ମ୍ୟାଚରେ ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

“ଚଳିତ ପ୍ରଥମ କ୍ରିକେଟ ଟେଷ୍ଟରେ ରିଷଭ ପନ୍ତଙ୍କ ରନ ଆଉଟ ଭାରତୀୟ ଇନିଂସର ଟର୍ନିଂ ପଏଣ୍ଟ ।

–ଟିମ୍ ସୌଦି, ନ୍ୟୁଜିଲାଣ୍ଡ ପେସ୍ ବୋଲର



“ମହିଳା ଟି୨୦ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ବିପକ୍ଷ ଓପନିଂ ମ୍ୟାଚ ଜିତିବାପରେ ଆମର ଆତ୍ମବିଶ୍ୱାସ ଯଥେଷ୍ଟ ବୃଦ୍ଧି ପାଇଛି ।

–ମିଥାଲି ରାଜ, ଷ୍ଟାର ବ୍ୟାଟ୍ସଓମ୍ୟାନ



## ସଂକ୍ଷେପରେ

### ଟେଲରଙ୍କୁ ଉପହାର ୧୦୦ ୱାଇନ୍ ବୋତଲ

**ୱେଲିଂଟନ୍,୨୨।୨:** ଏଠାରେ ଚାଲିଥିବା ଭାରତ ବିପକ୍ଷ ପ୍ରଥମ ଟେଷ୍ଟ ଭେଟେରାନ୍ ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନ ରସ ଟେଲରଙ୍କ ପାଇଁ କ୍ୟାରିୟରର ୧୦୦ତମ ଟେଷ୍ଟ। ବିଶ୍ୱର ପ୍ରଥମ ଖେଳାଳି ଭାବେ ସେ କ୍ରିକେଟର ସମସ୍ତ ଫର୍ମାଟ୍‌ରେ ୧୦୦ ମ୍ୟାଚ୍ ଖେଳିଛନ୍ତି। ଏହି ଅବସରରେ ନ୍ୟୁଜିଲାଣ୍ଡ କ୍ରିକେଟ ବୋର୍ଡ (ଏନ୍‌ଜେଡ୍‌ସି) ଟେଲରଙ୍କୁ ସ୍ୱତନ୍ତ୍ର ଉପହାର ଦେଇଛି। ଉପହାରଟି ହେଲା ୧୦୦ ୱାଇନ ବୋତଲ। ଏହାକୁ ଶେଷ କରିବା ଲାଗି ମୋତେ ସାହାଯ୍ୟ ଦରକାର। କିନ୍ତୁ ଏହାକୁ କିଛି ଦିନ ପାଇଁ ରଖାଯାଇପାରିବ। ଏହା ଏକ ପରମ୍ପରା। ଦେଶ ପାଇଁ ୧୦୦ ଟେଷ୍ଟ ଖେଳିଥିବା ଷ୍ଟିଫେନ ଫ୍ଲେମିଂ, ବ୍ରେଣ୍ଡନ ମ୍ୟାକ୍‌କୁଲମ ଓ ଡାନିଏଲ ଭିଟୋରିଙ୍କୁ ମଧ୍ୟ ଏଭଳି ଉପହାର ଦିଆଯାଇଥିଲା ବୋଲି ଟେଲର କହିଛନ୍ତି। ସମସ୍ତ ବୋତଲରେ ଟେଲରଙ୍କ ନାମ ଲିଖିତ ରହିଛି। କେଉଁ ଅବସରରେ ଏହା ପ୍ରଦାନ କରାଯାଉଛି, ତାହା ମଧ୍ୟ ସ୍ପଷ୍ଟ କରାଯାଇଛି। ୩୫ ବର୍ଷୀୟ ଟେଲର ଗତ ମାସରେ ୧୦୦ତମ ଟି୨୦ ଖେଳିଥିଲେ। ଦିନିକିଆ ଫର୍ମାଟ୍‌ରେ ୨୩୧ ମ୍ୟାଚ୍ ଖେଳିସାରିଛନ୍ତି।

### ଡାରେନ ସାମିଙ୍କୁ ପାକିସ୍ତାନ ନାଗରିକତ୍ୱ

**କରାଚୀ, ୨୨।୨ (ପି.ଟି.):** ଡାରେନ ସାମିଙ୍କୁ ସମ୍ମାନ ସୂଚକ ନାଗରିକତ୍ୱ ପ୍ରଦାନ କରିବା ଲାଗି ପାକିସ୍ତାନ ସରକାର ନିଷ୍ପତ୍ତି ନେଇଛନ୍ତି। ସାମିଙ୍କ ଯୋଗୁ ପାକିସ୍ତାନକୁ ଅନ୍ତର୍ଜାତୀୟ କ୍ରିକେଟ ପ୍ରତ୍ୟାବର୍ତ୍ତନ କରିଥିବାରୁ ତାଙ୍କୁ ଏହି ସମ୍ମାନ ଦିଆଯିବ ବୋଲି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଶନିବାର ପ୍ରକାଶ କରିଛି। ସାମି ବର୍ତ୍ତମାନ ପାକିସ୍ତାନ ସୁପର ଲିଗ୍ (ପିଏସ୍‌ଏଲ୍) ସିଜନରେ ପେଶାୱାର ଜାଲ୍‌ମିର ନେତୃତ୍ୱ ନେଉଛନ୍ତି। ମାର୍ଚ୍ଚ ୨୩ରେ ରଷ୍ଟ୍ରପତି ଆରିଫ୍ ଆଲ୍‌ଭି ତାଙ୍କୁ ପାକିସ୍ତାନର ସର୍ବୋଚ୍ଚ ବେସାମରିକ ସମ୍ମାନ ନିଶାନ-ଇ-ହାଇଦର ପ୍ରଦାନ କରିବେ। ସାମି ପିଏସ୍‌ଏଲ୍ ଆରମ୍ଭରୁ ଏହା ସହିତ ସମ୍ପୃକ୍ତ ଅଛନ୍ତି। ଦେଶକୁ ଅନ୍ତର୍ଜାତୀୟ କ୍ରିକେଟ ଫେରାଇ ଆଣିବା ଲାଗି ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସୁରକ୍ଷା ଜନିତ କାରଣ ଦର୍ଶାଇ ୨୦୧୭ରେ ପିଏସ୍‌ଏଲ ଫାଇନାଲ ଖେଳିବା ଲାଗି ଅଧିକାଂଶ ବିଦେଶୀ ଖେଳାଳି ରାଜି ହୋଇ ନ ଥିଲେ। ସେତେବେଳେ ସାମି ଏଥିରେ ଖେଳିବାକୁ ରାଜି ଥିଲେ। ତାଙ୍କ ଅଧିନାୟକତ୍ୱରେ ପେଶାୱାର ଟାଇଟଲ ଜିତିଥିଲା।



ଇଶାନ୍ତ ଶର୍ମା
୩/୩୧

# ନ୍ୟୁଜିଲାଣ୍ଡ ଅଗ୍ରଣୀ

**ପ୍ରଥମ ଟେଷ୍ଟ**

**ସଂକ୍ଷିପ୍ତ ସ୍କୋର**

- ଭାରତ ପ୍ରଥମ ଇନିଂସ: ୬୮.୧ ଓଭରରେ ୧୬୫ ଅଲଆଉଟ। (ରାହାନେ- ୪୬, ମୟଙ୍କ- ୩୪, ସାମି- ୨୧, ପନ୍ତ- ୧୯, ସୌଦି- ୪/୪୯, ଜେମିସନ- ୪/୩୯, ବୋଲ୍ଟ- ୧/୫୭)।
- ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୭୧.୧ ଓଭରରେ ୨୧୬/୫, (ୱିଲିୟମସନ- ୮୯, ଟେଲର-୪୪, ବ୍ଲଣ୍ଡେଲ- ୩୦, ନିକୋଲ୍ସ-୧୭, ୱାଟଲିଂ- ୧୪*, ଗ୍ରାଣ୍ଡହୋମ- ୪*, ଲଥାମ-୧୧, ଇଶାନ୍ତ- ୩/୩୧, ସାମି- ୧/୬୧, ଅଶ୍ୱିନ- ୧/୬୦)।

**ୱେଲିଂଟନ,୨୨।୨(ପି.ଟି.)**

ଭାରତ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ ଅଗ୍ରଣୀ ହାସଲ କରିବା ପରେ ଭାରତ ଅବଶ୍ୟ ପ୍ରତ୍ୟାବର୍ତ୍ତନ କରିଛି। ଏହା ସତ୍ତ୍ୱେ ନ୍ୟୁଜିଲାଣ୍ଡ ତା'ର ସ୍ଥିତି ଦୃଢ କରିଛି। ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ପ୍ରଥମ ଇନିଂସରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୬୮.୧ ଓଭରରେ ୧୬୫ ରନ କରି ଅଲଆଉଟ ହୋଇଥିଲା। ଜବାବରେ ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ ଆରମ୍ଭ କରି ଶନିବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୭୧.୧ ଓଭରରେ ୫ ଉଇକେଟ ହରାଇ ୨୧୬ ରନ ସଂଗ୍ରହ କରିଛି। ଫଳରେ ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ୫୧ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଉଇକେଟକିପର ବ୍ୟାଟ୍ସମ୍ୟାନ ବିଜେ ୱାଟଲିଂ ୧୪ ଓ କଲିନ୍ ଡି ଗ୍ରାଣ୍ଡହୋମ ୪ ରନ କରି ଅପରାଜିତ ରହିଛନ୍ତି।
ଇନିଂସ ଆରମ୍ଭରୁ ନ୍ୟୁଜିଲାଣ୍ଡ ଓପନର ଟମ୍ ଲଥାମଙ୍କୁ ହରାଇଥିଲା। ଲଥାମ ୧୧ ରନ କରିଥିବାବେଳେ ଇଶାଙ୍କ ବଲ୍‌ରେ ଉଇକେଟକିପର ରିଷଭ ପନ୍ତଙ୍କୁ କ୍ୟାଚ୍ ଦେଇ ପ୍ରଥମେ ପ୍ୟାଭିଲିୟନ ଫେରିଥିଲେ। ଅନ୍ୟତମ ଓପନର ଟମ୍ ବ୍ଲଣ୍ଡେଲ ୩୦ ରନ କରିଥିବା ବେଳେ ବଲର ସୁଇଙ୍ଗ୍ ବୁଝି ନ ପାରି ଲାଇନ୍ ମିସ୍ କରି କ୍ଲିନ୍ ବୋଲ୍ଡ ହୋଇଥିଲେ। କ୍ୟାରିୟରର ୧୦୦ତମ ଟେଷ୍ଟ ଖେଳୁଥିବା ଅଭିଜ୍ଞ ରସ୍ ଟେଲର ଶର୍ଟ ଲେଗ୍‌ରେ ଚେତେଶ୍ୱର ପୂଜାରାଙ୍କୁ କ୍ୟାଚ୍ ଦେଇ ଇଶାନ୍ତଙ୍କ ତୃତୀୟ ଶିକାର ହୋଇଥିଲେ। ଏହାପରେ ୮୯ ରନ କରି ଶତକ ଆଡକୁ ଅଗ୍ରସର ହେଉଥିବା ବେଳେ ଅଧିନାୟକ କେନ୍ ୱିଲିୟମସନ କଭରରେ ବଦଳ ଖେଳାଳି ରବୀନ୍ଦ୍ର ଜାଡେଜାଙ୍କୁ କ୍ୟାଚ୍ ଦେଇ ମହମ୍ମଦ ସାମିଙ୍କ ଦ୍ୱାରା ଆଉଟ ହୋଇଥିଲେ। ଶେଷରେ ୧୭ ରନ କରିଥିବା ବେଳେ ହେନେରୀ ନିକୋଲ୍ସ ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ଦ୍ୱାରା ଆଉଟ ହୋଇଥିଲେ। ବୋଲିଂରେ ଭାରତ ତରଫରୁ ଇଶାନ୍ତ ୩, ସାମି ଓ ଅଶ୍ୱିନ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।
ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୨୨/୫ରୁ ଖେଳ ଆରମ୍ଭ କରି ଭାରତ ଶନିବାର ଅଲଆଉଟ ହୋଇଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ଅଜିଙ୍କ୍ୟ ରାହାନେ ୩୮ରୁ ଖେଳ ଆରମ୍ଭ କରି ୪୬ ରନକରି ଟିମ୍ ସୌଦିଙ୍କ ବଲ୍‌ରେ ଉଇକେଟକିପର ୱାଟଲିଂଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ୧୦ ରନର ଖେଳ ଆରମ୍ଭ କରିଥିବା ପନ୍ତ ୧୯ ରନ କରିଥିବାବେଳେ ଅଜାଜ ପଟେଲଙ୍କ ଥ୍ରୋରେ ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ। ଅଶ୍ୱିନ ଖାତା ଖୋଲିବା ପୂର୍ବରୁ ସୌଦିଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ସେହିପରି ଇଶାନ୍ତ କାଏଲ ଜେମିସନଙ୍କ ବଲରେ ୱାଟଲିଂଙ୍କୁ କ୍ୟାଚ୍ ଦେବା ପୂର୍ବରୁ ୫ ରନ ସଂଗ୍ରହ କରିଥିଲେ। ସାମି ୨୦ ବଲରୁ ୩ ଚୌକା ସହ ଦ୍ରୁତ ୨୧ ରନକରି ପଏଣ୍ଟ ଅଞ୍ଚଳରେ ବ୍ଲଣ୍ଡେଲଙ୍କୁ କ୍ୟାଚ୍ ଦେଇ ସୌଦିଙ୍କ ଚତୁର୍ଥ ଶିକାର ହୋଇଥିଲେ। ବୁମ୍ରା ବିନା ସ୍କୋରରେ ଅପରାଜିତ ରହିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ସୌଦି ଓ ଜେମିସନ ୪ଟି ଲେଖାଏ, ଟ୍ରେଣ୍ଟ ବୋଲ୍ଟ ଗୋଟିଏ ଉଇକେଟ ହାସଲ କରିଥିଲେ।

## ଦ୍ରୁତ ବୋଲିଂ କୋଚ୍ ପାଇଁ ବିଜ୍ଞାପନ ଦେଲା ବିସିସିଆଇ

**ମୁମ୍ବାଇ,୨୨।୨**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ)ରେ ବୋଲିଂ କୋଚ୍‌ଙ୍କ ସମେତ ୩ ପଦବୀ ପାଇଁ ବିଜ୍ଞାପନ ଦିଆଯାଇଛି। ଅନ୍ୟ ଦୁଇ ପଦ ହେଲା ପ୍ରଡ୍ୟୁସର ଓ ସୋସିଆଲ ମିଡିଆ ମ୍ୟାନେଜର ଏବଂ କ୍ରିକେଟ ଆନାଲିଷ୍ଟ। ଦ୍ରୁତ ବୋଲିଂ କୋଚ୍ ଏନ୍‌ସିଏ ମୁଖ୍ୟ ତଥା ବ୍ୟାଟିଂ କିମ୍ବଦନ୍ତୀ ରାହୁଲ ଦ୍ରାବିଡ୍‌ଙ୍କୁ ରିପୋର୍ଟ କରିବେ। ବୋଲିଂ କୋଚ୍‌ଙ୍କ ବୟସ ୫୮ ବର୍ଷରୁ କମ୍ ହୋଇଥିବା ଦରକାର। ବିଜ୍ଞାପନ ଅନୁଯାୟୀ ଦ୍ରୁତ ବୋଲିଂ କୋଚ୍‌ଙ୍କ ଦାୟିତ୍ୱ ଏନ୍‌ସିଏ ମୁଖ୍ୟଙ୍କୁ ଏକାଡେମୀରେ ଥିବା ଟ୍ରେନରଙ୍କ ପ୍ରସ୍ତୁତି, ଉନ୍ନତି ଓ ପ୍ରଦର୍ଶନ ସୁଧାରିବାରେ ସାହାଯ୍ୟ କରିବେ। ଉଦୀୟମାନ ଦ୍ରୁତ ବୋଲରଙ୍କ ଉନ୍ନତି ଦିଗରେ ବୋଲିଂ କୋଚ୍ ଓ ଏନ୍‌ସିଏ ମୁଖ୍ୟଙ୍କ ସହ କାର୍ଯ୍ୟ କରିବେ। ଜାତୀୟ ଚୟନକର୍ତ୍ତାଙ୍କୁ ଦ୍ରୁତ ବୋଲିଂ ପ୍ରତିଭା ଚିହ୍ନଟ ଓ ଉନ୍ନତିରେ ମଧ୍ୟ କାର୍ଯ୍ୟ କରିବେ।

## ଟ୍ରିମ୍ସ ରଣ୍‌ଜୀ: ପ୍ରଥମ ଇନିଂସ ଅଗ୍ରଣୀ ନେଲା ବେଙ୍ଗଲ

**ଭୁବନେଶ୍ୱର, ୨୨।୨ (ସ୍ପୋର୍ଟ୍ସ ବ୍ୟୁରୋ):** କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଘରୋଇ ଓଡ଼ିଶା ବିପକ୍ଷରେ ଚାଲିଥିବା ରଣ୍‌ଜୀ ଟ୍ରଫି କ୍ୱାର୍ଟର ଫାଇନାଲ ମୁକାବିଲାରେ ବେଙ୍ଗଲ ପ୍ରଥମ ଇନିଂସ ଅଗ୍ରଣୀ ହାସଲ କରିବାରେ ସଫଳ ହୋଇଛି। ବେଙ୍ଗଲର ପ୍ରଥମ ଇନିଂସ ସ୍କୋର ୩୩୨ ରନ ଜବାବରେ ଓଡ଼ିଶା ୨୫୦ ରନରେ ସୀମିତ ରହିଛି। ଫଳରେ ୮୨ ରନର ମହତ୍ତ୍ୱପୂର୍ଣ୍ଣ ଇନିଂସ ଅଗ୍ରଣୀ ହାସଲ କରିଥିବା ଭ୍ରମଣକାରୀ ବେଙ୍ଗଲ ଦ୍ୱିତୀୟ ଇନିଂସ ଆରମ୍ଭ କରି ଶନିବାର ଷ୍ଟମ୍ପ ଅପସାରଣ ସୁଦ୍ଧା ୨ ଉଇକେଟ୍ ବିନିମୟରେ ୭୯ ରନ୍ ସଂଗ୍ରହ କରିଛି। ଅଭିଷେକ ରମନ ୪ ଓ ଷ୍ଟାର୍ ବ୍ୟାଟ୍ସମ୍ୟାନ ମନୋଜ ତିୱାରୀ ୩ ରନ କରି କ୍ରିଜରେ ଅପରାଜିତ ରହିଛନ୍ତି। ଦୁଇ ଓପନର୍ କୌଶିକ ଘୋଷ (୪୧) ଓ ଅଧିନାୟକ ଅଭିମନ୍ୟୁ ଈଶ୍ୱରନ (୩୦) ଭଲ ଆରମ୍ଭ କରିଥିଲେ ମଧ୍ୟ ବଡ଼ ସ୍କୋର କରିବାରେ ବିଫଳ ହୋଇଛନ୍ତି। ଓଡ଼ିଶା ପକ୍ଷରୁ ଦୁଇ ପାର୍ଟଟାଇମ୍ ସ୍ପିନର ଅନୁରାଗ ଷଡ଼ଙ୍ଗୀ ଓ ଗୋବିନ୍ଦ ପୋଦ୍ଦାର ଗୋଟିଏ ଲେଖାଏ ଉଇକେଟ୍ ସଫଳତା ପାଇଛନ୍ତି। ମ୍ୟାଚ୍ ଆହୁରି ୨ ଦିନ ବାକି ରହିଥିବାରୁ ଫଳାଫଳ ବାହାରିବା ଆଶା ଉଜ୍ଜିବୀତ ରହିଛି। କିନ୍ତୁ ଯଦି ମ୍ୟାଚ୍ ଡ୍ର ରୁହେ ତେବେ ପ୍ରଥମ ଇନିଂସ ଅଗ୍ରଣୀଭିତ୍ତିରେ ବେଙ୍ଗଲ ସେମିଫାଇନାଲ ଟିକେଟ୍ ହାସଲ କରିବ।
ପୂର୍ବଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୫୧/୪ରୁ ବ୍ୟାଟିଂ ଆରମ୍ଭ କରିଥିବା ଓଡ଼ିଶା ଶନିବାର ସକାଳେ ପ୍ରତିପକ୍ଷ ଦ୍ରୁତ ବୋଲିଂକୁ ସାମ୍ନା କରି ପାରି ନ ଥିଲା। ଦଳୀୟ ସ୍କୋରରେ ଆଉ ୯୯ ରନ ଯୋଡ଼ି ଓଡ଼ିଶା ବଳକା ୬ ଉଇକେଟ୍ ହରାଇବା ସହ ୨୫୦ ରନରେ ସୀମିତ ରହିଥିଲା। ଅଧିନାୟକ ଶୁଭ୍ରାଂଶୁ ସେନାପତି (୪୬ ରନ, ୬ ଚୌକା)ଙ୍କୁ ଛାଡ଼ି ଦେଲେ ଅନ୍ୟକୌଣସି ଓଡ଼ିଶା ବ୍ୟାଟ୍ସମ୍ୟାନ ଶନିବାର ବଡ଼ ଇନିଂସ ଖେଳି ପାରି ନ ଥିଲେ। ଦେବବ୍ରତ ପ୍ରଧାନ (୧୫), ବିପ୍ଳବ ସାମନ୍ତରାୟ (୩), ରାଜେଶ ଧୂପର (୧୦), ସୂର୍ଯ୍ୟକାନ୍ତ ପ୍ରଧାନ (୧୩), ବସନ୍ତ ମହାନ୍ତି (୫) ଓ ପଦାର୍ପଣକାରୀ କନୱର ସିଂ ଚୌହାନ (୪*) ବିଫଳ ହୋଇଥିଲେ। ବୋଲିଂରେ ୩ ବେଙ୍ଗଲ ଦ୍ରୁତ ବୋଲର ଇଶାନ ପୋରେଲ (୩/୭୨), ନୀଳକାନ୍ତ ଦାସ (୩/୪୩) ଓ ମୁକେଶ କୁମାର (୩/୫୧) ମିଳିତ ଭାବେ ଉଇକେଟ୍ ବାଣ୍ଟି ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ବେଙ୍ଗଲ ପ୍ରଥମ ଇନିଂସ– ୩୩୨/୧୦। ଓଡ଼ିଶା ପ୍ରଥମ ଇନିଂସ– ୨୫୦/୧୦ (ଦେବାଶିଷ ସାମନ୍ତରାୟ ୬୮, ଶାନ୍ତନୁ ମିଶ୍ର ୬୨, ଶୁଭ୍ରାଂଶୁ ୪୬, ନୀଳକାନ୍ତ ୩/୪୩)।

## ଅଗରଙ୍କ ହ୍ୟାଟ୍ରିକ, ଅଷ୍ଟ୍ରେଲିଆର ବୃହତ୍ ବିଜୟ

**ଜୋହାନ୍ସବର୍ଗ,୨୨।୨**



ପ୍ଲେୟର ଅଫ୍ ଦି ମ୍ୟାଚ ଆଷ୍ଟନ ଅଗର।

ସ୍ଥାନୀୟ ୱାଣ୍ଡର୍ସ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ଟି୨୦ ମ୍ୟାଚ୍‌ରେ ଆଷ୍ଟନ ଅଗର ହ୍ୟାଟ୍ରିକ ଉଇକେଟ ନେଇଛନ୍ତି। ଏଥିଯୋଗୁ ଅଷ୍ଟ୍ରେଲିଆ ୧୦୭ ରନ୍‌ର ବୃହତ୍ ବ୍ୟବଧାନରେ ଦକ୍ଷିଣ ଆଫ୍ରିକାକୁ ହରାଇ ଦେଇଛି। ବିଜୟୀ ଦଳ ପାଇଁ ୫ ଉଇକେଟ ସଫଳତା ପାଇଥିବା ଅଷ୍ଟୋନ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।
ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନଙ୍କ ମିଳିତ ଉଦ୍ୟମ ଯୋଗୁ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୯୬ ରନ୍ କରିଥିଲା। ଦଳ ପାଇଁ ଷ୍ଟିଭ ସ୍ମିଥ ୪୫, ଅଧିନାୟକ ଆରୋନ ଫିଞ୍ଚ ୪୨, ଆଲେକ୍ସ କାରି ୨୭ ଓ ଅଷ୍ଟୋନ ୨୦ ରନ୍ କରିଥିଲେ। ଘରୋଇ ବୋଲରଙ୍କ ମଧ୍ୟରେ ଡେଲ ଷ୍ଟେଇନ ଓ ତାବ୍ରିଜ ଶାମ୍‌ସି ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଇନିଂସ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା ଘରୋଇ ଦକ୍ଷିଣ ଆଫ୍ରିକା। ଏଭଳି ପରିସ୍ଥିତିରୁ ଦଳକୁ କୌଣସି ବ୍ୟାଟ୍ସମ୍ୟାନ ଉଦ୍ଧାର କରିପାରି ନ ଥିଲେ। ଇନିଂସ୍‌ର ୭ମ ଓଭର ବୋଲିଂ କରୁଥିବା ଅଗର ଚତୁର୍ଥ ବଲରେ ଡୁପ୍ଲେସିଙ୍କୁ କେନ ରିଚାର୍ଡସନ୍‌ଙ୍କ ହାତରେ କ୍ୟାଚ୍ ଆଉଟ୍ କରାଇଥିଲେ। ପରବର୍ତ୍ତୀ ବଲରେ ଆଣ୍ଡିଲେ ଫେଲୁକ୍ୱାୟୋଙ୍କୁ ଏଲ୍‌ବିଡବ୍ଲ୍ୟୁ କରି ପାଭେଲିଅନ ଫେରାଇଥିଲେ। ଓଭରର ଅନ୍ତିମ ବଲରେ ଷ୍ଟେଇନଙ୍କୁ ଆଉଟ କରି ହ୍ୟାଟ୍ରିକ ପୂରଣ କରିଥିଲେ। ଟି୨୦ ଫର୍ମାଟ୍‌ରେ ହ୍ୟାଟ୍ରିକ ନେବାରେ ଅଗର ଦ୍ୱିତୀୟ ଅଷ୍ଟ୍ରେଲିଆନ ବୋଲର। ତାଙ୍କ ପୂର୍ବରୁ ବ୍ରେଟ୍ ଲି ୨୦୦୭ରେ ବାଂଲାଦେଶ ବିପକ୍ଷରେ ହ୍ୟାଟ୍ରିକ୍ ନେଇଥିଲେ। ଦକ୍ଷିଣ ଆଫ୍ରିକା ୧୪.୩ ଓଭରରେ ମାତ୍ର ୮୯ ରନ୍‌ରେ ସୀମିତ ରହିଥିଲା। ଦଳ ପାଇଁ ଫାଫ ଡୁପ୍ଲେସି ୨୪, କାଗିସୋ ରବାଡା ୨୨ ଓ ପିଟେ ଭାନ ବିଜନ (୧୬)ଙ୍କ ବ୍ୟତୀତ ଅନ୍ୟ କେହି ଦୁଇ ଅଙ୍କ ସ୍କୋର ଛୁଇଁ ପାରି ନ ଥିଲେ। ବିଜୟୀ ଦଳ ପାଇଁ ଆଷ୍ଟୋନ ୫ ଉଇକେଟ ନେଇଥିଲେ। ସେହିଭଳି ପାଟ କୁମିନ୍ସ ଓ ଆଡାମ ଝାମ୍ପା ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

## ନିଶାନ୍ତ ଟେକ୍‌ନିକାଲ ଅଫିସିଆଲ୍

**୨୨।୨ (ସ୍ପୋର୍ଟ୍ସ ବ୍ୟୁରୋ)**



ଭୁବନେଶ୍ୱର ଓ କଟକରେ ମିଳିତ ଭାବେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା (କେଆଇୟୁଜି)ର ହକି ଇଭେଣ୍ଟ ପାଇଁ ଓଡ଼ିଶାର ନିଶାନ୍ତ ଜ୍ୟୋତି ମହାନ୍ତିଙ୍କୁ ଟେକ୍‌ନିକାଲ ଅଫିସିଆଲ ଭାବେ ନିଯୁକ୍ତ କରାଯାଇଛି। ଇଷ୍ଟକୋଷ୍ଟ ରେଲ୍‌ୱେରେ କାର୍ଯ୍ୟରତ ନିଶାନ୍ତଙ୍କୁ ହକି ଇଣ୍ଡିଆ ପକ୍ଷରୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। ପୂର୍ବରୁ ନିଶାନ୍ତ ଅନେକ ଜାତୀୟ, ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଜଜ୍, ଅମ୍ପାୟର ଓ ଟେକ୍‌ନିକାଶ ଅଫିସିଆଲ ଭାବେ ସଫଳତାର ସହ ଦାୟିତ୍ୱ ତୁଲାଇ ସାରିଛନ୍ତି। ଏହାକୁ ଆଧାର କରି ହକି ଇଣ୍ଡିଆ ପକ୍ଷରୁ ନିଶାନ୍ତଙ୍କୁ କେଆଇୟୁଜି ପାଇଁ ଟେକ୍‌ନିକାଲ ଅଫିସିଆଲ ନିଯୁକ୍ତ କରାଯାଇଛି। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଅଫିସିଆଲ ଦାୟିତ୍ୱ ପାଇଥିବାରୁ ହକି ଓଡ଼ିଶା ସମ୍ପାଦକ ପ୍ରତାପ ଶତପଥୀ ନିଶାନ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ମାର୍କେଟକୁ ଆସିଲା ଗେଲ୍‌ଙ୍କ ମୁଦି

**ନୂଆଦିଲ୍ଲୀ,୨୨।୨**

ୱେଷ୍ଟଇଣ୍ଡିଜ୍‌ର ପୂର୍ବତନ କିମ୍ବଦନ୍ତୀ ବିସ୍ଫୋରକ ଓପନର କ୍ରିସ୍ ଗେଲ୍ ବିଶ୍ୱରେ ୟୁନିଭର୍ସ ବସ୍ ଭାବେ ଜଣାଶୁଣା। ତାଙ୍କର ଏହି ନାମକୁ ସେ ଆଗକୁ ନେବା ପାଇଁ ୟୁନିଭର୍ସ ବସ୍ ରିଙ୍ଗ୍ (ସୁନାମୁଦି)ର ସୀମିତ ଏଡିଶନ ମାର୍କେଟକୁ ଛାଡ଼ିଛନ୍ତି। ମୁଦିକୁ କଠିନ ସୁନାରେ ତିଆରି କରାଯାଇଛି। ସେଥିରେ ସିଜି (କ୍ରିସ୍ ଗେଲ୍) ଓ ୟୁନିଭର୍ସ ବସ ଏବଂ ଟେଷ୍ଟ କ୍ରିକେଟ୍‌ରେ ଗେଲଙ୍କ ସର୍ବାଧିକ ବ୍ୟକ୍ତିଗତ ସ୍କୋର ୩୩୩ ମଧ୍ୟ ଲେଖା ରହିଛି। ମୁଦିରେ ତାଙ୍କ ହସ୍ତାକ୍ଷର ମଧ୍ୟ ସ୍ଥାନ ପାଇଛି। ଗେଲ୍ ଏବେ ନ୍ୟୁଜିଲାଣ୍ଡରେ ଅଛନ୍ତି। ସେ ଭାରତ–ନ୍ୟୁଜିଲାଣ୍ଡ ପ୍ରଥମ ଟେଷ୍ଟବେଳେ ଷ୍ଟାଡିୟମରେ ଉପସ୍ଥିତ ଥିଲେ। ତାଙ୍କୁ କମେଣ୍ଟ୍ରି ବକ୍ସରେ ମଧ୍ୟ ଦେଖିବାକୁ ମିଳିଥିଲା।

## ହକିରେ ରାଞ୍ଚିଠାରୁ ହାରିଲା ସମ୍ବଲପୁର

**ଭୁବନେଶ୍ୱର, ୨୨।୨ (ସ୍ପୋର୍ଟ୍ସ ବ୍ୟୁରୋ)**

ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟର ଶନିବାର ୨ୟ ଦିବସରେ ବିଭିନ୍ନ ଇଭେଣ୍ଟରେ ଖେଳ ଅନୁଷ୍ଠିତ ହୋଇଯାଇଛି। କିଟ୍ କ୍ୟାମ୍ପସ୍–୧୩ସ୍ଥିତ ହକି ଷ୍ଟାଡିୟମରେ ଖେଳାଯାଇଥିବା ମହିଳା ବିଭାଗ ହକିରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ୧–୨ ଗୋଲରେ ରାଞ୍ଚି ବିଶ୍ୱବିଦ୍ୟାଳୟଠାରୁ ପରାସ୍ତ ହୋଇଛି। ରାଞ୍ଚି ପକ୍ଷରୁ ପ୍ରମିଳା ସୋରେନ (୧୭ତମ ମିନିଟ୍) ଓ ବେଟନ ଡୁଙ୍ଗ୍‌ଡୁଙ୍ଗ୍ (୨୫ତମ) ଗୋଲ ସ୍କୋର କରିଥିଲେ। ସମ୍ବଲପୁରର ଜାହ୍ନବୀ ପ୍ରଧାନ ୫୫ତମ ମିନିଟ୍‌ରେ ଗୋଟିଏ ଗୋଲ ଶୁଝିଥିଲେ।

**ଭଲିବଲ୍‌ରେ ଉତ୍କଳର ଡବଲ୍ ପରାଜୟ**

କିଟ୍ କ୍ୟାମ୍ପସ୍–୧୩ସ୍ଥିତ ଇନ୍‌ଡୋର ହଲ୍‌ରେ ଅପରାହ୍ନ ୪ଟାରେ ଖେଳାଯାଇଥିବା ପୁରୁଷ ବିଭାଗ ଭଲିବଲରେ ଓଡ଼ିଶାର ଉତ୍କଳ ବିଶ୍ୱବିଦ୍ୟାଳୟକୁ ନିରାଶ ହେବାକୁ ପଡ଼ିଛି। ଉତ୍କଳ ୦–୩ ସେଟ୍‌ରେ ମହାତ୍ମା ଗାନ୍ଧୀ ବିଶ୍ୱବିଦ୍ୟାଳୟ (କେରଳ)ଠାରୁ ପରାସ୍ତ ହୋଇଛି। ଦିବସରେ ଉତ୍କଳ ଏହାର ୨ୟ ମ୍ୟାଚ୍‌ରେ ମଧ୍ୟ ୦–୩ ସେଟ୍‌ରେ ଡାଇରେକ୍ଟର ଫିଜିକାଲ ଏଜୁକେଶନ ୟୁନିଭର୍ସିଟି (କେରଳ)ଠାରୁ ମଧ୍ୟ ହାରିଯାଇଛି।

**ଟେନିସ**

ପୁରୁଷ ସିଙ୍ଗଲ୍ସ ଟେନିସରେ କିଟ୍‌ର ସିଦ୍ଧାନ୍ତ ମହତା ୦–୬, ୦–୬ରେ ଜି. ମନୀଷ ଫିଜିକାଲ ଏଜୁକେଶନ ବିଶ୍ୱବିଦ୍ୟାଳୟ (ମହୀଶୂର)ଙ୍କଠାରୁ ହାରିଯାଇଛନ୍ତି। ସେହିଭଳି କିଟ୍‌ର ଆଦିତ୍ୟ ଶତପଥୀଙ୍କୁ ମଧ୍ୟ ପରାଜୟର ସାମ୍ନା କରିବାକୁ ପଡ଼ିଛି।

# ଓଡ଼ିଶା-କେରଳ ସମ୍ମାନ ଲଢ଼େଇ ଆଜି

**ଭୁବନେଶ୍ୱର, ୨୨।୨(ସ୍ପୋର୍ଟ୍ସ ବ୍ୟୁରୋ)**

ଇଣ୍ଡିଆନ ସୁପର ଲିଗ୍

ହାଇପ୍ରୋଫାଇଲ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ରବିବାର କେରଳ ବ୍ଲାଷ୍ଟର୍ସ ଓ ଘରୋଇ ଓଡ଼ିଶା ଏଫ୍‌ସି ପରସ୍ପରକୁ ଭେଟିବେ। ପ୍ଲେ ଅଫ୍ ଦୌଡ଼ରୁ ବାଦ୍ ପଡିସାରିଥିବାରୁ ଏହି ସମ୍ମାନ ଉଭୟ ଦଳ ଲଢ଼ିବେ। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ଉଭୟ ଦଳ ବିଜୟୀ ହୋଇ ଅଭିଯାନ ଶେଷ କରିବା ଲକ୍ଷ୍ୟରେ ରହିଛନ୍ତି। ୧୭ଟି ମ୍ୟାଚ୍ ଖେଳି ୭ ବିଜୟ, ୩ ଡ୍ର ଓ ୭ ପରାଜୟ ସହ ୨୪ ପଏଣ୍ଟ ପାଇଁ ଓଡ଼ିଶା ଷଷ୍ଠ ସ୍ଥାନରେ ରହିଛି। ସେହିପରି କେରଳ ୧୭ଟି ମ୍ୟାଚ୍ ଖେଳି ୪ ବିଜୟ, ୬ ଡ୍ର ଓ ୭ ପରାଜୟ ସହ ୧୮ ପଏଣ୍ଟ ପାଇ ସପ୍ତମ ସ୍ଥାନରେ ରହିଛି। ଗତ ମ୍ୟାଚ୍‌ରେ ଚେନ୍ନାଇନ୍ ଏଫ୍‌ସି ଶୁକ୍ରବାର ପ୍ରତିପକ୍ଷ ମୁମ୍ବାଇ ସିଟି ଏଫ୍‌ସିକୁ ହରାଇ ଚତୁର୍ଥ ସ୍ଥାନ ଅଧିକାର କରିବା ପରେ ଓଡ଼ିଶାର ପ୍ଲେ ଅଫ୍ ଆଶା ଧୂଳିସାତ୍ ହୋଇଥିଲା।

**‘କଳିଙ୍ଗ ଫରକ ଆଣିଥାନ୍ତା’**

ପ୍ଲେ ଅଫ୍‌ରୁ ବାଦ୍ ପଡିଥିଲେ ମଧ୍ୟ ଦଳର ପ୍ରଦର୍ଶନ ଓ ଖେଳାଳିଙ୍କୁ କୋଚ୍ ଜୋସେଫ୍ ଗୋମ୍ବାଉ ପ୍ରଶଂସା କରିଛନ୍ତି। ଦଳର ପ୍ରଦର୍ଶନରେ ଉନ୍ନତି ହୋଇଛି। ଏଠାରେ ଆମର ବେଶ୍ ଭଲ ରହିଛି। ଆମେ ଏକ ଯୁବ ଦଳ ହୋଇଥିବାରୁ ପଞ୍ଚମ ସ୍ଥାନରେ ରହି ଅଭିଯାନ ଶେଷ କରିବା ମଧ୍ୟ ଏକ ବଡ଼ କଥା। ଭୁବନେଶ୍ୱର ପ୍ରଶଂସକଙ୍କ ସମର୍ଥନ ବେଶ୍ ଚମତ୍କାର ଥିଲା। ଆଗାମୀ ସେସନରେ ଟ୍ରେନିଂ ଗ୍ରାଉଣ୍ଡ ସହ ପଡିଆ ବେଶ୍ ଭଲ ହେବ।



ଅଭ୍ୟାସରତ ଓଡ଼ିଶା ଏଫ୍‌ସି ଖେଳାଳିମାନେ।

ଯୁବ ଖେଳାଳିମାନେ ଅଭିଜ୍ଞତା ହାସଲ କରି ଅପେକ୍ଷାକୃତ ଭଲ ପ୍ରଦର୍ଶନ କରିବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଏହି ମ୍ୟାଚ୍‌ରେ କୌଣସି ପରୀକ୍ଷା ନିରୀକ୍ଷା କରିଯିବ ନାହିଁ ଓ ଜିତିବା ପାଇଁ ଆମେ ପଡିଆକୁ ଓହ୍ଲାଇବୁ। ମୋଟ ୨୭ ପଏଣ୍ଟ ହାସଲ କରିବା ଆମର ଲକ୍ଷ୍ୟ ବୋଲି ସେ ଶନିବାର ଖବରଦାତା ସମ୍ମିଳନୀରେ କହିଛନ୍ତି। ପୂର୍ବଭଳି ସବୁ ଶକ୍ତି ଖଟାଇ ଆମେ ଖେଳିବୁ। ପୂର୍ବରୁ ଆମେ କିଛି ମ୍ୟାଚ୍ ପୁଣେର ବାଲେୱାଡି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଖେଳିଥିଲୁ । ଯଦି ସବୁ ମ୍ୟାଚ୍ ଆମେ କଳିଙ୍ଗ ଷ୍ଟାଡିୟମରେ ଖେଳିଥାନ୍ତୁ ତାହାଲେ ଫଳାଫଳ ଅଲଗା ହୋଇଥାନ୍ତା ବୋଲି ସେ କହିଛନ୍ତି। ଏହି ଅବସରରେ ଓଡ଼ିଶା ଖେଳାଳି ଫ୍ରାନ୍ସିସ୍କୋ ଡୋରୋନସୋର ମଧ୍ୟ ଉପସ୍ଥିତ ଥିଲେ। କେରଳକୁ ହରାଇବା ପାଇଁ ଆମେ ଶତପ୍ରତିଶତ ଚେଷ୍ଟା କରିବୁ ବୋଲି ସେ କହିଛନ୍ତି।

**ଇଞ୍ଜୁରି ପ୍ରଦର୍ଶନକୁ ପ୍ରଭାବିତ କରିଛି: ଏଲ୍‌କୋ ସାଟୋରି**

ଅପରପକ୍ଷରେ ଏଥର କେରଳର ପ୍ରର୍ଶନ ଆଶାନୁରୂପ ହୋଇନାହିଁ। ଏହି ସେସନରେ ଇଞ୍ଜୁରି ସମସ୍ୟା ଦଳର ପ୍ରଦର୍ଶନକୁ ପ୍ରଭାବିତ କରିଛି ବୋଲି କୋଚ୍ ଏଲକୋ ସାଟୋରି ଓ ମାସିଡୋନିଆ ଖେଳାଳି ଭ୍ଲାଟକୋ ଡ୍ରୋବାରୋଭ କହିଛନ୍ତି। ସେସନ ଆରମ୍ଭରୁ ସନ୍ଦେଶ ଝିନ୍‌ଗାନ ବାଦ୍ ପଡିବା ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ଆମେ ୧୮ତମ ମ୍ୟାଚ୍ ଖେଳିବକୁ ଯାଉଥିବା ବେଳେ ୧୭ଥର ଦଳ ପରିବର୍ତ୍ତନ କରିବାକୁ ବାଧ ହୋଇଛୁ ବୋଲି ଏଲ୍‌କୋ କହିଛନ୍ତି। ମୋଟାମୋଟି ଉପରେ ଦଳର ପ୍ରଦର୍ଶନ ଭଲ ରହିଛି। ତେବେ ଆମେ ଆଶାନୁରୂପ ଖେଳିନାହୁଁ ବୋଲି ସେ ସ୍ୱୀକାର କରିଛନ୍ତି। ବିଜୟ ପାଇଁ ଟିକିଏ ଭାଗ୍ୟର ସହାୟତା ଆବଶ୍ୟକ। ଦଳରେ ବାରମ୍ବାର ପରିବର୍ତ୍ତନ ସନ୍ତୁଳନକୁ ବିଗାଡିଥିଲା। ବେଞ୍ଚ୍ ଷ୍ଟ୍ରେନ୍ଥରେ ପରିବର୍ତ୍ତନ କରିବା ନିହାତି ଜରୁରୀ ନୁହେଁ। କିନ୍ତୁ ବିଜୟ ହାସଲ ପାଇଁ ଆମେ ସବୁପ୍ରକାର ପଦକ୍ଷେପ ନେବୁ ବୋଲି ସେ କହିଛନ୍ତି।

# ବଡ଼ଦାଣ୍ଡରେ ନାବାଳକଙ୍କ ଭିକ୍ଷାବୃତ୍ତି



ସିଂହଦ୍ୱାର ସମ୍ମୁଖ ବଡ଼ଦାଣ୍ଡରେ ଭିକାରିଙ୍କ ସହ ବସି ଦୁଇଜଣ ନାବାଳକ ଭିକ ମାଗୁଛନ୍ତି।

**ପୁରୀ ଅଫିସ, ୨୨।୨**

ସଭିଏଁ ପଢନ୍ତୁ, ସଭିଏଁ ବଢନ୍ତୁ। ୬ରୁ ୧୪ ବର୍ଷ ବୟସର ପିଲାଙ୍କୁ ପ୍ରାଥମିକ ଶିକ୍ଷା ପ୍ରଦାନ କରି ସାମାଜିକ, ଆଞ୍ଚଳିକ ତଥା ଲିଙ୍ଗଗତ ବୈଷମ୍ୟ ଦୂର କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ। କିନ୍ତୁ ଅନେକ ସମୟରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳେ। କେଉଁଠି ନାବାଳକ ଭିକ୍ଷାବୃତ୍ତିକୁ ଆପଣାଇଥାନ୍ତି ତ ପୁଣି କେଉଁଠି ସେମାନଙ୍କୁ କାମରେ ଲଗାଯାଇଥାଏ। ଏହାକୁ ଦେଖିଲେ ସଭିଏଁ ପଢନ୍ତୁ, ସଭିଏଁ ବଢନ୍ତୁ ଅଭିଯାନର ବାସ୍ତବତାକୁ ନେଇ ସନ୍ଦେହ ଉଠିଥାଏ। ଏମିତି ଚିତ୍ର ଶନିବାର ଦେଖିବାକୁ ମିଳିଥିଲା ସିଂହଦ୍ୱାର ସମ୍ମୁଖ ବଡ଼ଦାଣ୍ଡରେ। ଦୁଇଜଣ ନାବାଳକ ବଡ଼ଦାଣ୍ଡରେ ଭିକାରିଙ୍କ ମଧ୍ୟରେ ବସି ହାତରେ ଥାଳି ଧରି ଭିକ ମାଗୁଥିଲେ। ବହି କଲମ ଯେ ଏମାନଙ୍କ ପାଇଁ ଅପହଞ୍ଚ ତାହା ଉଭୟଙ୍କୁ ଦେଖିଲେ ସ୍ପଷ୍ଟ ବାରି ହୋଇପଡୁଥିଲା। ଏମାନଙ୍କୁ ଭିକ୍ଷାବୃତ୍ତିରେ ସାମିଲ କରିବା ପଛରେ ଏକ ର୍ୟାକେଟ ରହିଥିବା ସାମାଜିକ କର୍ମୀ ଆଣିଛନ୍ତି ସାଂଘାତିକ ଅଭିଯୋଗ। ସେହିପରି କଅଁଳ ବୟସରେ ଭିକ୍ଷାବୃତ୍ତିକୁ ନେଇ ଶିକ୍ଷା ବିଭାଗକୁ ସମାଲୋଚନା କରିଛନ୍ତି ବୁଦ୍ଧିଜୀବୀ।

ଶନିବାର ସକାଳେ ସିଂହଦ୍ୱାର ସମ୍ମୁଖ ବ୍ୟାରିକେଡ କଡ଼ରେ ଧାଡି ହୋଇ ବସିଥିଲେ ଭିକାରି। ଏହି ଧାଡ଼ିରେ ୨ଜଣ ନାବାଳକ ମଧ୍ୟ ବସିଥିଲେ। ଦୁହିଁଙ୍କ ବୟସ ୧୦ରୁ ୧୨ ବର୍ଷ ମଧ୍ୟରେ ହେବ। ରାସ୍ତାରେ ଯାଉଥିବା ଯାତ୍ରୀ ଓ ଶ୍ରଦ୍ଧାଳୁଙ୍କ ଆଡ଼କୁ ଥାଳି ବଢାଇ ବାବୁ ପଇସା ଦିଅ ବୋଲି କହୁଥାନ୍ତି। ଅନେକ ଶ୍ରଦ୍ଧାଳୁ ବି ସେମାନଙ୍କ ଥାଳିରେ ପଇସା ପକାଉଥାନ୍ତି। କେବଳ ଏହି ଦୁଇଜଣ ନୁହଁନ୍ତି ମନ୍ଦିର ଚତୁଃପାର୍ଶ୍ୱରେ ଏକାଧିକ ପିଲା ଭିକ ମାଗୁଥିବା ଦେଖିବାକୁ ମିଳିଥିଲା। କେତେଜଣ ଗଣମାଧ୍ୟମ ପ୍ରତିନିଧି ପହଞ୍ଚି ସେମାନଙ୍କ ଭିକ୍ଷା ବୃତ୍ତି କରୁଥିବା ନେଇ ତଥ୍ୟ ସଂଗ୍ରହ କରିବାକୁ ଚାହିଁବାରୁ ଦୁହେଁ ପଳାଇଥିଲେ।

## ସଭିଏଁ ପଢନ୍ତୁ ସଭିଏଁ ବଢନ୍ତୁର ବାସ୍ତବତାକୁ ନେଇ ପ୍ରଶ୍ନ

ଏଠାରେ ପ୍ରଶ୍ନ ଉଠୁଛି ୧୪ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନଙ୍କୁ ନିଶ୍ଚିତ ଶିକ୍ଷା ପ୍ରଦାନ ଲାଗି ସରକାର ଯେଉଁ ଯୋଜନା କରିଛନ୍ତି ତାହାର ବାସ୍ତବତା କ'ଣ। କେବଳ ଏହି ଦୁଇଜଣ ନାବାଳକ ନୁହନ୍ତି ପ୍ରତିଦିନ ଏକାଧିକ ପିଲା ଭିକ୍ଷାବୃତ୍ତି ପାଇଁ ବଡ଼ଦାଣ୍ଡକୁ ଆସୁଛନ୍ତି। ବିଭିନ୍ନ ଛକ ଜାଗାରେ ହାତରେ ପାତ୍ର ଧରି ଭିକ ମାଗୁଛନ୍ତି। ଗୋଟିଏ ପଟେ ସରକାର ପୁରୀ ସହରକୁ ଭିକାରିମୁକ୍ତ କରିବା ଲାଗି ଉଦ୍ୟମ ଆରମ୍ଭ କରିଛନ୍ତି। ଏଥିପାଇଁ ୮ଟି ଥଇଥାନ କେନ୍ଦ୍ରର ବ୍ୟବସ୍ଥା କରାଯାଇଛି। ମାର୍ଚ୍ଚ ପହିଲାରୁ ଭିକାରିମାନଙ୍କୁ ଥଇଥାନ କେନ୍ଦ୍ରରେ ରଖିବା ଲାଗି ନିଷ୍ପତ୍ତି ହୋଇଛି। ଏପଟେ କିନ୍ତୁ ସିଂହଦ୍ୱାର ନିକଟ ଏବଂ ବଡ଼ଦାଣ୍ଡରେ ଭିକାରିଙ୍କ ସଂଖ୍ୟା ବଢିବାରେ ଲାଗିଛି। କିଛିଦିନ ତଳେ ସିଂହଦ୍ୱାର ସମ୍ମୁଖରୁ ଭିକାରିମାନଙ୍କୁ ପ୍ରଶାସନ ପକ୍ଷରୁ ତଡ଼ି ଦିଆଯାଇଥିଲା। ସମ୍ପୃକ୍ତ ସ୍ଥାନକୁ ବ୍ୟାରିକେଡିଂ କରାଯାଇଛି। ଯଦିଓ ପୂର୍ବ ପରି ଏହି ବ୍ୟାରିକେଡିଂ ମଧ୍ୟରେ ଭିକାରିମାନେ ବସୁ ନାହାନ୍ତି କିନ୍ତୁ ଅନେକ ସମୟରେ ତା' ଭିତରେ ବୁଲି ବୁଲି ଭିକ ମାଗୁଛନ୍ତି। କିନ୍ତୁ ସିଂହଦ୍ୱାର ସମ୍ମୁଖ ନୂତନ ଶେଡ୍ କଡ଼ରେ ଧାଡ଼ି ହୋଇ ଭିକାରିମାନେ ବସୁଛନ୍ତି।

ନାବାଳକ ଭିକ୍ଷାବୃତ୍ତି କରିବା ନେଇ ସଚେତନ ନାଗରିକ ମଞ୍ଚର ସଭାପତି ଆଇନଜୀବୀ ପ୍ରସନ୍ନ କୁମାର ଦାଶ କହିଛନ୍ତି, ଯେଉଁ ପିଲାମାନେ ଭିକ୍ଷାବୃତ୍ତି କରୁଛନ୍ତି ସେମାନଙ୍କୁ ପ୍ରଶାସନ ପକ୍ଷରୁ କାଉନ୍ସେଲିଂ କରାଯିବା କଥା। କେଉଁ ପରିସ୍ଥିତିରେ ସେମାନେ ଭିକ ମାଗୁଛନ୍ତି, ତାଙ୍କ ଘରର ସ୍ଥିତି କ'ଣ ତାହା ତର୍ଜମା ହେବା ଦରକାର। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପୁରୀ ସହରରେ ଭିକ୍ଷାବୃତ୍ତି ପଛରେ ଅନେକ ଦଲାଲ ସକ୍ରିୟ ଅଛନ୍ତି। ସେମାନେ ବିଭିନ୍ନ ଅନାଥ ପିଲାଙ୍କୁ ଏଥିରେ ସାମିଲ କରୁଛନ୍ତି। ତେଣୁ ଏ ଦିଗ ପ୍ରତି ଧ୍ୟାନ ଦିଆଯିବା ଦରକାର। ୪ବର୍ଷ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଶିକ୍ଷା ଓ ମାଗଣା ଖାଦ୍ୟ ଏକପ୍ରକାର ପ୍ରହସନରେ ପରିଣତ ହୋଇଛି ବୋଲି ଦାଶ କହିଛନ୍ତି।




ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତ ଗସ୍ତକୁ ସ୍ୱାଗତ ଜଣାଇ ଶନିବାର ପୁରୀ ବେଳାଭୂମିରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ତିଆରି କରିଥିବା ବାଲୁକା କଳା।

# ଦୁବାଇରେ ଚାକିରି ଦେବା ନାଁରେ ୭ ଲକ୍ଷ ଠକେଇ

**ଭୁବନେଶ୍ୱର,୨୨।୨(ବ୍ୟୁରୋ)**

- ଅଭିଯୁକ୍ତ ଥାନାରେ ଅଟକ, ପୂର୍ବରୁ ରହିଛି ଏକାଧିକ ଅଭିଯୋଗ
- ଅଫିସ ବଦଳାଇ ଠକୁଥିଲେ, ପୋଲିସକୁ ଚକ୍‌ମା ଦେଉଥିଲେ

ପାସ୍‌ପୋର୍ଟ, ଭିଜା ସହ ଦୁବାଇରେ ଚାକିରି କରାଇ ଦେବାକୁ କହି ଜଣେ ଦଲାଲ ବହୁ ଯୁବକଙ୍କଠାରୁ ୭ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଠକି ନେଇଛନ୍ତି। ଏନେଇ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ ପରେ ତଦନ୍ତ ଆରମ୍ଭ କରିଛି। ସମ୍ପୃକ୍ତ ଦଲାଲଙ୍କୁ ଥାନାକୁ ଉଠାଇ ନେଇ ଅଟକ ରଖିଛି। ପଚରାଉଚରାବେଳେ ପୋଲିସକୁ ବହୁ ଚାଞ୍ଚଲ୍ୟକର ତଥ୍ୟ ମିଳିଛି।

ଅଭିଯୁକ୍ତ ଦଲାଲ ଜଣକ ଗୋଟିଏ ସ୍ଥାନରେ ଅଫିସ ଖୋଲି ଠକେଇ କରିବା ପରେ ଅନ୍ୟତ୍ର ସ୍ଥାନାନ୍ତର କରି ନୂଆ ଗ୍ରାହକ ଖୋଜନ୍ତି। ସେମାନଙ୍କୁ ଠକେଇ କରିବା ପରେ ପୁଣି ସେଠାରେ ଅଫିସ ବନ୍ଦ କରି ଅନ୍ୟତ୍ର ଖୋଲନ୍ତି। ଫଳରେ ଠକେଇର ଶିକାର ହେଉଥିବା ଲୋକେ ସହଜରେ ତାଙ୍କର ସନ୍ଧାନ ପାଇପାରନ୍ତି ନାହିଁ। ମିଳିଥିବା ସୂଚନାନୁସାରେ, ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଅଭିଯୁକ୍ତ ଜଣକ ଅଫିସ ଖୋଲି ବହୁ ଯୁବକଙ୍କଠାରୁ ୫୦ହଜାର ଟଙ୍କା ଲେଖାଏ ନେଇଥିଲେ। ହେଲେ ଚାକିରି ନ ଦେଇ ହଠାତ୍ ଅଫିସ ବନ୍ଦ କରି ଉଭାନ ହୋଇଯାଇଥିଲେ। ଠିକାମିର ଶିକାର ଯୁବକମାନେ ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଖୋଳତାଡ଼ ଆରମ୍ଭ କରିଥିଲା।

କେବଳ ଚନ୍ଦ୍ରଶେଖରପୁର ଥାନା ନୁହେଁ, ଭୁବନେଶ୍ୱରର ଅନ୍ୟ କେତେକ ଥାନାରେ ତାଙ୍କ ନାମରେ ମଧ୍ୟ ଏକାଧିକ ଅଭିଯୋଗ ରହିଛି। ପୂର୍ବରୁ ସମାନ ଠକେଇ ଅଭିଯୋଗରେ ସମ୍ପୃକ୍ତ ଦଲାଲଙ୍କୁ ଖଣ୍ଡଗିରି ଥାନା ପୋଲିସ ଅଟକ ରଖିଥିଲା। ଅଭିଯୋଗ କରିଥିବା ଯୁବକଙ୍କୁ ଟଙ୍କା ଫେରାଇବା ପରେ ମାମଲା ରଫାଦଫା ହୋଇଥିଲା। ସେହିଭଳି ନୟାପଲ୍ଲୀ ଥାନାରେ ଆଉ ଏକ ଅଭିଯୋଗ ହୋଇଥିଲା। ସେଠାରୁ ମଧ୍ୟ ଏହି ଠକ ଦଲାଲ ଜଣକ ଟଙ୍କା ଫେରସ୍ତ କରି ମୁକୁଳିଥିଲେ। ଏବେ ପୁଣି ଅଭିଯୋଗ ହେବା ପରେ ଥାନାରେ ଅଟକ ରଖାଯାଇଛି। ତେଣୁ ସେ ପୁଣି ଅଭିଯୋଗ କରିଥିବା ଯୁବକଙ୍କୁ ଟଙ୍କା ଫେରସ୍ତ କରି ପୂର୍ବଭଳି ମାମଲା ରଫାଦଫା କରିବାକୁ ଉଦ୍ୟମ କରୁଥିବା ଜଣାପଡିଛି।

# ଅନ୍ତର୍ଜାତୀୟ ଫ୍ୟାଶନ କ୍ୟାଲେଣ୍ଡର 'ମିଳନ ୨୦୨୦' ଉନ୍ମୋଚିତ



**ଭୁବନେଶ୍ୱର, ୨୨।୨(ବ୍ୟୁରୋ)**

ଜେଡି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାଶନ ଆଣ୍ଡ୍ ଟେକ୍ନୋଲୋଜି ପକ୍ଷରୁ ଅନ୍ତର୍ଜାତୀୟ ଫ୍ୟାଶନ କ୍ୟାଲେଣ୍ଡର 'ମିଳନ ୨୦୨୦' ସ୍ଥାନୀୟ ଏକ ହୋଟେଲରେ ଉନ୍ମୋଚିତ ହୋଇଯାଇଛି। ଜେଡି ଇନ୍‌ଷ୍ଟିଚ୍ୟୁଟ୍ ଭୁବନେଶ୍ୱରର ବିଶାଲ ସୁବୁଦ୍ଧି ଓ ଶିବଦତ୍ତ ସୁବୁଦ୍ଧି ଯୋଗଦେଇ କ୍ୟାଲେଣ୍ଡର ଉନ୍ମୋଚନ କରିଥିଲେ। ଏହା ପୂର୍ବ ଭାରତର ପ୍ରଥମ ଅନ୍ତର୍ଜାତୀୟ ଫ୍ୟାଶନ କ୍ୟାଲେଣ୍ଡର ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଅନୁଷ୍ଠାନର ୧୦ଜଣ ଛାତ୍ରୀଛାତ୍ର ନୂଆ ଡିଜାଇନ୍‌ର ପୋଷାକ ତିଆରି କରି ତାହାକୁ ଇଟାଲୀର ମିଳନକୁ ପଠାଯାଇଥିଲା। ଇଟାଲୀର ବହୁ ଅନ୍ତର୍ଜାତୀୟ ମଡେଲ ଏହି ଫ୍ୟାଶନ କ୍ୟାଲେଣ୍ଡରର ଫଟୋ ସୁଟ୍ ପାଇଁ ଉକ୍ତ ପୋଷାକ ପିନ୍ଧିଥିଲେ। ପରେ ତାହାକୁ ନେଇ କ୍ୟାଲେଣ୍ଡର ପ୍ରସ୍ତୁତ ହୋଇଥିଲା। ଏହି ପ୍ରୋଜେକ୍ଟରେ କାମ କରିଥିବା ଛାତ୍ରୀଛାତ୍ରମାନେ ହେଲେ ପ୍ରୀତିଲିନା ସାହୁ, ମହେଶ ଦାସ, ପୂଜା ଅଗ୍ରୱାଲ, ଲଭ୍‌ଲି ୱାଲୋନୀ, ପଦ୍ମିନୀ ବରାଳ, ସାଲିନୀ କୁମାର, ସୁଚିତ୍ରା ଡାଙ୍ଗୁଆ, ଦିଲେଶ୍ୱରୀ ମହାକୁଡ଼, ସୌମ୍ୟାଶ୍ରୀ ଦାସ ଓ ସତ୍ୟ ସନାତନ ପାତ୍ର।

# କାର୍‌କୁ ଧକ୍କା ଦେଲା ଟ୍ରକ୍: ବିଦେଶୀ ପର୍ଯ୍ୟଟକ ଦମ୍ପତି ଗୁରୁତର

**ଚିଲିକା,୨୨।୨(ଡ଼ି.ଏନ୍.ଏ.)**

ବାଣପୁର ଥାନା ନାରୁଣୀ ଫାଣ୍ଡି ଅଧୀନ ୧୬ନଂ ଜାତୀୟ ରାଜପଥ ବଡ଼ପଦର ଛକଠାରେ ଶନିବାର ଏକ କାର୍‌କୁ ଲାଇନ୍ ଟ୍ରକ୍ ଧକ୍କା ଦେବାରୁ ବିଦେଶୀ ପର୍ଯ୍ୟଟକ ଦମ୍ପତି ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, ଲଣ୍ଡନର ହାରୋ ସହର ବାସିନ୍ଦା ଦୁଇ ଭାରତୀୟ ବଂଶୋଦ୍ଭବ ମହେନ୍ଦ୍ର ଲକ୍ଷନ୍ (୭୨) ଓ ତାଙ୍କ ସ୍ତ୍ରୀ ଅରୁନା ଲକ୍ଷନ୍ (୭୦) ଚିଲିକା ପର୍ଯ୍ୟଟନରେ ଆସିଥିଲେ। ଶନିବାର ସେମାନେ କାର (ନଂ. ଓଡ଼ି୩୩ଏଏ-୪୪୬୬) ଯୋଗେ ଭୁବନେଶ୍ୱର ଫେରୁଥିବା ବେଳେ ବଡ଼ପଦରଠାରେ ରାସ୍ତା ଅତିକ୍ରମ କରୁଥିବା ଭିକାରୀକୁ ଦେଖି ଅଟକି ଯାଇଥିଲେ। ଏହି ସମୟରେ ହଠାତ୍ ପଛରୁ ଆସୁଥିବା ଟ୍ରକ୍ (ନଂ.ଓଡ଼ି୦୨ଏଏଚ୍-୭୧୧୧) କାର୍‌କୁ ଧକ୍କା




ଦେଇଥିଲା। ଏଥିରେ କାର୍‌ଟି ଭାଙ୍ଗିରୁଜି ଯାଇଥିବାବେଳେ ବିଦେଶୀ ଦମ୍ପତି ଗୁରୁତର ହୋଇଥିଲେ। ନାରୁଣୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଚାଳକ ଗାଡ଼ି ନେଇ ୭ କିଲୋମିଟର ଦୂର କୁହୁଡ଼ି ଫାଣ୍ଡିରେ ଆତ୍ମ ସମର୍ପଣ କରିଛନ୍ତି। ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ଭୁବନେଶ୍ୱର,୨୨।୨(ବ୍ୟୁରୋ)**

ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶୈଳେଶ୍ରୀବିହାର ତାରିଣୀ ମନ୍ଦିର ନିକଟରେ ରହୁଥିବା ଜଣେ ଯୁବକଙ୍କର ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ବାଙ୍କୀର ରାଜେଶ କୁମାର ପ୍ରଧାନ(୨୬)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ମିଳିଥିବା ସୂଚନାନୁଯାୟୀ, ଦୁଇ ମାସ ପୂର୍ବରୁ ରାଜେଶ ବାପାଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ରାଜେଶଙ୍କ ମାନସିକ ସ୍ଥିତି ଭଲ ନ ଥିଲା। ସେ ଭୁବନେଶ୍ୱର ପଳାଇ ଆସି ଏକ ଘରୋଇ କେମିକାଲ ପ୍ରସ୍ତୁତକାରୀ ସଂସ୍ଥାରେ କାର୍ଯ୍ୟ କରିବା ସହ ଶୈଳଶ୍ରୀବିହାରରେ ରହୁଥିଲେ। ଶୁକ୍ରବାର ଘରକୁ ଫୋନ୍ କରି ତାଙ୍କ ମା'କୁ ଛାତି ପୋଡୁଥିବା କଥା କହିଥିଲେ। ରାତି ୯ଟାରେ ସେ ରହୁଥିବା ରୁମ୍ ଆଗରେ ବାନ୍ତି କରୁଥିବା ଘର ମାଲିକ ଦେଖିବାକୁ ପାଇଥିଲେ। ଏହାପରେ ତାଙ୍କୁ ଘର ମାଲିକ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ ମଧ୍ୟ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ତଦନ୍ତବେଳେ ରାଜେଶ ରହୁଥିବା ଘରୁ ମଦ ବୋତଲ ପଡିଥିବା ଦେଖିବାକୁ ମିଳିଥିଲା। ଘଟଣା ପରଠାରୁ ଉକ୍ତ ଘରେ ରହୁଥିବା ଅନ୍ୟ ସାଙ୍ଗମାନେ ଫେରାର ହୋଇଯାଇଥିବାରୁ ତାଙ୍କୁ ମଦରେ କେହି ବିଷ ଦେଇ ମାରି ଦେଇଥିବା ସନ୍ଦେହ କରାଯାଉଛି। ଏନେଇ ପୋଲିସ ଘଟଣାର ଅଧିକ ତଦନ୍ତ ଚଳାଇଛି।

# ୧୩୧କିଲୋ ଗଞ୍ଜେଇ ଜବତ: ୪ଗିରଫ

**କଟକ ଅଫିସ,୨୨।୨:** କଟକ ଅବକାରୀ ବିଭାଗ ପକ୍ଷରୁ ନିର୍ଗୁଣ୍ଡି ଟୋଲ୍‌ଗେଟ୍ ପାଖରେ ଚଢାଉ କରାଯାଇ ୧୩୧ କିଲୋ ଗଞ୍ଜେଇ ଜବତ କରାଯାଇଛି। ଏଥିସହ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ କେ. ଲକ୍ଷ୍ମଣ ରାଓ(୪୨), ତ୍ରିନାଥ ହନ୍ତାଳ(୨୭), ଶେକ୍ ସାହାନି(୪୨) ଏବଂ ଶେକ୍ ମହମ୍ମଦ ମୋହସିନ୍(୩୨)। ଲକ୍ଷ୍ମଣ ଏବଂ ତ୍ରିନାଥଙ୍କ ଘର କେନ୍ଦୁଝର ଜିଲାରେ ହୋଇଥିବା ବେଳେ ଅନ୍ୟ ଦୁଇ ଅଭିଯୁକ୍ତଙ୍କ ଘର ପଶ୍ଚିମବଙ୍ଗରେ ବୋଲି ଜଣାପଡିଛି। ଗଞ୍ଜେଇକୁ ଏକ ବୋଲୋରା(ଓଆର୍୦୨ଏଏସ୍-୪୧୫୯) ଗାଡିରେ କୋରାପୁଟରୁ ପଶ୍ଚିମବଙ୍ଗକୁ ଚାଲାଣ କରାଯାଉଥିଲା। ଖବରପାଇ ଅବକାରୀ ବିଭାଗ ସେଠାରେ ଚଢାଉ କରିଥିଲା। ଏ ନେଇ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା ରୁଜୁ ହୋଇଛି।







# କାର୍ଯ୍ୟରେ ଯୋଗଦେଲେ ଆର୍‌ପିଏଫ୍ ମଣ୍ଡଳ ସୁରକ୍ଷା ଆୟୁକ୍ତ

**ଭୁବନେଶ୍ୱର,୨୨।୨(ବ୍ୟୁରେ)**

ନବନିଯୁକ୍ତ ଆରପିଏଫ୍ ମଣ୍ଡଳ ସୁରକ୍ଷା ଆୟୁକ୍ତ(ଡିଏସ୍‌ସି) ପି. ମୂରଲୀକ୍ରିଷ୍ଣା ଶନିବାର କାର୍ଯ୍ୟରେ ଯୋଗଦେଇଛନ୍ତି। ଏଥିନିମନ୍ତେ ଖୋର୍ଦ୍ଧାସ୍ଥିତ ଡିଏସ୍‌ସି କାର୍ଯ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ହୋଇଥିଲା। ଏହାପରେ ୧୫ ଆରପିଏଫ୍ ଥାନାର ଅଧିକାରୀଙ୍କୁ ନେଇ ଏକ ବୈଠକ ହୋଇଥିଲା। ଆରପିଏଫ୍ ଅଧିକାରୀମାନଙ୍କୁ ଦୁର୍ନୀତିମୁକ୍ତ ହେବାକୁ ଡିଏସ୍‌ସି ମୂରଲୀକ୍ରିଷ୍ଣା ପରାମର୍ଶ ଦେଇଥିଲେ। ଯାତ୍ରୀଙ୍କ ଧନଜୀବନ ସୁରକ୍ଷା, ବିଶେଷ କରି ମହିଳା ଯାତ୍ରୀଙ୍କ ନିରାପତ୍ତା ଉପରେ ଅଧିକ ଗୁରୁତ୍ୱ ଦେବାକୁ ସେ କହିଥିଲେ। ସିସିଟିଭି ଫୁଟେଜ ମାଧ୍ୟମରେ ଚୋର, ଲୁଟେରାମାନଙ୍କୁ ଚିହ୍ନଟ କରି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ମହିଳାଙ୍କ ସୁରକ୍ଷା ପାଇଁ ସୁଭଦ୍ରା ବାହିନୀ ନାମରେ ଏକ ଟିମ୍ ଗଢ଼ାଯାଇଛି। ଏହି ଟିମ୍ ଟ୍ରେନରେ ଯିବା ସମୟରେ ମହିଳାଙ୍କ ଉପରେ



ଆର୍‌ପିଏଫ୍ ଥାନା ଅଧିକାରୀମାନଙ୍କ ସହ ବୈଠକ।

ହେଉଥିବା ନିର୍ଯାତନା ସମ୍ପର୍କରେ ତନାଘନା କରିବେ। ବୈଠକରେ ସୁଭଦ୍ରା ଟିମ୍‌ର ଦାୟିତ୍ୱ ନେଇଥିବା ସବିତା ରଥ ଯୋଗଦେଇଥିଲେ। ଟ୍ରେନଲାଇନରେ ହେଉଥିବା ଆତ୍ମହତ୍ୟା, ଚଳନ୍ତା ଟ୍ରେନକୁ ପଥରମାଡ଼, ଚେନ୍ ପୁଲିଂ ଆଦି ରୋକିବା ପାଇଁ ବିଭିନ୍ନ ବସ୍ତି ଏବଂ ଜନଗହଳି ସ୍ଥାନରେ ସଚେତନ କରିବାକୁ ଅଧିକାରୀମାନଙ୍କୁ ଡିଏସ୍‌ସି ନିର୍ଦ୍ଦେଶ ଦେଇଛନ୍ତି। ଦୁଇଜଣ ଆରପିଏଫ୍ କନ୍‌ଷ୍ଟେବଳ ଏମ୍.ଭଗବତୀ ରାଓ ଏବଂ ସୁବ୍ରତ ମହାରଣା ଯାତ୍ରୀଙ୍କ ଜୀବନ ବଞ୍ଚାଇଥିବାରୁ ସେମାନଙ୍କୁ ଡିଏସ୍‌ସି ଧନ୍ୟବାଦ ଜଣାଇଥିଲେ।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



"ଅନ୍ତର୍ନିହିତ ଦେବତ୍ୱ ବିକାଶର ନାମ ହିଁ ଧର୍ମ।
- ସ୍ୱାମୀ ବିବେକାନନ୍ଦ



## ଏ ସପ୍ତାହର କାର୍ଯ୍ୟକ୍ରମ

**ରବିବାର(୨୩।୨।୨୦୨୦)**

**ଭୁବନେଶ୍ୱର**
- ୟୁଥ୍ ଫର ଭଲ୍ୟୁଣ୍ଟାରୀ ୱାର୍କ ପକ୍ଷରୁ କ୍ରିକେଟ ମ୍ୟାଚ, ପ୍ରଗତି ସ୍ପୋର୍ଟିଂ, ୟୁନିଟ-୬, ସକାଳ ୯ଟା।
- ବିଜେବି କଲେଜର ଆଇଏମ୍‌ବିଏ ବିଭାଗ ପକ୍ଷରୁ ଦିନିକିଆ ଜାତୀୟ ସେମିନାର, ହଲ ନଂ ୧୦୮, ନ୍ୟୁ ଆର୍ଟସ୍ ବ୍ଲକ ବିଲ୍ଡିଂ, ପୂର୍ବାହ୍ନ ୧୦ଟା।
- ରିଜିଓନାଲ ଇନଷ୍ଟିଚ୍ୟୁଟ ଅଫ ଏଜୁକେଶନ ପକ୍ଷରୁ ଅନ୍ତର୍ଜାତୀୟ ସମ୍ମିଳନୀ, ନୂତନ ଅଡିଟୋରିୟମ, କ୍ୟାମ୍ପସ ପରିସର, ସଚିବାଳୟ ମାର୍ଗ, ପୂର୍ବାହ୍ନ ୧୦ଟା।
- ସାପ୍ତାହିକ ଖବରକାଗଜ ପ୍ରବାହର ତ୍ରୟୋଦଶ ସ୍ୱନକ୍ଷତ୍ର ଉତ୍ସବ, ସୂଚନା ଭବନ, ପୂର୍ବାହ୍ନ ୧୦ଟା ୩୦।
- ଅଭିଲେଖୀ ସପ୍ତାହ ପାଳନ ଉତ୍ସବ, ଓଡ଼ିଶା ରାଜ୍ୟ ଅଭିଲେଖାଗାର, ମଧ୍ୟାହ୍ନ ୧୨ଟା।
- କିଡସ୍ ଡ୍ରିମ ପ୍ଲେ ସ୍କୁଲର ଦ୍ୱିତୀୟ ବାର୍ଷିକ ଉତ୍ସବ, ଗୋପୀନାଥ ଦେବ ହାଇସ୍କୁଲ, ଜିଜିପି କଲୋନୀ, ଅପରାହ୍ନ ୫ଟା।
- ରାଜ୍ୟସ୍ତରୀୟ ହିନ୍ଦୁସ୍ଥାନୀ ସଙ୍ଗୀତ ସମାରୋହ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଶ୍ୱେତ ସଂକେତ ସାରସ୍ୱତ ମଞ୍ଚର ମାସିକ ସାହିତ୍ୟ ଆସର ଓ କବିତା ପାଠୋତ୍ସବ, ରାଜଧାନୀ କଳା ସଂସଦ, ସନ୍ଧ୍ୟା ୬ଟା।
- କଳିଙ୍ଗ ଭାରତୀ ଓ ଉତ୍କଳ ଛାତ୍ର ସାହିତ୍ୟ ସମାଜ ପକ୍ଷରୁ ପୁସ୍ତକ ଉନ୍ମୋଚନ, ବୁଦ୍ଧ ମନ୍ଦିର, ୟୁନିଟ-୯, ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ସମର୍ପଣ-୨୦୨୦, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ବଚପନ ପ୍ଲେ ସ୍କୁଲର ଉଦ୍‌ଘାଟନ ସମାରୋହ, ଶହୀଦ ନଗର, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**
- ଅଷ୍ଟପ୍ରହର ନାମଯଜ୍ଞର ନଗରକୀର୍ତ୍ତନ ମହୋତ୍ସବ, ନଖରାସ୍ଥିତ ଶ୍ରୀଲକ୍ଷେଶ୍ୱର ମହାଦେବ ପୀଠ, ସକାଳ ୮ଟା।
- ବାଦିପାଲା ପରିବେଷଣ, ଶାଳେଶ୍ୱର, ରାତି ୭ଟା।

**ସୋମବାର(୨୪।୨।୨୦୨୦)**

**ଭୁବନେଶ୍ୱର**
- ଇନଷ୍ଟିଚ୍ୟୁଟ ଅଫ୍ ଲାଇଫ୍ ସାଇନ୍ସ ପକ୍ଷରୁ ନ୍ୟାଶନାଲ କନକ୍ଲେଭ, ଆଇଏଲ୍ଏସ୍ ଅଡିଟୋରିୟମ, ନାଲ୍‌କୋ ଛକ, ସକାଳ ୯ଟା ୩୦।
- ଅଭିଲେଖୀ ସପ୍ତାହ ପାଳନ ଉତ୍ସବ, ଓଡ଼ିଶା ରାଜ୍ୟ ଅଭିଲେଖାଗାର, ମଧ୍ୟାହ୍ନ ୧୨ଟା।।

**ବାଲିଅନ୍ତା**
- ବାଦିପାଲା ପରିବେଷଣ, ଶାଳେଶ୍ୱର, ରାତି ୭ଟା।

**ମଙ୍ଗଳବାର(୨୫।୨।୨୦୨୦)**

**ଭୁବନେଶ୍ୱର**
- ଇନଷ୍ଟିଚ୍ୟୁଟ ଅଫ୍ ଲାଇଫ୍ ସାଇନ୍ସ ପକ୍ଷରୁ ନ୍ୟାଶନାଲ କନକ୍ଲେଭ, ଆଇଏଲ୍ଏସ୍ ଅଡିଟୋରିୟମ, ନାଲ୍‌କୋ ଛକ, ପୂର୍ବାହ୍ନ ୧୦ଟା।

**ବାଲିଅନ୍ତା**
- ବାଦିପାଲା ପରିବେଷଣ, ଶାଳେଶ୍ୱର, ରାତି ୭ଟା।

**ଶୁକ୍ରବାର(୨୮।୨।୨୦୨୦)**

**ଭୁବନେଶ୍ୱର**
- ଭାରତୀୟ ସର୍ବେକ୍ଷଣ ବିଭାଗ ପକ୍ଷରୁ ଜାତୀୟ ବିଜ୍ଞାନ ଦିବସ, ସର୍ବେକ୍ଷଣ ଭବନ, ଜାଭିୟର ଛକ, ଚନ୍ଦ୍ରଶେଖରପୁର, ପୂର୍ବାହ୍ନ ୧୦ଟା ୩୦।

**ଶନିବାର(୨୯।୨।୨୦୨୦)**

**ଭୁବନେଶ୍ୱର**
- ୟୁରୋ କିଡ୍‌ସ ପ୍ରି ସ୍କୁଲର ବାର୍ଷିକ ଉତ୍ସବ, ସୂଚନା ଭବନ, ପୂର୍ବାହ୍ନ ୧୦ଟା ୩୦।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନ ଦେଲା ଋଣ**
**ପିତା ଦୁଉଣ, ଝିଅ ମରଣ**
**ଆଗେ ଅବିଗୁଣ, ପଛକୁ ଗୁଣ ।**

ଉପରୋକ୍ତ ବର୍ଣ୍ଣିତ ଅବସ୍ଥା ଭୁକ୍ତଭୋଗୀ ବ୍ୟକ୍ତି ପକ୍ଷେ ସହ୍ୟ କରିବା ଅତୀବ କଷ୍ଟକର ବା ଦୁଃଖଦାୟୀ ହୋଇଥାଏ । ପରନ୍ତୁ ଏହା ପଛରେ ଲୁଚି ରହିଥିବା ପ୍ରକୃତ ବାସ୍ତବତା ପରିଶେଷରେ ଉକ୍ତ ବ୍ୟକ୍ତି ଲାଗି ହିତକର ସାବ୍ୟସ୍ତ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିଜେ ରାନ୍ଧି ନିଜେ ଖାଏ**
**ପରଶଂସା କରୁଥାଏ ।**

ନିଜେ ରାନ୍ଧି ନିଜେ ଖାଇ ସୁଆଦିଆ ଲାଗୁଥିବା କହିବାରେ କୌଣସି ଯଥାର୍ଥତା ରହି ନ ଥାଏ । ସାଧାରଣତଃ ସଭିଏଁ ନିଜକୁ ଭଲ ବୋଲି ଦେଖେଇ ହୁଅନ୍ତି ବା କହି ହୁଅନ୍ତି। କିନ୍ତୁ ପ୍ରକୃତରେ ସିଏ ହିଁ ଭଲ ଯାହାକୁ ସମସ୍ତେ କହିଥାନ୍ତି। ନିଜ ମୁହଁରେ ନିଜର ପ୍ରଶଂସା କରିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ସଂକ୍ଷେପରେ

### ଖ୍ରୀଷ୍ଟ କଲେଜ ବିଜ୍ଞାନ ସଂସଦର ବାର୍ଷିକ ପାଠଚକ୍ର

**କଟକ ଅଫିସ,୨୨।୨:** ଖ୍ରୀଷ୍ଟ କଲେଜ ବିଜ୍ଞାନ ସଂସଦର ବାର୍ଷିକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଡ. ସିଦ୍ଧାର୍ଥ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପାଠଚକ୍ରରେ 'ଏକବିଂଶ ଶତାବ୍ଦୀରେ ପ୍ରଗତି' ଶୀର୍ଷକ ବିଷୟରେ ଆଲୋଚନା ହୋଇଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ସମାଜର ପୂର୍ବତନ ସମ୍ପାଦକ ଡ. ପ୍ରମୋଦ କୁମାର ମହାପାତ୍ର ଯୋଗଦେଇଥିଲେ। ବିଜ୍ଞାନ ସଂସଦର ସଂଯୋଜକ ଡ. ପ୍ରଦୀପ୍ତ କୁମାର ପତି ସ୍ୱାଗତ, ଡ. ସ୍ୱାତୀ ମହାନ୍ତି ଅତିଥି ପରିଚୟ ପ୍ରଦାନ ଓ ଅଧାପିକା ମିତାଞ୍ଜଳୀ ଜେଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧାପିକା ଡ. ଆନନ୍ଦିନୀ ରାଉତ ଧନ୍ୟବାଦ ଦେଇଥିଲେ। ଏହି ପାଠଚକ୍ରରେ ଉପାଧକ୍ଷ ଡ. ଦେବଯାନୀ ଦାଶଙ୍କ ସହିତ ବହୁ ସଂଖ୍ୟାରେ ଅଧାପିକାଅଧାପକ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ।

### କହ୍ନେଇଙ୍କୁ ଭେଟିଲେ ୫ମ ଶ୍ରେଣୀ ଛାତ୍ରୀ

**କଣ୍ଟାପଡା,୨୨।୨(ଡି.ଏନ୍.ଏ.):** ନ୍ୟୁରୋ ଫାଇବ୍ରୋମେଟାସିସ ରୋଗରେ ଆକ୍ରାନ୍ତ ହୋଇ ଏସ୍‌ଭି ନିରତାରରେ ଚିକିତ୍ସିତ ହେଉଥିବା ନାହାଳପୁରର କହ୍ନେଇ ପ୍ରଧାନଙ୍କୁ ଶନିବାର ରେଭେନ୍‌ଶା କଲେଜିଏଟ ସ୍କୁଲର ୫ମ ଶ୍ରେଣୀ ଛାତ୍ରୀ ସ୍ୱୟଂଶତାବ୍ଦୀ ବେହେରା ଭେଟିଛନ୍ତି। ଏହା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ। ସ୍ୱୟଂଶତାବ୍ଦୀ ତାଙ୍କ ବାପା କୈଳାସ ବେହେରାଙ୍କ ସହ ଆସି କହ୍ନେଇଙ୍କୁ ଭେଟିବାସହ ୫୦୦ଟଙ୍କା ପ୍ରଦାନ କରିଥିବା ଜଣାପଡିଛି।

### ୩ ପ୍ରମୁଖ ଦଳର ପ୍ରାର୍ଥୀ ଘୋଷଣା

**କଟକ ସଦର,୨୨।୨(ଡି.ଏନ୍.ଏ.):** କଟକ ଜିଲା ପରିଷଦ ୭ନଂ. ଜୋନ ମଧବର୍ତ୍ତିକାଳୀନ ନିର୍ବାଚନ ପାଇଁ ୩ ପ୍ରମୁଖ ଦଳର ପ୍ରାର୍ଥୀ ଘୋଷଣା କରାଯାଇଛି। ବିଜେଡିରୁ ବିଳାସ ଚନ୍ଦ୍ର ମଲ୍ଲିକ ପ୍ରାର୍ଥୀ ହୋଇଥିବା ବେଳେ କଂଗ୍ରେସ ଦଳ ନାରାୟଣ ଚନ୍ଦ୍ର ମଲ୍ଲିକ ଓ ଭାଜପା ନାରାୟଣ ଚନ୍ଦ୍ର ମଲ୍ଲିକଙ୍କ ନାମ ଘୋଷଣା କରିଛି। ଏହି ୩ ମଲ୍ଲିକଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ତୀବ୍ରତର ହେବ ବୋଲି ସାଧାରଣରେ ଆଲୋଚନା ହେଉଛି।

### ଦୋଳଯାତ୍ରା ପ୍ରସ୍ତୁତି ବୈଠକ

**ଚୌଦ୍ୱାର,୨୨।୨(ଡି.ଏନ୍.ଏ.):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଆଗ୍ରାହାଟ ଗ୍ରାମରେ ଆସନ୍ତା ମାର୍ଚ୍ଚ ମାସ ୬ ଓ ୭ତାରିଖ ଦୁଇ ଦିନ ଧରି ଦୋଳଯାତ୍ରା ଅନୁଷ୍ଠିତ ହେବ। ଏ ନେଇ ଶନିବାର ଆଗ୍ରାହାଟ ଦୋଳଯାତ୍ରା ପୂଜା କମିଟି ସଭାପତି ପ୍ରମୋଦ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କଲ୍ୟାଣମଣ୍ଡପ ପରିସରରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଆଇଆଇସି ପଦ୍ମନାଭ ପ୍ରଧାନ, ସେସୁ ସହକାରୀ ଯନ୍ତ୍ରୀ ସନ୍ତୋଷ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହିତ ସମାପନ ପାଇଁ ଆଲୋଚନା କରାଯାଇଥିଲା। ଏଥିସହିତ ଉପସ୍ଥିତ ଗ୍ରାମବାସୀଙ୍କ ମତାମତ ଉପରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ୍ତ ବେହେରା, ସରୋଜକାନ୍ତ ବରାଳ, ରମେଶ ଚନ୍ଦ୍ର ବେହେରା, ପ୍ରିୟବ୍ରତ ସ୍ୱାଇଁ, ହୃଷୀକେଶ ରାଉତ, ଧର୍ମାନନ୍ଦ ବେହେରାଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

# କଟକ ନେତାଜୀବାଗ୍‌ରେ ସତ୍ୟାଗ୍ରହ

**ସିଏଏ, ଏନ୍‌ଆର୍‌ସି, ଏନ୍‌ପିଆର୍‌କୁ ବିରୋଧ**

**କଟକ ଅଫିସ,୨୨।୨**



ନେତାଜୀବାଗ୍‌ରେ ଧାରଣା ଦିଆଯାଉଛି।

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ), ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ଏବଂ ଜାତୀୟ ଜନସଂଖ୍ୟା ପଞ୍ଜିକା (ଏନ୍‌ପିଆର୍)କୁ ବିରୋଧକରି ଦିଲ୍ଲୀର ଶାହିନ୍‌ବାଗରେ ଦୀର୍ଘଦିନ ହେଲା ଚାଲିଥିବା ଆନ୍ଦୋଳନକୁ ନେଇ ଏବେ ସାରା ଦେଶରେ ଚର୍ଚ୍ଚା ଲାଗିରହିଛି। ବିଶେଷକରି ଏହି ଆନ୍ଦୋଳନରେ ଅଧିକ ସଂଖ୍ୟାରେ ମହିଳା ଭାଗନେଉଥିବା ଯୋଗୁ ଆଲୋଚନାର ବିଷୟ ପାଲଟିଛି। ଅନ୍ୟପକ୍ଷରେ ଶାହିନ୍‌ବାଗ୍ ଢାଞ୍ଚାରେ ଦେଶର ଅନ୍ୟ କେତେକ ସହରରେ ମଧ୍ୟ ସମାନଧରଣର ବିକ୍ଷୋଭ ପ୍ରଦର୍ଶନ ଦେଖିବାକୁ ମିଳୁଛି। କଟକର ନେତାଜୀବାଗ୍‌ରେ ମଧ୍ୟ ଶାହିନବାଗ୍‌ର ଝଲକ ଦେଖାଦେଇଛି। ସିଏଏ, ଏନ୍‌ଆରସି ଏବଂ ଏନ୍‌ପିଆର୍ ବିରୋଧରେ କଟକ ନେତାଜୀବାଗ୍‌ଠାରେ ଆମେ ସମସ୍ତେ ଭାରତବାସୀ (କଟକ) ବ୍ୟାନର୍‌ରେ ଜାନୁୟାରୀ ୨୩ ତାରିଖରୁ ଅହୋରାତ୍ର ସତ୍ୟାଗ୍ରହ ଧାରଣା ଜାରି ରହିଛି। ପ୍ରତିଦିନ ପୂର୍ବାହ୍ନ ୧୧ରୁ ଅପରାହ୍ନ ୧ଟା ଏବଂ ସନ୍ଧ୍ୟା ୭ଟାରୁ ୧୦ଟା ପର୍ଯ୍ୟନ୍ତ ସାଧାରଣ ସଭା ଆୟୋଜନ କରାଯାଉଛି। ଏଠାରେ ବହୁ ସଂଖ୍ୟାରେ ବକ୍ତା, ବୁଦ୍ଧିଜୀବୀ ଯୋଗଦେଇ ବକ୍ତବ୍ୟ ମାଧ୍ୟମରେ କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରୁଛନ୍ତି। ଏହି ଆନ୍ଦୋଳନରେ ବହୁ ମହିଳା ସାମିଲ ହୋଇଛନ୍ତି। ପ୍ରତ୍ୟେକ ଗୁରୁବାର ମୁସଲିମ୍ ମହିଳାମାନେ ସାରାଦିନ ରୋଜା(ଉପବାସ)ରେ ରହି ଆନ୍ଦୋଳନରେ ଭାଗନେଉଛନ୍ତି। ସନ୍ଧ୍ୟାରେ ସାମୂହିକ ଭାବେ ମଞ୍ଚରେ ଇଫ୍‌ତାର କରି ଉପବାସ ଭାଙ୍ଗୁଛନ୍ତି। କେନ୍ଦ୍ର ସରକାର ଉକ୍ତ ନିଷ୍ପତ୍ତିକୁ ପ୍ରତ୍ୟାହାର ନ କରିବା ପର୍ଯ୍ୟନ୍ତ ଏହି ବିକ୍ଷୋଭ ଜାରି ରହିବ ବୋଲି ବିକ୍ଷୋଭକାରୀ କହିଛନ୍ତି।

ଜାତି, ଧର୍ମ, ବର୍ଣ୍ଣ ଓ ଦଳ ନିର୍ବିଶେଷରେ ସାହି କମିଟି, ପୂଜା କମିଟି, ମସ୍‌ଜିଦ୍ କମିଟି, ମୋହଲ୍ଲା କମିଟି, କ୍ଲବ କମିଟି, ଏନ୍‌ଜିଓ, ଗୁରୁଦ୍ୱାର କମିଟି, ଚର୍ଚ୍ଚ କମିଟିର ସଭାପତି ଏବଂ ସମ୍ପାଦକମାନେ ଉକ୍ତ ଆନ୍ଦୋଳନକୁ ସମର୍ଥନ ଜଣାଇ ନିଜ ଉପସ୍ଥିତି ଜାହିର କରୁଛନ୍ତି ବୋଲି ଆନ୍ଦୋଳନର ନେତୃତ୍ୱ ନେଉଥିବା ମୁସ୍‌ଲିମ ଓ ଦଳିତ ସୁରକ୍ଷା ମଞ୍ଚର ରାଜ୍ୟ ସଭାପତି ଶେଖ୍ ମୁନ୍ତାକିମ୍ ବକ୍ସ କହିଛନ୍ତି। ଏହି ଧାରଣାରେ ମୌଲାନା ସୟଦ୍ ସଦ୍ଦରୁଦ୍ଦିନ, ମୁଫ୍‌ତି ସିବଗତଉଲ୍ଲା, ନୌସାଦ୍ ଆଲାମ୍, ଶେଖ ମୁସ୍ତାକ୍ ଅଲ୍ଲି, ନେହା ପରୱିନ୍, ସୟଦ୍ ଅବଦୁଲ କୁଦ୍ଦୁସ୍, ଆରିଫ ଅହମ୍ମଦ ଖାନ୍, ଶେଖ ବିଟୁ, ଶେଖ ରାଜା, ଅବଦୁଲ କୟୁମ୍, ଶେଖ ଫକୀର ଖାନ୍, ସମୀର ଖାନ୍, ଚଣ୍ଡୀ ରାଓ, ନିୟାଜ୍ ଖାନ୍, ସନ୍ଦିପ୍ ରଥ, ଆଲ୍ଲା ରଖା, ଶେଖ୍ ସଲିମ୍, ନଗ୍‌ମି ବାଜି, ଆଫ୍ରିନ୍ ମଲ୍ଲିକ, ନସିମା ବେଗମ୍, ନସିମା ବିବି, ସମୀମା ବେଗମ୍, ଖତିଜା ବିବି ଓ ଅନ୍ୟମାନେ ଏହି ଧାରଣାରେ ସାମିଲ୍ ଅଛନ୍ତି।

# ସମର୍ପଣ, ସେବା ଓ ଭକ୍ତି ପ୍ରତିବଦଳରେ ଆଶୀର୍ବାଦ ମିଳେ

**କଣ୍ଟାପଡ଼ା,୨୨।୨(ଡି.ଏନ୍.ଏ.)**


ନାଟକ 'ଛାଇ'ର ଏକ ଦୃଶ୍ୟ।

ଓଲଟପୁରସ୍ଥିତ ଏସ୍‌ଭି ନିରତାରର ୩୬ତମ ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଯାଇଛି। ନିରତାର ଅଡିଟୋରିୟମରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ପଦ୍ମବିଭୂଷଣ ତଥା ରାଜ୍ୟ ସଭା ସଦସ୍ୟ ରଘୁନାଥ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ସମର୍ପଣ, ସେବା ଓ ଭକ୍ତିର ପ୍ରତି ବଦଳରେ ଆଶୀର୍ବାଦ ମିଳିଥାଏ। ଏହି ବ୍ରତରେ ବ୍ରତିହୋଇ ଦିବ୍ୟାଙ୍ଗଙ୍କ ସେବାରେ କାର୍ଯ୍ୟରତ ନିରତାର କର୍ମଚାରୀମାନେ ଏଥିପାଇଁ ହକଦାର। ଅନ୍ୟମାନଙ୍କ ମଧ୍ୟରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର କୁଳପତି ଅମରେନ୍ଦ୍ର ନାରାୟଣ ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ନିରତାର ନିର୍ଦ୍ଦେଶକ ଡା. ଶକ୍ତିପ୍ରସାଦ ଦାସ, ପ୍ରଶାସନିକ ଉପନିର୍ଦ୍ଦେଶକ ରଶ୍ମିରଞ୍ଜନ ସେଠୀ ଯୋଗଦେଇ ଅନୁଷ୍ଠାନର ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଅନୁଷ୍ଠାନର କର୍ମଚାରୀଙ୍କ ମଧ୍ୟରେ ହୋଇଥିବା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଦିନେଶ ଦାସଙ୍କ ନିର୍ଦ୍ଦେଶନାରେ ସଂସ୍କାରଧର୍ମୀ ନାଟକ'ଛାଇ'ରେ ନିରତାର କର୍ମଚାରୀମାନେ ଅଭିନୟ କରି ଉପସ୍ଥିତ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ଏଥିରେ ଡା. ପବିତ୍ର ସାହୁ, ଡା. ନରେନ୍ଦ୍ର ବେହେରା, ଲିଟୁ ମହାନ୍ତି, କନକଲତା ରାଉତ, ଜ୍ୟୋତ୍ସ୍ନା ରାଉତରାୟ, ରଶ୍ମିରଞ୍ଜନ ସେଠୀଙ୍କ ଅଭିନୟକୁ ଦର୍ଶକମାନେ ପ୍ରଶଂସା କରିଥିଲେ। ସତ୍ୟଜିତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

### ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

**କଟକ ଅଫିସ,୨୨।୨**

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ ବିନ୍ଧାଣୀ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୦୮ତମ ଶ୍ରାଦ୍ଧବାର୍ଷିକୀ ଉତ୍କଳ ସମ୍ମିଳନୀ ଆନୁକୂଲ୍ୟରେ ଶନିବାର ପାଳିତ ହୋଇଯାଇଛି। ଏସ୍‌ସିବି ମେଡିକାଲ ପରିସରରେ ଥିବା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ଶିକ୍ଷାବିତ୍ ବଂଶୀମୋହନ ଶତପଥୀଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା। ସଙ୍ଗଠନ ସମ୍ପାଦକ ନରସିଂହ ମହାପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କଟକ ମହାନଗର ନାଗରିକ ମହାସଭାର ସଭାପତି ଡା.ରବି ରଞ୍ଜନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷା, ସଂସ୍କୃତି ଓ କଳାର ବିକାଶ ଦିଗରେ ତାଙ୍କର ଅବଦାନ ଅତୁଳନୀୟ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ଭୁବନାନନ୍ଦ ମହାନ୍ତି, ଗଗନ ଚନ୍ଦ୍ର ମେହେର, ଅଶ୍ୱିନୀ ସେଠୀ, ଅରୁଣା ସାମନ୍ତରାୟ, ବିଦ୍ୟୁତ ଲାଲା, ମାଧବ ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସାଧାରଣ ସମ୍ପାଦକ ଶ୍ୟାମସୁନ୍ଦର ସାହୁ ଧନ୍ୟବାଦ ଦେଇଥିଲେ।

# ଆରମ୍ଭ ହେଲା ବିଶ୍ୱ ସବୁଜ ମହାସଂଗ୍ରାମ



**କଟକ ଅଫିସ, ୨୨।୨**

**ଏପ୍ରିଲ ୧ରେ ସାମିଲ ହେବେ ଏକ ଲକ୍ଷ ଗ୍ରୀନ୍ ଆର୍ମି**
**ଜୁଲାଇ ୧ରେ ରାଜ୍ୟରେ ୧ଲକ୍ଷ ଚାରାରୋପଣ**

ବିଶ୍ୱକୁ ସବୁଜ କରିବା ପାଇଁ ସବୁ ବର୍ଗର ଲୋକଙ୍କୁ ନେଇ କଟକରୁ ଆରମ୍ଭ ହୋଇଛି ବିଶ୍ୱ ସବୁଜ ମହାସଂଗ୍ରାମ। ପ୍ରେରଣା ଇଣ୍ଟରନ୍ୟାଶନାଲ ଗ୍ରୀନ ଆର୍ମି ପକ୍ଷରୁ ଶନିବାର ବାରବାଟୀ ଷ୍ଟାଡିୟମଠାରୁ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଏହି ଅବସରରେ ବିଶ୍ୱକୁ ସବୁଜ କରିବା ବାର୍ତ୍ତା ନେଇ ଷ୍ଟାଡିୟମଠାରୁ ବକ୍ସିବଜାର ଛକ ପର୍ଯ୍ୟନ୍ତ ଏକ ପଦଯାତ୍ରା କରାଯାଇଥିଲା। ଏଥିରେ ପ୍ରାୟ ୧୦୦୦ରୁ ଅଧିକ ବ୍ୟକ୍ତି ସାମିଲ ହୋଇଥିଲେ। ଏହା ପରେ ଷ୍ଟାଡିୟମରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଙ୍ଗଠନର କମାଣ୍ଡର ଇନ ଚିଫ୍ ଡ. ଦିଲୀପ ଶ୍ରୀଚନ୍ଦନ ସଭାପତିତ୍ୱ କରିଥିଲେ। ସେ କହିଥିଲେ ଯେ, ବିଶ୍ୱ ସମ୍ମୁଖରେ ଜଳବାୟୁ ପରିବର୍ତ୍ତନ, ବିଶ୍ୱତାପନ ବୃଦ୍ଧି, ପରିବେଶ ପ୍ରଦୂଷଣ, ସାମୁଦ୍ରିକ ଝଡ ଆଦି ମହାସଙ୍କଟ ଭାବେ ଦେଖାଦେଇଛି। ଏହାର ପ୍ରଭାବରେ ପୃଥିବୀ ପୃଷ୍ଠରେ ବହୁ ଜୀବଜନ୍ତୁ ଲୋପ ପାଇଗଲେଣି। ଏହା ସହିତ ଗଛ, ଜଙ୍ଗଲ ହ୍ରାସ ପାଉଛି। ତେଣୁ ବିଶ୍ୱକୁ ସବୁଜ ସୁନ୍ଦର କରିବା ପାଇଁ ଏହି କାର୍ଯ୍ୟକ୍ରମରେ ସାମିଲ ହେବା ଲାଗି ସେ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଗୋଟିଏ ବର୍ଷରେ ଦେଶରେ ୧କୋଟି ଅଧିକ ଚାରାରୋପଣ କରିବା। ଏଥିସହିତ ଆସନ୍ତା ଏପ୍ରିଲ ୧ରେ ପ୍ରାୟ ଏକ ଲକ୍ଷ ଗ୍ରୀନ ଆର୍ମିଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯିବ। ଜୁଲାଇ ୧ରେ ରାଜ୍ୟରେ ୧ଲକ୍ଷ ଚାରାରୋପଣ କରାଯିବ ବୋଲି ସଙ୍ଗଠନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି କାର୍ଯ୍ୟକ୍ରମରେ କଟକ ବାରବାଟୀ ବିଧାୟକ ଇଂ. ମହମ୍ମଦ ମୋକିମ, ଚଳଚ୍ଚିତ୍ର ଅଭିନେତା କୁନା ତ୍ରିପାଠୀ, ପ୍ରକାଶ ଶ୍ରୀଚନ୍ଦନ, ଅଶୋକ ସୁନ୍ଦରରାୟ, ସିନେ ଅଭିନେତା ଶ୍ରୀତମ ଦାସ, ସଙ୍ଗଠନର ସଂଯୋଜକ ସହଦେବ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେଡି ଜିଲା ସଭାପତିଙ୍କୁ ସଂଖ୍ୟାଲଘୁ ସେଲର ଶୁଭେଚ୍ଛା

**କଟକ ଅଫିସ, ୨୨।୨**

ବିଜୁ ଜନତା ଦଳର ଜିଲା ସଭାପତି ଭାବେ ନିର୍ବାଚିତ ଦେବାଶିଷ ସାମନ୍ତରାୟଙ୍କ ସମେତ ରାଜ୍ୟର ସମସ୍ତ ଜିଲାର ନୂତନ ସଭାପତିଙ୍କୁ ବିଜେଡି ସଂଖ୍ୟାଲଘୁ ସେଲ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ରାଜ୍ୟ ସରକାରଙ୍କ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ସମସ୍ତ ଅଞ୍ଚଳରେ କିପରି ପହଞ୍ଚିପାରିବ ସେ ନେଇ ସମସ୍ତଙ୍କର ଭୂମିକା ରହିବ ବୋଲି ସେଲର ଉପସଭାପତି ହାଜି ଶେଖ କମରୁଦ୍ଦିନ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କର୍ପୋରେଟର ମହମ୍ମଦ ଆରିଫ ଫେମିଦ, ନଗର ସଂଖ୍ୟାଲଘୁ ସେଲର ଉପସଭାପତି ମହମ୍ମଦ କାଦିର, ମହମ୍ମଦ ଆସିଫ, ମହମ୍ମଦ ମୁସ୍ତାକ ଅଲ୍ଲୀ ଓ ରହିବା ବିବି ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ଇଂଲିଶ ବିଭାଗର ଆଲୋଚନାଚକ୍ର

**କଟକ ଅଫିସ,୨୨।୨**

ବିଦ୍ୟାଧରପୁରସ୍ଥିତ କଟକ କଲେଜରେ ଇଂଲିଶ ବିଭାଗ ପକ୍ଷରୁ 'ରୋଲ୍ ଅଫ୍ ୱିମେନ୍ ଇନ୍ ଲିଟେରେଚର' ଶୀର୍ଷକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଡ. ସନ୍ତୋଷ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ପ୍ରଫେସର ଅନନ୍ତ ଚରଣ ଭାରତୀ ଯୋଗଦେଇ ସାହିତ୍ୟରେ ନାରୀମାନଙ୍କର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏଥିରେ ଅଧାପିକା ଡ. ମନୋରମା ସାହୁ, ଅଧାପକ ନବ କିଶୋର ସାହୁ, କଲେଜର ପ୍ରଶାସନିକ ଅଧିକାରୀ ମେଜର ପୂର୍ଣ୍ଣଚନ୍ଦ୍ର ସାହୁ, ପ୍ରାଧାପକ ଡ. କେଶବଚନ୍ଦ୍ର ସାହୁ ଓ ଅଧକ୍ଷ ଡ. ବିଦ୍ୟାଭୂଷଣ ମହାନ୍ତି ଯୋଗଦେଇଥିଲେ। ବିଭାଗୀୟ ମୁଖ୍ୟ ଡ. ପ୍ରଣତୀ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ ଓ ଅଧାପିକା ରୀତି ମିଶ୍ର ଧନ୍ୟବାଦ ଦେଇଥିଲେ।



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# 'କୁନ୍ତଳା କୁମାରୀଙ୍କ କବିତାରେ ଦେଶାତ୍ମବୋଧତା ରହିଛି'

**କଟକ ଅଫିସ, ୨୨।୨**


ଅତିଥିଙ୍କ ଗହଣରେ ସମ୍ମାନିତ ବ୍ୟକ୍ତିତ୍ୱମାନେ।

**■କୁନ୍ତଳା କୁମାରୀ ସାବତଙ୍କ ସ୍ମୃତି ସମାରୋହ**
**■୫ ପ୍ରତିଭା ସମ୍ମାନିତ**

ବିଜୁ ପଟ୍ଟନାୟକ ଛକସ୍ଥିତ ସାରଳା ଭବନଠାରେ କୁନ୍ତଳା କୁମାରୀ ସାବତଙ୍କ ସ୍ମୃତି ସମାରୋହ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଏହି ସମାରୋହକୁ ଜଷ୍ଟିସ ଦୁର୍ଗାପ୍ରସନ୍ନ ଚୌଧୁରୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଫାଉଣ୍ଡେଶନ ସଭାପତି ଡ.ପ୍ରଭାକର ସ୍ୱାଇଁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସାହିତ୍ୟିକ ତୁରଣକାନ୍ତି ମିଶ୍ର ଯୋଗଦେଇ କହିଥିଲେ, କୁନ୍ତଳା କୁମାରୀଙ୍କ କବିତାରେ ଦେଶାତ୍ମବୋଧର ସ୍ୱର ପରିଦୃଷ୍ଟ ହୋଇଥାଏ। ତାଙ୍କର ସମସ୍ତଙ୍କ କୃତୀ ଓଡ଼ିଆ ସାହିତ୍ୟର ଅମୂଲ୍ୟ ସମ୍ପଦ। ମୁଖ୍ୟବକ୍ତା ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ବିଜୟ କୁମାର ନାୟକ ଯୋଗଦେଇ କୁନ୍ତଳା କୁମାରୀ ଜଣେ ଉଚ୍ଚକୋଟୀର କବି ଏବଂ ଔପନ୍ୟାସିକ। 'ଶେଫାଳି ପ୍ରତି' କବିତା ତାଙ୍କର ଏକ ଅନବଦ୍ୟ କୃତୀ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫେସର ଡା. ନିରଞ୍ଜନ ତ୍ରିପାଠୀ ଓ ଶଲ୍ୟ ଚିକିତ୍ସକ ଡା.ରମେଶ ଚନ୍ଦ୍ର ଦାସ ଯୋଗଦେଇଥିଲେ। ଏହି ଅବସରରେ ଲେଖିକା ତଥା କାଦମ୍ବିନୀର ସମ୍ପାଦିକା ଡ.ଇତି ସାମନ୍ତଙ୍କୁ ଚଳିତବର୍ଷ ମର୍ଯ୍ୟାଦାଜନକ 'ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ ସାରସ୍ୱତ ସମ୍ମାନ' ପ୍ରଦାନ କରାଯାଇଥିଲା। ଏଥିସହିତ ଚିକିତ୍ସା କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିବା ପ୍ରଫେସର ଡା. ମହେନ୍ଦ୍ର ପ୍ରସାଦ ତ୍ରିପାଠୀ, ପ୍ରଫେସର ଡା. ଅନୋଜ କୁମାର ବଳିୟାରସିଂହ, ପ୍ରଫେସର ଡା. ସୁରେନ୍ଦ୍ରନାଥ ସ୍ୱାଇଁ ଏବଂ ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ରଙ୍କୁ ସମ୍ମାନଜନକ 'ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ ଚିକିତ୍ସାବିତ ସମ୍ମାନ' ପ୍ରଦାନ କରାଯାଇଥିଲା। ଫାଉଣ୍ଡେଶନ ସମ୍ପାଦକ ଚୌଧୁରୀ ସତ୍ୟ ରାୟ ସ୍ୱାଗତ ଭାଷଣ ଏବଂ ଉପସଭାପତି ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ଅତିଥି ପରିଚୟ ଦେଇଥିଲେ। ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ମହେଶ୍ୱର ମହାନ୍ତି, ଡ. ନିମାଇଁ ଚରଣ ପରିଜା, ଡ. ଭାଗବତ ଶୁକ୍ଳା, ଝୁମ୍‌ଝୁମ୍ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



କାମ କରୁଥିବାବେଳେ ଯେଉଁ ଲୋକ ମନ ଖୋଲା ଗୀତ ଗାଏ, ସେ' ହିଁ ଦୁନିଆରେ ପ୍ରକୃତ ସୁଖୀ।
- କାର୍ଲାଇଲ



**ସଂକ୍ଷେପରେ**

## ଅନ୍ତର୍ଜାତୀୟ ମାତୃଭାଷା ଦିବସ

**ଚୌଦ୍ୱାର,୨୨।୨(ଡି.ଏନ୍.ଏ.):** ଗାନ୍ଧୀଛକସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ଶନିବାର ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟା କବିତା ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀ ମୌସୁମୀ ଭୁୟାଁ, ଶିଳ୍ପାଶ୍ରେୟା କର ଓ ପ୍ରୀତି ପ୍ରଯୋଜିତା ସାହୁ ଅନ୍ତର୍ଜାତୀୟ ମାତୃଭାଷା ଉପରେ ବକ୍ତୃତା ପ୍ରଦାନ କରିଥିଲେ। ଆଚାର୍ଯ୍ୟ ବାଣୀ ଭୂଷଣ ମହାନ୍ତି ସାମ୍ପ୍ରତିକ ସମାଜରେ ମାତୃଭାଷାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଆଚାର୍ଯ୍ୟ ଶ୍ରୁତିକାନ୍ତ ରାଉତ ସ୍ୱାଗତ ଭାଷଣ ଦେଇଥିବାବେଳେ ସ୍ୱର୍ଣ୍ଣଲତା ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଚାର୍ଯ୍ୟ ସ୍ନିଗ୍ଧା ନାୟକ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଗୁରୁମା, ଗୁରୁଜୀ ଓ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ଆଠଗଡ,୨୨।୨(ସ୍ୱ.ପ୍ର.):** ଆଠଗଡ଼ ଥାନା ଅନ୍ତର୍ଗତ ବେଣ୍ଟପଦା ବାଲୁଙ୍କେଶ୍ୱର ମହାଦେବଙ୍କ ପୀଠରେ ଚାଲିଥିବା ୪୨ତମ ଅଷ୍ଟପ୍ରହର ନାମଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଗୁରୁବାର ପ୍ରତ୍ୟୁଷରୁ ସୂର୍ଯ୍ୟପୂଜା, ଗୋପୂଜା ଓ ଆସ୍ଥାନ ପୂଜା କରାଯାଇଥିଲା। ବିଭିନ୍ନ ଅଞ୍ଚଳରୁ ୧୦ ସଂକୀର୍ତ୍ତନ ମଣ୍ଡଳୀ ଏଥିରେ ଯୋଗଦେଇ ଅହୋରାତ୍ର ନାମଯଜ୍ଞ କରିଥିଲେ। ଶୁକ୍ରବାର ସଂକୀର୍ତ୍ତନ ମଣ୍ଡଳୀ ନାମଯଜ୍ଞ କରିବା ସହ ସନ୍ଧ୍ୟାରେ ନଗରକୀର୍ତ୍ତନ କରିଥିଲେ। ଏଥିରେ ବିପିନବିହାରୀ ମହାପାତ୍ର, ବନମାଳୀ ସାହୁ, ପ୍ରମୋଦ ସାହୁ, ରବି ନାରାୟଣ ସାହୁ, ପବିତ୍ର ସାହୁ ଓ ପ୍ରକାଶ ସାହୁଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ।

## ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ସଂଘ ସମ୍ମିଳନୀ

**ନରସିଂହପୁର,୨୨।୨(ଡି.ଏନ୍.ଏ.):** ନରସିଂହପୁର ବ୍ଲକ ଅନ୍ତର୍ଗତ ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ସଂଘର ଏକ ସମ୍ମିଳନୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସଭାପତି ବଳଭଦ୍ର କଟିକିଆ ପୌରୋହିତ୍ୟ କରିଥିଲେ। ପରିବର୍ଦ୍ଧିତ ଶିକ୍ଷା ପଦ୍ଧତିରେ ସୁବିଧା, ଅସୁବିଧା ଏବଂ ଏଥିରେ ଅବସରପ୍ରାପ୍ତ ଶିକ୍ଷକଙ୍କ ଭୂମିକା ସମ୍ପର୍କରେ ଆଲୋଚନା ହୋଇଥିଲା। ଆଲୋଚନାରେ ଅଗାଧୁ ନାୟକ, ସଚ୍ଚିଦାନନ୍ଦ ଦାସ, ଶତ୍ରୁଘ୍ନ ନାୟକ, ସହ ସମ୍ପାଦକ ବନମାଳୀ ପାତ୍ର ଓ କାଳନ୍ଦି ଚରଣ ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ରାଜ୍ୟ ସରକାର ଜୁଲାଇ ୧୯ରୁ ୫ ପ୍ରତିଶତ ମହଙ୍ଗା ଭତ୍ତା ପ୍ରଦାନ କରିବା ପାଇଁ ଏହି ଅବସରରେ ଦାବି ଉପସ୍ଥାପନ ହୋଇଥିଲା। ଏନେଇ ଆଗାମୀ ୨ ତାରିଖରେ ନରସିଂହପୁର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରିବା ପାଇଁ ସ୍ଥିର କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମନ୍ଦରଧର ରାଉତ, ଦେବରାଜ ସ୍ୱାଇଁ, ମହେଶ୍ୱର ସାହୁ, ଶ୍ରୀନିବାସ ରଥ ଓ ସାରଥ ମନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀମା'ଙ୍କ ୧୪୩ତମ ଜନ୍ମ ଦିବସ



**ବାଙ୍କୀ, ୨୨।୨ (ସ୍ୱ.ପ୍ର.):** ବାଙ୍କୀ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶ୍ରୀମା'ଙ୍କ ୧୪୩ତମ ଜନ୍ମ ଦିବସ ମହାସମାରୋହରେ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ପ୍ରତିଷ୍ଠାତା ସଭ୍ୟ ଅଖିଳ ବୀରବର ହରିଚନ୍ଦନ ଅଧକ୍ଷତା କରିଥିଲେ। ଏହି ଅବସରରେ ଶ୍ରୀ ଅରବିନ୍ଦଙ୍କ ଜନ୍ମଦିନର ମହତ୍ତ୍ୱ ,ଶ୍ରୀମା'ଙ୍କ ଜୀବନ ସମ୍ବନ୍ଧରେ ବହୁ ତଥ୍ୟ ଉପସ୍ଥାପନ ହୋଇଥିଲା। ଉତ୍ସବରେ ଅଧକ୍ଷ ସତ୍ୟନାରାୟଣ ସାହୁ, ସଭାପତି ନବକିଶୋର ରାଉତ, ସମ୍ପାଦକ ଦାମୋଦୋର ରାଜ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ବକ୍ତୃତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଚନ୍ଦନ ସୁବୁଦ୍ଧି ମଞ୍ଚ ପରିଚାଳନା କରିଥିଲେ। ଜ୍ୟୋତ୍ସ୍ନାମୟୀ ଦାଶଙ୍କ ନିର୍ଦ୍ଦେଶନାରେ ନୃତ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ଗାନ୍ଧୀଙ୍କ ଜୀବନୀ ବଖାଣୁଛି 'ଶାନ୍ତି କେନ୍ଦ୍ର'

**ଭୁବନେଶ୍ୱର, ୨୨।୨(ବ୍ୟୁରୋ)**

୨୦୧୭ରୁ ୨୦୨୦। ବହୁ ଦିନର ପ୍ରତୀକ୍ଷା ପରେ ଶନିବାରଠାରୁ ଖଣ୍ଡଗିରି ନିକଟ ବ୍ୟାଖ୍ୟାନ କେନ୍ଦ୍ର ପରିସରରେ ଖୋଲିଛି ଗାନ୍ଧୀ ଶାନ୍ତି କେନ୍ଦ୍ର। ଏଠାରେ ରହିଥିବା ୬ ଗ୍ୟାଲେରୀ 'ଅହିଂସା ପ୍ରଦର୍ଶିକା', 'ଏକବିଂଶ ଶତାବ୍ଦୀର ମହାତ୍ମା', 'ମୋହନଦାସରୁ ମହାତ୍ମା', 'ମହାତ୍ମାରୁ ବାପୁ', 'ଗାନ୍ଧୀ ଆଦର୍ଶ', 'ପ୍ରେରଣାଦାୟକ ଏବଂ ଚିରନ୍ତନ ଗାନ୍ଧୀ ଭଣ୍ଡାର' ଗାନ୍ଧିଜୀଙ୍କ ଜୀବନ ସଂଗ୍ରାମର କଥା କହୁଛି, ଯେଉଁଥିରେ ମହାତ୍ମା ଗାନ୍ଧୀଙ୍କ ଉପରେ ସମ୍ପୂର୍ଣ୍ଣ ତଥ୍ୟ ରହିଛି। ମହାତ୍ମା ଗାନ୍ଧୀ ୮ଥର ଓଡ଼ିଶାକୁ ଆସି ବିଭିନ୍ନ ସ୍ଥାନରେ ଅବସ୍ଥାନ କରିଥିଲେ। ତାଙ୍କର ପ୍ରତିଟି ମୁହୂର୍ତ୍ତ କିପରି କଟିଥିଲା ସେସବୁକୁ ମଧ୍ୟ ଏଠାରୁ ଜାଣିବାକୁ ମିଳୁଛି। ଅହିଂସା ଛକ, ଅହିଂସା ସ୍ତମ୍ଭ, ନୀରବ ସରୋବର, ଓକିଲ ମୋହନଦାସ, ମହାତ୍ମାଙ୍କ ପ୍ରତ୍ୟାବର୍ତ୍ତନ, ବାପୁ, ହାତଖଞ୍ଜା ଅକ୍ଷର ଛାପ ଯନ୍ତ୍ର, ମହାତ୍ମା ବାଣୀ, ମହାତ୍ମାଙ୍କ ଭଜନ ଓ ଗାନ୍ଧୀଙ୍କ ସ୍ୱାକ୍ଷର ଆଦି ରହିଛି।



ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଦ୍ୱାରା ପରିଚାଳିତ ସଂଗ୍ରହାଳୟଟି ହିନ୍ଦୀ, ଇଂଲିଶ ଓ ଓଡ଼ିଆ ଭାଷାରେ ମହାତ୍ମା ଗାନ୍ଧୀଙ୍କ ଜୀବନୀ ବଖାଣୁଛି।

### ଫୋନ୍‌ରେ ଗାନ୍ଧୀଙ୍କ ଭାଷଣ

ଏହି କେନ୍ଦ୍ରରେ ଏପରି ଏକ ଟେଲିଫୋନ୍ ରଖାଯାଇଛି, ଯାହା ଉଠାଇବା କ୍ଷଣି ଶୁଣିବାକୁ ମିଳିବ ଗାନ୍ଧିଜୀଙ୍କ ଭାଷଣ। ଏହା ପର୍ଯ୍ୟଟକ ଓ ଛାତ୍ରୀଛାତ୍ରଙ୍କୁ ବେଶ୍ ଆକର୍ଷିତ କରୁଛି। ଏହାସହିତ ସେଲ୍‌ଫି ବୁଥ୍ ଓ ଫିଡ୍ ବ୍ୟାକ୍ ଜୋନ୍ ରହିଛି। ଏକ କାଚ ଗୃହରେ ସ୍ୱତନ୍ତ୍ର କ୍ୟାମେରା ଖଞ୍ଜା ହୋଇଛି, ଯେଉଁଠି ଜଣେ ବ୍ୟକ୍ତି ନିଜର ଫଟୋ ଗାନ୍ଧିଜୀଙ୍କ ସହ ଉଠାଇପାରିବେ ଏବଂ ଇମେଲ୍ ଜରିଆରେ ଉକ୍ତ ଫଟୋ ସଙ୍ଗେ ସଙ୍ଗେ ପାଇପାରିବେ। ଏହାସହିତ ଫିଡ୍‌ବ୍ୟାକ୍ ରୁମ୍‌ରେ ଥିବା ସ୍କ୍ରିନ୍‌କୁ ଟଚ୍ କରି ନିଜର ଅନୁଭୂତି ବଖାଣିଲେ ତାହା ତୁରନ୍ତ ସେଭ୍ ହୋଇ ହରିଯାଉଛି।



### ଆଶ୍ଚର୍ଯ୍ୟ କରୁଛି ଗାନ୍ଧୀଙ୍କ ଭଜନ

ଏକ ସ୍ୱତନ୍ତ୍ର କାଚ ଗୃହରୁ ଭାସି ଆସୁଛି ଗାନ୍ଧିଜୀଙ୍କ ପ୍ରିୟ ୫ ଗୀତ। ଗୁଜରାଟୀ, ବେଙ୍ଗଲୀ ଓ ହିନ୍ଦୀ ଭାଷାର ଏହି ସଙ୍ଗୀତ ପରିବେଷଣ କରାଯାଉଛି। ସେହି ସ୍ଥାନରେ ୫ ଭିନ୍ନ ଭିନ୍ନ ପରିମାଣ(ଓଜନ)ର ଲୁଣ ଡବା ରଖାଯାଇଛି। ସେଥିରୁ ଗୋଟିଏ ଡବା ଉଠାଇ ଏକ ସ୍ଥାନରେ ରଖିଲେ ଗୀତ ବଦଳିଯାଉଛି।

### ବାର୍‌କୋଡ୍ ସ୍କାନ କଲେ ମିଳୁଛି ତଥ୍ୟ

ଗାନ୍ଧୀ ଶାନ୍ତି କେନ୍ଦ୍ର କାନ୍ଥରେ ରହିଛି ଏକ ବାର୍‌କୋଡ୍। ଏହାକୁ ମୋବାଇଲ୍ ଫୋନ୍‌ରେ ସ୍କାନ୍ କଲେ ଗାନ୍ଧିଜୀଙ୍କ ସମ୍ପର୍କରେ ତଥ୍ୟ ମିଳିପାରୁଛି। ସାଉଥ୍ ଆଫ୍ରିକାରେ ୧୮୯୩ରୁ ୧୯୧୪ ପର୍ଯ୍ୟନ୍ତ ମହାତ୍ମା ଗାନ୍ଧୀଙ୍କ କାର୍ଯ୍ୟାବଳୀ ସମ୍ପର୍କରେ ହେଉ ଅବା ଗାନ୍ଧିଜୀଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିବିଶେଷଙ୍କ ସମ୍ପର୍କରେ ଜାଣି ହେଉଛି।



ଦି ହାଇକୋର୍ଟ ବାର ଆସୋସିଏଶନ ପକ୍ଷରୁ ଶନିବାର କଟକ ଶହୀଦ ଭବନରେ ଅନୁଷ୍ଠିତ ବିବୁଧେନ୍ଦ୍ର ମିଶ୍ର ସ୍ମାରକୀ ଆଇନ ବକ୍ତୃତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

# ପାରିବାରିକ କଳହରୁ ମହିଳାଙ୍କ ଆତ୍ମହତ୍ୟା

**ଆଠଗଡ,୨୨।୨(ସ୍ୱ.ପ୍ର.)**

ଆଠଗଡ଼ ଏନ୍‌ଏସି ଅନ୍ତର୍ଗତ ବାରକିଶୋରପୁରସ୍ଥିତ ମୈତ୍ରୀନଗରରେ ପାରିବାରିକ କଳହକୁ କେନ୍ଦ୍ରକରି ଶନିବାର ଜଣେ ମହିଳା ଦଉଡି ଦେଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସେ ହେଲେ ଏହି ଗ୍ରାମର ଦେବୀପ୍ରସାଦ ପଣ୍ଡାଙ୍କ ସ୍ତ୍ରୀ ସବ୍‌ନମ୍ ଏକ୍କା ଓରଫ ରୀନା ପଣ୍ଡା(୨୭)। ଏ ନେଇ ଆଠଗଡ଼ ଥାନାରେ ଅଭିଯୋଗ ହେବାପରେ ପୋଲିସ ପକ୍ଷରୁ ଅପମୃତ୍ୟୁ ମାମଲା (ନଂ. ୬/୨୦) ରୁଜୁ ହୋଇଛି। ସବ୍‌ନମ୍‌ଙ୍କ ପରିବାର ଲୋକେ ଆଠଗଡ଼ରେ ପହଞ୍ଚି ନ ଥିବାରୁ ମୃତଦେହ ଚିକିତ୍ସାଳୟରେ ରହିଛି। ସେମାନେ ଆସିବା ପରେ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଯିବ ବୋଲି ପୋଲିସ କହିଛି। ଦେବୀପ୍ରସାଦ ବାଙ୍ଗାଲୋରର ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରନ୍ତି। ସେଠାରେ ରାଉରକେଲାର ସବ୍‌ନମ୍‌ଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ୨୦୧୫ରେ ଉଭୟଙ୍କ ବିବାହ ହୋଇଥିଲା। ବିବାହ ପରେ ସେମାନଙ୍କ ଏକ କନ୍ୟା ସନ୍ତାନ ଜାତ ହୋଇଥିଲା। ମାତ୍ର ଅନେକ ସମୟରେ ବିଭିନ୍ନ କାରଣରୁ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡା ଲାଗି ରହିଥିଲା। ଏନେଇ ଉଭୟେ ବାଙ୍ଗାଲୋରର ଅଦାଲତରେ ପରସ୍ପରଠାରୁ ଅଲଗା ରହିବା ପାଇଁ ଏକ ଚୁକ୍ତିପତ୍ର କରିଥିଲେ। ସବ୍‌ନମ୍ ପ୍ରାୟ ଏକ ବର୍ଷ ହେବ ସ୍ୱାମୀ, କନ୍ୟାଙ୍କଠାରୁ ଅଲଗା ରହିବା ପରେ ପ୍ରାୟ ୩ମାସ ପୂର୍ବେ ମୈତ୍ରୀନଗର ଆସି ସ୍ୱାମୀଙ୍କ ସହ ରହୁଥିଲେ। ଶନିବାର ସକାଳେ ଦେବୀପ୍ରସାଦ ୪ ବର୍ଷର ଝିଅକୁ ସ୍କୁଲ ଛାଡ଼ିବାକୁ ଯାଇଥିଲେ। ଘରକୁ ଫେରିଲା ବେଳକୁ ଏକ ପ୍ରକୋଷ୍ଠରେ ସବ୍‌ନମ୍ ଭିତରପଟୁ କବାଟ ବନ୍ଦ କରିଥିବା ଦେଖିଥିଲେ। ବହୁ ସମୟ ଧରି ସେ କବାଟ ନ ଖୋଲିବାରୁ ଦେବୀପ୍ରସାଦଙ୍କ ସନ୍ଦେହ ହୋଇଥିଲା। ଏନେଇ ସେ ପଡୋଶୀଙ୍କୁ ଜଣାଇବା ସହ ଘରର ପଛ ପାଖ ଝରକା ଖୋଲି ସବନମ୍‌ଙ୍କୁ ଏକ ପଙ୍ଖାରେ ଝୁଲୁଥିବା ଦେଖିଥିଲେ। ଘରର ଲୁହା କବାଟ ଭିତରପଟୁ ବନ୍ଦ ଥିବାରୁ ତାଙ୍କୁ ଉଦ୍ଧାର କରିବା ସମ୍ଭବ ହୋଇ ନ ଥିଲା। ଏ ସମ୍ପର୍କରେ ପୋଲିସରେ ଖବର ଦିଆଯିବା ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଦମକଳ ବାହିନୀର ସହାୟତାରେ ଘରର କବାଟ ଭାଙ୍ଗି ସବ୍‌ନମ୍‌ଙ୍କ ମୃତଦେହ ଉଦ୍ଧାର ହୋଇଥିଲା।

# ଅଟୋ ଓଲଟି ୩ ଗୁରୁତର

**ନରସିଂହପୁର,୨୨।୨ (ଡି.ଏନ୍.ଏ.)**

**ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ପାଇଁ ଗଲାବେଳେ ଦୁର୍ଘଟଣା**

ନରସିଂହପୁର ଥାନା ଅନ୍ତର୍ଗତ ଜୋତୁମ ଗ୍ରାମର ବାଲୁଙ୍କେଶ୍ୱର ବିଦ୍ୟାପୀଠର ୮ ଜଣ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଅଟୋ ଶନିବାର ମାଟ୍ରିକ ପରୀକ୍ଷା ପାଇଁ ଯାଉଥିବା ବେଳେ ଭାରସାମ୍ୟ ହରାଇ ଓଲଟି ପଡିଛି। ଏଥିରେ ୨ଜଣ ଛାତ୍ର ଗୁରୁତର ହୋଇଥିବା ବେଳେ ଛଅ ଜଣ ଆହତ ହୋଇଛନ୍ତି। ସେହିପରି ଓଲଟି ଭାସ୍କର ସାହୁ(୭୦)ଙ୍କ ସହ ଧକ୍କା ହେବାରୁ ସେ ମଧ୍ୟ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଯୋତୁମୁଁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା କରାଇଥିବା ବେଳେ ଭାସ୍କର କଟକ ବଡ ଡାକ୍ତରଖାନା ପଠାଇଛନ୍ତି। ଛାତ୍ରୀଛାତ୍ର ପାଇଁ ପରୀକ୍ଷା ଦେବା ନିମନ୍ତେ ଏକ ଅଟୋରେ କମଳାଡିହ ଚିନ୍ତାମଣି ବିଦ୍ୟାପୀଠକୁ ଯାଉଥିବା ବେଳେ ଜିଲିଣ୍ଡା ଛକ ନିକଟରେ ଭାରସାମ୍ୟ ହରାଇଥିଲା। ଛାତ୍ରୀଛାତ୍ରମାନେ ଚିକିତ୍ସିତ ହେବା ପରେ ୧୫ ମିନିଟି ବିଳମ୍ବରେ କେନ୍ଦ୍ରରେ ପହଞ୍ଚି ମାଟ୍ରିକ ପରୀକ୍ଷା ଦେଇଥିବା ସୂଚନା ମିଳିଛି।

# ଆବାସ ଯୋଜନାରୁ ଯୋଗ୍ୟ ହିତାଧିକାରୀ ବଞ୍ଚିତ

**ଟିଗିରିଆ,୨୨।୨(ଡି.ଏନ୍.ଏ.)**

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗରିବ ଲୋକଙ୍କୁ ଗୃହ ଯୋଗାଇଦେବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କାଘର ଯୋଜନା ଆରମ୍ଭ କରିଥିବା ବେଳେ ବହୁ ଯୋଗ୍ୟ ହିତାଧିକାରୀ ଏଥିରୁ ବଞ୍ଚିତ ହେଉଛନ୍ତି। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ଟିଗିରିଆ ବ୍ଲକ ଅର୍ନ୍ତଗତ ବିନ୍ଧାଣିମା ଗ୍ରାମରେ। ଗ୍ରାମର କୁଳମଣୀ ସାମଲଙ୍କ ସ୍ତ୍ରୀ ସତ୍ୟଭାମା ସାମଲ ସ୍ୱାମୀ ଓ ପୁଅ ସହ ଏକ ଭଙ୍ଗା ଚାଳଘରେ ରୁହନ୍ତି । ସ୍ୱାମୀ ମାନସିକ ବିକାରଗ୍ରସ୍ତ ହୋଇଥିବାରୁ ବହୁ କଷ୍ଟରେ ପରିବାର ଚଳାଇଥାନ୍ତି। ସରକାରଙ୍କ ଆବାସିକ ଯୋଜନାରେ ପକ୍କାଘର ପାଇଁ ବିଭାଗୀୟ ଅଧିକାରୀଙ୍କଠାରୁ ଆରମ୍ଭ କରି ଜିଲାପାଳଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ ବୋଲି ସତ୍ୟଭାମା କ୍ଷୋଭର ସହ କୁହନ୍ତି। ପ୍ରଧାନମନ୍ତ୍ରୀ ଆବସ ଯୋଜନା କିମ୍ବା ବିଜୁ ପକ୍କାଘର ଯୋଜନାରେ ଗୃହ ଯୋଗାଇଦେବାକୁ ସେ କଟକ ଜିଲାପାଳ, ଆଠଗଡ ଉପଜିଲାପାଳ, ଟିଗିରଆ ମଣ୍ଡଳ ଉନ୍ନୟନ ଅଧିକାରୀ ଓ ବିନ୍ଧାଣିମା ସରପଞ୍ଚଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏସମ୍ପର୍କରେ ବିନ୍ଧାଣିମା ଗ୍ରାମର ସରପଞ୍ଚ ଅଜିତ ରାଉତ କହିଛନ୍ତି, ସତ୍ୟଭାମା ଆବାସ ଯୋଜନା ପାଇବାକୁ ଯୋଗ୍ୟ। ସେ ପରିବାର ସହ ଏକ ଭଙ୍ଗା ଚାଳ ଘରେ ଦିନ କାଟୁଛନ୍ତି। ଏନେଇ ସେ ପୂର୍ବରୁ ପଞ୍ଚାୟତ କାର୍ଯ୍ୟାଳୟରେ ଆବେଦନ କରିଛନ୍ତି। ସରକାରଙ୍କ ତରଫରୁ ଆଗାମୀ ଦିନରେ ସତ୍ୟଭାମାଙ୍କୁ ଏହି ଯୋଜନାରେ ସାମିଲ କରାଯିବ ବୋଲି ରାଉତ କହିଛନ୍ତି। ଏସମ୍ପର୍କରେ ଟିଗିରିଆ ବିଡିଓ ପରେଶ କୁମାର ନାୟକ କହିଛନ୍ତି ଅଭିଯୋଗ ମିଳିଛି। ବ୍ୟକ୍ତିଗତ ଭାବେ ତଦନ୍ତ କରି ତାଙ୍କୁ ଘର କିପରି ମିଳିବ ସେନେଇ ବ୍ୟବସ୍ଥା କରାଯିବ।



ଚାଳଛପର ଘର ଆଗରେ ସତ୍ୟଭାମା ସାମଲ।

# ହତ୍ୟା ଅଭିଯୋଗ ଆଣିଲେ ଚିନ୍ମୟଙ୍କ ପରିବାର ଲୋକେ

**ଭୁବନେଶ୍ୱର,୨୨।୨(ବ୍ୟୁରୋ)**

ଇନ୍‌ଫୋସିଟି ଥାନା ଅନ୍ତର୍ଗତ ସିପେଟ ନିକଟ ଏକ ଘରେ ରହୁଥିବା କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଅଞ୍ଚଳର ଚିନ୍ମୟ କୁମାର ସ୍ୱାଇଁଙ୍କ ଶୁକ୍ରବାର ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ଏକ ତାରରେ ଚିନ୍ମୟଙ୍କ ବେକ ବନ୍ଧାଯାଇ ଝୁଲନ୍ତା ଅବସ୍ଥାରେ ମୃତଦେହ ମିଳିଥିଲା। ହେଲେ ଉକ୍ତ ଘରେ ଚିନ୍ମୟଙ୍କର ଜଣେ ସାଙ୍ଗ ରହୁଥିବାବେଳେ ସେ ଏହା

**ଘର ଭିତରୁ ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣା**

କିପରି ଜାଣିପାରିଲେନି ତାହାକୁ ନେଇ ସନ୍ଦେହ ଦୃଢ଼ୀଭୂତ ହୋଇଛି। ଅନ୍ୟପକ୍ଷରେ ଶନିବାର ମୃତ ଚିନ୍ମୟଙ୍କ ବାପା ଓ ମାମୁ ଇନ୍‌ଫୋସିଟି ଥାନାରେ ହତ୍ୟା ଅଭିଯୋଗ ଆଣିଛନ୍ତି। ପୋଲିସ ଚିନ୍ମୟଙ୍କ ସାଙ୍ଗକୁ ଥାନାରେ ଅଟକ ରଖି ତଦନ୍ତ କରୁଛି। ପରିବାର ଲୋକେ ଅଭିଯୋଗ କରିଛନ୍ତି, ଚିନ୍ମୟଙ୍କ ରୁମ୍‌ରେ ଆଉଜଣେ ଯୁବକ ରହୁଥିଲେ। କିଛିଦିନ ହେବ ଉକ୍ତ ରୁମ୍‌ମେଟ୍‌ଙ୍କ ସହ ଚିନ୍ମୟଙ୍କର ପଡୁ ନ ଥିଲା। ରୁମ୍‌ମେଟ୍ ଜଣକ କାମ କରୁଥିବା କମ୍ପାନୀରୁ ଚୋରି କରୁଥିଲେ। ଚିନ୍ମୟ ଏନେଇ କମ୍ପାନୀର ମାଲିକଙ୍କୁ କହିଦେଉଥିବାରୁ ରୁମ୍‌ମେଟ୍ ଅନେକ ସମୟରେ ତାଙ୍କ ସହ ପାଟିତୁଣ୍ଡ ସହ ମାର୍‌ପିଟ୍ କରୁଥିଲେ। ଗତ ସପ୍ତାହରେ ମଧ୍ୟ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ତେଣୁ ଉକ୍ତ ଯୁବକ ଜଣକ ଯୋଜନାବଦ୍ଧଭାବେ ଚିନ୍ମୟଙ୍କୁ ହତ୍ୟା କରି ପ୍ରମାଣ ଲୁଚାଇବା ପାଇଁ ତାରରେ ଝୁଲାଇ ଦେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ପୋଲିସ ଏହାକୁ ମଧ୍ୟ ଗୁରୁତ୍ୱର ସହ ଗ୍ରହଣ କରିବାକୁ ତଦନ୍ତ ତଦନ୍ତ ଚଳାଇଛି। ଶନିବାର ସକାଳୁ ସାଇଣ୍ଟିଫିକ୍ ଟିମ୍ ଉକ୍ତ ରୁମ୍‌କୁ ଯାଇ ତନାଘନା କରିଛି। ଏପରି କି ଚିନ୍ମୟ ବାନ୍ତି କରିଥିବା ଏହି ଟିମ୍ ଦେଖିବାକୁ ପାଇଛନ୍ତି। ଥାନାରେ ଅଟକ ଥିବା ଯୁବକଙ୍କ କହିବା ଅନୁଯାୟୀ,ଜାଗର ଥିବାରୁ ଉଭୟ ଭାଙ୍ଗ କରି ପିଇଥିଲେ। ହେଲେ ମୁଁ ଶୋଇଯାଇଥିଲି। ଏହାପରେ କ'ଣ ହୋଇଛି ମୁଁ ଜାଣିନି। କିନ୍ତୁ ମୁଁ ନିଦରୁ ଉଠିଲା ପରେ ଚିନ୍ମୟ ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲି ବୋଲି ସଫେଇ ଦେଇଛନ୍ତି।

# ପଞ୍ଚାୟତରେ ପହଞ୍ଚିପାରୁନି ଜରୁରୀ ଚିଠି

**କଟକ ସଦର,୨୨।୨(ଡି.ଏନ୍.ଏ.)**

ପଞ୍ଚାୟତସ୍ତରରେ ସରକାରୀ ପାଣ୍ଠିର ଦୁରୁପଯୋଗକୁ ରୋକିବା ପାଇଁ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ନୂଆ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏଥିରେ ପାଣ୍ଠି ଖର୍ଚ୍ଚ ବେଳେ ବିଡିଓଙ୍କୁ ଅନୁଧାନ କ୍ଷମତା ଦିଆଯାଇଛି। ଏହି ଚିଠି ଇ-ମେଲ ମାଧ୍ୟମରେ ବ୍ଲକରେ ୧୭ତାରିଖରେ ପହଞ୍ଚିଥିଲା। ଏବେ ସୁଦ୍ଧା ଏହି ଚିଠିକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟକୁ ପଠାଯାଇ ନ ଥିବା ଜଣାପଡିଛି। ଏହି ଚିଠିରେ କେନ୍ଦ୍ର ଓ ରାଜ୍ୟ ଅର୍ଥ କମିଶନଙ୍କ ଅନୁଦାନ ଖର୍ଚ୍ଚ ଉପରେ ଏହି ଅଙ୍କୁଶ ଲଗାଯାଇଛି। ଆଗାମୀ ବର୍ଷମାନଙ୍କରେ ଲୋକସଂଖ୍ୟା ଦୃଷ୍ଟିରୁ ପ୍ରତି ପଞ୍ଚାୟତକୁ ରାଜ୍ୟ ଓ କେନ୍ଦ୍ର ସରକାର ୬୦ଲକ୍ଷରୁ ୧କୋଟି ଟଙ୍କା ପ୍ରଦାନ କରିବାର ଲକ୍ଷ୍ୟ ରଖିଛନ୍ତି। ତେବେ ଏହି ପାଣ୍ଠିକୁ ନିର୍ଦ୍ଧାରିତ ସମୟରେ ସଦ୍‌ଉପଯୋଗ କରିବା ଲକ୍ଷ୍ୟରେ ସରକାର ଏକ ନୂଆ ନିର୍ଦ୍ଦେଶନାମା ପତ୍ର ସଂଖ୍ୟା ୪୩୧୪/୧୭।୨।୨୦୨୦ ରେ ଜାରି କରିଛନ୍ତି। ଏଥିରେ ପ୍ରକଳ୍ପ ଉନ୍ନୟନଠାରୁ ଆରମ୍ଭ କରି ବିଲ ପୈଠ ପର୍ଯ୍ୟନ୍ତ କ୍ଷମତାରେ ବିଡିଓଙ୍କୁ ସାମିଲ କରାଯାଇଛି। ସରପଞ୍ଚଙ୍କ ସହ ବିଡିଓମାନେ ପ୍ରତିମାସରେ ସମସ୍ତ କାର୍ଯ୍ୟର ତର୍ଜମା କରି ପଦକ୍ଷେପ ନେବେ। କୌଣସି ଅନିୟମିତତା ଓ ଅର୍ଥ ତୋସରପାତ ପାଇଁ ବିଡିଓ ସରକାରଙ୍କ ନିକଟରେ ଉତ୍ତରଦାୟୀ ରହିବେ। ଉକ୍ତ ଚିଠି ଇ-ମେଲ ମାଧ୍ୟମରେ ଜିଲାପାଳ ଓ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିକଟକୁ ପଠାଯାଇଛି। ଚିଠି ପଞ୍ଚାୟତକୁ ପଠାଯିବା ପାଇଁ ବ୍ୟବସ୍ଥା କରାଯାଉଛି ବୋଲି କଟକ ସଦର ଭାରପ୍ରାପ୍ତ ବିଡିଓ ଜ୍ଞାନରଞ୍ଜନ ପଣ୍ଡା କହିଛନ୍ତି।

## ଅଷ୍ଟପ୍ରହାର ନାମ ଯଜ୍ଞ

**ନରାଜ,୨୨।୨ (ଡି. ଏନ୍. ଏ.)**

ବାରଙ୍ଗ ବ୍ଲକ ମୁଣ୍ଡାଳି କଲୋନୀସ୍ଥିତ ଶ୍ରୀ ଶ୍ରୀ ମୁକ୍ତେଶ୍ୱର ମହାଦେବଙ୍କ ପୀଠରେ ଜାଗର ଯାତ୍ରା ଅବସରରେ ୪୧ତମ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ୩ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମର ପ୍ରଥମ ଦିନରେ ଅଙ୍କୁରାରୋପଣ, କଳସ ଯାତ୍ରା ଓ ସୂର୍ଯ୍ୟ ପୂଜା ପରେ ଯଜ୍ଞାରମ୍ଭ ହୋଇଥିଲା। ଶନିବାର ଶେଷ ଦିବସରେ ନଗରକୀର୍ତ୍ତନ ପରେ ଯଜ୍ଞ ସମାପନ ହୋଇଥିଲା। ଶ୍ରୀ ଶ୍ରୀ ମୁକ୍ତେଶ୍ୱର ମହାଦେବ ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତା ଓ ସଦସ୍ୟ ଏଥିରେ ସହଯୋଗ କରିଥିଲେ।

# ମାଟ୍ରିକ ପରୀକ୍ଷାରେ କପି: ୨୪ ଛାତ୍ର ମାଲ୍‌ପ୍ରାକ୍ଟିସ୍

**ନରସିଂହପୁର/ଆଠଗଡ଼, ୨୨।୨(ସ୍ୱ.ପ୍ର/ଡି.ଏନ୍.ଏ)**

ମାଟ୍ରିକ ପରୀକ୍ଷାବେଳେ ନରସିଂହପୁର ବ୍ଲକର ୪ ପରୀକ୍ଷା କେନ୍ଦ୍ରର ୨୧ ଜଣ ପିଲା ଶନିବାର ସ୍କ୍ୱାଡ୍‌ରେ ଧରପଡିବା ପରେ ସେମାନଙ୍କୁ ମାଲ୍‌ପ୍ରାକ୍ଟିସ୍ କରିଦିଆଯାଇଛି। ପରୀକ୍ଷାରେ କପି କରୁଥିବା ବେଳେ ଜିପି ହାଇସ୍କୁଲ ଆଲରା ପରୀକ୍ଷା କେନ୍ଦ୍ରରୁ ୮, ମା'ବାଉତି ବିଦ୍ୟାପୀଠ ଏକତାଳ ପରୀକ୍ଷା କେନ୍ଦ୍ରରୁ ୫, ମଦନ ଗୋପାଳ ହାଇସ୍କୁଲ ବାଲିଝରି ପରୀକ୍ଷା କେନ୍ଦ୍ରରୁ ୪, ରାମଚନ୍ଦ୍ର ହାଇସ୍କୁଲ ବନ୍ଧହୁଡା ପରୀକ୍ଷା କେନ୍ଦ୍ରରୁ ୪ ଜଣ ପରୀକ୍ଷାର୍ଥୀ ସ୍କ୍ୱାଡ୍ ହାତରେ ଧରିପଡ଼ିଛନ୍ତି ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି। ସେହିପରି ଆଠଗଡ଼ ଥାନା ଅନ୍ତର୍ଗତ ଖୁଣ୍ଟକଟା ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ମାଟ୍ରିକ ପରୀକ୍ଷାରେ ଶନିବାର କପି କରୁଥିବା ବେଳେ ଜେନାପଦା ହାଇସ୍କୁଲର ୩ ଜଣ ଛାତ୍ର ପରୀକ୍ଷା ନିରୀକ୍ଷକଙ୍କ ହାତରେ ଧରା ପଡିଛନ୍ତି। ସେମାନେ କପି କରୁଥିବା ନେଇ ପ୍ରମାଣ ମିଳିବା ପରେ ମାଲ୍‌ପ୍ରାକ୍ଟିସ୍ କରିଦିଆଯାଇଛି। ପରୀକ୍ଷା ତଦାରଖ ପାଇଁ ବୋର୍ଡ଼ ଦ୍ୱାରା ନିଯୁକ୍ତ ନିରୀକ୍ଷକ କେନ୍ଦ୍ର ପରିଦର୍ଶନ ନିମନ୍ତେ ଆସିଥିବା ବେଳେ ସେମାନଙ୍କୁ ଧରିଥିଲେ ବୋଲି ଆଠଗଡ଼ ବ୍ଲକ ଶିକ୍ଷାଧିକାରୀ ଅକ୍ଷୟ କୁମାର ନାୟକ କହିଛନ୍ତି।

# ଶିମିଳିପୁର ଜାଗର ମହୋତ୍ସବ ଉଦ୍‌ଘାଟିତ

**ବାଙ୍କୀ,୨୨।୨(ସ୍ୱ.ପ୍ର.)**

ଶିମିଳିପୁର ଜାଗର ମହୋତ୍ସବ ଶୁକ୍ରବାର ରାତିରେ ଉଦ୍‌ଘାଟିତ ହୋଇଯାଇଛି। ତୈର୍ଯ୍ୟୋତ୍ରିକ କଳା ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ଏହି ଜାଗର ମହୋତ୍ସବରେ ବହୁ ଜନସମାଗମ ହୋଇଥିଲା। ୫ ଦିନ ବ୍ୟାପୀ ଚାଲିବାକୁ ଥିବା ଏହି ମହୋତ୍ସବର ପ୍ରାରମ୍ଭରେ ଶୈବମନ୍ଦିର ସିଦ୍ଧେଶ୍ୱରଙ୍କ ପୀଠରୁ ଜ୍ୟୋତି ଯାତ୍ରା ବାହାରି ଥିଲା। ଏହି ଯାତ୍ରା ଶିମିଳିପୁର -ହରିରାଜପୁର ଗ୍ରାମରେ ନିର୍ମିତ ହୋଇଥିବା ମେଢ଼ମଣ୍ଡପ ପରିକ୍ରମା କରି ମହୋତ୍ସବ ସ୍ଥଳରେ ପହଞ୍ଚି ଥିଲା। ଉଦ୍‌ଘାଟନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧକ୍ଷ ଡ.ସଦାନନ୍ଦ ବାରିକ ଯୋଗଦେଇ ମହାଶିବ ରାତ୍ରିର ମହିମା ସଂପର୍କରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତାଭାବେ ପ୍ରେସକ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର ଯୋଗଦେଇ ଶିମିଳିପୁରର ଏହି ମହୋତ୍ସବ ଗ୍ରାମାଞ୍ଚଳରେ ଭାଇଚାରା ଭାବ ସୃଷ୍ଟି କରିଛି ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ଜ୍ୟୋତିରଞ୍ଜନ ରାଉତ, ଖବରଦାତା ଗୌରାଙ୍ଗ ବେହେରା, ସାମାଜିକ କର୍ମୀ ଜୟପ୍ରକାଶ ମିଶ୍ର ଯୋଗଦେଇଥିଲେ। ତୈର୍ଯ୍ୟୋତ୍ରିକ କଳା ସଂସଦର ସଭାପତି ଦେବୀଦତ୍ତ ବିଭୂତି ରାୟ ଉତ୍ସବରେ ଅଧକ୍ଷତା କରି ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ସୁବୋଧ ପ୍ରସାଦ ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଅନୁଷ୍ଠାନର ଉପସଭାପତି ବିଭୂପ୍ରସାଦ ସାମଲ ଧନ୍ୟବାଦ ଦେଇଥିଲେ। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



ମହୋତ୍ସବରେ ଯୋଗଦେଇଥିବା ଅତିଥିମାନେ।



ଅନ୍ତର୍ନିହିତ ଦେବତ୍ୱ ବିକାଶର ନାମ ହିଁ ଧର୍ମ।
- ସ୍ୱାମୀ ବିବେକାନନ୍ଦ



## ଏ ସପ୍ତାହର କାର୍ଯ୍ୟକ୍ରମ

**ରବିବାର(୨୩।୨।୨୦୨୦)**

**ଭୁବନେଶ୍ୱର**

- ୟୁଥ୍ ଫର ଭଲ୍ୟୁଣ୍ଟାରୀ ୱାର୍କ ପକ୍ଷରୁ କ୍ରିକେଟ ମ୍ୟାଚ, ପ୍ରଗତି ସ୍ପୋର୍ଟିଂ, ୟୁନିଟ-୬, ସକାଳ ୯ଟା।
- ବିଜେବି କଲେଜର ଆଇଏମ୍‌ବିଏ ବିଭାଗ ପକ୍ଷରୁ ଦିନିକିଆ ଜାତୀୟ ସେମିନାର, ହଲ ନଂ ୧୦୮, ନ୍ୟୁ ଆର୍ଟସ୍ ବ୍ଲକ ବିଲ୍ଡିଂ, ପୂର୍ବାହ୍ନ ୧୦ଟା।
- ରିଜିଓନାଲ ଇନଷ୍ଟିଚ୍ୟୁଟ ଅଫ ଏଜୁକେଶନ ପକ୍ଷରୁ ଅନ୍ତର୍ଜାତୀୟ ସମ୍ମିଳନୀ, ନୂତନ ଅଡିଟୋରିୟମ, କ୍ୟାମ୍ପସ ପରିସର, ସଚିବାଳୟ ମାର୍ଗ, ପୂର୍ବାହ୍ନ ୧୦ଟା।
- ସାପ୍ତାହିକ ଖବରକାଗଜ ପ୍ରବାହର ତ୍ରୟୋଦଶ ସ୍ୱନକ୍ଷତ୍ର ଉତ୍ସବ, ସୂଚନା ଭବନ, ପୂର୍ବାହ୍ନ ୧୦ଟା ୩୦।
- ଅଭିଲେଖ ସପ୍ତାହ ପାଳନ ଉତ୍ସବ, ଓଡ଼ିଶା ରାଜ୍ୟ ଅଭିଲେଖାଗାର, ମଧାହ୍ନ ୧୨ଟା।
- କିଡସ୍ ଡ୍ରିମ ପ୍ଲେ ସ୍କୁଲର ଦ୍ୱିତୀୟ ବାର୍ଷିକ ଉତ୍ସବ, ଗୋପୀନାଥ ଦେବ ହାଇସ୍କୁଲ, ଜିଜିପି କଲୋନୀ, ଅପରାହ୍ନ ୫ଟା।
- ରାଜ୍ୟସ୍ତରୀୟ ହିନ୍ଦୁସ୍ଥାନୀ ସଙ୍ଗୀତ ସମାରୋହ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଶ୍ୱେତ ସଂକେତ ସାରସ୍ୱତ ମଞ୍ଚର ମାସିକ ସାହିତ୍ୟ ଆସର ଓ କବିତା ପାଠୋତ୍ସବ, ରାଜଧାନୀ କଳା ସଂସଦ, ସନ୍ଧ୍ୟା ୬ଟା।
- କଳିଙ୍ଗ ଭାରତୀ ଓ ଉତ୍କଳ ଛାତ୍ର ସାହିତ୍ୟ ସମାଜ ପକ୍ଷରୁ ପୁସ୍ତକ ଉନ୍ମୋଚନ, ବୁଦ୍ଧ ମନ୍ଦିର, ୟୁନିଟ-୯, ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ସମର୍ପଣ-୨୦୨୦, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ବଚପନ ପ୍ଲେ ସ୍କୁଲର ଉଦ୍‌ଘାଟନ ସମାରୋହ, ଶହୀଦ ନଗର, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**

- ଅଷ୍ଟପ୍ରହର ନାମଯଜ୍ଞର ନଗରକୀର୍ତ୍ତନ ମହୋତ୍ସବ, ନଖରାସ୍ଥିତ ଶ୍ରୀଲକ୍ଷେଶ୍ୱର ମହାଦେବ ପୀଠ, ସକାଳ ୮ଟା।
- ବାଦିପାଲା ପରିବେଷଣ, ଶାଳେଶ୍ୱର, ରାତି ୭ଟା।

**ସୋମବାର(୨୪।୨।୨୦୨୦)**

**ଭୁବନେଶ୍ୱର**

- ଇନଷ୍ଟିଚ୍ୟୁଟ ଅଫ୍ ଲାଇଫ୍ ସାଇନ୍ସ ପକ୍ଷରୁ ନ୍ୟାଶନାଲ କନକ୍ଲେଭ, ଆଇଏଲ୍ଏସ୍ ଅଡିଟୋରୟିମ, ନାଲ୍‌କୋ ଛକ, ସକାଳ ୯ଟା ୩୦।
- ଅଭିଲେଖ ସପ୍ତାହ ପାଳନ ଉତ୍ସବ, ଓଡ଼ିଶା ରାଜ୍ୟ ଅଭିଲେଖାଗାର, ମଧାହ୍ନ ୧୨ଟା।।

**ବାଲିଅନ୍ତା**

- ବାଦିପାଲା ପରିବେଷଣ, ଶାଳେଶ୍ୱର, ରାତି ୭ଟା।

**ମଙ୍ଗଳବାର(୨୫।୨।୨୦୨୦)**

**ଭୁବନେଶ୍ୱର**

- ଇନଷ୍ଟିଚ୍ୟୁଟ ଅଫ୍ ଲାଇଫ୍ ସାଇନ୍ସ ପକ୍ଷରୁ ନ୍ୟାଶନାଲ କନକ୍ଲେଭ, ଆଇଏଲ୍ଏସ୍ ଅଡିଟୋରୟିମ, ନାଲ୍‌କୋ ଛକ, ପୂର୍ବାହ୍ନ ୧୦ଟା।

**ବାଲିଅନ୍ତା**

- ବାଦିପାଲା ପରିବେଷଣ, ଶାଳେଶ୍ୱର, ରାତି ୭ଟା।

**ଶୁକ୍ରବାର(୨୮।୨।୨୦୨୦)**

**ଭୁବନେଶ୍ୱର**

- ଭାରତୀୟ ସର୍ବେକ୍ଷଣ ବିଭାଗ ପକ୍ଷରୁ ଜାତୀୟ ବିଜ୍ଞାନ ଦିବସ, ସର୍ବେକ୍ଷଣ ଭବନ, ଜାଭିୟର ଛକ, ଚନ୍ଦ୍ରଶେଖରପୁର, ପୂର୍ବାହ୍ନ ୧୦ଟା ୩୦।

**ଶନିବାର(୨୯।୨।୨୦୨୦)**

**ଭୁବନେଶ୍ୱର**

- ୟୁରୋ କିଡ୍‌ସ ପ୍ରି ସ୍କୁଲର ବାର୍ଷିକ ଉତ୍ସବ, ସୂଚନା ଭବନ, ପୂର୍ବାହ୍ନ ୧୦ଟା ୩୦।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନ ଦେଲା ଋଣ**
**ପିତା ଡୁଉଣ, ଝିଅ ମରଣ**
**ଆଗେ ଅବିଗୁଣ, ପଛକୁ ଗୁଣ ।**

ଉପରୋକ୍ତ ବର୍ଣ୍ଣିତ ଅବସ୍ଥା ଭୁକ୍ତଭୋଗୀ ବ୍ୟକ୍ତି ପକ୍ଷେ ସହ୍ୟ କରିବା ଅତୀବ କଷ୍ଟକର ବା ଦୁଃଖଦାୟୀ ହୋଇଥାଏ। ପରନ୍ତୁ ଏହା ପଛରେ ଲୁଚି ରହିଥିବା ପ୍ରକୃତ ବାସ୍ତବତା ପରିଶେଷରେ ଉକ୍ତ ବ୍ୟକ୍ତି ଲାଗି ହିତକର ସାବ୍ୟସ୍ତ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିଜେ ରାନ୍ଧି ନିଜେ ଖାଏ**
**ପରଶଂସା କରୁଥାଏ ।**

ନିଜେ ରାନ୍ଧି ନିଜେ ଖାଇ ସୁଆଦିଆ ଲାଗୁଥିବା କହିବାରେ କୌଣସି ଯଥାର୍ଥତା ରହି ନ ଥାଏ। ସାଧାରଣତଃ ସଭିଏଁ ନିଜକୁ ଭଲ ବୋଲି ଦେଖେଇ ହୁଅନ୍ତି ବା କହି ହୁଅନ୍ତି। କିନ୍ତୁ ପ୍ରକୃତରେ ସିଏ ହିଁ ଭଲ ଯାହାକୁ ସମସ୍ତେ କହିଥାନ୍ତି। ନିଜ ମୁହଁରେ ନିଜର ପ୍ରଶଂସା କରିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
–ଫ୍ରେଣ୍ଡସ୍ ପବ୍ଲିଶର୍ସ

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ଯୁବକ ମୃତ

**ନିମାପଡ଼ା,୨୨।୨(ଡି.ଏନ୍.ଏ.):** ନିମାପଡ଼ା- ଚାରିଛକ ରାସ୍ତାର ସାଇଲୋ-ଆମ୍ବୋର ଛକ ନିକଟ ଏକ ଇଟା ଫାକ୍ଟ୍ରି ନିକଟରେ ଶନିବାର ଭୋରରେ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ତେବେ ମୃତ ଯୁବକଙ୍କ ପରିଚୟ ମିଳିପାରି ନାହିଁ। ଖବରପାଇ ଚାରିଛକ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଚାରିଛକ ଡାକ୍ତରଖାନାକୁ ପଠାଇଛି। ମୃତ ଯୁବକଙ୍କ ବୟସ ଆନୁମାନିକ ୨୮ବର୍ଷ ହୋଇଥିବା ବେଳେ ଚିହ୍ନଟ ପାଇଁ ବ୍ୟବଚ୍ଛେଦ କେନ୍ଦ୍ରରେ ୭୨ଘଣ୍ଟା ରଖାଯିବ ବୋଲି ପୋଲିସ କହିଛି। ଏ ସମ୍ପର୍କରେ ଗ୍ରାମରକ୍ଷୀ କନ୍ତିଲୋ ଗ୍ରାମର ଟୁକୁନା ମଲ୍ଲିକଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୪୬/୨୦)ରୁଜୁ କରିଛି। ଇଟା ଫାକ୍ଟ୍ରିରେ ଲାଗିଥିବା ସିସି କ୍ୟାମେରା ଫୁଟେଜକୁ ଆଧାରକରି ପୋଲିସ ତଦନ୍ତ ଚଳାଇଛି।

### ୧୯୯୧ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ

**କାକଟପୁର,୨୨।୨(ଡି.ଏନ୍.ଏ.):** କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ୧୯୯୧ ମସିହା ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ ବୁଧବାର ସ୍ଥାନୀୟ କୁତାମଚଣ୍ଡୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୯ବର୍ଷର ହାଇସ୍କୁଲ ଜୀବନର ପୁରୁଣା ହଜିଲା ସ୍ମୃତିକୁ ପରସ୍ପର ମଧରେ ବନ୍ଧୁମାନେ ଭାବର ଆଦାନଙ୍ଗପ୍ରଦାନ କରିଥିଲେ। ଏହି ବ୍ୟାଚ୍‌ର ସମସ୍ତ ବନ୍ଧୁଙ୍କ ସମ୍ମତିକ୍ରମେ ଏକ ଟ୍ରଷ୍ଟ ଗଠନ କରାଯାଇଛି। ବ୍ୟାଚ୍‌ର କୌଣସି ବନ୍ଧୁ ରୋଗାକ୍ରାନ୍ତ ହେଲେ ଟ୍ରଷ୍ଟ ମାଧମରେ ତାଙ୍କୁ ସହଯୋଗ କରାଯିବ ବୋଲି ସଂକଳ୍ପ ନିଆଯାଇଥିଲା। ଅପରପକ୍ଷେ ଚଳିତବର୍ଷ କାକଟପୁର ସରକାରୀ ହାଇସ୍କୁଲ ୭୫ବର୍ଷରେ ପଦାର୍ପଣ କରୁଥିବା ବେଳେ ଏହି ଉତ୍ସବରେ ଯୋଗଦେବାକୁ ସମସ୍ତେ ନିଷ୍ପତ୍ତି ନେଇଥିଲେ। ଏଥିରେ ଦୁର୍ଗା ଦାଶ, ପ୍ରଭାତ ଦୀକ୍ଷିତ୍, ଶୁଭ୍ରକାନ୍ତ ଖୁଣ୍ଟିଆ, ପ୍ରଦୀପ ପଣ୍ଡା, ରଶ୍ମି ପରିଡା, ସମ୍ପଦ ଦାଶ, ଅଜୟ ସାହୁ, ବଳରାମ ଦାସ, ବଦ୍ରି ନାରାୟଣ ଦୀକ୍ଷିତ୍, ଅଭୟ ଖୁଣ୍ଟିଆଙ୍କ ସମେତ ୬୦ଜଣ ବନ୍ଧୁ ଉପସ୍ଥିତ ଥିଲେ।

### ସହଯୋଗ ତାଲିମ ଶିବିର

**ପୁରୀ ଅଫିସ, ୨୨।୨:** ପୁରୀ ସଦରସ୍ଥ ଶାସନ ଦାମୋଦରପୁର ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନ ୬ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୭୨ଟି ପରିଚାଳନା କମିଟିର ସଦସ୍ୟଙ୍କୁ ନେଇ ସହଯୋଗ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବାସୁଦେବପୁର ବିଦ୍ୟାଳୟରେ ଗୁରୁବାର ଅନୁଷ୍ଠିତ ଏହି ଶିବିରରେ ସିଆର୍‌ସିସି ମନୋଜ କୁମାର ମହାନ୍ତି, ସାଧନା କର୍ମୀ ସ୍ମିତା ମହାନ୍ତି, ମିନାକ୍ଷୀ ମହାପାତ୍ର ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ଅଜୟ କୁମାର ପଣ୍ଡା ବିଦ୍ୟାଳୟ ସୁପରିଚାଳନା ଓ ଭିତ୍ତିଭୂମିର ବିକାଶ ଦିଗରେ ପରିଚାଳନା କମିଟି ସଦସ୍ୟଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଶିବିରରେ ଭାଗ୍ୟଶ୍ରୀ ମିଶ୍ର, ପ୍ରଭାକର ମୁଦୁଲି, କନ ବରାଳ, ରବି ନାରାୟଣ ବେହେରା ଉପସ୍ଥିତ ଥିଲେ।

# କଣାସ ଅଞ୍ଚଳରେ ହାତୀ ଉପଦ୍ରବ

**କଣାସ/ଡେଲାଙ୍ଗ,୨୨।୨(ସ୍ୱ.ପ୍ର./ଡି.ଏନ୍.ଏ.)**

ଚନ୍ଦକା ଏବଂ ବରୁଣେଇ ଜଙ୍ଗଲ କ୍ଷୟ ହେବା ପରେ କିଛିବର୍ଷ ହେବ ହାତୀପଲ କଣାସ ବ୍ଲକର ବିଭିନ୍ନ ଗ୍ରାମକୁ ଆସୁଥିବାର ଦେଖିବାକୁ ମିଳିଛି। ଗ୍ରାମରେ ହାତୀପଲ ପଶି ଲୋକଙ୍କ ପାଚିଲା ଧାନ ଖାଇବା ସହ ବାଡି ବଗିଚାରେ ହେଉଥିବା ଫସଲକୁ ନଷ୍ଟ କରୁଥିବାରୁ ଲୋକଙ୍କ ମନରେ ଆତଙ୍କ ଖେଳିଯାଇଛି। ଗତ ୨୦ତାରିଖ ରାତ୍ରରେ ଗୋଟିଏ ଦନ୍ତା ହାତୀ ଖୋର୍ଦ୍ଧା ଅଞ୍ଚଳରୁ ଆସି କଣାସ ବ୍ଲକର ବଡାଲ ପଞ୍ଚାୟତର ଖୁଣ୍ଟିୟାବାଣପୁର ଏବଂ ସାହୁପଡା ଗ୍ରା.ପ.ର ସାହୁପଡ଼ା ଓ ଅଞ୍ଜିରା ଗ୍ରାମକୁ ପଶି ଆସିବାରୁ ଗ୍ରାମରେ ଆତଙ୍କ ଖେଳିଯାଇଥିଲା। ଖୁଣ୍ଟିୟାବାଣପୁରରେ ରାତି ଅଧରେ ହାତୀଟିକୁ ଦେଖି ଲୋକେ ଭୟରେ ପାଟି କରିବାରୁ ହାତୀଟି ଚାଲିଯାଇ ସାହୁପଡା ଗ୍ରାମରେ କେତେକ କଳେଇ ଗଦାକୁ ଭାଙ୍ଗି ଚକଟି ନଷ୍ଟ କରିଦେଇଥିଲା। ଏହାପରେ ଅଞ୍ଜିରା ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟର ପାଚେରି ଭାଙ୍ଗିବା ସହ କେତେକ କଦଳୀ ଗଛ ନଷ୍ଟକରି ହାତୀଟି ଫେରିଯାଇଥିବା ଜଣାପଡିଛି। ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳ ଅଧୀନ ନିରାକାରପୁର ଆଖପାଖ ଅଞ୍ଚଳରେ ଗତ କିଛିଦିନ ହେବ ହାତୀପଲ ରହି ଆତଙ୍କ ସୃଷ୍ଟି କରୁଥିଲା। ତେବେ ଏହି ହାତୀପଲ ମଧ୍ୟରୁ ଗୋଟିଏ ଦନ୍ତା ହାତୀ କଣାସ ଅଞ୍ଚଳକୁ ଚାଲି ଆସି ଏଭଳି ଧାନ ଫସଲ ନଷ୍ଟ କରିଥିବା କଣାସ ବ୍ଲକର ଦାୟିତ୍ୱରେ ଥିବା ଫରେଷ୍ଟର ଅଜୟ କୁମାର ମୁଦୁଲି ସୂଚନା ଦେଇଛନ୍ତି। ହାତୀ ଆସିବା କଥା ବନ ବିଭାଗ ଜାଣିବା ପରେ ଏକ ଟିମ୍ ହାତୀପଲ ଉପରେ ଦୃଷ୍ଟି ରଖାଯାଇଛି।



# ଡିପିଏଲ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଡେଲାଙ୍ଗ,୨୨।୨(ଡି.ଏନ୍.ଏ.)**

ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଗୁଆଳିପଡ଼ା ପଞ୍ଚାୟତର ଗୁଡୁପାଇଲୋ ଗ୍ରାମରେ ବ୍ଲକସ୍ତରୀୟ ଡେଲାଙ୍ଗ ପ୍ରିମିୟର ଲିଗ୍ (ଡିପିଏଲ୍) କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ସ୍ଥାନୀୟ ସରପଞ୍ଚ କାଳନ୍ଦି ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କ୍ଲବର ସଭାପତି ପ୍ରଦୀପ କୁମାର ସେଠୀ, ସମ୍ପାଦକ ଛାଟୋଇ ମୋତିଲାଲ ରାୟ, ବୀରେନ୍ଦ୍ର କୁଅଁର, ରଶ୍ମିରଞ୍ଜନ ବେହେରା, ଚିତ୍ତରଞ୍ଜନ ବେହେରା, ମନୋରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଟୁର୍ନାମେଣ୍ଟରେ ୮ଟି ଦଳ ଭାଗ ନେଇଛନ୍ତି। ପ୍ରଥମ ଲିଗ ମ୍ୟାଚ ଗଡେଶ୍ୱର ବ୍ଲାଷ୍ଟର ଓ ମହାବୀର ୱାରିୟର୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ମହାବୀର ୱାରିୟର୍ସ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୬୨ ରନ କରିଥିଲା । ଜବାବରେ ଗଡେଶ୍ୱର ୪ ଓଭରରେ କୌଣସି ଉଇକେଟ ନ ହରାଇ ୬୩ ରନ କରି ଜିତିଥିଲା । ସେହିପରି ଦ୍ୱିତୀୟ ଲିଗ ମ୍ୟାଚ୍ ଭିଲେଜ ୱାରିୟର୍ସ ଓ ମା' ମଙ୍ଗଳା ସ୍ମେୟର୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଭିଲେଜ ୱାରିୟର୍ସ ୭ରନରେ ଜିତିଥିଲା। ଟୁଲେଶ୍ୱର ସାମନ୍ତରାୟ ଓ ଚିନ୍ତାମଣି ବେହେରା ମ୍ୟାଚ ପରିଚାଳନା କରିଥିଲେ ।

# ସେବା, ସମର୍ପଣର ଅନନ୍ୟ ପୂଜାରୀ ଥିଲେ ଗଙ୍ଗାଧର

**ପୁରୀ ଅଫିସ, ୨୨।୨**

ଗଙ୍ଗାଧର ମିଶ୍ର ଫାଉଣ୍ଡେଶନ ଆନୁକୂଲ୍ୟରେ ଗାନ୍ଧୀବାଦୀ, ସର୍ବୋଦୟ କର୍ମୀ, ସାହିତ୍ୟିକ ଏବଂ ଶିକ୍ଷାବିତ୍ ଗଙ୍ଗାଧର ମିଶ୍ରଙ୍କ ସ୍ମୃତିରେ ଅଷ୍ଟମ ଶ୍ରଦ୍ଧାଞ୍ଜଳି ସଭା ଶନିବାର ଗୋପବନ୍ଧୁ ଆୟୁର୍ବେଦ କଲେଜ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ଅମରନାଥ ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ଓଡ଼ିଶା ଅଧ୍ୟକ୍ଷ ଜଷ୍ଟିସ ମନୋରଞ୍ଜନ ମହାନ୍ତି ଯୋଗଦେଇ କହିଲେ ଯେ, ଗାନ୍ଧୀ ଜୀବନୀ ଓ ଆଦର୍ଶରେ ଗଙ୍ଗାଧର ଅନୁପ୍ରାଣିତ ହୋଇଥିଲେ। ସେବା ଓ ସମର୍ପଣର ଜଣେ ନିଷ୍ଠାପର ସେବକ ଭାବେ ସମାଜରୁ ଅସ୍ପୃଶ୍ୟତା, କୁସଂସ୍କାର ହଟାଇବା ସହ ଦଳିତ, ଅବହେଳିତ ଏବଂ ଅସହାୟଙ୍କୁ ସହଯୋଗ କରିଥିଲେ। ସମ୍ମାନିତ ଅତିଥି ଭାବେ ଭାରତୀୟ ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ କବି ପ୍ରସନ୍ନ କୁମାର ଜେନା ଯୋଗଦେଇ ଗଙ୍ଗାଧରଙ୍କ ଆଦର୍ଶ ଜୀବନଶୈଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ବିଶିଷ୍ଟ ପ୍ରବକ୍ତା ଶଙ୍କର୍ଷଣ ମଙ୍ଗରାଜ କହିଲେ ଯେ, ଗଙ୍ଗାଧରଙ୍କ ନିରଳସ ଓ ଉତ୍ସର୍ଗୀକୃତ ଜୀବନ ଅନ୍ୟ ଲାଗି ପ୍ରେରଣାଦାୟୀ। ଏହି ଅବସରରେ ଶିକ୍ଷାବିତ୍ ରଘୁନାଥ ମହାପାତ୍ର, ସାରସ୍ୱତ ସାଧିକା ସୁବିଦ୍ୟା ଦେବୀଙ୍କୁ ସମ୍ମାନିତ କରାଯାଇଥିଲା। ରାଜକୃଷ୍ଣ ମହାନ୍ତି, ଦେବୀଦତ୍ତ ବିଶ୍ୱଜୀବନ ଏବଂ ମିନତି ରଥ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ସଦାଶିବ ମିଶ୍ର ବିବରଣୀ ପାଠ କରିଥିଲେ। ଉପସଭାପତି ଶିବସୁନ୍ଦର ମିଶ୍ର, ଦେବଦତ୍ତ ବିଶ୍ୱରଞ୍ଜନ, ଅନାମ ଚନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ରବୀନ୍ଦ୍ରନାଥ ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ ଏକାଧିକ କବି ସ୍ୱରଚିତ କବିତା ପାଠ କରିଥିଲେ।



କାର୍ଯ୍ୟକ୍ରମରେ ଗଙ୍ଗାଧର ମିଶ୍ର ଫାଉଣ୍ଡେଶନ୍ ପକ୍ଷରୁ ରଘୁନାଥ ମହାପାତ୍ର ଓ ସୁବିଦ୍ୟା ଦେବୀଙ୍କୁ ସମ୍ମାନିତ କରାଯାଉଛି।

### ୧ ବଖରା ଭସ୍ମୀଭୂତ

**ଡେଲାଙ୍ଗ, ୨୨।୨(ଡି.ଏନ୍.ଏ.)**

ଡେଲାଙ୍ଗ ବ୍ଲକର ଗୁଆଳିପଡା ପଞ୍ଚାୟତ ଅନ୍ତର୍ଗତ ମାଛପଡା ଗ୍ରାମରେ ଶନିବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ୧ବଖରା ଭସ୍ମୀଭୂତ ହୋଇଯାଇଛି । ସୂଚନା ଅନୁଯାୟୀ, ମାଛପଡା ଗ୍ରାମର ଉପେନ୍ଦ୍ର ଭଞ୍ଜଜେନାଙ୍କ ପରିବାର ଲୋକେ ଧାନ ଉଷଉଁ ଥିବାବେଳେ ଚୁଲିରୁ କୌଣସି ପ୍ରକାରେ ନିଆଁ ଉଠି ଚାଳରେ ଲାଗିଯାଇଥିଲା । ଏଥିରେ ତାଙ୍କର ଧାନ, ଚାଉଳ, ମୁଗ, ବିରି, ଆସବାବପତ୍ର ସହିତ ଜରୁରୀ କାଗଜପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ ଡେଲାଙ୍ଗ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁଆୟତ୍ତ କରିଥିଲା। ପ୍ରଶାସନ ପକ୍ଷରୁ ତାଙ୍କ ପରିବାରକୁ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

### ମଦ ଜବତ: ଜଣେ ଗିରଫ

**ଡେଲାଙ୍ଗ,୨୨।୨(ଡି.ଏନ୍.ଏ.)**

ଡେଲାଙ୍ଗ ପୋଲିସ ଶନିବାର ୧୫୦ ଲିଟର ଦେଶୀ ମଦ ଜବତ କରିବା ସହିତ ଜଣଙ୍କୁ ଗିରଫ କରିଛି। ଡେଲାଙ୍ଗ – ପିପିଲି ରାସ୍ତାରେ ଏକ ଅଟୋରେ ଏହି ମଦ ବିକ୍ରି କରାଯିବାକୁ ନିଆଯାଉଥିବାବେଳେ ଡେଲାଙ୍ଗ ପୋଲିସ ଖବର ପାଇ ଚଢାଉ କରିଥିଲା। ମଦ ଏବଂ ଅଟୋକୁ ଜବତ କରିବା ସହ ଜୟପୁର ଗ୍ରାମର ଉପେନ୍ଦ୍ର ଘଡେଇଙ୍କୁ ଗିରଫ କରିଛି । ଏ ନେଇ କେସ୍ ନଂ. ୨୬/୨୦ ରୁଜୁ ହୋଇଛି।

# ଅନୁଧ୍ୟାନ ପାଇଁ ଆଜି ଆସିବେ ପ୍ରତିନିଧି ଦଳ

## ପୁରୀ ଜିଲା କଂଗ୍ରେସ ଭବନରେ ଗଣ୍ଡଗୋଳ ପ୍ରସଙ୍ଗ

**ପୁରୀ ଅଫିସ,୨୨।୨**

ପୁରୀ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ହୋଇଥିବା ସଂଘର୍ଷକୁ ଗୁରୁତ୍ୱର ସହ ନେଇଛି ପ୍ରଦେଶ କଂଗ୍ରେସ କମିଟି। କେଉଁ ପରିସ୍ଥିତିରେ ଏବଂ କାହିଁକି ଏପରି ଘଟଣା ଘଟିଲା ତାହା ଅନୁଧ୍ୟାନ କରାଯିବ। ଏଥିପାଇଁ ପିସିସି ନିର୍ଦ୍ଦେଶରେ ଏକ ତିନିଜଣିଆ ପ୍ରତିନିଧି ଦଳ ରବିବାର ପୁରୀ ଆସିବେ। ବଟକୃଷ୍ଣ ତ୍ରିପାଠୀ, ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଏବଂ ବିଶ୍ୱଭୂଷଣ ଦାସଙ୍କୁ ନେଇ ଗଠିତ ଏହି ପ୍ରତିନିଧି ମଣ୍ଡଳୀ ଆହତ ଯୁବକଙ୍କୁ ଭେଟିବେ । ସେମାନଙ୍କଠାରୁ ଘଟଣା ସମ୍ପର୍କରେ ତଥ୍ୟ ସଂଗ୍ରହ କରିବେ। ଏହାପରେ ଏସ୍‌ପିଙ୍କୁ ସାକ୍ଷାତ୍ କରିବେ। ଉକ୍ତ ଘଟଣାକୁ ୬ଦିନ ବିତିଯାଇଥିଲେ ମଧ ପୋଲିସ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେଇ ନ ଥିବା ଅଭିଯୋଗ ହେଉଛି। ଏହି ପ୍ରସଙ୍ଗରେ ଜିଲା କଂଗ୍ରେସର ଏକ ପ୍ରତିନିଧି ଡିଆଇଜିଙ୍କୁ ମଧ ଭେଟିବାର କାର୍ଯ୍ୟକ୍ରମ ଥିବା ଜଣାପଡ଼ିଛି।

# ଅବସରପ୍ରାପ୍ତ ପୋଲିସ ଅଧିକାରୀଙ୍କ ପରଲୋକ

**କଟକ ରୋଡ,୨୨।୨(ଡି.ଏନ୍.ଏ.)**

ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଶନିବାର ଜଣେ ଅବସରପ୍ରାପ୍ତ ପୋଲିସ ଅଧିକାରୀଙ୍କ ପରଲୋକ ଘଟିଛି। ସେ ହେଲେ ପୁରୀ ଜିଲା ସତ୍ୟବାଦୀ ଥାନା ସାକ୍ଷୀଗୋପାଳ ସେବକ ସାହିର ଜଗନ୍ନାଥ ନନ୍ଦ(୬୯)। ପୋଲିସ ସୂଚନା ଅନୁଯାୟୀ, ଜଗନ୍ନାଥ ପୂର୍ବରୁ ଲକ୍ଷ୍ମୀସାଗର ଥାନା ଏଏସ୍‌ଆଇ ଥିବା ବେଳେ ପଦୋନ୍ନତି ପାଇ ଅବସର ନେବା ପରେ ଲକ୍ଷ୍ମୀସାଗର ଅଞ୍ଚଳରେ ରହୁଥିଲେ। ଶନିବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ସେ ଝାରପଡ଼ା ଗଣେଶ ମଣ୍ଡପ ଛକରେ ହାଟକୁ ଆସିଥିବା ବେଳେ ହଠାତ୍ ତଳେ ପଡିଯାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ଝାରପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହୃଦ୍‌ଘାତରେ ଜଗନ୍ନାଥଙ୍କ ମୃତ୍ୟୁ ଘଟିଥାଇପାରେ ବୋଲି ଥାନା ଅଧିକାରୀ ଦୟାନିଧି ନାୟକ କହିଛନ୍ତି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୦/୨୦)ରୁଜୁ ହୋଇଛି।

# ୮୦ କୁକୁଡ଼ାଙ୍କୁ ମାରିଦେଲେ ଦୁର୍ବୃତ୍ତ

**ନିମାପଡ଼ା,୨୨।୨(ଡି.ଏନ୍.ଏ.)**

ନିମାପଡ଼ା ଥାନା ଅନ୍ତର୍ଗତ ଓହୁଳ ଗ୍ରାମର ଅଜୟ କୁମାର ସାହୁଙ୍କ କୁକୁଡା ଫାର୍ମରେ ପଶି କେହି ଦୁର୍ବୃତ୍ତ ପ୍ରାୟ ୮୦ କୁକୁଡାଙ୍କୁ ମାରିଦେଇଥିବା ଶନିବାର ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଫାର୍ମ ମାଲିକ ଅଜୟ ଓ ତାଙ୍କ ପରିବାରବର୍ଗ ଶୁକ୍ରବାର ରାତିରେ ଶୋଇଥିବା ବେଳେ ଘର ନିକଟରେ ଥିବା କୁକୁଡା ଫାର୍ମର ତାଲା ଭାଙ୍ଗି କେହି ଦୁର୍ବୃତ୍ତ ପଶି ପ୍ରାୟ ୮୦କୁକୁଡ଼ାଙ୍କ ବେକ କାଟି ମାରିଦେଇଥିଲେ। ମରିଯାଇଥିବା କୁକୁଡ଼ାଙ୍କ ଆନୁମାନିକ ମୂଲ୍ୟ ୨୫ହଜାର ଟଙ୍କା ହେବ ବୋଲି ଅଜୟ କହିଛନ୍ତି। ଜଣେ ଦୁର୍ବୃତ୍ତ ଫାର୍ମରେ ଚପଲ ଛାଡିଯାଇଥିବା ଜଣାପଡିଛି। ପୂର୍ବ ଶତ୍ରୁତା କିମ୍ବା କୌଣସି ବ୍ୟକ୍ତି କ୍ରୋଧାନ୍ୱିତ ହୋଇ ଏଭଳି କାଣ୍ଡ ଘଟାଇଥିବା ପୋଲିସ ସନ୍ଦେହ କରୁଛି।



ପୁରୀଠାରେ ବ୍ଲୁ ଫ୍ଲାଗ୍ ବିଚ୍ ଲାଗି ତିଆରି ହୋଇଥିବା ବ୍ୟାରିକେଡ ସମୁଦ୍ର ଢେଉ ମାଡ଼ରେ ଭାଙ୍ଗିଯାଇଛି।

# ମାନବିକତା ଦେଖାଇଲେ ଆର୍‌ପିଏଫ୍ କର୍ମଚାରୀ

## ଆହତ ଯୁବକଙ୍କୁ ପ୍ଲାଟଫର୍ମରୁ ଉଠାଇ ଡାକ୍ତରଖାନା ନେଲେ

**ପୁରୀ ଅଫିସ, ୨୨।୨**

ଆଜିର ବ୍ୟସ୍ତବହୁଳ ଜୀବନରେ କାହାରି ପାଖରେ ସମୟ ଟିକେ ନାହିଁ। ରାସ୍ତାରେ ପଡ଼ିଥିବା ବ୍ୟକ୍ତିଙ୍କୁ ସହଯୋଗର ହାତ ବଢାଇବା ତ ଦୂରର କଥା ଆହା ପଦେ କହିବାକୁ ଲୋକେ କୁଣ୍ଠାବୋଧ କରୁଛନ୍ତି। ଏଭଳି ସ୍ଥିତିରେ ଭିନ୍ନ ଦୃଶ୍ୟଟିଏ ଦେଖିବାକୁ ମିଳିଛି ପୁରୀ ରେଳଷ୍ଟେଶନରେ। ପ୍ଲାଟଫର୍ମରେ ଗୁରୁତର ଅବସ୍ଥାରେ ପଡ଼ି ଛଟପଟ ହେଉଥିବା ଜଣେ ଯୁବକଙ୍କୁ ସହଯୋଗର ହାତ ବଢାଇଛନ୍ତି ଆର୍‌ପିଏଫ୍ ଏଏସ୍‌ଆଇ ଆର୍.କେ. ପାତ୍ର। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିବା ସହ ଖୁବ୍‌ଶୀଘ୍ର ସୁସ୍ଥ ହେବା ନେଇ ଆଶା ଦେଖାଇଛନ୍ତି। ପାତ୍ରଙ୍କ ଏଭଳି କାର୍ଯ୍ୟ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ତାଙ୍କର ମାନବିକତା ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଥିବାବେଳେ ସାଧାରଣରେ ତାଙ୍କୁ ପ୍ରଶଂସା କରାଯାଇଛି। ପୁରୀ ଆର୍‌ପିଏଫ୍ ଥାନାଧିକାରୀ ଅନିଲ କୁମାର ସିଂଙ୍କ ସୂଚନା ଅନୁଯାୟୀ, ଗୁରୁବାର ସକାଳେ ଷ୍ଟେଶନ ପରିସରରେ ପାତ୍ର ଡ୍ୟୁଟି କରୁଥିଲେ। ୮ନମ୍ବର ପ୍ଲାଟଫର୍ମରେ ଥିବାବେଳେ ଜଣେ ଯୁବକ ଗୁରୁତର ଆହତ ହୋଇ ପଡ଼ିରହିଥିବା ଦେଖିବାକୁ ପାଇଥିଲେ। ସେହି ସମୟରେ ଅନେକ ଯାତ୍ରୀ ଯାତାୟାତ କରୁଥିଲେ ବି କେହି ତାଙ୍କ ପ୍ରତି ସହାନୁଭୂତି ଦେଖାଇ ନ ଥିଲେ। ତେବେ ପାତ୍ର ଏହାଦେଖି ପ୍ରଥମେ ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ଆହତ ଯୁବକଙ୍କୁ ନିଜ କାନ୍ଧରେ ବୋହି ଆମ୍ବୁଲାନ୍ସରେ ନେଇ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ଯୁବକଙ୍କ ପରିଚୟ ପାଇ ତାଙ୍କ ପିତାଙ୍କୁ ଯୋଗାଯୋଗ କରିଥିଲେ। ଅଧିକ ଚିକିତ୍ସା ଲାଗି ଶୁକ୍ରବାର ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଶନିବାର ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବା ପରେ ପିତାଙ୍କଠାରୁ ସମସ୍ତ କଥା ଶୁଣି ସେ ପାତ୍ରଙ୍କୁ କୃତଜ୍ଞତା ଜଣାଇଥିଲେ।



ଚିକିତ୍ସାଧୀନ ଯୁବକଙ୍କ ନିକଟରେ ଆରପିଏଫ୍ ଏଏସ୍‌ଆଇ ଆର୍.କେ. ପାତ୍ର।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୩ ଫେବୃୟାରୀ, ୨୦୨୦



କାମ କରୁଥିବାବେଳେ ଯେଉଁ ଲୋକ ମନ ଖୋଲା
ଗୀତ ଗାଏ, ସେ' ହିଁ ଦୁନିଆରେ ପ୍ରକୃତ ସୁଖୀ।
-କାର୍ଲାଇଲ



## ସଂକ୍ଷେପରେ

### ଶ୍ରୀରାମଚରିତ ମାନସ ପାରାୟଣ, ପ୍ରବଚନ

କଣାସ,୨୨।୨(ଡି.ଏନ୍.ଏ.) କଣାସସ୍ଥିତ ଠାକୁର ଲୋକନାଥ ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ପଞ୍ଚଦଶ ବାର୍ଷିକ ଶ୍ରୀରାମଚରିତ ମାନସ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ କଳସ ଯାତ୍ରା, କଳସ ସ୍ଥାପନ, ଅଙ୍କୁରାରୋପଣ, ସାମୂହିକ ହନୁମାନ ଚାଲିଶାପାଠ, ସୂର୍ଯ୍ୟପୂଜନ, ପ୍ରାଣପ୍ରତିଷ୍ଠା ଅଭିଷେକ, ବ୍ୟାହୁତି ଓ ଆହୁତି ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟକର୍ତ୍ତା ଭାବେ ସୁକାନ୍ତ ସାମନ୍ତରାୟ ଓ ଗୀତାରାଣି ସାମନ୍ତରାୟ ରହିଥିବାବେଳେ, ମୁଖ୍ୟ ପୁରୋଧା କାଳୁଚରଣ ପ୍ରହରାଜ ରହିଛନ୍ତି। ଲୋକନାଥ ସେବା ପରିଷଦ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ମହାଶିବରାତ୍ରିରେ ଉଦ୍‌ଯାପନ ହେବ। ରାଣୀପଡା ମଠର ସନ୍ଥ ଶତ୍ରୁଘ୍ନ ଦାସଜୀ ମହାରାଜ, ବିରଞ୍ଚି ନାରାୟଣ ଦାସ, ସୁଦାମ ଚରଣ ଦାସ, ନାରାୟଣ ଦାସ (ରାମାୟଣୀ) ପ୍ରମୁଖ ପ୍ରବଚନ ପରିବେଷଣ କରୁଛନ୍ତି। କଣାସ ବଡମଠ ମହନ୍ତ ପୂର୍ଣ୍ଣଚନ୍ଦ୍ର ଦାସଜୀ ମହାରାଜ, ସାନମଠ ମହନ୍ତ ବିଶ୍ୱମ୍ବର ଦାସଜୀ ମହାରାଜ, ବାଦଲ ମଠ ମହନ୍ତ ସନାତନ ଦାସଜୀ ମହାରାଜ, ଅତିଥିରୂପେ ଯୋଗ ଦେଇଥିଲେ।

### ସହଯୋଗ ପ୍ରଶିକ୍ଷଣ ଶିବିର

ବଲଙ୍ଗା,୨୨।୨(ଡି.ଏନ୍.ଏ.): ବଲଙ୍ଗା ଥାନା ଅଧୀନ ଷଣ୍ଢଗୋରଡ଼ା ପ୍ରାଥମିକ ବିଦ୍ୟାଳୟରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଚାଳନା ପରିଷଦ ସଭ୍ୟାସଭ୍ୟଙ୍କ ସହଯୋଗ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ରାଜକିଶୋର ଦାଶ ଅତିଥିଭାବେ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ପ୍ରଶିକ୍ଷକ ଭାବେ ରାମଚନ୍ଦ୍ର ସାହୁ, ନକୁଳ ବେହେରା, ନଗେନ ଜେନା, ଶଶିଭୂଷଣ ପ୍ରଧାନ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ସାମଗ୍ରିକ ବିକାଶ, ଶିଶୁ ଅଧିକାର, ମୋ ବିଦ୍ୟାଳୟ ବିକାଶ ପାଇଁ ଆସୁଥିବା ଅନୁଦାନର ବିନିଯୋଗ, ଶିଶୁ ଓ ଶିକ୍ଷା ଅଧିକାର ଆଇନ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶିବିରରେ ପଞ୍ଚାୟତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଉଚ୍ଛୁପୁର ସାଧନକେନ୍ଦ୍ର ଅଧୀନ ୧୧ଟି ବିଦ୍ୟାଳୟ ପରିଚାଳନା ପରିଷଦର ଶତାଧିକ ସଭ୍ୟାସଭ୍ୟ ଯୋଗଦେଇଥିଲେ। ବାସୁଦେବ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଜୟ କୁମାର ପଣ୍ଡା, କୁଞ୍ଜବିହାରୀ ମଲ୍ଲିକ, ଅନସୂୟା ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଅଷ୍ଟପ୍ରହର ନାମଯଜ୍ଞ

ବଲଙ୍ଗା,୨୨।୨(ଡି.ଏନ.ଏ.): ବଲଙ୍ଗା ଅଞ୍ଚଳର ଶମ୍ଭୁଭାରତୀ ପାଟଣା ଗ୍ରାମରେ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ମଠ ପରିସରରେ ଗୁରୁବାର ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଖଡିକୁଦା, ଗେଣ୍ଡା ମାଳି, ଦାଶ ପୁରୁଷୋତ୍ତମପୁର, ବାଲି ସାହି, ଦେଉଳି ସାହି, ବୋଲଗଡ଼ ସମ୍ମୁର ମହିଳା ସଂକୀର୍ତ୍ତନ ମଣ୍ଡଳୀ ନାମଯଜ୍ଞରେ ଅଂଶଗ୍ରହଣ କରିଥିଲେ। ଶୁଭାଧିସ ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି ନଗର ସଂକୀର୍ତ୍ତନ ଗ୍ରାମବାସୀଙ୍କ ଦ୍ୱାରା ସମାହିତ ହୋଇଯାଇଛି।

### କବି ଅନାମ ଚରଣ ସାହୁଙ୍କୁ ସାରସ୍ୱତ ସମ୍ମାନ

କାକଟପୁର,୨୨।୨(ଡି.ଏନ୍.ଏ.): କାକଟପୁର ଷ୍ଟୋରି ମିରର ପକ୍ଷରୁ ଭୁବନେଶ୍ୱରର ଭଞ୍ଜକଳା ମଣ୍ଡପଠାରେ ଆୟୋଜିତ ସାରସ୍ୱତ କାର୍ଯ୍ୟକ୍ରମରେ ସାଂସ୍କୃତିକ ବିଚିତ୍ରା, ପୁସ୍ତକ ଉନ୍ମୋଚନ ଓ ପ୍ରତିଭା ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କାକଟପୁର ଅଞ୍ଚଳର କବି ତଥା ଶିକ୍ଷକ ଅନାମ ଚରଣ ସାହୁଙ୍କୁ ସାରସ୍ୱତ କବିତା ସମ୍ମାନ -୨୦୨୦ ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ନାରାୟଣ ଚନ୍ଦ୍ର ସେନାପତି, ଦୀପ୍ତିଲେଖା ମିଶ୍ର, ସଦାନନ୍ଦ ସାହୁ ସମେତ ୨୦ଜଣଙ୍କୁ ସମ୍ମାନିତ କରାଯାଇଥିଲା। ପୂର୍ବରୁ ସଂଯୋଜକ କମଳ କିରଣଙ୍କ ସଂଯୋଜନାରେ କବି ଓ ସାହିତ୍ୟିକମାନଙ୍କର ପରିଚୟ ପ୍ରଦାନ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ସନ୍ଧ୍ୟାରେ ବରେଣ୍ୟ ଅତିଥି ସନ୍ତୋଷ ମିଶ୍ର, ଡ.ସୁଷମା ମିଶ୍ର, ଅନଲାଇନ ଷ୍ଟୋରି ମିରର ପ୍ରତିଷ୍ଠାତା ବିଭୁଦତ୍ତ ରାଉତ ଓ ପଲ୍ଲବିନୀ ଆଚାର୍ଯ୍ୟ ଯୋଗଦେଇଥିଲେ। ବିଭୁଦତ ରାଉତ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପରେ ବିଭିନ୍ନ କବିତା, ଗଳ୍ପ ଓ ଉପନ୍ୟାସ ପୁସ୍ତକ ଉନ୍ମୋଚିତ ହେବା ସହ କବିତା ଓ ଗଳ୍ପ ପାଇଁ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା।

# ଗାନ୍ଧୀଙ୍କ ଜୀବନୀ ବଖାଣୁଛି 'ଶାନ୍ତିକେନ୍ଦ୍ର'



ସେଲ୍‌ଫି ବୁଥ୍‌ରେ ଲୋକେ ସେଲ୍‌ଫି ନେଉଛନ୍ତି।



ଶାନ୍ତିକେନ୍ଦ୍ରରେ ସଂଗୃହୀତ ହୋଇ ରହିଥିବା ସାମଗ୍ରୀ ।

ଭୁବନେଶ୍ୱର, ୨୨।୨(ବ୍ୟୁରୋ)

୨୦୧୭ରୁ ୨୦୨୦। ବହୁ ଦିନର ପ୍ରତୀକ୍ଷା ପରେ ଶନିବାରଠାରୁ ଖଣ୍ଡଗିରି ନିକଟ ବ୍ୟାଖ୍ୟାନ କେନ୍ଦ୍ର ପରିସରରେ ଖୋଲିଛି ଗାନ୍ଧୀ ଶାନ୍ତି କେନ୍ଦ୍ର। ଏଠାରେ ରହିଥିବା ୬ ଗ୍ୟାଲେରୀ 'ଅହିଂସା ପ୍ରଦର୍ଶିକା', 'ଏକବିଂଶ ଶତାବ୍ଦୀର ମହାତ୍ମା', 'ମୋହନଦାସରୁ ମହାତ୍ମା', 'ମହାତ୍ମାରୁ ବାପୁ', 'ଗାନ୍ଧୀ ଆଦର୍ଶ', 'ପ୍ରେରଣାଦାୟକ ଏବଂ ଚିରନ୍ତନ ଗାନ୍ଧୀ ଭଣ୍ଡାର' ଗାନ୍ଧିଜୀଙ୍କ ଜୀବନ ସଂଗ୍ରାମର କଥା କହୁଛି, ଯେଉଁଥିରେ ମହାତ୍ମା ଗାନ୍ଧୀଙ୍କ ଉପରେ ସମ୍ପୂର୍ଣ୍ଣ ତଥ୍ୟ ରହିଛି। ମହାତ୍ମା ଗାନ୍ଧୀ ୮ଥର ଓଡ଼ିଶାକୁ ଆସି ବିଭିନ୍ନ ସ୍ଥାନରେ ଅବସ୍ଥାନ କରିଥିଲେ। ତାଙ୍କର ପ୍ରତିଟି ମୁହୂର୍ତ୍ତ କିପରି କଟିଥିଲା ସେସବୁକୁ ମଧ୍ୟ ଏଠାରୁ ଜାଣିବାକୁ ମିଳୁଛି। ଅହିଂସା ଛକ, ଅହିଂସା ସ୍ତମ୍ଭ, ନୀରବ ସରୋବର, ଓକିଲ ମୋହନଦାସ, ମହାତ୍ମାଙ୍କ ପ୍ରତ୍ୟାବର୍ତ୍ତନ, ବାପୁ, ହାତଖଞ୍ଜା ଅକ୍ଷର ଛାପ ଯନ୍ତ୍ର, ମହାତ୍ମା ବାଣୀ, ମହାତ୍ମାଙ୍କ ଭଜନ ଓ ଗାନ୍ଧୀଙ୍କ ସ୍ୱାକ୍ଷର ଆଦି ରହିଛି। ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଦ୍ୱାରା ପରିଚାଳିତ ସଂଗ୍ରହାଳୟଟି ହିନ୍ଦୀ, ଇଂଲିଶ ଓ ଓଡ଼ିଆ ଭାଷାରେ ମହାତ୍ମା ଗାନ୍ଧୀଙ୍କ ଜୀବନୀ ବଖାଣୁଛି।

**ଫୋନ୍‌ରେ ଗାନ୍ଧୀଙ୍କ ଭାଷଣ**

ଏହି କେନ୍ଦ୍ରରେ ଏପରି ଏକ ଟେଲିଫୋନ୍ ରଖାଯାଇଛି, ଯାହା ଉଠାଇବା କ୍ଷଣି ଶୁଣିବାକୁ ମିଳିବ ଗାନ୍ଧିଜୀଙ୍କ ଭାଷଣ। ଏହା ପର୍ଯ୍ୟଟକ ଓ ଛାତ୍ରୀଛାତ୍ରଙ୍କୁ ବେଶ୍ ଆକର୍ଷିତ କରୁଛି। ଏହାସହିତ ସେଲ୍‌ଫି ବୁଥ୍ ଓ ଫିଡ୍ ବ୍ୟାକ୍ ଜୋନ୍ ରହିଛି। ଏକ କାଚ ଗୃହରେ ସ୍ୱତନ୍ତ୍ର କ୍ୟାମେରା ଖଞ୍ଜା ହୋଇଛି, ଯେଉଁଠି ଜଣେ ବ୍ୟକ୍ତି ନିଜର ଫଟୋ ଗାନ୍ଧିଜୀଙ୍କ ସହ ଉଠାଇପାରିବେ ଏବଂ ଇମେଲ୍ ଜରିଆରେ ଉକ୍ତ ଫଟୋ ସଙ୍ଗେ ସଙ୍ଗେ ପାଇପାରିବେ। ଏହାସହିତ ଫିଡ୍‌ବ୍ୟାକ୍ ରୁମ୍‌ରେ ଥିବା ସ୍କ୍ରିନ୍‌କୁ ଟଚ୍ କରି ନିଜର ଅନୁଭୂତି ବଖାଣିଲେ ତାହା ତୁରନ୍ତ ସେଭ୍ ହୋଇ ହରିଯାଉଛି।

**ଆଶ୍ଚର୍ଯ୍ୟ କରୁଛି ଗାନ୍ଧୀଙ୍କ ଭଜନ**

ଏକ ସ୍ୱତନ୍ତ୍ର କାଚ ଗୃହରୁ ଭାସି ଆସୁଛି ଗାନ୍ଧିଜୀଙ୍କ ପ୍ରିୟ ୫ ଗୀତ। ଗୁଜରାଟୀ, ବେଙ୍ଗଲୀ ଓ ହିନ୍ଦୀ ଭାଷାର ଏହି ସଙ୍ଗୀତ ପରିବେଷଣ କରାଯାଉଛି। ସେହି ସ୍ଥାନରେ ୫ ଭିନ୍ନ ଭିନ୍ନ ପରିମାଣ(ଓଜନ)ର ଲୁଣ ଡବା ରଖାଯାଇଛି। ସେଥିରୁ ଗୋଟିଏ ଡବା ଉଠାଇ ଏକ ସ୍ଥାନରେ ରଖିଲେ ଗୀତ ବଦଳିଯାଉଛି।

**ବାର୍‌କୋଡ୍ ସ୍କାନ କଲେ ମିଳୁଛି ତଥ୍ୟ**

ଗାନ୍ଧୀ ଶାନ୍ତି କେନ୍ଦ୍ର କାନ୍ଥରେ ରହିଛି ଏକ ବାର୍‌କୋଡ୍। ଏହାକୁ ମୋବାଇଲ୍ ଫୋନ୍‌ରେ ସ୍କାନ୍ କଲେ ଗାନ୍ଧିଜୀଙ୍କ ସମ୍ପର୍କରେ ତଥ୍ୟ ମିଳିପାରୁଛି। ସାଉଥ୍ ଆଫ୍ରିକାରେ ୧୮୯୩ରୁ ୧୯୧୪ ପର୍ଯ୍ୟନ୍ତ ମହାତ୍ମା ଗାନ୍ଧୀଙ୍କ କାର୍ଯ୍ୟାବଳୀ ସମ୍ପର୍କରେ ହେଉ ଅବା ଗାନ୍ଧିଜୀଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିବିଶେଷଙ୍କ ସମ୍ପର୍କରେ ଜାଣି ହେଉଛି।



ପ୍ରଶାସନର କଟକଣା ସତ୍ତ୍ୱେ ପୁରୀ ପେଣ୍ଠକଟା ସମୁଦ୍ର ବେଳାଭୂମି ନିକଟରେ ନିର୍ମିତ ହୋଇଥିବା ଘର।

### ୨୪ରୁ ସମବାୟ କର୍ମଚାରୀଙ୍କ ଧାରଣା

ପୁରୀ ଅଫିସ, ୨୨।୨: ୟୁନାଇଟେଡ ପୁରୀ-ନିମାପଡ଼ା ସମବାୟ ବ୍ୟାଙ୍କ ଅଧୀନ ଶତାଧିକ କର୍ମଚାରୀ ବିଭିନ୍ନ ଦାବି ନେଇ ୨୪ତାରିଖରୁ ଧାରଣାରେ ବସିବେ। ପୂର୍ବରୁ ବିଭିନ୍ନ ଦାବି ନେଇ ସେମାନେ ବ୍ୟାଙ୍କ ଆଗରେ ଧାରଣା ଦେଇଥିଲେ। ଦାବି ପୂରଣ ତଥା ସମସ୍ୟା ସମାଧାନ ଦିଗରେ ପ୍ରତିଶ୍ରୁତି ଦେଇ କର୍ତ୍ତୃପକ୍ଷ ଅଣଦେଖା କରୁଛନ୍ତି। ତେଣୁ ପୁଣି କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ଗୁରୁବାର ଏକ ପ୍ରେସ ବିବୃତିରେ କୁହାଯାଇଛି।

# କଣାସରେ ଶ୍ରୀଅରବିନ୍ଦ ପାଠଚକ୍ର

କଣାସ,୨୨।୨(ସ୍ୱ.ପ୍ର.)

କଣାସ ବ୍ଲକର ବିଭିନ୍ନ ସ୍ଥାନରେ ଶ୍ରୀମା'ଙ୍କ ୧୪୩ତମ ଜନ୍ମଦିବସ ପାଳନ ହୋଇଯାଇଛି। ଗଡ଼ସାହି ପଞ୍ଚାୟତର ମାତୃବିହାରର ବରୁଣ ନଗରଠାରେ ଅବସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଶ୍ରୀମା'ଙ୍କ ଜନ୍ମଦିବସ ପାଳନ ହୋଇଯାଇଛି। କଣାସ ବ୍ଲକ କଲୋନୀଠାରେ ଶ୍ରୀମା'ଙ୍କ ଜନ୍ମଦିବସ ଅବସରରେ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ଡ. ପ୍ରଦୀପ କୁମାର ମିଶ୍ର ଯୋଗଦେଇ ସମସ୍ତ ମନୁଷ୍ୟ ଶ୍ରୀମା'ଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ କହିଥିଲେ। ଶ୍ରୀମା'ଙ୍କ ଉପରେ ଦୃଢ ବିଶ୍ୱାସ ରଖି ସକଳ କର୍ମ ସେବା କରିବାକୁ ଆହ୍ୱାନ ଦେଇଥିଲେ। ଅଧ୍ୟାପକ ଗଙ୍ଗାଧର ମହାପାତ୍ର, ବରିଷ୍ଠ ମାତୃ ସାଧକ ବିଶ୍ୱମ୍ବର ସାହୁ, ବ୍ଲକ ପାଠଚକ୍ର ଆବାହକ ଅକ୍ଷୟ କୁମାର ରାୟସିଂହ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଶେଷରେ ଶିକ୍ଷାବିତ୍ ବିଜୟ କୁମାର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ। ସେହିଭଳି ଗଡସାହି, ଗଡବଳଭଦ୍ରପୁର, ଅଶ୍ୱତ୍ଥପାରୀ, କାଳୀଘଡି, ପୋତାଘର, ଭାଟପଡା, ବିଲପାଟଣା, ଚୁପୁରିଙ୍ଗି, ବିନ୍ଧଣ ଗ୍ରାମରେ ଶ୍ରୀମା ଅରବିନ୍ଦଙ୍କ ଭକ୍ତମାନେ ତାଙ୍କ ଜନ୍ମଦିନ ପାଳନ କରିଥିଲେ।



ଶ୍ରୀମନ୍ଦିର ସମ୍ମୁଖ ନୂତନ ବାରିକେଡ୍‌ରେ ପରିସରରେ ଲାଗିଥିବା ସିସିଟିଭି କ୍ୟାମେରା ଅଚଳ ହୋଇପଡିଛି।

# ୨ଲକ୍ଷ ଟଙ୍କାର ଜାଲ୍ ଇ-ରେଳ ଟିକେଟ ଜବତ



**ଖଡ଼ଗପୁରରୁ ଗିରଫ ହେଲେ ଦଲାଲ**

**କିଭଳି ଧରାପଡ଼ିଲେ**

ଭୁବନେଶ୍ୱରର ଜଣେ ଯାତ୍ରୀ ଅନ୍‌ଲାଇନରେ ପୀୟୂଷଙ୍କଠାରୁ ଟିକେଟ କିଣି ନିଜର ଗନ୍ତବ୍ୟ ସ୍ଥଳକୁ ଯାଉଥିଲେ। ଭୁବନେଶ୍ୱର ଷ୍ଟେଶନରେ ଜଣେ ଆର୍‌ପିଏଫ୍ କର୍ମଚାରୀ ଏହି ଟିକେଟ ଦେଖିବା ପରେ ତାଙ୍କ ଆଇଡିରୁ ତାହା କରାଯାଇ ନ ଥିବା ଜାଣିବା ପରେ ସନ୍ଦେହ ହୋଇଥିଲା। ଉକ୍ତ ବ୍ୟକ୍ତିଙ୍କୁ ପଚରାଉଚରା କରିବା ପରେ ଦଲାଲଙ୍କ ନାମ ପଦାକୁ ଆସିଥିଲା। ଆର୍‌ପିଏଫ ପୋଲିସ ଖଡ଼ଗପୁରରେ ଚଢାଉ କରି ପୀୟୂଷଙ୍କୁ ଗିରଫ କରିଥିଲେ।

**ଘରେ ବସି କରୁଥିଲେ ଇ-ଟିକେଟ**

ପୀୟୂଷ ଘରେ ବସି ବିଭିନ୍ନ ଲୋକଙ୍କ ନାଁରେ ଜାଲ୍ ଆଇଡି ପ୍ରସ୍ତୁତ କରି ତତ୍କାଳ ଓ ସଂରକ୍ଷଣ ରେଳ ଟିକେଟ ବୁକ୍ କରୁଥିଲେ। ଉକ୍ତ ଟିକେଟକୁ ସେ ଅଧିକ ଦାମ୍‌ରେ ଅନ୍‌ଲାଇନରେ ଲୋକଙ୍କୁ ବିକ୍ରି କରୁଥିଲେ। ଲୋକେ ଜରୁରୀ ସମୟରେ ଏପରି ଦଲାଲଙ୍କ ସହାୟତା ନେଇ ଟିକେଟ କିଣି ଯାତ୍ରା କରୁଥିଲେ। ଏହା ବେଆଇନ ହୋଇଥିବାରୁ ରେଲ୍‌ୱେ କର୍ତ୍ତୃପକ୍ଷ ଗୁରୁତ୍ୱର ସହ ନେଇ ପଦକ୍ଷେପ ନେବାକୁ ଆର୍‌ପିଏଫ୍‌କୁ ନିର୍ଦ୍ଦେଶ ଦେଇଥିଲେ।

ଭୁବନେଶ୍ୱର,୨୨।୨(ବ୍ୟୁରୋ)

ରାଜଧାନୀରେ ଇ-ରେଳ ଟିକେଟ ଜାଲିଆତି ର୍‍ୟାକେଟ। ଇତିମଧ୍ୟରେ ରେଳ ସୁରକ୍ଷା ବଳ (ଆର୍‌ପିଏଫ୍) ବିଭିନ୍ନ ସମୟରେ ଚଢ଼ାଉ କରି ବହୁ ଦଲାଲଙ୍କୁ ଗିରଫ କରିବା ସହ ତଦନ୍ତ ଚଳାଇଥିବାବେଳେ ଦେଶର ବିଭିନ୍ନ ସହରରେ ଏପରି ର୍‍ୟାକେଟ ଚାଲିଥିବା ଜାଣିବାକୁ ପାଇଛି। ନିକଟରେ ଧରାପଡିଥିବା ଦଲାଲଙ୍କଠାରୁ ଆର୍‌ପିଏଫ୍ ବିକ୍ରି ହୋଇସାରିଥିବା ବିପୁଳ ଜାଲ୍ ଇ-ରେଳ ଟିକେଟ ଜବତ କରିଥିଲା। ସେଥିମଧ୍ୟରୁ କେତେକ ଟିକେଟରେ ଯାତ୍ରା ହୋଇଥିବାବେଳେ ଆଉ କେତେକ ବାକି ଥିଲା। ଏହାକୁ ଧରି ଆର୍‌ପିଏଫ୍ ତା'ର ତଦନ୍ତକୁ ଆଗକୁ ବଢ଼ାଇଥିବାବେଳେ ଶନିବାର ପଶ୍ଚିମବଙ୍ଗର ଖଡ଼ଗପୁରରୁ ଆଉଜଣେ ଦଲାଲଙ୍କୁ ଗିରଫ କରିଛି। ସେ ହେଲେ ପୀୟୂଷ ରାଣା। ତାଙ୍କ ନିକଟରୁ ୨ଲକ୍ଷ ଟଙ୍କାର ଇ- ରେଳ ଟିକେଟକୁ ଜବତ କରାଯାଇ ଅଧିକ ତଦନ୍ତ ଜାରି ରହିଥିବା ଆର୍‌ପିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି।

# ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ଦୁଇଜଣ ଛାତ୍ରୀ ତାଲିମ ନେଉଛନ୍ତି।

ପିପିଲି,୨୨।୨(ଡି.ଏନ.ଏ)

ପିପିଲି-ନିମାପଡ଼ା ରାସ୍ତାର ଖେଲାର କୁଅଁରପୁରସ୍ଥିତ ବାଣୀଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୨ଦିନ ଧରି ଚାଲିଥିବା ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନ ଦିବସରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ଅଧ୍ୟକ୍ଷା ଜ୍ୟୋତ୍ସ୍ନାରାଣୀ ବସ୍ତିଆ, ସାଇଁସ ପଞ୍ଚାୟତର ସରପଞ୍ଚ ଗୀତାଞ୍ଜଳି ପ୍ରଧାନ, ସାମାଜିକ କର୍ମୀ ସୁଶାନ୍ତ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହି ତାଲିମର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ବଳାତ୍କାର, ରାହାଜାନି, ଅପହରଣ ଭଳି ଘଟଣାର ଦୃଢ଼ ମୁକାବିଲା ପାଇଁ ମହିଳା ଓ ଯୁବତୀମାନେ ଆଉ ଅବଳାଦୁର୍ବଳା ନ ରହି ଆତ୍ମରକ୍ଷା କୌଶଳ ଦ୍ୱାରା ନିଜକୁ ସୁରକ୍ଷିତ ରଖିପାରିବେ ବୋଲି ଅତିଥିମାନେ କହିଥିଲେ। ଏହି ଶିବିରରେ ୧୪୮ଜଣ ଛାତ୍ରୀ ଭାଗନେଇଥିଲେ। ସୋନାଲିକା ମୁଦୁଲି ଓ ଆରତୀ ନାୟକ ପ୍ରଶିକ୍ଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଓଡ଼ିଆ ଅଧ୍ୟାପକ ତ୍ରିଲୋଚନ ଦାସ ଓ ଶିକ୍ଷା ବିଭାଗର ଅଧ୍ୟାପିକା ସୁପ୍ରଭା କୁମାରୀ ସାହୁ ଶିବିର ପରିଚାଳନା କରିଥିଲେ। ଶେଷରେ ଅଧ୍ୟାପକମାନେ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ।

### ବୃଦ୍ଧାଶ୍ରମକୁ ଅଟୋଚାଳକ ସଂଘର ସହାୟତା



ବୃଦ୍ଧାଶ୍ରମ କର୍ତ୍ତୃପକ୍ଷଙ୍କୁ ଅଟୋଚାଳକ ସଂଘ ପକ୍ଷରୁ ସହାୟତା ରାଶି ପ୍ରଦାନ କରାଯାଉଛି।

ପୁରୀ ଅଫିସ,୨୨।୨:

ପୁରୀ ଷ୍ଟେଶନ ଅଟୋଚାଳକ ସଂଘ ପକ୍ଷରୁ ଶନିବାର ହୋପ୍ ଇଜ୍ ଲାଇଫ୍ ଦ୍ୱାରା ପରିଚାଳିତ ବୃଦ୍ଧାଶ୍ରମକୁ ୧୦ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହି ଅବସରରେ ଉଭୟ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ପୂର୍ବରୁ ଦିଲ୍ଲୀସ୍ଥିତ ପୂର୍ବତନ ସେନାଧିକାରୀ ପି.କେ. ଚଢା ଏହି ବୃଦ୍ଧାଶ୍ରମକୁ ୫ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ ବୋଲି ସମ୍ପାଦକ ଦିନଭଞ୍ଜନ ପଣ୍ଡା କହିଛନ୍ତି। ଅସହାୟ ବୃଦ୍ଧାବୃଦ୍ଧଙ୍କୁ ଉପଯୁକ୍ତ ସେବା ଶୁଶ୍ରୁଷା ଯୋଗାଇଦେବା ଉଦ୍ଦେଶ୍ୟରେ ଏହି ବୃଦ୍ଧାଶ୍ରମ ଆରମ୍ଭ କରାଯାଇଛି ବୋଲି ସେ କହିଛନ୍ତି।

# ପମ୍ପ୍‌ହାଉସରେ ତାଲା ପକାଇ ଧାରଣା

କୃଷ୍ଣପ୍ରସାଦ,୨୨।୨(ଡି.ଏନ.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ କୃଷ୍ଣପ୍ରସାଦ ପଞ୍ଚାୟତରେ ଜଳ ସଙ୍କଟ ଦେଖାଦେଇଛି। ଏହାର ପ୍ରତିକାର ପାଇଁ ଶନିବାର ଲୋକେ ପମ୍ପ୍‌ହାଉସରେ ତାଲା ପକାଇ ଧାରଣା ଦେଇଥିଲେ।

ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ତରଫରୁ କୃଷ୍ଣପ୍ରସାଦରେ ଏକ ୩ଲକ୍ଷ ଲିଟର ବିଶିଷ୍ଟ ପାଣିଟାଙ୍କି ନିର୍ମାଣ କରାଯାଇଛି। ଉକ୍ତ ଟାଙ୍କିରୁ ସମସ୍ତ ଗ୍ରାମକୁ ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ ପିଇବା ପାଣି ଯୋଗାଇ ଦିଆଯାଇଥାଏ। ଏହାଛଡା କିଛି ଲୋକ ସରକାରୀ ଧାର୍ଯ୍ୟ ଅର୍ଥ ଦାଖଲ କରି ନିଜ ଘର ମଧ୍ୟକୁ ସଂଯୋଗ ନେଇଛନ୍ତି। ଏମାନଙ୍କ ମଧ୍ୟରୁ କେତେଜଣ ମୋଟର ଲଗାଇ ନିଜ ଟାଙ୍କିକୁ ବେଆଇନ ଭାବେ ପାଣି ଉଠାଇଥିଲେ। ଏହାଦ୍ୱାରା ବିଭିନ୍ନ ଗ୍ରାମକୁ ଜଳଯୋଗାଣ ବ୍ୟାହତ ହୋଇଥିଲା। କେତେକ ପାଣିଟ୍ୟାପରେ ଅତି ଧିର ଓ କେତେକ ସ୍ଥାନରେ ଆଦୌ ପାଣି ଆସୁ ନ ଥିବା ଦେଖାଯାଇଥିଲା। ବେଆଇନ ମୋଟର ଲଗାଇବା ଦ୍ୱାରା ସମସ୍ୟା ଉପୁଜୁଥିବା ଜଣାପଡିବା ପରେ ଲୋକେ ଏହାର ସମାଧାନ ପାଇଁ ବିଭାଗୀୟ କର୍ମଚାରୀ ଓ ସ୍ଥାନୀୟ ସରପଞ୍ଚଙ୍କ ନିକଟରେ ଅଭିଯୋଗ କରିଥିଲେ। ସରପଞ୍ଚ ଓ ବିଭାଗୀୟ କର୍ମଚାରୀ ମନା କରିବା ସତ୍ତ୍ୱେ ସେମାନେ ପୂର୍ବଭଳି ମୋଟର ଲଗାଇଥିଲେ। ଏହାର ସମାଧାନ ପାଇଁ କୃଷ୍ଣପ୍ରସାଦ ପଞ୍ଚାୟତ ସାନଅଁଳ ଗ୍ରାମର ଶତାଧିକ ମହିଳାପୁରୁଷ ଶନିବାର ପମ୍ପ୍‌ହାଉସରେ ତାଲା ପକାଇବା ସହ ପାଣିଟ୍ୟାପ ସମ୍ମୁଖରେ ଗରା, ବାଲ୍‌ଟି ରଖି ଧାରଣାରେ ବସିଥିଲେ। ଖବର ପାଇ କୃଷ୍ଣପ୍ରସାଦ ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତ, ସମିତିସଭ୍ୟ ଜିତେନ୍ଦ୍ର କୁମାର ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କ ସହିତ ଆଲୋଚନା କରିଥିଲେ। ସମାଧାନ ନ ହେବାରୁ ସରପଞ୍ଚ ସିଂହସାମନ୍ତ ପୋଲିସର ସହାୟତା ଲୋଡିଥିଲେ। କୃଷ୍ଣପ୍ରସାଦ ପୋଲିସ ରବିବାର ଲୋକମାନଙ୍କୁ ଡାକି ଏହି ସମସ୍ୟାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ସରପଞ୍ଚ କହିଛନ୍ତି। ଅନ୍ୟପକ୍ଷେ ସମସ୍ୟା ସମାଧାନ ନ ହେବା ଯାଏ ପାଣିଟାଙ୍କିରୁ ତାଲା ଫିଟିବ ନାହିଁ ବୋଲି ଆନ୍ଦୋଳନକାରୀ କହିଛନ୍ତି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠଯନ୍ତ୍ରୀ ବିପିନ ବିହାରୀ ମଙ୍ଗରାଜ କହନ୍ତି, ଏହା ସେମାନଙ୍କ ଗାଁର ସମସ୍ୟା। ଗାଁ ଲୋକେ ଆଲୋଚନା ମାଧ୍ୟମରେ ଏହାର ସମାଧାନ କରିପାରିବେ।



ଲୋକମାନେ ଖାଲି ମାଠିଆ, ବାଲ୍‌ତି ରଖି ପମ୍ପ୍‌ହାଉସରେ ତାଲା ପକାଇ ଧାରଣା ଦେଇଛନ୍ତି।

# ଧରିତ୍ରୀ DHARITRI

ଭୁବନେଶ୍ୱର, ରବିବାର, ଫେବୃୟାରୀ ୨୩/୨୦୨୦ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, February 23/2020 | ★★★★★★

୪୬ଶ ଭାଗ ୯୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-






INDIA'S LARGEST FURNITURE BRAND | GREEN ASSURANCE | GODREJ WARRANTY

HOME FURNITURE & STORAGES | MODULAR KITCHENS | MATTRESSES

/godrejinterio | /godrejinterio4u | /godrejinterio | www.godrejinterio.com Toll Free Number: 1-800-267-1122

Paytm Cashback | The Exchange Offer | Gift Card | EMI Finance

*T&C Apply

**GODREJ INTERIO STORE:** Bhubaneshwar: Opp. Alok Bharti Bldg,Shaheed Nagar - 0674 - 2546682, 0674-2541366, 7873078751/9861623655. The Living Concept: Plot -246, Lewis Road, Near Shree Hospital - 0674-2433318, 9438881835. Sanvi Furniture& Furnishing: Patrapada, Aeigenia Chowk-0674-2470085, 8280041182.

**FURNITURE DEALER:** Bhubaneshwar: 4S INTERIORS – Damana Square, Chandrasekharpur- 0674-2744906, 8594872403, 8280175104, 7008624965. Maple Furniture (P) Ltd, 21 Janpath, BapuJi Nagar - 06742597852, 7873078984. Shree Laxmi Furniture, Unit - 19, Soubhagya Nagar, Phase 2- 6372881584, 9437960990. Narmada Furniture, 21 Janpath, Bapuji Nagar – 0674-2597172, 8327744632. Balasore: Sahu Sales Agency, Station Square - 06782- 241548, 9437264659. Patra Interiors, FM Golei- 9861724244.Barbil: Traders India, Joda-Barbil Highway - 9937733204, 7067720102 . Baripada: Anu Enterprises, Baghra Road- 06792-252681,9930428352. Berhampur:Asaram Furniture House,Khalasi Street - 06802-225545, 9437073545, 7978691683. Bhadrak: Omm Furniture, By-pass Road, Bhadrak-9348075441, 6370303595. Cuttack:Patra Interiors: - CDA, Sector-1, Near Judicial Academy, 9040032644, 8448449023. Royal Trading, Link Road –0671-2313319, 9337421384, 9438384493.Mahavir Trading-Jyotee Plaza, Mission Road-0671-6545556, 9337267036. Patra Electronics, Chauliaganj- 9437313191.Durodecor India Pvt Ltd - Sikharpur Chowk -0671-2444900, 9040000044/22/11. Jagatsinghpur: Patra Electronics, Near Bus stand- 9938357040. Jajpur Road: Raj Furniture, College Road, 9437245295, 9938418470, 8270929652. Biswal Sales, Chordha Chhak - 06726-220655, 9238320655, 8763741575. Kendrapara: G. Naik Furniture, Jajanga, Kapaleswar-8908288028,9437088023. Keonjhar: Utkal Supply Agency, NH – 6, Nr. Karanjia Bus Stand - 06766-255619, 9437200795,8249419035. Nayagarh: Euro Interiors, Main Road, Nayagarh-06753-253005, 9437030826, 9348904520. Paradeep: Sangam, Near SAB Miller Beer Factory, IFFCO Chowk - 06722-222851, 9437183494. Puri: Grand Furniture, Nabakalabara Road - 9337740428.

**MATTRESS DEALER :** Bhubaneshwar : Creative Living- Shanti Nagar, Jharpada-8249051834, 9937053477. Bhadrak: Manoj Electricals, Manjuri Road- 8249674003,9937076649.

**For Home Furniture, EBO & Mattress Distribution Trade Enquiry: Pls contact @ 9977700361/7873940077/7873078753/7873078849.**

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଫେବୃୟାରୀ ୨୩/୨୦୨୦ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, February 23/2020 | ★★★★★★

୪୬ଶ ଭାଗ ୯୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-









INDIA'S LARGEST FURNITURE BRAND | GREEN ASSURANCE | GODREJ WARRANTY

HOME FURNITURE & STORAGES | MODULAR KITCHENS | MATTRESSES

/godrejinterio | /godrejinterio4u | /godrejinterio | www.godrejinterio.com Toll Free Number: 1-800-267-1122

Paytm Cashback | The Exchange Offer | Gift Card | EMI Finance

*T&C Apply

**GODREJ INTERIO STORE:** Bhubaneshwar: Opp. Alok Bharti Bldg,Shaheed Nagar - 0674 - 2546682, 0674-2541366, 7873078751/9861623655. The Living Concept: Plot -246, Lewis Road, Near Shree Hospital - 0674-2433318, 9438881835. Sanvi Furniture& Furnishing: Patrapada, Aeigenia Chowk-0674-2470085, 8280041182.
**FURNITURE DEALER:** Bhubaneshwar: 4S INTERIORS – Damana Square, Chandrasekharpur- 0674-2744906, 8594872403, 8280175104, 7008624965. Maple Furniture (P) Ltd, 21 Janpath, BapuJi Nagar - 06742597852, 7873078984. Shree Laxmi Furniture, Unit - 19, Soubhagya Nagar, Phase 2- 6372881584, 9437960990. Narmada Furniture, 21 Janpath, Bapuji Nagar – 0674-2597172, 8327744632. Balasore: Sahu Sales Agency, Station Square - 06782- 241548, 9437264659. Patra Interiors, FM Golei- 9861724244.Barbil: Traders India, Joda-Barbil Highway - 9937733204, 7067720102 . Baripada: Anu Enterprises, Baghra Road- 06792-252681,9930428352. Berhampur:Asaram Furniture House,Khalasi Street - 06802-225545, 9437073545, 7978691683. Bhadrak: Omm Furniture, By-pass Road, Bhadrak-9348075441, 6370303595. Cuttack:Patra Interiors: - CDA, Sector-1, Near Judicial Academy, 9040032644, 8448449023. Royal Trading, Link Road –0671-2313319, 9337421384, 9438384493.Mahavir Trading-Jyotee Plaza, Mission Road-0671-6545556, 9337267036. Patra Electronics, Chauliaganj- 9437313191.Durodecor India Pvt Ltd - Sikharpur Chowk -0671-2444900, 9040000044/22/11. Jagatsinghpur: Patra Electronics, Near Bus stand- 9938357040. Jajpur Road: Raj Furniture, College Road, 9437245295, 9938418470, 8270929652. Biswal Sales, Chordha Chhak - 06726-220655, 9238320655, 8763741575. Kendrapara: G. Naik Furniture, Jajanga, Kapaleswar-8908288028,9437088023. Keonjhar: Utkal Supply Agency, NH – 6, Nr. Karanjia Bus Stand - 06766-255619, 9437200795,8249419035. Nayagarh: Euro Interiors, Main Road, Nayagarh-06753-253005, 9437030826, 9348904520. Paradeep: Sangam, Near SAB Miller Beer Factory, IFFCO Chowk - 06722-222851, 9437183494. Puri: Grand Furniture, Nabakalabara Road - 9337740428.
**MATTRESS DEALER :** Bhubaneshwar : Creative Living- Shanti Nagar, Jharpada-8249051834, 9937053477. Bhadrak: Manoj Electricals, Manjuri Road- 8249674003,9937076649.

**For Home Furniture, EBO & Mattress Distribution Trade Enquiry: Pls contact @ 9977700361/7873940077/7873078753/7873078849.**



ଆମଷ୍ଟରଡାମ୍: ନେଦରଲାଣ୍ଡସ ସରକାର ଇଥୋପିଆକୁ ୧୮ ଶତାବ୍ଦୀର ଏକ ସେରିମୋନିଆଲ୍ କ୍ରାଉନ୍ ଫେରାଇଛନ୍ତି। ସୁନାରେ ତିଆରି ଏହି ମୁକୁଟ ୨୧ ବର୍ଷ ତଳେ ୧୯୯୯ରେ ଏକ ଚର୍ଚ୍ଚରୁ ଚୋରି ହୋଇଯାଇଥିଲା। ଏହାକୁ ଧାର୍ମିକ ଉତ୍ସବରେ ପାଦ୍ରୀଙ୍କ ଦ୍ୱାରା ବ୍ୟବହୃତ କରାଯାଇଥାଏ। ଇଥୋପିଆର ଧାର୍ମିକ ମନୋଭାବକୁ ଦୃଷ୍ଟିରେ ରଖି ନେଦରଲାଣ୍ଡସ ସରକାର ଏକ ଉତ୍ସବର ଆୟୋଜନ କରି ଏହାକୁ ଫେରସ୍ତ କରିଛନ୍ତି। ଏହି ଉତ୍ସବରେ ଇଥୋପିଆ ପ୍ରଧାନମନ୍ତ୍ରୀ ଅବି ଅହମ୍ମଦ ଯୋଗଦେଇ ମୁକୁଟକୁ ଗ୍ରହଣ କରିଛନ୍ତି।

# ଆରମ୍ଭ ହେଲା 'ୱାଶ୍‌ରୁମ୍ ଅନ୍ ହ୍ୱିଲ୍' ଅଭିଯାନ




**ପୁଣେ:** ମହାରାଷ୍ଟ୍ରରେ ପ୍ରଥମ କରି ମହିଳାଙ୍କ ସୁବିଧା ପାଇଁ 'ୱାଶ୍‌ରୁମ୍ ଅନ୍ ହ୍ୱିଲ୍' ଅଭିଯାନ ଆରମ୍ଭ ହୋଇଛି। ସ୍ଥାନୀୟ ପୁଣେ ପ୍ରଶାସନ ପକ୍ଷରୁ ୧୨ଟି ବସ୍‌କୁ ଶୌଚାଳୟରେ ପରିବର୍ତ୍ତନ କରାଯାଇଛି। ୫ ଟଙ୍କା ଶୁଳ୍କ ଦେଇ ମହିଳା ଏଠାରେ ଶୌଚ ହେବା ସହିତ ଛୋଟ ଛୁଆଙ୍କୁ ସ୍ତନ୍ୟପାନ ମଧ୍ୟ କରାଇପାରିବେ। ଏହି ଅନ୍ ହ୍ୱିଲ୍ ୱାଶ୍‌ରୁମ୍‌ରେ ସାନିଟାରୀ ନାପକିନ୍ ଏବଂ ଡାଏପର ମଧ୍ୟ କିଣିବା ପାଇଁ ଉପଲବ୍ଧ ହେଉଛି। ପ୍ରତିଦିନ ୨୦୦ରୁ ଅଧିକ ମହିଳା ଏହାକୁ ବ୍ୟବହାର କରୁଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ ହ୍ୱିଲ୍ ୱାଶ୍‌ରୁମ୍‌ରେ ୨୪ ଘଣ୍ଟିଆ ବିଦ୍ୟୁତ୍ ସୁବିଧା ଲାଗି ଛାତରେ ସୋଲାର ସେଲ୍ ଲଗାଯାଇଛି। ଏହି ଅଭିଯାନକୁ ଅଳକା ସାଦଲକର ଏବଂ ରାଜୀବ ଖେର୍‌ଙ୍କ ଉଦ୍ୟମରେ ଆରମ୍ଭ କରାଯାଇଛି। ଅଗାମୀ ଦିନରେ ଦେଶରେ ଏଭଳି ୧୦୦୦ ଅନ୍ ହ୍ୱିଲ୍ ୱାଶ୍‌ରୁମ୍ କାର୍ଯ୍ୟ କରିବ ବୋଲି କୁହାଯାଉଛି। କେନ୍ଦ୍ର ସରକାରଙ୍କ ସ୍ୱଚ୍ଛତା ଅଭିଯାନ ଅନ୍ତର୍ଗତ ଏଭଳି ପ୍ରୟାସ କରାଯାଇଥିବା ଅଳକା ସାଦଲକର ଏବଂ ରାଜୀବ ଖେର୍ କହିଛନ୍ତି।

# ଫିଲ୍ମରେ ଘରୋଇ ହିଂସାକୁ ତାପସୀଙ୍କ ନାପସନ୍ଦ

**ମୁମ୍ବାଇ:** ବଲିଉଡ୍ ନାୟିକା ତାପସୀ ପନ୍ନୁଙ୍କ ଅଭିନୀତ ଫିଲ୍ମ 'ଥପ୍ପଡ' ଏବେ ରହିଛି ଚର୍ଚ୍ଚାରେ। ଏହାର ଟ୍ରେଲରଠାରୁ ଆରମ୍ଭ କରି ସୋସିଆଲ ମେସେଜ ପର୍ଯ୍ୟନ୍ତ ସବୁକିଛି ଦର୍ଶକଙ୍କୁ ବାନ୍ଧି ରଖିବାରେ ସକ୍ଷମ ହୋଇଛି ବୋଲି କୁହାଯାଉଛି। ନିକଟରେ ଏହାର ଏକ ଭିଡିଓ ଶେୟାର କରି ତାପସୀ ସମସ୍ତ ଫଲୋୟର୍ସଙ୍କୁ ଏକ ପିଟିଶନ ସାଇନ୍ କରିବାକୁ ଅନୁରୋଧ କରିଛନ୍ତି। ଏହି ଭିଡିଓ ମାଧ୍ୟମରେ ସେ ସେଣ୍ଟ୍ରାଲ୍ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେଶନ(ସିବିଏଫ୍‌ସି)କୁ ମଧ୍ୟ ଅନୁରୋଧ କରିଛନ୍ତି। ଫିଲ୍ମରେ ଦେଖାଯାଉଥିବା ଘରୋଇ ହିଂସାକୁ ନେଇ ଡିସ୍‌କ୍ଲେମର ଦେବା ଉଚିତ ବୋଲି ସେ କହିଛନ୍ତି। ସେ କହିଛନ୍ତି , ଯଦି ଫିଲ୍ମରେ ସିଗାରେଟ୍ ଓ ମଦ ପାଇଁ ଡିସ୍‌କ୍ଲେମର ଦିଆଯାଉଛି ତେବେ ମହିଳାଙ୍କ ଉପରେ ହେଉଥିବା ଘରୋଇ ହିଂସା ପାଇଁ କାହିଁକି ଦିଆଯିବ ନାହିଁ। ଅବଶ୍ୟ ଏକଥାକୁ କେତେଜଣ ସମର୍ଥନ କରୁଛନ୍ତି ତାହା ତ ସମୟ କହିବ । ହେଲେ ତାପସୀ ଏହା ଶେୟାର କରିବା ପରେ କମେଣ୍ଟ ବକ୍ସରେ ତାଙ୍କୁ ଅନେକ ସମର୍ଥନ ମିଳିଥିବା ଦେଖାଯାଇଛି।



ତାପସୀ ପନ୍ନୁ

# ଫର୍ମରେ ଜାତି-ଧର୍ମ ଉଲ୍ଲେଖ ନ କରିବାରୁ ନାମଲେଖାରୁ ବଞ୍ଚିତ




ଥିରୁଭାନନ୍ତପୁରମ: କେରଳର ଏକ ସରକାରୀ ସ୍କୁଲରେ ଜଣେ ଛାତ୍ରଙ୍କ ଅଭିଭାବକ ଫର୍ମରେ ଜାତି-ଧର୍ମର ସ୍ତମ୍ଭ ପୂରଣ ନ କରି ଥିବାରୁ ପିଲାଟିର ନାମ ଲେଖିବାକୁ ମନା କରିଦେଲେ ସ୍କୁଲ କର୍ତ୍ତୃପକ୍ଷ। ଏମିତି ଏକ ଖବର ଏବେ ଚର୍ଚ୍ଚାର ପରିସରକୁ ଆସିଛି। ଏହି ଘଟଣା ଜଣାପଡିବା ପରେ ଶିକ୍ଷା ବିଭାଗ ଓ ଶିକ୍ଷାମନ୍ତ୍ରୀ ଘଟଣା ସମ୍ପର୍କରେ ଅନୁଧ୍ୟାନ କରାଯିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ନଜିମ ଓ ଧନ୍ୟା ତାଙ୍କ ପିଲାକୁ ଜାତି-ଧର୍ମଠାରୁ ବାହାରେ ରଖିବାକୁ ଚାହୁଁଥିବାରୁ ସେ ଏହି ସ୍ତମ୍ଭକୁ ପୂରଣ କରି ନ ଥିଲେ। ଏହାକୁ ଦେଖିବା ପରେ ସେଣ୍ଟ ମ୍ୟାରୀ ହାୟର ସେକେଣ୍ଡାରୀ ସ୍କୁଲ ତାଙ୍କ ପିଲାକୁ ନାମ ଲେଖିବାକୁ ଅନୁମତି ଦେଇ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ପିଲାଟି ଭଲ ପାଠ ପଢୁଥିବା ବେଳେ କେବଳ ଜାତି-ଧର୍ମକୁ ନେଇ ସ୍କୁଲରେ ପ୍ରବେଶ ନ ମିଳିବା ସବୁଠାରୁ ଦୁଃଖଦାୟକ ବୋଲି ପିଲାଟିର ଅଭିଭାବକ କହିଛନ୍ତି।

# ଫୁଟ୍‌ପାଥ୍‌ରେ ଚଳାଉଥିବା ଗାଡ଼ି ଚାଳକଙ୍କୁ ସାବାଡ୍

ପୁଣେ: ମହାରାଷ୍ଟ୍ରର ପୁଣେ ସହର। ଏଠାରେ ଅନେକ ମଲ୍ଟି ନ୍ୟାଶ୍‌ନାଲ୍ କମ୍ପାନୀ ରହିଛି। ଚାକିରି ଓ ବ୍ୟବସାୟ ପାଇଁ ଦେଶର ବିଭିନ୍ନ ପ୍ରାନ୍ତର ଲୋକେ ଆସି ଏଠାରେ ରହୁଛନ୍ତି। ତେଣୁ ଏଠାରେ ଟ୍ରାଫିକ୍ ସମସ୍ୟା ନୂଆ ନୁହେଁ। ହେଲେ ବେପରୁଆ କେତେକ ଗାଡ଼ି ଚାଳକଙ୍କ ଯୋଗୁ ଅନେକ ସମୟରେ ଏହି ସମସ୍ୟା ଦ୍ୱିଗୁଣିତ ହୋଇଥାଏ। ଏଥିରେ କେବଳ ଗାଡ଼ି ଜାମ୍ ହୋଇ ନ ଥାଏ ବରଂ ଚାଲି ଯାଉଥିବା ଲୋକଙ୍କୁ ମଧ୍ୟ ଅସୁବିଧାରେ ପକାଇଥାଏ। ତେବେ ଟ୍ରାଫିକ୍ ପରିଚାଳନା କରିବା କେବଳ ଟ୍ରାଫିକ୍ ପୋଲିସର କାମ ନୁହେଁ ବରଂ ନିୟମ ପ୍ରତି ସଚେତନ ହେବା ଏବଂ ଅନ୍ୟମାନଙ୍କୁ ସଚେତନ କରିବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ। ଏହା ପୁଣେର ନିର୍ମଳା ଗୋଖ୍‌ଲେ ନାମ୍ନୀ ସଚେତନ ବରିଷ୍ଠ ମହିଳା ପ୍ରମାଣିତ କରିଛନ୍ତି। ରାସ୍ତାରେ ଯିବା ସମୟରେ ଟ୍ରାଫିକ୍ ନିୟମ ଉଲ୍ଲଂଘନକୁ ସେ ସହ୍ୟ କରିପାରି ନ ଥିଲେ। ଆଗକୁ ଆସି ଫୁଟ୍‌ପାଥ୍‌ରେ ଗାଡ଼ି ଚଳାଉଥିବା କେତେକ ବାଇକ୍ ଚାଳକଙ୍କୁ ସାବାଡ୍ କରିବା ପାଇଁ ସେ ଚିନ୍ତା କରିଥିଲେ। ନିୟମ ଉଲ୍ଲଂଘନ କରି ଫୁଟ୍‌ପାଥ୍‌ରେ ଗାଡ଼ି ଚଳାଉଥିବା ଗାଡ଼ି ଚାଳକଙ୍କୁ ସାବାଡ୍ କରିଥିଲେ। ଗାଡ଼ି ଫୁଟ୍‌ପାଥ୍‌ରୁ ଓହ୍ଲାଇ ରାସ୍ତାରେ ଠିକ୍‌ଭାବେ ଚଳାଇବାକୁ ସେ ବାଧ୍ୟ କରିଥିଲେ। ଏପରିକି ନିର୍ମଳା ଶିକ୍ଷିତ ଲୋକଙ୍କ ଏଭଳି କାର୍ଯ୍ୟକୁ ସାମ୍ନାରେ ନିନ୍ଦା ମଧ୍ୟ କରିଥିଲେ। କିଛି ସମୟ ପରେ ନିର୍ମଳାଙ୍କ ଏଭଳି କାର୍ଯ୍ୟକୁ ଦେଖି ରାସ୍ତାରେ ଯାଉଥିବା ଅନେକ ଲୋକ ପ୍ରଶଂସା କରିବା ସହ ଲୋକଙ୍କୁ ସଚେତନ କରିବାରେ ତାଙ୍କୁ ସହଯୋଗ କରିଥିଲେ। ଏହାର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଥିବାବେଳେ ଅନେକ ଲୋକ ନିର୍ମଳାଙ୍କ ଏଭଳି ପଦକ୍ଷେପକୁ ସାବାସି ଜଣାଇଛନ୍ତି। ଏଥିସହ ହସି ଚାଲିଯାଉଥିବା ନିୟମ ଉଲ୍ଲଂଘନକାରୀ ବାଇକ୍ ଚାଳକଙ୍କୁ ନିନ୍ଦା ମଧ୍ୟ କରାଯାଇଛି।



ସାବାସ୍ ନିର୍ମଳା

# ଆୟୁଷ୍ମାନ୍ ଖୁରାନାଙ୍କ ଛାତି କୁଣ୍ଢେ ମୋଟ

ୱାଶିଂଟନ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ଗସ୍ତ ପୂର୍ବରୁ ଆୟୁଷ୍ମାନ୍ ଖୁରାନାଙ୍କ ଫିଲ୍ମ 'ଶୁଭ ମଙ୍ଗଳ ଜ୍ୟାଦା ସାବଧାନ'ର ତାରିଫ୍ କରିଛନ୍ତି। ସେ ଟୁଇଟ୍ କରି ଫିଲ୍ମକୁ ପ୍ରଶଂସା କରିଛନ୍ତି। ଏହାକୁ ନେଇ ଆୟୁଷ୍ମାନ୍‌ଙ୍କ ଛାତି କୁଣ୍ଢେମୋଟ ହୋଇଯାଇଥିବା ପ୍ରଶଂସକ କହୁଛନ୍ତି। ଏହି ଫିଲ୍ମ ୨୮ ତାରିଖରେ ରିଲିଜ୍ ହେଉଛି। ଫିଲ୍ମର ଷ୍ଟୋରୀ ଗେ ରୋମାନ୍ସ ଉପରେ ପର୍ଯ୍ୟବେଶିତ। ଏଥିରେ ଆୟୁଷ୍ମାନ୍‌ଙ୍କ ସହିତ ଜିତେନ୍ଦ୍ର କୁମାର, ନୀନା ଗୁପ୍ତା ଏବଂ ଗଜରାଜ ରାଓ ମୁଖ୍ୟ ଭୂମିକାରେ ରହିଛନ୍ତି।



# ଆଣ୍ଟିଙ୍କ କରୋନା ଟେଣ୍ଟ ତିଆରି କଲେ ମହିଳା

ଉହାନ: ଚାଇନାରେ କରୋନା ଆତଙ୍କ ସୃଷ୍ଟି କରିଛି। ଲୋକଙ୍କୁ ଘରୁ ବାହାରକୁ ନ ବାହାରିବାକୁ ସରକାର କଟକଣା ଜାରି କରିଛନ୍ତି। ଫଳରେ ପିଲାମାନଙ୍କ ସ୍କୁଲ ଯିବା ମଧ୍ୟ ବନ୍ଦ ହୋଇଯାଇଛି। ଏପରିସ୍ଥଳେ ହୁବେଇ ପ୍ରଦେଶର ଜଣେ ମହିଳା ତାଙ୍କ ୭ବର୍ଷ ଝିଅଙ୍କ ପାଇଁ ଏକ ଆଣ୍ଟି କରୋନା ଟେଣ୍ଟ ତିଆରି କରିଛନ୍ତି। ଘରେ ନେଟୱାର୍କ ଆସୁ ନ ଥିବାରୁ ମହିଳା ଜଣଙ୍କ ବାହାରେ ଏକ ଟେଣ୍ଟ ତିଆରି କରି ଝିଅର ଅନ୍‌ଲାଇନ୍ କ୍ଲାସ୍ ଜାରି ରଖିଛନ୍ତି। ଏହା ଏବେ ସୋସିଆଲ୍ ମିଡ଼ିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି।



DHARITRI
ଭୁବନେଶ୍ୱର, ରବିବାର, ଫେବୃୟାରୀ ୨୩/୨୦୨୦ | Bhubaneswar, Sunday, February 23/2020 | ପୃଷ୍ଠା-୧



## ଜନ୍‌ଙ୍କ ଶାର୍ଟଲେସ ଫଟୋଶୁଟ୍

ଡବୁଙ୍କ କ୍ୟାଲେଣ୍ଡରରେ ନଜରକୁ ଆସିଛନ୍ତି ଜନ ଆବ୍ରାହମ। ସେ ଶାର୍ଟଲେସ ସହ କ୍ଲିନ୍ ଶେଭ୍ ଲୁକ୍‌ରେ ମନ କିଣୁଛନ୍ତି। କେବଳ ସେ ଏକ ଟାୱେଲ ପିନ୍ଧିଛନ୍ତି। ଏଥିରେ ସେ ଖୁବ୍ ବୋଲ୍ଡ ଲାଗୁଛନ୍ତି। **୦୨**

**୧୩** 

## ଆଷ୍ଟନ ଅଗରଙ୍କ ହ୍ୟାଟ୍ରିକ

ଦକ୍ଷିଣ ଆଫ୍ରିକା ପ୍ରଥମ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍‌ରେ ଅଷ୍ଟ୍ରେଲୀୟ ବୋଲର ଆଷ୍ଟନ ଅଗର ହ୍ୟାଟ୍ରିକ ଅର୍ଜନ କରିଛନ୍ତି।



# ଭାରତ ହେବ ବିଶ୍ୱ କ୍ରୀଡ଼ାର 'ସୁପରପାୱାର'




ଖେଲୋ ଇଣ୍ଡିଆ ୟୁନଭର୍ସିଟି ଗେମ୍ସର ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ରାଜ୍ୟ କୃଷି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟଶାସନ ସଚିବ ଅସିତ ତ୍ରିପାଠୀ।

## ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ଉଦ୍‌ଘାଟିତ

**କଟକ ଅଫିସ,୨୨।୨**

ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଖେଲୋ ଇଣ୍ଡିଆ ୟୁନଭର୍ସିଟି ଗେମ୍ସର ପ୍ରଥମ ସଂସ୍କରଣ ଶନିବାର ସନ୍ଧ୍ୟାରେ ମହାସମାରୋହରେ ଉଦ୍‌ଘାଟିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନ୍‌ଫରେନ୍ସି ଜରିଆରେ ଏହି ମେଗା ଇଭେଣ୍ଟକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଛନ୍ତି। କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଭାରତୀୟ କ୍ରୀଡ଼ା ନିମନ୍ତେ ଏହା ଏକ ସ୍ମରଣୀୟ ଦିବସ ବୋଲି ଅଭିହିତ କରିବା ସହିତ ଆଗାମୀ ଦିନରେ ଭାରତ ବିଶ୍ୱ କ୍ରୀଡ଼ାର ସୁପର ପାୱାର ହେବ ବୋଲି କହିଛନ୍ତି। ଉଦ୍‌ଘାଟନୀ ସନ୍ଧ୍ୟାରେ ଖ୍ୟାତନାମା କଳାକାରମାନେ ରାଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଦର୍ଶକଙ୍କ ମନ ମୋହିଥିଲେ।

- ■ ସଂସ୍କରଣ: ପ୍ରଥମ
- ■ ବିଶ୍ୱବିଦ୍ୟାଳୟ : ୧୫୯
- ■ ଆଥଲେଟ: ୩୪୦୦
- ■ ବର୍ଗ: ୧୭
- ■ ଟିମ୍ ଇଭେଣ୍ଟ:୬ (ରଗ୍‌ବୀ ସମେତ)

ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ଅଭିଭାଷଣରେ କହିଥିଲେ ଯେ, ପ୍ରତ୍ୟେକ ଖେଳାଳି ନିଜକୁ ନିଜର ସର୍ବଶ୍ରେଷ୍ଠ ପ୍ରତିଦ୍ୱନ୍ଦ୍ୱୀ ବୋଲି ବିଚାର କରନ୍ତୁ। ମଇଦାନ ଉପରେ ଅଳ୍ପ ସମୟରେ ପ୍ରତିଯୋଗିତା ହୁଏ। ହେଲେ ନିଜ ସହ ଦୀର୍ଘ ସମୟର ପ୍ରତିଯୋଗିତା ହେବା ଉଚିତ। ଖେଲୋ ଇଣ୍ଡିଆ କାର୍ଯ୍ୟକ୍ରମ ଭାରତୀୟ କ୍ରୀଡ଼ା ଜଗତରେ ବେଶ୍ ପ୍ରଭାବ ପକାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପ୍ରଥମ ସଂସ୍କରଣରେ ୩,୫୦୦ କ୍ରୀଡ଼ାବିତ ଅଂଶଗ୍ରହଣ କରିଛନ୍ତି। ଦେଶର କ୍ରୀଡ଼ା ଭିତ୍ତିଭୂମିରେ ନିରନ୍ତର ବିକାଶ ଘଟୁଛି। ଖେଳାଳିମାନେ କେବଳ ନିଜର ଖେଳ ପ୍ରତି ଧ୍ୟାନ ଦିଅନ୍ତୁ। ଏବେ ଖେଳାଳିମାନଙ୍କ ପାଇଁ ଆଜୀବନ ପେନ୍‌ସନ ଯୋଜନା ହେଲାଣି ବୋଲି ମୋଦି କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡ଼ାବିତଙ୍କ ବିକାଶ ପାଇଁ ଖେଲୋ ଇଣ୍ଡିଆର ଏହିକାର୍ଯ୍ୟକ୍ରମକୁ ସେ ସାଧୁବାଦ ଜଣାଇଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଐତିହାସିକ କଟକ ସହର ସମସ୍ତ ପ୍ରତିଯୋଗୀଙ୍କୁ ସ୍ୱାଗତ ଜଣାଉଛି ବୋଲି କହିଥିଲେ। ଆଗାମୀ ଦିନରେ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା ଆୟୋଜନର ଯୋଜନା ହେଉଛି। ଏହି ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାର କିଛି ମ୍ୟାଚ୍ ଓଡ଼ିଶାରେ ହେଉ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି। ରାଜ୍ୟ କୃଷି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ, କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ତର୍ଜାତୀୟ ଧାବିକା ଦୂତୀ ଚାନ୍ଦ ପ୍ରତିଯୋଗୀମାନଙ୍କୁ ଶପଥପାଠ କରାଇଥିଲେ।

# ଆଖଡ଼ାଶାଳୀ ବନ୍ଦର ବାଟ ଫିଟିଲା

- ■ କେନ୍ଦ୍ରକୁ ଚିଠି ଲେଖିଲେ ରାଜ୍ୟ ସରକାର
- ■ କେନ୍ଦ୍ର ସହଯୋଗରେ ହେବ ବନ୍ଦର ନିର୍ମାଣ
- ■ ପାରାଦୀପ ପୋର୍ଟ ସହ ଖୁବ୍‌ଶୀଘ୍ର ଏମଓୟୁ
- ■ ଖର୍ଚ୍ଚ ହେବ ୩ ହଜାର କୋଟି



**ଭୁବନେଶ୍ୱର,୨୨।୨(ବ୍ୟୁରୋ)**

କେନ୍ଦ୍ରାପଡ଼ା ଜିଲାରେ ରାଜ୍ୟର ପ୍ରଥମ ନଦୀଭିତ୍ତିକ ବନ୍ଦର ନିର୍ମାଣ ପାଇଁ ବାଟ ଫିଟିଛି। ଆଖଡ଼ାଶାଳୀ ବନ୍ଦର ନିର୍ମାଣ ପାଇଁ ଘରୋଇ କମ୍ପାନୀ ମୁହଁ ମୋଡ଼ିବା ପରେ ରାଜ୍ୟ ସରକାର ଏହାର ନିର୍ମାଣ ଦାୟିତ୍ୱ କେନ୍ଦ୍ର ସରକାରଙ୍କ ହାତରେ ନ୍ୟସ୍ତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ରାଜ୍ୟ ସରକାର ଜାହାଜ ଚଳାଚଳ ମନ୍ତ୍ରଣାଳୟକୁ ଚିଠି ଲେଖିଛନ୍ତି। ଏହି ବନ୍ଦର ନିର୍ମାଣ ସକାଶେ ବୁଝାମଣା ପତ୍ର (ଏମଓୟୁ )ପାଇଁ ପ୍ରସ୍ତୁତ ହେବାକୁ ଅନୁରୋଧ କରାଯାଇଛି। ଏ ନେଇ ରାଜ୍ୟ ସରକାର ସମସ୍ତ ସହଯୋଗ ଯୋଗାଇ ଦେବାକୁ ପ୍ରସ୍ତୁତ ଅଛନ୍ତି ବୋଲି ମଧ୍ୟ ଏଥିରେ ପ୍ରସ୍ତାବ ଦିଆଯାଇଛି । ଅନ୍ୟ ଘରୋଇ କମ୍ପାନୀକୁ ଯେପରି ସରକାରୀ ଘରୋଇ ଭାଗୀଦାରି(ପିପିପି) ମୋଡରେ ରାଜ୍ୟର ଅନ୍ୟାନ୍ୟ ବନ୍ଦର ଦିଆଯାଉଛି ସେହି ଆଧାରରେ ଏମଓୟୁ ସ୍ୱାକ୍ଷର କରାଯିବ। ରାଜ୍ୟ ସରକାର ବନ୍ଦର ନିର୍ମାଣ ପାଇଁ ୪ ବର୍ଷ ସମୟ ଦେଇଥିବା ବେଳେ ଏହା କାର୍ଯ୍ୟକ୍ଷମ ହେବା ପରେ ପ୍ରଥମ ପର୍ଯ୍ୟାୟରେ ୩୦ ବର୍ଷ ଓ ପରବର୍ତ୍ତୀ ଦୁଇଟି ପର୍ଯ୍ୟାୟରେ ୧୦ ବର୍ଷ ଲେଖାଏ ଚୁକ୍ତି ଅବଧି ବଢାଇବାକୁ ପ୍ରସ୍ତାବ ଦିଆଯାଇଛି। ଏହି ବନ୍ଦରରେ ପ୍ରଥମ ପର୍ଯ୍ୟାୟରେ ଦୁଇଟି ବର୍ଥ ନିର୍ମାଣ ହେବ। ଏଥିରେ ପ୍ରାୟ ୩ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି। ତୁରନ୍ତ ଏମଓୟୁ ସ୍ୱାକ୍ଷର କରିବାକୁ ଚିଠିରେ ଉଲ୍ଲେଖ କରାଯାଇଛି।

ଏଠାରେ ସୂଚନାଯୋଗ୍ୟ ଯେ କେନ୍ଦ୍ରାପଡ଼ା ଜିଲା ମହାକାଳପଡା ବ୍ଲକ ଅନ୍ତର୍ଗତ ଆଖଡାଶାଳୀଠାରେ ରାଜ୍ୟର ଏକ ମାତ୍ର ନଦୀଭିତ୍ତିକ ବନ୍ଦର ନିର୍ମାଣ କରିବାକୁ ରାଜ୍ୟ ସରକାର ଘୋଷଣା କରିଥିଲେ। ଏହି ବନ୍ଦର ନିର୍ମାଣ ପାଇଁ ଘରୋଇ କମ୍ପାନୀ ମୁହଁ ମୋଡିବା ପରେ ଏହାର ନିର୍ମାଣ ଦାୟିତ୍ୱ ହାତକୁ ନେବାକୁ ଜାହାଜ ଚଳାଚଳ ମନ୍ତ୍ରଣାଳୟ ଆଗ୍ରହ ଦେଖାଇଥିଲା। ମିଳିଥିବା ସୂଚନା ଅନୁଯାୟୀ ଆଖଡାଶାଳୀ ବନ୍ଦର ନିର୍ମାଣ କରିବାକୁ ୨୦୧୯ ଫେବୃୟାରୀରେ ଟେଣ୍ଡର ଡକାଯାଇଥିଲା। ୪ଟି ଘରୋଇ ସଂସ୍ଥା ଟେଣ୍ଡର ଆବେଦନ କରିଥିଲେ। ତେବେ ପ୍ରି ବିଡିଂ ପରେ ସେହି କମ୍ପାନୀଗୁଡିକ ଆଉ ଟେଣ୍ଡରରେ ଅଂଶଗ୍ରହଣ କରି ନ ଥିଲେ। ଫଳରେ ଟେଣ୍ଡର ଫେଲ୍ ମାରିଥିଲା। ଘରୋଇ ସଂସ୍ଥାଗୁଡିକର ଅନାଗ୍ରହକୁ ଦେଖି ରାଜ୍ୟ ସରକାର ସେହି ନଦୀଭିତ୍ତିକ ବନ୍ଦର ନିର୍ମାଣ କରିବାକୁ କେନ୍ଦ୍ର ସରକାରଙ୍କ ସହାୟତା ଲୋଡିଥିଲେ। ୨୦୧୯ ଜୁନ ୨୪ ତାରିଖରେ ଓଡ଼ିଶା ଗସ୍ତରେ ଆସିଥିବା ଜାହାଜ ଚଳାଚଳ ମନ୍ତ୍ରଣାଳୟ ସଚିବ ଗୋପାଳ କ୍ରିଷ୍ଣାଙ୍କୁ ଏହି ବନ୍ଦର ନିର୍ମାଣ କରିବାକୁ ତତ୍କାଳୀନ ମୁଖ୍ୟଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ପ୍ରସ୍ତାବ ଦେଇଥିଲେ। ରାଜ୍ୟ ସରକାରଙ୍କ ଏହି ପ୍ରସ୍ତାବକୁ ମଧ୍ୟ କେନ୍ଦ୍ର ସରକାର ଗ୍ରହଣ କରିଥିଲେ। ଏହି ବନ୍ଦର ନିର୍ମାଣ କରିବାକୁ ପାରାଦୀପ ପୋର୍ଟ ଟ୍ରଷ୍ଟ(ପିପିଟି)ମଧ୍ୟ ପ୍ରସ୍ତୁତ ଥିବା କେନ୍ଦ୍ର ସରକାରଙ୍କ ପକ୍ଷରୁ ଅବଗତ କରାଯାଇଥିଲା। ଏ ନେଇ ୨୦୧୯ ଡିସେମ୍ବର ୨ରେ ମନ୍ତ୍ରଣାଳୟ ସଚିବ ଉକ୍ତ ବନ୍ଦର ନିର୍ମାଣ ଦାୟିତ୍ୱ ପିପିଟି ହାତରେ ଦେବାକୁ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଥିଲେ । ରାଜ୍ୟ ସରକାର ପ୍ରସ୍ତାବ ଦେବା ପରେ ପାରାଦୀପ ପୋର୍ଟ ଟ୍ରଷ୍ଟ ପକ୍ଷରୁ ପ୍ରସ୍ତାବିତ ବନ୍ଦର ଅଧ୍ୟୟନ କରାଯାଇଥିଲା। ଏହି ନଦୀଭିତ୍ତିକ ବନ୍ଦର ଏକ ଲାଭଦାୟକ ପ୍ରକଳ୍ପ ହୋଇପାରିବ ବୋଲି ପିପିଟି ପକ୍ଷରୁ ମନ୍ତ୍ରଣାଳୟକୁ ଜଣାଇ ଦିଆଯାଇଥିଲା। ବନ୍ଦର ପ୍ରତିଷ୍ଠା ହେଲେ ଉଭୟ ରାଜ୍ୟ ସରକାର ଏବଂ ପାରାଦୀପ ବନ୍ଦର ଲାଭବାନ ହୋଇପାରିବ ବୋଲି ରାଜ୍ୟ ସରକାରଙ୍କୁ ଜଣାଇ ଦିଆଯାଇଛି। ପୂର୍ବରୁ କରାଯାଇଥିବା ଅଧ୍ୟୟନ ଅନୁଯାୟୀ ପ୍ରସ୍ତାବିତ ବନ୍ଦର ପାଇଁ ୩୦୦ ଏକର ଜମିର ଆବଶ୍ୟକତା ରହିଛି ବୋଲି ରିପୋର୍ଟ ଦିଆଯାଇଥିଲା। ତେବେ ପିପିଟି ସର୍ଭେ ପରେ ଏଥିପାଇଁ ଅଧିକ ଜମି ଆବଶ୍ୟକ ହେବ ବୋଲି କୁହାଯାଇଛି। ଏଥିପାଇଁ ଯାହାକିଛି କରାଯିବ ତାହା ମିଳିତ ଭାବେ ହେବ ବୋଲି ଚିଠିରେ ଉଲ୍ଲେଖ କରାଯାଇଥିଲା । ରାଜ୍ୟ ସରକାରଙ୍କ ଶିଳ୍ପ ନୀତି ଅନୁଯାୟୀ ଜମିର ମୂଲ୍ୟ ଧାର୍ଯ୍ୟ କରାଯିବ। ଏହି ପ୍ରକଳ୍ପର ରିହାତି ଅବଧି (କନସେସନ ପିରିୟଡ) ୫୦ ବର୍ଷ କରିବାକୁ ମନ୍ତ୍ରଣାଳୟ ପ୍ରସ୍ତାବ ଦେଇଛି। ☞ପୃଷ୍ଠା-୨

ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**

## ଭିତରକନିକା ବଞ୍ଚାଅ

**ଆଜିର ମନ୍ତବ୍ୟ**

"ଆତଙ୍କବାଦ ଓ ସାଇବର ଅପରାଧ ଭଳି ସମସ୍ୟାର ସମାଧାନ ପାଇଁ ନ୍ୟାୟପାଳିକା ଉଦ୍ୟମ କରିବା ଉଚିତ।

-ଜଷ୍ଟିସ୍ ଏନ୍. ଭି. ରମନା, ସୁପ୍ରିମକୋର୍ଟ ବିଚାରପତି

ଗାଡିରୁ ଘର-ଖଟିରୁ ବଜାର
ସବୁଠି 91.9 ସାର୍ଥକ FM ର ସ୍ୱର
91.9 ସାର୍ଥକ FM
ଏଥର ଜମିଲା...
୨୪ଘଣ୍ଟା Super Hit ଓଡିଆ ଗୀତ

Vencobb FRESH CHICKEN
22.02.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 42 | 83 | 93 |
| CTC | 42 | 83 | 93 |
| DKL | 42 | 83 | 93 |
| BDK | 44 | 85 | 95 |
| BLS | 46 | 88 | 98 |
| ANG | 42 | 83 | 93 |
| BMP | 41 | 81 | 91 |

*Conditions Apply
Issued in the Interest of Consumers

# ଜାଗରଯାତ୍ରାରୁ ଫେରିବାବେଳେ ମହିଳାଙ୍କୁ ଗଣବଳାତ୍କାର

**ଭଣ୍ଡାରିପୋଖରୀ,୨୨।୨(ଡି.ଏନ.ଏ.)**

ଭଦ୍ରକ ଜିଲା ରହଣିଆ ଅଞ୍ଚଳରେ ଶୁକ୍ରବାର ବିଳମ୍ବିତ ରାତିରେ ଜାଗର ଯାତ୍ରାରୁ ଫେରୁଥିବା ବେଳେ ଜଣେ ଆଦିବାସୀ ମହିଳାଙ୍କୁ ଗଣବଳାତ୍କାର କରାଯାଇଛି। ଏ ନେଇ ଶନିବାର ପୂର୍ବାହ୍ନରେ ପୀଡ଼ିତାଙ୍କ ଅଭିଯୋଗକ୍ରମେ ଭଣ୍ଡାରିପୋଖରୀ ଥାନାରେ ଏକ ମାମଲା(ନଂ.୪୨/୨୦) ରୁଜୁ ହୋଇଛି। ଏଥିସହ ପୀଡ଼ିତାଙ୍କୁ ଡାକ୍ତରୀ ମାଇନା ପାଇଁ ଭଦ୍ରକ ପଠାଯାଇଛି।

ସୂଚନା ଅନୁଯାୟୀ, ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅମର୍ଦ୍ଦାରୋଡ୍ ଅଞ୍ଚଳର ଏକ ଆଦିବାସୀ ପରିବାର ଗତ କିଛିଦିନ ଧରି ରହଣିଆ ଅଞ୍ଚଳରେ ରହିଆସୁଛନ୍ତି। ପରିବାର ଲୋକ ନିଜ ଗ୍ରାମକୁ ଜାଗର ପାଇଁ ଯାଇଥିଲେ। ଶୁକ୍ରବାର ମହିଳା ଜଣଙ୍କ ଆକୁଳିକଣାଠାରେ ଥିବା ବରୁଣେଶ୍ୱର ମହାଦେବ ଜାଗର ଉତ୍ସବ ଦେଖି ରାତି ପ୍ରାୟ ୧୧ଟାରେ ଘରକୁ ଫେରୁଥିଲେ। ଡିହସାହି ହନୁମାନ ମନ୍ଦିର ନିକଟରେ ୨ ଜଣ ଯୁବକ ତାଙ୍କୁ ଏକ ପରିତ୍ୟକ୍ତ ଗୃହକୁ ଟେକିନେଇ ବଳାତ୍କାର କରିଥିଲେ। ପୀଡ଼ିତା କାନ୍ଦି କାନ୍ଦି ଘରେ ପହଞ୍ଚିବା ପରେ ପାଖ ଲୋକେ ଦେଖି ପଚାରିବାରୁ ସେ ଘଟଣା ସମ୍ପର୍କରେ କହିଥିଲେ। ସ୍ଥାନୀୟ ଲୋକେ ଏ ସମ୍ପର୍କରେ ଜଣାଇବା ପରେ ପୋଲିସ ପହଞ୍ଚି ମହିଳାଙ୍କୁ ଭଣ୍ଡାରିପୋଖରୀ ଡାକ୍ତରଖାନାକୁ ନେଇ ଚିକିତ୍ସା କରାଇଥିଲା। ଖବର ପାଇ ଉପଖଣ୍ଡ ଥାନାଧିକାରୀ ମନୋରଞ୍ଜନ ସାମଲ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିଛନ୍ତି। ଥାନାଧିକାରୀ ସନାତନ ସାହୁ ଘଟଣାର ତଦନ୍ତ ଜାରି ରଖିଛନ୍ତି।

# କେବଳ ପ୍ରଶାସନିକ କାର୍ଯ୍ୟ ପାଇଁ ହିନ୍ଦୀ



ଏମ୍ସ ନିର୍ଦ୍ଦେଶିକାଙ୍କ ସହ ବିଜେଡି ପ୍ରତିନିଧି ଦଳ ଆଲୋଚନା କରୁଛନ୍ତି ।

**ଭାଷା ବିବାଦକୁ ନେଇ ଭୁବନେଶ୍ୱର ଏମ୍ସର ସ୍ପଷ୍ଟୀକରଣ**

- ■ ଓଡ଼ିଆରେ ହେବ ଫର୍ମ ପୂରଣ
- ■ ପ୍ରଭାବିତ ହେବନି ରୋଗୀସେବା
- ■ ନିର୍ଦ୍ଦେଶିକାଙ୍କୁ ଭେଟିଲେ ବିଜେଡି ପ୍ରତିନିଧି
- ■ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର
- ■ ଆନ୍ଦୋଳନ ଚେତାବନୀ ଦେଲା କଂଗ୍ରେସ

**ଭୁବନେଶ୍ୱର,୨୨।୨(ବ୍ୟୁରୋ)**

ଭୁବନେଶ୍ୱରସ୍ଥିତ ଅଖିଳ ଭାରତ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍ସ)ରେ କେବଳ ପ୍ରଶାସନିକ କାର୍ଯ୍ୟ ପାଇଁ ହିନ୍ଦୀ ଭାଷା ବ୍ୟବହାର କରାଯିବ ବୋଲି ଏହାର ନିର୍ଦ୍ଦେଶିକା ଡକ୍ଟର ଗୀତାଞ୍ଜଳି ବି. କହିଛନ୍ତି। ସେହିପରି ସଂସ୍ଥାନରେ ହେଉଥିବା ଅଧିକାଂଶ ଦସ୍ତଖତ ଇଂଲିଶ ଅଥବା ଓଡ଼ିଆରେ ହୋଇଥାଏ। ତେଣୁ କର୍ମଚାରୀଙ୍କ ଉପରେ ହିନ୍ଦୀ ବ୍ୟବହାର ନେଇ ଲଦି ଦିଆଯାଉନାହିଁ। ଜାରି ହୋଇଥିବା ବିଜ୍ଞପ୍ତି କେବଳ ଆଭ୍ୟନ୍ତରୀଣ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ। ଏହା ଅଫିସିଆଲ ଲାଙ୍ଗୁଏଜ୍ ଆକ୍ଟ ରହିଥିବା ନିୟମ ଅନୁଯାୟୀ କରାଯାଉଥିବା ନିର୍ଦ୍ଦେଶିକା ଶନିବାର ସଫେଇ ଦେଇଛନ୍ତି।

ଗତ ଗୁରୁବାର ଭୁବନେଶ୍ୱରସ୍ଥିତ ଏମ୍ସର ସମସ୍ତ କର୍ମଚାରୀ ଓ ଫାକଲ୍ଟି ହିନ୍ଦୀ ଭାଷାରେ ଦସ୍ତଖତ କରିବା ସହ ରେକର୍ଡ ପ୍ରସ୍ତୁତ କରିବା ସମ୍ପର୍କିତ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। 'ଧରିତ୍ରୀ'ରେ ପ୍ରଥମେ ଏହି ଖବର ପ୍ରକାଶ ପାଇବା ପରେ ବିଭିନ୍ନ ରାଜନୈତିକ ଦଳ ଓ ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା। ଏହି ମର୍ମରେ ବିଜେଡି ପକ୍ଷରୁ ଏକ ପ୍ରତିନିଧି ଦଳ ଶନିବାର ଏମ୍ସ ନିର୍ଦ୍ଦେଶିକାଙ୍କୁ ଭେଟି ପ୍ରତିବାଦ ଜଣାଇଛନ୍ତି। ବିଜେଡିର ଅଭିଯୋଗ ସମ୍ପର୍କରେ ଜାଣିବା ପରେ କର୍ତ୍ତୃପକ୍ଷ ମଧ୍ୟ ଉପରୋକ୍ତ ଉକ୍ତି ଦ୍ୱାରା ନିଜ ପକ୍ଷ ରଖିଛନ୍ତି। ଏଥିସହିତ ଦଳ ପକ୍ଷରୁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ହର୍ଷବର୍ଦ୍ଧନଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ମଧ୍ୟ ପ୍ରେରଣ କରାଯାଇଛି। ବିଜେଡି ପ୍ରତିନିଧି ଦଳରେ ସଂସଦୀୟ ଦଳ ନେତା(ଲୋକ ସଭା)ପିନାକୀ ମିଶ୍ର, ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ଡକ୍ଟର ଅମର ପଟ୍ଟନାୟକ, ସରୋଜିନୀ ହେମ୍ବ୍ରମ୍ , ଡକ୍ଟର ସସ୍ମିତ ପାତ୍ର, ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, କେନ୍ଦ୍ରାପଡ଼ା ଏମ୍‌ପି ☞ପୃଷ୍ଠା-୨





## ଜନ୍‌ଙ୍କ ଶାର୍ଟଲେସ ଫଟୋଶୁଟ୍

ଡବୁଙ୍କ କ୍ୟାଲେଣ୍ଡରରେ ନଜରକୁ ଆସିଛନ୍ତି ଜନ ଆବ୍ରାହମ। ସେ ଶାର୍ଟଲେସ ସହ କ୍ଲିନ୍ ଶେଭ୍ ଲୁକ୍‌ରେ ମନ କିଣୁଛନ୍ତି। କେବଳ ସେ ଏକ ଟାୱେଲ ପିନ୍ଧିଛନ୍ତି। ଏଥିରେ ସେ ଖୁବ୍ ବୋଲ୍ଡ ଲାଗୁଛନ୍ତି।

୦୨

୧୩

## ଆଷ୍ଟନ ଅଗରଙ୍କ ହ୍ୟାଟ୍ରିକ

ଦକ୍ଷିଣ ଆଫ୍ରିକା ପ୍ରଥମ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍‌ରେ ଅଷ୍ଟ୍ରେଲୀୟ ବୋଲର ଆଷ୍ଟନ ଅଗର ହ୍ୟାଟ୍ରିକ ଅର୍ଜନ କରିଛନ୍ତି।



# ଭାରତ ହେବ ବିଶ୍ୱ କ୍ରୀଡ଼ାର 'ସୁପରପାୱାର'




ଖେଲୋ ଇଣ୍ଡିଆ ୟୁନଭର୍ସିଟି ଗେମ୍ସର ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ରାଜ୍ୟ କୃଷି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟଶାସନ ସଚିବ ଅସିତ ତ୍ରିପାଠୀ।

## ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ଉଦ୍‌ଘାଟିତ

- ସଂସ୍କରଣ: ପ୍ରଥମ
- ବିଶ୍ୱବିଦ୍ୟାଳୟ : ୧୫୯
- ଆଥଲେଟ: ୩୪୦୦
- ବର୍ଗ: ୧୭
- ଟିମ୍ ଇଭେଣ୍ଟ:୬ (ରଗ୍‌ବୀ ସମେତ)

କଟକ ଅଫିସ,୨୨।୨

ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଖେଲୋ ଇଣ୍ଡିଆ ୟୁନଭର୍ସିଟି ଗେମ୍ସର ପ୍ରଥମ ସଂସ୍କରଣ ଶନିବାର ସନ୍ଧ୍ୟାରେ ମହାସମାରୋହରେ ଉଦ୍‌ଘାଟିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନ୍‌ଫରେନ୍ସ ଜରିଆରେ ଏହି ମେଗା ଇଭେଣ୍ଟକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଛନ୍ତି। କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଭାରତୀୟ କ୍ରୀଡ଼ା ନିମନ୍ତେ ଏହା ଏକ ସ୍ମରଣୀୟ ଦିବସ ବୋଲି ଅଭିହିତ କରିବା ସହିତ ଆଗାମୀ ଦିନରେ ଭାରତ ବିଶ୍ୱ କ୍ରୀଡ଼ାର ସୁପର ପାୱାର ହେବ ବୋଲି କହିଛନ୍ତି। ଉଦ୍‌ଘାଟନୀ ସନ୍ଧ୍ୟାରେ ଖ୍ୟାତନାମା କଳାକାରମାନେ ରାଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଦର୍ଶକଙ୍କ ମନ ମୋହିଥିଲେ।

ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ଅଭିଭାଷଣରେ କହିଥିଲେ ଯେ, ପ୍ରତ୍ୟେକ ଖେଳାଳି ନିଜକୁ ନିଜର ସର୍ବଶ୍ରେଷ୍ଠ ପ୍ରତିଦ୍ୱନ୍ଦ୍ୱୀ ବୋଲି ବିଚାର କରନ୍ତୁ। ମଇଦାନ ଉପରେ ଅଳ୍ପ ସମୟରେ ପ୍ରତିଯୋଗିତା ହୁଏ। ହେଲେ ନିଜ ସହ ଦୀର୍ଘ ସମୟର ପ୍ରତିଯୋଗିତା ହେବା ଉଚିତ। ଖେଲୋ ଇଣ୍ଡିଆ କାର୍ଯ୍ୟକ୍ରମ ଭାରତୀୟ କ୍ରୀଡ଼ା ଜଗତରେ ବେଶ୍ ପ୍ରଭାବ ପକାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପ୍ରଥମ ସଂସ୍କରଣରେ ୩,୫୦୦ କ୍ରୀଡ଼ାବିତ ଅଂଶଗ୍ରହଣ କରିଛନ୍ତି। ଦେଶର କ୍ରୀଡ଼ା ଭିତ୍ତିଭୂମିରେ ନିରନ୍ତର ବିକାଶ ଘଟୁଛି। ଖେଳାଳିମାନେ କେବଳ ନିଜର ଖେଳ ପ୍ରତି ଧ୍ୟାନ ଦିଅନ୍ତୁ। ଏବେ ଖେଳାଳିମାନଙ୍କ ପାଇଁ ଆଜୀବନ ପେନ୍‌ସନ ଯୋଜନା ହେଲାଣି ବୋଲି ମୋଦି କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡ଼ାବିତଙ୍କ ବିକାଶ ପାଇଁ ଖେଲୋ ଇଣ୍ଡିଆର ଏହିକାର୍ଯ୍ୟକ୍ରମକୁ ସେ ସାଧୁବାଦ ଜଣାଇଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଐତିହାସିକ କଟକ ସହର ସମସ୍ତ ପ୍ରତିଯୋଗୀଙ୍କୁ ସ୍ୱାଗତ ଜଣାଉଛି ବୋଲି କହିଥିଲେ। ଆଗାମୀ ଦିନରେ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା ଆୟୋଜନର ଯୋଜନା ହେଉଛି। ଏହି ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାର କିଛି ମ୍ୟାଚ୍ ଓଡ଼ିଶାରେ ହେଉ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି। ରାଜ୍ୟ କୃଷି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ, କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ତର୍ଜାତୀୟ ଧାବିକା ଦୂତୀ ଚାନ୍ଦ ପ୍ରତିଯୋଗୀମାନଙ୍କୁ ଶପଥପାଠ କରାଇଥିଲେ।

# ଆଖଡ଼ାଶାଳୀ ବନ୍ଦର ବାଟ ଫିଟିଲା

- କେନ୍ଦ୍ରକୁ ଚିଠି ଲେଖିଲେ ରାଜ୍ୟ ସରକାର
- କେନ୍ଦ୍ର ସହଯୋଗରେ ହେବ ବନ୍ଦର ନିର୍ମାଣ
- ପାରାଦୀପ ପୋର୍ଟ ସହ ଖୁବ୍‌ଶୀଘ୍ର ଏମଓୟୁ
- ଖର୍ଚ୍ଚ ହେବ ୩ ହଜାର କୋଟି



ଭୁବନେଶ୍ୱର,୨୨।୨(ବ୍ୟୁରୋ)

କେନ୍ଦ୍ରାପଡ଼ା ଜିଲାରେ ରାଜ୍ୟର ପ୍ରଥମ ନଦୀଭିତ୍ତିକ ବନ୍ଦର ନିର୍ମାଣ ପାଇଁ ବାଟ ଫିଟିଛି। ଆଖଡ଼ାଶାଳୀ ବନ୍ଦର ନିର୍ମାଣ ପାଇଁ ଘରୋଇ କମ୍ପାନୀ ମୁହଁ ମୋଡିବା ପରେ ରାଜ୍ୟ ସରକାର ଏହାର ନିର୍ମାଣ ଦାୟିତ୍ୱ କେନ୍ଦ୍ର ସରକାରଙ୍କ ହାତରେ ନ୍ୟସ୍ତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ରାଜ୍ୟ ସରକାର ଜାହାଜ ଚଳାଚଳ ମନ୍ତ୍ରଣାଳୟକୁ ଚିଠି ଲେଖିଛନ୍ତି। ଏହି ବନ୍ଦର ନିର୍ମାଣ ସକାଶେ ବୁଝାମଣା ପତ୍ର (ଏମଓୟୁ )ପାଇଁ ପ୍ରସ୍ତୁତ ହେବାକୁ ଅନୁରୋଧ କରାଯାଇଛି। ଏ ନେଇ ରାଜ୍ୟ ସରକାର ସମସ୍ତ ସହଯୋଗ ଯୋଗାଇ ଦେବାକୁ ପ୍ରସ୍ତୁତ ଅଛନ୍ତି ବୋଲି ମଧ୍ୟ ଏଥିରେ ପ୍ରସ୍ତାବ ଦିଆଯାଇଛି । ଅନ୍ୟ ଘରୋଇ କମ୍ପାନୀକୁ ଯେପରି ସରକାରୀ ଘରୋଇ ଭାଗୀଦାରି(ପିପିପି) ମୋଡରେ ରାଜ୍ୟର ଅନ୍ୟାନ୍ୟ ବନ୍ଦର ଦିଆଯାଉଛି ସେହି ଆଧାରରେ ଏମଓୟୁ ସ୍ୱାକ୍ଷର କରାଯିବ। ରାଜ୍ୟ ସରକାର ବନ୍ଦର ନିର୍ମାଣ ପାଇଁ ୪ ବର୍ଷ ସମୟ ଦେଇଥିବା ବେଳେ ଏହା କାର୍ଯ୍ୟକ୍ଷମ ହେବା ପରେ ପ୍ରଥମ ପର୍ଯ୍ୟାୟରେ ୩୦ ବର୍ଷ ଓ ପରବର୍ତ୍ତୀ ଦୁଇଟି ପର୍ଯ୍ୟାୟରେ ୧୦ ବର୍ଷ ଲେଖାଏ ଚୁକ୍ତି ଅବଧି ବଢାଇବାକୁ ପ୍ରସ୍ତାବ ଦିଆଯାଇଛି। ଏହି ବନ୍ଦରରେ ପ୍ରଥମ ପର୍ଯ୍ୟାୟରେ ଦୁଇଟି ବର୍ଥ ନିର୍ମାଣ ହେବ। ଏଥିରେ ପ୍ରାୟ ୩ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି। ତୁରନ୍ତ ଏମଓୟୁ ସ୍ୱାକ୍ଷର କରିବାକୁ ଚିଠିରେ ଉଲ୍ଲେଖ କରାଯାଇଛି।

ଏଠାରେ ସୂଚନାଯୋଗ୍ୟ ଯେ କେନ୍ଦ୍ରାପଡ଼ା ଜିଲା ମହାକାଳପଡା ବ୍ଲକ ଅନ୍ତର୍ଗତ ଆଖଡାଶାଳୀଠାରେ ରାଜ୍ୟର ଏକ ମାତ୍ର ନଦୀଭିତ୍ତିକ ବନ୍ଦର ନିର୍ମାଣ କରିବାକୁ ରାଜ୍ୟ ସରକାର ଘୋଷଣା କରିଥିଲେ। ଏହି ବନ୍ଦର ନିର୍ମାଣ ପାଇଁ ଘରୋଇ କମ୍ପାନୀ ମୁହଁ ମୋଡିବା ପରେ ଏହାର ନିର୍ମାଣ ଦାୟିତ୍ୱ ହାତକୁ ନେବାକୁ ଜାହାଜ ଚଳାଚଳ ମନ୍ତ୍ରଣାଳୟ ଆଗ୍ରହ ଦେଖାଇଥିଲା। ମିଳିଥିବା ସୂଚନା ଅନୁଯାୟୀ ଆଖଡାଶାଳୀ ବନ୍ଦର ନିର୍ମାଣ କରିବାକୁ ୨୦୧୯ ଫେବୃୟାରୀରେ ଟେଣ୍ଡର ଡକାଯାଇଥିଲା। ୪ଟି ଘରୋଇ ସଂସ୍ଥା ଟେଣ୍ଡର ଆବେଦନ କରିଥିଲେ। ତେବେ ପ୍ରି ବିଡିଂ ପରେ ସେହି କମ୍ପାନୀଗୁଡିକ ଆଉ ଟେଣ୍ଡରରେ ଅଂଶଗ୍ରହଣ କରି ନ ଥିଲେ। ଫଳରେ ଟେଣ୍ଡର ଫେଲ୍ ମାରିଥିଲା। ଘରୋଇ ସଂସ୍ଥାଗୁଡିକର ଅନାଗ୍ରହକୁ ଦେଖି ରାଜ୍ୟ ସରକାର ସେହି ନଦୀଭିତ୍ତିକ ବନ୍ଦର ନିର୍ମାଣ କରିବାକୁ କେନ୍ଦ୍ର ସରକାରଙ୍କ ସହାୟତା ଲୋଡିଥିଲେ। ୨୦୧୯ ଜୁନ ୨୪ ତାରିଖରେ ଓଡ଼ିଶା ଗସ୍ତରେ ଆସିଥିବା ଜାହାଜ ଚଳାଚଳ ମନ୍ତ୍ରଣାଳୟ ସଚିବ ଗୋପାଳ କ୍ରିଷ୍ଣାଙ୍କୁ ଏହି ବନ୍ଦର ନିର୍ମାଣ କରିବାକୁ ତତ୍କାଳୀନ ମୁଖ୍ୟଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ପ୍ରସ୍ତାବ ଦେଇଥିଲେ। ରାଜ୍ୟ ସରକାରଙ୍କ ଏହି ପ୍ରସ୍ତାବକୁ ମଧ୍ୟ କେନ୍ଦ୍ର ସରକାର ଗ୍ରହଣ କରିଥିଲେ। ଏହି ବନ୍ଦର ନିର୍ମାଣ କରିବାକୁ ପାରାଦୀପ ପୋର୍ଟ ଟ୍ରଷ୍ଟ(ପିପିଟି)ମଧ୍ୟ ପ୍ରସ୍ତୁତ ଥିବା କେନ୍ଦ୍ର ସରକାରଙ୍କ ପକ୍ଷରୁ ଅବଗତ କରାଯାଇଥିଲା। ଏ ନେଇ ୨୦୧୯ ଡିସେମ୍ବର ୨ରେ ମନ୍ତ୍ରଣାଳୟ ସଚିବ ଉକ୍ତ ବନ୍ଦର ନିର୍ମାଣ ଦାୟିତ୍ୱ ପିପିଟି ହାତରେ ଦେବାକୁ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଥିଲେ । ରାଜ୍ୟ ସରକାର ପ୍ରସ୍ତାବ ଦେବା ପରେ ପାରାଦୀପ ପୋର୍ଟ ଟ୍ରଷ୍ଟ ପକ୍ଷରୁ ପ୍ରସ୍ତାବିତ ବନ୍ଦର ଅଧ୍ୟୟନ କରାଯାଇଥିଲା। ଏହି ନଦୀଭିତ୍ତିକ ବନ୍ଦର ଏକ ଲାଭଦାୟକ ପ୍ରକଳ୍ପ ହୋଇପାରିବ ବୋଲି ପିପିଟି ପକ୍ଷରୁ ମନ୍ତ୍ରଣାଳୟକୁ ଜଣାଇ ଦିଆଯାଇଥିଲା। ବନ୍ଦର ପ୍ରତିଷ୍ଠା ହେଲେ ଉଭୟ ରାଜ୍ୟ ସରକାର ଏବଂ ପାରାଦୀପ ବନ୍ଦର ଲାଭବାନ ହୋଇପାରିବ ବୋଲି ରାଜ୍ୟ ସରକାରଙ୍କୁ ଜଣାଇ ଦିଆଯାଇଛି। ପର୍ବରୁ କରାଯାଇଥିବା ଅଧ୍ୟୟନ ଅନୁଯାୟୀ ପ୍ରସ୍ତାବିତ ବନ୍ଦର ପାଇଁ ୩୦୦ ଏକର ଜମିର ଆବଶ୍ୟକତା ରହିଛି ବୋଲି ରିପୋର୍ଟ ଦିଆଯାଇଥିଲା। ତେବେ ପିପିଟି ସର୍ଭେ ପରେ ଏଥିପାଇଁ ଅଧିକ ଜମି ଆବଶ୍ୟକ ହେବ ବୋଲି କୁହାଯାଇଛି। ଏଥିପାଇଁ ଯାହାକିଛି କରାଯିବ ତାହା ମିଳିତ ଭାବେ ହେବ ବୋଲି ଚିଠିରେ ଉଲ୍ଲେଖ କରାଯାଇଥିଲା । ରାଜ୍ୟ ସରକାରଙ୍କ ଶିଳ୍ପ ନୀତି ଅନୁଯାୟୀ ଜମିର ମୂଲ୍ୟ ଧାର୍ଯ୍ୟ କରାଯିବ। ଏହି ପ୍ରକଳ୍ପର ରିହାତି ଅବଧି (କନସେସନ ପିରିୟଡ) ୫୦ ବର୍ଷ କରିବାକୁ ମନ୍ତ୍ରଣାଳୟ ପ୍ରସ୍ତାବ ଦେଇଛି। ☞ପୃଷ୍ଠା-୨

# ଜାଗରଯାତ୍ରାରୁ ଫେରିବାବେଳେ ମହିଳାଙ୍କୁ ଗଣବଳାତ୍କାର

ଭଣ୍ଡାରିପୋଖରୀ,୨୨।୨(ଡି.ଏନ.ଏ.)

ଭଦ୍ରକ ଜିଲା ରହଣିଆ ଅଞ୍ଚଳରେ ଶୁକ୍ରବାର ବିଳମ୍ବିତ ରାତିରେ ଜାଗର ଯାତ୍ରାରୁ ଫେରୁଥିବା ବେଳେ ଜଣେ ଆଦିବାସୀ ମହିଳାଙ୍କୁ ଗଣବଳାତ୍କାର କରାଯାଇଛି। ଏ ନେଇ ଶନିବାର ପୂର୍ବାହ୍ନରେ ପୀଡ଼ିତାଙ୍କ ଅଭିଯୋଗକ୍ରମେ ଭଣ୍ଡାରିପୋଖରୀ ଥାନାରେ ଏକ ମାମଲା(ନଂ.୪୨/୨୦) ରୁଜୁ ହୋଇଛି। ଏଥିସହ ପୀଡ଼ିତାଙ୍କୁ ଡାକ୍ତରୀ ମାଇନା ପାଇଁ ଭଦ୍ରକ ପଠାଯାଇଛି।

ସୂଚନା ଅନୁଯାୟୀ, ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅମର୍ଦ୍ଦାରୋଡ୍ ଅଞ୍ଚଳର ଏକ ଆଦିବାସୀ ପରିବାର ଗତ କିଛିଦିନ ଧରି ରହଣିଆ ଅଞ୍ଚଳରେ ରହିଆସୁଛନ୍ତି। ପରିବାର ଲୋକ ନିଜ ଗ୍ରାମକୁ ଜାଗର ପାଇଁ ଯାଇଥିଲେ। ଶୁକ୍ରବାର ମହିଳା ଜଣଙ୍କ ଆକୁଳିକଣାଠାରେ ଥିବା ବରୁଣେଶ୍ୱର ମହାଦେବ ଜାଗର ଉତ୍ସବ ଦେଖି ରାତି ପ୍ରାୟ ୧୧ଟାରେ ଘରକୁ ଫେରୁଥିଲେ। ଡିହସାହି ହନୁମାନ ମନ୍ଦିର ନିକଟରେ ୨ ଜଣ ଯୁବକ ତାଙ୍କୁ ଏକ ପରିତ୍ୟକ୍ତ ଗୃହକୁ ଟେକିନେଇ ବଳାତ୍କାର କରିଥିଲେ। ପୀଡ଼ିତା କାନ୍ଦି କାନ୍ଦି ଘରେ ପହଞ୍ଚିବା ପରେ ପାଖ ଲୋକେ ଦେଖି ପଚାରିବାରୁ ସେ ଘଟଣା ସମ୍ପର୍କରେ କହିଥିଲେ। ସ୍ଥାନୀୟ ଲୋକେ ଏ ସମ୍ପର୍କରେ ଜଣାଇବା ପରେ ପୋଲିସ ପହଞ୍ଚି ମହିଳାଙ୍କୁ ଭଣ୍ଡାରିପୋଖରୀ ଡାକ୍ତରଖାନାକୁ ନେଇ ଚିକିତ୍ସା କରାଇଥିଲା। ଖବର ପାଇ ଉପଖଣ୍ଡ ଥାନାଧିକାରୀ ମନୋରଞ୍ଜନ ସାମଲ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିଛନ୍ତି। ଥାନାଧିକାରୀ ସନାତନ ସାହୁ ଘଟଣାର ତଦନ୍ତ ଜାରି ରଖିଛନ୍ତି।

# କେବଳ ପ୍ରଶାସନିକ କାର୍ଯ୍ୟ ପାଇଁ ହିନ୍ଦୀ



ଏମ୍ସ ନିର୍ଦ୍ଦେଶିକାଙ୍କ ସହ ଆଲୋଚନା କରୁଛନ୍ତି ବିଜେଡି ପ୍ରତିନିଧି ଦଳ।

**ଭାଷା ବିବାଦକୁ ନେଇ ଭୁବନେଶ୍ୱର ଏମ୍ସର ସ୍ପଷ୍ଟୀକରଣ**

- ଓଡ଼ିଆରେ ହେବ ଫର୍ମ ପୂରଣ
- ପ୍ରଭାବିତ ହେବନି ରୋଗୀସେବା
- ନିର୍ଦ୍ଦେଶିକାଙ୍କୁ ଭେଟିଲେ ବିଜେଡି ପ୍ରତିନିଧି
- କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର
- ଆନ୍ଦୋଳନ ଚେତାବନୀ ଦେଲା କଂଗ୍ରେସ

ଭୁବନେଶ୍ୱର,୨୨।୨(ବ୍ୟୁରୋ)

ଭୁବନେଶ୍ୱରସ୍ଥିତ ଅଖିଳ ଭାରତ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍ସ)ରେ କେବଳ ପ୍ରଶାସନିକ କାର୍ଯ୍ୟ ପାଇଁ ହିନ୍ଦୀ ଭାଷା ବ୍ୟବହାର କରାଯିବ ବୋଲି ଏହାର ନିର୍ଦ୍ଦେଶିକା ଡକ୍ଟର ଗୀତାଞ୍ଜଳି ବି କହିଛନ୍ତି। ସେହିପରି ସଂସ୍ଥାନରେ ହେଉଥିବା ଅଧିକାଂଶ ଦସ୍ତଖତ ଇଂଲିଶ ଅଥବା ଓଡ଼ିଆରେ ହୋଇଥାଏ। ତେଣୁ କର୍ମଚାରୀଙ୍କ ଉପରେ ହିନ୍ଦୀ ବ୍ୟବହାର ନେଇ ଲଦି ଦିଆଯାଉନାହିଁ। ଜାରି ହୋଇଥିବା ବିଜ୍ଞପ୍ତି କେବଳ ଆଭ୍ୟନ୍ତରୀଣ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ। ଏହା ଅଫିସିଆଲ ଲାଙ୍ଗୁଏଜ୍ ଆକ୍ଟ ରହିଥିବା ନିୟମ ଅନୁଯାୟୀ କରାଯାଉଥିବା ନିର୍ଦ୍ଦେଶିକା ଶନିବାର ସଫେଇ ଦେଇଛନ୍ତି।

ଗତ ଗୁରୁବାର ଭୁବନେଶ୍ୱରସ୍ଥିତ ଏମ୍ସର ସମସ୍ତ କର୍ମଚାରୀ ଓ ଫାକଲ୍ଟି ହିନ୍ଦୀ ଭାଷାରେ ଦସ୍ତଖତ କରିବା ସହ ରେକର୍ଡ ପ୍ରସ୍ତୁତ କରିବା ସମ୍ପର୍କିତ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ଖବରକୁ ନେଇ ପ୍ରମୁଖ ରାଜନୈତିକ ଦଳ ଏବଂ ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏହି ମର୍ମରେ ବିଜେଡି ପକ୍ଷରୁ ଏକ ପ୍ରତିନିଧି ଦଳ ଶନିବାର ଏମ୍ସ ନିର୍ଦ୍ଦେଶିକାଙ୍କୁ ଭେଟି ପ୍ରତିବାଦ ଜଣାଇଛନ୍ତି। ବିଜେଡି ପକ୍ଷରୁ ଅଭିଯୋଗ ସମ୍ପର୍କରେ ଜାଣିବା ପରେ କର୍ତ୍ତୃପକ୍ଷ ମଧ୍ୟ ଉପରୋକ୍ତ ଉକ୍ତି ଦ୍ୱାରା ନିଜ ପକ୍ଷ ରଖିଛନ୍ତି। ଏଥି ସହିତ ଦଳ ପକ୍ଷରୁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ହର୍ଷବର୍ଦ୍ଧନଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ମଧ୍ୟ ପ୍ରେରଣ କରାଯାଇଛି। ବିଜେଡି ପ୍ରତିନିଧି ଦଳରେ ସଂସଦୀୟ ଦଳ ନେତା(ଲୋକ ସଭା)ପିନାକୀ ମିଶ୍ର, ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ଡକ୍ଟର ଅମର ପଟ୍ଟନାୟକ, ସରୋଜିନୀ ହେମ୍ବ୍ରମ୍ , ଡକ୍ଟର ସସ୍ମିତ ପାତ୍ର, ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, କେନ୍ଦ୍ରାପଡ଼ା ଏମ୍‌ପି ☞ପୃଷ୍ଠା-୨

ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**

ଭିତରକନିକା ବଞ୍ଚାଅ

**ଆଜିର ମନ୍ତବ୍ୟ**

"ଆତଙ୍କବାଦ ଓ ସାଇବର ଅପରାଧ ଭଳି ସମସ୍ୟାର ସମାଧାନ ପାଇଁ ନ୍ୟାୟପାଳିକା ଉଦ୍ୟମ କରିବା ଉଚିତ।

–ଜଷ୍ଟିସ୍ ଏନ୍. ଭି. ରମନା, ସୁପ୍ରିମକୋର୍ଟ ବିଚାରପତି

**କିଛି ତଥ୍ୟ**

ଦେଶର ବିଦେଶୀ ମୁଦ୍ରା ଭଣ୍ଡାରରେ ୩ ବିଲିୟନ ଡଲାର ବୃଦ୍ଧି ଘଟି ସର୍ବକାଳୀନ ରେକର୍ଡ ୪୭୬ ବିଲିୟନ ଡଲାର ଛୁଇଁଛି।

– ରିଜର୍ଭ ବ୍ୟାଙ୍କ

Taste the difference!
Vencobb FRESH CHICKEN
22.02.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 42 | 83 | 93 |
| CTC | 43 | 84 | 94 |
| DKL | 44 | 85 | 95 |
| BDK | 47 | 89 | 99 |
| BLS | 49 | 92 | 102 |
| ANG | 45 | 87 | 97 |
| BMP | 42 | 83 | 93 |

*Conditions Apply
Issued in the Interest of Consumers



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ପ୍ରଜ୍ଞା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଜିଲା ଚିଠି
## ରାଉରକେଲା

# ସ୍ଥାନୀୟ ନିଯୁକ୍ତି

ଶିଳ୍ପ ଓ ଖଣି ଖାଦାନ ବହୁଳ ସୁନ୍ଦରଗଡ଼ ଜିଲାରେ ନିଯୁକ୍ତି ଦିନକୁ ଦିନ ସଙ୍କୁଚିତ ହେବାରେ ଲାଗିଛି। କାମଧନ୍ଦା ଅଭାବରୁ ଜିଲାର ବହୁ ବେକାର ଯୁବକଯୁବତୀ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଚାଲି ଯାଉଛନ୍ତି। ଯେଉଁ କେତେକ ପ୍ରକଳ୍ପର କାମ ଚାଲୁ ରହିଛି କିମ୍ବା କାର୍ଯ୍ୟକାରୀ ହେଉଛି ସେଠି ରାଜ୍ୟ ବା ଜିଲା ବାହାର ଶ୍ରମିକଙ୍କୁ ଅଗ୍ରାଧିକାର ଦିଆଯାଉଛି। ଯାହାକୁ ନେଇ ଆଞ୍ଚଳିକ ବୈଷମ୍ୟ, ବିରୋଧାଭାସ ଦେଖାଦେଇଛି। ଷ୍ଟିଲ୍‌ସିଟି ରାଉରକେଲାକୁ ମହାନଗର ଓ ସ୍ମାର୍ଟସିଟି ଘୋଷଣା ପରେ ଏଠାରେ ନୂଆ ନୂଆ ପ୍ରକଳ୍ପ କାର୍ଯ୍ୟକାରୀ ହେବା ବେକାରଙ୍କ ମନରେ ଆଶା ସଞ୍ଚାର କରିଥିଲା। ସମ୍ପ୍ରତି ରାଉରକେଲା ଇସ୍ପାତ କାରଖାନା ପରିସରରେ ସୁପର ସ୍ପେଶିଆଲିଟି ହସ୍ପିଟାଲ ଓ ବିର୍ଶାମୁଣ୍ଡା ଷ୍ଟାଡିୟମ ନବୀକରଣ କାର୍ଯ୍ୟ ଜାରି ରହିଛି। ଏଥିସହ ସହରରେ ସ୍ୱେରେଜ କାମ ମଧ୍ୟ ଦ୍ରୁତଗତିରେ ଚାଲିଛି। ଏସବୁ କାମ କରୁଛି ରାଜ୍ୟ ବାହାର କମ୍ପାନୀ। ଏଥିରେ ଯେଉଁ ଠିକା ଶ୍ରମିକ କାମ କରୁଛନ୍ତି ସେମାନଙ୍କ ମଧ୍ୟରୁ ସଂଖ୍ୟାବହୁଳ ଶ୍ରମିକ ରାଜ୍ୟ ବାହାରୁ ଆସିଛନ୍ତି। ଏମିତି ଅବସ୍ଥାରେ ସ୍ଥାନୀୟ ବେକାର କାମ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଦେଓଗାଁ ନିକଟରେ ଚାଲିଥିବା ଏକ କାରଖାନା ନିର୍ମାଣ କାର୍ଯ୍ୟରେ ୮୦ ପ୍ରତିଶତ ରାଜ୍ୟ ବାହାର ଶ୍ରମିକ ନିୟୋଜିତ ହେବା ବୁଦ୍ଧିଜୀବୀଙ୍କୁ ଆଶ୍ଚର୍ଯ୍ୟ କରିଛି। ଶିଳ୍ପସମୃଦ୍ଧ ସୁନ୍ଦରଗଡ଼ ଜିଲାରେ ମାନବ ସମ୍ବଳର ଅଭାବ ନାହିଁ। ଏଠାରେ କୁଶଳୀ ଶ୍ରମିକ ଭରି ରହିଛନ୍ତି। ଏହା ସତ୍ତ୍ୱେ ରାଜ୍ୟ ବାହାର ଶ୍ରମିକଙ୍କୁ ସବୁ କ୍ଷେତ୍ରରେ ଅନୁକମ୍ପା ଦେଖାଯିବା ଅନ୍ୟାୟ ବୋଲି ବିଭିନ୍ନ ଶ୍ରମିକ ସଙ୍ଗଠନ ସହ ବିରୋଧି ରାଜନୈତିକ ଦଳ ସ୍ୱର ଉଠାଉଛନ୍ତି। ତଥାପି ଏନେଇ ସରକାର ନୀରବ ରହୁଛନ୍ତି। ଜିଲାରେ କର୍ମ ନିୟୋଜନ ସଂସ୍ଥା ସ୍ଥାଣୁ ପାଲଟିଥିବା ବେଳେ ଶ୍ରମ ଦପ୍ତର ମଧ୍ୟ ହାତବାନ୍ଧି ବସିଛି। ଜିଲାରେ ଦିନକୁ ଦିନ କଳ କାରଖାନା ବନ୍ଦ ହେବାରେ ଲାଗିଛି। ବେକାର ସଂଖ୍ୟା ମଧ୍ୟ ବଢି ଚାଲିଛି। କାମ ଦାବିରେ ବିରୋଧୀ ରାଜନୈତିକ ଦଳ ଏଡିଏମ୍‌ଙ୍କ ଅଫିସ ସମ୍ମୁଖରେ ଧାରଣା ଦେଉଥିବା ବେଳେ ଶ୍ରମିକ ସଙ୍ଗଠନ କର୍ମ ନିୟୋଜନ ସଂସ୍ଥା ଘେରୁଛି। ସ୍ଥାନୀୟ ବେକାରଙ୍କ ମଧ୍ୟରେ ଅସନ୍ତୋଷ କୁହୁଳିବାରେ ଲାଗିଛି। ବାହାର ଶ୍ରମିକ ନିଯୁକ୍ତି ନେଇ ବୈଷମ୍ୟ ଭାବ ବଢିଚାଲିଛି। ନିର୍ବାଚିତ ଜନପ୍ରତିନିଧି ସରକାରୀ କଳ ଅବହେଳା ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ପଛଘୁଞ୍ଚା ଦେଉଛନ୍ତି। ଶ୍ରମିକ ସଙ୍ଗଠନଗୁଡିକ ଚାପ ପ୍ରୟୋଗ କରି ନିଜ ସମର୍ଥକଙ୍କୁ ନିଯୁକ୍ତି ଦେବା ପରେ ଅନ୍ୟମାନଙ୍କ କଥା ଭୁଲି ଯାଉଛନ୍ତି। ଆଗାମୀ ଦିନରେ ଯଦି ଏହି ପରମ୍ପରା ଲାଗି ରହେ ବେକାର ସଂଖ୍ୟା ହୁହୁ ହୋଇ ବଢିବା ସହ ଦାଦନ ସଂଖ୍ୟା ବୃଦ୍ଧିପାଇବା ଆଶଙ୍କା ପ୍ରକାଶ ପାଇଛି।

– ବସନ୍ତ କୁମାର ଧଳ



## ଚର୍ଚ୍ଚାରେ ଜନ୍‌ଙ୍କ ଶାର୍ଟଲେସ ଫଟୋଶୁଟ୍

ବମ୍ବେ: ଆରମ୍ଭରୁ ଚର୍ଚ୍ଚାରେ ଲୋକପ୍ରିୟ ସେଲିବ୍ରିଟି ଫଟୋଗ୍ରାଫର ଡବ୍ବୁ ରତନାନୀଙ୍କ କ୍ୟାଲେଣ୍ଡର ଶୁଟ୍। ଅଭିନେତ୍ରୀଙ୍କ ମଧ୍ୟରୁ କିଆରା ଆଡ୍‌ଭାନୀଙ୍କ ଟପ୍‌ଲେସ୍ ଫଟୋଶୁଟ୍ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଏ ନେଇ ବିଭିନ୍ନ ପ୍ରକାର ମେମେ ଭାଇରାଲ ମଧ୍ୟ ହୋଇଥିଲା। ଏପରିକି କିଆରା ନିଜ ସୋସିଆଲ ପୃଷ୍ଠାରେ ଶେୟାର ମଧ୍ୟ କରିଥିଲେ। ଏବେ ଅଭିନେତାମାନଙ୍କର ଶର୍ଟଲେସ୍ ଫଟୋଶୁଟ୍‌ର ଫଟୋ ଭାଇରାଲ ହେଉଛି। ଡବ୍ବୁଙ୍କ କ୍ୟାଲେଣ୍ଡରରେ ନଜରକୁ ଆସିଛନ୍ତି ଜନ ଆବ୍ରାହମ। ସେ ମଧ୍ୟ ଶର୍ଟଲେସ ସହ କ୍ଲିନ୍ ଶେଭ୍ ଲୁକ୍‌ରେ ମନ କିଣୁଛନ୍ତି। କେବଳ ସେ ଏକ ଟାୱେଲ ପିନ୍ଧିଛନ୍ତି। ଏଥିରେ ସେ ଖୁବ୍ ବୋଲ୍ଡ ଲାଗୁଛନ୍ତି।

# ଅନୁପଙ୍କ ରିମାଣ୍ଡ ଅବଧି ଶେଷ

**କଳ୍ପନା ଦାଶ ଓ ବବ୍‌ଲି ହତ୍ୟା ଘଟଣା**
- ପୋଲିସକୁ ଭୁଆଁ ବୁଲାଇଲେ
- ଅଧିକ ତଥ୍ୟ, ପ୍ରମାଣ ଯୋଗାଡ଼ରେ ପୋଲିସ ଫେଲ୍

**ଝାରସୁଗୁଡ଼ା ଅଫିସ,୨୨।୨**

ବହୁଚର୍ଚ୍ଚିତ କଳ୍ପନା ଦାଶ ଓ ବବ୍‌ଲି ହତ୍ୟା ଘଟଣାରେ ଛତିଶଗଡ଼ ପୋଲିସ ଏବେ ଚିନ୍ତାରେ ପଡିଛି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଝାରସୁଗୁଡ଼ା ଜିଲା ବ୍ରଜରାଜନଗରର ପୂର୍ବତନ ବିଧାୟକ ଅନୁପ ସାଏ ଓ ଡ୍ରାଇଭର ବର୍ଦ୍ଧନ ଟପ୍ପୋ ପୋଲିସ ନିକଟରେ ପ୍ରଥମେ ନିଜ ଦୋଷ ସ୍ୱୀକାର କରିଥିଲେ। ଏଣୁ ପୋଲିସ ଉଭୟଙ୍କୁ ରିମାଣ୍ଡରେ ଆଣି ସାମ୍ନାସାମ୍ନି ବସାଇ ପଚାରାଉଚରା କରିଥିଲା। ବର୍ଦ୍ଧନଙ୍କ ଦିନିକିଆ ରିମାଣ୍ଡ ଅବଧି ଶେଷ ପରେ ତାଙ୍କୁ ପୋଲିସ ଜେଲ ପଠାଇ ଦେଇଛି। ଶନିବାର ଅନୁପଙ୍କ ୩ ଦିନିଆ ରିମାଣ୍ଡ ସରିଛି। ହେଲେ ଏହି ରିମାଣ୍ଡ ସମୟ ଭିତରେ ଅନୁପ ପୋଲିସକୁ ସହଯୋଗ ନ କରି ଭୁଆଁ ବୁଲାଇଛନ୍ତି। ଅସୁସ୍ଥ ଆଳ ଦେଖାଇ ଅନୁପ ଅଧିକାଂଶ ପ୍ରଶ୍ନରେ ଚୁପ୍ ରହିଥିଲେ। ଏଣୁ ତାଙ୍କଠାରୁ ଅଧିକା ତଥ୍ୟ,ପ୍ରମାଣ ଯୋଗାଡ଼ କରିବାରେ ପୋଲିସ ଉଦ୍ୟମ ଶେଷରେ ଫେଲ୍ ମାରିଛି।

ଗତ ବୁଧବାର କୋର୍ଟ ଅନୁପଙ୍କୁ ୩ ଦିନ ଓ ବର୍ଦ୍ଧନଙ୍କୁ ଗୋଟିଏ ଦିନ ଲାଗି ରିମାଣ୍ଡରେ ନେବାକୁ ପୋଲିସକୁ ଅନୁମତି ଦେଇଥିଲେ। ଗୁରୁବାର ବର୍ଦ୍ଧନଙ୍କ ରିମାଣ୍ଡ ଅବଧି ଶେଷ ହୋଇଥିଲା। ଶନିବାର ଅନୁପଙ୍କ ରିମାଣ୍ଡ ଅବଧି ଶେଷ ହେବାରୁ ଅପରାହ୍ନରେ ପୋଲିସ କୋର୍ଟରେ ହାଜର କରି ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛି। ତେବେ ଉଭୟ ବର୍ଦ୍ଧନ ଓ ଅନୁପଙ୍କଠାରୁ ରିମାଣ୍ଡ ଅବଧି ମଧ୍ୟରେ ପୋଲିସ କୌଣସି ନୂଆ ତଥ୍ୟ ପାଇ ନ ଥିବା ଆଲୋଚନା ହେଉଛି । ବରଂ ଅଭିଯୁକ୍ତଦ୍ୱୟ ପୋଲିସକୁ ବାଟବଣା କରିବାକୁ ଉଦ୍ୟମ କରିଥିଲେ, ଯାହା ଖୋଦ୍ ରାୟଗଡ ଏସ୍‌ପି ସନ୍ତୋଷ ସିଂ ସ୍ୱୀକାର କରିଛନ୍ତି । ଆବଶ୍ୟକ ପଡ଼ିଲେ ସେମାନଙ୍କୁ ଆଉଥରେ ରିମାଣ୍ଡରେ ଆଣିବାକୁ ପୋଲିସ ପଦକ୍ଷେପ ନେବ ବୋଲି ସେ କହିଛନ୍ତି। ଅନୁପଙ୍କ ନାର୍କୋ ଟେଷ୍ଟ ପାଇଁ କୋର୍ଟରେ ଆବେଦନ କରାଯାଇଛି। ମଙ୍ଗଳବାର ଏହାର ଶୁଣାଣି ଅଛି। ପୋଲିସ ନିକଟରେ ଯାହା ତଥ୍ୟ ଓ ପ୍ରମାଣ ରହିଛି ତାହା ଉଭୟ ଅଭିଯୁକ୍ତଙ୍କ ବିରୋଧରେ ଯାଉଛି ବୋଲି ସେ କହିଛନ୍ତି।

# ମାଓବାଦୀଙ୍କ ଗତିବିଧି ଉପରେ ନଜର ରଖ: ଡିଜିପି

**ଭବାନୀପାଟଣା,୨୨।୨(ଡି.ଏନ.ଏ.)**

ଶନିବାର ପୋଲିସ ମହାନିର୍ଦ୍ଦେଶକ ଅଭୟ କଳାହାଣ୍ଡି ଜିଲା ଗସ୍ତରେ ଆସି ମାଓବାଦୀଙ୍କ ଦମନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ମାଓବାଦୀଙ୍କ ଗତିବିଧି ଉପରେ ନଜର ରଖିବା ସହିତ ଆବଶ୍ୟକ ଭିତ୍ତିଭୂମିର ବିକାଶ ଉପରେ ସେ ଜୋର ଦେଇଛନ୍ତି। ଭବାନୀପାଟଣାସ୍ଥିତ ରିର୍ଜଭ ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ସମୀକ୍ଷା ବୈଠକରେ ସେ ପୋଲିସର କାର୍ଯ୍ୟାନୁଷ୍ଠାନ ସଂକ୍ରାନ୍ତରେ ସମୀକ୍ଷା କରିଛନ୍ତି।



ସମୀକ୍ଷା ବୈଠକରେ ଡିଜିପି ଅଭୟଙ୍କ ସହିତ ଅନ୍ୟ ପୋଲିସ ଅଧିକାରୀ ବୃନ୍ଦ ।

**ପୋଲିସର କାର୍ଯ୍ୟାନୁଷ୍ଠାନ ନେଇ ସମୀକ୍ଷା**

ଏହି ପରିପ୍ରେକ୍ଷୀରେ ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କୋରାପୁଟ ଡିଆଇଜି ସଫିନ ଅହମ୍ମଦ୍ ମାଓବାଦୀଙ୍କ ଦମନ ତଥା ପୋଲିସ ବିଭାଗର ତତ୍ପରତା ସମ୍ପର୍କରେ ସୂଚନା ଦେଇଥିଲେ। ସେ କହିଲେ ଅବିଭକ୍ତ କଳାହାଣ୍ଡି ଜିଲାକୁ ଘଞ୍ଚ ଜଙ୍ଗଲ ଓ ଦୁର୍ଗମ ପାହାଡ ପର୍ବତ ଘେରି ରହିଥିବାରୁ ମାଓବାଦୀଙ୍କ ପାଇଁ ଏହା ଭୂସ୍ୱର୍ଗ ପାଲଟିଛି। କଳାହାଣ୍ଡି ଜିଲା ଲାଞ୍ଜିଗଡ, ଥୁଆମୂଳ ରାମପୁର, ଗୋଲାମୁଣ୍ଡା ଓ ମଦନପୁର ରାମପୁର ବ୍ଲକର ବିଭିନ୍ନ ଇଲାକାରେ ଅଧିକାଂଶ ସମୟରେ ମାଓବାଦୀମାନେ ପୋଷ୍ଟର ମାରି ଲୋକମାନଙ୍କୁ ଭୟଭୀତ କରୁଛନ୍ତି। ଠିକାଦାରଙ୍କ କ୍ୟାମ୍ପରେ ଅତର୍କିତ ଆକ୍ରମଣ କରିବା ସହିତ କେତେକ ସ୍ଥାନରେ ଅଗ୍ନିସଂଯୋଗ କରୁଛନ୍ତି। ପୋଲିସ ଇନ୍‌ଫର୍ମର ସନ୍ଦେହରେ ସାଧାରଣ ଲୋକଙ୍କୁ ହତ୍ୟା ଧମକ ଦେବା ସହ ପ୍ରଜାକୋର୍ଟ ବସାଇ ହତ୍ୟା ଭଳି ଜଘନ୍ୟକାଣ୍ଡମାନ ଘଟାଇ ନିଜର ଉପସ୍ଥିତି ଜାହିର କରି ଆସୁଛନ୍ତି। ଏଭଳି ସ୍ଥିତିରେ ଜିଲା ପୋଲିସ ମଧ୍ୟ ମାଓବାଦୀମାନଙ୍କୁ ଉପଯୁକ୍ତ ଜବାବ ଦେବାରେ ବ୍ୟାପକ ପ୍ରସ୍ତୁତ ହୋଇ ରହିଛି। ମାଓବାଦୀମାନଙ୍କ ଗତିବିଧି ଉପରେ କଳାହାଣ୍ଡି ଜିଲା ପୋଲିସ ପ୍ରଶାସନର ତୀକ୍ଷ୍ଣ ନଜର ରହିଛି ବୋଲି ସେ ସ୍ପଷ୍ଟ କରିଥିଲେ।

ଉକ୍ତ ଖବରଦାତା ସମ୍ମିଳନୀରେ କଳାହାଣ୍ଡି ଜିଲା ଏସ୍‌ପି ବାତୁଲା ଗଙ୍ଗାଧର, ଆଡିଶନାଲ ଏସ୍‌ପି ଗୋପାନାଥ ମଣିପାତ୍ର ଉପସ୍ଥିତ ଥିଲେ। ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଇଣ୍ଟେଲିଜେଣ୍ଟ ପର୍ସନାଲ ଡିଜି ସତ୍ୟଜିତ ମହାନ୍ତି, ଏଡିଜି ବିନୟତୋଷ ମିଶ୍ର, ଆଇଜିପି ଅପରେଶନ୍ ଅମିତାଭ୍ ଠାକୁର, ଡିଆଇଜି ଅନିରୁଦ୍ଧ କୁମାର, ଡିଆଇଜି କୋରାପୁଟ ସଫିନ୍ ଅହମ୍ମଦ, ରାୟଗଡା ଏସ୍‌ପି ଡ. ଶରବଣା ବିବେକ ଏମ୍, କନ୍ଧମାଳ ଏସ୍‌ପି. ପ୍ରତୀକ ସିଂ ଓ କଳାହାଣ୍ଡି ଏସ୍‌ପି. ଗଙ୍ଗାଧର ପ୍ରମୁଖ ଯୋଗଦେଇ ଥିଲେ।

ପ୍ରଥମ ପୃଷ୍ଠାରୁ...

## କେବଳ

ଅନୁଭବ ମହାନ୍ତି, ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ ସୁଶାନ୍ତ ରାଉତ ସାମିଲ ହୋଇ ଏମ୍ସ କର୍ତ୍ତୃପକ୍ଷଙ୍କୁ ଭେଟିଛନ୍ତି। କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଥିବା ଦାବି ପତ୍ରରେ ୫ଟି ବିଷୟ ଉଲ୍ଲେଖ କରାଯାଇଛି। ଭେଟିବା ପରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ପିନାକୀ କହିଛନ୍ତି ଯେ, ହିନ୍ଦୀ ବ୍ୟବହାର ସମ୍ପର୍କିତ ସର୍କୁଲାର ପ୍ରକାଶ ପ୍ରସଙ୍ଗରେ କର୍ତ୍ତୃପକ୍ଷଙ୍କ ଧ୍ୟାନ ଆକର୍ଷଣ କରାଯାଇଛି। ଭାଷାଭିତ୍ତିରେ ଗଠନ ହୋଇଥିବା ପ୍ରଥମ ରାଜ୍ୟ ହେଉଛି ଓଡ଼ିଶା। ତେଣୁ ଏହି ରାଜ୍ୟର ମାତୃଭାଷାକୁ ଅଣଦେଖା କରି ଅନ୍ୟ କୌଣସି ଭାଷା ଲଦିଦେବା ଠିକ୍ ନୁହେଁ। ବିଶେଷକରି ଓଡ଼ିଶାରେ ରାଜ୍ୟବାସୀଙ୍କ ପାଇଁ କାର୍ଯ୍ୟ କରୁଥିବା କୌଣସି ଅନୁଷ୍ଠାନରେ ଏହା ଗ୍ରହଣୀୟ ନୁହେଁ। ସାଧାରଣ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଏହି ସଂସ୍ଥାନରେ ସ୍ଥାନୀୟ ଜନସାଧାରଣଙ୍କ ସ୍ୱାର୍ଥକୁ ଧ୍ୟାନ ଦେବା ଆବଶ୍ୟକ। ତେଣୁ ହିନ୍ଦୀ ଭାଷାର ବ୍ୟବହାର ସମ୍ପର୍କିତ ସର୍କୁଲାରକୁ ପ୍ରତ୍ୟାହାର କରିବା ପାଇଁ ବିଜେଡି ପକ୍ଷରୁ ଦାବି କରାଯାଇଛି। ସମାନ ବିଷୟ ଉପସ୍ଥାପନ କରାଯିବା ସହ ଏକ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ମଧ୍ୟ ପ୍ରଦାନ କରାଯାଇଛି।

ଏ ସମ୍ପର୍କରେ ଗଣମାଧ୍ୟମରେ ବିଜେଡି ଏମ୍‌ପି ପିନାକୀ କହିଛନ୍ତି ଯେ, ହିନ୍ଦୀ ବ୍ୟବହାର ସମ୍ପର୍କିତ ସର୍କୁଲାରକୁ ନେଇ ଏମ୍ସ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ଏ ବିଷୟରେ ନିର୍ଦ୍ଦେଶିକାଙ୍କ ସହ ଦଳ ପକ୍ଷରୁ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଗଲା। ନିକଟରେ ଭାଷା କମିଟି ଅନୁଷ୍ଠାନକୁ ଗସ୍ତ କରିଥିଲା। ଏହି ଗସ୍ତ ସମୟରେ ହିନ୍ଦୀ ବ୍ୟବହାର ସମ୍ପର୍କିତ ଧାର୍ଯ୍ୟଲକ୍ଷ୍ୟ ପୂରଣ ହୋଇ ନ ଥିବାରୁ କର୍ମଚାରୀମାନଙ୍କ ପାଇଁ ଏହି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହା ଦ୍ୱାରା କୌଣସି ରୋଗୀ ପ୍ରଭାବିତ ହେବେ ନାହିଁ। ସେମାନେ ପୂର୍ବପରି ଓଡ଼ିଆ କିମ୍ବା ଇଂଲିଶରେ ଆବଶ୍ୟକ ଫର୍ମ ପୂରଣ ଇତ୍ୟାଦି କାର୍ଯ୍ୟ କରିପାରିବେ। ରୋଗୀ କିମ୍ବା ସମ୍ପର୍କୀୟ ହିନ୍ଦୀ ଶିକ୍ଷା କରନ୍ତୁ ଏପରି କୌଣସି ନିୟମ ନ ଥିବା ପିନାକୀ କହିଛନ୍ତି। କଂଗ୍ରେସ ପକ୍ଷରୁ ବିଧାୟକ ସୁରେଶ ରାଉତରାୟ ହିନ୍ଦୀ ଲଦା ଯିବା ଘଟଣାକୁ ବିରୋଧ କରିଛନ୍ତି। ଆବଶ୍ୟକ ହେଲେ କଂଗ୍ରେସ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ସୁରେଶ କହିଛନ୍ତି। ଅପରପକ୍ଷରେ ଭାଜପା ଏହି ପ୍ରସଙ୍ଗକୁ ଭିନ୍ନ ଭାବେ ଚିତ୍ରିତ କରି ବିଜେଡିକୁ ଟାର୍ଗେଟ କରିଛି। ଭାଜପା ନେତା ଖାରବେଳ ସ୍ୱାଇଁ କହିଛନ୍ତି ଯେ, ଏ ସର୍କୁଲାରେ କେଉଁଠି ଲେଖାନାହିଁ ଯେ, ଓଡ଼ିଆ ଭାଷା ବ୍ୟବହାର ହେବ ନାହିଁ ବୋଲି । ରାଜ୍ୟରେ ଥିବା ସ୍ୱାସ୍ଥ୍ୟାନୁଷ୍ଠାନର ଚିଠି ପତ୍ର କେଉଁ ଭାଷାରେ ହେଉଛି। ଲୋକସେବା ଭବନ ଏବଂ ବିଧାନସଭାର ସମସ୍ତ ଚିଠି ଇଂଲିଶରେ ଲେଖାଯାଉଥିବା ସ୍ୱାଇଁ କହିଛନ୍ତି।

## ଆଖଡ଼ାଶାଳୀ

ରାଜ୍ୟ ସରକାରଙ୍କ ସହମତିରେ ବିଭିନ୍ନ ରିହାତି ସମୟ ପାଇଁ ରାଜସ୍ୱ ୫ରୁ ୧୨ ପ୍ରତିଶତ କରାଯିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ ଚିଠିରେ ଜଣାଇ ଦିଆଯାଇଥିଲା। ତେବେ କେନ୍ଦ୍ର ସରକାରଙ୍କ ଏହି ପ୍ରସ୍ତାବ ଦୀର୍ଘଦିନ ପଡିରହିଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ଏ ନେଇ କୌଣସି ପଦକ୍ଷେପ ନିଆଯାଉ ନ ଥିଲା। ଏହି ବନ୍ଦରକୁ ଘରୋଇ ସଂସ୍ଥା ହାତରେ ଟେକିଦେବାକୁ ବିଭାଗର କେତେଜଣ ଅଧିକାରୀ ଭିତିରି ଉଦ୍ୟମ କରୁଥିବା ନେଇ ସୂଚନା ମିଳିଥିଲା । ପ୍ରକଳ୍ପକୁ ଏକ ଘରୋଇ କମ୍ପାନୀକୁ ଦେବାକୁ ଷଡଯନ୍ତ୍ର ଚାଲିଥିବା ନେଇ 'ଧରିତ୍ରୀ'ରେ ୨୦୨୦ ଜାନୁୟାରୀ ୧୯ ତାରିଖରେ ଖବର ପ୍ରକାଶ କରାଯାଇଥିଲା। ଏହା ପରେ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇଥିଲା। ଶେଷରେ ରାଜ୍ୟ ସରକାର ଏହି ବନ୍ଦରକୁ ଘରୋଇ ସଂସ୍ଥାକୁ ନ ଦେଇ କେନ୍ଦ୍ର ସରକାରଙ୍କୁ ଦେବାକୁ ନୀତିଗତ ନିଷ୍ପତ୍ତି ନେଇଛନ୍ତି।

# ଆଖିଆଗରେ ଧ୍ୱଂସ ହୋଇଥିଲା ପୋଲିସ ଗାଡ଼ି

**ଥାନା ଅଧିକାରୀଙ୍କ ଅନୁଭୂତି**

ପୋଲିସର କାର୍ଯ୍ୟ ସବୁବେଳେ ଚ୍ୟାଲେଞ୍ଜପୂର୍ଣ୍ଣ। ଅନେକ ସମୟରେ ମାଓବାଦୀ ଏବଂ ଅପରାଧୀଙ୍କ ସହ ବଣଜଙ୍ଗଲରେ ସଂଘର୍ଷ କରିବାକୁ ପଡ଼େ। ଏଥିରେ ପୋଲିସ କର୍ମଚାରୀ ଓ ଅଧିକାରୀମାନେ ଅତିନିକଟରୁ ମୃତ୍ୟୁକୁ ଦେଖନ୍ତି। କେତେଜଣଙ୍କୁ ପ୍ରାଣ ହରାଇବାକୁ ପଡ଼େ ତ କେତେଜଣଙ୍କୁ ଗଭୀର ଆଘାତ ଲାଗେ। ଚାକିରି କାଳ ଭିତରେ ଏଭଳି କିଛି ଅନୁଭୂତି ଅପାସୋରା। ଖାରବେଳନଗର ଥାନା ଅଧିକାରୀ ବିଶ୍ୱରଞ୍ଜନ ସେନାପତିଙ୍କ କ୍ଷେତ୍ରରେ ମଧ୍ୟ ଏଭଳି କିଛି ଘଟିଛି, ଯାହାକୁ ସେ କେବେ ଭୁଲିପାରିବେ ନାହିଁ ବୋଲି କହିଛନ୍ତି।



ବିଶ୍ୱରଞ୍ଜନ ସେନାପତି

ଥାନାଧିକାରୀ ସେନାପତିଙ୍କ କହିବାନୁଯାୟୀ, ସେ ୨୦୦୮ରୁ ୨୦୧୦ ପର୍ଯ୍ୟନ୍ତ କୋରାପୁଟ ଜିଲା ନାରାୟଣପାଟଣା ଥାନାରେ ଏସ୍‌ଆଇ ଭାବେ ନିୟୋଜିତ ଥିଲେ। ସେତେବେଳେ ସେହି ଥାନା ଅଞ୍ଚଳରେ ମାଓବାଦୀ ଓ ଚାଷୀ ମୂଳିଆ ଆଦିବାସୀ ସଂଘ ବେଶ୍ ସକ୍ରିୟ ଥିଲା। ପୋଲିସ ଇନ୍‌ଫର୍ମର ସନ୍ଦେହରେ ନିରୀହ ଲୋକଙ୍କୁ ମାଓବାଦୀମାନେ ହତ୍ୟା କରୁଥିଲେ। ଚାଷୀ ମୂଳିଆ ଆଦିବାସୀ ସଂଘକୁ ମାଓବାଦୀମାନେ ସହଯୋଗ କରୁଥିବାରୁ ସେମାନେ ପୋଲିସକୁ ଖାତିରି କରୁ ନ ଥିଲେ। ସେମାନେ ଲୋକଙ୍କୁ ଧମକାଇ ସେମାନଙ୍କ ଚାଷଜମିକୁ କବ୍‌ଜା କରି ଚାଷ କରନ୍ତି। ଯଦି କେହି ଏହାର ପ୍ରତିବାଦ କରୁଥିଲେ ସଂଘ ସଦସ୍ୟମାନେ ଘରେ ପଶି ଗାଈ, ଗୋରୁ ଏବଂ ଖାଦ୍ୟଶସ୍ୟ ଲୁଟି ନେଉଥିଲେ। ମାଓବାଦୀଙ୍କ ସମର୍ଥନ ରହୁଥିବାରୁ ଏହି ସଂଘ ବିରୋଧରେ କେହି ଭୟରେ ପୋଲିସ ନିକଟରେ ଅଭିଯୋଗ କରୁ ନ ଥିଲେ। ତଥାପି ସଂଘକୁ ଦମନ କରିବା ପାଇଁ କାର୍ଯ୍ୟକ୍ରମ ଆରମ୍ଭ କରାଗଲା। କୋବ୍ରା ବାହିନୀ ଡକାଯାଇ ଜଙ୍ଗଲ ଏବଂ ଅନ୍ୟ ଅଞ୍ଚଳରେ ପାଟ୍ରୋଲିଂ କରାଗଲା, ଯାହାକୁ ନେଇ ଚାଷୀ ମୂଳିଆ ଆଦିବାସୀ ସଂଘ ପକ୍ଷରୁ ଅସନ୍ତୋଷ ବ୍ୟକ୍ତ କରାଯାଇ କୋବ୍ରା ବାହିନୀକୁ କାଢ଼ିନେବାକୁ ପୋଲିସକୁ କୁହାଯାଇଥିଲା। ମନା କରାଯିବାରୁ ସେମାନେ ପୋଲିସକୁ ଟାର୍ଗେଟ କରିଥିଲେ। ଏଥିପାଇଁ ସେମାନେ ବିଧିବଦ୍ଧ ଯୋଜନା କରିଥିଲେ। ସଂଘ ସଭାପତି ନାଚିକା ଲିଙ୍ଗା ୨୦୦୯ ଜୁନରେ ଥାନାକୁ ଆସି କୋବ୍ରା ବାହିନୀ ଉଠାଇ ନେବା ପାଇଁ ସେନାପତିଙ୍କ ସହିତ ଆଲୋଚନା କରିଥିଲେ। ସେନାପତି ବୁଝାଇବା ସମୟରେ ତାଙ୍କ ସାଥିରେ ଆସିଥିବା ସହଯୋଗୀମାନେ ଥାନା ଉପରକୁ ଗୁଳିମାଡ଼ କରିଥିଲେ। ଏହାସହ ଥାନା ଭିତରେ ପଶି ବନ୍ଧୁକ ଲୁଟି ନେଇ ଗୁଳିମାଡ଼ କରିଥିଲେ। ପୋଲିସ ଏବଂ ସେମାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ପୋଲିସ ଗୁଳିରେ ନାଚିକା ଲିଙ୍ଗାଙ୍କ ସହଯୋଗୀ କେଣ୍ଡୁକା ସିଙ୍ଗାନା ଏବଂ ଅନ୍ୟ ଜଣଙ୍କର ମୃତ୍ୟୁ ଘଟିଥିଲା। ନାଚିକା ଲିଙ୍ଗା ସମେତ ଅନ୍ୟମାନଙ୍କୁ ପୋଲିସ ଗିରଫ କରିଥିଲା। ପୋଲିସର ଏଭଳି ପଦକ୍ଷେପ ଦେଖି ମାଓବାଦୀମାନେ ମଧ୍ୟ ଉଗ୍ର ହୋଇଯାଇଥିଲେ। ସେମାନେ ପୋଲିସ କର୍ମଚାରୀ ଓ ଯବାନଙ୍କୁ ମାରିବା ପାଇଁ ସୁଯୋଗ ଖୋଜୁଥିଲେ। ସେହି ସମୟରେ ପାଟ୍ରୋଲିଂ ପାଇଁ ଲକ୍ଷ୍ମୀପୁରରୁ ଏସ୍‌ଓଜି ଯବାନମାନେ ଚାଲି ଚାଲି ନାରାୟଣପାଟଣାକୁ ଆସୁଥିଲେ। ସେମାନଙ୍କୁ ଆଣିବା ଓ ଛାଡ଼ିବା କାମ ପୋଲିସର ଦାୟିତ୍ୱ ଥିଲା। ହେଲେ ରାସ୍ତାରେ ଗଲେ ଲ୍ୟାଣ୍ଡ୍‌ମାଇନ୍ ଭୟ ରହିଥିବାରୁ ଜଙ୍ଗଲରାସ୍ତା ଦେଇ ଚାଲିଚାଲି ଯିବାକୁ ପଡ଼େ। ଦିନେ ଜଙ୍ଗଲ ରାସ୍ତାରେ ମାଓବାଦୀମାନେ ଗଛ ପକାଇ ଅବରୋଧ କରିଥିଲେ। ତାହାକୁ ହଟାଇବା ପାଇଁ ଏନଡିଆରଏଫ୍ ଟିମ୍ ପହଞ୍ଚିଯାଇଥିଲା। ସେମାନଙ୍କୁ ସୁରକ୍ଷା ଦେବା ପାଇଁ ଜରୁରିକାଳୀନ ସ୍ଥିତିରେ ନାରାୟଣପାଟଣାରୁ ପୋଲିସ ଫୋର୍ସ ଗାଡ଼ିରେ ଯାଇଥିଲା। ପଛରେ ଆଉ ଏକ ଗାଡ଼ିରେ ସେନାପତି ଓ ଅନ୍ୟ ଅଧିକାରୀମାନେ ଥିଲେ। ଘଟଣାସ୍ଥଳ ନିକଟବର୍ତ୍ତୀ ଏକ ବୁଲାଣିରେ ମାଓବାଦୀମାନେ ଲ୍ୟାଣ୍ଡମାଇନ ଖଞ୍ଜିଥିଲେ। ଫଳରେ ପୋଲିସ ଫୋର୍ସ ନେଇ ଯାଉଥିବା ଗାଡ଼ି ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଛିନ୍ନଛତ୍ର ହୋଇଯାଇଥିଲା। ଏଥିରେ ୮ ଜଣ ଯବାନଙ୍କ ମୃତ୍ୟୁ ଘଟିଥିଲା। ପଛରେ ଆସୁଥିବା ଗାଡ଼ି ଅଳ୍ପକେ ବର୍ତ୍ତି ଯାଇଥିଲା। ଫଳରେ ନୂଆ ଜୀବନ ପାଇଥିଲି ବୋଲି ସେନାପତି କହିଛନ୍ତି।

– ରିପୋର୍ଟ: ତ୍ରିନାଥ ମହାନ୍ତି, ଭୁବନେଶ୍ୱର

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଏକାଦଶସ୍ଥ ଗ୍ରହ ପ୍ରଭାବରୁ ଆଜି ପ୍ରତ୍ୟେକ କାମରେ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ସାହାଯ୍ୟରେ ଆଶା କରୁଥିବା ଦିଗରୁ ଅର୍ଥ ପାଇବେ। ଆନୁଷ୍ଠାନିକ କ୍ଷେତ୍ରରେ ସଫଳତା ମିଳିବ ଓ ସାମାଜିକ ସ୍ତରରେ ପ୍ରତିଷ୍ଠିତ ହେବେ। ବହୁତ ଦିନରୁ ଅଟକି ରହିଥିବା କାମକୁ ସମ୍ପୂର୍ଣ୍ଣ କରିବେ।

**ବୃଷ** ପରୋକ୍ଷ ଶତ୍ରୁତାରୁ ସମ୍ପର୍କୀୟଙ୍କ ଦ୍ୱାରା ଅପଯଶ ପାଇପାରନ୍ତି। ପାପଗ୍ରହ ଯୁକ୍ତ ଚନ୍ଦ୍ର ଯୋଗୁ ମାନସିକ ଅସ୍ଥିରତା ରହିଥିଲେ ମଧ୍ୟ ଅନ୍ୟମାନଙ୍କୁ ବିରକ୍ତିକର କଥା କହିବା ଠିକ୍ ହେବନି। କର୍ମକ୍ଷେତ୍ର କିମ୍ବା ପ୍ରଶାସନିକ ସ୍ତରରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ଅସମ୍ପୂର୍ଣ୍ଣ କାମ ପୂର୍ଣ୍ଣାଙ୍ଗ କରିବାକୁ ଚେଷ୍ଟା କରିବେ।

**ମିଥୁନ** କର୍ମଭାବରେ ଶୁକ୍ର ଯୋଗୁ ଆଜିର କାମଗୁଡ଼ିକ ସବୁ ଠିକ୍‌ଠିକ୍ ହୋଇଯିବ। କିନ୍ତୁ ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ। କଳା, ସାହିତ୍ୟ, ସଙ୍ଗୀତ ତଥା କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିପାରେ। ଅନ୍ୟମାନଙ୍କର କାନକୁହା କଥା ଶୁଣି କୌଣସି କାମ କଲେ ଅପଦସ୍ଥ ହେବାକୁ ପଡ଼ିପାରେ।

**କର୍କଟ** ଦୁଃସ୍ଥାନସ୍ଥିତ ଗ୍ରହଗୁଡ଼ିକ ସମସ୍ୟାର କାରଣ ହୋଇପାରନ୍ତି। ହେଲେ ଆର୍ଥିକ କ୍ଷେତ୍ର ପାଇଁ ଅସୁବିଧା ହେବନାହିଁ। ଯେକୌଣସି କ୍ଷେତ୍ରରେ ହେଉନା କାହିଁକି, ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। ଯେଉଁ ଜିନିଷଟିକୁ ପାଇବାକୁ ଅପେକ୍ଷା କରିଛନ୍ତି, ତାହା ସାମାନ୍ୟ ବିଳମ୍ବରେ ପାଇବେ।

**ସିଂହ** ମଙ୍ଗଳଗ୍ରହ କୋଣଭାବସ୍ଥ ଯୋଗୁ ବନ୍ଧୁଙ୍କ ଫେରିବା ବାଟର ବିଳମ୍ବତାକୁ ଲକ୍ଷ୍ୟକରି ବ୍ୟସ୍ତ ହୋଇପଡ଼ିବେ। ଆଜିର କର୍ମକ୍ଷେତ୍ରରେ ଚେଷ୍ଟା ସଫଳ ହେବାରେ ଜଣେ ପୁରାତନ ବନ୍ଧୁ ସାହାଯ୍ୟ କରିବେ। ଘରେ ବନ୍ଧୁମିଳନ ସହିତ ଖୁସିର ଆସର ଜମିପାରେ। ପରିବାରର ଆବଶ୍ୟକ ମୁତାବକ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି।

**କନ୍ୟା** ଭାଗ୍ୟାଧିପ ଉଚ୍ଚରାଶିରେ ରହିଥିବାରୁ ଦୀର୍ଘଦିନ ହେଲା ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିବ। ବନ୍ଧୁଙ୍କ ପରାମର୍ଶରେ ନୂତନ କାର୍ଯ୍ୟରେ ହାତ ଦେଇ କୃତକାର୍ଯ୍ୟ ହେବେ। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ, କିନ୍ତୁ ସଭାସମିତିରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। କ୍ଲାନ୍ତି ଓ ଅବସାଦ ଦଖାଦେଇପାରେ।

**ତୁଳା** ଶୁକ୍ର ଓ ଶନି ନିଜ ନିଜ ସ୍ଥାନରେ ବଳବାନ୍ ଯୋଗୁ ବିଭିନ୍ନ ସମସ୍ୟା ଭିତରେ ସମୟ କଟାଇବାକୁ ପଡ଼ିପାରେ। ମନ ଛଟପଟ ହେଉଥିଲେ ମଧ୍ୟ ବନ୍ଧୁଙ୍କ ନିକଟରେ ମନକଥା ପ୍ରକାଶ କରିପାରିବେ ନାହିଁ। ଅନ୍ୟମାନଙ୍କର ସାହାଯ୍ୟ ଲାଭ କରି କାମ ହାସଲ କରିବେ। ମାତ୍ର ନିର୍ମାଣ କାର୍ଯ୍ୟରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ।

**ବିଛା** ଉଚ୍ଚାରୋହୀ ମଙ୍ଗଳଙ୍କ ପ୍ରଭାବରୁ ସାମାନ୍ୟ ଧୈର୍ଯ୍ୟଧାରଣ କଲେ ସମସ୍ୟାର ସରଳ ସମାଧାନ ହୋଇଯିବ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିବେ। ବନ୍ଧୁମାନଙ୍କ ସହ ଅଧିକାଂଶ ସମୟ ଆଳାପ ଆଲୋଚନାରେ ସମୟ କଟାଇପାରନ୍ତି।

**ଧନୁ** ପରିବାର ସ୍ଥାନରେ ଶୁକ୍ର ରହିଥିବାରୁ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। ଉପରିସ୍ଥଙ୍କ ଆଦେଶ ପ୍ରାପ୍ତ ହୋଇ ସ୍ଥଗିତ କାମକୁ ପୂରାଦମରେ କରିବା ପାଇଁ ନିଷ୍ପତ୍ତି ନେବେ। ବାଣିଜ୍ୟ, ବ୍ୟବସାୟ, ସାମ୍ବାଦିକତା, ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ।

**ମକର** ଶୁଭଗ୍ରହ ପ୍ରଭାବରୁ ଚିନ୍ତା ନ କରି କାମରେ ମନ ଦିଅନ୍ତୁ, ମିତ୍ରମାନେ ସହଯୋଗର ହାତ ବଢ଼ାଇବେ। ନିକଟତମ ବନ୍ଧୁଙ୍କ ଆତିଥ୍ୟ ଗ୍ରହଣ ପୂର୍ବକ ବସ୍ତ୍ରଭୂଷଣ ପ୍ରାପ୍ତି ଯୋଗ ରହିଛି। ପୁରୁଣା ସମସ୍ୟାଗୁଡ଼ିକ ତୁଟି ଯାଇଥିଲେ ମଧ୍ୟ ଆକସ୍ମିକ ଭାବେ ନୂତନ ସମସ୍ୟା ଦେଖାଦେଇପାରେ। ପାରିବାରିକ କ୍ଷେତ୍ର ପୂର୍ବପରି ଅସ୍ଥିରତା ମଧ୍ୟରେ ରହିବ।

**କୁମ୍ଭ** ରାଶିରେ ତିନୋଟି ଗ୍ରହ ରହି ଆପଣଙ୍କ ଆଶା ଓ ଅଭିଳାଷକୁ ପୂରଣ କରିବେ। ଆଜିର ଯାତ୍ରା ପ୍ରଶାସନ, ଆଇନ, କଳା ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ, ଚେଷ୍ଟା କରୁଥିବା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଆପଣଙ୍କ ନିମନ୍ତ୍ରଣକ୍ରମେ ଘରକୁ ପ୍ରିୟ ବନ୍ଧୁ ଆସିପାରନ୍ତି।

**ମୀନ** ଭଲ ସମ୍ପର୍କ ନ ଥିବା କେତେକ ବ୍ୟକ୍ତି ସମସ୍ୟା ସୃଷ୍ଟିରେ ସହାୟକ ହେବେ, ତଥାପି କିଛି ଅସୁବିଧା ହେବ ନାହିଁ। କେତେକ ପ୍ରତିବନ୍ଧକ କାରଣରୁ ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିଯିବ। ଆଜି ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିପାରେ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧିଯୋଗୁ ମନରେ ସରସତା ରହିବ ନାହିଁ।

ଆଜି ଫାଲ୍‌ଗୁନ ଅମାବାସ୍ୟା ରବିବାର, ଫେବୃୟାରୀ ୨୩ ତାରିଖ, ରାଶି ନକ୍ଷତ୍ର–ଧନିଷ୍ଠା/କୁମ୍ଭ, ମେଷରାଶିର ଘାତବାର, ଅମାବାସ୍ୟାର ଶ୍ରାଦ୍ଧ, ଶରଣ, ଦିବା ଘ୭।୦୦ମି. ଗତେ ଘ୧୦।୦୪ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୪୧ମି. ଗତେ ଘ୯।୦୭ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୪।୧୯ମି. ଗତେ ଘ୫।୪୫ମି. ମଧ୍ୟେ ରାହୁକାଳ ।

# ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା



କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଏକ ରଙ୍ଗାରଙ୍ଗ ଉତ୍ସବରେ ଶନିବାର ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ପ୍ରଥମ ସଂସ୍କରଣ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଛି। ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ମେଗା ଇଭେଣ୍ଟକୁ ଉଦ୍‌ଘାଟନ କରିଥିଲେ। ମାର୍ଚ୍ଚ ୧ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ଦେଶର ୧୫୯ ବିଶ୍ୱବିଦ୍ୟାଳୟରୁ ପାଖାପାଖି ୩୪୦୦ ଆଥଲେଟ ଅଂଶଗ୍ରହଣ କରିଛନ୍ତି। ୧୭ଟି ବର୍ଗରେ ପ୍ରତିଯୋଗିତା ଆୟୋଜନ ହେବ। ଭୁବନେଶ୍ୱର ଓ କଟକର ୧୦ଟି ଭେନ୍ୟୁରେ ଖେଳ ଅନୁଷ୍ଠିତ ହେବ। ରଗ୍‌ବୀ ସମେତ ୬ଟି ଟିମ୍ ଇଭେଣ୍ଟରେ ମଧ୍ୟ ପ୍ରତିଯୋଗିତା ଆୟୋଜନ ହେବ।



ସଙ୍ଗୀତ ପରିବେଷଣ କରୁଛନ୍ତି ସୋନା ମହାପାତ୍ର



ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତିଯୋଗିତାକୁ ଉଦ୍‌ଘାଟନ କରୁଛନ୍ତି।

## କଲଡ୍ରୋନରେ ଅଗ୍ନି ସଂଯୋଗ କଲେ ଦିଲୀପ

ଭାରତୀୟ ତୀରନ୍ଦାଜ ମୁସ୍କାନ କିରାର୍‌ଙ୍କ ଦ୍ୱାରା ଉଦ୍‌ଘାଟନୀ ଉତ୍ସବର ମଶାଲ ରିଲେ ଆରମ୍ଭ ହୋଇଥିଲା। ପରେ ଏହାକୁ ଧରିଥିଲେ ସନ୍ତରଣକାରୀ ଏସ.ପି ଲିକିଥ। ଶେଷରେ ଅଲିମ୍ପିଆନ ଦିଲୀପ ତିର୍କୀ ମଶାଲକୁ ନେଇ କଲଡ୍ରୋନରେ ରଖିଥିଲେ।

### ସୋନା-ରାମଙ୍କ ଖେଲେଙ୍ଗେ ସାନ୍ ସେ...

ବଲିଉଡ କଣ୍ଠଶିଳ୍ପୀ ତଥା ଓଡ଼ିଆ ଝିଅ ସୋନା ମହାପାତ୍ର ଓ ସଙ୍ଗୀତ ନିର୍ଦ୍ଦେଶକ ରାମ ସମ୍ପଥଙ୍କ ଯୁଗଳବନ୍ଦୀରେ ପରିବେଷଣ ହୋଇଥିଲା ଖେଲେଙ୍ଗେ ସାନ୍ ସେ.. ଗୀତ। ଉପସ୍ଥିତ ଦର୍ଶକ ଏହି ଗୀତରେ ଝୁମିବା ସହ ଶେଷରେ କଣ୍ଠଶିଳ୍ପୀ ସୋନାଙ୍କ ସହ ତାଳ ମିଶାଇ ଗାଇଥିଲେ ଅଗଣିତ ଶ୍ରୋତା।

### ଚମତ୍କାର ଥିଲା ଓଡ଼ିଶୀ ଫ୍ୟୁଜନ

ଓଡ଼ିଶୀ ନୃତ୍ୟ ମାଧ୍ୟମରେ ଆରମ୍ଭ ହୋଇଥିଲା ଉତ୍ସବ। ପ୍ରତିଷ୍ଠିତ ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ଅରୁଣା ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୦୦ଜଣ ନୃତ୍ୟଶିଳ୍ପୀ ଚମତ୍କାର ନୃତ୍ୟ ପ୍ରଦର୍ଶନ କରିଥିଲେ। ପ୍ରାୟ ୨୦ ମିନିଟ ଧରି ଓଡ଼ିଶୀ ନୃତ୍ୟ ସହ ଅନ୍ୟ ପାରମ୍ପରିକ ନୃତ୍ୟର ଫ୍ୟୁଜନ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ବଲିଉଡର ଆଗଧାଡ଼ିର କଣ୍ଠଶିଳ୍ପୀ ନାକାସ୍ ଅଜିଜ୍ ପ୍ରତିଯୋଗିତାର ଥିମସଙ୍ଗ ପରିବେଷଣ କରିଥିବା ବେଳେ କୋରିଓଗ୍ରାଫର ଟେରେନ୍ସ ଲୁଇସ୍‌ଙ୍କ ଡ୍ୟାନ୍ସଗ୍ରୁପ ନୃତ୍ୟ ପରିବେଷଣ କରିଥିଲା।





ଡିଜିଟାଲ୍ କଲ୍‌ଡ୍ରୋନ୍‌ରେ ମଶାଲ ରଖାଯାଇଛି।





## ନିଶାନ୍ତଙ୍କୁ ଟେକ୍‌ନିକାଲ ଅଫିସିଆଲ ଦାୟିତ୍ୱ

ଭୁବନେଶ୍ୱର, ୨୨।୨ (ସ୍ପୋର୍ଟ୍ସ ବ୍ୟୁରୋ): ଭୁବନେଶ୍ୱର ଓ କଟକରେ ମିଳିତ ଭାବେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା (କେଆଇୟୁଜି)ର ହକି ଇଭେଣ୍ଟ ପାଇଁ ଓଡ଼ିଶାର ନିଶାନ୍ତ ଜ୍ୟୋତି ମହାନ୍ତିଙ୍କୁ ଟେକ୍‌ନିକାଲ ଅଫିସିଆଲ ଭାବେ ନିଯୁକ୍ତ କରାଯାଇଛି। ଇଷ୍ଟକୋଷ୍ଟ ରେଲ୍‌ୱେରେ କାର୍ଯ୍ୟରତ ନିଶାନ୍ତଙ୍କୁ ହକି ଇଣ୍ଡିଆ ପକ୍ଷରୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। ପୂର୍ବରୁ ନିଶାନ୍ତ ଅନେକ ଜାତୀୟ, ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଜଜ୍, ଅମ୍ପାୟର ଓ ଟେକ୍‌ନିକାଶ ଅଫିସିଆଲ ଭାବେ ସଫଳତାର ସହ ଦାୟିତ୍ୱ ତୁଲାଇ ସାରିଛନ୍ତି। ଏହାକୁ ଆଧାର କରି ହକି ଇଣ୍ଡିଆ ପକ୍ଷରୁ ନିଶାନ୍ତଙ୍କୁ କେଆଇୟୁଜି ପାଇଁ ଟେକ୍‌ନିକାଲ ଅଫିସିଆଲ ନିଯୁକ୍ତ କରାଯାଇଛି। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଅଫିସିଆଲ ଦାୟିତ୍ୱ ପାଇଥିବାରୁ ହକି ଓଡ଼ିଶା ସମ୍ପାଦକ ପ୍ରତାପ ଶତପଥୀ ନିଶାନ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ହକିରେ ହାରିଲା ସମ୍ବଲପୁର

ଭୁବନେଶ୍ୱର, ୨୨।୨ (ସ୍ପୋର୍ଟ୍ସ ବ୍ୟୁରୋ)

ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟର ଶନିବାର ୨ୟ ଦିବସରେ ବିଭିନ୍ନ ଇଭେଣ୍ଟରେ ଖେଳ ଅନୁଷ୍ଠିତ ହୋଇଯାଇଛି। କିଟ୍ କ୍ୟାମ୍ପସ୍-୧୩ସ୍ଥିତ ହକି ଷ୍ଟାଡିୟମରେ ଖେଳାଯାଇଥିବା ମହିଳା ବିଭାଗ ହକିରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ୧-୨ ଗୋଲରେ ରାଞ୍ଚି ବିଶ୍ୱବିଦ୍ୟାଳୟଠାରୁ ପରାସ୍ତ ହୋଇଛି। ରାଞ୍ଚି ପକ୍ଷରୁ ପ୍ରମିଳା ସୋରେନ (୧୭ତମ ମିନିଟ୍) ଓ ବେଟନ ଡୁଙ୍ଗଡୁଙ୍ଗ୍ (୨୫ତମ) ଗୋଲ ସ୍କୋର କରିଥିଲେ। ସମ୍ବଲପୁରର ଜାହ୍ନବୀ ପ୍ରଧାନ ୫୫ତମ ମିନିଟ୍‌ରେ ଗୋଟିଏ ଗୋଲ ଶୁଝିଥିଲେ।

### ଭଲିବଲ୍‌ରେ ଉତ୍କଳର ଡବଲ୍ ପରାଜୟ

କିଟ୍ କ୍ୟାମ୍ପସ୍-୧୩ସ୍ଥିତ ଇନ୍‌ଡୋର ହଲ୍‌ରେ ଅପରାହ୍ଣ ୪ଟାରେ ଖେଳାଯାଇଥିବା ପୁରୁଷ ବିଭାଗ ଭଲିବଲରେ ଓଡ଼ିଶାର ଉତ୍କଳ ବିଶ୍ୱବିଦ୍ୟାଳୟକୁ ନିରାଶ ହେବାକୁ ପଡ଼ିଛି। ଉତ୍କଳ ୦-୩ ସେଟ୍‌ରେ ମହାତ୍ମା ଗାନ୍ଧୀ ବିଶ୍ୱବିଦ୍ୟାଳୟ (କେରଳ)ଠାରୁ ପରାସ୍ତ ହୋଇଛି। ଦିବସରେ ଉତ୍କଳ ଏହାର ୨ୟ ମ୍ୟାଚ୍‌ରେ ମଧ୍ୟ ୦-୩ ସେଟ୍‌ରେ ଡାଇରେକ୍ଟର ଫିଜିକାଲ ଏଜୁକେଶନ ୟୁନିଭର୍ସିଟି (କେରଳ)ଠାରୁ ମଧ୍ୟ ହାରିଯାଇଛି।

### ଫୁଟ୍‌ବଲ

କିଟ୍ କ୍ୟାମ୍ପସ-୧୩ ସ୍ଥିତ ଫୁଟ୍‌ବଲ ଷ୍ଟାଡିୟମରେ ଶନିବାର ଖେଳାଯାଇଥିବା ମହିଳା ବିଭାଗ ମ୍ୟାଚ୍‌ରେ ଆନ୍ନାମାଲାଇ ବିଶ୍ୱବିଦ୍ୟାଳୟ (ତାମିଲନାଡୁ) ୯-୦ ଗୋଲରେ ଏକପାଖିଆ ଭାବେ ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟ (ରୋହତକ)କୁ ପରାସ୍ତ କରିଛି। ସେହିଭଳି ଗୁରୁନାନକ ଦେବ ବିଶ୍ୱବିଦ୍ୟାଳୟ (ଅମ୍ରିତସର) ୧-୦ ଗୋଲରେ ଲକ୍ଷ୍ମୀବାଈ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫିଜିକାଲ ଏଜୁକେଶନକୁ, ଗୋଆ ବିଶ୍ୱବିଦ୍ୟାଳୟ ୩-୧ ଗୋଲରେ ପଞ୍ଜାବ ବିଶ୍ୱବିଦ୍ୟାଳୟକୁ ମାତ୍ ଦେଇଛି।

### ବାସ୍କେଟବଲ

ଶନିବାର ମହିଳା ଓ ପୁରୁଷ ବିଭାଗ ବାସ୍କେଟବଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। କିଟ୍ କ୍ୟାମ୍ପସ-୧୩ସ୍ଥିତ ଇନ୍‌ଡୋର ହଲ୍‌ରେ ଅନୁଷ୍ଠିତ ମହିଳା ବିଭାଗ ମ୍ୟାଚ୍‌ରେ ହିନ୍ଦୁସ୍ତାନ ଆଇଟିଏସ୍ (ଚେନ୍ନାଇ) ୮୫-୬୫ରେ ଆଇଟିଏ ବିଶ୍ୱବିଦ୍ୟାଳୟ (ଗ୍ୱାଲିୟର)କୁ, ଗୁରୁ ନାନକଦେବ ବିଶ୍ୱବିଦ୍ୟାଳୟ (ଅମ୍ରିତସର) ୭୦-୩୫ରେ କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟକୁ, ଲକ୍ଷ୍ମୀବାଈ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫିଜିକାଲ ଏଜୁକେଶନ ୧୦୭-୪୮ରେ ପଞ୍ଜାବକୁ, ମାଡ୍ରାସ ବିଶ୍ୱବିଦ୍ୟାଳୟ ୭୨-୪୩ରେ ଜାମିଆ ମିଲିଆ ଇସ୍‌ଲାମିଆ (ନୂଆଦିଲ୍ଲୀ)କୁ ପରାସ୍ତ କରିଛି।

### ଟେନିସ

ପୁରୁଷ ସିଙ୍ଗଲ୍ସ ଟେନିସରେ କିଟ୍‌ର ସିଦ୍ଧାନ୍ତ ମହତା ୦-୬, ୦-୬ରେ ଜି. ମନୀଷ ଫିଜିକାଲ ଏଜୁକେଶନ ବିଶ୍ୱବିଦ୍ୟାଳୟ (ମହୀଶୂର)ଙ୍କଠାରୁ ହାରିଯାଇଛନ୍ତି। ସେହିଭଳି କିଟ୍‌ର ଆଦିତ୍ୟ ଶତପଥୀଙ୍କୁ ମଧ୍ୟ ପରାଜୟର ସାମ୍ନା କରିବାକୁ ପଡ଼ିଛି।





## କାର୍ଯ୍ୟସୂଚୀ

### ୨୩.୨.୨୦୨୦ (ରବିବାର)

| ସମୟ | ଇଭେଣ୍ଟ | ଭେନ୍ୟୁ |
|---|---|---|
| **ଆର୍ଚେରୀ** | | |
| ସକାଳ ୯ଟା | ପୁରୁଷ କମ୍ପାଉଣ୍ଡ | କିଟ୍ |
| ସକାଳ ୯ଟା ୪୫ | ମହିଳା କମ୍ପାଉଣ୍ଡ | କିଟ୍ |
| ଦିବା ୧ଟା ୩୦ | ପୁରୁଷ ଟିମ୍ କମ୍ପାଉଣ୍ଡ | କିଟ୍ |
| ଦିବା ୨ଟା | ମହିଳା ଟିମ୍ କମ୍ପାଉଣ୍ଡ | କିଟ୍ |
| ଅପରାହ୍ଣ ୩ଟା ୧୫ | ଆର୍‌ଏକ୍ସ ଟିମ୍ | କିଟ୍ |
| ଅପରାହ୍ଣ ୩ଟା ୪୦ | ସିଏକମ୍ପ ଟିମ୍ | କିଟ୍ |
| **ଭଲିବଲ୍** | | |
| ସକାଳ ୧୦ଟା | ପୁରୁଷ ବିଭାଗ | କ୍ୟାମ୍ପସ-୧୩ |
| ସକାଳ ୧୦ଟା | ମହିଳା ବିଭାଗ | କ୍ୟାମ୍ପସ୍-୧୩ |
| ଦିବା ୨ଟା | ଏଏଲ୍‌ପିୟୁ ବନାମ ଉତ୍କଳ | କ୍ୟମ୍ପସ-୧୩ |
| ଅପରାହ୍ଣ ୪ଟା | ଉତ୍କଳ ବନାମ ଏମ୍‌ଜି କାଶୀ | କ୍ୟାମ୍ପସ-୧୩ |
| **ବାସ୍କେଟବଲ** | | |
| ସକାଳ ୯ଟା | ମହିଳା ବିଭାଗ | କ୍ୟାମ୍ପସ-୧୩ |
| ସକାଳ ୧୧ଟା | ପୁରୁଷ ବିଭାଗ | କ୍ୟାମ୍ପସ-୧୩ |
| **ଫୁଟବଲ** | | |
| ସକାଳ ୯ଟା | ପୁରୁଷ ବିଭାଗ | କ୍ୟାମ୍ପସ-୧୩ |
| **ସୁଇମିଂ** | | |
| ସକାଳ ୧୦ଟା ୫ | ପୁରୁଷ ବିଭାଗ | କଳିଙ୍ଗ ଷ୍ଟାଡିୟମ |
| ସକାଳ ୧୦ଟା ୧୫ | ମହିଳା ବିଭାଗ | କଳିଙ୍ଗ ଷ୍ଟାଡିୟମ |
| **ହକି** | | |
| ସକାଳ ୭ଟା | ମହିଳା ବିଭାଗ | କ୍ୟାମ୍ପସ-୧୩ |
| ସକାଳ ୮ଟା ୪୫ | ସମ୍ବଲପୁର-ମାଙ୍ଗାଲୋର | କ୍ୟାମ୍ପସ-୧୩ |
| ଅପରାହ୍ଣ ୨ଟା | ପୁରୁଷ ବିଭାଗ | କ୍ୟାମ୍ପସ-୧୩ |
| **ବ୍ୟାଡ୍‌ମିଣ୍ଟନ** | | |
| ସକାଳ ୧୧ଟା | ମହିଳା ବିଭାଗ | ଇନ୍‌ଡୋର, କଟକ |
| ସକାଳ ୧୧ଟା | ପୁରୁଷ ବିଭାଗ | ଇନ୍‌ଡୋର, କଟକ |
| **ଟେନିସ** | | |
| ସକାଳ ୯ଟା ୩୦ରୁ ଆରମ୍ଭ | | କ୍ୟାମ୍ପସ ୮ ଓ ୯ |
| **ଫେନସିଂ** | | |
| ସକାଳ ୯ଟା | ପୁରୁଷ ବିଭାଗ | ଇନ୍‌ଡୋର, ସହିଦ ନଗର |
| ସକାଳ ୯ଟା | ମହିଳା ବିଭାଗ | ଇନ୍‌ଡୋର, ସହିଦ ନଗର |



ଉଦ୍‌ଘାଟନୀ ଉତ୍ସବରେ କଳାକାରଙ୍କ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ।

ସବୁବେଳେ ପ୍ରକୃତ ଅସୁବିଧା ରହିଛି ଆମ ଭିତରେ- ଆମ ପରିପାର୍ଶ୍ୱରେ ନୁହେଁ। ଅସୁବିଧାଗୁଡିକ ଉପରେ ବିଜୟ ଲାଗି ତୁମର ତିନୋଟି କଥା ଆବଶ୍ୟକ। ଏକରେ ସଂକଳ୍ପ- ତା'ପରେ ନିର୍ଲିପ୍ତତା ଓ ଶେଷରେ ବିଶ୍ୱାସ। -ଶ୍ରୀଅରବିନ୍ଦ



# ଭିତରକନିକା ବଞ୍ଚାଅ

ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ଯୋଗୁ ପୃଥିବୀସାରା ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେବାରେ ଲାଗିଛି। ଏହା ସମସ୍ତେ ଉପଲବ୍ଧି କଲେଣି। ତଥାପି ମଣିଷ ଚେତୁନାହିଁ। ଜୈବ ବିବିଧତା ବିଗିଡ଼ିଗଲେ ପ୍ରାକୃତିକ ଅସନ୍ତୁଳନତା ଦେଖାଦେବ। ସେଥିଲାଗି ବୈଜ୍ଞାନିକ ଓ ବିଶେଷଜ୍ଞମାନେ ମତ ଦେଉଛନ୍ତି ଯେ, ପରିବେଶକୁ ବଞ୍ଚାଇ ରଖିବାକୁ ହେଲେ ପ୍ରକୃତିର ନିୟମ ମାନିବାକୁ ପଡ଼ିବ। ଓଡ଼ିଶାରେ ପର୍ଯ୍ୟଟନକୁ ଏବେ ପୂର୍ବାପେକ୍ଷା ଅଧିକ ଗୁରୁତ୍ୱ ଦିଆଯାଉଛି। ରାଜ୍ୟ ବାହାରର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସହ ଅଧିକ ରାଜସ୍ୱ ସଂଗ୍ରହ ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ଉତ୍ସାହପ୍ରଦ। କିନ୍ତୁ କେଉଁ କ୍ଷେତ୍ରରେ କେଉଁଭଳି ପର୍ଯ୍ୟଟନକୁ ବ୍ୟାପକ ଓ ବିକଶିତ କରାଗଲେ ତାହା ପରିବେଶ ଉପରେ କୁପ୍ରଭାବ ପକାଇବ ନାହିଁ, ସେଥିପ୍ରତି ଦୃଷ୍ଟି ଦିଆଯିବା ନିତାନ୍ତ ଆବଶ୍ୟକ। ନିକଟରେ ବିଧାନସଭା ଅଧିବେଶନରେ ପର୍ଯ୍ୟଟନ ମନ୍ତ୍ରୀ ଏକ ପ୍ରଶ୍ନର ଉତ୍ତର ଦେବାକୁ ଯାଇ କହିଛନ୍ତି, ଖୁବ୍‌ଶୀଘ୍ର ଭିତରକନିକାରେ ଅନ୍ୟାନ୍ୟ ଜଳକ୍ରୀଡ଼ା ପର୍ଯ୍ୟଟନର ବିକାଶ କରାଯିବା ସହ ଆମୋଦପୂର୍ଣ୍ଣ ଜଳଯାତ୍ରା ସକାଶେ କ୍ରୁଜ୍ ଶିପ୍ ବ୍ୟବହାର କରାଯିବ। ଇତିମଧ୍ୟରେ କେରଳ ଅନ୍ତର୍ଦ୍ଦେଶୀୟ କର୍ତ୍ତୃପକ୍ଷଙ୍କ ସହ ରାଜ୍ୟ ସରକାରଙ୍କ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଥିବା ମନ୍ତ୍ରୀ କହିଥିଲେ।

ଦେଖିବାକୁ ଗଲେ ରାଜ୍ୟରେ ଏଭଳି ଅନେକ ଅଞ୍ଚଳ ରହିଛି, ଯେଉଁଠାରେ ପର୍ଯ୍ୟଟନର ବିକାଶ କରାଯାଇପାରନ୍ତା। ଏଠାରେ ଭିତରକନିକା ଓ ଚିଲିକା ଭଳି ଜୈବ ବିବିଧତାପୂର୍ଣ୍ଣ ସ୍ଥାନକୁ ଚିହ୍ନଟ କରାଯିବା ଦ୍ୱାରା ପ୍ରାକୃତିକ ସନ୍ତୁଳନ ବିଗିଡ଼ିବା ଯଥେଷ୍ଟ ଆଶଙ୍କା ରହିଛି। ୨୦୧୮ରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଚିଲିକା ଉପରେ ପଡ଼ିଥିଲା। ଚିଲିକା ଜଳରାଶି ଉପରେ ଏରୋଡ୍ରମ୍ ନିର୍ମାଣ କରାଯାଇ ଉଭୟଚର (ଆମ୍ଫିବିଆନ୍) ଉଡ଼ାଜାହାଜ ଅବତରଣ କରାଯିବାର ଚିନ୍ତା କରାଯାଇଥିଲା। ଆମେ ଏହି ସ୍ତମ୍ଭରେ ୧୪ ଅଗଷ୍ଟ ୨୦୧୮ରେ 'ଚିଲିକା ବଞ୍ଚାଅ' ନାମକ ଲେଖା ପ୍ରକାଶ କରିଥିଲୁ। ଏଥିରେ ଦର୍ଶାଇଥିଲୁ ଯେ, ଏହି ହ୍ରଦ ଉପରେ ବିମାନ ଉଡ଼ାଣ କରାଗଲେ ଏହା ଘୋର ପ୍ରଭାବିତ ହେବ। କେବଳ ଯେ ଅସଂଖ୍ୟ ଭ୍ରମଣକାରୀ ପକ୍ଷୀ ଚିଲିକାକୁ ଆସିଥାଆନ୍ତି ତାହା ନୁହେଁ, ଏଠାରେ ୧୫୦ରୁ ଊର୍ଦ୍ଧ୍ୱ ଇରାୱାଡି ଡଲ୍‌ଫିନ୍ ସ୍ଥାୟୀ ଭାବେ ରହିଛନ୍ତି। ମୋଟର ବୋଟ୍ ଚଳାଚଳ ଦ୍ୱାରା ପକ୍ଷୀଙ୍କ ଶାନ୍ତିଭଙ୍ଗ ହେବା ଆଶଙ୍କା ଥିବା ବେଳେ ହ୍ରଦ ଉପରେ ଉଡ଼ାଜାହାଜ ଉଡ଼ିଲେ ବିଷମ ପରିସ୍ଥିତି ସୃଷ୍ଟି ହୋଇଥାଆନ୍ତା। ଆମେ ଏହି ଦିଗଟିକୁ ଦର୍ଶାଇବା ପରେ ଅନ୍ୟ ଗଣମାଧ୍ୟମ ସହିତ ବିଭିନ୍ନ ମହଲରୁ ଏହା ବିରୋଧରେ ପ୍ରତିକ୍ରିୟା ପ୍ରକାଶ ପାଇଲା। ଫଳରେ କେନ୍ଦ୍ର ସରକାର ନିଜ ନିଷ୍ପତ୍ତିର ପୁନର୍ବିଚାର କରି ପ୍ରକଳ୍ପକୁ ସ୍ଥଗିତ ରଖିଛନ୍ତି। ଅନୁରୂପ ଭାବେ ଦେଖିଲେ ଭିତରକନିକା ଏକ ଜାତୀୟ ଅଭୟାରଣ୍ୟ। ଅସଂଖ୍ୟ ଜୀବଜନ୍ତୁ, ସରୀସୃପ ଏବଂ ପକ୍ଷୀଙ୍କ ଏହା ବାସସ୍ଥାନ। ଏଥିସହ ଏଠାକାର ଲୁଣି ଜଳରେ ଦେଖା ଦେଉଥିବା ବିରଳ ବଉଳା କୁମ୍ଭୀର ଲାଗି ଭିତରକନିକା ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ହାସଲ କରିଛି। ସଦ୍ୟ ଗଣନା ଅନୁଯାୟୀ ୧୭୬୭ କୁମ୍ଭୀର ଅଛନ୍ତି। ସେଠାରେ କ୍ରୁଜ୍ ଶିପ୍ ଚାଲିଲେ ଏହା ଜୈବ ବିବିଧତାକୁ ନଷ୍ଟ କରିବା ସହ ଜୀବଜନ୍ତୁଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଇବ। ଏଥିସହ ଅନେକ ବ୍ୟକ୍ତି ଉକ୍ତ ଅଞ୍ଚଳକୁ ବ୍ୟବସାୟିକ କାର୍ଯ୍ୟରେ ବିନିଯୋଗ କରିପାରନ୍ତି। ତାହା ଦ୍ୱାରା ପ୍ରଦୂଷଣ ବୃଦ୍ଧି ପାଇବ ଏବଂ ଲୋକ ଗହଳି ରହିଲେ ସେଠାକାର ଜୀବଜନ୍ତୁଙ୍କ ଅନିଷ୍ଟ ହେବ। ବାସ୍ତବରେ ଜଳକ୍ରୀଡ଼ା ବା ଜଳରେ ଦୁଃସାହସିକ ଯାତ୍ରାକୁ ପ୍ରୋତ୍ସାହନ ଦେବା ଲାଗି ପ୍ରଶସ୍ତ ଜଳରାଶି ଥିବା ଏବଂ ତାହା ଦ୍ୱାରା ଜୈବ ବିବିଧତା ନଷ୍ଟ ହେଉ ନ ଥିବା ଅଞ୍ଚଳକୁ ବଛାଯିବା ଦରକାର। ଓଡ଼ିଶାରେ ସେଭଳି ଅନେକ ଅଞ୍ଚଳ ରହିଛି। ପର୍ଯ୍ୟଟନ ନାମରେ ପ୍ରକୃତିର ଏଭଳି କମନୀୟ ସ୍ଥାନକୁ ଟେକି ଦିଆଗଲେ ଜଳଚର ଜୀବଙ୍କ ଜୀବନ ପ୍ରତି ଏହା ବିପଦ ସୃଷ୍ଟି କରିବ। ବର୍ତ୍ତମାନ ପ୍ଲାଷ୍ଟିକ୍‌ର ପର୍ଯ୍ୟାପ୍ତ ବ୍ୟବହାର ଉଭୟ ସ୍ଥଳ ଓ ଜଳଭାଗର ଅନେକ ଅଞ୍ଚଳକୁ ଅକ୍ତିଆର କରିସାରିଲାଣି। ଯେତେବେଳେ ଭିତରକନିକା ଭଳି ଜୈବ ବିବିଧତାଭରା ଇଲାକାକୁ ପର୍ଯ୍ୟଟକଙ୍କ ଆମୋଦପୂର୍ଣ୍ଣ ଜଳ ପର୍ଯ୍ୟଟନର ବିକାଶ ପାଇଁ ଛାଡ଼ି ଦିଆଯିବ, ସେତେବେଳେ ସ୍ଥିତି ଅଧିକ ବିଗିଡ଼ିଯିବ। ଏମିତି ଦେଖିଲେ ବଣଭୋଜି କରିବାକୁ ଯାଉଥିବା ଅଧିକାଂଶ ଲୋକ ପର୍ଯ୍ୟଟନସ୍ଥଳୀର ରକ୍ଷଣାବେକ୍ଷଣ ପାଇଁ ସାମାନ୍ୟତମ ଦୃଷ୍ଟି ଦେଇ ନ ଥାନ୍ତି। ଥରେ ଗୋଟିଏ ସ୍ଥାନକୁ ଯିବା ପରେ ସେଠାରେ ପ୍ଲାଷ୍ଟିକ୍ ବ୍ୟାଗ୍‌ଠାରୁ ଆରମ୍ଭ କରି ଷ୍ଟାଇରୋଫୋମ୍ ପକାଇ ଦେବା ସହ ଅଇଁଠା ଖାଦ୍ୟକୁ ଫୋପାଡ଼ି ଦେଇ ଆସିଥାଆନ୍ତି। ଭିତରକନିକାକୁ ଜଳଯାତ୍ରା ଲାଗି ଆମୋଦଦାୟକ ଜଳ ପର୍ଯ୍ୟଟନର ସୁଯୋଗ ସୃଷ୍ଟି କରିଦିଆଗଲେ ଭୋଗବାଦୀମାନେ ପ୍ରକୃତିର ଶୋଭା ଉପଭୋଗ କରିବା ପରିବର୍ତ୍ତେ ଜୈବ ବିବିଧତାକୁ ନଷ୍ଟ କରିଚାଲିବେ। ପ୍ରକୃତିକୁ ବଞ୍ଚାଇ ରଖିଲା ଭଳି ପଦକ୍ଷେପ ନିଆଯାଇ ପର୍ଯ୍ୟଟନର ବିକାଶ ଲାଗି ବିକଳ୍ପ ସ୍ଥାନ ବଛାଗଲେ ରାଜ୍ୟ ଆଶାନୁରୂପ ରାଜସ୍ୱ ସଂଗ୍ରହ, ନିଯୁକ୍ତି ବୃଦ୍ଧି କରିବା ସହ ଲକ୍ଷ୍ୟ ହାସଲ କରିପାରନ୍ତା। ସେଥିପାଇଁ ସ୍ପଷ୍ଟ କୁହାଯାଇପାରେ ଯେ, ସେଠାରେ କୌଣସି ମଉଜ ମଜଲିସ୍‌ର ଭିତ୍ତିଭୂମି ସୃଷ୍ଟି କରାଯିବା ଉଚିତ ନୁହେଁ।

ତଥାଗତ ସତପଥୀ

## ୨୫ ବର୍ଷ ତଳର ଧରିତ୍ରୀ

**୨୩ ଫେବୃୟାରୀ ୧୯୯୫**

- ବାଣିଜ୍ୟ ଏବଂ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ସଂକ୍ରାନ୍ତରେ ମ୍ୟାନ୍‌ମାର ଏବଂ ଜାପାନ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ।
- ସୋମାଲିଆର ୨ ପ୍ରମୁଖ ଯୁଦ୍ଧଖୋର ଗୋଷ୍ଠୀର ନେତା ମହମ୍ମଦ ଫାରା ଆଲବିଦ ଏବଂ ମହଦି ମହମ୍ମଦ ଦେଶରେ ଚାଲିଥିବା ଯୁଦ୍ଧର ଅବସାନ ପାଇଁ ଶାନ୍ତି ଚୁକ୍ତି ସ୍ୱାକ୍ଷର କରିଛନ୍ତି।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 9 | | | | 8 | | | | A | 3 | 6 | | B | 2 |
| | | E | 9 | | | | | | | C | 5 | | | |
| A | | | D | 2 | 4 | 8 | | | | | | 0 | | |
| 4 | | B | | 0 | | 5 | | 3 | | 1 | | D | | |
| 5 | | | | 3 | | | | C | | 8 | | | | |
| | 2 | | | | | 6 | | B | | | 7 | | | 3 |
| 9 | | | 8 | | 0 | | | | | B | C | | 4 | |
| C | E | D | | | | 4 | 1 | 5 | | | | | | 0 |
| 3 | | | | | | | | E | 8 | | | | | |
| | | | | | 7 | | | | | | A | | E | |
| | | A | 5 | | | | C | 9 | 3 | E | D | | | |
| | | | | B | 1 | | | 2 | | | | | A | |
| | | | C | E | | | | | | | 1 | | 3 | 5 |
| | | C | | | | | | | | 5 | | 2 | 8 | |
| | | | 6 | | 9 | 1 | E | | 0 | 7 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | D | 5 | 9 | 7 | 1 | 3 | C | A | E | 0 | 6 | 2 | 8 | B |
| A | 6 | 1 | 2 | 0 | E | D | B | 5 | C | 8 | 9 | 7 | 3 | 4 |
| 0 | E | 8 | A | B | 5 | 6 | 1 | 7 | 3 | 2 | 4 | 9 | D | C |
| B | 9 | 3 | C | 4 | 8 | 0 | 2 | E | D | 5 | 7 | 1 | A | 6 |
| 2 | 7 | C | 3 | D | 6 | 9 | 4 | 8 | B | A | 1 | 5 | 0 | E |
| 9 | 3 | 0 | 5 | 8 | 2 | C | 7 | 1 | 6 | B | D | E | 4 | A |
| 5 | 8 | D | 6 | E | B | A | 0 | 4 | 7 | C | 2 | 3 | 9 | 1 |
| C | 1 | E | 4 | 3 | 7 | B | 5 | D | 0 | 9 | A | 8 | 6 | 2 |
| 6 | 4 | B | 1 | A | C | 2 | E | 9 | 8 | 3 | 5 | D | 7 | 0 |
| 7 | 2 | A | 0 | 9 | D | 8 | 6 | 3 | 1 | 4 | E | B | C | 5 |
| 1 | C | 7 | D | 2 | 3 | 4 | 8 | 0 | 5 | 6 | B | A | E | 9 |
| D | B | 6 | 7 | 1 | 4 | 5 | A | C | 9 | E | 3 | 0 | 2 | 8 |
| 3 | 0 | 2 | E | 6 | A | 1 | 9 | B | 4 | D | 8 | C | 5 | 7 |
| 8 | A | 9 | B | 5 | 0 | E | D | 6 | 2 | 7 | C | 4 | 1 | 3 |
| E | 5 | 4 | 8 | C | 9 | 7 | 3 | 2 | A | 1 | 0 | 6 | B | D |

ଗତକାଲିର ଉତ୍ତର

# ରାଜନୀତି ପ୍ରୟୋଗଶାଳା ନ ହେଉ



ପ୍ରକାଶ ତ୍ରିପାଠୀ

ଉତ୍ତରପ୍ରଦେଶର କୁଲଦୀପ ସିଂ ସିଙ୍ଗାର ହୁଅନ୍ତୁ ଅବା ଓଡିଶାର ଅନୁପ ସାଏ। ଗତ କିଛିଦିନ ଧରି ଗଣମାଧ୍ୟମରେ ଏହି ଦୁଇ ରାଜନେତାଙ୍କ ସମ୍ପର୍କରେ ଯେଉଁସବୁ ଅପରାଧଭିତ୍ତିକ ଖବର ପ୍ରକାଶ ପାଉଛି ସେଗୁଡିକୁ ତର୍ଜମା କଲେ ବର୍ତ୍ତମାନର ରାଜନୀତିର ସ୍ଥିତି ସହଜରେ ଅନୁମାନ କରିହୁଏ। ରାଜନୀତି ଓ ଅପରାଧ ସତେ ଯେମିତି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ବୋଲି ଅନୁଭବ ହୁଏ। ଅପରାଧ ପୃଷ୍ଠଭୂମି ଥିବା ବ୍ୟକ୍ତିବିଶେଷ ରାଜନୀତିକୁ ଆସିବା ସହଜ ହେଉଛି ନା ରାଜନୀତିକୁ ଆସିବା ପରେ ବ୍ୟକ୍ତିଟି ଅପରାଧପ୍ରବଣ ହୋଇଯାଉଛି ତାହା ବି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ତେବେ ସେ ଯାହା ହେଉ, ଦାଗୀ ରାଜନୈତିକ ବ୍ୟକ୍ତିବିଶେଷଙ୍କୁ ନିର୍ବାଚନ ମାଧ୍ୟମରେ ସାମ୍ବିଧାନିକ ବ୍ୟବସ୍ଥାକୁ ଆସିବାରେ ପ୍ରତିବନ୍ଧକ ସୃଷ୍ଟି କରା ନ ଗଲେ ଏହା ଭାରତରେ ଅସୁସ୍ଥ ଗଣତାନ୍ତ୍ରିକ ପରମ୍ପରା ସୃଷ୍ଟି କରିବା ସହ ଲୋକତନ୍ତ୍ରକୁ ଦୁର୍ବଳ କରିଚାଲିବ। ରାଜନୀତିର ଅପରାଧୀକରଣ ବଢ଼ିଲେ ଗଣତନ୍ତ୍ରରୁ ସୁଫଳ ମିଳିବା ଆଶା କ୍ଷୀଣ ହେବ। ଏଭଳି ଆଶଙ୍କା ଏବେ ସୁପ୍ରିମ୍‌କୋର୍ଟଙ୍କ ଏକ ନିର୍ଦ୍ଦେଶନାମାରୁ ଦୃଢ ହୋଇଛି। ନିକଟରେ ସର୍ବୋଚ୍ଚ ନ୍ୟାୟାଳୟ ପକ୍ଷରୁ ରାଜନୈତିକ ଦଳଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି କି, ଯଦି ସେମାନେ ନିର୍ବାଚନରେ ଅପରାଧ ଅଭିଯୋଗ ଥିବା ବା ଦାଗୀ ପ୍ରାର୍ଥୀଙ୍କୁ ସୁଯୋଗ ଦିଅନ୍ତି, ତେବେ ଜନସାଧାରଣଙ୍କୁ ସେହି ପ୍ରାର୍ଥୀଙ୍କ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିବେ। ଏମିତି କ'ଣ ବାଧ୍ୟବାଧକତା ଥିଲା ଯେ ସ୍ୱଚ୍ଛ, ନିର୍ମଳ ଭାବମୂର୍ତ୍ତିଯୁକ୍ତ ପ୍ରାର୍ଥୀଙ୍କ ବଦଳରେ ବିଭିନ୍ନ ଅପରାଧରେ ଅଭିଯୁକ୍ତ ତଥା ଦାଗୀ ପ୍ରାର୍ଥୀଙ୍କୁ ସେମାନେ ନିର୍ବାଚନରେ ଚୟନ କଲେ। ନ୍ୟାୟାଳୟଙ୍କ ପକ୍ଷରୁ ଆହୁରି ନିର୍ଦ୍ଦେଶ ଦିଆଯାଇଛି ଯେ, ଏଭଳି ପ୍ରାର୍ଥୀଙ୍କ ନାମାଙ୍କନ ଗ୍ରହଣ କରିବାର ୪୮ ଘଣ୍ଟା ମଧ୍ୟରେ ରାଜନୈତିକ ଦଳମାନେ ନିଜ ୱେବ୍‌ସାଇଟରେ ପ୍ରାର୍ଥୀଙ୍କ ସମ୍ପର୍କରେ ସମସ୍ତ ତଥ୍ୟ ଅପ୍‌ଲୋଡ୍ କରିବା ସହ ଏକ ଜାତୀୟ ଓ ସ୍ଥାନୀୟ ଖବରକାଗଜରେ ମଧ୍ୟ ନିଜ ଦଳର ଆଭିମୁଖ୍ୟ ବିଜ୍ଞାପନ ମାଧ୍ୟମରେ ପ୍ରକାଶ କରିବେ। ଏହା ସହ ନିର୍ବାଚନ ଆୟୋଗ ମଧ୍ୟ ୭୨ ଘଣ୍ଟା ମଧ୍ୟରେ ନିଜ ୱେବ୍‌ସାଇଟରେ ତାହାକୁ ଅପ୍‌ଲୋଡ୍ କରିବେ। ଯଦି କୌଣସି ରାଜନୈତିକ ଦଳ ଏହାକୁ କାର୍ଯ୍ୟକାରୀ ନ କରନ୍ତି, ତେବେ ତାହାକୁ ଅଦାଲତ ଅବମାନନା ଆଧାରରେ ଗ୍ରହଣ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏତାଦୃଶ ନିର୍ଦ୍ଦେଶନାମା ଭାରତରେ ଅପରାଧ ଓ ରାଜନୀତି ମଧ୍ୟରେ କ୍ରମବର୍ଦ୍ଧିଷ୍ଣୁ ସମ୍ପର୍କଜନିତ ସମସ୍ୟାକୁ ଅଙ୍ଗୁଳି ନିର୍ଦ୍ଦେଶ କରିବା ସହ ରାଜନୈତିକ ଦଳଗୁଡିକ ଉପରେ ଚାପ ସୃଷ୍ଟି କରିଛି।

ରାଜନୀତି ଓ ନିର୍ବାଚନକୁ ଅପରାଧମୁକ୍ତ କରିବା ଲକ୍ଷ୍ୟରେ ସୁପ୍ରିମ୍‌କୋର୍ଟଙ୍କ ପକ୍ଷରୁ ଏହା ପ୍ରଥମ ନିର୍ଦ୍ଦେଶନାମା ନୁହେଁ। ଏ ସମ୍ପର୍କରେ ପୂର୍ବରୁ ନିର୍ଦ୍ଦେଶନାମା ଆସିଥିଲେ ମଧ୍ୟ ତାହା ବିଶେଷ ଫଳପ୍ରଦ ହୋଇନାହିଁ। ବିଶେଷକରି ରାଜନୈତିକ ଦଳଗୁଡିକ ପକ୍ଷରୁ ଏ ଦିଗରେ ବିଶେଷ ଆଗ୍ରହ ପ୍ରକାଶ ପାଉ ନ ଥିବାରୁ ଏହା କାର୍ଯ୍ୟକାରୀ ହୋଇପାରୁନାହିଁ। ୨୦୧୮ ମସିହାରେ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଥିଲେ ଯେ, ନିର୍ବାଚନ ଲଢିବା ପୂର୍ବରୁ ପ୍ରତ୍ୟେକ ପ୍ରାର୍ଥୀ ନିଜ ନିଜ ଅପରାଧର ରେକର୍ଡ ନିର୍ବାଚନ ଆୟୋଗଙ୍କ ସମ୍ମୁଖରେ ଦାଖଲ କରିବେ। ଏହା ସହ ସମସ୍ତ ରାଜନୈତିକ ଦଳ ପ୍ରତି ନିର୍ଦ୍ଦେଶନାମା ଥିଲା ଯେ, ଦଳ ପକ୍ଷରୁ ନିର୍ବାଚନରେ ଭାଗ ନେଉଥିବା ସବୁ ପ୍ରାର୍ଥୀଙ୍କ ସମ୍ପର୍କରେ ସବିଶେଷ ସୂଚନା ନିଜ ନିଜର ୱେବ୍‌ସାଇଟରେ ସ୍ଥାନିତ କରିବେ। ପ୍ରାର୍ଥୀଙ୍କ ସମ୍ପର୍କରେ ସବୁ ତଥ୍ୟ ଜାଣିବାର ଅଧିକାର ପ୍ରତ୍ୟେକ ନାଗରିକଙ୍କର ରହିଛି। ସୁପ୍ରିମ୍‌କୋର୍ଟ ମତ ରଖିଥିଲେ ଯେ, ରାଜନୀତିକୁ ଅପରାଧମୁକ୍ତ କରିବା ପାଇଁ ପାର୍ଲାମେଣ୍ଟରେ ଆଇନ ପ୍ରସ୍ତୁତ ହେଉ। ମାତ୍ର ଏ ସଂକ୍ରାନ୍ତରେ ଉଚିତ ପଦକ୍ଷେପ ନିଆ ନ ଯିବାରୁ ଅଶ୍ୱିନୀ ଉପାଧ୍ୟାୟଙ୍କ ପକ୍ଷରୁ ସୁପ୍ରିମ୍‌କୋର୍ଟଙ୍କ ନିକଟରେ ପିଟିସନ ଦାଖଲ କରାଯାଇଥିଲା ଓ ଏହାର ବିଚାର କରି ସର୍ବୋଚ୍ଚ ଅଦାଲତ ପକ୍ଷରୁ ଏଭଳି ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ବାହୁବଳ ଓ ଅର୍ଥବଳ ପ୍ରଭାବରେ ନିର୍ବାଚନ ବୈତରଣୀ ପାରହେବା କ୍ରମଶଃ ସହଜ ହୋଇଯାଉଥିବାରୁ ପ୍ରାୟ ସମସ୍ତ ରାଜନୈତିକ ଦଳ ଏଭଳି ପୃଷ୍ଠଭୂମିର ପ୍ରାର୍ଥୀଙ୍କୁ ନିର୍ବାଚନରେ ପ୍ରାର୍ଥୀ କରିବାକୁ ଆଗଭର ହେଉଛନ୍ତି। ଏହା ଅତି ଦୁର୍ଭାଗ୍ୟର ବିଷୟ ଯେ, ବିଭିନ୍ନ ଅପରାଧରେ ଜଡିତ ଓ ଅଭିଯୁକ୍ତ ଥିବା ବାହୁବଳୀ ପ୍ରାର୍ଥୀମାନେ ନିଷ୍କଳଙ୍କ ତଥା ନିର୍ମଳ ଭାବମୂର୍ତ୍ତିସମ୍ପନ୍ନ ପ୍ରାର୍ଥୀଙ୍କ ଅପେକ୍ଷା ଅଧିକ ନିର୍ବାଚନ ସଫଳତା ହାସଲ କରୁଛନ୍ତି। ଯେହେତୁ ଭୋଟରମାନଙ୍କୁ କୌଣସି ଆଇନ ବା ନିର୍ଦ୍ଦେଶନାମାରେ ସେମାନଙ୍କର ଭୋଟଦାନ ସ୍ୱାଧୀନତା ଓ ଅଧିକାରକୁ ନିୟନ୍ତ୍ରିତ କରାଯାଇପାରିବ ନାହିଁ, ସେଥିପାଇଁ ସୁପ୍ରିମ୍‌କୋର୍ଟ ରାଜନୈତିକ ଦଳଗୁଡିକ ଉପରେ ଏପରି ନିର୍ଦ୍ଦେଶନାମା ଜାରି କରିଥିବା ଅନୁମାନ କରାଯାଏ। ମୂଳରୁ ନିର୍ବାଚନ ସଂସ୍କାର କରାଯାଇ ଦାଗୀ ପ୍ରାର୍ଥୀଙ୍କୁ ହଟାଯାଇ ପାରିଲେ ରାଜନୀତିକୁ ସ୍ୱଚ୍ଛ କରାଯାଇପାରିବ।

ରାଜନୀତି ଅପରାଧର ପ୍ରୟୋଗଶାଳା ନ ହେଉ, ଏଭଳି ଏକ ଆଶା ସୃଷ୍ଟି ହୋଇଛି ସୁପ୍ରିମ୍‌କୋର୍ଟଙ୍କ ଏଭଳି ନିର୍ଦ୍ଦେଶନାମା ଆସିବା ପରେ। ବର୍ତ୍ତମାନ ଦେଶରେ ଏପରି କୌଣସି ରାଜନୈତିକ ଦଳ ନାହିଁ, ଯେଉଁ ଦଳରେ କି ଅପରାଧ ଅଭିଯୁକ୍ତ ପ୍ରାର୍ଥୀ ନାହାନ୍ତି। ଯେହେତୁ ଭାରତୀୟ ଲୋକତନ୍ତ୍ରରେ ପ୍ରତ୍ୟେକ ନାଗରିକଙ୍କ ନିର୍ବାଚନରେ ପ୍ରାର୍ଥୀ ହେବାର ଅଧିକାର ରହିଛି, ସେଥିପାଇଁ ଅପରାଧ ପୃଷ୍ଠଭୂମି ଥିବା ପ୍ରାର୍ଥୀଙ୍କୁ ରୋକିବା ସହଜ ହେଉନାହିଁ। ସାଧାରଣ ଭୋଟର ବି ପ୍ରାର୍ଥୀମାନଙ୍କ ସମ୍ପର୍କରେ ଶତ ପ୍ରତିଶତ ସୂଚନା ପାଇପାରୁ ନାହାନ୍ତି। ଯଦି ଅଦାଲତଙ୍କ ନିର୍ଦ୍ଦେଶାବଳୀ ମୁତାବକ ପ୍ରାର୍ଥୀଙ୍କ ଅପରାଧ ରେକର୍ଡ ସମ୍ପର୍କିତ ତଥ୍ୟ ଖବରକାଗଜ ତଥା ସୋସିଆଲ ମିଡିଆ ଆଦିରେ ପ୍ରକାଶ ପାଇବ, ହୁଏତ ସାଧାରଣ ଭୋଟର ସେମାନଙ୍କ ଚିନ୍ତାଧାରାକୁ ବଦଳାଇ ପାରନ୍ତି। ମାତ୍ର ଏହାଦ୍ୱାରା ସୁଫଳ ମିଳିବାର ଆଶା କ୍ଷୀଣ। କାରଣ ଭୋଟରଙ୍କୁ ପ୍ରଭାବିତ କରିବାର କୌଶଳକୁ ହାତଛଡା କରିବାକୁ କୌଣସି ପ୍ରାର୍ଥୀ ଚାହିଁବେ ନାହିଁ। ସେଥିପାଇଁ ତ ନିର୍ବାଚନରେ ବାହୁବଳ ଓ ଅର୍ଥବଳର ପ୍ରଭାବ ବେଶି ରହୁଛି। ଏଠାରେ ନ୍ୟାଶ୍‌ନାଲ ୱାଚ୍ ଏବଂ ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ ପକ୍ଷରୁ ପ୍ରକାଶିତ ରିପୋର୍ଟ ଉପରେ ନଜର ପକାଯାଇପାରେ। ନିର୍ବାଚନରେ ପ୍ରାର୍ଥୀଙ୍କ ପକ୍ଷରୁ ଦାଖଲ ହେଉଥିବା ଘୋଷଣାପତ୍ର ତଥ୍ୟକୁ ଆଧାର କରି ଏହି ରିପୋର୍ଟ ପ୍ରକାଶ ପାଇଥାଏ। ବର୍ତ୍ତମାନ ଲୋକ ସଭାରେ ପ୍ରାୟ ୫୦ ଭାଗ ସଦସ୍ୟଙ୍କ ବିରୋଧରେ ବିଭିନ୍ନ ଅପରାଧ ଅଭିଯୋଗ ରହିଛି। ବିଗତ ଲୋକ ସଭା ସଭ୍ୟମାନଙ୍କଠାରୁ ଏହା ଶତକଡା ୪୪ ଭାଗ ଅଧିକ। ୫୩୯ ବିଜୟୀ ପ୍ରାର୍ଥୀଙ୍କ ମଧ୍ୟରୁ ୨୩୩ ପ୍ରାର୍ଥୀ ନିଜ ଘୋଷଣାନାମାରେ ସେମାନଙ୍କ ବିରୋଧରେ ଅପରାଧ ମାମଲା ରହିଥିବା ସୂଚନା ପ୍ରଦାନ କରିଥିଲେ। ଏହାର ସଂଖ୍ୟା ବିଗତ ଦୁଇଟି ଲୋକ ସଭାର ଅପରାଧ ଅଭିଯୁକ୍ତ ସଭ୍ୟଙ୍କଠାରୁ ଅଧିକ। ୨୦୧୪ ସାଧାରଣ ନିର୍ବାଚନରେ ବିଜୟୀ ପ୍ରାର୍ଥୀଙ୍କ ମଧ୍ୟରୁ ଶତକଡା ୩୪ ଭାଗଙ୍କ ବିରୋଧରେ ଆପରାଧିକ ମାମଲା ରହିଥିଲା ବେଳେ ୨୦୦୯ ନିର୍ବାଚନରେ ୩୦ ଭାଗ ବିଜୟୀ ପ୍ରାର୍ଥୀଙ୍କର ଆପରାଧିକ ମାମଲା ରହିଥିଲା। ୨୦୧୪ରେ ତାହା ୪୩ ଭାଗକୁ ବୃଦ୍ଧି ପାଇଛି। ସବୁଠାରୁ ଅଧିକ ଚିନ୍ତା କରିବାର ବିଷୟ ହେଉଛି ଯେ, ୨୦୧୯ ନିର୍ବାଚନରେ ୨୯ ଭାଗ ପ୍ରାର୍ଥୀଙ୍କ ବିରୋଧରେ ଗୁରୁତର ଆପରାଧିକ ମାମଲା, ଯେପରି କି ବଳାତ୍କାର, ହତ୍ୟା ଓ ଅପହରଣ ଆଦି ମାମଲା ରହିଛି। ଏପରି କି ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ କରି କରି କ୍ଷମତାକୁ ଆସିଥିବା ଆମ୍ ଆଦ୍‌ମୀ ପାର୍ଟି ମଧ୍ୟ ଅପରାଧ ପୃଷ୍ଠଭୂମି ଥିବା ରାଜନେତାଙ୍କ କବଳରୁ ମୁକ୍ତ ନୁହେଁ। ବିଡମ୍ବନାର ବିଷୟ ଏହା ଯେ, ରାଜନେତାଙ୍କ ବିରୋଧରେ ଆସୁଥିବା ମାମଲାଗୁଡିକର ଦ୍ରୁତ ବିଚାର ପାଇଁ କୌଣସି ବ୍ୟବସ୍ଥା ହୋଇପାରୁନାହିଁ। ମକଦ୍ଦମା ଓ ରାଜନୀତି ସମାନ୍ତରାଳ ଭାବେ ଆଗକୁ ବଢିଚାଲିଥାଏ ଏବଂ ବିଚାର ପ୍ରକ୍ରିୟା ବିଳମ୍ବ ଯୋଗୁ ଏହାର କୌଣସି ପ୍ରଭାବ ରାଜନୈତିକ ଜୀବନ ଉପରେ ପଡି ନ ଥାଏ।

ନ୍ୟାୟପାଳିକା ତ ନିର୍ଦ୍ଦେଶନାମା ଜାରି କରିଦେଲେ। ଏବେ ଦେଖିବାର କଥା ରାଜନୈତିକ ଦଳଗୁଡ଼ିକ ଏହି ନିର୍ଦ୍ଦେଶନାମାକୁ କିପରି ଗୁରୁତ୍ୱର ସହ ଗ୍ରହଣ କରୁଛନ୍ତି। ଏକଥା ସ୍ପଷ୍ଟ ଯେ, ଯେ ପର୍ଯ୍ୟନ୍ତ ଅପରାଧ ପୃଷ୍ଠଭୂମି ଥିବା ବା ଦାଗୀ ପ୍ରାର୍ଥୀଙ୍କୁ ନିର୍ବାଚନରୁ ଦୂରେଇ ରଖିବା ପାଇଁ ଦେଶରେ ଆଇନ ପ୍ରଣୟନ ନ ହୋଇଛି ସେ ପର୍ଯ୍ୟନ୍ତ ରାଜନୀତିକୁ ସମ୍ପୂର୍ଣ୍ଣ ଅପରାଧମୁକ୍ତ କରାଯିବା ସମ୍ଭବ ହେବ ନାହିଁ। ତେବେ ରାଜନୀତିକୁ ଅପରାଧକରଣ କରାଯିବା ଦ୍ୱାରା ଯେଉଁମାନେ ଏଥିରୁ ଲାଭବାନ ହେଉଛନ୍ତି ସେହିମାନଙ୍କ ଦ୍ୱାରା ରାଜନୀତିକୁ ସ୍ୱଚ୍ଛ, ନିର୍ମଳ ଓ ନିଃସ୍ୱାର୍ଥ ସେବାର ରୂପ ଦିଆଯାଇପାରିବାର ଆଶା ଆମେ ରଖିପାରିବା ତ? ଯେଉଁ ଜନପ୍ରତିନିଧି ଆଇନ ବଳରେ ଦେଶରେ ନିର୍ବାଚନ ହେଉଛି, ସେଥିରେ ପ୍ରାର୍ଥୀଙ୍କ ଯୋଗ୍ୟତା, ଅଯୋଗ୍ୟତା ଓ କ୍ଷମତାର ନିର୍ଦ୍ଧାରଣ କେବଳ ସଂସଦ ହିଁ କରିପାରିବ, ନ୍ୟାୟପାଳିକା ନୁହେଁ। ସର୍ବୋପରି ରାଜନୀତିର ଅପରାଧକରଣ ରୋକିବା ଦିଗରେ ଜନସାଧାରଣଙ୍କ ସଚେତନତା ଅଧିକ ଫଳପ୍ରଦ ହେବ।

prakastripathy09@gmail.com

# ସବୁଜ ଅର୍ଥନୀତିର ପଥପ୍ରଦର୍ଶକ

ବ୍ୟକ୍ତିତ୍ୱ



ପବନ ସୁଖଦେବ

ପ୍ରଖ୍ୟାତ ଭାରତୀୟ ପରିବେଶ ଅର୍ଥଶାସ୍ତ୍ରୀ ତଥା ଜାତିସଂଘ ପରିବେଶ କାର୍ଯ୍ୟକ୍ରମ (ୟୁଏନ୍‌ଇପି)ର ଗୁଡ୍‌ୱିଲ ଆମ୍ବାସାଡର ପବନ ସୁଖଦେବ ୨୦୨୦ର ଟାଇଲର୍ ପୁରସ୍କାର ପାଇବାକୁ ଯୋଗ୍ୟ ହୋଇପାରିଛନ୍ତି। ଗ୍ରୀନ୍ ଇକୋନୋମୀ ବା ସବୁଜ ଅର୍ଥନୀତି କ୍ଷେତ୍ରରେ ଅଭୂତପୂର୍ବ ଯୋଗଦାନ ପାଇଁ ସେ ଏହି ପୁରସ୍କାର ବିଜେତା ହୋଇଛନ୍ତି। ୫୯ ବର୍ଷୀୟ ସୁଖଦେବଙ୍କ ସହ ଷ୍ଟାନଫୋର୍ଡ ୟୁନିଭର୍ସିଟିର ଜୀବ ବିଜ୍ଞାନୀ ପ୍ରଫେସର ଗ୍ରେସନ ସି. ଡେଲି ଏହି ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ସୁଖଦେବଙ୍କ ସହ ଡେଲି ମେ' ୧ରେ ନ୍ୟୁୟର୍କରେ ଆୟୋଜିତ ଏକ ସମାରୋହରେ ଏହି ପୁରସ୍କାର ଗ୍ରହଣ କରିବେ। ଏହି ପୁରସ୍କାର ବାବଦରେ ଦୁଇଜଣଙ୍କୁ ସ୍ୱର୍ଣ୍ଣ ପଦକ ଓ ଦୁଇଲକ୍ଷ ଡଲାର ମଧ୍ୟ ପ୍ରଦାନ କରାଯିବ। ଉଲ୍ଲେଖଯୋଗ୍ୟ ଯେ,ପରିବେଶ ସୁରକ୍ଷା ଦିଗରେ ଅମୂଲ୍ୟ ଯୋଗଦାନ ସକାଶେ ୧୯୭୩ରେ ଜନ୍ ଆଣ୍ଡ ଏଲିସ ଟାଇଲରଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ପୁରସ୍କାର ୟୁନିଭର୍ସିଟି ଅଫ୍ ସଦର୍ନ କାଲିଫର୍ଣ୍ଣିଆ ପକ୍ଷରୁ ଦିଆଯାଇଆସୁଅଛି।

ପବନ ସୁଖଦେବ ୨୦୦୮ରେ 'ପରିବେଶ ଓ ଜୈବବିବିଧତାର ଅର୍ଥନୀତି'( ଦି ଇକୋନୋମିକ୍ସ ଅଫ୍ ଏନ୍‌ଭାଇରନ୍‌ମେଣ୍ଟ ଆଣ୍ଡ ବାୟୋଡାଇଭର୍ସିଟି ,ଟିଇଇବି) ରିପୋର୍ଟ ପ୍ରକାଶ କରିଥିଲେ। ଟିଇଇବି ଜୈବବିଧତା ଧ୍ୱଂସ ହେବା ଦ୍ୱାରା ବିଶ୍ୱ ଅର୍ଥବ୍ୟବସ୍ଥାରେ ହେଉଥିବା କ୍ଷତି ଉପରେ ଦୃଷ୍ଟି ଆକର୍ଷଣ କରିଥିଲା। ସବୁଜ ଅର୍ଥନୀତି ସମ୍ପଦ, ନିଯୁକ୍ତି ଓ ଦାରିଦ୍ର୍ୟ ହ୍ରାସ କରିବାରେ ସହାୟକ ବୋଲି ଦର୍ଶାଇଛନ୍ତି ସୁଖଦେବ। ସବୁଜ ଅର୍ଥନୀତି କ୍ଷେତ୍ରରେ ସରକାର ଓ କର୍ପୋରେଶନଗୁଡିକୁ ଲଗାତର ସହଯୋଗ କରିଆସୁଥିବା ସୁଖଦେବଙ୍କୁ ୨୦୧୨ରେ ୟୁଏନ୍‌ଇପି ଦ୍ୱାରା ଏହାର ଗୁଡ୍‌ୱିଲ ଆମ୍ବାସାଡର ଭାବେ ନିଯୁକ୍ତି ଦିଆଯାଇଥିଲା। ଏହା ପୂର୍ବରୁ ୨୦୧୦ରେ ତାଙ୍କୁ ଏନଭାଇରନ୍‌ମେଣ୍ଟ ଫାଇନାନ୍ସ ଦ୍ୱାରା ବର୍ଷର ଶ୍ରେଷ୍ଠ ବ୍ୟକ୍ତିତ୍ୱ ଭାବେ ଚୟନ କରାଯାଇଥିଲା। ୨୦୧୧ରେ ଦି ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇକୋଲୋଜି ଆଣ୍ଡ ଏନଭାଇରନ୍‌ମେଣ୍ଟ (ଆଇଇଏମ୍)ଦ୍ୱାରା ପୁରସ୍କୃତ କରାଯାଇଥିଲା। ୨୦୧୧ରୁ ୨୦୧୪ ଯାଏ ୟେଲ୍ ବିଶ୍ୱବିଦ୍ୟାଳୟର ଭିଜିଟିଂ ଫେଲୋ ଥିଲେ।

ନବେ ଦଶକର ମଧ୍ୟଭାଗରେ ଅନ୍ତର୍ଜାତୀୟ ସ୍ତରରେ ଭାରତୀୟ ମୁଦ୍ରା, ସୁଧହାର, ବଜାର କ୍ଷେତ୍ରରେ ଉନ୍ନତି ଆଣିବାରେ ସେ ଅନବରତ ପ୍ରୟାସ କରିଥିଲେ। ଅର୍ଥନୀତିରେ ଦେଶର ବିକାଶ ଲାଗି ସେ ଭାରତୀୟ ରିଜର୍ଭ ବ୍ୟାଙ୍କର ବହୁ କମିଟିର ସଦସ୍ୟ ରହିଆସିଛନ୍ତି। ସେ ୧୯୯୪ରେ ଡ୍ୟୁଶ ବ୍ୟାଙ୍କରେ ପ୍ରଥମେ ଭାରତରେ ତା'ର ଗ୍ଲୋବାଲ ମାର୍କେଟ ଡିଭିଜନରେ ଯୋଗଦେବା ପରେ ଭାରତରେ ଫିକ୍ସଡ ଇନ୍‌କମ ବିଜନେସ ଆରମ୍ଭ କରିଥିଲେ। ଏହି ବ୍ୟାଙ୍କରେ ୧୪ ବର୍ଷ କାର୍ଯ୍ୟକରିବା ପରେ ୟୁଏନ୍‌ଇପିର ସବୁଜ ଅର୍ଥବ୍ୟବସ୍ଥା ତଥା ଟିଇଇବି ପ୍ରୋଜେକ୍ଟ ଉପରେ ଅନୁଧ୍ୟାନ କରିବା ଆରମ୍ଭ କରିଥିଲେ। ସେ ଡାଭୋସ ସମ୍ମିଳନୀରେ ନିଜର ବକ୍ତବ୍ୟ ମଧ୍ୟ ପ୍ରଦାନ କରିଛନ୍ତି। ସବୁଜ ଅର୍ଥବ୍ୟବସ୍ଥା ପାଇଁ ସହଯୋଗ ବୃଦ୍ଧିକରିବା ଲକ୍ଷ୍ୟରେ ସେ ରିଓ ସମ୍ମିଳନୀରେ ୨୦୧୨ରେ ଆରମ୍ଭ କରିଥିଲେ 'କର୍ପୋରେଶନ ୨୦୨୦' ଅଭିଯାନ। ସେ ୨୦୧୭ରୁ ୱାର୍ଲ୍ଡ ୱାଇଡ୍ ଫଣ୍ଡ ଫର ନେଚର୍‌ର ଅଧ୍ୟକ୍ଷ ରହିଛନ୍ତି। ଏହି ପଦରେ ତାଙ୍କର ପ୍ରଥମ କାର୍ଯ୍ୟକାଳ ୨୦୨୧ରେ ଶେଷ ହେବ।

ପବନ ଲେଖାଲେଖିରେ ରୁଚି ରଖନ୍ତି। ୨୦୧୨ରେ 'କର୍ପୋରେଶନ ୨୦୨୦' ଉପରେ ଦୁଇଟି ପୁସ୍ତକ ତାଙ୍କ ଲେଖକୀୟ ପରିଚୟ ପ୍ରଦାନ କରେ। ଏହାବ୍ୟତୀତ ସେ ପରିବେଶ, ଜୈବବିବିଧତା, ସବୁଜ ଅର୍ଥନୀତି ଆଦି କ୍ଷେତ୍ରରେ ସୁଧାର ଆଣିବା ଲାଗି ଅନେକ ବହି ମଧ୍ୟ ଲେଖିଛନ୍ତି। ୨୦୦୦ରୁ ସେ କ୍ରମାଗତ ଭାବେ ଖବରକାଗଜ ଓ ପତ୍ରିକା ପାଇଁ ଲେଖିଆସୁଛନ୍ତି। ତାଙ୍କ ଦ୍ୱାରା ପ୍ରକାଶିତ 'ଗ୍ରୀନ ଜିଡିପି' ଭାରତରେ ବେଶ୍ ଆଦୃତ।

୩୦ ମାର୍ଚ୍ଚ ୧୯୬୦ ରେ ଦିଲ୍ଲୀରେ ପବନଙ୍କ ଜନ୍ମ । ତାଙ୍କ ପିଲାବେଳ ଦିଲ୍ଲୀରେ କଟିଛି। ସେ ଦିଲ୍ଲୀରେ ବି ପଢିଛନ୍ତି। ପରେ ଜେନେଭାର କଲେଜ ଡୁ ଲେମ୍ୟାନ ଓ ଇଂଲଣ୍ଡର ଡୋଭର କଲେଜରେ ଉଚ୍ଚଶିକ୍ଷା ଲାଭ କରିଛନ୍ତି। ୧୯୮୧ରେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରୁ ପଦାର୍ଥ ବିଜ୍ଞାନରେ ଡିଗ୍ରୀ ହାସଲ କରିଛନ୍ତି। ଏହାପରେ ସେ ଜଣେ ଗବେଷକ ହେବା ବଦଳରେ ବ୍ୟାଙ୍କର ଭାବେ କ୍ୟାରିୟର ଆରମ୍ଭ କରିବାକୁ ସ୍ଥିର କରିଥିଲେ। ତାଙ୍କ ବାପା ଜଣେ ଆଇପିଏସ୍ ଅଫିସର ଥିଲେ। 'ଭଲ କାମରୁ ସୁନାମ ମିଳେ' ବୋଲି ସେ ସବୁବେଳେ କହୁଥିଲେ। ବାପାଙ୍କ ଏହି ଚିନ୍ତାଧାରାରେ ସେ ଚାଲିଛନ୍ତି ଓ ଆଜି ଟାଇଲର୍ ପୁରସ୍କାର ପାଇବା ଲାଗି ଯୋଗ୍ୟ ହୋଇପାରିଛନ୍ତି ବୋଲି କୁହନ୍ତି ପବନ। 'କଠିନ ପରିଶ୍ରମ କରି ପଢ଼ ଓ ଭଲ କର' ମା'ଙ୍କ ଏହି କଥା ତାଙ୍କୁ ଅନେକ ବାଟ ନେଇଆସିଛି । ପିଲାବେଳେ ପରିବାର ସହ ପ୍ରତି ଖରାଦିନେ ସେ ଶିମ୍‌ଲା, ମସୌରୀ ଓ ନୈନିତାଲକୁ ବୁଲିଯାଉଥିଲେ। ଏହା ତାଙ୍କୁ ପରିବେଶ ପ୍ରେମୀ କରାଇବାରେ ବହୁ ସାହାଯ୍ୟ କରିଛି। ୧୯୮୬ରେ ସେ ବିନତିଙ୍କୁ ବିବାହ କରିଥିଲେ। ସ୍ତ୍ରୀଙ୍କ ସହ ବହୁସମୟରେ କାଜିରଙ୍ଗା ବୁଲିବାକୁ ଯାଇଥାଆନ୍ତି। ତେବେ ଫାଇନାନ୍ସିଆଲ ମାର୍କେଟ ଭିତରେ ରହି ପରିବେଶ କଥା ବି ଚିନ୍ତା କରିପାରିନଥିଲେ। କିନ୍ତୁ ତାଙ୍କ ବଡ ଝିଅ ମହିମା ପୁଣି ପରିବେଶ ଆଡକୁ ଫେରିବାକୁ ବାଧ କରିଥିଲା। ପରିବେଶର ପ୍ରଭାବ ଥରେ ଜୀବନକୁ ଛୁଇଁଲେ ତାହା ପୂରା ଜୀବନକୁ ବଦଳାଇଦିଏ , ଯାହା ତାଙ୍କ କ୍ଷେତ୍ରରେ ଘଟିଛି ବୋଲି କୁହନ୍ତି ପବନ।

-ଶିବ ପ୍ରସାଦ ପୁହାଣ

## ଏଇ ଭାରତରେ

କର୍ଣ୍ଣାଟକର ଏକ ମଦ୍ରାସାରେ ଅନୁଷ୍ଠିତ ହିନ୍ଦୁ ଓ ମୁସଲମାନଙ୍କ ସାମୂହିକ ବିବାହ ସାମ୍ପ୍ରଦାୟିକ ସଦ୍‌ଭାବ ବାର୍ତ୍ତା ଦେଇଛି। ଏହି ବିବାହରେ ୭୫ଟି ମୁସଲମାନ ଯୋଡି ଓ ୨୫ ଯୋଡି ହିନ୍ଦୁ ବିବାହ କରିଛନ୍ତି। ବେଲଗାଭି ଜିଲା ମୁଖ୍ୟାଳୟଠାରୁ ୫୦ କିଲୋମିଟର ଦୂର ବେଲିହଙ୍ଗଲସ୍ଥିତ ମଦ୍ରାସା ଅଲ୍ ଅରବିୟା ଅନୱରୁଲ ଉଲୁମାରେ ଏହି ସାମୂହିକ ବାହାଘର ଜାମିଆ ଫୈଜାନ-ଉଲ୍-କୁରାନ ଓ ଇଶା ଫାଉଣ୍ଡେଶନର ମିଳିତ ଉଦ୍ୟମରେ ଆୟୋଜିତ ହୋଇଛି। ବାହାଘରରେ ଉଭୟ ପଣ୍ଡିତ ଓ ମୌଲବୀ ଉପସ୍ଥିତ ରହିଥିଲେ। ଗୋଟିଏ ପକ୍ଷରେ ବିବାହର ଦୁଆ ପଢାଯାଉଥିବାବେଳେ ଅନ୍ୟ ପକ୍ଷରେ ବେଦମନ୍ତ୍ର ଉଚ୍ଚାରଣ ହେଉଥିଲା। ସେମାନେ ନବବିବାହିତ ହିନ୍ଦୁଯୋଡିଙ୍କୁ ଗୀତା ଓ ମୁସଲମାନ ଯୋଡିଙ୍କୁ କୋରାନ ପାଠ କରାଇଥିଲେ। ହିନ୍ଦୁ ବିବାହିତ ଯୋଡି ଓ ମୁସଲମାନ ଯୋଡି ପ୍ରତ୍ୟେକଙ୍କୁ ଯଥାକ୍ରମେ ଗୀତା ଓ କୋରାନ ପ୍ରଦାନ କରାଯାଇଥିଲା। ବିବାହ ଉତ୍ସବରେ ହିନ୍ଦୁ ଯୋଡିଙ୍କୁ ଆୟୋଜକମାନେ ମଙ୍ଗଳସୂତ୍ର ମଧ୍ୟ ଦେଇଥିଲେ। ଏହି ଅବସରରେ ୪ ହଜାରରୁ ଊର୍ଦ୍ଧ୍ୱ ଅତିଥି ଯୋଗ ଦେଇଥିଲେ। ବାହାଘର ପରେ ଆୟୋଜକ ଜାମିଆ ଫୈଜାନ-ଉଲ୍-କୁରାନ ତରଫରୁ ପ୍ରତ୍ୟେକ ଯୋଡିଙ୍କୁ ଉପହାର ପ୍ରଦାନ କରାଯାଇଥିଲା।

## ଚିରନ୍ତନୀ

ସନ୍ଧ୍ୟାଲୋକ ତଳେ ଏକା
ସଜଳ କଜ୍ଜଳରେଖା-
        ଜଳ ଧାରାଟିଏ ଯାଏ ବହି,
କ୍ଳାନ୍ତ ପଦେ ମୁଁ ଏକାକୀ
ତରୁତଳ କରି ସାକ୍ଷୀ
        ବିଶ୍ରମିଛି ଶଯ୍ୟାହୀନ ମହୀ।
ନିକଟେ ନିକଟେ ଆଉ
ଧୀରେ ସେ କୋମଳ ବାହୁ
        ଜଡ଼ାଅ ତପତ ଅଙ୍ଗେ ମୋର,
ନିବିଡ଼ ଅତି ନିବିଡ଼
କରି ମୋର ବକ୍ଷ ଭିଡ଼
        ଦିଅ ଆଲିଙ୍ଗନ ଦୃଢ଼ତର।
(ଆଶ୍ଳେଷ ସ୍ୱର୍ଗ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସାମ୍ବାଦିକଙ୍କ ହିତ ଯୋଜନା କାର୍ଯ୍ୟକାରୀ ହେଉ

ମହାଶୟ,

ସାମ୍ବାଦିକମାନେ ହେଉଛନ୍ତି ଗଣତନ୍ତ୍ରର ଜାଗ୍ରତ ପ୍ରହରୀ। ବହୁ ବାଧାବିଘ୍ନ ସତ୍ତ୍ୱେ ସେମାନେ ସତ୍ୟ, ନିର୍ଭୀକ ଓ ନିରପେକ୍ଷ ଖବର ପରିବେଷଣ କରିଥାନ୍ତି। କିନ୍ତୁ ସାମୂହିକ ସ୍ୱାର୍ଥ ପାଇଁ ଲଢ଼େଇ କରୁ କରୁ ବେଳେବେଳେ କିଛି ସାମ୍ବାଦିକଙ୍କୁ ଆକ୍ରମଣର ଶିକାର ହେବାକୁ ପଡ଼ିଥାଏ। ୨୦୧୯ ମସିହାରେ ସମଗ୍ର ଦେଶରେ ୪୦ ଜଣ ସାମ୍ବାଦିକ ଆକ୍ରମଣର ଶିକାର ହୋଇ ମୃତ୍ୟୁବରଣ କରିଛନ୍ତି। ଏହାକୁ ଆଖି ଆଗରେ ରଖି ଓଡ଼ିଶା ସରକାର ସାମ୍ବାଦିକଙ୍କ ପାଇଁ ୨୦୧୮ରୁ ପ୍ରଣୟନ କରିଛନ୍ତି ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନା, ରିହାତି ସୁଧ ହାରରେ ଗାଡ଼ି ଓ ଋଣ ସହାୟତା ଓ ମୃତ୍ୟୁ ପରେ ସାମ୍ବାଦିକଙ୍କ ସନ୍ତାନସନ୍ତତିଙ୍କୁ ଶିକ୍ଷାବୃତ୍ତି ଭଳି ଅନେକ ଯୋଜନା। କିନ୍ତୁ ଅଦ୍ୟାବଧି ସାମ୍ବାଦିକମାନେ ସ୍ୱାସ୍ଥ୍ୟବୀମା କାର୍ଡ ବ୍ୟତୀତ ଅନ୍ୟ କିଛି ସୁବିଧାସୁଯୋଗ ପାଇପାରୁନାହାନ୍ତି। ନୂଆ ଆବେଦନକାରୀମାନଙ୍କୁ ସ୍ୱାସ୍ଥ୍ୟବୀମା କାର୍ଡ ପ୍ରଦାନରୁ ବଞ୍ଚିତ କରିବା ଆଦି ବିଷୟ ନେଇ ସାମ୍ବାଦିକ ମହଲରେ ଗଭୀର କ୍ଷୋଭ ଓ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏସବୁ ସମସ୍ୟା ପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦେଇ ସମସ୍ତ ଯୋଜନାକୁ ତୁରନ୍ତ କାର୍ଯ୍ୟକାରୀ କରିବା ସହିତ ପେନ୍‌ସନ ଓ ସୁରକ୍ଷା ଆଇନ ପ୍ରଣୟନ କ୍ଷେତ୍ରରେ ତ୍ୱରିତ ପଦକ୍ଷେପ ନେବାକୁ ଅନୁରୋଧ।

ସୁଶାନ୍ତ କୁମାର ଖଟୁଆ, ଉତ୍କଳମଣି ସେବା ସଂଗଠନ, ଜେନାପୁର, ଯାଜପୁର

### ପ୍ରମୁଖ ଦେବପୀଠଗୁଡ଼ିକର ସୌନ୍ଦର୍ଯ୍ୟ ବୃଦ୍ଧି ପାଉ

ପୁରୀ ଶ୍ରୀମନ୍ଦିର ପରେ ଏବେ ଭୁବନେଶ୍ୱରସ୍ଥିତ ଲିଙ୍ଗରାଜ ମନ୍ଦିରର ସୁନ୍ଦରୀକରଣ କରାଗଲାଣି। ଏହା ପରେ ଅନ୍ୟ ଦେବପୀଠଗୁଡ଼ିକରେ ଜବରଦଖଲ ଉଚ୍ଛେଦପୂର୍ବକ ସୁନ୍ଦରୀକରଣ ଲାଗି ଦାବି ହେବା ସ୍ୱାଭାବିକ। ଭକ୍ତଙ୍କ ଆବେଗକୁ ସମ୍ମାନ ଜଣାଇ ସମସ୍ତ ଦେବପୀଠର ଶୋଭା ବର୍ଦ୍ଧନ ଲାଗି ସରକାର ଉଦ୍ୟମ କରିବେ ବୋଲି ଆଶା।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ‘ଯୁବପିଢ଼ି ରାଜନୈତିକ ସଚେତନ ହେବା ଜରୁରୀ’

ଭୁବନେଶ୍ୱର,୨୨।୨(ବ୍ୟୁରୋ): ସମାଜର ପ୍ରତ୍ୟେକ ବ୍ୟକ୍ତି ରାଜନୀତି ସହ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ଜଡ଼ିତ। ତେଣୁ ସାମଗ୍ରିକ ରାଜନୈତିକ ଓ ଅର୍ଥନୈତିକ କାର୍ଯ୍ୟକଳାପ ଉପରେ ସମସ୍ତେ ଅବଗତ ହେବା ଜରୁରୀ। ବିଶେଷକରି ଯୁବବର୍ଗଙ୍କୁ ଏ ସମ୍ପର୍କରେ ସଚେତନ କରାଇବାରେ ଭାରତୀୟ ଛାତ୍ର ସଂସଦ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଓଡ଼ିଶାରେ ଏହି ସଙ୍ଗଠନ ପକ୍ଷରୁ ଆଗାମୀ ଦିନରେ କର୍ମଶାଳା ତଥା ସମ୍ମିଳନୀ ଆୟୋଜନ ପାଇଁ ଚିନ୍ତା କରାଯାଉଛି। ୪ ଦିନିଆ ଭାରତୀୟ ଛାତ୍ର ସଂସଦ ସମ୍ମିଳନୀରେ ଯୋଗଦାନ କରି ଫେରିବା ପରେ ଓଡ଼ିଶା ସଂଯୋଜକ ତବରେଜ୍ ଖାଁ ଶନିବାର ଏହା କହିଛନ୍ତି। ଏହିପରି କାର୍ଯ୍ୟକ୍ରମ ଯୁବ ସମାଜଙ୍କ ମଧ୍ୟରେ ରାଜନୈତିକ ସଚେତନତା ସୃଷ୍ଟି କରିବାରେ ସହାୟକ ହେବ ବୋଲି ସେ ଆଶାବାଦୀ। ନିକଟରେ ଦିଲ୍ଲୀର ବିଜ୍ଞାନ ଭବନରେ ହୋଇଥିବା ଛାତ୍ର ସଂସଦର ୧୦ମ ସମ୍ମିଳନୀରେ ସାମାଜିକ ଗଣମାଧ୍ୟମ ବ୍ୟବହାର, ସାମ୍ପ୍ରତିକ ରାଜନୀତି, ଜାତିବାଦ, ଅର୍ଥନୀତି ଏବଂ ସମାଜ ବିଜ୍ଞାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ସମ୍ମିଳନୀକୁ ଉପରାଷ୍ଟ୍ରପତି ଭେଙ୍କାୟା ନାଇଡୁ ଉଦ୍‌ଘାଟନ କରିଥିଲେ।

### ୧୫୦ ବଦଳରେ ଆସିଲା ୪ ଲକ୍ଷ ଟଙ୍କାର ବିଦ୍ୟୁତ୍ ବିଲ

ଚମ୍ପୁଆ,୨୨।୨(ଡି.ଏନ.ଏ.): କେନ୍ଦୁଝର ଜିଲା ଚମ୍ପୁଆ ବିଦ୍ୟୁତ ବିଭାଗ ଅଧୀନ ମନ୍ଦିରସାହି ନିବାସୀ ଓମକାର ସାହୁଙ୍କ ପାଖକୁ ୪ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଏକ ବିଦ୍ୟୁତ ବିଲ୍ ଆସଛି। ଏହି ବିଲ୍ ଦେଖିବା ପରେ ତାଙ୍କର ଚିନ୍ତା ବଢ଼ିଯାଇଛି। ଘଟଣାରୁ ପ୍ରକାଶ ଯେ, ଓମ୍‌କାରଙ୍କ ବିଦ୍ୟୁତ୍ ବିଲ୍ ୧୫୦ ଟଙ୍କା ମଧ୍ୟରେ ସୀମିତ ରହିଥାଏ। ତେବେ ନିକଟରେ

**ଭୁଲ ବିଲ୍‌କୁ ନେଇ ଚିନ୍ତାରେ ଗ୍ରାହକ**


ଓମକାର ସାହୁ

ଆସିଥିବା ଗତମାସର ବିଲ୍ ୪ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ସେ ଜାଣିବାକୁ ପାଇଥିଲେ। ମାସକ ମଧ୍ୟରେ ଏତେ ଟଙ୍କାର ବିଲ କିପରି ହେଲା ତାହା ତାଙ୍କୁ ଆଶ୍ଚର୍ଯ୍ୟ କରିଛି। ତେବେ ଏହାର ସମାଧାନ ପାଇଁ ସେ ବିଦ୍ୟୁତ୍ ବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି। ସୂଚନା ଅନୁସାରେ ୨ ବର୍ଷ ତଳେ ବିଦ୍ୟୁତ ସଂଯୋଗ ନେଇଥିବା ଓମକାର ସାହୁ ପ୍ରତି ମାସ ଆବଶ୍ୟକ ବ୍ୟବହାର ଅନୁଯାୟୀ ୧୪୦ରୁ ୧୫୦ ଟଙ୍କା ବିଲ୍ ପଇଠ କରି ଆସୁଥିଲେ। ଏପରିକି ମିଟର ରିଡିଂ ଅନୁଯାୟୀ ପ୍ରତ୍ୟେକ ମାସ ସମାନ ଭାବେ ଏହି ବିଲ୍ ଆସୁଥିଲା। ଏଥର ଆସିଥିବା ଦେୟ ସଂଶୋଧନ କରାଯିବ ବୋଲି ବିଭାଗ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିବା ଓମକାର ପ୍ରକାଶ କରିଛନ୍ତି। କେଉଁ କାରଣ ପାଇଁ ଏଭଳି ଭୁଲ ବିଦ୍ୟୁତ୍ ଦେୟ ଆସୁଛି ସେଥିପ୍ରତି ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି କରାଯାଇଛି।

**ଜାଗରରୁ ଫେରିବା ବେଳେ ମହିଳାଙ୍କୁ ବଳାତ୍କାର !**




# ବିଜେଡି ସଭାପତି ପଦ ପାଇଁ ନବୀନଙ୍କ ନାମାଙ୍କନ ଆଜି

ଭୁବନେଶ୍ୱର,୨୨।୨(ବ୍ୟୁରୋ)
ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁନର୍ବାର ଶାସକ ଦଳର ସଭାପତି ପଦ ପାଇଁ ରବିବାର ନାମାଙ୍କନପତ୍ର ଦାଖଲ କରିବେ। ରାଜଧାନୀସ୍ଥିତ ଦଳୀୟ ମୁଖ୍ୟାଳୟରେ ଏହି ନିର୍ବାଚନ ପ୍ରକ୍ରିୟା ଅନୁଷ୍ଠିତ ହେବ। ରାଜ୍ୟ ସଭାପତି ପଦ ସମେତ ଦଳୀୟ ରାଜ୍ୟ କାର୍ଯ୍ୟକାରିଣୀ ପାଇଁ ମଧ୍ୟ ସମାନ ସମୟରେ ମନୋନୟନ କରାଯିବ। ବିଜେଡି ସାଧାରଣ ସମ୍ପାଦକ(ମୁଖ୍ୟାଳୟ) ସଞ୍ଜୟ ଦାସବର୍ମା ଶନିବାର ଏହି ସୂଚନା ଦେଇଛନ୍ତି। ବିଜେଡି ସାଙ୍ଗଠନିକ ନିର୍ବାଚନ ଗତ ଡିସେମ୍ବର ୨୭ରୁ ଆରମ୍ଭ ହୋଇ ଚଳିତ ମାସ ୨୬ ଯାଏ ଚାଲିବ ବୋଲି ସମୟ ଧାର୍ଯ୍ୟ ହୋଇଥିଲା। ତେବେ ୫ ପର୍ଯ୍ୟାୟରେ ହେଉଥିବା ନିର୍ବାଚନର ଚତୁର୍ଥ ପର୍ଯ୍ୟାୟ କାର୍ଯ୍ୟସୂଚୀ ସମାପ୍ତ ହୋଇଥିବା ଜଣାପଡ଼ିଛି। ବିଜେଡି ପକ୍ଷରୁ ଶୁକ୍ରବାର ୩୩ ସାଙ୍ଗଠନିକ ଜିଲା ପାଇଁ ସଭାପତିଙ୍କ ନାମ ଘୋଷଣା କରାଯାଇଛି। ସେହିପରି ଦଳର ୩ ଛାମୁଆ ସଙ୍ଗଠନ(ଯୁବ,ଛାତ୍ର ଏବଂ ମହିଳା)ର ପୁନର୍ଗଠନ ନେଇ ମାର୍ଚ୍ଚ ୫ ପରେ ଘୋଷଣା ହୋଇପାରେ।

### ଯୁବକଙ୍କ କ୍ଷତାକ୍ତ ମୃତଦେହ ଉଦ୍ଧାର

ଢେଙ୍କାନାଳ ଅଫିସ, ୨୨।୨
ଢେଙ୍କାନାଳ ସଦର ଥାନା ସପ୍ତଶଯ୍ୟା–ଶଙ୍କରପୁର ରାସ୍ତାର ପାମାଳସ୍ଥିତ ନିର୍ମାଣାଧୀନ ଏକ ପୋଲ ନିକଟରୁ ଶନିବାର ସକାଳେ ବାଇକ୍ ସହ ଜଣେ ଯୁବକଙ୍କ କ୍ଷତାକ୍ତ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ପ୍ରହଲାଦ ବେହେରା (୨୭)। ତାଙ୍କ ଘର ସଦର ଥାନା ଗୋବିନ୍ଦପୁର ଫାଣ୍ଡି ଅଧୀନ ତାଳବରକୋଟ ଅଞ୍ଚଳରେ। ସେ ଜଣେ ଦିନ ମଜୁରିଆ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ପରିବାର ଲୋକେ ଏହା ଏକ ହତ୍ୟାକାଣ୍ଡ ବୋଲି କହିଛନ୍ତି। ପ୍ରହ୍ଲାଦଙ୍କ ଭାଇ ସୁମନ୍ତଙ୍କ ଅଭିଯୋଗକ୍ରମେ ନଂ. ୭୦/୨୦, ଦଫା ୩୦୨ରେ ହତ୍ୟା ମାମଲା ରୁଜୁ କରାଯାଇଛି ।

# ଗାନ୍ଧୀ ଶାନ୍ତି କେନ୍ଦ୍ର ଉଦ୍‌ଘାଟିତ

- ଗାନ୍ଧିଜୀଙ୍କ ଜୀବନୀ ଉପରେ ଏହି କେନ୍ଦ୍ର ସଚେତନତା ଭାବ ସୃଷ୍ଟି କରିବ: ମୁଖ୍ୟମନ୍ତ୍ରୀ
- ଓଡ଼ିଆମାନେ ହିଁ ଗାନ୍ଧିଜୀଙ୍କ ଭାବକୁ ଆଗକୁ ନେଇପାରିବେ: ରାଜଶ୍ରୀ ବିର୍ଲା
- ମଙ୍ଗଳବାରଠାରୁ ରବିବାର ପୂର୍ବାହ୍ନ ୧୧ ରୁ ରାତି ୭ଟା ପର୍ଯ୍ୟନ୍ତ ଖୋଲା ରହିବ


କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ରାଜଶ୍ରୀ ବିର୍ଲା ଗାନ୍ଧିଜୀଙ୍କ ସମ୍ପର୍କିତ ଏକ ମେମେଣ୍ଟୋ ପ୍ରଦାନ କରୁଛନ୍ତି। ନିକଟରେ ଅଛନ୍ତି ୫–ଟି ସଚିବ ଭି.କେ. ପାଣ୍ଡିଆନ୍, ମନ୍ତ୍ରୀ ଅଶୋକ ପଣ୍ଡା ଓ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ।

ଭୁବନେଶ୍ୱର, ୨୨।୨(ବ୍ୟୁରୋ)
ଭୁବନେଶ୍ୱର ଖଣ୍ଡଗିରି ନିକଟ ବ୍ୟାଖ୍ୟାନ କେନ୍ଦ୍ର ପରିସରରେ ଗାନ୍ଧୀ ଶାନ୍ତି କେନ୍ଦ୍ର ଶନିବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରି କହିଛନ୍ତି, ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ଗାନ୍ଧୀ ଶାନ୍ତି କେନ୍ଦ୍ରକୁ ଉତ୍ସର୍ଗ କରିବାର ଐତିହାସିକ ଗୁରୁତ୍ୱ ରହିଛି। ମୁଁ ନିଶ୍ଚିତ ଯେ ଏହି କେନ୍ଦ୍ର ଗାନ୍ଧିଜୀଙ୍କ କର୍ମମୟ ଜୀବନୀ ବିଷୟରେ ସଚେତନତାର ଭାବ ଜାଗ୍ରତ କରିବାରେ ସଂସ୍ଥାଗତ ମଞ୍ଚ ହେବ। ଉଦ୍‌ଘାଟନ ପରେ ମୁଖ୍ୟମନ୍ତ୍ରୀ ଶାନ୍ତି କେନ୍ଦ୍ରକୁ ବୁଲି ଦେଖିଥିଲେ। ଏହି କେନ୍ଦ୍ର ଆଦିତ୍ୟ ବିର୍ଲା ଗ୍ରୁପ ଓ ରାଜ୍ୟ ସରକାରଙ୍କ ମିଳିତ ପ୍ରୟାସରେ ପ୍ରତିଷ୍ଠା କରାଯାଇଥିବାବେଳେ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆଦିତ୍ୟ ବିର୍ଲା ସେଣ୍ଟର ଫର୍ କମ୍ୟୁନିଟି ଇନିସିଏଟିଭ୍‌ସ ଆଣ୍ଡ ରୁରାଲ ଡେଭଲପ୍‌ମେଣ୍ଟ ଅଧ୍ୟକ୍ଷା ରାଜଶ୍ରୀ ବିର୍ଲା ଯୋଗଦେଇଥିଲେ। ଓଡ଼ିଶା ଓ ଗାନ୍ଧିଜୀଙ୍କ ସମ୍ପର୍କରେ ସେ କହିଲେ, ଓଡ଼ିଶା ଓ ଓଡ଼ିଆମାନେ ହିଁ ଗାନ୍ଧିଜୀଙ୍କ ଭାବକୁ ଧରି ରଖିବା ସହ ସେହି ମଶାଲକୁ ଆଗକୁ ବଢ଼ାଇପାରିବେ। ତେଣୁ ପ୍ରଯୁକ୍ତିବିଦ୍ୟା ଜରିଆରେ ମହାତ୍ମାଙ୍କ ମହାନ୍ ଜୀବନର ଝଲକକୁ ଓଡ଼ିଶାର ଲୋକଙ୍କ ପାଖରେ ପହଞ୍ଚାଇବା ହେଉଛି ଗାନ୍ଧୀ ଶାନ୍ତି କେନ୍ଦ୍ରର ଲକ୍ଷ୍ୟ। ଅତୀତର ଶ୍ରେଷ୍ଠ ବ୍ୟକ୍ତିତ୍ୱଙ୍କ ପ୍ରାସଙ୍ଗିକତା ଓ ସେମାନଙ୍କ ଅବଦାନ କ୍ରମଶଃ ମଳିନ ପଡୁଛି। ତେଣୁ ସେମାନଙ୍କ ଜୀବନ ଓ ସଂଗ୍ରାମ ଲୋକଙ୍କ ମନରେ ଉଜ୍ଜୀବିତ କରି ରଖିବା ଲାଗି ଏକ ଅଭିନବ ଚିନ୍ତାଧାରା ବାହାର କରିବାର ଆବଶ୍ୟକତା ରହିଛି। ମହାତ୍ମାଙ୍କ ଅସୀମ ବାର୍ତ୍ତାର ପ୍ରଚାର ଲାଗି ଆମେ ବିଶ୍ୱସ୍ତରୀୟ ଭବିଷ୍ୟତ ଉପଯୋଗୀ ପ୍ରଯୁକ୍ତି ବ୍ୟବହାର କରିଛୁ। ଗାନ୍ଧୀବାଦକୁ ଅଭିନବ ଢଙ୍ଗରେ ମିଶ୍ରଣ କରି ଆମେ ଏକ ଭାବବିନିମୟ ଭିତ୍ତିକ ପ୍ରକ୍ରିୟା ବିକଶିତ କରିଛୁ। ଏହି ଶାନ୍ତି କେନ୍ଦ୍ରର ମଲ୍ଟିମିଡିଆ ଉପସ୍ଥାପନା ସହିତ ଓଡ଼ିଶାବାସୀ ମହାତ୍ମା ଗାନ୍ଧୀଙ୍କ ଜୀବନୀକୁ ନେଇ ଉଲ୍ଲେଖନୀୟ ଆଲୋଚନାରେ ସାମିଲ ହୋଇପାରିବେ ବୋଲି ରାଜଶ୍ରୀ ବିର୍ଲା କହିଛନ୍ତି। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶୋକ ପଣ୍ଡା, ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଆଦିତ୍ୟ ବିର୍ଲା ଗ୍ରୁପ୍ ତରଫରୁ ଡ. ସନ୍ତୃପ ମିଶ୍ର ଓ ଅଶୋକ ବଳ ପ୍ରକଳ୍ପକୁ ଆଗକୁ ବଢ଼ାଇବାରେ ସହାୟତା ପ୍ରଦାନ କରିଥିଲେ। ପ୍ରକଳ୍ପ ମୁଖ୍ୟ ଭରତ ପାରେଖ, କ୍ୟୁରେଟର ବିରଦ ୟାଗଦିକ୍ ଏବଂ ସ୍ଥପତି ସନ୍ଦୀପ ଖରଖାନିସ ଏହି ଗାନ୍ଧୀ ଶାନ୍ତି କେନ୍ଦ୍ରକୁ କାର୍ଯ୍ୟକାରୀ କରିବା ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରାୟ ୨୦ ହଜାର ବର୍ଗଫୁଟ ପରିମିତ ଜମିରେ ସ୍ଥାପିତ ଗାନ୍ଧୀ ଶାନ୍ତି କେନ୍ଦ୍ରରେ ଓଡ଼ିଆ, ହିନ୍ଦୀ ଓ ଇଂଲିଶ ଭାଷାରେ ଭାବବିନିମୟର ବ୍ୟବସ୍ଥା ରହିଛି। ମଙ୍ଗଳବାରରୁ ରବିବାର ପର୍ଯ୍ୟନ୍ତ ପୂର୍ବାହ୍ନ ୧୧ଟାରୁ ରାତି ୭ଟା ପର୍ଯ୍ୟନ୍ତ ସାଧାରଣ ଲୋକଙ୍କ ପାଇଁ ଏହା ଖୋଲା ରହିବ। ବର୍ତ୍ତମାନ ଗାନ୍ଧୀ ଶାନ୍ତି କେନ୍ଦ୍ରକୁ ପ୍ରବେଶ ନିଃଶୁଳ୍କ ରହିବ। କାର୍ଯ୍ୟକ୍ରମରେ ବହୁ ସ୍ୱାଧୀନତା ସଂଗ୍ରାମୀ, ମନ୍ତ୍ରୀ, ବିଧାୟକ ଓ ଛାତ୍ରୀଛାତ୍ର ଯୋଗଦେଇ ଶାନ୍ତି କେନ୍ଦ୍ର ଓ ଏହାର ଗ୍ୟାଲେରୀ ବୁଲି ଦେଖିଥିଲେ।

ସୂଚନାଯୋଗ୍ୟ, ୨୦୧୩ରେ ‘ଗାନ୍ଧୀ ଶାନ୍ତି କେନ୍ଦ୍ର’ ପ୍ରତିଷ୍ଠା ହେବାର ନିଷ୍ପତ୍ତି ହୋଇଥିଲା। ତତ୍କାଳୀନ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏ ନେଇ ଆଦିତ୍ୟ ବିର୍ଲା ଫାଉଣ୍ଡେଶନ ସହ ଆଲୋଚନା କରିଥିଲେ। ୨୦୧୭ ମେ'ରେ ପର୍ଯ୍ୟଟନ ବିଭାଗ ଓ ଆଦିତ୍ୟ ବିର୍ଲା ଫାଉଣ୍ଡେଶନ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା।





ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ବିଶିଷ୍ଟ ବ୍ୟକ୍ତି ଓ ଗାନ୍ଧୀପ୍ରେମୀ ।

# ନକଲି ମାଟ୍ରିକ ପରୀକ୍ଷାର୍ଥୀ ଅଟକ

**ସମ୍ପର୍କୀୟ ଭାଇଙ୍କ ପାଇଁ ଦେଉଥିଲେ ପରୀକ୍ଷା**

ବ୍ରହ୍ମଗିରି,(ଡି.ଏନ.ଏ)/ ପୁରୀ ଅଫିସ, ୨୨।୨
ଚଳିତବର୍ଷ ମାଟ୍ରିକ ପରୀକ୍ଷାକୁ କପିମୁକ୍ତ ତଥା ଅଧିକ ଶୃଙ୍ଖଳିତ କରିବାକୁ ମାଧ୍ୟମିକ ଶିକ୍ଷା ପରିଷଦ କର୍ତ୍ତୃପକ୍ଷ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ବିଭିନ୍ନ ପଦକ୍ଷେପ ନେଇଛନ୍ତି। ପରୀକ୍ଷା କେନ୍ଦ୍ରଗୁଡ଼ିକରେ ସିସିଟିଭି କ୍ୟାମେରା ଲଗାଯିବା ସହ ତ୍ରିସ୍ତରୀୟ ପ୍ରଶ୍ନପତ୍ର ପ୍ୟାକେଟ ଖୋଲାଯିବା ବ୍ୟବସ୍ଥା କରାଯାଇଛି। ଏହାସତ୍ତ୍ୱେ କେତେକ କେନ୍ଦ୍ରରେ କପି ହୋଇଥିବା ଜଣାପଡ଼ିଛି। ମାଟ୍ରିକ ପରୀକ୍ଷାର ଦ୍ୱିତୀୟ ଦିନରେ ଶନିବାର ପୁରୀ ସଦର ବ୍ଲକ ଅନ୍ତର୍ଗତ ବାସୁଦେଈପୁରସ୍ଥିତ କନକଦୁର୍ଗା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ଜଣେ ନକଲି ପରୀକ୍ଷାର୍ଥୀ ଧରାପଡ଼ିଛନ୍ତି। ସେ ତାଙ୍କ ସମ୍ପର୍କୀୟ ଭାଇଙ୍କ ପାଇଁ ପରୀକ୍ଷା ଦେଉଥିଲେ ବୋଲି ପୋଲିସ କହିଛି। ତାଙ୍କୁ ଥାନାରେ ଅଟକ ରଖାଯାଇ ପଚରାଉଚରା ଚାଲିଛି।

ସୂଚନା ଅନୁଯାୟୀ, ବ୍ରହ୍ମଗିରି ବ୍ଲକ ଅଧୀନ ପଥରପଦାସ୍ଥିତ ଗ୍ରାମେଶ୍ୱର ବିଦ୍ୟାପୀଠର ଜଣେ ଦଶମଶ୍ରେଣୀ ଛାତ୍ର କନକଦୁର୍ଗା ହାଇସ୍କୁଲରେ ପରୀକ୍ଷା ଦେବାକୁ ଥିବାବେଳେ ଶନିବାର ପରୀକ୍ଷାକେନ୍ଦ୍ରରେ ସେ ଅନୁପସ୍ଥିତ ଥିଲେ। ତାଙ୍କ ନାମରେ ଆଉ ଜଣେ ପରୀକ୍ଷା ଦେଉଥିଲେ। ଏ ସଂକ୍ରାନ୍ତରେ କେହି ଜଣେ ବ୍ୟକ୍ତି ଫୋନ୍ ଯୋଗେ ଉକ୍ତ କେନ୍ଦ୍ରର ଶିକ୍ଷକଙ୍କୁ ଜଣାଇଥିଲେ। ଶିକ୍ଷକ ଏ ବିଷୟରେ କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଅବଗତ କରାଇଥିଲେ। ସୁପରିଣ୍ଟେଣ୍ଡେଣ୍ଟ ସଦର ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ସମ୍ପୃକ୍ତ ପରୀକ୍ଷାର୍ଥୀଙ୍କ ଆଡମିଟ୍ କାର୍ଡ ଓ ରେକର୍ଡପତ୍ର ଯାଞ୍ଚ କରିଥିଲା। ସେ ଅସଲ ପରୀକ୍ଷାର୍ଥୀଙ୍କ ସମ୍ପର୍କୀୟ ଭାଇ ବୋଲି ଜଣାପଡ଼ିବା ପରେ ପୋଲିସ ତାଙ୍କୁ ଧରି ଥାନାକୁ ନେଇଯାଇଥିଲା। ଜିଲା ଶିକ୍ଷାଧିକାରୀଙ୍କ ଅଭିଯୋଗ କ୍ରମେ ପୋଲିସ ସମ୍ପୃକ୍ତ ନକଲି ପରୀକ୍ଷାର୍ଥୀଙ୍କୁ ଆଣି ଅଟକ ରଖି ପଚରାଉଚରା କରୁଛି ବୋଲି ସଦର ଥାନା ଅଧିକାରୀ ବିମଳ କୁମାର ନାୟକ କହିଛନ୍ତି।

ISPAT
**BALASORE ALLOYS LIMITED**
Registered Office:
Balgopalpur, Balasore, Odisha – 756 020

**PRIME 50 ACRE LAND FOR SALE**

Available for sale freehold land measuring around 50 Acres situated at Mouza-Balgopalpur, Tahasil-Remuna, Balasore, Odisha located next to Balasore's two largest industries. The land is ideal for Industry / Real estate ventures and is well connected to NH-16 & Railway Siding. Single buyer will be preferred.

Interested genuine persons / company can contact **Mr. Tilak Thapa**, General Manager, Security & Administration for further details through mobile no **7381095987** or can communicate at the email **tilak_thapa@balasorealloys.com**

# ପ୍ରାକୃତିକ ବିପତ୍ତିକୁ ବଳିଯାଉଛି ସଡ଼କ ଦୁର୍ଘଟଣା

- ୧୦ବର୍ଷରେ ଗଲାଣି ୪୩ ହଜାର ଜୀବନ
- ପ୍ରାକୃତିକ ବିପର୍ଯ୍ୟୟ ନେଇଛି ୧୧ ହଜାର

ଭୁବନେଶ୍ୱର,୨୨।୨(ବ୍ୟୁରୋ)
ବିଭିନ୍ନ ସମୟରେ ରାଜ୍ୟରେ ହେଉଥିବା ପ୍ରାକୃତିକ ବିପତ୍ତି ଯୋଗୁ ବହୁମୂଲ୍ୟ ଜୀବନ ଚାଲିଯାଉଛି। ଗତ ୧୦ ବର୍ଷ ମଧ୍ୟରେ ବଜ୍ରପାତ, ଅଂଶୁଘାତ, ଅଗ୍ନିକାଣ୍ଡ, ବାତ୍ୟା, ଘୂର୍ଣ୍ଣିଝଡ଼, ବନ୍ୟା, ଡଙ୍ଗାବୁଡ଼ି, ସାପ କାମୁଡ଼ା, ଭୂସ୍ଖଳନ ଓ ପାଣିରେ ବୁଡ଼ି ୧୧,୪୪୦ ଜଣଙ୍କ ଜୀବନ ଯାଇଛି। ଏଥିଯୋଗୁ କେବଳ ୨୦୧୯–୨୦ରେ ୧୫୫୦ ଜଣଙ୍କର ପ୍ରାଣହାନି ଘଟିଛି। ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ୨୦୧୧–୧୨ରେ ୫୦୧ ଜଣଙ୍କର ଜୀବନ ଯାଇଥିବା ବେଳେ ୨୦୧୨–୧୩ରେ ୪୪୪, ୨୦୧୩–୧୪ରେ ୫୩୮, ୨୦୧୪–୧୫ରେ ୪୮୨, ୨୦୧୫–୧୬ରେ ୧୩୩୬, ୨୦୧୬–୧୭ରେ ୧୭୧୦, ୨୦୧୭–୧୮ରେ ୨୩୨୫, ୨୦୧୮–୧୯ରେ ୨୫୫୦, ୨୦୧୯–୨୦ରେ ୧୫୫୦ ଜଣଙ୍କର ଦୈବୀ ବିପତ୍ତି ଯୋଗୁ ମୃତ୍ୟୁ ଘଟିଛି।

ମାତ୍ର ସବୁଠାରୁ ବଳିଯାଉଛି ସଡ଼କ ଦୁର୍ଘଟଣା। ଯାନବାହନ ବୃଦ୍ଧି ସାଙ୍ଗକୁ ବେପରୁଆ ଗାଡ଼ି ଚାଳନା ବହୁ ଧନଜୀବନକୁ ଅକାରଣରେ ଧ୍ୱଂସ ମୁହଁକୁ ଠେଲି ଦେଉଛି। ଉଜୁଡି ଯାଉଛି ଘର, ପରିବାର। କେବଳ ଯେ ଜୀବନ ଯାଉଛି ତାହା ନୁହେଁ,ଅନେକଙ୍କୁ ସାରାଜୀବନ ଅକର୍ମଣ୍ୟ ମଧ୍ୟ କରି ଦେଉଛି। ଓଡ଼ିଶାରେ ଦେଶର ସର୍ବାଧିକ ସଡ଼କ ଦୁର୍ଘଟଣା ହେଉଛି। ଏହାକୁ ନେଇ ସୁପ୍ରିମକୋର୍ଟ କମିଟି ମଧ୍ୟ ଉଦବେଗ ପ୍ରକାଶ କରିଛନ୍ତି। ପ୍ରତିବର୍ଷ ୧୦ପ୍ରତିଶତ ଦୁର୍ଘଟଣା ହ୍ରାସ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏହି ନିର୍ଦ୍ଦେଶର ପ୍ରଭାବ ଦେଖିବାକୁ ମିଳୁ ନାହିଁ। ବର୍ଷକୁ ବର୍ଷ ଦୁର୍ଘଟଣା ହାର ବଢ଼ି ଚାଲିଥିବା ବେଳେ ସରକାର ଏବଂ ଜନସାଧାରଣଙ୍କ ପାଇଁ ଚିନ୍ତାଜନକ ହୋଇଛି। ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ୨୦୧୦ରୁ ୨୦୧୯ ମଧ୍ୟରେ ରାଜ୍ୟରେ ୧ ଲକ୍ଷ ୧ ହଜାର ୩୦୫ ସଡ଼କ ଦୁର୍ଘଟଣାରେ ୪୩,୩୭୧ ଜଣ ଲୋକଙ୍କର ଜୀବନ ଯାଇଛି। ଏହି ସମୟରେ ୧ ଲକ୍ଷ ୧୨ ହଜାର ୫୩୮ ଜଣ ଆହତ ହୋଇଛନ୍ତି। ୨୦୧୦ରେ ସଡ଼କ ଦୁର୍ଘଟଣା ଯୋଗୁ ରାଜ୍ୟରେ ୩,୮୩୭ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୦୧୧ରେ ୩୮୦୨, ୨୦୧୨ରେ ୩୭୦୧, ୨୦୧୩ରେ ୪୦୬୨, ୨୦୧୪ରେ ୩୭୬୫ ଜଣଙ୍କର ମୃତ୍ୟୁ ହୋଇଛି । ସେହିପରି ୨୦୧୫ରେ ୪୩୦୩ ଜଣଙ୍କର ରାସ୍ତା ଦୁର୍ଘଟଣା ଯୋଗୁ ମୃତ୍ୟୁ ହୋଇଥିବା ବେଳେ ୨୦୧୬ରେ ୪୪୬୩, ୨୦୧୭ରେ ୪୭୯୦, ୨୦୧୮ରେ ୫୩୧୫ ଏବଂ ୨୦୧୯ରେ ୫୩୩୩ ଜଣଙ୍କର ମୃତ୍ୟୁ ହୋଇଛି। ସଡକ ଦୁର୍ଘଟଣାକୁ ରୋକିବାକୁ ସଡକ ସୁରକ୍ଷା ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯାଇଛି। ଡ୍ରାଇଭିଂ ଲାଇସେନ୍ସ ଜବତ କରାଯିବା ସହ ଜରିମାନା କରାଯାଉଛି। ଜନ ସଚେତନତା ସୃଷ୍ଟି କରାଯିବା ସହ ବ୍ଲାକ ସ୍ପଟ ଠାବ କରାଯାଇ ପ୍ରତିକାର ବ୍ୟବସ୍ଥା କରାଯାଉଛି। ସୁପ୍ରିମକୋର୍ଟ କମିଟିଙ୍କ ନିର୍ଦ୍ଦେଶ ମୁତାବକ ପଦକ୍ଷେପ ନିଆଯାଉଛି ବୋଲି ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ସୂଚନା ଦେଇଛନ୍ତି।

ଜାତୀୟ ପରୀକ୍ଷଣ ଏଜେନ୍ସି
ମୂଲ୍ୟାୟନରେ ଉତ୍କର୍ଷତା
ଉଚ୍ଚଶିକ୍ଷା ବିଭାଗ, ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ, ଭାରତ ସରକାର

ଏନ୍‌ସିଏଚ୍‌ଏମ୍ ଜେଇଇ-୨୦୨୦
ଜାତୀୟ ହୋଟେଲ ମ୍ୟାନେଜମେଣ୍ଟ ଏବଂ କ୍ୟାଟେରିଂ ଟେକ୍ନୋଲୋଜି ପରିଷଦ
ପର୍ଯ୍ୟଟନ ମନ୍ତ୍ରଣାଳୟ, ଭାରତ ସରକାର

ଆତିଥ୍ୟ/ହୋଟେଲ ଏବଂ ତତ୍‌ସମ୍ପର୍କିତ ଶିଳ୍ପରେ ସବୁଠାରୁ ଆକର୍ଷଣୀୟ ଗ୍ଲୋବାଲ କ୍ୟାରିୟର୍ ଆପଣଙ୍କ ପ୍ରତୀକ୍ଷାରେ

ଶୀଘ୍ର
ଏନ୍‌ସିଏଚ୍‌ଏମ୍ ଜେଇଇ-୨୦୨୦ ଦରଖାସ୍ତ ଫର୍ମ ପୂରଣର ଶେଷ ତାରିଖ ହେଉଛି ତା୨୦।୦୩।୨୦୨୦ରିଖ

ଭାରତରେ ୭୧ ଗୋଟି ଶୀର୍ଷ ମାନ୍ୟତାପ୍ରାପ୍ତ ଏନ୍‌ସିଏଚ୍‌ଏମ୍ ଅଙ୍ଗୀକୃତ ହୋଟେଲ ମ୍ୟାନେଜମେଣ୍ଟ ଅନୁଷ୍ଠାନ (ଆଇଏଚ୍‌ଏମ୍) – ଆଇଏଚ୍‌ଏମ୍ ପୁସା, ଆଇଏଚ୍‌ଏମ୍ ଲାଜପତ ନଗର, ଆଇଏଚ୍‌ଏମ୍ ମୁମ୍ବାଇ, ଆଇଏଚ୍‌ଏମ୍ କୋଲକାତା, ଆଇଏଚ୍‌ଏମ୍ ଚେନ୍ନାଇ, ଆଇଏଚ୍‌ଏମ୍ ଚଣ୍ଡିଗଡ଼, ଆଇଏଚ୍‌ଏମ୍ ବେଙ୍ଗାଲୁରୁ, ଆଇଏଚ୍‌ଏମ୍ ହାଇଦ୍ରାବାଦ, ଆଇଏଚ୍‌ଏମ୍ ଗୋଆ ଓ ଆହୁରି ଅନ୍ୟାନ୍ୟ ଆଇଏଚ୍‌ଏମ୍‌ରେ ଆତିଥ୍ୟ ଓ ହୋଟେଲ ପ୍ରଶାସନରେ ୩ ବର୍ଷିଆ ଡିଗ୍ରୀ କାର୍ଯ୍ୟକ୍ରମ (ବି.ଏସ୍‌ସି (ଏଚ୍‌ଏଚ୍‌ଏ)ରେ ନାମଲେଖା ପାଇଁ ଆବେଦନ କରନ୍ତୁ । ସମସ୍ତ ଆଇଏଚ୍‌ଏମ୍‌ରେ ନିରାମିଷ ବିକଳ୍ପ ମଧ୍ୟ ଉପଲବ୍ଧ।

ଅନ୍‌ଲାଇନ୍‌ରେ ଆବେଦନ ଦାଖଲ ପାଇଁ, ଲଗ୍ ଇନ୍ କରନ୍ତୁ:
www.ntanchm.nic.in

ସର୍ବଭାରତୀୟ ସ୍ତରରେ ଏନ୍‌ସିଏଚ୍‌ଏମ୍-ମିଳିତ ପ୍ରବେଶିକା ପରୀକ୍ଷା ୨୦୨୦ ତାରିଖ ୨୫ ଏପ୍ରିଲ ୨୦୨୦
ଅଧିକ ବିବରଣୀ ଏବଂ ଆଇଏଚ୍‌ଏମ୍‌ଗୁଡ଼ିକର ତାଲିକା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଅର୍ଥାତ୍ www.ntanchm.nic.in ପରିଦର୍ଶନ କରନ୍ତୁ । ଅନୁସନ୍ଧାନ ପାଇଁ କଲ୍ କରନ୍ତୁ: ୧୨୦ ୬୮୯୫୨୦୦
(ଏନ୍‌ସିଏଚ୍‌ଏମ୍‌ର ଅନୁସନ୍ଧାନ ପାଇଁ ନିଃଶୁଳ୍କ ନମ୍ବର: ୧୮୦୦ ୧୮୦ ୩୧୫୧ ରେ କଲ୍ କରନ୍ତୁ (ପୂର୍ବାହ୍ନ ୯ରୁ ଅପରାହ୍ନ ୫.୩୦ ଘଟିକା)
davp 21354/11/0016/1920

# ବ୍ଲକ୍‌ରୁ ଜିଲାକୁ ବ୍ୟାପିଲାଣି ଆବାସ ଦୁର୍ନୀତି

**ଖୋର୍ଦ୍ଧା ଅଫିସ, ୨୨।୨**

ଆବାସ ଦୁର୍ନୀତି ପ୍ରସଙ୍ଗ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ବେଶ୍ ଚର୍ଚ୍ଚାରେ ରହି ଆସିଛି। ମାତ୍ର ଏବେ ଏହି ଦୁର୍ନୀତି ଟାଙ୍ଗୀ, ବାଣପୁର, ଖୋର୍ଦ୍ଧା ବ୍ଲକକୁ ବ୍ୟାପିଛି। ଏହାକୁ ବିରୋଧ କରି ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧିମାନେ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ସେହିପରି ପୂର୍ବରୁ ବାଦ୍ ପଡିଥିବା ପ୍ରକୃତ ହିତାଧିକାରୀଙ୍କ ଅସନ୍ତୋଷ କୁହୁଳୁଥିଲା ବେଳେ ବର୍ତ୍ତମାନ ପଞ୍ଚାୟତ ପ୍ରତିନିଧିମାନଙ୍କର ନୂତନ ଅଭିଯୋଗ ଫର୍ଦ୍ଦ ଜିଲାରେ ଆଲୋଡ଼ନ ସୃଷ୍ଟି କରିଛି। ବାଦ୍ ପଡିଥିବା ଯୋଗ୍ୟ ହିତାଧିକାରୀ ବ୍ଲକ, ପିଡି ଓ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଦୌଡୁଛନ୍ତି। ସେହିପରି ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧିମାନଙ୍କ ପକ୍ଷରୁ ଆମ ପଞ୍ଚାୟତର ବହୁ ଯୋଗ୍ୟ ହିତାଧିକାରୀ ବାଦ୍ ପଡି ଯାଇଛନ୍ତି। ତାଙ୍କୁ ନୂଆ ତାଲିକାରେ ସାମିଲ୍ କରାଯାଉ ବୋଲି ଆଉ ଏକ ଦାବି ଜୋର ଧରିଛି। ଏହାକୁ ନେଇ ଜିଲା ଓ ବ୍ଲକ


ଆବାସ ବିଲ୍‌ର ମଞ୍ଜୁରୀ ପାଇ କୋଠା ନିର୍ମାଣ କରୁଥିବା ହିତାଧିକାରୀଙ୍କ ନାମରେ ପୁଣି ନୂଆ ତାଲିକାରେ ନାମ ପ୍ରକାଶ।

ପ୍ରଶାସନର ହରଡଘଣାରେ ପଡିଛନ୍ତି।

ବେଗୁନିଆ ବ୍ଲକର ଗଡ଼ମାଣତୀର ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଦୁର୍ନୀତି ହୋଇଥିବା ଅଭିଯୋଗ ଉଠିଥିଲା। ଏପରି କି ଜମି ପଟ୍ଟା ନ ଥାଇ ଗୃହ ପ୍ରଦାନ, ଚାକିରିଆ, ୨ ମହଲା କୋଠାଥିବା ବ୍ୟକ୍ତିଙ୍କୁ ଆବାସ ପ୍ରଦାନ କରାଯାଇଥିଲା। ଏଥିସହ ଘର ନ କରି ସମ୍ପୂର୍ଣ୍ଣ ବିଲ୍ ମଞ୍ଜୁର କରାଇ ଦିଆଯାଇଥିଲା। ଆଉ ଏକ ସମ୍ବେଦନଶୀଳ ଅଭିଯୋଗ ହେଲା ଅନ୍ୟ ଲୋକଙ୍କ କୋଠା ଦେଖାଇ ଅଯୋଗ୍ୟ ହିତାଧିକାରୀ ଟଙ୍କା ଉଠାଇ ନେଇଥିଲା। ତେବେ ଏଭଳି ବେଆଇନ କାରନାମାର ପ୍ରମାଣ ଖୋଜିବାରେ ପ୍ରଶାସନିକ ଅଧିକାରୀମାନେ ଲାଗି ପଡିଥିଲେ। ଏବେ ପୁଣି ତଦନ୍ତକୁ ତ୍ୱରାନ୍ୱିତ କରି ଚାଲିଛନ୍ତି। ଅନ୍ୟପକ୍ଷରେ ଏହି ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ଥାଇ ପାଇଥିବା ବିଲ୍ ପରେ ମଧ୍ୟ ଏବେ ନୂତନ ତାଲିକାରେ ସେମାନଙ୍କ ନାମ ପ୍ରକାଶ ପାଇଛି। ଏହାକୁ ନେଇ ଜନଅସନ୍ତୋଷ ଦେଖାଦେଇଛି। ତେବେ ଆବାସ ଦୁର୍ନୀତି ପ୍ରସଙ୍ଗକୁ ପ୍ରଶାସନିକ ଅଧିକାରୀମାନେ କେବେ ସମାପ୍ତ କରିବେ ଏବଂ ଗରିବ ହିତାଧିକାରୀମାନେ ପ୍ରକୃତରେ ନୂଆ କୋଠା ଖଣ୍ଡିଏ ଦେଖିବେ ସେ ନେଇ ଅଞ୍ଚଳରେ ଆଲୋଚନା ହେଉଛି। ଅଯୋଗ୍ୟ ହାତେଇଥିବା ଟଙ୍କା ଆଦାୟ ହେଉନି। ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକର ପୋଡାଡିହ ପଞ୍ଚାୟତରେ ଆବାସ ଦୁର୍ନୀତି ପ୍ରସଙ୍ଗ ସର୍ବାଧିକ ହୋଇଥିଲା। ପ୍ରମାଣିତ ପରେ ଦୁର୍ନୀତିରେ ଜଡିତ ଥିବା ୩ ଜଣ ପଞ୍ଚାୟତ ଅଧିକାରୀଙ୍କୁ ଜିଲାପାଳ ନିଲମ୍ବିତ କରିଥିଲେ। ଏଥିସହ ଅଯୋଗ୍ୟ ହିତାଧିକାରୀମାନେ ନିଜ ନାମରେ ହାତେଇ ନେଇଥିବା ଟଙ୍କା ଆଦାୟ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଏଥି ମଧ୍ୟରେ ଦୁଇମାସ ଅତିକ୍ରମ ହୋଇସାରିଲାଣି। ଟଙ୍କାଟିଏ ଆଦାୟ ହୋଇ ନ ଥିବା ବ୍ଲକର ଜଣେ ଅଧିକାରୀଙ୍କଠାରୁ ଜଣାପଡିଛି।

## ତ୍ରିସ୍ତରୀୟ ଠକେଇ ଅଭିଯୋଗ

ଆବାସ ଯୋଜନାରେ ଠକେଇ ହୋଇଥିବା ଅଭିଯୋଗକୁ ନେଇ ଗ୍ରାମାଞ୍ଚଳରେ ଚର୍ଚ୍ଚା ଜୋର ହେଉଛି। ତେବେ ଏହି ତ୍ରିସ୍ତରୀୟ ଠକେଇରେ ଜଣେ ଦଲାଲ, ସ୍ଥାନୀୟ ନେତା ଓ ପ୍ରଶାସନିକ ଅଧିକାରୀ ସମ୍ପୃକ୍ତ ରହୁଥିବା ଜଣାପଡିଛି। ଯାହାକି ଗଡମାଣତୀର ପଞ୍ଚାୟତରେ ଦୁର୍ନୀତିରେ ଜଡିତ ଥିବା ଜଣେ ଦଲାଲ ଏହି ଘଟଣାରେ ନିକଟରେ ଜେଲଦଣ୍ଡ ଭୋଗିଥିଲେ। ଉକ୍ତ ଘଟଣାକୁ ନେଇ ବେଗୁନିଆରେ ଏବିଡିଓ ଓ ବିଡିଓଙ୍କ ନାମରେ ରାଜ୍ୟ ସରକାରଙ୍କୁ ଜିଲାପାଳ ଅବଗତ କରାଇଥିଲେ। ସେମାନଙ୍କୁ କି ପ୍ରକାର ଦଣ୍ଡିତ କରାଯିବ ବିଚାରାଧୀନ ରହିଛି। ଅନ୍ୟପକ୍ଷରେ ଏହି ଅଞ୍ଚଳର ବହୁ ନେତା ନିଜେ ଧରା ନ ପଡିବା ପାଇଁ ଦଲାଲଙ୍କୁ ଲଗାଇ ଅର୍ଥ କାରବାର କରୁଥିବା ଖବର ଚର୍ଚ୍ଚା ହେଉଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନ ଦେଲା ଋଣ**
**ପିତା ତୁଉଣ, ଝିଅ ମରଣ**
**ଆଗେ ଅବିଗୁଣ, ପଛକୁ ଗୁଣ।**

ଉପରୋକ୍ତ ବର୍ଣ୍ଣିତ ଅବସ୍ଥା ଭୁକ୍ତଭୋଗୀ ବ୍ୟକ୍ତି ପକ୍ଷେ ସହ୍ୟ କରିବା ଅତୀବ କଷ୍ଟକର ବା ଦୁଃଖଦାୟୀ ହୋଇଥାଏ। ପରନ୍ତୁ ଏହା ପଛରେ ଲୁଚି ରହିଥିବା ପ୍ରକୃତ ବାସ୍ତବତା ପରିଶେଷରେ ଉକ୍ତ ବ୍ୟକ୍ତି ଲାଗି ହିତକର ସାବ୍ୟସ୍ତ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିଜେ ରାନ୍ଧି ନିଜେ ଖାଏ**
**ପରଶଂସା କରୁଥାଏ।**

ନିଜେ ରାନ୍ଧି ନିଜେ ଖାଇ ସୁଆଦିଆ ଲାଗୁଥିବା କହିବାରେ କୌଣସି ଯଥାର୍ଥତା ରହି ନ ଥାଏ। ସାଧାରଣତଃ ସଭିଏଁ ନିଜକୁ ଭଲ ବୋଲି ଦେଖେଇ ହୁଅନ୍ତି ବା କହି ହୁଅନ୍ତି। କିନ୍ତୁ ପ୍ରକୃତରେ ସିଏ ହିଁ ଭଲ ଯାହାକୁ ସମସ୍ତେ କହିଥାନ୍ତି। ନିଜ ମୁହଁରେ ନିଜର ପ୍ରଶଂସା କରିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ବାଣ ଫୁଟି ଜଣେ ଛାତ୍ର ଗୁରୁତର ଆହତ

**ଖୋର୍ଦ୍ଧା ଅଫିସ/ବେଗୁନିଆ, (ଡି.ଏନ.ଏ.) ୨୨।୨:** ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ସିମୋର ଗାଁରେ ଶନିବାର ଏକ ଦୁର୍ଘଟଣା ଘଟିଛି। ଗୋଟିଏ ଅଫୁଟା ବାଣ ଫୁଟି ଜଣେ ଛାତ୍ର ଗୁରୁତର ଆହତ ହୋଇଥିବା ଖବର ମିଳିଛି। ରିପୋର୍ଟ ଲେଖା ହେଲା ବେଳକୁ ଆହତ ଛାତ୍ରଙ୍କ ଶରୀର ସଙ୍କଟାପନ୍ନ ଥିବା ଜଣାପଡିଛି। ମିଳିଥିବା ଖବର ମୁତାବକ, ଛାତ୍ର ଜଣକ ଘଟଣା ଘଟିବାର ପୂର୍ବାହ୍ନରେ ନିଜ ଗାଁ ଦାଣ୍ଡରେ ଖେଳୁଥିଲେ। ସେଠାରେ ପଡ଼ିଥିବା ଏକ ଅଫୁଟା ବାଣକୁ ନିଆଁ ସଂଯୋଗ କରି ଫୁଟାଉଥିଲେ। ହେଲେ ବାଣଟି ହଠାତ୍ ଫୁଟି ଯାଇଥିଲା। ଫଳରେ ଛାତ୍ର ଜଣକ ସେଠାରେ ଗୁରୁତର ଅବସ୍ଥାରେ ପଡିଥିବା ସ୍ଥାନୀୟ ଲୋକେ ଦେଖି ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ତାଙ୍କୁ ଚିକିତ୍ସା ପାଇଁ ଭର୍ତ୍ତି କରାଯାଉଛି।

## ବାର୍ଷିକ ନୃତ୍ୟଗୀତ ପ୍ରତିଯୋଗିତା

**କୃଷ୍ଣପ୍ରସାଦ,୨୨।୨ (ଡି.ଏନ.ଏ.):** ମହାଶିବରାତ୍ରି ଅବସରରେ ମଲ୍ଲୀକେଶ୍ୱର ସାଂସ୍କୃତିକ ସଂଗଠନ ତରଫରୁ ଶୁକ୍ରବାର ମଲ୍ଲୀକେଶ୍ୱର ଦେବଙ୍କ ପୀଠରେ ବାର୍ଷିକ ନୃତ୍ୟଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଗଞ୍ଜାମ, ପୁରୀ ଓ ଖୋର୍ଦ୍ଧା ଜିଲାର ବହୁ ପ୍ରତିଯୋଗୀ ଭାଗନେଇଥିଲେ। ଗ୍ରାମ ସଭାପତି ଶିବରାମ ବେହେରାଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ମାଲୁଦ ସରପଞ୍ଚ ରବୀନ୍ଦ୍ର ନାଥ ଦାସ ମୁଖ୍ୟଅତିଥି, ଶିକ୍ଷାବିତ୍ ପ୍ରଦୀପ କୁମାର ଦାସ ମୁଖ୍ୟବକ୍ତା ଓ ବୁଦ୍ଧିବର ସରପଞ୍ଚ ପ୍ରଶାନ୍ତ କୁମାର ମାନସିଂହ, ଶିକ୍ଷାବିତ୍ ଜଗନ୍ନାଥ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଅର୍ଥରାଶି ସହ ପୁରସ୍କୃତ କରାଯାଇଥିଲା। ସେହିଭଳି ଅନୁଷ୍ଠାନ ତରଫରୁ ସରପଞ୍ଚ ରବୀନ୍ଦ୍ର ନାଥ ଦାସଙ୍କୁ ଗୁରୁଜ୍ଞାନ ଉପାଧି, ପ୍ରଦୀପ କୁମାର ଦାସଙ୍କୁ ସଙ୍ଗୀତସୁଧା, ହଳଧର ବେହେରାଙ୍କୁ ନାଟ୍ୟ ଗୌରବ, ଜଗନ୍ନାଥ ଦାସଙ୍କୁ ଶିକ୍ଷା ଗୌରବ ଓ ଧନୁର୍ଦ୍ଧର ଦାସଙ୍କୁ ପ୍ରୀତି ପ୍ରବର୍ତ୍ତକ ଉପାଧିରେ ଭୂଷିତ କରାଯାଇଥିଲା।

## 'ଓଡ଼ିଆ ଭାଷାର ସୁରକ୍ଷାକୁ ସରକାର ଗୁରୁତ୍ୱ ଦେଉନାହାନ୍ତି'

**ଖୋର୍ଦ୍ଧା ଅଫିସ,୨୨।୨**

କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ ସଂସ୍କାର ଭାରତୀ ପରିସରରେ ବିଶ୍ୱ ମାତୃଭାଷା ଦିବସ ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ଶୁକ୍ରବାର ପାଳିତ ହୋଇଯାଇଛି। ଭାଷାର ଅସ୍ମିତା ଆମ ପରିଚୟ ଶୀର୍ଷକ ଆଲୋଚନାଚକ୍ରରେ ପ୍ରଫେସର ଡ଼. ଶରତ ଚନ୍ଦ୍ର ମହାପାତ୍ର, ଆମରିସେଟ୍ୟର ପ୍ରତିଷ୍ଠାତା ଡ. ପ୍ରମୋଦ ଚନ୍ଦ୍ର ଦାଶ, ବରିଷ୍ଠ ଶିକ୍ଷାବିତ ଭୀମସେନ ପ୍ରଧାନ, ସାହିତ୍ୟିକ ଡ. ସୁରେଶ ଚନ୍ଦ୍ର ଛୋଟରାୟ ଓ ଶ୍ରୀଜଗନ୍ନାଥ ସାହିତ୍ୟ ପରିଷଦର ସଭାପତି ଶିବସୁନ୍ଦର ପଟ୍ଟନାୟକ ଅଂଶଗ୍ରହଣ କରିଥିଲେ। ଆଲୋଚକମାନେ ମତ ଦେଇଥିଲେ ଯେ, ୧୯୫୨ ଫେବୃୟାରୀ ୨୧ରେ ନିଜ ମାତୃଭାଷା ପାଇଁ ଆନ୍ଦୋଳନ କରି ବାଂଲାଦେଶର ୪ ଜଣ ଛାତ୍ର ଶହୀଦ ହୋଇଥିଲେ। ସେମାନଙ୍କୁ ମନେ ପକାଇ ୟୁନେସ୍କୋ ଦ୍ୱାରା ଦୁଇ ହଜାର ମସିହାରୁ ବିଶ୍ୱ ମାତୃଭାଷା ଦିବସ ପାଳିତ ହେଉଛି। ଦୁଇ ହଜାର ବର୍ଷର ପୁରୁଣା ଭାଷା ଓଡ଼ିଆ ଏହାର ପ୍ରାଚୀନତା ଓ ମୌଳିକତା ପାଇଁ ଶାସ୍ତ୍ରୀୟ ମାନ୍ୟତା ପାଇଛି। ଭାଷାର ସୁରକ୍ଷା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ



ଆଲୋଚନା ଚକ୍ରରେ ଉପସ୍ଥିତ ଅତିଥିମାନେ।

ଗୁରୁତ୍ୱ ଦିଆଯାଉନାହିଁ। ଭାଷା ସୁରକ୍ଷା ସମ୍ମିଳନୀର ପ୍ରତିଷ୍ଠାତା ସଭାପତି ସ୍ୱାଗତ ବୈଷ୍ଣବ ଚରଣ ପରିଡା କହୁଥିଲେ, ଭାଷା ଆୟୋଗ ଗଠନ ନ ହେଲେ ଓଡ଼ିଆ ଭାଷା ସଙ୍କଟରୁ ଉଦ୍ଧାର ପାଇବ ନାହିଁ। ଏବେବି ଅଧସ୍ତନ, ଅଦାଲତରେ ଓଡ଼ିଆରେ ଜବାବ ସୁଆଲ କିମ୍ବା ସରକାରୀ କାର୍ଯ୍ୟାଳୟରେ ଓଡ଼ିଆ ଭାଷା ଚାଲୁନାହିଁ। ଭାଷା ଭିତ୍ତିରେ ଗଠିତ ଓଡ଼ିଶା ରାଜ୍ୟ ଏ କ୍ଷେତ୍ରରେ ସମ୍ପୂର୍ଣ୍ଣ ଉଦାସୀନ ବୋଲି ମତପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପଫୁଲ୍ଲ କୁମାର ସାମନ୍ତରାୟ, ସମରଜିତ ପଟ୍ଟନାୟକ, ଜ୍ଞାନରଞ୍ଜନ ଦାଶ, ଆଶିଷ କୁମାର ରାୟ, ଡ. ବୃନ୍ଦାବନ ପଣ୍ଡା ଓ ବିକ୍ରମ କେଶରୀ ଚମ୍ପତି ଓଡ଼ିଆ ଭାଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। କବି ଗୋବିନ୍ଦ ଚନ୍ଦ୍ର ମହାରଣା, ପ୍ରଫୁଲ୍ଲ କୁମାର ସାମନ୍ତରାୟ ଓ ନୀଳାଦ୍ରିନାଥ ଜଗଦ୍ଦେବଙ୍କ ସଂଯୋଜନାରେ ଖୋର୍ଦ୍ଧା, ବେଗୁନିଆ, ଜଟଣୀ ଓ ଟାଙ୍ଗୀ ବ୍ଲକରୁ ଆସିଥିବା କବୟିତ୍ରୀ ଓ କବି ସ୍ୱରଚିତ କବିତା ପାଠ କରିଥିଲେ। କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ତଥା ପ୍ରତିଷ୍ଠାତା ନାରାୟଣ ଦାସ ସ୍ୱାଗତ ଭାଷଣ, ବିଭୁପ୍ରସାଦ ହରିଚନ୍ଦନ ଅତିଥି ପରିଚୟ, ଜବାହରଲାଲ ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ। ଇତିଶ୍ରୀ ସାହୁ, କୃଷ୍ଣଚନ୍ଦ୍ର ହରିଚନ୍ଦନ ଓ ବିଜୟ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜାଗର ଉପବାସ ପରେ ମହିଳା ମୃତ

**ଝାଁଳା,୨୨।୨ (ଡି.ଏନ.ଏ.)**

ଜଟଣୀ ଥାନା ଅନ୍ତର୍ଗତ ଝାଁଳା ପଞ୍ଚାୟତର ଉତ୍ତର ମୁଣ୍ଡମୁହାଣର ପ୍ରକାଶ ସାହୁଙ୍କ ସ୍ତ୍ରୀ ସନ୍ଧ୍ୟାରାଣୀ (୪୫)ଙ୍କର ଜାଗର ଉପବାସ କରି ଶୁକ୍ରବାର ରାତିରେ ମୃତ୍ୟୁ ଘଟିଛି। ସନ୍ଧ୍ୟାରାଣୀ ଓଷା କରିବା ସହ ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ରାତିରେ ଦୀପ ଜାଳିଥିଲେ। ରାତି ୧୦ଟାରେ ମହାଦୀପ ଉଠିବା ପରେ ତାଙ୍କ ଦେହ ଅସୁସ୍ଥ ଲାଗିବାରୁ ସେ ପ୍ରସାଦ ନ ଖାଇ ଘରକୁ ଫେରିଥିଲେ। ଘରେ ପହଞ୍ଚିବା ପରେ ବାନ୍ତି ହୋଇଥିଲା। ସେ ଚେତାଶୂନ୍ୟ ହୋଇପଡିଥିଲେ। ଘର ଲୋକ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ସନ୍ଧ୍ୟାରାଣୀଙ୍କୁ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ହୃଦ୍‌ଘାତ ଯୋଗୁ ଏହି ମୃତ୍ୟୁ ଘଟିଥିବା ଡାକ୍ତରଙ୍କ ସୂତ୍ରରୁ ପ୍ରକାଶ। ତାଙ୍କର ଦୁଇଟି ପୁଅ ଥିବା ଜଣାପଡିଛି। ଶନିବାର ସକାଳେ ତାଙ୍କ ମୃତଦେହ ଗାଁ ଶ୍ମଶାନରେ ସଂସ୍କାର କରାଯାଇଛି। ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ବିଭିନ୍ନ ଶୈବପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ


ବେଗୁନିଆ ଗ୍ରାମବାସୀଙ୍କ ପକ୍ଷରୁ କଳସ ଶୋଭାଯାତ୍ରା ବାହାରିଛି।

**ଖୋର୍ଦ୍ଧା ଅଫିସ୍ /ବେଗୁନିଆ (ଡି.ଏନ୍.ଏ)୨୨।୨**

ଖୋର୍ଦ୍ଧା ଜିଲାର ବିଭିନ୍ନ ଶୈବପୀଠ ପରିସରରେ ବିଶ୍ୱଶାନ୍ତି ମହାଯଜ୍ଞ ସମ୍ପନ୍ନ ହୋଇଯାଇଛି। ସେଥିପାଇଁ ଯଜ୍ଞାମଣ୍ଡପଗୁଡିକ ନିକଟରେ ପଣ୍ଡିତମାନଙ୍କ ମନ୍ତ୍ର ଉଚ୍ଚାରଣରେ ଆଧାତ୍ମିକ ପରିବେଶ ସୃଷ୍ଟି କରିଥିଲା। ଦିନରେ ପୀଠ ପରିସରକୁ ଯଜ୍ଞ ଆହୁତି ପୂର୍ବକ ନୀତି ସମ୍ପନ୍ନକୁ ଶ୍ରଦ୍ଧାଳୁମାନେ ମନ ଭରି ଉପଭୋଗ କରୁଥିବାବେଳେ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ପାଲା, ଦାସକାଠିଆ, ରାମାୟଣ କଥାବସ୍ତୁରୁ ଆଧାରିତ ନୃତ୍ୟ ନାଟିକାର ଆୟୋଜନ ଗ୍ରାମବାସୀଙ୍କ ପକ୍ଷରୁ କରାଯାଇଛି। ଏହି ମହାଯଜ୍ଞ ସବୁଠି ପର୍ଯ୍ୟାୟନୁକ୍ରମେ ବିଧି ମୁତାବକ ଜଳଯାତ୍ରା, ଅଗ୍ନିସ୍ଥାପନ, ସୂର୍ଯ୍ୟପୂଜା, ଗୋପୂଜା, ରୁଦ୍ରାଭିଷେକ, ପୂର୍ଣ୍ଣାହୁତି ପରେ ଯଜ୍ଞକାର୍ଯ୍ୟ ସମାପ୍ତ ହେବ। ତେବେ ଖୋର୍ଦ୍ଧାର ଗୁଡୁମ୍ବସ୍ଥିତ ବକ୍ରେଶ୍ୱରଦେବ, ବେଗୁନିଆର ବାଲୁଙ୍କେଶ୍ୱରଦେବ ଏବଂ ପୁଇଁଚାର ବାଲୁଙ୍କେଶ୍ୱର ଦେବଙ୍କ ପୀଠ ପରିସରରେ ଶନିବାର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା। ଗ୍ରାମ ନିକଟସ୍ଥ ପୋଖରୀରୁ ମହିଳାପୁରୁଷମାନେ ୧୦୮ କଳସ ଜଳ ଶୋଭାଯାତ୍ରାରେ ଆଣିବା ସହ ଗ୍ରାମ ପରିକ୍ରମାରେ ବାହାରି ପରେ ଯଜ୍ଞସ୍ଥଳରେ ବିଧି ମୁତାବକ ଘଟ ସ୍ଥାପନ କରିଛନ୍ତି।

## ହାତୀ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ ଘଟଣା

# ଶିବମନ୍ଦିରରୁ ଫେରୁଥିଲେ ବିରଞ୍ଚି

**ନିରାକାରପୁର,୨୨।୨(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବନ ବିଭାଗ ଅଧୀନ ଲେଣ୍ଡୋ ପଞ୍ଚାୟତ କୁନିଆଁ ସାମନ୍ତରାୟପୁର ଗ୍ରାମର ବିରଞ୍ଚି ରାଉତ(୪୦)ଙ୍କ ଶୁକ୍ରବାର ହାତୀ ଆକ୍ରମଣରେ ମୃତ୍ୟୁ ଘଟିଥିଲା। ସେ ଶିବରାତ୍ର ଉପଲକ୍ଷେ ନିକଟସ୍ଥ ମନ୍ଦିରକୁ ଠାକୁରଙ୍କ ଦର୍ଶନ ପାଇ ଯାଇଥିଲେ। ସେଠାରୁ ସେ ଡାଳହଣା କେନାଲ ବନ୍ଧ ଦେଇ ଘରକୁ ଫେରୁଥିଲେ। ଏହି ସମୟରେ ସେଠାରେ ଲୁଚି ରହିଥିବା ଏକ ହାତୀ ତାଙ୍କୁ ଆକ୍ରମଣ ଥିଲା। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ମୃତକଙ୍କ ସାନ ଭାଇ ସ୍ଥାନୀୟ ଥାନାରେ ଦେଇଥିବା ଲିଖିତ ଅଭିଯୋଗରୁ ଜଣାପଡିଛି। ବିରଞ୍ଚିଙ୍କୁ ହାତୀ ଆକ୍ରମଣ କରିବା ଖବର ଶୁଣି ପରିବାର ଲୋକ ଓ ଗ୍ରାମବାସୀ ଘଟଣା ସ୍ଥଳରେ ପହଞ୍ଚି ନିରାକାରପୁର ପୋଲିସକୁ ଖବର ଦେଇଥିଲେ। ପୋଲିସ ତାଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲକୁ ପଠାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ଶବ ବ୍ୟବଚ୍ଛେଦ କରାଯିବା ପରେ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ସ୍ଥାନୀୟ ପୋଲିସ ପକ୍ଷରୁ ୧/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ଏ ଏସ୍ ଆଇ ଶରତ ପାଇକରାୟ ସୂଚନା ଦେଇଛନ୍ତି। ପ୍ରଶାସନ ପକ୍ଷରୁ ନିରାକାରପୁର ରାଜସ୍ୱ ନୀରିକ୍ଷକଙ୍କ ଜରିଆରେ ମୃତକଙ୍କ ପରିବାରଙ୍କୁ ୧୦ ହଜାର ଟଙ୍କା ରେଡକ୍ରସ ପକ୍ଷରୁ ପ୍ରଦାନ କରାଯାଇଛି ବୋଲି ସ୍ଥାନୀୟ ଆର ଆଇ ଉପେନ୍ଦ୍ର ସେଠୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ହାତୀ ଉପଦ୍ରବ ଜନସାଧାରଣଙ୍କୁ ଦିନକୁ ଦିନ ଅତିଷ୍ଠ କରୁଥିବା ବେଳେ ଗତ ୨ବର୍ଷ ଭିତରେ ହାତୀ ଆକ୍ରମଣରେ ମୃତ୍ୟୁ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ପ୍ରାୟ ୩ଜଣ ପ୍ରାଣ ହରାଇଲେଣି। ବନବିଭାଗ ସବୁ ଜାଣି ଚେଇଁ ଶୋଇଥିବା ଅଭିଯୋଗ ହେଉଛି। ଏନେଇ ଟାଙ୍ଗୀ ବନ ବିଭାଗ ଅଧିକାରୀ ଅଜୟ କୁମାର ଜଗଦ୍ଦେବ ଙ୍କୁ ପଚାରିବାରେ ସେ କହିଥିଲେ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଦିଆଯିବ। ତେବେ ଲିଗାଲ ହେୟାର ପ୍ରମାଣ ପତ୍ର ମିଳିନି, ପାଇଲେ ଟଙ୍କା ତୁରନ୍ତ ପ୍ରଦାନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ଅଗ୍ନିକାଣ୍ଡ: ୭ ବଖରା ଭସ୍ମୀଭୂତ

**ବୋଲଗଡ଼,୨୨।୨ (ଡି.ଏନ.ଏ.)**

ବୋଲଗଡ଼ ତହସିଲ ବାଙ୍କୋଇ ଆର୍‌ଆଇ ସେକ୍ସନ ଅଧୀନ ଢୋଲପଥର ଗ୍ରାମରେ ଶନିବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ୪ ପରିବାରର ୭ ବଖରା ସହିତ ଘରେ ଥିବା ଆସବାବପତ୍ର ଓ ଖାଦ୍ୟ ଶସ୍ୟ ପୋଡିଯାଇଛି। ଅଗ୍ନି ବିପନ୍ନ ପରିବାର ହେଲେ ବାନାମ୍ବର ମାର୍ଥା, ଚନ୍ଦ୍ରମଣୀ ପ୍ରଧାନ, ଶରତ ମହାରଣା ଓ ଗୋପୀନାଥ ବଳିୟାରସିଂହ। ଅଗ୍ନିକାଣ୍ଡରେ ୨ଟିସାଇକେଲ ଓ ୨୫ ବସ୍ତାରୁ ଉର୍ଦ୍ଧ୍ୱ ଧାନ ପୋଡି ନଷ୍ଟ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡି ନାହିଁ। ଖବର ପାଇ ବୋଲଗଡ଼ ଦମକଳ କେନ୍ଦ୍ର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।



ନିଆଁ ଲାଗି ପୋଡି ଯାଇଥିବା ଘର।

# ନବନିର୍ମାଣ କୃଷକ ସଙ୍ଗଠନର ସମାବେଶ

**ଖୋର୍ଦ୍ଧା ଅଫିସ,୨୨।୨**

ଖୋର୍ଦ୍ଧା ନିକଟସ୍ଥ ପୁରୁସାହି ବଜାରରେ ଥିବା ଦୁର୍ଗାମଣ୍ଡପ ପରିସରରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଶନିବାର ଚାଷୀ ସମାବେଶ ଆୟୋଜନ ହୋଇଥିଲା। କୃଷକମାନଙ୍କର ନେତୃତ୍ୱ ନେଉଥିବା ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଅତିଥି ଭାବେ ଯୋଗ ଦେଇଥିଲେ। ଚାଷୀକୁଳକୁ ସରକାର ସର୍ବଦା ଅଣଦେଖା କରି ଆସୁଛନ୍ତି। ଧାନର ଉଚିତ୍ ମୂଲ୍ୟ ଦେଉ ନ ଥିବାବେଳେ ଚାଷୀଙ୍କୁ ମାସିକ ପେନ୍‌ସନ ଉଭୟ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉ। ଏପରି କି ବିଭିନ୍ନ ସରକରୀ ଦପ୍ତରକୁ କୌଣସି କାର୍ଯ୍ୟ ନେଇ ଅଞ୍ଚଳର ଚାଷୀମାନେ ଗଲାବେଳେ ସେମାନଙ୍କୁ ଅଫିସରଙ୍କ ପକ୍ଷରୁ ଅସମ୍ମାନିତ କରାଯାଉଛି। ତେବେ ଏହାକୁ ତୀବ୍ର ବିରୋଧକରି ନ୍ୟାୟ ଦାବିରେ ଏକ ୧୦୦ ଦିନିଆ ପଦଯାତ୍ରା ଗାଁକୁ ଗାଁ ବୁଲୁଛି। ଏହି ଶୋଭାଯାତ୍ରାକୁ ସ୍ୱାଗତ ଏବଂ ସମ୍ବର୍ଦ୍ଧନା ଆୟୋଜିତ ସମାବେଶରେ କରାଯାଇଥିଲା। ଅନ୍ତର୍ଯ୍ୟାମୀ ବେହେରା ଓ ଆଶିଷ ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଅଞ୍ଚଳର ବହୁ ଚାଷୀ ସମାବେଶରେ ଉପସ୍ଥିତ ଥିଲେ।



ନବନିର୍ମାଣ କୃଷକ ସଙ୍ଗଠନର କର୍ମକର୍ତ୍ତାଙ୍କ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

# ସମୟ କଟକଣାରେ ହେଉ ପରିବର୍ତ୍ତନ

## ଜଟଣୀରେ ଶୃଙ୍ଖଳିତ ଭାବେ ଚାଲିଛି ମାଟ୍ରିକ ପରୀକ୍ଷା
## ପରୀକ୍ଷାର୍ଥୀ, ଅଭିଭାବକଙ୍କ ଦାବି

**ଜଟଣୀ,୨୨।୨ (ଡି.ଏନ.ଏ.)**

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ମାଟ୍ରିକ୍ ପରୀକ୍ଷା ଚଳିତ ମାସ ୧୯ ତାରିଖରୁ ଆରମ୍ଭ ହୋଇଛି। ପ୍ରଥମ ଦିନ ମାତୃଭାଷା ଥିବା ବେଳେ ଶନିବାର ଇଂରାଜି ବିଷୟରେ ପରୀକ୍ଷା ବିଭିନ୍ନ କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା। ଜଟଣୀ ବ୍ଲକ ଅଧୀନରେ ସମସ୍ତ କେନ୍ଦ୍ରରେ ଶୃଙ୍ଖଳିତ ଭାବେ ଦୁଇଟି ବିଷୟର ପରୀକ୍ଷା ଶେଷ ହୋଇଛି। ଏହି ପରିପ୍ରେକ୍ଷୀରେ ଜଟଣୀ ବ୍ଲକରେ ୯ଟି ସେଣ୍ଟର ହୋଇଛି। ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ପରୀକ୍ଷା ଚାଲିଛି। ରହିଥିବା ଅଢ଼େଇ ଘଣ୍ଟା ମଧ୍ୟରୁ ଅବଜେକଟିଭ ପାଇଁ ଏକ ଘଣ୍ଟା ଓ ସବଜେକଟିଭ୍ ପାଇଁ ଦେଢଘଣ୍ଟା ସମୟ ରଖାଯାଇଛି। ଉଭୟ ଅବ୍‌ଜେକଟିଭ୍ ଓ ସବ୍‌ଜେକଟିଭ୍ ପ୍ରଶ୍ନପତ୍ର ଏକ ସଙ୍ଗେ ଦିଆଯାଉଥିଲେ ମଧ୍ୟ ନିର୍ଦ୍ଧାରିତ ଥିବା ସମୟ ପୂର୍ବରୁ ଏହା ଖୋଲିବା ଉପରେ ବୋର୍ଡ ପକ୍ଷରୁ କଟକଣା ରଖାଯାଇଛି। ନିର୍ଦ୍ଧାରିତ ସମୟ ପୂର୍ବରୁ ଅବ୍‌ଜେକଟିଭ୍ ପ୍ରଶ୍ନର ଉତ୍ତର ସାରି ଏକ ଘଣ୍ଟା ହୋଇ ନ ଥିଲେ ସବ୍‌ଜେକଟିଭ୍ ପ୍ୟାକେଟ୍ ଖୋଲିବା ଉପରେ ରହିଥିବା କଟକଣାରେ ପରିବର୍ତ୍ତନ ଆଣିବାକୁ କେତେଜଣ ପରୀକ୍ଷାର୍ଥୀ ଓ ଅଭିଭାବକ ମତ ରଖିଛନ୍ତି। ଏ ସମ୍ପର୍କରେ ଜଣେ ଶିକ୍ଷା ବିଭାଗ ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ, ପିଲାଙ୍କ ଅବ୍‌ଜେକଟିଭ ପ୍ରଶ୍ନର ଉତ୍ତର ଦେବା ପରେ ଯେଉଁ ସମୟ ବଳିବ ସେହି ସମୟରେ ତାହାକୁ ଚେକ୍ କରିବାକୁ ଦିଆଯାଇଛି। ଏହା ବୋର୍ଡର ନିଷ୍ପତ୍ତି,ତେଣୁ ଏଥିରେ କିଛି କରିହେବ ନାହିଁ। ବରଂ ଏହାକୁ ମାନିନେବା ଦରକାର।

### ଏମାନେ ଯାହା କୁହନ୍ତି...

" ଅଭିଭାବକ ଭାବେ ଏ ନେଇ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ ଓ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଛି। ରହିଥିବା ଏପରି ନିୟମରେ ପରିବର୍ତ୍ତନ କରି ଅବ୍‌ଜେକଟିଭ୍ ପରୀକ୍ଷା ସରିବା ପରେ ସବ୍‌ଜେକଟିଭ୍ ପ୍ରଶ୍ନପତ୍ର ପ୍ୟାକେଟ ଖୋଲିବାକୁ ଅନୁମତି ଦେବା ପାଇଁ ଏଥିରେ ଅନୁରୋଧ କରାଯାଇଛି।

**– ସୁବାସ ସାହୁ, ଅଭିଭାବକ, ଜଟଣୀ**

" ଅଧଘଣ୍ଟା ମଧ୍ୟରେ ଅବ୍‌ଜେକଟିଭ ପ୍ରଶ୍ନର ଉତ୍ତର କରି କେତେଜଣ ପରୀକ୍ଷାର୍ଥୀଙ୍କୁ ନିର୍ଦ୍ଧାରିତ ୧ ଘଣ୍ଟା ସମୟ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଛି। ଏକ ଘଣ୍ଟା ହେବା ପରେ ସବ୍‌ଜେକଟିଭ୍ ପ୍ରଶ୍ନପତ୍ର ପ୍ୟାକେଟ ଖୋଲିବାକୁ ଅନୁମତି ମିଳୁଛି। ଫଳରେ କେହି ପରୀକ୍ଷାର୍ଥୀ ଅଧଘଣ୍ଟା ଥାଇ କେହି ୨୦ ମିନିଟ୍ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଛି। ଫଳରେ ସମୟ ଅପଚୟ ହେଉଛି। ଏହି ନିୟମରେ ପରିବର୍ତ୍ତନ ହେବା ଆବଶ୍ୟକ।

**– ଦୁଃଶାସନ ସାହୁ, ଅଭିଭାବକ, ଜଟଣୀ**



ଅନ୍ୟର ଆନୁଗତ୍ୟରେ ରହିଥିବା ଦେଶ ବା ଜାତି କେବେ ବି ଆଗେଇ ପାରିବ ନାହିଁ।
- ନେତାଜୀ ସୁଭାଷ ବୋଷ



## ଏ ସପ୍ତାହର କାର୍ଯ୍ୟକ୍ରମ

**ରବିବାର(୨୩।୨।୨୦୨୦)**

**ଭୁବନେଶ୍ୱର**

- ୟୁଥ୍ ଫର ଭଲ୍ୟୁଣ୍ଟାରୀ ୱାର୍କ ପକ୍ଷରୁ କ୍ରିକେଟ ମ୍ୟାଚ, ପ୍ରଗତି ସ୍ପୋର୍ଟିଂ, ୟୁନିଟ-୬, ସକାଳ ୯ଟା।
- ବିଜେବି କଲେଜର ଆଇଏମ୍‌ବିଏ ବିଭାଗ ପକ୍ଷରୁ ଦିନିକିଆ ଜାତୀୟ ସେମିନାର, ହଲ ନଂ ୧୦୮, ନ୍ୟୁ ଆର୍ଟସ୍ ବ୍ଲକ ବିଲ୍ଡିଂ, ପୂର୍ବାହ୍ନ ୧୦ଟା।
- ରିଜିଓନାଲ ଇନଷ୍ଟିଚ୍ୟୁଟ ଅଫ ଏଜୁକେଶନ ପକ୍ଷରୁ ଅନ୍ତର୍ଜାତୀୟ ସମ୍ମିଳନୀ, ନୂତନ ଅଡିଟୋରିୟମ, କ୍ୟାମ୍ପସ ପରିସର, ସଚିବାଳୟ ମାର୍ଗ, ପୂର୍ବାହ୍ନ ୧୦ଟା।
- ସାପ୍ତାହିକ ଖବରକାଗଜ ପ୍ରବାହର ତ୍ରୟୋଦଶ ସ୍ୱନକ୍ଷତ୍ର ଉତ୍ସବ, ସୂଚନା ଭବନ, ପୂର୍ବାହ୍ନ ୧୦ଟା ୩୦।
- ଅଭିଲେଖ ସପ୍ତାହ ପାଳନ ଉତ୍ସବ, ଓଡ଼ିଶା ରାଜ୍ୟ ଅଭିଲେଖାଗାର, ମଧ୍ୟାହ୍ନ ୧୨ଟା।
- କିଡସ୍ ଡ୍ରିମ ପ୍ଲେ ସ୍କୁଲର ଦ୍ୱିତୀୟ ବାର୍ଷିକ ଉତ୍ସବ, ଗୋପୀନାଥ ଦେବ ହାଇସ୍କୁଲ, ଜିଜିପି କଲୋନୀ, ଅପରାହ୍ନ ୫ଟା।
- ରାଜ୍ୟସ୍ତରୀୟ ହିନ୍ଦୁସ୍ଥାନୀ ସଙ୍ଗୀତ ସମାରୋହ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଶ୍ୱେତ ସଂକେତ ସାରସ୍ୱତ ମଞ୍ଚର ମାସିକ ସାହିତ୍ୟ ଆସର ଓ କବିତା ପାଠୋତ୍ସବ, ରାଜଧାନୀ କଳା ସଂସଦ, ସନ୍ଧ୍ୟା ୬ଟା।
- କଳିଙ୍ଗ ଭାରତୀ ଓ ଉତ୍କଳ ଛାତ୍ର ସାହିତ୍ୟ ସମାଜ ପକ୍ଷରୁ ପୁସ୍ତକ ଉନ୍ମୋଚନ, ବୁଦ୍ଧ ମନ୍ଦିର, ୟୁନିଟ-୯, ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ସମର୍ପଣ-୨୦୨୦, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ବଚପନ ପ୍ଲେ ସ୍କୁଲର ଉଦ୍‌ଘାଟନ ସମାରୋହ, ଶହୀଦ ନଗର, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**

- ଅଷ୍ଟ୍ରପହର ନାମଯଜ୍ଞର ନଗରକୀର୍ତ୍ତନ ମହୋତ୍ସବ, ନଖରାସ୍ଥିତ ଶ୍ରୀଲକ୍ଷେଶ୍ୱର ମହାଦେବ ପୀଠ, ସକାଳ ୮ଟା।
- ବାଦିପାଲା ପରିବେଷଣ, ଶାଳେଶ୍ୱର, ରାତି ୭ଟା।

**ସୋମବାର(୨୪।୨।୨୦୨୦)**

**ଭୁବନେଶ୍ୱର**

- ଇନଷ୍ଟିଚ୍ୟୁଟ ଅଫ୍ ଲାଇଫ୍ ସାଇନ୍ସ ପକ୍ଷରୁ ନ୍ୟାଶନାଲ କନକ୍ଲେଭ, ଆଇଏଲ୍ଏସ୍ ଅଡିଟୋରୟିମ, ନାଲ୍କୋ ଛକ, ସକାଳ ୯ଟା ୩୦।
- ଅଭିଲେଖ ସପ୍ତାହ ପାଳନ ଉତ୍ସବ, ଓଡ଼ିଶା ରାଜ୍ୟ ଅଭିଲେଖାଗାର, ମଧ୍ୟାହ୍ନ ୧୨ଟା।।

**ବାଲିଅନ୍ତା**

- ବାଦିପାଲା ପରିବେଷଣ, ଶାଳେଶ୍ୱର, ରାତି ୭ଟା।

**ମଙ୍ଗଳବାର(୨୫।୨।୨୦୨୦)**

**ଭୁବନେଶ୍ୱର**

- ଇନଷ୍ଟିଚ୍ୟୁଟ ଅଫ୍ ଲାଇଫ୍ ସାଇନ୍ସ ପକ୍ଷରୁ ନ୍ୟାଶନାଲ କନକ୍ଲେଭ, ଆଇଏଲ୍ଏସ୍ ଅଡିଟୋରୟିମ, ନାଲ୍କୋ ଛକ, ପୂର୍ବାହ୍ନ ୧୦ଟା।

**ବାଲିଅନ୍ତା**

- ବାଦିପାଲା ପରିବେଷଣ, ଶାଳେଶ୍ୱର, ରାତି ୭ଟା।

**ଶୁକ୍ରବାର(୨୮।୨।୨୦୨୦)**

**ଭୁବନେଶ୍ୱର**

- ଭାରତୀୟ ସର୍ବେକ୍ଷଣ ବିଭାଗ ପକ୍ଷରୁ ଜାତୀୟ ବିଜ୍ଞାନ ଦିବସ, ସର୍ବେକ୍ଷଣ ଭବନ, ଜାଭିୟର ଛକ, ଚନ୍ଦ୍ରଶେଖରପୁର, ପୂର୍ବାହ୍ନ ୧୦ଟା ୩୦।

**ଶନିବାର(୨୯।୨।୨୦୨୦)**

**ଭୁବନେଶ୍ୱର**

- ୟୁରୋ କିଡ୍‌ସ ପ୍ରି ସ୍କୁଲର ବାର୍ଷିକ ଉତ୍ସବ, ସୂଚନା ଭବନ, ପୂର୍ବାହ୍ନ ୧୦ଟା ୩୦।

## ଗାଡ଼ି ଧକ୍କାରେ ଯୁବକ ମୃତ

**ନିମାପଡ଼ା,୨୨।୨(ଡି.ଏନ୍.ଏ.):** ନିମାପଡ଼ା-ଚାରିଛକ ରାସ୍ତାର ସାଇଲୋ-ଆମ୍ବୋର ଛକ ନିକଟ ଏକ ଇଟା ଫାକ୍ଟ୍ରି ନିକଟରେ ଶନିବାର ଭୋରରେ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ତେବେ ମୃତ ଯୁବକଙ୍କ ପରିଚୟ ମିଳିପାରି ନାହିଁ। ଖବରପାଇ ଚାରିଛକ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଚାରିଛକ ଡାକ୍ତରଖାନାକୁ ପଠାଇଛି। ମୃତ ଯୁବକଙ୍କ ବୟସ ଆନୁମାନିକ ୨୮ବର୍ଷ ହେବାଇଥିବା ବେଳେ ଚିହ୍ନଟ ପାଇଁ ବ୍ୟବଚ୍ଛେଦ କେନ୍ଦ୍ରରେ ୭୨ଘଣ୍ଟା ରଖାଯିବ ବୋଲି ପୋଲିସ କହିଛି। ଏ ସମ୍ପର୍କରେ ଗ୍ରାମରକ୍ଷୀ କନ୍ତିଲୋ ଗ୍ରାମର ଟୁକୁନା ମଲ୍ଲିକଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୪୬/୨୦)ରୁଜୁ କରିଛି। ଇଟା ଫାକ୍ଟ୍ରିରେ ଲାଗିଥିବା ସିସିକ୍ୟାମେରା ଫୁଟେଜକୁ ଆଧାରକରି ପୋଲିସ ତଦନ୍ତ ଚଳାଇଛି।

## ୮୦ କୁକୁଡ଼ାଙ୍କୁ ମାରିଦେଲେ ଦୁର୍ବୃତ୍ତ

**ନିମାପଡ଼ା,୨୨।୨(ଡି.ଏନ୍.ଏ.):** ନିମାପଡ଼ା ଥାନା ଅନ୍ତର୍ଗତ ଓହ୍ଲ ଗ୍ରାମର ଅଜୟ କୁମାର ସାହୁଙ୍କ କୁକୁଡା ଫାର୍ମରେ ପଶି କେହି ଦୁର୍ବୃତ୍ତ ପ୍ରାୟ ୮୦ କୁକୁଡାଙ୍କୁ ମାରିଦେଇଥିବା ଶନିବାର ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଫାର୍ମ ମାଲିକ ଅଜୟ ଓ ତାଙ୍କ ପରିବାରବର୍ଗ ଶୁକ୍ରବାର ରାତିରେ ଶୋଇଥିବା ବେଳେ ଘର ନିକଟରେ ଥିବା କୁକୁଡା ଫାର୍ମର ତାଲା ଭାଙ୍ଗି କେହି ଦୁର୍ବୃତ୍ତ ପଶି ପ୍ରାୟ ୮୦କୁକୁଡ଼ାଙ୍କ ବେକ କାଟି ମାରିଦେଇଥିଲେ। ମରିଯାଇଥିବା କୁକୁଡ଼ାଙ୍କ ଆନୁମାନିକ ମୂଲ୍ୟ ୨୫ହଜାର ଟଙ୍କା ହେବ ବୋଲି ଅଜୟ କହିଛନ୍ତି। ଜଣେ ଦୁର୍ବୃତ୍ତ ଫାର୍ମରେ ଚପଲ ଛାଡିଯାଇଥିବା ଜଣାପଡିଛି। ପୂର୍ବ ଶତ୍ରୁତା କିମ୍ବା କୌଣସି ବ୍ୟକ୍ତି କ୍ରୋଧାନ୍ୱିତ ହୋଇ ଏଭଳି କାଣ୍ଡ ଘଟାଇଥିବା ପୋଲିସ ସନ୍ଦେହ କରୁଛି।

## ରାଜଧାନୀରେ ଆଉ ଏକ ଲଜ୍ଜା

## ଦୁଇ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର

**ଭୁବନେଶ୍ୱର,୨୧।୨(ବ୍ୟୁରୋ):** ରାଜଧାନୀରେ ଆଉଏକ ଲଜ୍ଜା। ପୁଣି ବଳାତ୍କାରର ଶିକାର ହୋଇଛନ୍ତି ଜଣେ ୨ବର୍ଷର ଶିଶୁକନ୍ୟା। ଖଣ୍ଡଗିରି ଅଞ୍ଚଳରେ ଘଟିଥିବା ଏହି ସ୍ପର୍ଶକାତର ଘଟଣାକୁ ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ କେସ୍ ନଂ.୧୩୧/୨୦, ଦଫା ୩୭୬ ଓ ପୋକ୍‌ସୋ ଆକ୍ଟ-୬ ଲଗାଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଗଞ୍ଜାମ ଜିଲା ଛତ୍ରପୁର ଅଞ୍ଚଳର ରମେଶ ଦାଶ(୪୦)। ଅଭିଯୋଗ ଅନୁଯାୟୀ, ଶିଶୁ କନ୍ୟା ଜଣକ ଖଣ୍ଡଗିରି ଥାନା ଅଞ୍ଚଳରେ ପରିବାର ସହ ରୁହନ୍ତି। ଅଭିଯୁକ୍ତ ରମେଶ ମଧ ସେହି ଅଞ୍ଚଳରେ ବିବାହ କରି ସ୍ତ୍ରୀଙ୍କ ସହ ରହୁଛନ୍ତି। ସବୁଦିନ ପରି ଗତ ୨୦ ତାରିଖ ଦିନ ପ୍ରାୟ ୧୨ଟାରେ ଶିଶୁ କନ୍ୟାଟି ଘର ଆଗରେ ଖେଳୁଥିଲେ। ଅଭିଯୁକ୍ତ ରମେଶ ତାଙ୍କୁ ଚକୋଲେଟ ଦେବା ବାହାନାରେ ଘର ନିକଟ ଏକ ନିଛାଟିଆ ସ୍ଥାନକୁ ଡାକିନେଇ ବଳାତ୍କାର କରିଥିଲେ। ଶିଶୁଟି ଚିତ୍କାର କରିବାରୁ ଅଭିଯୁକ୍ତ ରମେଶ ଧରାପଡିଯିବା ଭୟରେ ତାଙ୍କୁ ଛାଡି ପଳାଇଥିଲେ। ପରିବାର ଲୋକେ ଶିଶୁକନ୍ୟାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଅନ୍ୟପକ୍ଷରେ ଅଭିଯୁକ୍ତ ରମେଶଙ୍କୁ ଡାକ୍ତରୀ ମାଇନା ପରେ କୋର୍ଟ ଚାଲାଣ କରାଯାଇଥିବା ଥାନା ସୂତ୍ରରୁ ସୂଚନା ମିଳିଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ୨ଲକ୍ଷ ଟଙ୍କାର ଜାଲ୍ ଇ-ରେଳ ଟିକେଟ ଜବତ



**ଖଡ଼ଗପୁରରୁ ଗିରଫ ହେଲେ ଦଲାଲ**

### କିଭଳି ଧରାପଡ଼ିଲେ

ଭୁବନେଶ୍ୱରର ଜଣେ ଯାତ୍ରୀ ଅନ୍‌ଲାଇନରେ ପୀୟୂଷଙ୍କଠାରୁ ଟିକେଟ କିଣି ନିଜର ଗନ୍ତବ୍ୟ ସ୍ଥଳକୁ ଯାଉଥିଲେ। ଭୁବନେଶ୍ୱର ଷ୍ଟେଶନରେ ଜଣେ ଆର୍‌ପିଏଫ୍ କର୍ମଚାରୀ ଏହି ଟିକେଟ ଦେଖିବା ପରେ ତାଙ୍କ ଆଇଡିରୁ ତାହା କରାଯାଇ ନ ଥିବା ଜାଣିବା ପରେ ସନ୍ଦେହ ହୋଇଥିଲା। ଉକ୍ତ ବ୍ୟକ୍ତିଙ୍କୁ ପଚରାଉଚରା କରିବା ପରେ ଦଲାଲଙ୍କ ନାମ ପଦାକୁ ଆସିଥିଲା। ଆର୍‌ପିଏଫ ପୋଲିସ ଖଡ଼ଗପୁରରେ ଚଢାଉ କରି ପୀୟୂଷଙ୍କୁ ଗିରଫ କରିଥିଲେ।

### ଘରେ ବସି କରୁଥିଲେ ଇ-ଟିକେଟ

ପୀୟୂଷ ଘରେ ବସି ବିଭିନ୍ନ ଲୋକଙ୍କ ନାଁରେ ଜାଲ୍ ଆଇଡି ପ୍ରସ୍ତୁତ କରି ତତ୍କାଳ ଓ ସଂରକ୍ଷଣ ରେଳ ଟିକେଟ ବୁକ୍ କରୁଥିଲେ। ଉକ୍ତ ଟିକେଟକୁ ସେ ଅଧିକ ଦାମ୍‌ରେ ଅନ୍‌ଲାଇନରେ ଲୋକଙ୍କୁ ବିକ୍ରି କରୁଥିଲେ। ଲୋକେ ଜରୁରୀ ସମୟରେ ଏପରି ଦଲାଲଙ୍କ ସହାୟତା ନେଇ ଟିକେଟ କିଣି ଯାତ୍ରା କରୁଥିଲେ। ଏହା ବେଆଇନ ହୋଇଥିବାରୁ ରେଲ୍‌ୱେ କର୍ତ୍ତୃପକ୍ଷ ଗୁରୁତ୍ୱର ସହ ନେଇ ପଦକ୍ଷେପ ନେବାକୁ ଆର୍‌ପିଏଫ୍‌କୁ ନିର୍ଦ୍ଦେଶ ଦେଇଥିଲେ।

**ଭୁବନେଶ୍ୱର,୨୨।୨(ବ୍ୟୁରେ)**

ରାଜଧାନୀରେ ଇ-ରେଳ ଟିକେଟ ଜାଲିଆତି ର୍‍ୟାକେଟ। ଇତିମଧ୍ୟରେ ରେଳ ସୁରକ୍ଷା ବଳ (ଆର୍‌ପିଏଫ୍) ବିଭିନ୍ନ ସମୟରେ ଚଢ଼ାଉ କରି ବହୁ ଦଲାଲଙ୍କୁ ଗିରଫ କରିବା ସହ ତଦନ୍ତ ଚଳାଇଥିବାବେଳେ ଦେଶର ବିଭିନ୍ନ ସହରରେ ଏପରି ର୍‍ୟାକେଟ ଚାଲିଥିବା ଜାଣିବାକୁ ପାଇଛି। ନିକଟରେ ଧରାପଡିଥିବା ଦଲାଲଙ୍କଠାରୁ ଆର୍‌ପିଏଫ୍ ବିକ୍ରି ହୋଇସାରିଥିବା ବିପୁଳ ଜାଲ୍ ଇ-ରେଳ ଟିକେଟ ଜବତ କରିଥିଲା। ସେଥିମଧ୍ୟରୁ କେତେକ ଟିକେଟରେ ଯାତ୍ରା ହୋଇଥିବାବେଳେ ଆଉ କେତେକ ବାକି ଥିଲା। ଏହାକୁ ଧରି ଆର୍‌ପିଏଫ୍ ତା'ର ତଦନ୍ତକୁ ଆଗକୁ ବଢ଼ାଇଥିବାବେଳେ ଶନିବାର ପଶ୍ଚିମବଙ୍ଗର ଖଡ଼ଗପୁରରୁ ଆଉଜଣେ ଦଲାଲଙ୍କୁ ଗିରଫ କରିଛି। ସେ ହେଲେ ପୀୟୂଷ ରାଣା। ତାଙ୍କ ନିକଟରୁ ୨ଲକ୍ଷ ଟଙ୍କାର ଇ- ରେଳ ଟିକେଟକୁ ଜବତ କରାଯାଇ ଅଧିକ ତଦନ୍ତ ଜାରି ରହିଥିବା ଆର୍‌ପିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି।

## ମାନବିକତା ଦେଖାଇଲେ ଆର୍‌ପିଏଫ୍ କନଷ୍ଟେବଲ

**ଭୁବନେଶ୍ୱର,୨୨।୨(ବ୍ୟୁରୋ)**

- କଲୋନେଲଙ୍କ ସ୍ତ୍ରୀଙ୍କୁ ଫେରାଇଲେ ୨୦ ହଜାର ଟଙ୍କା, ସୁନା ଗହଣା
- କୋଣାର୍କ ଏକ୍ସପ୍ରେସ୍‌ରେ ଛାଡ଼ି ଯାଇଥିଲେ

ଟ୍ରେନ୍‌ରୁ ବିପୁଳ ଟଙ୍କା ଓ ସୁନା ଗହଣା ପାଇଥିଲେ ମଧ୍ୟ ଲୋଭ ତାଙ୍କୁ କରାୟତ୍ତ କରିପାରି ନ ଥିଲା। ମାନବିକତା ଆଗରେ ଲୋଭ ହାର୍ ମାନିଥିଲା। ତାହାକୁ ଫେରାଇ ସଚ୍ଚୋଟତା ଦେଖାଇଛନ୍ତି ଭୁବନେଶ୍ୱରର ଆର୍‌ପିଏଫ୍ କନ୍‌ଷ୍ଟେବଲ ବୁଲୁ ମୁଦୁଲି। ସେ ଶନିବାର ଅପରାହ୍ନରେ କୋଣାର୍କ ଏକ୍ସପ୍ରେସ୍‌ରେ ଡ୍ୟୁଟି କରୁଥିଲେ। ଏହି ସମୟରେ ଟ୍ରେନ୍‌ର ଏକ ସିଟ୍ ଉପରେ ପର୍ସ ପଡ଼ିଥିବା ଦେଖିବାକୁ ପାଇଥିଲେ। କିଛି ସମୟ ଜଗି ରହିବା ପରେ କେହି ନ ନେବାରୁ ସେ ତାହାକୁ ଖୋଲିଥିଲେ। ସେଥିରେ ୨୦ହଜାର ଟଙ୍କା ଓ ସୁନା ଗହଣା ଥିଲା। ଏହାସହ ସେଥିରେ ମଧ୍ୟ କିଛି କାଗଜପତ୍ର ରହିଥିଲା। କନ୍‌ଷ୍ଟେବଲ ବୁଲୁ ଟ୍ରେନରେ ବସିଥିବା ଯାତ୍ରୀଙ୍କୁ ପଚାରିଥିଲେ ମଧ୍ୟ ପର୍ସ କାହାର ଜଣାପଡି ନ ଥିଲା। କେହି ଯାତ୍ରୀ ଛାଡ଼ିଯାଇଥିବା ଭାବି ଉକ୍ତ ପର୍ସଟିକୁ ତାଙ୍କର ଉଚ୍ଚ ଅଧିକାରୀଙ୍କୁ ଦେଇଥିଲେ। ଅଧିକାରୀମାନେ କାଗଜପତ୍ର ଯାଞ୍ଚ ପରେ ପର୍ସଟି ଜଣେ କଲୋନେଲଙ୍କ ସ୍ତ୍ରୀଙ୍କର ବୋଲି ଜଣାପଡିଥିଲା। ଏହାପରେ ତାଙ୍କ ସହ ଯୋଗାଯୋଗ କରାଯାଇ ପର୍ସ ସହ ସେଥିରେ ଥିବା ଟଙ୍କା, ସୁନାଗହଣା ଓ କାଗଜପତ୍ର ଫେରାଇ ଦିଆଯାଇଥିଲା। ସୂଚନାଯୋଗ୍ୟ, ମହିଳା ଜଣକ ଭୁବନେଶ୍ୱରରୁ ଅପରାହ୍ନ ପ୍ରାୟ ୩ଟା ୩୦ରେ କୋଣାର୍କ ଏକ୍ସପ୍ରେସ୍‌ରେ ବ୍ରହ୍ମପୁର ଯାଇଥିଲେ। ସେଠାରେ ଓହ୍ଲାଇବାବେଳେ ଅଜାଣତରେ ବସିଥିବା ସିଟ୍ ଉପରେ ପର୍ସ ଛାଡ଼ି ଚାଲିଯାଇଥିଲେ। ତେବେ କନ୍‌ଷ୍ଟେବଲ ବୁଲୁଙ୍କର ଏଭଳି କାର୍ଯ୍ୟ ପାଇଁ ତାଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଉଛି।



ପୁରୀଠାରେ ବ୍ଲୁ ଫ୍ଲାଗ୍ ବିଚ୍ ଲାଗି ତିଆରି ହୋଇଥିବା ବ୍ୟାରିକେଡ ସମୁଦ୍ର ଢେଉ ମାଡ଼ରେ ଭାଙ୍ଗିଯାଇଛି।

## ରୁଚି ଓଡ଼ିଆ ଫିଲ୍ମ ଫେୟାର ସମ୍ମାନ ସମାରୋହ ୫ରେ

**ଭୁବନେଶ୍ୱର, ୨୨।୨(ବ୍ୟୁରୋ)**

ହ୍ୱାଇଟ୍ କାନ୍‌ଭାସ୍ ଆନୁକୂଲ୍ୟରେ ଓଫା ଫାଉଣ୍ଡେଶନ ସହଯୋଗରେ ୧୦ମ ରୁଚି ଓଡ଼ିଆ ଫିଲ୍ମ ଫେୟାର ଆୱାର୍ଡସ ମାର୍ଚ୍ଚ ୧୫ରେ ଭୁବନେଶ୍ୱର ଜନତା ମଇଦାନଠାରେ ଅନୁଷ୍ଠିତ ହେବ। ୨୦୧୦ରୁ ହୋଇଆସୁଥିବା ଏହି ସମ୍ମାନଜନକ ଚଳଚ୍ଚିତ୍ର ପୁରସ୍କାର ଉତ୍ସବକୁ ଚଳିତବର୍ଷ ସ୍ୱତନ୍ତ୍ର ଭାବେ ଆୟୋଜନ କରାଯିବ। ଏଥିରେ ୨୫ଟି ବିଭାଗରେ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଜଣେ ବର୍ଷୀୟାନ କଳାକାରଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯିବ। ଏତଦ୍ ବ୍ୟତୀତ ଚଳଚ୍ଚିତ୍ର ସହ ସଂଶ୍ଳିଷ୍ଟ ସ୍ୱଚ୍ଛୟ, ମେକଅପ୍ ମ୍ୟାନ୍‌ଙ୍କୁ ମଧ୍ୟ ପୁରସ୍କୃତ କରାଯିବ। ବିଗତବର୍ଷଗୁଡ଼ିକରେ ଏହି ସମାରୋହରେ ବଲିଉଡ଼ ଅଭିନେତ୍ରୀ ରବିନା ଟଣ୍ଡନ, ଉର୍ମିଳା ମାଟୋଣ୍ଡକର, ଅଭିନେତା ରାଜ୍‌ପାଲ ଯାଦବ, ଜନିଲିଭର ପ୍ରମୁଖ ଯୋଗଦେଇଥିବାବେଳେ ଚଳିତ ବର୍ଷ ମଧ୍ୟ ଜଣେ ବଲିଉଡ଼ କଳାକାର ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଓଲିଓଡ଼ର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ ବୋଲି ଓଫା ଅଧ୍ୟକ୍ଷ ଉଲ୍ଲାସ ଚନ୍ଦ୍ର ବେହୁରା ଓ ଉପାଧ୍ୟକ୍ଷ ସ୍ମୃତି ଶିକ୍ତ ସାମନ୍ତରାୟ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି।

# 'ଓଡ଼ିଆଙ୍କ ମଧ୍ୟରେ ସ୍ୱାଭିମାନ କ୍ଷୁଣ୍ଣ ଶୁଭ ସୂଚନା ନୁହେଁ'

**ଭୁବନେଶ୍ୱର, ୨୨।୨(ବ୍ୟୁରୋ)**




ସମାରୋହରେ ମଞ୍ଚାସୀନ ଅତିଥିମାନେ।

### ବୈଷ୍ଣବ ପରିଡ଼ାଙ୍କ ୭୯ତମ ଜୟନ୍ତୀ ସମାରୋହ

ମାତୃଭାଷା ଗୋଟିଏ ଜାତିର ପରିଚୟ। ଏହା ନିଜ ଭିତରେ ସ୍ୱାଭିମାନ ସୃଷ୍ଟି କରିବା ସହ ସମାଜକୁ ସମୃଦ୍ଧ କରିଥାଏ। ତେଣୁ ମାତୃଭାଷାର ସୁରକ୍ଷା ଓ ବ୍ୟବହାର ପ୍ରତି ସମସ୍ତେ ସଚେତନ ହେବା ଉଚିତ। କିନ୍ତୁ ଦୁର୍ଭାଗ୍ୟର କଥା ଓଡ଼ିଆ ଭାଷା କ୍ରମଶଃ ଅସୁରକ୍ଷିତ ହେବା ସହ ଏହାର ବ୍ୟବହାର କମିକମି ଯାଉଛି। ଫଳରେ ଓଡ଼ିଆଙ୍କ ମଧ୍ୟରେ ସ୍ୱାଭିମାନ କ୍ଷୁଣ୍ଣ ହୋଇଚାଲିଛି। ଏହା ଆଦୌ ଶୁଭ ସୂଚନା ନୁହେଁ। କିନ୍ତୁ ପୂର୍ବତନ ରାଜ୍ୟ ସଭା ସଦସ୍ୟ ସ୍ୱର୍ଗତ ବୈଷ୍ଣବ ପରିଡ଼ା ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଯେଉଁ ଦୁର୍ବାର ଆନ୍ଦୋଳନ ଗଢ଼ିତୋଳିଥିଲେ ତାହା ଓଡ଼ିଆଙ୍କ ଜାତୀୟ ଚେତନା ବୃଦ୍ଧି କରିବା ସହ ଭାଷାର ସୁରକ୍ଷା ଓ ବ୍ୟବହାର ନେଇ ସଚେତନ କରାଇପାରିଥିଲା। ସ୍ୱର୍ଗତ ପରିଡ଼ାଙ୍କ ତ୍ୟାଗପୂତ ଜୀବନ ଓ ଭାଷା ଆନ୍ଦୋଳନ ତାଙ୍କୁ ସବୁଦିନ ପାଇଁ ମନେରଖିଥିବ ବୋଲି ଶନିବାର ସୂଚନା ଭବନଠାରେ ଅନୁଷ୍ଠିତ ବୈଷ୍ଣବ ପରିଡ଼ାଙ୍କ ୭୯ତମ ଜୟନ୍ତୀ ସମାରୋହରେ ମତପ୍ରକାଶ ପାଇଛି। ସମାରୋହରେ ଅତିଥିମାନେ ସ୍ୱର୍ଗତ ପରିଡ଼ାଙ୍କୁ ସ୍ମରଣ କରିବା ସହ ଜଣେ ବିଶିଷ୍ଟ ରାଜନେତା, ସୁସାହିତ୍ୟିକ ଓ ଭାଷା ସୁରକ୍ଷା ଆନ୍ଦୋଳନର କର୍ଣ୍ଣଧାର ଭାବେ ବର୍ଣ୍ଣନା କରିଥିଲେ।

ବରିଷ୍ଠ ଖବରଦାତା ରବି ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସମାଜବାଦୀ ଚିନ୍ତକ ପ୍ରଫେସର ଆନନ୍ଦ କୁମାର, ସମ୍ମାନିତ ଅତିଥି ଭାବେ ପୂର୍ବତନ ଏମ୍‌ପି ଶିବାଜୀ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ପୂର୍ବତନ ଏମ୍‌ପି ଖାରବେଳ ସ୍ୱାଇଁ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ବରିଷ୍ଠ ସାହିତ୍ୟିକ ସାତକଡ଼ି ହୋତା ଓ ବିଶିଷ୍ଟ ଭାଷାବିତ୍ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ ଯୋଗଦେଇଥିଲେ। ସେମାନେ ସ୍ୱର୍ଗତ ପରିଡ଼ାଙ୍କର ସ୍ମୃତିଚାରଣ କରି କହିଲେ, ବିଭିନ୍ନ ପ୍ରସଙ୍ଗକୁ ନେଇ ବୈଷ୍ଣବ ଚରଣ ପରିଡ଼ା ଜୀବନବ୍ୟାପୀ ଆନ୍ଦୋଳନ କରିଆସୁଥିଲେ। ଭାଷା ସୁରକ୍ଷା ଆନ୍ଦୋଳନ ତାଙ୍କର ଶେଷ ସର୍ବଶ୍ରେଷ୍ଠ ଆନ୍ଦୋଳନ ଥିଲା। ଏଥିସହ ତାଙ୍କର ସାହିତ୍ୟ ଜୀବନ ରାଜନୈତିକ ଜୀବନକୁ ସମୃଦ୍ଧ କରିଥିଲା, ଯାହା ତାଙ୍କୁ ଜଣେ ସ୍ୱତନ୍ତ୍ର ରାଜନେତାର ସମ୍ମାନ ପ୍ରଦାନ କରିଥିଲା। ସାହିତ୍ୟିକ ଡ. ବାସୁଦେବ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ. ମାନସ ବେହେରା ଅତିଥିଙ୍କୁ ଆମନ୍ତ୍ରଣ କରିଥିବାବେଳେ ମହେଶ୍ୱର ଦାସ ଧନ୍ୟବାଦ ଦେଇଥିଲେ।



## ଶ୍ରୀରାମଚନ୍ଦ୍ର ଭଞ୍ଜଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

**ଭୁବନେଶ୍ୱର, ୨୨।୨(ବ୍ୟୁରୋ)**

ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି ତଥା ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେବଙ୍କ ଶ୍ରାଦ୍ଧଦିବସ ଶନିବାର ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପୂର୍ବାହ୍ନରେ ପାୱାର ହାଉସ୍ ଛକସ୍ଥିତ ଉତ୍କଳ ସମ୍ମିଳନୀ ସରଣୀ ଆରମ୍ଭରେ ସ୍ଥାପିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେବଙ୍କ ପ୍ରତିମୂର୍ତ୍ତିରେ ଉତ୍କଳ ସମ୍ମିଳନୀ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲୀପ ଦାଶଶର୍ମା ସଭାପତିତ୍ୱ କରି କହିଲେ, ଶ୍ରୀରାମଚନ୍ଦ୍ର ଭଞ୍ଜଦେବ ରାଜା ହୋଇ ମଧ୍ୟ ସେତେବେଳେ ଗଣତନ୍ତ୍ର ପ୍ରତିଷ୍ଠା ଚାହୁଁଥିଲେ। ଏବେ ଗଣତନ୍ତ୍ର ପ୍ରକ୍ରିୟାରେ ନିର୍ବାଚିତ ପ୍ରତିନିଧିମାନେ ରାଜତନ୍ତ୍ରରେ ବିଶ୍ୱାସ କରୁଛନ୍ତି। ସମ୍ମିଳନୀର ଉପଦେଷ୍ଟା ନିମାଇଁ ଚରଣ ଦାସ, ଉପସଭାପତି ଶୀତଳ ଚନ୍ଦ୍ର ମହାନ୍ତି, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, ଯୁଗ୍ମ ସମ୍ପାଦକ ଅଶୋକ ପାଲଟାସିଂହ, ବାସନ୍ତୀ ତ୍ରିପାଠୀ, ମହେଶ୍ୱର ବିଶ୍ୱାଳ, ଶିବ ପ୍ରସାଦ ମିଶ୍ର, ନଳିନୀ କୁମାର ମହାନ୍ତି, ଅଜୟ କାନୁନ୍‌ଗୋ, ନିରଞ୍ଜନ ପାତ୍ର, ଅକ୍ଷୟ ଜେଠୀ ଓ ଅଜୟ କୁମାର ଦାସ ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ଓଭରଟେକ୍‌ବେଳେ ଚାଲିଗଲା ବାଇକ ଚାଳକଙ୍କ ଜୀବନ

**ଭୁବନେଶ୍ୱର,୨୨।୨(ବ୍ୟୁରୋ)**

### ବ୍ଲାକ୍ ସ୍ପଟ୍‌ରେ ପୁଣି ଦୁର୍ଘଟଣା

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପଳାଶୁଣୀ ହାଟ ନିକଟରେ ଘଟିଛି ଆଉ ଏକ ଦୁର୍ଘଟଣା। ଉକ୍ତ ସ୍ଥାନକୁ ବ୍ଲାକ୍ ସ୍ପଟ୍ ଭାବେ ଘୋଷଣା କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଶନିବାର ଆଉ ଏକ ଜୀବନ ଯାଇଛି। ଏକ ଟ୍ରକ୍‌କୁ ଓଭରଟେକ୍ କରିବା ଜଣେ ବାଇକ୍ ଚାଳକଙ୍କ ପାଇଁ କାଳ ହୋଇଛି। ଟ୍ରକ୍ ପାର୍ଶ୍ୱରେ ଧକ୍କା ଲାଗି ପଛଚକା ତଳକୁ ଚାଲିଯିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଛି। ମୃତ ବାଇକ ଚାଳକ ହେଲେ ଯାଜପୁର ଜିଲା ବଡ଼ଗୀତ ଗାଁର ନୀହାର ରଞ୍ଜନ ସାହୁ(୨୨)। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଡ୍ରାଇଭର ଫେରାର ହୋଇଯାଇଥିବାରୁ ପୋଲିସ ଟ୍ରକ ଜବତ କରି ତଦନ୍ତ ଚଳାଇଛି।

ପୋଲିସ ସୂଚନା ଅନୁଯାୟୀ, ନୀହାରଙ୍କ ଘର ଯାଜପୁର ଜିଲାରେ ହୋଇଥିବାବେଳେ ସେ ପଟିଆସ୍ଥିତ ଏକ ଘରୋଇ ସଂସ୍ଥାରେ ଚାକିରି କରନ୍ତି। ଶନିବାର ସକାଳୁ ସେ ନିଜ ବାଇକ୍‌ରେ ଘରୁ ବାହାରି ଭୁବନେଶ୍ୱର ଫେରୁଥିଲେ। ସକାଳ ପ୍ରାୟ ୯ଟାରେ ପଳାଶୁଣି ହାଟ ନିକଟରେ ଯାଉଥିବା ଏକ ଟ୍ରକ୍‌କୁ ନୀହାର ଓଭରଟେକ୍ କରିବା ସମୟରେ ଟ୍ରକ୍‌ର ପଛପାର୍ଶ୍ୱ ତାଙ୍କ ବାଇକ୍‌ର ଲାଗିଯାଇ ଟାଣି ନେଇଥିଲା। ଫଳରେ ନୀହାର ଖସି ପଡ଼ି ଟ୍ରକ୍ ତଳକୁ ଚାଲିଯାଇଥିଲେ ଓ ପଛ ଚକ ତାଙ୍କ ଉପରେ ଚାଲିଯିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ଦୁର୍ଘଟଣା ପରେ କିଛି ସମୟ ଉତ୍ତେଜନା ଦେଖିବାକୁ ମିଳିଥିଲା। ମଞ୍ଚେଶ୍ୱର ଥାନା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇ ଦେଇଛି।

## ଆରମ୍ଭ ହେଲା ବିଶ୍ୱ ସବୁଜ ମହାସଂଗ୍ରାମ



**କଟକ ଅଫିସ, ୨୨।୨**

### ଏପ୍ରିଲ ୧ରେ ସାମିଲ ହେବେ ଏକ ଲକ୍ଷ ଗ୍ରୀନ୍ ଆର୍ମି

### ଜୁଲାଇ ୧ରେ ରାଜ୍ୟରେ ୧ଲକ୍ଷ ଚାରାରୋପଣ

ବିଶ୍ୱକୁ ସବୁଜ କରିବା ପାଇଁ ସବୁ ବର୍ଗର ଲୋକଙ୍କୁ ନେଇ କଟକରୁ ଆରମ୍ଭ ହୋଇଛି ବିଶ୍ୱ ସବୁଜ ମହାସଂଗ୍ରାମ। ପ୍ରେରଣା ଇଣ୍ଟରନ୍ୟାଶନାଲ ଗ୍ରୀନ ଆର୍ମି ପକ୍ଷରୁ ଶନିବାର ବାରବାଟୀ ଷ୍ଟାଡିୟମଠାରୁ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଏହି ଅବସରରେ ବିଶ୍ୱକୁ ସବୁଜ କରିବା ବାର୍ତ୍ତା ନେଇ ଷ୍ଟାଡିୟମଠାରୁ ବକ୍ସିବଜାର ଛକ ପର୍ଯ୍ୟନ୍ତ ଏକ ପଦଯାତ୍ରା କରାଯାଇଥିଲା। ଏଥିରେ ପ୍ରାୟ ୧୦୦୦ରୁ ଅଧିକ ବ୍ୟକ୍ତି ସାମିଲ ହୋଇଥିଲେ। ଏହା ପରେ ଷ୍ଟାଡିୟମରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଙ୍ଗଠନର କମାଣ୍ଡର ଇନ ଚିଫ୍ ଡ. ଦିଲୀପ ଶ୍ରୀଚନ୍ଦନ ସଭାପତିତ୍ୱ କରିଥିଲେ। ସେ କହିଥିଲେ ଯେ, ବିଶ୍ୱ ସମ୍ମୁଖରେ ଜଳବାୟୁ ପରିବର୍ତ୍ତନ, ବିଶ୍ୱତାପନ ବୃଦ୍ଧି, ପରିବେଶ ପ୍ରଦୂଷଣ, ସାମୁଦ୍ରିକ ଝଡ ଆଦି ମହାସଙ୍କଟ ଭାବେ ଦେଖାଦେଇଛି। ଏହାର ପ୍ରଭାବରେ ପୃଥିବୀ ପୃଷ୍ଠରେ ବହୁ ଜୀବଜନ୍ତୁ ଲୋପ ପାଇଗଲେଣି। ଏହା ସହିତ ଗଛ, ଜଙ୍ଗଲ ହ୍ରାସ ପାଉଛି। ତେଣୁ ବିଶ୍ୱକୁ ସବୁଜ ସୁନ୍ଦର କରିବା ପାଇଁ ଏହି କାର୍ଯ୍ୟକ୍ରମରେ ସାମିଲ ହେବା ଲାଗି ସେ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଗୋଟିଏ ବର୍ଷରେ ଦେଶରେ ୧କୋଟି ଅଧିକ ଚାରାରୋପଣ କରିବା। ଏଥିସହିତ ଆସନ୍ତା ଏପ୍ରିଲ ୧ରେ ପ୍ରାୟ ଏକ ଲକ୍ଷ ଗ୍ରୀନ ଆର୍ମିଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯିବ। ଜୁଲାଇ ୧ରେ ରାଜ୍ୟରେ ୧ଲକ୍ଷ ଚାରାରୋପଣ କରାଯିବ ବୋଲି ସଙ୍ଗଠନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି କାର୍ଯ୍ୟକ୍ରମରେ କଟକ ବାରବାଟୀ ବିଧାୟକ ଇଂ. ମହମ୍ମଦ ମୋକିମ, ଚଳଚ୍ଚିତ୍ର ଅଭିନେତା କୁନା ତ୍ରିପାଠୀ, ପ୍ରକାଶ ଶ୍ରୀଚନ୍ଦନ, ଅଶୋକ ସୁନ୍ଦରରାୟ, ସିନେ ଅଭିନେତା ଶ୍ରୀତମ ଦାସ, ସଙ୍ଗଠନର ସଂଯୋଜକ ସହଦେବ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଜିଲାପାଳଙ୍କ କାର୍ଯ୍ୟାଳୟ ରାସ୍ତାରେ ଖପୁରି



**ପୁରୀ ଅଫିସ,୨୨।୨:** ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯିବା ରାସ୍ତାରେ ମଣିଷ ଖପୁରି। ଟାଉନ ହଲ୍ ପଟୁ ସାଇ ମନ୍ଦିର ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯିବା ରାସ୍ତାରେ ଶନିବାର ୨ଟି ମଣିଷ ଖପୁରି ପଡ଼ିଥିବା ଦେଖିବାକୁ ମିଳିଥିଲା। ଗୋଟିଏ ଖପୁରି ଜିଲାପାଳଙ୍କ କାର୍ଯ୍ୟାଳୟ ଫାଟକ ସମ୍ମୁଖ ରାସ୍ତା ଉପରେ ଏବଂ ଆଉ ଗୋଟିଏ ଶନି ମନ୍ଦିର ପଛପଟେ ଅଳିଆ ଗଦା ଭିତରେ ପଡ଼ିଥିଲା। ଏହି ଖପୁରି ଦୁଇଟି କିପରି ଏଠାକୁ ଆସିଲା ତାହାକୁ ନେଇ ଲୋକଙ୍କ ମଧ୍ୟରେ ପ୍ରଶ୍ନ ସୃଷ୍ଟି ହେବା ସହ ଏକ ପ୍ରକାର ଭୟ ଛାଇଯାଇଛି। ଏହି ଖପୁରି ୨ଟି ଅତ୍ୟନ୍ତ ଛୋଟ। ଅର୍ଥାତ୍ କୌଣସି ଛୋଟ ପିଲାଙ୍କ ଖପୁରି ପରି ଲାଗୁଛି। ଖପୁରି ଏଠାକୁ ଆସିବା ନେଇ ନାନା ପ୍ରକାର ଆଲୋଚନା ଶୁଣିବାକୁ ମିଳୁଛି। କେହି କେହି ଗୁଣିଗାରେଡ଼ିକୁ ଦିଗକୁ ମଧ୍ୟ ଅଙ୍ଗୁଳି ନିର୍ଦ୍ଦେଶ କରୁଛନ୍ତି। ସେହିପରି କୁକୁର ଅନ୍ୟ କେଉଁ ସ୍ଥାନରୁ ଖପୁରି ଆଣି ଏଠାରେ ପକାଇଥାଇପାରେ ବୋଲି ମଧ ଆଲୋଚନା ହେଉଛି। ତେବେ ଏ ନେଇ ପୋଲିସ ପାଖରେ କୌଣସି ସୂଚନା ନ ଥିବା ଜଣାପଡ଼ିଛି। ସୂଚନାଥାଉ କି, ପୁରୀ ସହରରେ ଖପୁରି ମିଳିବା ଘଟଣା ନୂଆ ନୁହେଁ। ୨୦୧୮ ସେପ୍ଟେମ୍ବର ୯ ତାରିଖରେ ପୁରୀ ଷ୍ଟେଶନ ରୋଡସ୍ଥିତ ମାତୃମଙ୍ଗଳ ଚିକିତ୍ସାଳୟ ପଛପଟୁ ଅଖାରେ ବନ୍ଧା ହୋଇଥିବା ଅବସ୍ଥାରେ ୭ଟି ମଣିଷ ଖପୁରି ମିଳିଥିଲା। ସେତେବେଳେ ଏହି ଘଟଣା ବେଶ୍ ଚର୍ଚ୍ଚା ସୃଷ୍ଟି କରିଥିଲା। ସମୁଦ୍ରକୂଳ ଥାନା ପୋଲିସ ଏହାର ତଦନ୍ତ କରିଥିଲା। ଗୁଣିଗାରେଡି ପାଇଁ କେହି ଖପୁରିଗୁଡିକ ଆଣି ଲୁଚାଇ ରଖିଥାଇପାରନ୍ତି ବୋଲି ପୋଲିସ ସନ୍ଦେହ କରିଥିଲା।

### ରଙ୍ଗ କାମ ନାଁରେ ୨ ଲକ୍ଷ ଚଲୁ, ଠିକାଦାର ଅଟକ

**ଭୁବନେଶ୍ୱର,୨୨।୨(ବ୍ୟୁରୋ):** ଘରର ରଙ୍ଗ କାମ କରିବା ନାଁରେ ଜଣେ ଠିକାଦାର ଜଣେ ଘର ମାଲିକଙ୍କଠାରୁ ୨ ଲକ୍ଷ ଟଙ୍କା ଚଲୁ କରିଥିବାନେଇ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଠିକାଦାରଙ୍କୁ ଅଟକ ରଖି ପଚରାଉଚରା କରୁଛି। ଅଭିଯୁକ୍ତ ଜଣକ ଟଙ୍କା ନେଇଥିବା ସ୍ୱୀକାର କରିବା ସହ ଫେରସ୍ତ କରିଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ରବିବାର ମଧ୍ୟରେ ଟଙ୍କା ନ ଫେରାଇଲେ ତାଙ୍କୁ ଗିରଫ ସହ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାର ବିଶ୍ୱରଞ୍ଜନ ନାୟକ କହିଛନ୍ତି। ସୂଚନା ଅନୁଯାୟୀ, ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଅଭିଯୋଗକାରୀଙ୍କର ଏକ ଘର ତିଆରି ଚାଲିଛି। ୬ ମାସ ହେବ ଘରର ରଙ୍ଗ କାମ ପାଇଁ ଠିକାଦାର ଅଗ୍ରିମ ଆକାରରେ ମାଲିକଙ୍କଠାରୁ ୨ ଲକ୍ଷ ଟଙ୍କା ନେଇଥିଲେ। ହେଲେ ରଙ୍ଗ କାମ ନ କରି ଧରାଛୁଆଁ ଦେଇ ନ ଥିଲେ। ଶେଷରେ ଘର ମାଲିକ ଥାନାର ଦ୍ୱାରସ୍ଥ ହୋଇଥିଲେ।

### କାଠଯୋଡ଼ି ପଠାରୁ ମୃତଦେହ ଜବତ

**କଟକ ଅଫିସ,୨୨।୨:** ଖାନ୍‌ନଗରସ୍ଥିତ କାଠଯୋଡି ନଦୀପଠାରୁ ଶନିବାର ୪୨ ମୌଜା ଅଞ୍ଚଳର ବାବୁଲି ବେହେରାଙ୍କ ମୃତଦେହ ବାଦାମବାଡି ପୋଲିସ ଜବତ କରିଛି। ସକାଳ ପ୍ରାୟ ୭ଟାରେ ନଦୀପଠାରେ ମୃତଦେହ ପଡ଼ିଥିବା ଲୋକେ ଦେଖିଥିଲେ। ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ତଦନ୍ତ ଆରମ୍ଭ କରିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ସେ ଗାଧୋଉଥିବା ସମୟରେ ବୁଡି ଯାଇଥିବା ସନ୍ଦେହ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି।

# ଆଳସ୍ୟ ପାଖ ମାଡ଼େନି ସଫଳତା

## ବାଏ ଅଫ୍‌ର ଦ୍ୱିତୀୟ ସନ୍ଧ୍ୟାରେ 'ବ୍ଲିଦ୍' ଓ ଅନ୍ୟ ଫିଲ୍ମ ପ୍ରଦର୍ଶିତ

ପୁରୀ ଅଫିସ,୨୨।୨

ଦୁନିଆ ତା' ବାଟରେ ଆଗେଇ ଚାଲିଛି। ପ୍ରତ୍ୟେକ ମଣିଷ ନିଜ ନିଜ କର୍ମମୟ ଜୀବନକୁ ନେଇ ଆଗଉଛନ୍ତି। ସମସ୍ତେ ସେମାନଙ୍କ ଲକ୍ଷ୍ୟ ପଛରେ ଧାଉଁଛନ୍ତି। ଆଉ ନିଜର ଆଗ୍ରହ ଏବଂ ପରିଶ୍ରମ ଫଳରେ ସଫଳତା ବି ଛୁଉଁଛନ୍ତି। ହେଲେ ଆଳସ୍ୟ ବ୍ୟକ୍ତି ସବୁ ଦେଖୁଥିବେ, ସବୁ ଜାଣୁଥିବେ ହେଲେ ଶେଷ ମୁହୂର୍ତ୍ତରେ ପୁଣି ଫେରିଯିବେ ତାଙ୍କ ରାଇଜକୁ। ଅର୍ଥାତ୍ ସଫଳତା କେବେ ସେମାନଙ୍କ ପାଦ ଛୁଇଁପାରେନି। ଏମିତି ଏକ କାହାଣୀ ଉପରେ ପର୍ଯ୍ୟବସିତ ଚଳଚ୍ଚିତ୍ର 'ବ୍ଲିଦ୍' ପ୍ରଦର୍ଶିତ ହୋଇଥିଲା ବାଏ ଅଫ୍‌ର ଦ୍ୱିତୀୟ ସନ୍ଧ୍ୟାରେ। ଏହା ଏକ ନିଆରା ଚଳଚ୍ଚିତ୍ର ଥିଲା। ଏଥିରେ ଜଣେ ମାତ୍ର ଅଭିନୟ କରିଥିବାବେଳେ ସେ କଥା କହୁ ନ ଥିଲେ। ଭାବଭଙ୍ଗୀ, ସାଉଣ୍ଡ ଏବଂ ସିମ୍ବଲକୁ ନେଇ ପ୍ରଦର୍ଶିତ ହୋଇଥିଲା ୧୧ ମିନିଟ୍‌ର ଏହି ଚଳଚ୍ଚିତ୍ର। ୨୨ବର୍ଷୀୟ ଶୋଭାଙ୍ଗ ମହାନ୍ତିଙ୍କ ନିର୍ଦ୍ଦେଶିତ ଏହି କ୍ଷୁଦ୍ର ଚଳଚ୍ଚିତ୍ରରେ ଅଭିନୟ କରିଥିଲେ ପ୍ରିୟସୁନ୍ଦର ମିଶ୍ର। ସେ ଜଣେ ଅଳସୁଆ, ହେଲେ କ୍ରିଏଟିଭ ଲେଖକ। ଦିନେ ଅପରାହ୍ନରେ ସେ ଘରୁ ବାହାରିଛନ୍ତି। ଦୁନିଆକୁ ବୁଲି ଦେଖୁଛନ୍ତି। ସମସ୍ତେ କିପରି ନିଜ ନିଜ କାମରେ ବ୍ୟସ୍ତ। ସେ ବି ଚାହୁଁଛନ୍ତି ତାଙ୍କର ମଧ କିଛି ଆବଶ୍ୟକତା ରହିଛି। ପୁଣି ଘରକୁ ଫେରି ସ୍ୱପ୍ନରେ ଅନେକ କଥା ଚିନ୍ତା କରୁଛନ୍ତି। ଅନ୍ୟମାନଙ୍କ ପରି ସେ ଖୁସି ଏବଂ ଆତ୍ମତୃପ୍ତି ପାଆନ୍ତୁ, ଏମିତି ଭାବନା ଭିତରେ ହଠାତ୍ ସେ ଉଠି ପଡୁଛନ୍ତି। ଆଉ ନିଜ ମୋବାଇଲ ଅନ୍ କରି କେତେଜଣଙ୍କ ପାଖକୁ ଗୁଡ୍‌ନାଇଟ୍ ଲେଖି ପୁଣି ଶୋଇପଡୁଛନ୍ତି। ଅଳସୁଆଙ୍କ ପାଖରେ ଖୁସି ଓ ଆତ୍ମତୃପ୍ତିର ବାସ୍ତବ ଚିତ୍ରକୁ ଚଳଚ୍ଚିତ୍ର ବ୍ଲାଇଥ୍ ମାଧ୍ୟମରେ ଦର୍ଶାଇଛନ୍ତି ଯୁବ ନିର୍ଦ୍ଦେଶକ ଶୋଭାଙ୍ଗ। ସେହିପରି ଶନିବାର ସନ୍ଧ୍ୟାରେ ୭ମିନିଟ୍‌ର ଓଡ଼ିଆ ଚଳଚ୍ଚିତ୍ର ଶର୍ଟକର୍ଟ (ନିର୍ଦ୍ଦେଶକ ବିଶ୍ୱରୂପ ଦାସ), ବଙ୍ଗଳା ଚଳଚ୍ଚିତ୍ର ରୁନାନୁବନ୍ଧ (ନିର୍ଦ୍ଦେଶକ ସ୍ୱସ୍ତିକ ଚୌଧୁରୀ) ଓ ବଙ୍ଗଳା ଚଳଚ୍ଚିତ୍ର ଏକ୍‌ଜେ ଟିଲୋ ଜମ୍ (ନିର୍ଦ୍ଦେଶକ ଶର୍ମି ପାଣ୍ଡେ)ର ସ୍କ୍ରିନିଂ କରାଯାଇଥିଲା।



ଫିଲ୍ମ 'ବ୍ଲିଦ୍'ର ଏକ ଦୃଶ୍ୟ।



ବିଦେଶୀ ପର୍ଯ୍ୟଟକମାନେ ବାଏ ଅଫ୍‌ରେ ପ୍ରଦର୍ଶିତ ଫିଲ୍ମ ପୋଷ୍ଟରକୁ ବୁଲି ଦେଖୁଛନ୍ତି।

# ଜୈନ ଗୁମ୍ଫା ବିଷୟରେ ଜାଣିଲେ ଅଷ୍ଟ୍ରେଲୀୟ ଛାତ୍ରୀଛାତ୍ର



## ୧୦୬ତମ ଐତିହ୍ୟ ପଦଯାତ୍ରା

ଭୁବନେଶ୍ୱର, ୨୨।୨(ବ୍ୟୁରୋ)

ଖଣ୍ଡଗିରି-ଉଦୟଗିରି ପାହାଡ଼ ପାଦଦେଶରେ ୧୦୬ତମ ଐତିହ୍ୟପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଐତିହ୍ୟ ବିଷାରଦ, ସ୍ଥପତିଙ୍କ ସହ ଅଷ୍ଟ୍ରେଲୀୟ ଛାତ୍ରୀଛାତ୍ରଙ୍କୁ ନେଇ ହୋଇଥିବା ପଦଯାତ୍ରାରେ ପଦାଚାରୀମାନେ ପାହାଡ଼ ଭିତରେ ଥିବା ଜୈନ ଗୁମ୍ଫା ବିଷୟରେ ଜାଣିବାକୁ ପାଇଛନ୍ତି। ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀରେ ମହାବୀର ଜୈନଙ୍କ ଦ୍ୱାରା କରାଯାଇଥିବା ଏହି ଐତିହ୍ୟ କଳାକୃତିଗୁଡ଼ିକ ବିଷୟରେ ଜାଣିବା ସହ ଭୁବନେଶ୍ୱର ସହର ସହ ଦୁଇ ପାହାଡ଼ର ସମ୍ପର୍କକୁ ନେଇ ନୂଆ ତଥ୍ୟ ପାଇଥିଲେ। ସେହି ସମୟରେ ସାଧୁ ସନ୍ଥମାନେ କିପରି ଗୁମ୍ଫାରେ ରହୁଥିଲେ। ଗୁମ୍ଫା ସହ ଜଡ଼ିତ ଇତିହାସ ସମ୍ପର୍କରେ ମଧ ସେମାନଙ୍କୁ ବୁଝାଯାଇଥିଲା। ଉଲ୍ଲେଖଯୋଗ୍ୟ, ସହରରେ ଥିବା ପୁରାତନ ଐତିହ୍ୟ କାହାଣୀଗୁଡ଼ିକୁ ପର୍ଯ୍ୟଟକ ତଥା ସହରବାସୀଙ୍କୁ ଜଣାଇବା ଉଦ୍ଦେଶ୍ୟରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି), ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଓ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ) ଦ୍ୱାରା ଐତିହ୍ୟ ପଦଯାତ୍ରା ଚାଲିଛି। ଶନିବାର ସକାଳେ ଖଣ୍ଡଗିରି ଉଦୟଗିରି ପାହାଡ଼, ରବିବାର ସକାଳେ ପୁରୁଣା ଭୁବନେଶ୍ୱର ଓ ଅପରାହ୍ନରେ କଳାଭୂମିରେ ଐତିହ୍ୟ ପଦଯାତ୍ରାର ଆୟୋଜନ କରାଯାଉଛି।

## ଦୁଇ ଶିକ୍ଷକଙ୍କ ଦରମା ବନ୍ଦ କଲେ ମନ୍ତ୍ରୀ

ଭୁବନେଶ୍ୱର, ୨୨।୨(ବ୍ୟୁରୋ)/ କଣ୍ଟାପଡ଼ା (ଡି.ଏନ୍.ଏ.)

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଶନିବାର କଟକ ଓ ଖୋର୍ଦ୍ଧା ଜିଲାର ବିଭିନ୍ନ ସ୍କୁଲକୁ ଅଚାନକ ପରିଦର୍ଶନ କରି କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିଥିବା ୨ ଜଣ ଶିକ୍ଷକଙ୍କ ଦରମା ବନ୍ଦ କରିଛନ୍ତି। ସେମାନେ ହେଲେ ବାରଙ୍ଗସ୍ଥିତ ଅରିଲୋ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶ୍ରୀରାମ କଉରିଆ ଓ ନଗରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଦୀପାଞ୍ଜଳି ସାମନ୍ତରାୟ। ଏନେଇ କଟକ ଜିଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସେହିପରି ମାଇଧରପୁର ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ମଧ ମନ୍ତ୍ରୀ ଦାଶ ତାଗିଦ୍ କରିଛନ୍ତି। ଏଥିସହ ଲକ୍ଷେଶ୍ୱର ନୋଡାଲ ସ୍କୁଲ, ହଂସପାଳ ସରକାରୀ ହାଇସ୍କୁଲ, ଗବବସ୍ତ ସରକାରୀ ହାଇସ୍କୁଲ, ନଗରୀ ପ୍ରାଇମେରୀ ସ୍କୁଲ ପରିଦର୍ଶନ କରି ପାଠପଢ଼ା ଓ ଅନ୍ୟ କେତେକ ପ୍ରସଙ୍ଗ ଉପରେ ପଚାରି ବୁଝିଥିଲେ। 'ମୋ ସରକାର' ଯୋଜନାରେ ଶିକ୍ଷା ବ୍ୟବସ୍ଥାର ସଂସ୍କାର ଆଣିବା ପାଇଁ ଓ ଶିକ୍ଷକଙ୍କୁ ଅଧିକ ଉତ୍ତରଦାୟୀ କରିବା ଲାଗି ମନ୍ତ୍ରୀ ଦାଶ ଏଭଳି ଅଭିଯାନ ଚଳାଇଥିବା ସୂଚନା ମିଳିଛି।

# ୩ ପ୍ରତିଭାଙ୍କୁ ରେଭେନ୍‌ଶା ରତ୍ନ ସମ୍ମାନ

କଟକ ଅଫିସ, ୨୨।୨

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସେଭେନ ପିଲାର ଅଫ ୱିଜଡମ ଠାରେ ଟି.ଇ. ରେଭେନ୍‌ଶାଙ୍କ ୧୦୬ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଫାଇଟ ଫର ଦି ଫାଉଣ୍ଡେଶନ ଅଫ ରେଭେନ୍‌ଶା ଇନଷ୍ଟିଟ୍ୟୁସନ୍ସ ଟ୍ରଷ୍ଟ(ଏଫଏଫଆରଆଇ)ପକ୍ଷରୁ ରେଭେନ୍‌ଶା ରତ୍ନ ସମ୍ମାନ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ମାନବାଧିକାର ଆୟୋଗର ଅଧ୍ୟକ୍ଷ ଜଷ୍ଟିସ ବି. ପି. ଦାସ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଇଶାନ କୁମାର ପାତ୍ର ଯୋଗଦେଇଥିଲେ। ସଙ୍ଗଠନର ଆବାହକ ପ୍ରକାଶ କୁମାର ପଣ୍ଡା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଚଳିତବର୍ଷ ପାଇଁ ୩ ପ୍ରତିଭାଙ୍କୁ ରେଭେନ୍‌ଶା ରତ୍ନ ସମ୍ମାନ ପ୍ରଦାନ କରାଯାଇଥିଲା। ପଦ୍ମଶ୍ରୀ ଡ. ପ୍ରତିଭା ରାୟ ଓ ପଦ୍ମଶ୍ରୀ ପ୍ରଫେସର ପ୍ରଫୁଲ୍ଲ କୁମାର ଜେନାଙ୍କୁ ଏହି ସମ୍ମାନ ଦିଆଯାଇଥିଲା। ସେହିପରି ଡ. ବିବୁଧେନ୍ଦ୍ର ମିଶ୍ରଙ୍କୁ ମରଣୋତ୍ତର ଭାବେ ଏହି ସମ୍ମାନ ପ୍ରଦାନ କରାଯାଇଛି। ହେଲେ ତାଙ୍କ ଅନୁପସ୍ଥିତିରେ ପରିବାର ସଦସ୍ୟ ଏହି ସମ୍ମାନ ଗ୍ରହଣ କରିଛନ୍ତି। ଏଥି ସହିତ ପ୍ରଫେସର ସିଦ୍ଧାର୍ଥ ଦାସ ଏବଂ ସିନେ ଅଭିନେତା ବୁଦ୍ଧାଦିତ୍ୟ ମହାନ୍ତିଙ୍କୁ 'ରେଭେନ୍‌ଶା ଗୌରବ' ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ସାମାଜିକ କର୍ମୀ ଲିଙ୍କନ ସୁବୁଦ୍ଧି, ଯୁବନେତା ସ୍ମୃତିରଞ୍ଜନ ଦାଶ, ହରିଶଙ୍କର ରାଉତ, କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀଙ୍କୁ 'ରେଭେନ୍‌ଶା ଶ୍ରୀ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ବିଭିନ୍ନ ସ୍କୁଲ ଓ କଲେଜରେ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସଙ୍ଗଠନ ପକ୍ଷରୁ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଜେଏମ୍‌ସି ବିଭାଗର ଛାତ୍ରୀଛାତ୍ରଙ୍କ ପକ୍ଷରୁ ଡ. ଦେବିଲାଲ ମିଶ୍ରଙ୍କ ଦ୍ୱାରା ନିର୍ଦ୍ଦେଶିତ ନାଟକ 'କର୍ତ୍ତବ୍ୟ' ମଞ୍ଚସ୍ଥ ହୋଇଥିଲା। ସଙ୍ଗଠନର ଅଧ୍ୟକ୍ଷ ସନ୍ତୋଷ ମହାରଣା ସ୍ୱାଗତ ଭାଷଣ, ଉପାଧ୍ୟକ୍ଷ ଜଗନ୍ନାଥ ମହାନ୍ତି ବିବରଣୀ ପାଠ ଓ ଛାତ୍ରୀ ପୂଜାରାଣୀ ରାଉତ ଧନ୍ୟବାଦ ଦେଇଥିଲେ।



## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



ଅବନ୍ତିକା



ଜନ୍ମେଜୟ



ଚନ୍ଦ୍ରକାନ୍ତ



ଶିଶିର



ତୋଫାନ



ପ୍ରିୟା

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

## ଫଟୋରେ ଖବର




ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତ ଗସ୍ତକୁ ସ୍ୱାଗତ ଜଣାଇ ପୁରୀ ବେଳାଭୂମିରେ ଶନିବାର ଶିଳ୍ପୀ ମାନସ ସାହୁଙ୍କ ବାଲୁକା କଳା।



ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ଶନିବାର ଅନୁଷ୍ଠିତ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ 'ସମର୍ପଣ-୨୦୨୦'ରେ ଗୁରୁ ରାମହରି ଦାସ ସଙ୍ଗୀତ ପରିବେଷଣ କରୁଛନ୍ତି।




ଭୁବନେଶ୍ୱର ସୂଚନା ଭବନରେ ଶନିବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ସମାରୋହରେ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରୁଛନ୍ତି।



“ଭାରତରେ ଉଗ୍ରବାଦ ଓ ସମ୍ପୂର୍ଣ୍ଣ ଭାବାବେଗ ବିଚାରଧାରା ସୃଷ୍ଟି ଲାଗି ଜାତୀୟତାବାଦ ଏବଂ ‘ଭାରତ ମାତା କି ଜୟ୍’ ସ୍ଲୋଗାନର ଅପବ୍ୟବହାର କରାଯାଉଛି।
-ମନମୋହନ ସିଂ, ପୂର୍ବତନ ପ୍ରଧାନମନ୍ତ୍ରୀ



# ‘ଆଇନକୁ ମାନନ୍ତୁ ନାଗରିକ’

ନୂଆଦିଲ୍ଲୀ,୨୨।୨(ପି.ଟି.)

ଆଇନର ଶାସନ ଆଧୁନିକ ସମ୍ବିଧାନର ମୌଳିକ ବୈଶିଷ୍ଟ୍ୟ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେ କହିଛନ୍ତି। ଶନିବାର ସୁପ୍ରିମକୋର୍ଟରେ ଅନୁଷ୍ଠିତ ଅନ୍ତର୍ଜାତୀୟ ବିଚାରପତି ସମ୍ମିଳନୀରେ ‘ନ୍ୟାୟପାଳିକା ଓ ପରିବର୍ତ୍ତିତ ବିଶ୍ୱ’ ଶୀର୍ଷକ ଉପରେ ଉଦ୍‌ବୋଧନ ଦେଇ ସିଜେଆଇ କହିଥିଲେ, ନାଗରିକମାନେ ସେମାନଙ୍କ ଆଇନଗତ କର୍ତ୍ତବ୍ୟ ନିଭାଇବା ଆବଶ୍ୟକ। ଅତ୍ୟାଧୁନିକ ସମ୍ବିଧାନର ଅତ୍ୟନ୍ତ ମୌଳିକ ବୈଶିଷ୍ଟ୍ୟ ହେଉଛି ଆଇନର ଶାସନ ଚିନ୍ତାଧାରା। ଏହା ନିଃସନ୍ଦେହ ଯେ, ଏହାର ସଫଳତା ନୂଆ ନୂଆ ଚ୍ୟାଲେଞ୍ଜକୁ ସମ୍ମୁଖୀନ ହେବାରେ ସାରା ବିଶ୍ୱରେ ବିଚାର ବ୍ୟବସ୍ଥା କିପରି କାର୍ଯ୍ୟ କରୁଛି, ତାହା ଉପରେ ନିର୍ଭର କରେ ବୋଲି ସିଜେଆଇ କହିଛନ୍ତି। ସାମ୍ବିଧାନିକ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇ ଜଷ୍ଟିସ୍ ବୋବ୍‌ଡେ କହିଥିଲେ, ଆଇନଗତ ଅଧିକାର ଓ କର୍ତ୍ତବ୍ୟ ପରସ୍ପର ନିର୍ଭରଶୀଳ ବୋଲି ଆଇନରେ ବିଚାର କରାଯାଇଥାଏ। ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ ହେଉଛି ସମ୍ବିଧାନକୁ ମାନିବା ଓ ଏହାର ବିଚାରଧାରା ଓ ଅନୁଷ୍ଠାନକୁ ସମ୍ମାନ ଦେବା। ୫୦ରୁ ଊର୍ଦ୍ଧ୍ୱ ଦେଶର ସମ୍ବିଧାନରେ ମୌଳିକ କର୍ତ୍ତବ୍ୟକୁ ନେଇ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ରହିଛି। ମହାତ୍ମା ଗାନ୍ଧୀଙ୍କ ଉକ୍ତିକୁ ଉଦ୍ଧାର କରି ଜଷ୍ଟିସ୍ ବୋବ୍‌ଡେ କହିଥିଲେ, ଅଧିକାର ସାବ୍ୟସ୍ତ କରିବା ଜଣଙ୍କର କର୍ତ୍ତବ୍ୟ ପ୍ରତି ସଚେତନତା ଉପରେ ନିର୍ଭର କରେ। ପ୍ରକୃତ ଅଧିକାର ହେଉଛି କର୍ତ୍ତବ୍ୟ ପାଳନର ଫଳାଫଳ। ସାରା ବିଶ୍ୱରେ ପ୍ରଯୁକ୍ତିର ବିକାଶ ହେବାରେ ଲାଗିଛି ଓ ତା’ର ପ୍ରଭାବ ମଧ୍ୟ ନ୍ୟାୟପାଳିକାରେ ଅନୁଭୂତ ହୋଇଛି। ଏହାକୁ ମଧ୍ୟ ଅଧିକାରର ବିପ୍ଲବ, ବୈଷୟିକ ବିପ୍ଲବ ଓ ଜନସାଂଖ୍ୟିକ କ୍ରାନ୍ତି କୁହାଯିବା ଆବଶ୍ୟକ।

ସମ୍ମିଳନୀରେ ଉଦ୍‌ବୋଧନ ଦେଇ ସୁପ୍ରିମକୋର୍ଟର ବରିଷ୍ଠ ବିଚାରପତି ଏନ୍.ଭି. ରମନା କହିଥିଲେ, ଆତଙ୍କବାଦ, ସାଇବର ଅପରାଧ, ପରିବେଶ ଅବକ୍ଷୟ ଭଳି ସମସ୍ୟାର ସମାଧାନ ଦିଗରେ ନ୍ୟାୟପାଳିକା କାର୍ଯ୍ୟକରିବା ଆବଶ୍ୟକ। ସେ କହିଥିଲେ, ଆତଙ୍କବାଦ ଏକ ମୁଖ୍ୟ ପ୍ରସଙ୍ଗ ଯାହା ସାରା ବିଶ୍ୱକୁ ପ୍ରଭାବିତ କରିଛି। ଜଗତୀକରଣ ବିଶ୍ୱ ଅଧିକ ନିକଟତର ହୋଇଛି। ଏଭଳି ପ୍ରସଙ୍ଗଗୁଡ଼ିକ ସାଧାରଣ ହୋଇଥିବାରୁ ଏହାର ସର୍ବସମ୍ମତ ସମାଧାନ ଆବଶ୍ୟକ ବୋଲି ସେ ମତ ଦେଇଥିଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ମିଳନୀରେ ଉଦ୍‌ବୋଧନ ଦେଇ କହିଥିଲେ, ୧୩୦ କୋଟି ଦେଶବାସୀ ନିକଟରେ ଅଦାଲତଙ୍କ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିଗୁଡ଼ିକୁ ଆନ୍ତରିକତାର ସହ ଗ୍ରହଣ କରିନେଇଛନ୍ତି, ଯାହା ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ହୋଇଛି। ସୁପ୍ରିମକୋର୍ଟଙ୍କ ଐତିହାସିକ ଅଯୋଧ୍ୟା ରାୟକୁ ଲକ୍ଷ୍ୟ କରି ପ୍ରଧାନମନ୍ତ୍ରୀ ଏହା କହିଥିଲେ। ଲିଙ୍ଗଗତ ସମାନତା ବିନା କୌଣସି ଦେଶ କିମ୍ବା ସମାଜ ସମ୍ପୂର୍ଣ୍ଣ ବିକଶିତ ବୋଲି ଦାବି କରିପାରିବ ନାହିଁ। ସେଥିପାଇଁ ସରକାର ସମଲିଙ୍ଗୀ, ଦିବ୍ୟାଙ୍ଗ ଅଧିକାର ଓ ତିନି ତଲାକ୍ ଉପରେ ଆଇନ ଆଣିଛନ୍ତି। ସାମରିକ ସେବାରେ ମହିଳାମାନଙ୍କୁ ଅଧିକାର ଦେବା ପାଇଁ ସରକାର ପଦକ୍ଷେପ ନେଇଛନ୍ତି। ବିକାଶ ଓ ପରିବେଶ ସୁରକ୍ଷା ଉପରେ ସନ୍ତୁଳନ ରକ୍ଷା କରିଥିବାରୁ ଭାରତୀୟ ବିଚାର ବ୍ୟବସ୍ଥାକୁ ପ୍ରଧାନମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଥିଲେ। ମାମଲା ପରିଚାଳନାରେ ପ୍ରଯୁକ୍ତି ଓ ଇଣ୍ଟରନେଟର ବ୍ୟବହାର ଉପରେ ସେ ଗୁରୁତ୍ୱ ଦେଇଥିଲେ।

ସେହିପରି ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଥିଲେ, ଆତଙ୍କବାଦୀ ଓ ଦୁର୍ନୀତିଗ୍ରସ୍ତ ଲୋକମାନଙ୍କର ଗୋପନୀୟତା ଅଧିକାର ନାହିଁ। ସେହି ଲୋକମାନଙ୍କୁ ଇଣ୍ଟରନେଟର ଦୁରୁପଯୋଗ କରିବା ଲାଗି ଅନୁମତି ଦେବା ଉଚିତ ନୁହେଁ। ଏଭଳି ବ୍ୟକ୍ତି ମାନବଜାତି ପାଇଁ ବଡ଼ ବିପଦ ବୋଲି ସେ କହିଥିଲେ। କାମରେ ଲାଗୁ ନ ଥିବା ପାଖାପାଖି ୧୫୦୦ ଆଇନକୁ ସରକାର ରଦ୍ଦ କରିଦେଇଛନ୍ତି ବୋଲି ଆଇନମନ୍ତ୍ରୀ କହିଥିଲେ। ସେହିପରି ଜଷ୍ଟିସ ଅରୁଣ ମିଶ୍ର କହିଥିଲେ, ଅନ୍ତର୍ଜାତୀୟ ସମୁଦାୟରେ ଭାରତ ଏକ ଦାୟିତ୍ୱସମ୍ପନ୍ନ ରାଷ୍ଟ୍ର। ଅନ୍ତର୍ଜାତୀୟ ସ୍ତରରେ ମୋଦି ଜଣେ ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତି ଯିଏ ବିଶ୍ୱ ସ୍ତରୀୟ ଚିନ୍ତା କରିଥାନ୍ତି ଓ ତାହାକୁ ସ୍ଥାନୀୟ ଅଞ୍ଚଳରେ କାର୍ଯ୍ୟକାରୀ କରିଥାନ୍ତି ବୋଲି ଜଷ୍ଟିସ୍ ମିଶ୍ର କହିଥିଲେ।

ସୁପ୍ରିମକୋର୍ଟଙ୍କ ଦ୍ୱାରା ଆୟୋଜିତ ବିଚାରପତି ସମ୍ମିଳନୀରେ ୨୦ରୁ ଊର୍ଦ୍ଧ୍ୱ ଦେଶର ବିଚାରପତିମାନେ ଯୋଗଦେଇଥିଲେ। ସିଜେଆଇ ସମ୍ମିଳନୀର ସଫଳତା କାମନା କରିଥିଲେ।



ସିଜେଆଇ ଜଷ୍ଟିସ୍ ଏସ୍.ଏ.ବୋବ୍‌ଡେଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

## ଅନ୍ତର୍ଜାତୀୟ ବିଚାରପତି ସମ୍ମିଳନୀ

- ଆତଙ୍କବାଦ ଭଳି ସମସ୍ୟାର ସମାଧାନ ଦିଗରେ ନ୍ୟାୟପାଳିକା କାର୍ଯ୍ୟ କରୁ: ଜଷ୍ଟିସ୍ ରମନା
- ବିକାଶ ଓ ପରିବେଶ ସୁରକ୍ଷା ମଧ୍ୟରେ ସନ୍ତୁଳନ ଆଣିଛି ଭାରତୀୟ ବିଚାର ବ୍ୟବସ୍ଥା: ପ୍ରଧାନମନ୍ତ୍ରୀ

# ବିନୟଙ୍କ ଆବେଦନ ଖାରଜ

ନୂଆଦିଲ୍ଲୀ,୨୨।୨(ପି.ଟି.)



## ମାନସିକ ବିକୃତି ଦର୍ଶାଇ ଚିକିତ୍ସା ପାଇଁ ଆବେଦନ କରିଥିଲେ ନିର୍ଭୟା ଦୋଷୀ

ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାରେ ମୃତ୍ୟୁଦଣ୍ଡାଦେଶ ପାଇଥିବା ଅନ୍ୟତମ ଅପରାଧୀ ବିନୟ ଶର୍ମାଙ୍କ ଚିକିତ୍ସା ଆବେଦନକୁ ଦିଲ୍ଲୀର ଏକ ଅଦାଲତ ଖାରଜ କରିଦେଇଛନ୍ତି। ମାନସିକ ବିକୃତି ଥିବା ଦର୍ଶାଇ ବିନୟ ଚିକିତ୍ସା ପାଇଁ ଆବେଦନ କରିଥିଲେ। ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିବା ସହ ଡାହାଣ ହାତ ଭାଙ୍ଗିଥିବା ସେ ଦର୍ଶାଇଥିଲେ। ମୁଣ୍ଡରେ ଆଘାତ ଯୋଗୁ ମାନସିକ ବିକୃତି ଦେଖାଦେଇଛି। ସେ ତାଙ୍କ ମାଆ ଓ ଅନ୍ୟମାନଙ୍କୁ ଚିହ୍ନିପାରୁ ନ ଥିବା ତାଙ୍କ ଓକିଲ ଦର୍ଶାଇଥିଲେ। ଏନେଇ କୋର୍ଟ ତିହାର ଜେଲ୍ କର୍ତ୍ତୃପକ୍ଷଙ୍କୁ ଜବାବ ମାଗିଥିଲେ। ବିନୟଙ୍କ ଅଭିଯୋଗ ସମ୍ପୂର୍ଣ୍ଣ ମିଛ। ସେ ଜାଣିଶୁଣି ମୁଣ୍ଡ ବାଡ଼େଇ ଆହତ ହୋଇଥିବା ଜେଲ୍ କର୍ତ୍ତୃପକ୍ଷ କୋର୍ଟଙ୍କୁ ଜଣାଇଥିଲେ। ପୂର୍ବରୁ ତାଙ୍କର ମାନସିକ ବିକୃତିର କୌଣସି ସୂଚନା ନ ଥିବା ଡାକ୍ତରୀ ପରୀକ୍ଷାରୁ ଜଣାପଡିଥିବା ମାନସିକ ରୋଗ ବିଶେଷଜ୍ଞ କୋର୍ଟରେ ହାଜର ହୋଇ କହିଥିଲେ। ଅତିରିକ୍ତ ସେସନ୍ସ ଜଜ୍ ଧର୍ମେନ୍ଦ୍ର ରଣା ଏହା ଶୁଣିବା ପରେ ବିନୟଙ୍କ ଚିକିତ୍ସା ଆବେଦନକୁ ଖାରଜ କରିଦେଇଛନ୍ତି।

ମୃତ୍ୟୁଦଣ୍ଡାଦେଶ ପାଇଥିବା ୪ ଅପରାଧୀଙ୍କୁ ମାର୍ଚ୍ଚ ୩ ତାରିଖ ସକାଳ ୬ଟାରେ ଫାଶୀ ଦେବା ପାଇଁ ପଟିଆଲା ହାଉସ୍ କୋର୍ଟ ତୃତୀୟ ଥର ପାଇଁ ଡେଥ୍ ୱାରେଣ୍ଟ ଜାରି କରିଛନ୍ତି। ଏହା ସତ୍ତ୍ୱେ ବିଭିନ୍ନ ବାହାନା କରି ଅପରାଧୀ ସମୟ ଗଡ଼ାଇବାକୁ ଉଦ୍ୟମ ଜାରି ରଖିଛନ୍ତି।

# ଆତଙ୍କବାଦକୁ ଲଗାମ ଦେଉ ପାକ୍

ୱାଶିଂଟନ,୨୨।୨(ପି.ଟି.)

## ଭାରତ ସହ ଆଲୋଚନା ପାଇଁ ହ୍ୱାଇଟ୍ ହାଉସ୍‌ର ପରାମର୍ଶ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଗସ୍ତ ପୂର୍ବରୁ ଦୁଇ ପଡୋଶୀ ଦେଶ ଭାରତ ଓ ପାକ୍ ଉତ୍ତେଜନା ହ୍ରାସ କରିବା ଉପରେ ଟ୍ରମ୍ପ ଗୁରୁତ୍ୱ ଦେଇଛନ୍ତି। ଦୁଇଦେଶ ମଧ୍ୟରେ ସଫଳ ଆଲୋଚନା ପାଇଁ ଇସ୍‌ଲାମାବାଦକୁ ନିଜ ଅଞ୍ଚଳରୁ ଆତଙ୍କବାଦୀ ଓ ଉଗ୍ରପନ୍ଥୀମାନଙ୍କୁ କାବୁ କରିବାକୁ ହେବ ବୋଲି ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି। ଭାରତ ସରକାର ଗତବର୍ଷ ଅଗଷ୍ଟ ୫ରେ ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିବା ପରେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ଇସ୍‌ଲାମାବାଦ ନୂଆଦିଲ୍ଲୀ ସହ କୂଟନୈତିକ ସମ୍ପର୍କ ଛିନ୍ନ କରିଛି। ଭାରତ ଗସ୍ତ ବେଳେ ଟ୍ରମ୍ପ କଶ୍ମୀର ପ୍ରସଙ୍ଗରେ ମଧ୍ୟସ୍ଥତା ପାଇଁ ପ୍ରସ୍ତାବ ଦେବେ କି ବୋଲି ପ୍ରଶ୍ନରେ ଅଧିକାରୀ ଜଣକ ଉପରୋକ୍ତ ମତ ଦେଇଥିଲେ। ସୂଚନାଯୋଗ୍ୟ କଶ୍ମୀର ପ୍ରସଙ୍ଗରେ ସହାୟତା କରିବା ପାଇଁ ଟ୍ରମ୍ପ ଏକାଧିକ ଥର ପ୍ରସ୍ତାବ ଦେଇଛନ୍ତି। ତେବେ କଶ୍ମୀର ଭାରତ ଓ ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ ପ୍ରସଙ୍ଗ ହୋଇଥିବାରୁ ଏଥିରେ ତୃତୀୟ ପକ୍ଷର ହସ୍ତକ୍ଷେପ ଦରକାର ନାହିଁ ବୋଲି ନୂଆଦିଲ୍ଲୀ ବାରମ୍ବାର କହିଆସୁଛି।

# ଭାରତୀୟ ବିମାନକୁ ଅନୁମତି ଦେଉନି ଚାଇନା

ଉହାନ, ୨୨।୨

ଚାଇନାରେ କରୋନା ପରିସ୍ଥିତି ଅଣାୟତ୍ତ ହୋଇପଡ଼ିଛି। ଏବେସୁଦ୍ଧା ସେଠାରେ କରୋନା ମୃତ୍ୟୁସଂଖ୍ୟା ୨,୩୪୫ରେ ପହଞ୍ଚିଥିବାବେଳେ ପ୍ରାୟ ୭୬ ହଜାର ଲୋକ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ଅନେକ ଭାରତୀୟ ଚାଇନାରେ ଏବେ ବି ରହିଛନ୍ତି। ସେମାନଙ୍କୁ ଉଦ୍ଧାର କରିବା ଲାଗି ଭାରତୀୟ ବାୟୁସେନାର ରିଲିଫ ବିମାନକୁ ଚାଇନା ଉଦ୍ଦେଶ୍ୟମୂଳକ ଭାବେ ଅନୁମତି ଦେଉ ନ ଥିବା ଅଭିଯୋଗ କରାଯାଇଛି। ଫେବୃୟାରୀ ୧୬ରୁ ଜାପାନ, ୟୁକ୍ରେନ, ଫ୍ରାନ୍ସ ବିମାନକୁ ଚାଇନା ଅନୁମତି ଦେଇଥିବା ବେଳେ ଭାରତକୁ ଜାଣିଶୁଣି ଅବହେଳା ପ୍ରଦର୍ଶନ କରାଯାଉଛି। କରୋନା ସଂକ୍ରମିତ ଚାଇନାକୁ ଭାରତ ସହଯୋଗର ହାତ ବଢ଼ାଇ ଥିବାବେଳେ ଏପର୍ଯ୍ୟନ୍ତ ରିଲିଫ ବିମାନକୁ ଅନୁମତି ଦିଆଯାଇ ନାହିଁ। ଚାଇନା ଦୂତାବାସର ମୁଖପାତ୍ର କହିଛନ୍ତି, ଉଦ୍ଦେଶ୍ୟମୂଳକ ଭାବେ ନୁହେଁ ବରଂ ଯୋଗାଯୋଗରେ ବିଳମ୍ବ ଯୋଗୁ ଏଭଳି ସ୍ଥିତି ଉପୁଜିଛି। ହୁବେଇ ସ୍ଥିତି ଏବେ ଉଦ୍‌ବେଗଜନକ ରହିଛି। ଭାରତୀୟଙ୍କ ସୁରକ୍ଷା ଓ ସହାୟତା ଦାୟିତ୍ୱ ଚାଇନା ମଧ୍ୟ ନେଉଛି। କରୋନା ସଂକ୍ରମଣକୁ ରୋକିବା ଓ ନାଗରିକଙ୍କୁ ସୁରକ୍ଷିତ ଭାବେ ରଖିବା ଉପରେ ଗୁରୁତ୍ୱ ଦିଆଯାଉଥିବା ସେ କହିଛନ୍ତି। ପୂର୍ବରୁ ଭାରତ ୬୫୦ ନାଗରିକଙ୍କୁ ସେଠାରୁ ଉଦ୍ଧାର କରିସାରିଛି। ପରିସ୍ଥିତି ଉଦ୍‌ବେଗଜନକ ହୋଇପଡ଼ି ଥିବାବେଳେ ସେଠାରେ ଥିବା ଅନ୍ୟ ଭାରତୀୟଙ୍କୁ ଫେରାଇ ଅଣାଯିବା ଲାଗି ପ୍ରୟାସ ଜାରି ରହିଛି।

## ସିଙ୍ଗାପୁର ନ ଯିବାକୁ ଭାରତୀୟଙ୍କୁ ପରାମର୍ଶ

ନୂଆଦିଲ୍ଲୀ, ୨୨।୨(ପି.ଟି.): ଚାଇନାରେ କରୋନା ଭାଇରସ୍ ଆତଙ୍କ ସୃଷ୍ଟି କରିଥିବା ବେଳେ ପଡ଼ୋଶୀ ଭାରତ ଏନେଇ ସତର୍କ ରହିଛି। କରୋନା ସଂକ୍ରମଣ ରୋକିବା ଲାଗି ଭାରତ ଏକାଧିକ ପଦକ୍ଷେପ ଗ୍ରହଣ କରିଛି। ନିହାତି ଆବଶ୍ୟକ ନ ଥିଲେ ସିଙ୍ଗାପୁର ଗସ୍ତ ବାତିଲ କରିବା ଲାଗି ଶନିବାର ସମସ୍ତ ନାଗରିକଙ୍କୁ ପରାମର୍ଶ ଦିଆଯାଇଛି। କରୋନା ସଂକ୍ରମଣ ବ୍ୟାପୁଥିବା ବେଳେ ବିଶ୍ୱ ଲାଗି ଏହା ଏକ ସତର୍କ ଘଣ୍ଟି ପାଲଟିଛି। ହଂକଂ, ଥାଇଲାଣ୍ଡ, ଦକ୍ଷିଣ କୋରିଆ, ନେପାଳ, ଇଣ୍ଡୋନେସିଆ, ଭିଏତ୍‌ନାମ, ମାଲେସିଆରୁ ଭାରତ ଆସୁଥିବା ବିମାନ ଯାତ୍ରୀଙ୍କୁ ବିମାନବନ୍ଦରରେ ସ୍କ୍ରିନିଂ କରାଯାଉଛି। କ୍ୟାବିନେଟ ସଚିବ ଶନିବାର ପରିସ୍ଥିତିର ସମୀକ୍ଷା କରିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଅନୁଷ୍ଠିତ ବୈଠକରେ ସ୍ୱାସ୍ଥ୍ୟ, ପ୍ରତିରକ୍ଷା, ବେସାମରିକ ବିମାନ ଚଳାଚଳ, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସଚିବଙ୍କ ସହ ସ୍ୱରାଷ୍ଟ୍ର, ବହିର୍ବ୍ୟାପାର ମନ୍ତ୍ରଣାଳୟର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

# ନଭେମ୍ବରରେ ବିହାର ନିର୍ବାଚନ: ନଡ୍ଡା

**ପାଟନା,୨୨।୨:** ବିହାର ବିଧାନସଭା ନିର୍ବାଚନ ପାଇଁ ଭାଜପା ପକ୍ଷରୁ ଶନିବାର ବିଗୁଲ ବାଜିଛି। ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା ଆୟୋଜିତ ଏକ ସଭାରେ ନିର୍ବାଚନ ମାସ ସମ୍ପର୍କରେ ସୂଚନା ଦେଇଛନ୍ତି। ନଡ୍ଡା କହିଛନ୍ତି, ଆସନ୍ତା ନଭେମ୍ବର ମାସରେ ରାଜ୍ୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବା ସହ ପୁଣିଥରେ ମୁଖ୍ୟମନ୍ତ୍ରୀ ଭାବେ ନୀତୀଶ କୁମାର କ୍ଷମତା ଦଖଲ କରିବେ। ତେବେ ନିର୍ବାଚନ କମିଶନଙ୍କ ଘୋଷଣା ପୂର୍ବରୁ ଭାଜପା ନେତା କିଭଳି ନିର୍ବାଚନ କେବେ ହେବ ତାହା ଜାଣିପାରୁଛନ୍ତି, ସେ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି। ପୂର୍ବରୁ ଏଭଳି କିଛି ଭାଜପା ନେତା ମଧ୍ୟ ନିର୍ବାଚନ ସମୟ ସମ୍ପର୍କରେ ସୂଚନା ଦେଇଥିବା ନଜିର ରହିଛି।



OFFICE OF THE MUNICIPAL COUNCIL, PHULBANI, KANDHAMAL

**e-Procurement Notice**

**Tender Call Notice No.361, Dated: 17.02.2020**
**BID Reference No.EO_PLB.M_04_2019-20**
**Tender ID- 2020_ORULB_60159_1 to 60159_2**

| | | |
|---|---|---|
| 1 | Name of the work | 2 number of work as in the DTCN published in the website |
| 2 | Estimated Cost | Rs.13,70,000/- to Rs.47,60,000/- |
| 3 | Period of completion | 90 days |
| 4 | Date and time of availability of bid documents | From 10.00 A.M. on 24.02.2020 to 5.00 P.M. on 02.03.2020 |
| 5 | Last date / time for receipt of bids in the portal | 5.00 P.M. on 02.03.2020 |
| 6 | Date and time of opening bid | After 3.00 P.M. on 04.03.2020 |
| 7 | Name and address of the officer inviting Bid | Executive Officer, Phulbani Municipality |

Further details can be seen from the e-procurement portal https://tendersorissa.gov.in

Sd./- Executive Officer, Phulbani Municipality

# ୩ କଲେଜ ଛାତ୍ରୀ ଜଳିଗଲେ

**ଚଣ୍ଡିଗଡ଼,୨୨।୨(ଆଇଏଏନ୍‌ଏସ୍):** ଚଣ୍ଡିଗଡ଼ ସେକ୍ଟର ୩୨ ଅଞ୍ଚଳରେ ଥିବା ଏକ ଭଡ଼ାଘରେ ଶନିବାର ବଡ଼ ଧରଣର ଅଗ୍ନିକାଣ୍ଡ ହୋଇଛି। ଏଥିରେ ୩ କଲେଜ ଛାତ୍ରୀ ଜୀବନ୍ତ ଦଗ୍ଧ ହୋଇଥିବାବେଳେ ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ଶର୍ଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ହୋଇଥିବା ବିଶ୍ୱାସ କରାଯାଉଛି। ଉକ୍ତ ୨ ମହଲା କୋଠାରେ ୩୦ରୁ ଅଧିକ ଛାତ୍ରୀ ରହୁଥିଲେ।

# ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ

**ଶ୍ରୀନଗର, ୨୨।୨(ପି.ଟି.):** ଜମ୍ମୁ-କଶ୍ମୀରର ଅନନ୍ତନାଗ ଜିଲାରେ ସୁରକ୍ଷାକର୍ମୀଙ୍କ ଏନ୍‌କାଉଣ୍ଟରରେ ୨ ଲଶ୍କର-ଇ-ତୋଇବା ଆତଙ୍କବାଦୀ ନିହତ ହୋଇଛନ୍ତି। ମୃତ ଆତଙ୍କବାଦୀ ଦ୍ୱୟ ହେଲେ କୁଲଗାମ୍ ନିବାସୀ ନୱିଦ୍ ଅହମଦ ଓରଫ ଫୁର୍‌କାନ ଓ ଆକିବ୍ ୟାସିନ୍ ଭଟ୍ଟ। ଅନ୍ୟ ଏକ ଘଟଣାରେ ବାରମୁଲ୍ଲାରୁ ହିଜ୍‌ବୁଲ କମାଣ୍ଡର ଜୁନୈଦ ଫାରୁକ୍ ପଣ୍ଡିତଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ଗୋଟିଏ ପିସ୍ତଲ ସହ ୩୦ ରାଉଣ୍ଡ ଗୁଳି ଜବତ ହୋଇଛି।

## [ଇତିହାସର ଆଇନାରେ]

**ଫେବୃୟାରୀ ୨୩ର ପ୍ରମୁଖ ଘଟଣା**

୧୯୯୮ ଫେବୃୟାରୀ ୨୩ରେ ସାମୁଦ୍ରିକ ଝଡ଼ ଫ୍ଲୋରିଡାରେ ବ୍ୟାପକ କ୍ଷୟକ୍ଷତି କରିଥିଲା। ୪୪ ଜଣ ଏଥିରେ ମୃତ୍ୟୁବରଣ କରିଥିବା ବେଳେ ୨୬୦ ଆହତ ହୋଇଥିଲେ।

୨୦୧୨ ଫେବୃୟାରୀ ୨୩ରେ ଇରାକ୍‌ରେ ସିରିଜ୍ ବୋମାମାଡ଼ କରାଯିବାରୁ ୮୩ ଜଣଙ୍କ ମୃତ୍ୟୁ ହୋଇଥିଲା। ଏଥିରେ ୨୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିଲେ।

# ଧର୍ମୀୟ ସ୍ୱାଧୀନତା ପ୍ରସଙ୍ଗ ଉଠାଇବେ ଟ୍ରମ୍ପ

ୱାଶିଂଟନ,୨୨।୨(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଆଲୋଚନା ବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଧର୍ମୀୟ ସ୍ୱାଧୀନତା ପ୍ରସଙ୍ଗ ଉଠାଇବେ ବୋଲି ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି। ଭାରତର ଗଣତାନ୍ତ୍ରିକ ପରମ୍ପରା ଓ ଅନୁଷ୍ଠାନ ପ୍ରତି ଆମେରିକାର ଯଥେଷ୍ଟ ସମ୍ମାନ ରହିଛି। ଭାରତ ଏହି ମୂଲ୍ୟବୋଧ ବଜାୟ ରଖିବା ଲାଗି ଆମେରିକା ଉତ୍ସାହ ଦେବା ଜାରି ରଖିବ। ଟ୍ରମ୍ପଙ୍କ ଗସ୍ତ ପୂର୍ବରୁ ଆମେରିକା ଅନ୍ତର୍ଜାତୀୟ ଧର୍ମୀୟ ସ୍ୱାଧୀନତା କମିଶନ ଏକ ଫ୍ୟାକ୍ଟଶିଟ୍ ପ୍ରକାଶ କରିଛି। ଭାରତ ସରକାର ଆଣିଥିବା ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ସେଠାରେ ଧର୍ମୀୟ ସ୍ୱାଧୀନତା ଅବକ୍ଷୟର ସୂଚନା ବୋଲି ଏଥିରେ ଉଲ୍ଲେଖ ରହିଛି। ଟ୍ରମ୍ପ ଭାରତର ପ୍ରଧାନମନ୍ତ୍ରୀଙ୍କ ସହ ସିଏଏ ଏବଂ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ପ୍ରସଙ୍ଗରେ ଆଲୋଚନା କରିବେ କି ବୋଲି ପ୍ରଶ୍ନ ହେବାରୁ ହ୍ୱାଇଟ୍ ହାଉସ୍‌ର ଜଣେ ଉଚ୍ଚ ପଦାଧିକାରୀ ଉପରୋକ୍ତ ମତ ଦେଇଛନ୍ତି।



୨୦୧୪ ଡିସେମ୍ବର ୩୧ ପୂର୍ବରୁ ଭାରତ ଆସିଥିବା ପଡୋଶୀ ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନର ଅଣମୁସଲମାନମାନଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ ଲାଗି ସିଏଏରେ ବ୍ୟବସ୍ଥା ରହିଛି। ଧର୍ମ ଆଧାରରେ ନାଗରିକତ୍ୱ ପ୍ରଦାନକୁ ଭାରତର ବିଭିନ୍ନ ମହଲରେ ବିରୋଧ କରାଯାଉଛି। ସାର୍ବଜନୀନ ମୂଲ୍ୟବୋଧ ଏବଂ ଆଇନର ଶାସନକୁ କାଏମ ରଖିବା ଲାଗି ଉଭୟ ଦେଶ ପ୍ରତିବଦ୍ଧ। ତେବେ ସିଏଏ ଏବଂ ଏନ୍‌ଆର୍‌ସିର କେତେକ ପ୍ରସଙ୍ଗକୁ ନେଇ ଆମେ ଚିନ୍ତିତ ବୋଲି ଟ୍ରମ୍ପ ପ୍ରଶାସନର ଉକ୍ତ ଅଧିକାରୀ କହିଛନ୍ତି।

## ମୌର୍ଯ୍ୟ ହୋଟେଲରେ ଟ୍ରମ୍ପଙ୍କ ରହଣି

### ଗୋଟିଏ ରାତିର ରୁମ୍ ଭଡ଼ା ୮ ଲକ୍ଷ

**ନୂଆଦିଲ୍ଲୀ,୨୨।୨:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୨ ଦିନିଆ ଗସ୍ତରେ ଭାରତ ଆସୁଛନ୍ତି। ତାଙ୍କ ଭାରତ ଗସ୍ତକୁ ସ୍ମୃତି ବହୁଳ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାର ଉଦ୍ୟମ ଜାରି ରଖିଛନ୍ତି। ଟ୍ରମ୍ପ ଦିଲ୍ଲୀର ମୌର୍ଯ୍ୟ ହୋଟେଲରେ ରହିବେ। ଏଠାରେ ଗୋଟିଏ ରାତି ପାଇଁ ରୁମ୍ ଭଡ଼ା ୮ ଲକ୍ଷ ଟଙ୍କା ରହିଛି। ଏହି ହୋଟେଲର ପ୍ରେସିଡେନ୍ସିଆଲ ଫ୍ଲୋରର ଚାଣକ୍ୟ ସୁଟ୍‌ରେ ଟ୍ରମ୍ପ ରହିବେ। ମୌର୍ଯ୍ୟ ହୋଟେଲର ପ୍ରେସିଡେନ୍ସିଆଲ ଫ୍ଲୋରରେ ଏହା ପୂର୍ବରୁ ରାଜା ଅବ୍‌ଦୁଲା, ରୁଷିଆ ରାଷ୍ଟ୍ରପତି ଭ୍ଲାଡ଼ିମିର ପୁଟିନ୍, ବ୍ରୁନେଇ ସୁଲତାନ, ଟୋନୀ ବ୍ଲେୟାର, ଦଲାଇ ଲାମାଙ୍କ ଭଳି ବିଶିଷ୍ଟ ବ୍ୟକ୍ତି ରହିସାରିଛନ୍ତି।

## ୫ ସ୍ତରୀୟ ସୁରକ୍ଷା ବ୍ୟବସ୍ଥା

ଅହମଦାବାଦ,୨୨।୨

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଫେବୃୟାରୀ ୨୪ରେ ଭାରତ ଗସ୍ତରେ ଆସୁଛନ୍ତି। ତାଙ୍କ ପରିବାର ପାଇଁ ୫ ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସୁରକ୍ଷା କାର୍ଯ୍ୟରେ ୨୫ ହଜାରରୁ ଅଧିକ ପୋଲିସ କର୍ମୀଙ୍କୁ ମୁତୟନ କରାଯାଇଛି। ଟ୍ରମ୍ପଙ୍କ ୩୬ ଘଣ୍ଟିଆ ଗସ୍ତ କାର୍ଯ୍ୟକ୍ରମରେ ୧୦୦ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ ହେବ। ଟ୍ରମ୍ପ ପରିବାର ସଦସ୍ୟଙ୍କ ଆଭ୍ୟନ୍ତରୀଣ ସୁରକ୍ଷା ଦାୟିତ୍ୱ ସମ୍ପୂର୍ଣ୍ଣ ଭାବେ ଆମେରିକା ସିକ୍ରେଟ୍ ସର୍ଭିସ୍ ହାତରେ ରହିବ। ସେହିପରି ଅନ୍ୟ ସୁରକ୍ଷା ସ୍ତରଗୁଡ଼ିକର ଦାୟିତ୍ୱରେ ଏନ୍‌ଏସ୍‌ଜି, ଚେତକ କମାଣ୍ଡୋ, ଅର୍ଦ୍ଧ ସାମରିକ ସୁରକ୍ଷାକର୍ମୀ, ପୋଲିସକର୍ମୀଙ୍କୁ ନିୟୋଜିତ କରାଯାଇଛି।

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
SCRIPS PMU, Janpath, Bhubaneswar -751 022 (Odisha)
OPTCL Lifeline of Odisha
E-mail: scripspmu@optcl.co.in CIN: U40102OR2004SGC007553

**ସର୍ବସାଧାରଣ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି କି, ୧୩୨କେଭି ଭୂତଳ ବିଦ୍ୟୁତ୍ କେବୁଲ୍ ଲାଇନ୍ ୨୨୦/୧୩୨/୩୩କେଭି ସବ୍‌ଷ୍ଟେସନ୍, ଚନ୍ଦକା-ଖ ଠାରୁ ୧୩୨/୩୩କେଭି ସବ୍‌ଷ୍ଟେସନ୍, ମଞ୍ଚେଶ୍ୱର-ଖ ପର୍ଯ୍ୟନ୍ତ ରାସ୍ତାର ବାମ / ଡାହାଣ ପାର୍ଶ୍ୱରେ ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଯାଇଅଛି । ଏହି କେବୁଲ୍ ଲାଇନ୍ ଇନ୍‌ଫୋସିଟି ପୋଲିସ୍ ଷ୍ଟେସନରୁ କିଟ୍ ମେଡିକାଲ୍ ଛକ (ଡାହାଣ), କିଟ୍ ମେଡିକାଲ୍ ଛକରୁ ସାଇ ଆନ୍ତର୍ଜାତୀୟ ବିଦ୍ୟାଳୟ (ବାମ), ସାଇ ଆନ୍ତର୍ଜାତୀୟ ବିଦ୍ୟାଳୟରୁ ପଟିଆ ଛକ (ବାମ), ପଟିଆ ଛକରୁ ଓମ୍‌ଫେଡ୍ ଛକ ଭାୟା ଡମଣା ଛକ (ଡାହାଣ), ଓମ୍‌ଫେଡ୍ ଛକରୁ ରେଲ୍‌ୱେ ଷ୍ଟାଡିୟମ୍ (ଡାହାଣ), ରେଲ୍‌ୱେ ଷ୍ଟାଡିୟମ୍‌ରୁ ରେଲ୍‌ୱେ ହସ୍ପିଟାଲ ଛକ (ବାମ), ରେଲ୍‌ୱେ ହସ୍ପିଟାଲ ଛକରୁ ବି.ଏମ୍.ସି. ଡମ୍ପୟାର୍ଡ (ଡାହାଣ), ବି.ଏମ୍.ସି. ଡମ୍ପୟାର୍ଡ (ସାମନା ରାସ୍ତା ବାମ ପାର୍ଶ୍ୱ), ମଞ୍ଚେଶ୍ୱର ରେଲ୍‌ୱେ ଷ୍ଟେସନ୍ ରାସ୍ତା (ଡାହାଣ), ମଞ୍ଚେଶ୍ୱର ରେଲ୍‌ୱେ ଷ୍ଟେସନ୍ ରାସ୍ତାରୁ ଓ.ଡି.ସି.ଏଲ୍. ଛକ (ବାମ), ଓ.ଡି.ସି.ଏଲ୍. ଛକରୁ ଇଡ୍.କୋ. ବିଲ୍ଡିଙ୍ଗ୍ ଛକ (ଡାହାଣ), ଇଡ୍.କୋ. ବିଲ୍ଡିଙ୍ଗ୍ ଛକରୁ ମଞ୍ଚେଶ୍ୱର-ଖ (ବାମ) ରାସ୍ତା ତଳ ଦେଇ ବିଛାଯାଇଅଛି ଏବଂ ମଞ୍ଚେଶ୍ୱର ରେଲ୍‌ୱେ ଷ୍ଟେସନ୍ ପାଖରେ ରେଳ ଧାରଣାକୁ ଅତିକ୍ରମ କରିଛି । ଉକ୍ତ ୧୩୨ କେଭି ଅତ୍ୟୁଚ୍ଚ ବିଦ୍ୟୁତ୍ କେବୁଲ୍ ଲାଇନ୍ ଆସନ୍ତା ତା.୨୫.୦୨.୨୦୨୦ ଠାରୁ ଯେକୌଣସି ମୁହୂର୍ତ୍ତରେ ସଂଯୋଗ କରାଯାଇ ବିଦ୍ୟୁତ୍ ସରବରାହ କରାଯିବ ।

ଏହା ସର୍ବସାଧାରଣଙ୍କ ଅବଗତ ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପ୍ରଚଳିତ ଭାରତୀୟ ବିଦ୍ୟୁତ୍ ଆଇନ୍‌ର ଧାରା ଅନୁଯାଇ ଭୂତଳ ଲାଇନ୍ ଉପରେ କୌଣସି ଖୋଳା ଖୋଳି କାର୍ଯ୍ୟ, ଭୂତଳ କାର୍ଯ୍ୟ ଯଥା ସୁଡଙ୍ଗ କରିବା ଏବଂ ଘର ତୋଳିବା, ଗଛ ଲଗାଇବା, ଲମ୍ବା କାଠ ବା ଲୁହାଖୁଣ୍ଟ ଉଠାଇବା ଆଦି ନିଷେଧ, ଦଣ୍ଡନୀୟ ଓ ବିପଦଜନକ ଅଟେ ଏବଂ ଧନ ଜୀବନ ନଷ୍ଟ ହେବାର ଯଥେଷ୍ଟ ଆଶଙ୍କା ଅଛି ।

ଏଣୁ ସର୍ବସାଧାରଣଙ୍କୁ ଉପରୋକ୍ତ ସତର୍କତାକୁ ଅବଲମ୍ବନ କରି ନିଷେଧ କାର୍ଯ୍ୟଗୁଡ଼ିକୁ ନ କରିବା ପାଇଁ ଅନୁରୋଧ କରାଯାଉଛି ।

ସ୍ୱା/-
ମୁଖ୍ୟ ମହାପ୍ରବନ୍ଧକ (ବିଦ୍ୟୁତ୍)

Please connect us: optcl.odisha optcl_odisha energyodisha

# କଶ୍ମୀରରେ ୨୫୦ ଆତଙ୍କବାଦୀ ସକ୍ରିୟ

**ଶ୍ରୀନଗର, ୨୨।୨(ପି.ଟି.):** କଶ୍ମୀରରେ ଏବେ ବି ଆତଙ୍କବାଦୀମାନେ ସକ୍ରିୟ ଅଛନ୍ତି। ତାଲିକାଭୁକ୍ତ ଆତଙ୍କବାଦୀଙ୍କ ସଂଖ୍ୟା କମି ୨୫୦ରେ ପହଞ୍ଚିଛି। ୨୦୨୦ରେ ଅର୍ଥାତ ଗତ ୨ ମାସ ମଧ୍ୟରେ ସୁରକ୍ଷାକର୍ମୀଙ୍କ ଏକାଧିକ ଅପରେଶନରେ ୨୫ ଆତଙ୍କବାଦୀ ପ୍ରାଣ ହରାଇଥିବା ଜମ୍ମୁ-କଶ୍ମୀର ଡିଜିପି ଦିଲ୍‌ବାଗ ସିଂ ଶନିବାର ପ୍ରକାଶ କରିଛନ୍ତି। ଚଳିତବର୍ଷ ଅନ୍ତର୍ଜାତୀୟ ସୀମା ଡେଇଁ ୩ ଆତଙ୍କବାଦୀ ଭାରତ ଭିତରକୁ ଅନୁପ୍ରବେଶ କରିଥିବା ସେ କହିଛନ୍ତି। ସେମାନଙ୍କ ମଧ୍ୟରୁ ତ୍ରାଲ୍ ସେକ୍ଟର୍‌ରେ ଜଣେ ଜେଇଏମ୍ ଆତଙ୍କବାଦୀଙ୍କୁ ସୁରକ୍ଷାକର୍ମୀମାନେ ନିପାତ୍ କରିଛନ୍ତି। ପୂର୍ବରୁ ଅନେକ ଆତଙ୍କବାଦୀ ସୀମା ଡେଇଁ ଭାରତରେ ପ୍ରବେଶ କରିଥିବା ବେଳେ ଏବେ ସେନାର କଠୋର କାର୍ଯ୍ୟାନୁଷ୍ଠାନ ଯୋଗୁ ଏହା ଯଥେଷ୍ଟ କମିଥିବା ସେ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଗତ ୨ ମାସ ମଧ୍ୟରେ ପ୍ରାୟ ୧୨ ଅପରେଶନ ସେନା ପକ୍ଷରୁ କରାଯାଇ ୨୫ ଆତଙ୍କବାଦୀଙ୍କୁ ହତ୍ୟା କରାଯାଇଥିବା ସେ କହିଛନ୍ତି। ଉପତ୍ୟକାରେ ୯, ଜମ୍ମୁରେ ୪ ଆତଙ୍କବାଦୀ ଗିରଫ ହୋଇଛନ୍ତି। ଆତଙ୍କବାଦୀଙ୍କୁ ସମର୍ଥନ ଦେବା ଅଭିଯୋଗରେ ପ୍ରାୟ ୪୦ ଜଣଙ୍କୁ ମଧ୍ୟ ଗିରଫ କରାଯାଇଛି। ସୋସିଆଲ ମିଡିଆକୁ ଅପବ୍ୟବହାର କରାଯାଇ ବିଭିନ୍ନ ଧମକ ଦିଆଯାଉଛି ଓ ଏନେଇ ସୁରକ୍ଷାକର୍ମୀମାନେ ସତର୍କ ଥିବା ଡିଜିପି ସିଂ ପ୍ରକାଶ କରିଛନ୍ତି।

## ଦୁଇ ମାସରେ ୧୨ ଅପରେଶନ: ମଲେଣି ୨୫

ODISHA UNIVERSITY OF AGRICULTURE AND TECHNOLOGY
BHUBANESWAR-751 003, ODISHA, INDIA
Email: cpcouat2018@gmail.com; Tel : 0674-2562360; Visit us at: www.ouat.nic.in

No. 361/CAET **TENDER NOTICE** Date: 22nd Feb. 2020

Sealed tenders are invited from reputed manufacturers/ authorized dealers having valid GST/PAN and Service Centers in India, preferably in Odisha, for supply, installation and commissioning of different items as specified in the tender document at different Colleges/ Departments/ Projects located at Bhubaneswar as well as at different parts of Odisha under Odisha University of Agriculture and Technology (OUAT). Interested firms have to download the tender documents from the official Website of OUAT at **ouat.nic.in** and submit the same along with the required tender fee as specified in the tender document.

The last date for receipt of tender bids by speed post (India post) is16th March, 2020 up to 4 PM. For details of opening of bids, important information, terms and conditions, requirements, etc. please refer to the tender document available at **www://ouat.nic.in.**

Sd/-
**Chairman,**
**Central Purchase Committee, 2019-20 cum–Dean, CAET, O.U.A.T, Bhubaneswar 751003**

# ପରୀକ୍ଷା

**ବର୍ତ୍ତମାନ ଚାଲିଛି ପରୀକ୍ଷା ସିଜନ୍ । ମାଟ୍ରିକ୍ ପରୀକ୍ଷା ଚାଲିଥିବା ବେଳେ ଅନ୍ୟାନ୍ୟ ପରୀକ୍ଷା ପାଖେଇ ଆସୁଛି। ପ୍ରାୟ ସମସ୍ତ ଛାତ୍ରୀଛାତ୍ରଙ୍କ ମନରେ ଏହାକୁ ନେଇ ବଢ଼ିଯାଇଛି ଟେନ୍‌ସନ୍ । ହେଲେ ନିଜକୁ ଚାପମୁକ୍ତ ରଖିବା ସହ କେତେକ କଥା ପ୍ରତି ସଜାଗ ରହିଲେ ପରୀକ୍ଷାରେ ଆଶାନୁରୂପ ଫଳ ମିଳିବା ହୋଇଥାଏ ସହଜ...**

ପରୀକ୍ଷା ପାଖେଇ ଆସିଲେ କିମ୍ବା ପରୀକ୍ଷା ଚାଲିଥିବା ବେଳେ ପଢ଼ିବା ଆଳରେ ଖାଇବା, ଶୋଇବା ଆଦିରେ ଅବହେଳା କରି ସ୍ୱାସ୍ଥ୍ୟ ସମସ୍ୟା ଭୋଗିବା ହେଉ କିମ୍ବା ପରୀକ୍ଷାକୁ ନେଇ ମାନସିକ ଚାପଗ୍ରସ୍ତ ହୋଇପଡ଼ିବା ଭଳି ସମସ୍ୟା ଅନେକଙ୍କ ଠାରେ ଦେଖିବାକୁ ମିଳେ। ତେଣୁ ଏ ସମୟରେ କିଭଳି ନିଜକୁ ଶାରୀରିକ ଏବଂ ମାନସିକ ସ୍ତରରେ ଫିଟ୍ ରଖି ପରୀକ୍ଷା ଦେବେ ଜାଣି ରଖନ୍ତୁ...

▶ ପଢ଼ିବା ଲାଗି ସର୍ବଦା ଏକ ନିରୋଳା ସ୍ଥାନ ବାଛନ୍ତୁ। ଯେଉଁ ବିଷୟ ଅଧିକ ସହଜ ଅବା ପ୍ରିୟ ତାକୁ ଅଧିକ ଗୁରୁତ୍ୱ ଦେବା ପରିବର୍ତ୍ତେ ସମସ୍ତ ବିଷୟକୁ ସମାନ ଗୁରୁତ୍ୱ ଦିଅନ୍ତୁ। ଅଧିକ କଷ୍ଟ ବିଷୟ ପାଇଁ ପାହାନ୍ତା ସମୟ ବା ବ୍ରାହ୍ମ ମୁହୂର୍ତ୍ତ ସବୁଠୁ ଭଲ। କାରଣ ଏହି ସମୟରେ ମସ୍ତିଷ୍କ ସବୁଠାରୁ ଅଧିକ ସକ୍ରିୟ ରହିଥିବାରୁ ପାଠ ସହଜରେ ମନେ ରହିଥାଏ।

▶ ଯଦି ପରୀକ୍ଷା ଚାଲିଛି ତେବେ ସେଥିରେ କ'ଣ ଭୁଲ ହେଲା, କେତେ ମାର୍କ ଆସିବ ଆଦି ବିଷୟରେ ଚିନ୍ତା ପରି ମାନସିକ ଚାପ ନ ନେଇ ପରବର୍ତ୍ତୀ ପରୀକ୍ଷା ଲାଗି ପ୍ରସ୍ତୁତ ହୁଅନ୍ତୁ। ନଚେତ୍ ଏହାର ନକରାତ୍ମକ ପ୍ରଭାବ ପରବର୍ତ୍ତୀ ପରୀକ୍ଷା ଉପରେ ପଡ଼ିବ ଏବଂ ଅଶାନୁରୂପ ନମ୍ବର ମଧ୍ୟ ମିଳିବାରେ କଷ୍ଟ ହେବ।







ପ୍ରତି ପୁସ୍ତକର ପ୍ରଥମ ପୃଷ୍ଠାରୁ ଶେଷ ପୃଷ୍ଠା ପର୍ଯ୍ୟନ୍ତ ପାଠକୁ ଠିକ୍‌ରେ ବୁଝିବା ଆବଶ୍ୟକ। ଯେହେତୁ ପ୍ରଶ୍ନ ଅନେକ, ପ୍ରତି ପୃଷ୍ଠା କିମ୍ବା ପ୍ରସଙ୍ଗରୁ ପ୍ରଶ୍ନ ନିହାତି ଆସିପାରେ। ସେହିପରି ଯେଉଁମାନଙ୍କର ପରୀକ୍ଷା ପାଖେଇ ଆସୁଛି ସେମାନେ ଏ ସମୟରେ ଆଉ ବଡ଼ ବଡ଼ ପ୍ରଶ୍ନୋତ୍ତର ପଢ଼ିବା କିମ୍ବା ଘୋଷିବାରେ ସମୟ ନଷ୍ଟ ନ କରି କୋର୍ସ ରିଭିଜନ ଅର୍ଥାତ୍ ଶର୍ଟଟର୍ମ ଷ୍ଟଡି ବା ଇଣ୍ଟେନ୍ସିଭ୍ ଷ୍ଟଡି ପ୍ରତି ଅଧିକ ଗୁରୁତ୍ୱ ଦିଅନ୍ତୁ।

▶ ପରୀକ୍ଷା ବେଳେ ମସ୍ତିଷ୍କ ଉପରେ ପଢ଼ାର ଚାପ ଥିବାରୁ ବେଳେବେଳେ ଏହା ଭ୍ରମିତ ହୋଇଯାଏ। ତେଣୁ ପଢ଼ା ମଝିରେ କିଛି ସମୟ ମସ୍ତିଷ୍କକୁ ଆରାମ ଦିଅନ୍ତୁ। ତା'ଛଡ଼ା କିଛି ସମୟ କପାଳଭାତି, ଅନୁଲୋମ ବିଲୋମ, ବଜ୍ରାସନ, ଭ୍ରାମରି ଭଳି ଆସନ କଲେ ମଧ୍ୟ ପଞ୍ଚ ଇନ୍ଦ୍ରିୟ ସକ୍ରିୟ ରଖିବା ସହ ମାନସିକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିବ। ଯାହାର ସକାରାତ୍ମକ ପ୍ରଭାବ ପରୀକ୍ଷା ଉପରେ ପଡ଼ିବ।

▶ ପରୀକ୍ଷା ଚାଲିଥିବା ବେଳେ କିମ୍ବା ପାଖେଇ ଆସିଲେ ଅନେକେ ରାତି ଅନିଦ୍ରା ହୋଇ ପାଠ ପଢ଼ନ୍ତି। ହେଲେ ଏପରି କରିବା ଦ୍ୱାରା ମସ୍ତିଷ୍କକୁ ଆଦୌ ବିଶ୍ରାମ ନ ମିଳିବା କାରଣରୁ ପାଠ ମନେ ରହିବା ବଦଳରେ ଭୁଲି ହୋଇଯାଏ। ବେଳେବେଳେ ରାତି ଅନିଦ୍ରା ହୋଇ ପଢ଼ି ସକାଳୁ ପରୀକ୍ଷା ଦେବା ସମୟରେ ଅନେକଙ୍କୁ ନିଦ ଆସେ ଏବଂ ଠିକ୍ ଭାବେ ଉତ୍ତର ଲେଖିବାରେ ଅସୁବିଧା ହେବାର ନିଜର ରହିଛି। କେବଳ ଏତିକି ନୁହେଁ ରାତି ଅନିଦ୍ରା ଯୋଗୁ କେତେକଙ୍କ ଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜି ପରୀକ୍ଷାରେ ଭଲ ନମ୍ବର ରଖିବା ତ ଦୂରର କଥା ପରୀକ୍ଷା ଦେବା ବି କଷ୍ଟକର ହୋଇପଡ଼େ। ତେଣୁ ପରୀକ୍ଷାରେ ଭଲ କରିବାକୁ ହେଲେ ପଢ଼ିବା ସହିତ ଆବଶ୍ୟକ ନିଦ୍ରା ବି ଜରୁରୀ। ଏହା ଉଭୟ ଶାରୀରିକ ଏବଂ ମାନସିକ ସ୍ତରରେ ଫିଟ୍ ରଖିବ ଏବଂ ପରୀକ୍ଷା ଭଲ କରିବାରେ ସାହାଯ୍ୟ କରିବ।

▶ ଠିକ୍ ସେହିପରି ଏ ସମୟରେ ପଢ଼ା ନିଶାରେ ଅନେକେ ଖାଦ୍ୟପେୟ ପ୍ରତି ମଧ୍ୟ ଅବହେଳା କରିବସନ୍ତି ଏବଂ ଗ୍ୟାସ୍, ଏସିଡିଟି, ବାନ୍ତି, ଝାଡ଼ା ଭଳି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ଯାହାକି ପରୀକ୍ଷା ଲାଗି ସବୁଠୁ ଅଧିକ ବାଧା ଉପୁଜାଇଥାଏ। ତେଣୁ ପରୀକ୍ଷା ସମୟରେ ପ୍ରଚୁର ପରିମାଣରେ ପାଣି ପିଇବା ସହ ଯଥା ସମ୍ଭବ ତେଲ ମସଲା, ଫାଷ୍ଟଫୁଡ୍ ଭଳି ଖାଦ୍ୟଠାରୁ ଦୂରେଇ ରୁହନ୍ତୁ ଏବଂ ସୁଷମ ଖାଦ୍ୟ ଖାଆନ୍ତୁ।

▶ ପରୀକ୍ଷା ବେଳେ ପାଠ ଘୋଷିବାର ବଦଭ୍ୟାସ ଅନେକଙ୍କର ରହିଛି। ତେଣୁ ଏପରି ନ କରି ପାଠକୁ ବୁଝନ୍ତୁ। ବିଶେଷ କରି ପରୀକ୍ଷା ଚାଲିଥିଲେ ଆଗାମୀ ପେପର ଲାଗି କୌଣସି ନିର୍ଦ୍ଦିଷ୍ଟ ପ୍ରଶ୍ନୋତ୍ତରକୁ ଘୋଷିବା ବଦଳରେ ବହିର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଥରେ ଭଲ ଭାବେ ପଢ଼ି ନେବା ବୁଦ୍ଧିମତ୍ତାର କାମ। କାରଣ ବର୍ତ୍ତମାନର ପରୀକ୍ଷା ପଦ୍ଧତି ଯାହା,

## ଏ ସପ୍ତାହର ପ୍ରଶ୍ନ

୧ – ମୋନାଲିସାର ଚିତ୍ର ପ୍ରଥମ ଥର....... ମସିହାରେ ଲୌର୍ଭ ମ୍ୟୁଜିୟମ୍‌ରେ ପ୍ରଦର୍ଶିତ ହୋଇଥିଲା ?
୨– ଆର୍‌ଗନ୍ ଗ୍ୟାସ୍.......... ଆବିଷ୍କାର କରିଥିଲେ ?
୩– ମସ୍କିଟୋ ରିପେଲିଂ ଫୋନ୍ ଲଞ୍ଚ କରିଥିବା କମ୍ପାନୀ....... ?
୪– ବିଶ୍ୱ ହୋମିଓପାଥି ଦିବସ........... ତାରିଖରେ ପାଳନ କରାଯାଇଥାଏ ?
୫– ଦି ଜଏଣ୍ଟ ମିଲିଟାରି ଏକ୍ସରସାଇଜ୍ 'ର୍‌ୟାପିଡ୍ ଟ୍ରାଇଡେଣ୍ଟ ୨୦୧୮' ପ୍ରଥମେ........ ଦେଶରେ ଆରମ୍ଭ କରାଗଲା ?

## ଗତ ଥରର ଉତ୍ତର

୧ ହ୍ୱାଇଟ୍ ହାଉସ୍, ଆମେରିକା
୨ କେ. ରାମକ୍ରିଷ୍ଣ ରାଓ
୩ କଲିକତା
୪ ଘାନା
୫ ଓ୍ୱି ସର୍ଭ ଆଣ୍ଡ ପ୍ରୋଟେକ୍ଟ ବା ସେବା ଓ ସୁରକ୍ଷା

## ଉତ୍ତର ଦାତା


ପ୍ରଶାନ୍ତ କର, ପୁରୀ


ଅବିନାଶ ମହାନ୍ତି, ପୁରୀ


ରବୀନ୍ଦ୍ର ନାଥ, ଜାମସେଦପୁର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

# ୟୁଥ୍ ଆଲର୍ଟ

## ଯୁବାବସ୍ଥାରେ ଆଙ୍କୋଲାଇଜିଂ ସ୍ପଣ୍ଡିଲୋସିସ୍



**ବୃଦ୍ଧାବସ୍ଥା ହେଉ ବା ଯୁବାବସ୍ଥା, ରୋଗ କେବେ ବୟସ ଦେଖେନି ତା'ଛଡ଼ା ବର୍ତ୍ତମାନର ପରିବର୍ତ୍ତିତ ଜୀବନଶୈଳୀ ଯୋଗୁ ଦିନକୁ ଦିନ ନୂଆ ନୂଆ ରୋଗ ସୃଷ୍ଟି ହେଉଛି, ଯାହାକୁ ଅଧିକାଂଶ ଅବହେଳାକରି ପରବର୍ତ୍ତୀ ସମୟରେ ଜଟିଳ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେମିତି ଏକ ସମସ୍ୟା ହେଉଛି ଯୁବାବସ୍ଥାରେ ଗ୍ରୀବା ସ୍ତମ୍ଭ ବା ଆଙ୍କୋଲାଇଜିଂ ସ୍ପଣ୍ଡିଲୋସିସ୍। ଏଥିରେ ପୀଡ଼ିତ ହୋଇ ହେଳା କଲେ ବହୁ ସମସ୍ୟା, କଷ୍ଟ ଯନ୍ତ୍ରଣା ଭୋଗ କରିବାକୁ ପଡ଼ିଥାଏ...**

ବର୍ତ୍ତମାନ ଅଧିକ ସମୟ କମ୍ପ୍ୟୁଟର, ମୋବାଇଲ୍ ଆଦିର ବ୍ୟବହାର ଏବଂ ଅନ୍ୟାନ୍ୟ କାରଣରୁ ଯୁବାବସ୍ଥାରୁ ଅନେକଙ୍କଠାରେ ଆଙ୍କୋଲାଇଜିଂ ସ୍ପଣ୍ଡିଲୋସିସ୍ ସମସ୍ୟା ଦେଖିବାକୁ ମିଳୁଛି। ଏହା ଏମିତି ଏକ ରୋଗ, ଯାହାକୁ ଯଥା ସମୟରେ ଚିକିତ୍ସା ନ କରାଇଲେ ମଣିଷକୁ ସମ୍ପୂର୍ଣ୍ଣ ଶଯ୍ୟାଶାୟୀ କରିଦେଇପାରେ। ଆୟୁର୍ବେଦ ଚିକିତ୍ସା ବିଜ୍ଞାନରେ ସ୍ପଣ୍ଡିଲୋସିସ୍‌ର ସାଦୃଶ୍ୟ ଅନେକ ପ୍ରକାର ସନ୍ଧିଗତ ରୋଗର ବର୍ଣ୍ଣନା କରାଯାଇଛି। ଏହା ଏକ କ୍ରମବର୍ଦ୍ଧିଷ୍ଣୁ ଶୋଫ ସୃଷ୍ଟିକାରୀ ରୋଗ, ଯାହାକି ସାଧାରଣତଃ ମେରୁଦଣ୍ଡର ସନ୍ଧି ଓ ନିକଟସ୍ଥ ମାଂସ ତନ୍ତୁଗୁଡ଼ିକୁ ବିକୃତ କରିଥାଏ। ଏହା ସହିତ କୀଟସନ୍ଧି, ଜାନୁସନ୍ଧି ବା ସ୍କନ୍ଧ ସନ୍ଧିଗୁଡ଼ିକୁ ଅଧିକ ପ୍ରଭାବିତ କରାଇଥାଏ। ହସ୍ତ ଓ ପାଦର ଅନ୍ୟାନ୍ୟ ସନ୍ଧିଗୁଡ଼ିକ କଦବା କ୍ୱଚିତ୍ ପ୍ରଭାବିତ ହୁଏ। ଏଥିରେ କ୍ରମଶଃ ମେରୁଦଣ୍ଡ, ବେକ, ଅଣ୍ଟା ତଥା କାନ୍ଧ ଦୁଇଟି ପ୍ରଭାବିତ ହୋଇଥାଏ। ଫଳରେ ସକାଳୁ ଉଠିଲେ ଅଣକଟା ଓ ବେକ ଦରଜ ହୋଇଥାଏ, ପ୍ରାଥମିକ ଅବସ୍ଥାରୁ ଏହାର ଉପଯୁକ୍ତ ଚିକିତ୍ସା ନ କଲେ ବେଳେବେଳେ ଏହା ମେରୁଦଣ୍ଡ ନମନୀୟତା ହ୍ରାସ କରି ଅଚଳ କରିଦିଏ।

ଏହି ରୋଗରେ ମହିଳାମାନଙ୍କ ଅପେକ୍ଷା ଦଶଗୁଣ ଅଧିକ ପୁରୁଷ ପୀଡ଼ିତ ବୋଲି ଅନୁସନ୍ଧାନରୁ ଜଣାପଡ଼ିଛି। ୧୫ରୁ ୪୦ ବର୍ଷ ବୟସ ମଧ୍ୟରେ ବିଶେଷତଃ ଜୀବନର ତୃତୀୟ ଅବସ୍ଥାରେ ଏହି ରୋଗ ଅଧିକ ଦେଖାଯାଏ।

ଏହି ରୋଗର ସଠିକ କାରଣ ଏ ପର୍ଯ୍ୟନ୍ତ ଆଧୁନିକ ଚିକିତ୍ସାବିଦ୍‌ମାନଙ୍କୁ ଅଜଣା ରହିଛି। ପ୍ରାୟତଃ ବଂଶଗତଜନିତ ଏଚ୍.ଏଲ୍.ବି.–୨୭ ନାମକ ଜିନ୍ ଏହି ରୋଗୀମାନଙ୍କଠାରେ ଦେଖାଯାଇଥାଏ। ଜିନ୍‌ଗତ କାରଣ ବା Genetic Factor, ପାରିପାର୍ଶ୍ୱିକ କାରଣ ବା Environmental Factors ତଥା Infection ବା ସଂକ୍ରମଣ ଏହି ରୋଗ ସୃଷ୍ଟିରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବାର ଅନୁମାନ କରାଯାଏ। ଆୟୁର୍ବେଦ ଚିକିତ୍ସା ବିଜ୍ଞାନ ଅନୁସାରେ ଖାଦ୍ୟ ଠିକ୍ ଭାବେ ପରିପାକ ନ ହୋଇ ଆମ ସୃଷ୍ଟି, ଥଣ୍ଡା ସର୍ଦ୍ଦି, କଫକର ଆହାର ସେବନ ପରେ ତୁରନ୍ତ ବ୍ୟାୟାମ, କଫକର, ଗୁରୁ ତଥା ଅଭିଷ୍ୟନ୍ଦୀ ଦ୍ରବ୍ୟ ଯଥା ବିରି, ଦହି, ଅମ୍ଳ ପଦାର୍ଥର ଅଧିକ ସେବନ କରିବା, ଶ୍ରମ ଆଦୌ ନ କରିବା, ଅଧିକ ଧାତୁକ୍ଷୟ ଆଦି ବିଭିନ୍ନ କାରଣ ପାଇଁ ଏହି ରୋଗ ହୁଏ। ଏହି ଆଙ୍କୋଲାଇଜିଂ ସ୍ପଣ୍ଡିଲୋସିସ ରୋଗ ସାଧାରଣତଃ ମେରୁଦଣ୍ଡ ଓ ଅସ୍ଥି ସନ୍ଧି, ଗ୍ରୀବାର କୌଣସି ଅଂଶରେ ପ୍ରଥମେ ଆରମ୍ଭ ହୋଇଥାଏ। ଏହା କ୍ରମଶଃ ମେରୁଦଣ୍ଡର ଅନ୍ୟ ଅଂଶକୁ ବ୍ୟାପିଯାଏ, ସନ୍ଧିଗତ ଶ୍ଳେଷ କଳା ବା sinovial membraneରେ ଶୋଫ ବା Inflamation ସୃଷ୍ଟି ହୁଏ। ଲସିକା ତଥା ରକ୍ତକଣିକା ମଧ୍ୟ ଜମା ହୋଇଯାଏ। ତରୁଣାସ୍ଥିମାନଙ୍କରେ ତନ୍ତୁ କାଠିନ୍ୟ ସୃଷ୍ଟି ହୁଏ। Spinal Cord ଓ ସଂଯୁକ୍ତ ରଜ୍ଜୁ ବା ligaments dendons ମାନଙ୍କରେ ମଧ୍ୟ ଶୋଫ ବା Inflamation ସୃଷ୍ଟି ହୁଏ। ଏଥିରେ ସକାଳୁ ଉଠିଲେ ଅଣ୍ଟା, ପିଠି, ବେକ ଦରଜ ହେବା ଏବଂ ବେକ ବୁଲାଇବାରେ ଯନ୍ତ୍ରଣା, ଦରଜ, ଅନ୍ୟ ଗଣ୍ଠି, ଜଙ୍ଘ ସନ୍ଧି, ଆଣ୍ଠୁ, ମଣିବନ୍ଧ, କହୁଣି ଆଦି ଫୁଲିବା ଓ ଦରଜ ହେବା ଭଳି ଲକ୍ଷଣ ପରିଲକ୍ଷିତ ହୁଏ। ଅନେକଙ୍କ ଗୋଡ଼, ପାଦ, ଗୋଇଠି ମଧ୍ୟ ଦରଜ ହୁଏ। ଫଳରେ ରାତିରେ ଶୋଇ କରି ସକାଳୁ ଉଠିଲା ପରେ ପାଦ ତଳେ ଲଗାଇବାକୁ ମଧ୍ୟ କଷ୍ଟ ହୁଏ। ଏଥିରେ ପେଟ ଦରଜ, ଲାଳଝାଡ଼ା ଓ ଚର୍ମଗତ ରୋଗର ଲକ୍ଷଣ ମଧ୍ୟ ଦେଖାଯାଇପାରେ। ଏହାର ଲକ୍ଷଣ ପରିଲକ୍ଷିତ ହେଲେ ରୋଗ ଚିହ୍ନଟ କରିବା ପାଇଁ କିଛି ରକ୍ତ ପରୀକ୍ଷା କରିବା ଆବଶ୍ୟକ, ଯେପରିକି ୟୁରିକ୍‌ଏସିଡ୍, ଇଶନୋଫିଲ, ଇ.ଏସ୍.ଆର. ସି.ଆଇ.ପି.ଆର.ଏଏଚ୍.ଅଣ୍ଟାର ଏକ୍ସରେ ଓ ରକ୍ତରେ ଏଚ୍.ସି.ବି.–୨୭ ଜିନ ପରୀକ୍ଷା ଆଦି ଦରକାର ପଡ଼ିପାରେ।

ଏଥିରେ ଅଣ୍ଟାରୁ ଜଙ୍ଘ ବା ବେକଠାରୁ ଅଣ୍ଟା ଆଡ଼କୁ ପୀଡ଼ା ପ୍ରସାରିତ ହୁଏ। ଏହା ସହିତ ଅନ୍ୟ ଗଣ୍ଠିଗୁଡ଼ିକ ମଧ୍ୟ ଦରଜ ହୋଇପାରେ। କ୍ଲାନ୍ତି ଅନୁଭବ, ରକ୍ତହୀନତା ଓ ଓଜନ ହ୍ରାସ ମଧ୍ୟ ସହଜାତ ପ୍ରବୃତ୍ତି। ଏହା ପରେ ଗୋଡ଼ ଦୁଇଟିରେ ଦୁର୍ବଳ ଅନୁଭବ ହେବା, ବଧିରା, ଝିମଝିମ ହେବା ପ୍ରଭୃତି ଲକ୍ଷଣ ପ୍ରକାଶ ପାଏ।

ନିଃଶ୍ୱାସପ୍ରଶ୍ୱାସଗତ ବ୍ୟାୟାମ, ପ୍ରାଣାୟାମ, ମୋଟା ଗଦି ବା ବଡ଼ ତକିଆ ବଦଳରେ କଠିନ ଶଯ୍ୟାରେ ଶୟନ ଏବଂ ଅତି ପତଳା ତକିଆ ବ୍ୟବହାର କରିବା ଆବଶ୍ୟକ। ବର୍ଷାରେ ଭିଜିବା, ଥଣ୍ଡା ପାଣିରେ ସ୍ନାନ କରିବା ଉଚିତ ନୁହେଁ। ବିରି, ଖଟା, ବାସିପଖାଳ, ଦହି, ପାଚିଲା କଦଳୀ, ଆତ, କାକୁଡ଼ି, ଥଣ୍ଡାପାନୀୟ ଆଦି ଶ୍ଳେଷଣ ପଦାର୍ଥ ଖାଦ୍ୟ ଖାଇବା ଅନୁଚିତ। ବୃହତ୍ ବାତଚିନ୍ତାମଣି ରସ ୧ଟି ବଟିକା, ମହୁ ସହ ଶୁଣ୍ଠି ଗୁଣ୍ଡ ୧ ଚାମଚ, ଦଶମୂଳ ପାଚନ ସହ ବଳାରିଷ୍ଟ, ଦଶମୂଳାରିଷ୍ଟ, ଅଶ୍ୱଗନ୍ଧା ଚୂର୍ଣ୍ଣ, ବୃହତ୍ ଛାଗଳାଦି ଘୃତ, ସାମିଷ ମହାମାସ୍ ତୈଳ, କୁବ୍ଜ ପ୍ରସାରଣୀ ତୈଳ ମାଲିସ୍, ରିଲାକ୍ସି ତୈଳ ମାଲିସ୍, ସାଇନୋଭିନ ନାଜାଲ ଡ୍ରପ୍, ପଞ୍ଚସକାର ଚୂର୍ଣ୍ଣ ବା ଜି–ଲାକ୍ସ ୧ ଚାମଚ ଥରେ, ଅମ୍ଲୋନିଲ୍ ବା ଶୁଣ୍ଠି ଖଣ୍ଡ ମୋଦକ ୨ ଚାମଚ ଗରମ ପାଣି ସହ ଅଭିଜ୍ଞ ଶିକ୍ଷିତ ଆୟୁର୍ବେଦ ଡାକ୍ତରଙ୍କ ପରାମର୍ଶ ଅନୁସାରେ ସେବନ କରିବେ। ଯୋଗ, ବ୍ୟାୟାମ, ପ୍ରାଣାୟାମ ପ୍ରଭୃତି ପ୍ରତିଦିନ ଉପଯୁକ୍ତ ଅଧିକାରୀଙ୍କ ନିର୍ଦ୍ଦେଶ ମୁତାବକ କରିବେ। ଧୂମପାନ, ମଦ୍ୟପାନ ଏହି ରୋଗ ବଢ଼ାଇବାରେ ସହାୟକ ହେଉଥିବାରୁ ଏହି ବଦ ଅଭ୍ୟାସ ପରିତ୍ୟାଗ କରିବେ। ଫାଷ୍ଟଫୁଡ୍, ଅଧିକ ତେଲ ମସଲାଦିଆ ଖାଦ୍ୟ, ତେଲ ଘିଅ ଛଣାଛଣି ଖାଦ୍ୟ, ମାଂସ, ଅଣ୍ଡା ପ୍ରଭୃତି ବର୍ଜନ କରି ସବୁଜ ପନିପରିବା ତରକାରି ଅଧିକ ଖାଇବେ। ସକାଳୁ ୧ ଗ୍ଲାସ ଗରମ ପାଣି ପ୍ରତିଦିନ ଖାଲି ପେଟରେ ପିଇବେ ଓ ଦିନକୁ ୫/୬ ଲିଟର ପାଣି ପିଇଲେ ଶରୀର ନୀରୋଗ ଓ ସୁସ୍ଥ ରହିବ।

**– ଡା. ସ୍ୱପ୍ନେଶ୍ୱର ପଣ୍ଡା**
*ରାଜବୈଦ୍ୟ ଆୟୁର୍ବେଦ,*
*ପଳାଶୁଣୀ ଓଭରବ୍ରିଜ୍ ନିକଟ, ଭୁବନେଶ୍ୱର*
*ମୋ–୯୪୩୭୦୩୬୨୬୫*

# ୱାଇ-ଫାଇ ବ୍ୟବହାର କରୁଥିଲେ



ବର୍ତ୍ତମାନ ଅଳ୍ପ ବୟସ୍କଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ଅଧିକାଂଶ ଇଣ୍ଟରନେଟ୍ ବ୍ୟବହାର କରୁଛନ୍ତି। ଏଥିପାଇଁ ସମସ୍ତଙ୍କୁ ଇଣ୍ଟରନେଟ୍ ପ୍ୟାକ୍ ରିଚାର୍ଜ କରିବାକୁ ପଡୁଛି। ଫଳରେ ଖର୍ଚ୍ଚ ଅଧିକ ହେଉଛି। ତେଣୁ ଅଳ୍ପ ଖର୍ଚ୍ଚରେ ଅଧିକ ଜଣ ଇଣ୍ଟରନେଟ୍ ବ୍ୟବହାର କରିବା ଲାଗି ଅନେକେ ଘରେ ୱାଇ–ଫାଇ କନେକ୍ସନ ନେଉଛନ୍ତି। କିନ୍ତୁ ଏଥିରେ ଅନେକ ସମୟରେ ନେଟ୍‌ୱର୍କ ସ୍ଲୋ ରହିବା, ଠିକ୍ ଭାବେ ସିଗ୍ନାଲ୍ ନ ପହଞ୍ଚିବାର ଅଭିଯୋଗ ରହୁଛି। ଯଦି ଆପଣ ଏପରି ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ତେବେ ଜାଣିରଖନ୍ତୁ ୱାଇ–ଫାଇର ସ୍ପିଡ୍ ବଢ଼ାଇବାର କେତେକ ଉପାୟ...

**ରାଉଟର ଏବଂ ଫାର୍ମୱେର ଅପ୍‌ଡେଟ୍ କରନ୍ତୁ:** ଇଣ୍ଟରନେଟ୍ ସ୍ଲୋ ହେବାର ଏକ କାରଣ ରାଉଟର ଅପ୍‌ଡେଟ୍ ନ ହେବା ମଧ୍ୟ ହୋଇପାରେ। କାରଣ ଅନେକ ସମୟରେ ରାଉଟର ପ୍ରସ୍ତୁତକାରୀ କମ୍ପାନିଗୁଡ଼ିକ ଅଧିକ ସ୍ପିଡ୍ ଲାଗି ସଫ୍ଟୱେର୍‌ରେ ପରିବର୍ତ୍ତନ କରିଥାଆନ୍ତି। ତେଣୁ ଏହାର ଠିକ୍ ବ୍ୟବହାର ଲାଗି ମଝିରେ ମଝିରେ ଅପ୍‌ଡେଟ୍ କରିବା ଆବଶ୍ୟକ। ବେଳେବେଳେ ରାଉଟର ଥିଲେ ବି ନେଟ୍‌ୱର୍କ ସ୍ଲୋ ରୁହେ। ଏପରି ନ ହେବା ଲାଗି ନିୟମିତ ଫାର୍ମୱେର ଅପ୍‌ଡେଟ୍ କରିବା ଆବଶ୍ୟକ। ଏହାଦ୍ୱାରା ନା କେବଳ ଆପଣଙ୍କ ଇଣ୍ଟରନେଟ୍‌ର ସ୍ପିଡ୍ ବଢ଼ିବାରେ ସାହାଯ୍ୟ ହେବ ବରଂ ସିକ୍ୟୁରିଟି ସିଷ୍ଟମ ଷ୍ଟ୍ରଙ୍ଗ୍ ହେବା ସହ ନୂଆନୂଆ ଫିଚର୍ସ ମିଳିବ।

**ଲୋକେଶନ:** ୱାଇ–ଫାଇରେ ନେଟ୍‌ୱର୍କ ସ୍ପିଡ୍ ରଖିବା ଲାଗି ଏହାକୁ ପ୍ରଥମେ ଠିକ୍ ଜାଗାରେ ରଖିବା ଆବଶ୍ୟକ। କାରଣ ଘରର ସବୁ ସ୍ଥାନକୁ ଠିକ୍ ଭାବେ ନେଟ୍‌ୱର୍କ ପହଞ୍ଚିପାରି ନ ଥାଏ। ତେଣୁ ଭଲ ୱେର୍‌ଲେସ୍ କଭରେଜ୍ ପାଇବାକୁ ଚାହୁଁଥିଲେ ରାଉଟର ଲଗାଇବା ଲାଗି ଘରର ଏଭଳି ଏକ ସ୍ଥାନ ବାଛନ୍ତୁ, ଯେଉଁଠି ଫୁଲ୍ ନେଟ୍‌ୱର୍କ ପହଞ୍ଚି ପାରୁଥିବ। ତେବେ ଏଥିପାଇଁ ମଝିଘର ବା ଘରର ସେଣ୍ଟର ସବୁଠୁ ଭଲ।

**କ୍ୱାଲିଟି କଣ୍ଟ୍ରୋଲ:** ବର୍ତ୍ତମାନ ଆସୁଥିବା ମଡର୍ନ ରାଉଟରଗୁଡ଼ିକ କ୍ୱାଲିଟି ଅଫ୍ ସର୍ଭିସ୍ (କ୍ୟୁଓଏସ୍) ଟୁଲ୍ ସହିତ ଆସୁଛି। ଏହାଦ୍ୱାରା ଆପଣ ନିଜ ବ୍ୟବହାର ଅନୁଯାୟୀ ବ୍ୟାଣ୍ଡୱିଥ୍ ସେଟ୍ କରିପାରିବେ। ଏହାଦ୍ୱାରା ମଧ୍ୟ ଇଣ୍ଟରନେଟ୍ ସ୍ପିଡ୍ ରହିବ।

**ଫ୍ରିକ୍ୱେନ୍ସି ଯାଞ୍ଚ କରନ୍ତୁ:** ରାଉଟରର ନେଟ୍‌ୱର୍କ ଆଡ୍‌ମିନିଷ୍ଟ୍ରେଟର ଇଣ୍ଟରଫେସ୍ ଯାଞ୍ଚ କରନ୍ତୁ। ତାହା ଅପ୍ଟିମମ୍ ପରଫର୍ମାନ୍ସ ଲାଗି କନ୍‌ଫିଗର ହୋଇଛି କି ନାହିଁ ଦେଖନ୍ତୁ। ଡୁଆଲ୍ ବ୍ୟାଣ୍ଡ ରାଉଟର୍ ବ୍ୟବହାର କରୁଥିଲେ ଭଲ ଆଉଟ୍‌ପୁଟ୍ ପାଇବା ଲାଗି ଫ୍ରିକ୍ୱେନ୍ସି ୨.୪ ଗିଗାହର୍ଜ ବ୍ୟାଣ୍ଡ ବଦଳରେ ୫ ଗିଗାହର୍ଜ ବ୍ୟାଣ୍ଡ ବ୍ୟବହାର କରନ୍ତୁ।

**ହାର୍ଡୱେର୍ ବଦଳାନ୍ତୁ:** ପୁରୁଣା ହାର୍ଡୱେର ବ୍ୟବହାର କରୁଥିଲେ ବି ବେଳେବେଳେ ସିଗ୍‌ନାଲ୍ ଠିକ୍ ଭାବେ ଆସିବାରେ ଅସୁବିଧା ହୁଏ। ତେଣୁ ଆବଶ୍ୟକ ସ୍ଥଳେ ଏହାକୁ ବଦଳାଇ ଦିଅନ୍ତୁ।



"ଚଳିତ ପ୍ରଥମ କ୍ରିକେଟ ଟେଷ୍ଟରେ ରିଷଭ ପନ୍ତଙ୍କ ରନ ଆଉଟ ଭାରତୀୟ ଇନିଂସର ଟର୍ନିଂ ପଏଣ୍ଟ ।
–ଟିମ୍ ସୌଦି, ନ୍ୟୁଜିଲାଣ୍ଡ ପେସ୍ ବୋଲର



"ମହିଳା ଟି୨୦ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ବିପକ୍ଷ ଓପନିଂ ମ୍ୟାଚ ଜିତିବାପରେ ଆମର ଆତ୍ମବିଶ୍ୱାସ ଯଥେଷ୍ଟ ବୃଦ୍ଧି ପାଇଛି ।
–ମିଥାଲି ରାଜ, ଷ୍ଟାର ବ୍ୟାଟ୍ସଓମ୍ୟାନ



## ସଂକ୍ଷେପରେ

### ଟେଲରଙ୍କୁ ଉପହାର ୧୦୦ ୱାଇନ୍ ବୋତଲ

ୱେଲିଂଟନ୍,୨୨।୨: ଏଠାରେ ଚାଲିଥିବା ଭାରତ ବିପକ୍ଷ ପ୍ରଥମ ଟେଷ୍ଟ ଭେଟେରାନ୍ ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନ ରସ ଟେଲରଙ୍କ ପାଇଁ କ୍ୟାରିୟରର ୧୦୦ତମ ଟେଷ୍ଟ। ବିଶ୍ୱର ପ୍ରଥମ ଖେଳାଳି ଭାବେ ସେ କ୍ରିକେଟର ସମସ୍ତ ଫର୍ମାଟ୍‌ରେ ୧୦୦ ମ୍ୟାଚ୍ ଖେଳିଛନ୍ତି। ଏହି ଅବସରରେ ନ୍ୟୁଜିଲାଣ୍ଡ କ୍ରିକେଟ ବୋର୍ଡ (ଏନ୍‌ଜେଡ୍‌ସି) ଟେଲରଙ୍କୁ ସ୍ୱତନ୍ତ୍ର ଉପହାର ଦେଇଛି। ଉପହାରଟି ହେଲା ୧୦୦ ୱାଇନ ବୋତଲ। ଏହାକୁ ଶେଷ କରିବା ଲାଗି ମୋତେ ସାହାଯ୍ୟ ଦରକାର। କିନ୍ତୁ ଏହାକୁ କିଛି ଦିନ ପାଇଁ ରଖାଯାଇପାରିବ। ଏହା ଏକ ପରମ୍ପରା। ଦେଶ ପାଇଁ ୧୦୦ ଟେଷ୍ଟ ଖେଳିଥିବା ଷ୍ଟିଫେନ ଫ୍ଲେମିଂ, ବ୍ରେଣ୍ଡନ ମ୍ୟାକ୍‌କୁଲମ ଓ ଡାନିଏଲ ଭିଟୋରିଙ୍କୁ ମଧ ଏଭଳି ଉପହାର ଦିଆଯାଇଥିଲା ବୋଲି ଟେଲର କହିଛନ୍ତି। ସମସ୍ତ ବୋତଲରେ ଟେଲରଙ୍କ ନାମ ଲିଖିତ ରହିଛି। କେଉଁ ଅବସରରେ ଏହା ପ୍ରଦାନ କରାଯାଉଛି, ତାହା ମଧ ସ୍ପଷ୍ଟ କରାଯାଇଛି। ୩୫ ବର୍ଷୀୟ ଟେଲର ଗତ ମାସରେ ୧୦୦ତମ ଟି୨୦ ଖେଳିଥିଲେ। ଦିନିକିଆ ଫର୍ମାଟ୍‌ରେ ୨୩୧ ମ୍ୟାଚ୍ ଖେଳିସାରିଛନ୍ତି।

### ଡାରେନ ସାମିଙ୍କୁ ପାକିସ୍ତାନ ନାଗରିକତ୍ୱ

କରାଚୀ, ୨୨।୨ (ପି.ଟି.): ଡାରେନ ସାମିଙ୍କୁ ସମ୍ମାନ ସୂଚକ ନାଗରିକତ୍ୱ ପ୍ରଦାନ କରିବା ଲାଗି ପାକିସ୍ତାନ ସରକାର ନିଷ୍ପତ୍ତି ନେଇଛନ୍ତି। ସାମିଙ୍କ ଯୋଗୁ ପାକିସ୍ତାନକୁ ଅନ୍ତର୍ଜାତୀୟ କ୍ରିକେଟ ପ୍ରତ୍ୟାବର୍ତ୍ତନ କରିଥିବାରୁ ତାଙ୍କୁ ଏହି ସମ୍ମାନ ଦିଆଯିବ ବୋଲି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଶନିବାର ପ୍ରକାଶ କରିଛି। ସାମି ବର୍ତ୍ତମାନ ପାକିସ୍ତାନ ସୁପର ଲିଗ୍ (ପିଏସ୍‌ଏଲ୍) ସିଜନରେ ପେଶାୱାର ଜାଲ୍ମିର ନେତୃତ୍ୱ ନେଉଛନ୍ତି। ମାର୍ଚ୍ଚ ୨୩ରେ ରାଷ୍ଟ୍ରପତି ଆରିଫ୍ ଆଲ୍‌ଭି ତାଙ୍କୁ ପାକିସ୍ତାନର ସର୍ବୋଚ୍ଚ ବେସାମରିକ ସମ୍ମାନ ନିଶାନ-ଇ-ହାଇଦର ପ୍ରଦାନ କରିବେ। ସାମି ପିଏସ୍‌ଏଲ୍ ଆରମ୍ଭରୁ ଏହା ସହିତ ସମ୍ପୃକ୍ତ ଅଛନ୍ତି। ଦେଶକୁ ଅନ୍ତର୍ଜାତୀୟ କ୍ରିକେଟ ଫେରାଇ ଆଣିବା ଲାଗି ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସୁରକ୍ଷା ଜନିତ କାରଣ ଦର୍ଶାଇ ୨୦୧୭ରେ ପିଏସ୍‌ଏଲ ଫାଇନାଲ ଖେଳିବା ଲାଗି ଅଧିକାଂଶ ବିଦେଶୀ ଖେଳାଳି ରାଜି ହୋଇ ନ ଥିଲେ। ସେତେବେଳେ ସାମି ଏଥିରେ ଖେଳିବାକୁ ରାଜି ଥିଲେ। ତାଙ୍କ ଅଧିନାୟକତ୍ୱରେ ପେଶାୱାର ଟାଇଟଲ ଜିତିଥିଲା।

# ନ୍ୟୁଜିଲାଣ୍ଡ ଅଗ୍ରଣୀ

## ପ୍ରଥମ ଟେଷ୍ଟ




### ସଂକ୍ଷିପ୍ତ ସ୍କୋର

■ ଭାରତ ପ୍ରଥମ ଇନିଂସ: ୬୮.୧ ଓଭରରେ ୧୬୫ ଅଲଆଉଟ। (ରାହାନେ- ୪୬, ମୟଙ୍କ- ୩୪, ସାମି- ୨୧, ପନ୍ତ- ୧୯, ସୌଦି- ୪/୪୯, ଜେମିସନ- ୪/୩୯, ବୋଲ୍ଟ- ୧/୫୭)।

■ ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୭୧.୧ ଓଭରରେ ୨୧୬/୫, (ୱିଲିୟମସନ- ୮୯, ଟେଲର-୪୪, ବ୍ଲଣ୍ଡେଲ- ୩୦, ନିକୋଲ୍ସ-୧୭, ୱାଟିଲିଂ- ୧୪*, ଗ୍ରାଣ୍ଡହୋମ- ୪*, ଲଥାମ-୧୧, ଈଶାନ୍ତ- ୩/୩୧, ସାମି- ୧/୬୧, ଅଶ୍ୱିନ- ୧/୬୦)।

ୱେଲିଂଟନ,୨୨।୨(ପି.ଟି.)

ଭାରତ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ ଅଗ୍ରଣୀ ହାସଲ କରିବା ପରେ ଭାରତ ଅବଶ୍ୟ ପ୍ରତ୍ୟାବର୍ତ୍ତନ କରିଛି। ଏହା ସତ୍ତ୍ୱେ ନ୍ୟୁଜିଲାଣ୍ଡ ତା'ର ସ୍ଥିତି ଦୃଢ କରିଛି। ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ପ୍ରଥମ ଇନିଂସରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୬୮.୧ ଓଭରରେ ୧୬୫ ରନ କରି ଅଲଆଉଟ ହୋଇଥିଲା। ଜବାବରେ ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ ଆରମ୍ଭ କରି ଶନିବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୭୧.୧ ଓଭରରେ ୫ ଉଇକେଟ ହରାଇ ୨୧୬ ରନ ସଂଗ୍ରହ କରିଛି। ଫଳରେ ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ୫୧ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଉଇକେଟକିପର ବ୍ୟାଟ୍ସମ୍ୟାନ ବିଜେ ୱାଟଲିଂ ୧୪ ଓ କଲିନ୍ ଡି ଗ୍ରାଣ୍ଡହୋମ ୪ ରନ କରି ଅପରାଜିତ ରହିଛନ୍ତି।

ଇନିଂସ ଆରମ୍ଭରୁ ନ୍ୟୁଜିଲାଣ୍ଡ ଓପନର ଟମ୍ ଲଥାମଙ୍କୁ ହରାଇଥିଲା। ଲଥାମ ୧୧ ରନ କରିଥିବାବେଳେ ଈଶାନ୍ତଙ୍କ ବଲ୍‌ରେ ଉଇକେଟକିପର ରିଷଭ ପନ୍ତଙ୍କୁ କ୍ୟାଚ୍ ଦେଇ ପ୍ରଥମେ ପ୍ୟାଭିଲିୟନ ଫେରିଥିଲେ। ଅନ୍ୟତମ ଓପନର ଟମ୍ ବ୍ଲଣ୍ଡେଲ ୩୦ ରନ କରିଥିବା ବେଳେ ବଲର ସୁଇଙ୍ଗ୍ ବୁଝି ନ ପାରି ଲାଇନ୍ ମିସ୍ କରି କ୍ଲିନ୍ ବୋଲ୍ଡ ହୋଇଥିଲେ। କ୍ୟାରିୟରର ୧୦୦ତମ ଟେଷ୍ଟ ଖେଳୁଥିବା ଅଭିଜ୍ଞ ରସ୍ ଟେଲର ଶର୍ଟ ଲେଗ୍‌ରେ ଚେତେଶ୍ୱର ପୂଜାରାଙ୍କୁ କ୍ୟାଚ୍ ଦେଇ ଈଶାନ୍ତଙ୍କ ତୃତୀୟ ଶିକାର ହୋଇଥିଲେ। ଏହାପରେ ୮୯ ରନ କରି ଶତକ ଆଡକୁ ଅଗ୍ରସର ହେଉଥିବା ବେଳେ ଅଧିନାୟକ କେନ୍ ୱିଲିୟମସନ କଭରରେ ବଦଳ ଖେଳାଳି ରବୀନ୍ଦ୍ର ଜାଡେଜାଙ୍କୁ କ୍ୟାଚ୍ ଦେଇ ମହମ୍ମଦ ସାମିଙ୍କ ଦ୍ୱାରା ଆଉଟ ହୋଇଥିଲେ। ଶେଷରେ ୧୭ ରନ କରିଥିବା ବେଳେ ହେନେରୀ ନିକୋଲ୍ସ ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ଦ୍ୱାରା ଆଉଟ ହୋଇଥିଲେ। ବୋଲିଂରେ ଭାରତ ତରଫରୁ ଈଶାନ୍ତ ୩, ସାମି ଓ ଅଶ୍ୱିନ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୨୨/୫ରୁ ଖେଳ ଆରମ୍ଭ କରି ଭାରତ ଶନିବାର ଅଲଆଉଟ ହୋଇଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ଅଜିଙ୍କ୍ୟ ରାହାନେ ୩୮ରୁ ଖେଳ ଆରମ୍ଭ କରି ୪୬ ରନକରି ଟିମ୍ ସୌଦିଙ୍କ ବଲ୍‌ରେ ଉଇକେଟକିପର ୱାଟଲିଂଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ୧୦ ରନର ଖେଳ ଆରମ୍ଭ କରିଥିବା ପନ୍ତ ୧୯ ରନ କରିଥିବାବେଳେ ଅଜାଜ ପଟେଲଙ୍କ ଥ୍ରୋରେ ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ। ଅଶ୍ୱିନ ଖାତା ଖୋଲିବା ପୂର୍ବରୁ ସୌଦିଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ସେହିପରି ଈଶାନ୍ତ କାଏଲ ଜେମିସନଙ୍କ ବଲରେ ୱାଟଲିଂଙ୍କୁ କ୍ୟାଚ୍ ଦେବା ପୂର୍ବରୁ ୫ ରନ ସଂଗ୍ରହ କରିଥିଲେ। ସାମି ୨୦ ବଲରୁ ୩ ଚୌକା ସହ ଦ୍ରୁତ ୨୧ ରନକରି ପଏଣ୍ଟ ଅଞ୍ଚଳରେ ବ୍ଲଣ୍ଡେଲଙ୍କୁ କ୍ୟାଚ୍ ଦେଇ ସୌଦିଙ୍କ ଚତୁର୍ଥ ଶିକାର ହୋଇଥିଲେ। ବୁମ୍‌ରା ବିନା ସ୍କୋରରେ ଅପରାଜିତ ରହିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ସୌଦି ଓ ଜେମିସନ ୪ଟି ଲେଖାଏ, ଟ୍ରେଣ୍ଟ ବୋଲ୍ଟ ଗୋଟିଏ ଉଇକେଟ ହାସଲ କରିଥିଲେ।

## ଆଜି ଶେଷ ମ୍ୟାଚ୍ ଖେଳିବ ଓଡ଼ିଶା ଏଫ୍‌ସି



ଭୁବନେଶ୍ୱର, ୨୨।୨(ସ୍ପୋର୍ଟ୍ସ ବ୍ୟୁରୋ): ହାଇପ୍ରୋଫାଇଲ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ରବିବାର କେରଳ ବ୍ଲାଷ୍ଟର୍ସ ଓ ଘରୋଇ ଓଡ଼ିଶା ଏଫ୍‌ସି ପରସ୍ପରକୁ ଭେଟିବେ। ପ୍ଲେ ଅଫ୍ ଦୌଡ଼ରୁ ବାଦ୍ ପଡିସାରିଥିବାରୁ ଏହି ସମ୍ମାନ ଉଭୟ ଦଳ ଲଢ଼ିବେ। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ଉଭୟ ଦଳ ବିଜୟୀ ହୋଇ ଅଭିଯାନ ଶେଷ କରିବା ଲକ୍ଷ୍ୟରେ ରହିଛନ୍ତି। ୧୭ଟି ମ୍ୟାଚ୍ ଖେଳି ୭ ବିଜୟ, ୩ ଡ୍ର ଓ ୭ ପରାଜୟ ସହ ୨୪ ପଏଣ୍ଟ ପାଇଁ ଓଡ଼ିଶା ଷଷ୍ଠ ସ୍ଥାନରେ ରହିଛି। ସେହିପରି କେରଳ ୧୭ଟି ମ୍ୟାଚ୍ ଖେଳି ୪ ବିଜୟ, ୬ ଡ୍ର ଓ ୭ ପରାଜୟ ସହ ୧୮ ପଏଣ୍ଟ ପାଇ ସପ୍ତମ ସ୍ଥାନରେ ରହିଛି। ଗତ ମ୍ୟାଚ୍‌ରେ ଚେନ୍ନାଇନ୍ ଏଫ୍‌ସି ଶୁକ୍ରବାର ପ୍ରତିପକ୍ଷ ମୁମ୍ବାଇ ସିଟି ଏଫ୍‌ସିକୁ ହରାଇ ଚତୁର୍ଥ ସ୍ଥାନ ଅଧିକାର କରିବା ପରେ ଓଡ଼ିଶାର ପ୍ଲେ ଅଫ୍ ଆଶା ଧୂଳିସାତ୍ ହୋଇଥିଲା।

## ଡ୍ରିମ୍ସ ରଣ୍‌ଜୀ: ପ୍ରଥମ ଇନିଂସ ଅଗ୍ରଣୀ ନେଲା ବେଙ୍ଗଲ

ଭୁବନେଶ୍ୱର, ୨୨।୨ (ସ୍ପୋର୍ଟ୍ସ ବ୍ୟୁରୋ): କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଘରୋଇ ଓଡ଼ିଶା ବିପକ୍ଷରେ ଚାଲିଥିବା ରଣ୍‌ଜୀ ଟ୍ରଫି କ୍ୱାର୍ଟର ଫାଇନାଲ ମୁକାବିଲାରେ ବେଙ୍ଗଲ ପ୍ରଥମ ଇନିଂସ ଅଗ୍ରଣୀ ହାସଲ କରିବାରେ ସଫଳ ହୋଇଛି। ବେଙ୍ଗଲର ପ୍ରଥମ ଇନିଂସ ସ୍କୋର ୩୩୨ ରନ ଜବାବରେ ଓଡ଼ିଶା ୨୫୦ ରନରେ ସୀମିତ ରହିଛି। ଫଳରେ ୮୨ ରନର ମହତ୍ତ୍ୱପୂର୍ଣ୍ଣ ଇନିଂସ ଅଗ୍ରଣୀ ହାସଲ କରିଥିବା ଭ୍ରମଣକାରୀ ବେଙ୍ଗଲ ଦ୍ୱିତୀୟ ଇନିଂସ ଆରମ୍ଭ କରି ଶନିବାର ଷ୍ଟମ୍ପ ଅପସାରଣ ସୁଦ୍ଧା ୨ ଉଇକେଟ୍ ବିନିମୟରେ ୭୯ ରନ୍ ସଂଗ୍ରହ କରିଛି। ଅଭିଷେକ ରମନ ୪ ଓ ଷ୍ଟାର୍ ବ୍ୟାଟ୍ସମ୍ୟାନ ମନୋଜ ତିୱାରୀ ୩ ରନ କରି କ୍ରିଜରେ ଅପରାଜିତ ରହିଛନ୍ତି। ଦୁଇ ଓପନର୍ କୌଶିକ ଘୋଷ (୪୧) ଓ ଅଧିନାୟକ ଅଭିମନ୍ୟୁ ଈଶ୍ୱରନ (୩୦) ଭଲ ଆରମ୍ଭ କରିଥିଲେ ମଧ ବଡ଼ ସ୍କୋର କରିବାରେ ବିଫଳ ହୋଇଛନ୍ତି। ଓଡ଼ିଶା ପକ୍ଷରୁ ଦୁଇ ପାର୍ଟଟାଇମ୍ ସ୍ପିନର ଅନୁରାଗ ଷଡ଼ଙ୍ଗୀ ଓ ଗୋବିନ୍ଦ ପୋଦ୍ଦାର ଗୋଟିଏ ଲେଖାଏ ଉଇକେଟ୍ ସଫଳତା ପାଇଛନ୍ତି। ମ୍ୟାଚ୍ ଆହୁରି ୨ ଦିନ ବାକି ରହିଥିବାରୁ ଫଳାଫଳ ବାହାରିବା ଆଶା ଉଜ୍ଜୀବିତ ରହିଛି। କିନ୍ତୁ ଯଦି ମ୍ୟାଚ୍ ଡ୍ର ରୁହେ ତେବେ ପ୍ରଥମ ଇନିଂସ ଅଗ୍ରଣୀଭିତ୍ତିରେ ବେଙ୍ଗଲ ସେମିଫାଇନାଲ ଟିକେଟ୍ ହାସଲ କରିବ।

ପୂର୍ବଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୫୧/୪ରୁ ବ୍ୟାଟିଂ ଆରମ୍ଭ କରିଥିବା ଓଡ଼ିଶା ଶନିବାର ସକାଳେ ପ୍ରତିପକ୍ଷ ଦ୍ରୁତ ବୋଲିଂକୁ ସାମ୍ନା କରି ପାରି ନ ଥିଲା। ଦଳୀୟ ସ୍କୋରରେ ଆଉ ୯୯ ରନ ଯୋଡ଼ି ଓଡ଼ିଶା ବଳକା ୬ ଉଇକେଟ୍ ହରାଇବା ସହ ୨୫୦ ରନରେ ସୀମିତ ରହିଥିଲା। ଅଧିନାୟକ ଶୁଭ୍ରାଂଶୁ ସେନାପତି (୪୬ ରନ, ୬ ଚୌକା)ଙ୍କୁ ଛାଡ଼ି ଦେଲେ ଅନ୍ୟକୌଣସି ଓଡ଼ିଶା ବ୍ୟାଟ୍ସମ୍ୟାନ ଶନିବାର ବଡ଼ ଇନିଂସ ଖେଳି ପାରି ନ ଥିଲେ। ଦେବବ୍ରତ ପ୍ରଧାନ (୧୫), ବିପ୍ଳବ ସାମନ୍ତରାୟ (୩), ରାଜେଶ ଧୂପର (୧୦), ସୂର୍ଯ୍ୟକାନ୍ତ ପ୍ରଧାନ (୧୩), ବସନ୍ତ ମହାନ୍ତି (୫) ଓ ପଦାର୍ପଣକାରୀ କନୱର ସିଂ ଚୌହାନ (୪*) ବିଫଳ ହୋଇଥିଲେ। ବୋଲିଂରେ ୩ ବେଙ୍ଗଲ ଦ୍ରୁତ ବୋଲର ଈଶାନ ପୋରେଲ (୩/୭୨), ନୀଳକାନ୍ତ ଦାସ (୩/୪୩) ଓ ମୁକେଶ କୁମାର (୩/୫୧) ମିଳିତ ଭାବେ ଉଇକେଟ୍ ବାଣ୍ଟି ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ବେଙ୍ଗଲ ପ୍ରଥମ ଇନିଂସ– ୩୩୨/୧୦। ଓଡ଼ିଶା ପ୍ରଥମ ଇନିଂସ– ୨୫୦/୧୦ (ଦେବାଶିଷ ସାମନ୍ତରାୟ ୬୮, ଶାନ୍ତନୁ ମିଶ୍ର ୬୨, ଶୁଭ୍ରାଂଶୁ ୪୬, ନୀଳକାନ୍ତ ୩/୪୩)।

## ଅଗରଙ୍କ ହ୍ୟାଟ୍ରିକ, ଅଷ୍ଟ୍ରେଲିଆର ବୃହତ୍ ବିଜୟ

ଜୋହାନ୍ସବର୍ଗ,୨୨।୨

ସ୍ଥାନୀୟ ୱାଣ୍ଡର୍ସ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ଟି୨୦ ମ୍ୟାଚ୍‌ରେ ଆଷ୍ଟନ ଅଗର ହ୍ୟାଟ୍ରିକ ଉଇକେଟ ନେଇଛନ୍ତି। ଏଥିଯୋଗୁ ଅଷ୍ଟ୍ରେଲିଆ ୧୦୭ ରନ୍‌ର ବୃହତ୍ ବ୍ୟବଧାନରେ ଦକ୍ଷିଣ ଆଫ୍ରିକାକୁ ହରାଇ ଦେଇଛି। ବିଜୟୀ ଦଳ ପାଇଁ ୫ ଉଇକେଟ ସଫଳତା ପାଇଥିବା ଅଷ୍ଟୋନ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନଙ୍କ ମିଳିତ ଉଦ୍ୟମ ଯୋଗୁ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୯୬ ରନ୍ କରିଥିଲା। ଦଳ ପାଇଁ ଷ୍ଟିଭ ସ୍ମିଥ ୪୫, ଅଧିନାୟକ ଆରୋନ ଫିଞ୍ଚ ୪୨, ଆଲେକ୍ସ କାରି ୨୭ ଓ ଅଷ୍ଟୋନ ୨୦ ରନ୍ କରିଥିଲେ। ଘରୋଇ ବୋଲରଙ୍କ ମଧ୍ୟରେ ଡେଲ ଷ୍ଟେଇନ ଓ ତାବ୍ରିଜ ଶାମ୍‌ସି ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଇନିଂସ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା ଘରୋଇ ଦକ୍ଷିଣ ଆଫ୍ରିକା। ଏଭଳି ପରିସ୍ଥିତିରୁ ଦଳକୁ କୌଣସି ବ୍ୟାଟ୍ସମ୍ୟାନ ଉଦ୍ଧାର କରିପାରି ନ ଥିଲେ। ଇନିଂସ୍‌ର ୭ମ ଓଭର ବୋଲିଂ କରୁଥିବା ଅଗର ଚତୁର୍ଥ ବଲରେ ଡୁପ୍ଲେସିଙ୍କୁ କେନ ରିଚାର୍ଡସନ୍‌ଙ୍କ ହାତରେ କ୍ୟାଚ୍ ଆଉଟ୍ କରାଇଥିଲେ। ପରବର୍ତ୍ତୀ ବଲରେ ଆଣ୍ଡିଲେ ଫେଲୁକ୍‌ୱାୟୋଙ୍କୁ ଏଲ୍‌ବିଡବ୍ଲ୍ୟୁ କରି ପାଭେଲିଅନ ଫେରାଇଥିଲେ। ଓଭରର ଅନ୍ତିମ ବଲରେ ଷ୍ଟେଇନଙ୍କୁ ଆଉଟ କରି ହ୍ୟାଟ୍ରିକ ପୂରଣ କରିଥିଲେ। ଟି୨୦ ଫର୍ମାଟ୍‌ରେ ହ୍ୟାଟ୍ରିକ ନେବାରେ ଅଗର ଦ୍ୱିତୀୟ ଅଷ୍ଟ୍ରେଲିଆନ ବୋଲର। ତାଙ୍କ ପୂର୍ବରୁ ବ୍ରେଟ୍ ଲି ୨୦୦୭ରେ ବାଂଲାଦେଶ ବିପକ୍ଷରେ ହ୍ୟାଟ୍ରିକ୍ ନେଇଥିଲେ। ଦକ୍ଷିଣ ଆଫ୍ରିକା ୧୪.୩ ଓଭରରେ ମାତ୍ର ୮୯ ରନ୍‌ରେ ସୀମିତ ରହିଥିଲା। ଦଳ ପାଇଁ ଫାଫ ଡୁପ୍ଲେସି ୨୪, କାଗିସୋ ରବାଡା ୨୨ ଓ ପିଟେ ଭାନ ବିଜନ (୧୬)ଙ୍କ ବ୍ୟତୀତ ଅନ୍ୟ କେହି ଦୁଇ ଅଙ୍କ ସ୍କୋର ଛୁଇଁ ପାରି ନ ଥିଲେ। ବିଜୟୀ ଦଳ ପାଇଁ ଆଷ୍ଟୋନ ୫ ଉଇକେଟ ନେଇଥିଲେ। ସେହିଭଳି ପାଟ କୁମିନ୍ସ ଓ ଆଡାମ ଝାମ୍ପା ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।


ପ୍ଲେୟର ଅଫ୍ ଦି ମ୍ୟାଚ ଆଷ୍ଟନ ଅଗର।

# ଶୁଟ୍ ଆଉଟରେ ଅଷ୍ଟ୍ରେଲିଆକୁ ହରାଇଲା ଭାରତ

**ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍**

ଭୁବନେଶ୍ୱର ୨୨।୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଏଫଆଇଏଚ୍ ହକି ପ୍ରୋ ଲିଗ୍‌ର ଏକ ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଭାରତ ଶୁଟ୍‌ଆଉଟ ୩–୧ ଗୋଲରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ମ୍ୟାଚ ୨–୨ ଗୋଲରେ ବରାବର ରହିଥିଲା। ଫଳରେ ଏହି ମ୍ୟାଚରୁ ଭାରତ ୨ ଓ ଅଷ୍ଟ୍ରେଲିଆ ୧ ପଏଣ୍ଟ ପାଇଛି। ଭାରତ ଏହାକୁ ମିଶାଇ ମୋଟ ୬ ମ୍ୟାଚ ଖେଳିଥିବାବେଳେ ୨ ବିଜୟ, ୨ ଶୁଟ୍‌ଆଉଟ ବିଜୟ ଓ ୨ ପରାଜୟ ସହ ୧୦ ପଏଣ୍ଟ ପାଇଛି। ସେହିପରି ଅଷ୍ଟ୍ରେଲିଆ ୬ ମ୍ୟାଚରୁ ୨ ବିଜୟ, ୧ ଶୁଟ୍ ଆଉଟ ବିଜୟ, ୨ ଶୁଟ୍ ଆଉଟ ପରାଜୟ ଓ ୧ ପରାଜୟ ସହ ୧୦ ପଏଣ୍ଟ ପାଇଛି। ହରମନପ୍ରୀତ ସିଂ ପ୍ଲେୟର ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

ପୂର୍ବ ମ୍ୟାଚରେ ପରାଜୟରୁ ଶିକ୍ଷାଲାଭ କରିଥିବା ଭାରତ ଦ୍ୱିତୀୟ ମ୍ୟାଚର ପ୍ରଥମ କ୍ୱାର୍ଟରରେ ଅତ୍ୟନ୍ତ ସତର୍କତା ଅବଲମ୍ବନ କରି ଖେଳିଥିଲା। ତେବେ ଅଷ୍ଟ୍ରେଲିଆ ସ୍ୱାଭାବିକ ସ୍ପିଡ୍ ଗେମ୍ ଖେଳି ଭାରତ ଉପରେ ଚାପ ପକାଇଥିଲା। ଡି ଏରିଆ ମଧ୍ୟରେ ତ୍ରୁଟି ଯୋଗୁ ପ୍ରଥମ କ୍ୱାର୍ଟରରେ ଅଷ୍ଟ୍ରେଲିଆକୁ ୪ଟି ପେନାଲ୍ଟି କର୍ନର ମିଳିଥିଲା। ମ୍ୟାଚ ଆରମ୍ଭର ତତ୍‌କ୍ଷଣାତ ଅର୍ଥାତ୍ ୩୧ ସେକେଣ୍ଡରେ ଦଳ ପ୍ରଥମ ସୁଯୋଗ ସୃଷ୍ଟି କରିଥିଲା। ଗୋଲ କିପର ପି.ଆର. ଶ୍ରୀଜେଶଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ତାହା ସେଭ୍ ହୋଇ ଯାଇଥିଲା। ୭ମ ମିନିଟରେ ଅଷ୍ଟ୍ରେଲିଆ କ୍ରମାଗତ ୨ଟି ପେନାଲ୍ଟି କର୍ନର ପାଇଥିଲା। ଦ୍ୱିତୀୟ ସୁଯୋଗରେ ଅଷ୍ଟ୍ରେଲିଆ ଗୋଲ କରିଥିଲେ ହେଁ ଭାରତୀୟ ଦଳର ଅଧିନାୟକ ମନପ୍ରୀତ ସିଂ ଭିଡିଓ ରେଫରାଲ ମାଗିଥିଲେ। ସେଥିରେ ଗୋଲ ହେବା ପୂର୍ବରୁ ବଲ୍ ଅଷ୍ଟ୍ରେଲିଆର ଆରନ ଜେଲସ୍କିଙ୍କ ଗୋଡ଼ରେ ବାଜିଥିବା ସ୍ପଷ୍ଟ ହୋଇଥିଲା। ଫଳରେ ଗୋଲଟି ନାକଚ ହୋଇ ଯାଇଥିଲା। ୧୨ତମ ମିନିଟ ପେନାଲ୍ଟି କର୍ନରକୁ ମଧ ଶ୍ରୀଜେଶ୍ ଚମତ୍କାର ସେଭ୍ କରିଥିଲେ। ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୧୬ତମ ମିନିଟରେ ଭାରତ ପାଇଁ ଅଗ୍ରଣୀ ନେବାର ଭଲ ସୁଯୋଗ ମିଳିଥିଲା। ମାତ୍ର ଅଷ୍ଟ୍ରେଲିଆ ଗୋଲପୋଷ୍ଟରେ ବଡ଼ ଗ୍ୟାପ ଥିଲେ ହେଁ ଗୁର୍‌ସାହିବଜିତ ସିଂ ମାରିଥିବା ବଲଟି ବାହାରେ ଚାଲି ଯାଇଥିଲା। ଅଷ୍ଟ୍ରେଲିଆ ୧୮ ଓ ୨୩ତମ ମିନିଟରେ ୨ଟି ପେନାଲ୍ଟି କର୍ନର ପାଇଥିଲେ ହେଁ ଗୋଲ ମିସ୍ ହୋଇଥିଲା। ତେବେ ସେହି ୨୩ ତମ ମିନିଟରେ ଭାରତ ଗୋଲକିପର କ୍ରିଷ୍ଣନ ବାହାଦୁର ପାଠକଙ୍କ ତ୍ରୁଟି ଯୋଗୁ ଅଷ୍ଟ୍ରେଲିଆର ଟ୍ରେଣ୍ଟ ମିଟନ ପ୍ରଥମ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ତେବେ ଅଷ୍ଟ୍ରେଲିଆର ଏହି ଖୁସି ବେଶି ସମୟ ତିଷ୍ଠିପାରି ନ ଥିଲା। ୨୫ତମ ମିନିଟରେ ଭାରତକୁ ମିଳିଥିବା ପେନାଲ୍ଟି କର୍ନରକୁ ରୂପିନ୍ଦରପାଲ ସିଂ ଗୋଲରେ ପରିଣତ କରି ମ୍ୟାଚକୁ ସମାନସ୍ତରକୁ ନେଇ ଆସିଥିଲେ। ଏହାର ୨ ମିନିଟ ପରେ ଅର୍ଥାତ୍ ୨୭ତମ ମିନିଟରେ ଭାରତକୁ ପେନାଲ୍ଟି କର୍ନର ମିଳିଥିଲା। ହରମନପ୍ରୀତ ସିଂ ଏହାକୁ ମିସ୍ କରିଥିଲେ। ମାତ୍ର ଅଷ୍ଟ୍ରେଲିଆ ଖେଳାଳିଙ୍କ ତ୍ରୁଟି ଯୋଗୁ ଭାରତକୁ କ୍ରମାଗତ ୨ୟ ପେନାଲ୍ଟି କର୍ନର ମିଳିଥିଲା। ଏଥର କିନ୍ତୁ ହରମନପ୍ରୀତ ଭୁଲ ନ କରି ଗୋଲ ଦେଇ ଭାରତକୁ ଅଗ୍ରଣୀ କରାଇଥିଲେ। ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଭାରତ ୨–୧ ଗୋଲରେ ଅଗ୍ରଣୀ ନେଇଥିଲା।

ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ଅଷ୍ଟ୍ରେଲିଆ ଆକ୍ରମଣ ଆରମ୍ଭ କରିଥିଲା। ତେଣୁ ୩୧ତମ ମିନିଟରେ ହିଁ ଦଳକୁ ପେନାଲ୍ଟି କର୍ନର ମିଳି ଯାଇଥିଲା। ଏହା ସେଭ୍ ହୋଇଥିଲେ ହେଁ କ୍ରମାଗତ ୨ଟି ପେନାଲ୍ଟି କର୍ନର ପାଇଥିଲା ଅଷ୍ଟ୍ରେଲିଆ। ମାତ୍ର ଏଥର ମଧ ଅଷ୍ଟ୍ରେଲିଆ ଖେଳାଳିମାନେ ସଫଳ ହାଇ ନ ଥିଲେ। ୩୩ତମ ମିନିଟରେ ଡି ଏରିଆ ମଧ୍ୟରେ ଜରମନପ୍ରୀତ ସିଂଙ୍କ ଷ୍ଟିକ୍ ଚେକ୍ ପାଇଁ ଭାରତକୁ ଦଣ୍ଡ ସ୍ୱରୂପ ଅଷ୍ଟ୍ରେଲିଆକୁ ପେନାଲ୍ଟି ଷ୍ଟ୍ରୋକ୍ ଅଫର ଦିଆ ଯାଇଥିଲା। ଫଳରେ ଅଷ୍ଟ୍ରେଲିଆ ମ୍ୟାଚକୁ ସମାନସ୍ତରକୁ ଆଣିବା ପାଇଁ ଶତ ପ୍ରତିଶତ ସୁଯୋଗ ଆସିଥିଲା। ମାତ୍ର ଭାରତକୁ ଭାଗ୍ୟଦେବୀ ସହାୟ ହୋଇଥିଲେ। ଅଷ୍ଟ୍ରେଲିଆର ଟିମ୍ ବ୍ରାଣ୍ଡ୍ ମାରିଥିବା ଶଟ୍ ଗୋଲପୋଷ୍ଟ ବାହାରେ ଚାଲି ଯାଇଥିଲା।

ଏହାପରେ ଆକ୍ରମଣ ପ୍ରତିଆକ୍ରମଣ ଜାରି ରହିଥିଲେ ହେଁ ଆଉ ଗୋଲ ହୋଇପାରି ନ ଥିଲା। ଫଳରେ ଭାରତର ଅଗ୍ରଣୀ ବଳବତ୍ତର ରହିଥିଲା। ପୂର୍ବତନ ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆ କିନ୍ତୁ ସହଜରେ ହାର ମାନିବାକୁ ପ୍ରସ୍ତୁତ ନ ଥିଲା। ତୃତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୪୬ତମ ମିନିଟରେ ଭାରତୀୟ ଗୋଲକିପର ପାଠକଙ୍କ ତ୍ରୁଟି ଯୋଗୁ ଅଷ୍ଟ୍ରେଲିଆର ଆରନ ଜେଲସ୍କି ଫିଲ୍ଡ ଗୋଲ ଦେଇ ମ୍ୟାଚକୁ ୨–୨ ସ୍ଥିତିକୁ ନେଇ ଆସିଥିଲେ। ଏହାପରେ ଭାରତ କେତେକ ଭଲ ମୁଭ୍ ନେଇଥିଲେ ହେଁ ଫିନିଶିଂ କରିପାରି ନ ଥିଲା। ମ୍ୟାଚ ଶେଷ ହେବାପାଇଁ ୬ ମିନିଟ ଥିବାବେଳେ ରାଜ କୁମାର ପାଲ୍ ତଳେ ପଡ଼ି ଯାଇଥିଲେ। ଫଳରେ ତାଙ୍କ ମୁଣ୍ଡ ଫାଟି ଯାଇଥିଲା। ଫିଜିଓଙ୍କ ସହାୟତାରେ ସେ ପଡ଼ିଆ ବାହାରକୁ ଯାଇଥିଲା। ମ୍ୟାଚ ଶେଷ ହେବାପାଇଁ ୧ ମିନିଟ ଥିବବେଳେ ନୀଳକାନ୍ତ ଶର୍ମାଙ୍କ ଶକ୍ତିଶାଳୀ ଶଟ୍‌କୁ ଅଷ୍ଟ୍ରେଲିଆ ଗୋଲକିପର ଚମତ୍କାରଭାବେ ସେଭ୍ କରି ଦେଇଥିଲେ। ୧୨ ସେକେଣ୍ଡ ବାକିଥିବାବେଳେ ଅଷ୍ଟ୍ରେଲିଆ ଏକ ପେନାଲ୍ଟି କର୍ନର ପାଇଥିଲା। ମାତ୍ର ଭାରତୀୟ ରକ୍ଷଣଭାଗ ତାହାକୁ ଚମତ୍କାର ଭାବେ ସେଭ୍ କରି ଦେଇଥିଲେ। ଫଳରେ ମ୍ୟାଚ ଶୁଟ୍ ଆଉଟକୁ ଯାଇଥିଲା।


ଗୋଲ୍ ସ୍କୋର କରିବା ପରେ ରୂପିନ୍ଦରପାଲ ସିଂଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

### ଶୁଟ୍ ଆଉଟ ରୋମାଞ୍ଚ

ଶୁଟ ଆଉଟ ପର୍ଯ୍ୟାୟରେ ପ୍ରଥମେ ଆସିଥିଲେ ଅଷ୍ଟ୍ରେଲିଆର ଡାନିଏଲ ବେଲ୍। ଭାରତୀୟ ଗୋଲକିପର ପି.ଆର୍. ଶ୍ରୀଜେଶ ଫାଉଲ କରିବାରୁ ଅଷ୍ଟ୍ରେଲିଆକୁ ପେନାଲ୍ଟି ଷ୍ଟ୍ରୋକ୍ ମିଳି ଯାଇଥିଲା। ମ୍ୟାଚ ଡସନ ଏହାକୁ ଗୋଲରେ ପରିଣତ କରି ଅଷ୍ଟ୍ରେଲିଆକୁ ଅଗ୍ରଣୀ କରାଇଥିଲେ। ଭାରତ ପକ୍ଷରୁ ପ୍ରଥମେ ଆସିଥିବା ହରମନପ୍ରୀତ ସିଂ ପ୍ରତିପକ୍ଷ ଗୋଲକିପର ଟେଲର ଲୋଭେଲଙ୍କୁ ଚକ୍‌ମା ଦେବାରେ ସକ୍ଷମ ହୋଇଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଟିମ୍ ବ୍ରାଣ୍ଡ୍ ଦ୍ୱିତୀୟରେ ଆସିଥିବାବେଳେ ଶ୍ରୀଜେଶ ପୁଣି ଫାଉଲ କରିଥିଲେ। ତେବେ ଡାନିଏଲ ବେଲ୍ ଗୋଲପୋଷ୍ଟ ବାହାରେ ବଲ୍ ମାରି ଅଷ୍ଟ୍ରେଲିଆକୁ ନିରାଶ କରିଥିଲେ। ଭାରତ ପକ୍ଷରୁ ଦ୍ୱିତୀୟରେ ଆସିଥିବା ବିବେକ ସାଗର ପ୍ରସାଦ କିନ୍ତୁ ଗୋଲ ଦେବାରେ ସକ୍ଷମ ହୋଇଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ତୃତୀୟରେ ଆସିଥିବା ନାଥନ ଏଫରାଉମ୍ସ ଗୋଲ କରିପାରି ନ ଥିବାବେଳେ ଭାରତ ପକ୍ଷରୁ ଲଳିତ ଉପାଧ୍ୟାୟ ତୃତୀୟ ଗୋଲ ସ୍କୋର କରି ମ୍ୟାଚ ବିଜୟ ସମ୍ଭାବନା ସୃଷ୍ଟି କରିଥିଲେ। ପରେ ଅଷ୍ଟ୍ରେଲିଆର ଜ୍ୟାକ ହାର୍ଭି ଗୋଲ ମିସ୍ କରିବାସହିତ ଭାରତୀୟ ଖେଳାଳିମାନେ ଖୁସିରେ ନାଚି ଉଠିଥିଲେ।

# ବଡ଼ଦାଣ୍ଡରେ ନାବାଳକଙ୍କ ଭିକ୍ଷାବୃତ୍ତି



ସିଂହଦ୍ୱାର ସମ୍ମୁଖ ବଡ଼ଦାଣ୍ଡରେ ଭିକାରିଙ୍କ ସହ ବସି ଦୁଇଜଣ ନାବାଳକ ଭିକ ମାଗୁଛନ୍ତି।

**ପୁରୀ ଅଫିସ, ୨୨।୨**

ସଭିଏଁ ପଢନ୍ତୁ, ସଭିଏଁ ବଢନ୍ତୁ। ୬ରୁ ୧୪ ବର୍ଷ ବୟସର ପିଲାଙ୍କୁ ପ୍ରାଥମିକ ଶିକ୍ଷା ପ୍ରଦାନ କରି ସାମାଜିକ, ଆଞ୍ଚଳିକ ତଥା ଲିଙ୍ଗଗତ ବୈଷମ୍ୟ ଦୂର କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ। କିନ୍ତୁ ଅନେକ ସମୟରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳେ। କେଉଁଠି ନାବାଳକ ଭିକ୍ଷାବୃତ୍ତିକୁ ଆପଣାଇଥାନ୍ତି ତ ପୁଣି କେଉଁଠି ସେମାନଙ୍କୁ କାମରେ ଲଗାଯାଇଥାଏ। ଏହାକୁ ଦେଖିଲେ ସଭିଏଁ ପଢନ୍ତୁ, ସଭିଏଁ ବଢନ୍ତୁ ଅଭିଯାନର ବାସ୍ତବତାକୁ ନେଇ ସନ୍ଦେହ ଉଠିଥାଏ। ଏମିତି ଚିତ୍ର ଶନିବାର ଦେଖିବାକୁ ମିଳିଥିଲା ସିଂହଦ୍ୱାର ସମ୍ମୁଖ ବଡ଼ଦାଣ୍ଡରେ। ଦୁଇଜଣ ନାବାଳକ ବଡ଼ଦାଣ୍ଡରେ ଭିକାରିଙ୍କ ମଧ୍ୟରେ ବସି ହାତରେ ଥାଳି ଧରି ଭିକ ମାଗୁଥିଲେ। ବହି କଲମ ଯେ ଏମାନଙ୍କ ପାଇଁ ଅପହଞ୍ଚ ତାହା ଉଭୟଙ୍କୁ ଦେଖିଲେ ସ୍ପଷ୍ଟ ବାରି ହୋଇପଡୁଥିଲା। ଏମାନଙ୍କୁ ଭିକ୍ଷାବୃତ୍ତିରେ ସାମିଲ କରିବା ପଛରେ ଏକ ର୍ୟାକେଟ ରହିଥିବା ସାମାଜିକ କର୍ମୀ ଆଣିଛନ୍ତି ସାଂଘାତିକ ଅଭିଯୋଗ। ସେହିପରି କଅଁଳ ବୟସରେ ଭିକ୍ଷାବୃତ୍ତିକୁ ନେଇ ଶିକ୍ଷା ବିଭାଗକୁ ସମାଲୋଚନା କରିଛନ୍ତି ବୁଦ୍ଧିଜୀବୀ।

ଶନିବାର ସକାଳେ ସିଂହଦ୍ୱାର ସମ୍ମୁଖ ବ୍ୟାରିକେଡ କଡ଼ରେ ଧାଡି ହୋଇ ବସିଥିଲେ ଭିକାରି। ଏହି ଧାଡ଼ିରେ ୨ଜଣ ନାବାଳକ ମଧ୍ୟ ବସିଥିଲେ। ଦୁହିଁଙ୍କ ବୟସ ୧୦ରୁ ୧୨ ବର୍ଷ ମଧ୍ୟରେ ହେବ। ରାସ୍ତାରେ ଯାଉଥିବା ଯାତ୍ରୀ ଓ ଶ୍ରଦ୍ଧାଳୁଙ୍କ ଆଡ଼କୁ ଥାଳି ବଢାଇ ବାବୁ ପଇସା ଦିଅ ବୋଲି କହୁଥାନ୍ତି। ଅନେକ ଶ୍ରଦ୍ଧାଳୁ ବି ସେମାନଙ୍କ ଥାଳିରେ ପଇସା ପକାଉଥାନ୍ତି। କେବଳ ଏହି ଦୁଇଜଣ ନୁହନ୍ତି ମନ୍ଦିର ଚତୁଃପାର୍ଶ୍ୱରେ ଏକାଧିକ ପିଲା ଭିକ ମାଗୁଥିବା ଦେଖିବାକୁ ମିଳିଥିଲା। କେତେଜଣ ଗଣମାଧ୍ୟମ ପ୍ରତିନିଧି ପହଞ୍ଚି ସେମାନଙ୍କ ଭିକ୍ଷା ବୃତ୍ତି କରୁଥିବା ନେଇ ତଥ୍ୟ ସଂଗ୍ରହ କରିବାକୁ ଚାହିଁବାରୁ ଦୁହେଁ ପଳାଇଥିଲେ।

## ସଭିଏଁ ପଢନ୍ତୁ ସଭିଏଁ ବଢନ୍ତୁର ବାସ୍ତବତାକୁ ନେଇ ପ୍ରଶ୍ନ

ଏଠାରେ ପ୍ରଶ୍ନ ଉଠୁଛି ୧୪ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନଙ୍କୁ ନିଶ୍ଚିତ ଶିକ୍ଷା ପ୍ରଦାନ ଲାଗି ସରକାର ଯେଉଁ ଯୋଜନା କରିଛନ୍ତି ତାହାର ବାସ୍ତବତା କ'ଣ। କେବଳ ଏହି ଦୁଇଜଣ ନାବାଳକ ନୁହନ୍ତି ପ୍ରତିଦିନ ଏକାଧିକ ପିଲା ଭିକ୍ଷାବୃତ୍ତି ପାଇଁ ବଡ଼ଦାଣ୍ଡକୁ ଆସୁଛନ୍ତି। ବିଭିନ୍ନ ଛକ ଜାଗାରେ ହାତରେ ପାତ୍ର ଧରି ଭିକ ମାଗୁଛନ୍ତି। ଗୋଟିଏ ପଟେ ସରକାର ପୁରୀ ସହରକୁ ଭିକାରିମୁକ୍ତ କରିବା ଲାଗି ଉଦ୍ୟମ ଆରମ୍ଭ କରିଛନ୍ତି। ଏଥିପାଇଁ ୮ଟି ଥଇଥାନ କେନ୍ଦ୍ରର ବ୍ୟବସ୍ଥା କରାଯାଇଛି। ମାର୍ଚ୍ଚ ପହିଲାରୁ ଭିକାରିମାନଙ୍କୁ ଥଇଥାନ କେନ୍ଦ୍ରରେ ରଖିବା ଲାଗି ନିଷ୍ପତ୍ତି ହୋଇଛି। ଏପଟେ କିନ୍ତୁ ସିଂହଦ୍ୱାର ନିକଟ ଏବଂ ବଡ଼ଦାଣ୍ଡରେ ଭିକାରିଙ୍କ ସଂଖ୍ୟା ବଢିବାରେ ଲାଗିଛି। କିଛିଦିନ ତଳେ ସିଂହଦ୍ୱାର ସମ୍ମୁଖରୁ ଭିକାରିମାନଙ୍କୁ ପ୍ରଶାସନ ପକ୍ଷରୁ ତଡ଼ି ଦିଆଯାଇଥିଲା। ସମ୍ପୃକ୍ତ ସ୍ଥାନକୁ ବ୍ୟାରିକେଡିଂ କରାଯାଇଛି। ଯଦିଓ ପୂର୍ବ ପରି ଏହି ବ୍ୟାରିକେଡିଂ ମଧ୍ୟରେ ଭିକାରିମାନେ ବସୁ ନାହାନ୍ତି କିନ୍ତୁ ଅନେକ ସମୟରେ ତା' ଭିତରେ ବୁଲି ବୁଲି ଭିକ ମାଗୁଛନ୍ତି। କିନ୍ତୁ ସିଂହଦ୍ୱାର ସମ୍ମୁଖ ନୂତନ ଶେଡ୍ କଡ଼ରେ ଧାଡ଼ି ହୋଇ ଭିକାରିମାନେ ବସୁଛନ୍ତି।

ନାବାଳକ ଭିକ୍ଷାବୃତ୍ତି କରିବା ନେଇ ସଚେତନ ନାଗରିକ ମଞ୍ଚର ସଭାପତି ଆଇନଜୀବୀ ପ୍ରସନ୍ନ କୁମାର ଦାଶ କହିଛନ୍ତି, ଯେଉଁ ପିଲାମାନେ ଭିକ୍ଷାବୃତ୍ତି କରୁଛନ୍ତି ସେମାନଙ୍କୁ ପ୍ରଶାସନ ପକ୍ଷରୁ କାଉନ୍‌ସେଲିଂ କରାଯିବା କଥା। କେଉଁ ପରିସ୍ଥିତିରେ ସେମାନେ ଭିକ ମାଗୁଛନ୍ତି, ତାଙ୍କ ଘରର ସ୍ଥିତି କ'ଣ ତାହା ତର୍ଜମା ହେବା ଦରକାର। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପୁରୀ ସହରରେ ଭିକ୍ଷାବୃତ୍ତି ପଛରେ ଅନେକ ଦଲାଲ ସକ୍ରିୟ ଅଛନ୍ତି। ସେମାନେ ବିଭିନ୍ନ ଅନାଥ ପିଲାଙ୍କୁ ଏଥିରେ ସାମିଲ କରୁଛନ୍ତି। ତେଣୁ ଏ ଦିଗ ପ୍ରତି ଧ୍ୟାନ ଦିଆଯିବା ଦରକାର। ୪ବର୍ଷ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଶିକ୍ଷା ଓ ମାଗଣା ଖାଦ୍ୟ ଏକପ୍ରକାର ପ୍ରହସନରେ ପରିଣତ ହୋଇଛି ବୋଲି ଦାଶ କହିଛନ୍ତି।




ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତ ଗସ୍ତକୁ ସ୍ୱାଗତ ଜଣାଇ ଶନିବାର ପୁରୀ ବେଳାଭୂମିରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ତିଆରି କରିଥିବା ବାଲୁକା କଳା।

# ପମ୍ପ୍‌ହାଉସରେ ତାଲା ପକାଇ ଧାରଣା



ଲୋକମାନେ ପମ୍ପ୍‌ହାଉସରେ ତାଲା ପକାଇ ଧାରଣା ଦେଇଛନ୍ତି।

**କୃଷ୍ଣପ୍ରସାଦ, ୨୨।୨ (ଡି.ଏନ.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ କୃଷ୍ଣପ୍ରସାଦ ପଞ୍ଚାୟତରେ ଜଳ ସଙ୍କଟ ଦେଖାଦେଇଛି। ଏହାର ପ୍ରତିକାର ପାଇଁ ଶନିବାର ଲୋକେ ପମ୍ପ୍‌ହାଉସରେ ତାଲା ପକାଇ ଧାରଣା ଦେଇଥିଲେ।

ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ତରଫରୁ କୃଷ୍ଣପ୍ରସାଦରେ ଏକ ୩ଲକ୍ଷ ଲିଟର ବିଶିଷ୍ଟ ପାଣିଟାଙ୍କି ନିର୍ମାଣ କରାଯାଇଛି। ଉକ୍ତ ଟାଙ୍କିରୁ ସମସ୍ତ ଗ୍ରାମକୁ ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ ପିଇବା ପାଣି ଯୋଗାଇ ଦିଆଯାଇଥାଏ। ଏହାଛଡା କିଛି ଲୋକ ସରକାରୀ ଧାର୍ଯ୍ୟ ଅର୍ଥ ଦାଖଲ କରି ନିଜ ଘର ମଧ୍ୟକୁ ସଂଯୋଗ ନେଇଛନ୍ତି। ଏମାନଙ୍କ ମଧ୍ୟରୁ କେତେଜଣ ମୋଟର ଲଗାଇ ନିଜ ଟାଙ୍କିକୁ ବେଆଇନ ଭାବେ ପାଣି ଉଠାଇଥିଲେ। ଏହାଦ୍ୱାରା ବିଭିନ୍ନ ଗ୍ରାମକୁ ଜଳଯୋଗାଣ ବ୍ୟାହତ ହୋଇଥିଲା। କେତେକ ପାଣିଟ୍ୟାପରେ ଅତି ଧିର ଓ କେତେକ ସ୍ଥାନରେ ଆଦୌ ପାଣି ଆସୁ ନ ଥିବା ଦେଖାଯାଇଥିଲା। ବେଆଇନ ମୋଟର ଲଗାଇବା ଦ୍ୱାରା ସମସ୍ୟା ଉପୁଜୁଥିବା ଜଣାପଡିବା ପରେ ଲୋକେ ଏହାର ସମାଧାନ ପାଇଁ ବିଭାଗୀୟ କର୍ମଚାରୀ ଓ ସ୍ଥାନୀୟ ସରପଞ୍ଚଙ୍କ ନିକଟରେ ଅଭିଯୋଗ କରିଥିଲେ। ସରପଞ୍ଚ ଓ ବିଭାଗୀୟ କର୍ମଚାରୀ ମନା କରିବା ସତ୍ତ୍ୱେ ସେମାନେ ପୂର୍ବଭଳି ମୋଟର ଲଗାଇଥିଲେ। ଏହାର ସମାଧାନ ପାଇଁ କୃଷ୍ଣପ୍ରସାଦ ପଞ୍ଚାୟତ ସାନଅଁଳ ଗ୍ରାମର ଶତାଧିକ ମହିଳାପୁରୁଷ ଶନିବାର ପମ୍ପ୍‌ହାଉସରେ ତାଲା ପକାଇବା ସହ ପାଣିଟ୍ୟାପ ସମ୍ମୁଖରେ ଗରା, ବାଲ୍‌ଟି ରଖି ଧାରଣାରେ ବସିଥିଲେ। ଖବର ପାଇ କୃଷ୍ଣପ୍ରସାଦ ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତ, ସମିତିସଭ୍ୟ ଜିତେନ୍ଦ୍ର କୁମାର ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କ ସହିତ ଆଲୋଚନା କରିଥିଲେ। ସମାଧାନ ନ ହେବାରୁ ସରପଞ୍ଚ ସିଂହସାମନ୍ତ ପୋଲିସର ସହାୟତା ଲୋଡିଥିଲେ। କୃଷ୍ଣପ୍ରସାଦ ପୋଲିସ ରବିବାର ଲୋକମାନଙ୍କୁ ଡାକି ଏହି ସମସ୍ୟାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ସରପଞ୍ଚ କହିଛନ୍ତି। ଅନ୍ୟପକ୍ଷେ ସମସ୍ୟା ସମାଧାନ ନ ହେବା ଯାଏ ପାଣିଟାଙ୍କିରୁ ତାଲା ଫିଟିବ ନାହିଁ ବୋଲି ଆନ୍ଦୋଳନକାରୀ କହିଛନ୍ତି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠଯନ୍ତ୍ରୀ ବିପିନ ବିହାରୀ ମଙ୍ଗରାଜ କହନ୍ତି, ଏହା ସେମାନଙ୍କ ଗାଁର ସମସ୍ୟା। ଗାଁ ଲୋକେ ଆଲୋଚନା ମାଧ୍ୟମରେ ଏହାର ସମାଧାନ କରିପାରିବେ।

# ଅନ୍ତର୍ଜାତୀୟ ଫ୍ୟାଶନ କ୍ୟାଲେଣ୍ଡର 'ମିଳନ ୨୦୨୦' ଉନ୍ମୋଚିତ



**ଭୁବନେଶ୍ୱର, ୨୨।୨ (ବ୍ୟୁରୋ)**

ଜେଡି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାଶନ ଆଣ୍ଡ୍ ଟେକ୍ନୋଲୋଜି ପକ୍ଷରୁ ଅନ୍ତର୍ଜାତୀୟ ଫ୍ୟାଶନ କ୍ୟାଲେଣ୍ଡର 'ମିଳନ ୨୦୨୦' ସ୍ଥାନୀୟ ଏକ ହୋଟେଲରେ ଉନ୍ମୋଚିତ ହୋଇଯାଇଛି। ଜେଡି ଇନ୍‌ଷ୍ଟିଚ୍ୟୁଟ୍ ଭୁବନେଶ୍ୱରର ବିଶାଳ ସୁବୁଦ୍ଧି ଓ ଶିବଦତ୍ତ ସୁବୁଦ୍ଧି ଯୋଗଦେଇ କ୍ୟାଲେଣ୍ଡର ଉନ୍ମୋଚନ କରିଥିଲେ। ଏହା ପୂର୍ବ ଭାରତର ପ୍ରଥମ ଅନ୍ତର୍ଜାତୀୟ ଫ୍ୟାଶନ କ୍ୟାଲେଣ୍ଡର ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଅନୁଷ୍ଠାନର ୧୦ଜଣ ଛାତ୍ରୀଛାତ୍ର ନୂଆ ଡିଜାଇନ୍‌ର ପୋଷାକ ତିଆରି କରି ତାହାକୁ ଇଟାଲୀର ମିଳନକୁ ପଠାଯାଇଥିଲା। ଇଟାଲୀର ବହୁ ଅନ୍ତର୍ଜାତୀୟ ମଡେଲ ଏହି ଫ୍ୟାଶନ କ୍ୟାଲେଣ୍ଡରର ଫଟୋ ସୁଟ୍ ପାଇଁ ଉକ୍ତ ପୋଷାକ ପିନ୍ଧିଥିଲେ। ପରେ ତାହାକୁ ନେଇ କ୍ୟାଲେଣ୍ଡର ପ୍ରସ୍ତୁତ ହୋଇଥିଲା। ଏହି ପ୍ରୋଜେକ୍ଟରେ କାମ କରିଥିବା ଛାତ୍ରୀଛାତ୍ରମାନେ ହେଲେ ପ୍ରୀତିଲିନା ସାହୁ, ମହେଶ ଦାସ, ପୂଜା ଅଗ୍ରୱାଲ, ଲଭ୍‌ଲି ୱାଲୋନୀ, ପଦ୍ମିନୀ ବରାଳ, ସାଲିନୀ କୁମାର, ସୁଚିତ୍ରା ଡାଙ୍ଗୁଆ, ଦିଲେଶ୍ୱରୀ ମହାକୁଡ଼, ସୌମ୍ୟାଶ୍ରୀ ଦାସ ଓ ସତ୍ୟ ସନାତନ ପାତ୍ର।

# କାର୍‌କୁ ଧକ୍କା ଦେଲା ଟ୍ରକ୍: ବିଦେଶୀ ପର୍ଯ୍ୟଟକ ଦମ୍ପତି ଗୁରୁତର

**ଚିଲିକା, ୨୨।୨ (ଡ଼ି.ଏନ୍.ଏ.)**

ବାଣପୁର ଥାନା ନାରୁଣୀ ଫାଣ୍ଡି ଅଧୀନ ୧୬ନଂ ଜାତୀୟ ରାଜପଥ ବଡ଼ପଦର ଛକଠାରେ ଶନିବାର ଏକ କାର୍‌କୁ ଲାଇନ୍ ଟ୍ରକ୍ ଧକ୍କା ଦେବାରୁ ବିଦେଶୀ ପର୍ଯ୍ୟଟକ ଦମ୍ପତି ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, ଲଣ୍ଡନର ହାରୋ ସହର ବାସିନ୍ଦା ଦୁଇ ଭାରତୀୟ ବଂଶୋଦ୍ଭବ ମହେନ୍ଦ୍ର ଲକ୍ଷନ୍ (୭୨) ଓ ତାଙ୍କ ସ୍ତ୍ରୀ ଅରୁନା ଲକ୍ଷନ୍ (୭୦) ଚିଲିକା ପର୍ଯ୍ୟଟନରେ ଆସିଥିଲେ। ଶନିବାର ସେମାନେ କାର (ନଂ. ଓଡ଼ି୩୩ଏଏ-୪୪୬୬) ଯୋଗେ ଭୁବନେଶ୍ୱର ଫେରୁଥିବା ବେଳେ ବଡ଼ପଦରଠାରେ ରାସ୍ତା ଅତିକ୍ରମ କରୁଥିବା ଭିକାରୀକୁ ଦେଖି ଅଟକି ଯାଇଥିଲେ। ଏହି ସମୟରେ ହଠାତ୍ ପଛରୁ ଆସୁଥିବା ଟ୍ରକ୍ (ନଂ.ଓଡ଼ି୦୨ଏଏଚ୍-୭୧୧୧) କାର୍‌କୁ ଧକ୍କା




ଦେଇଥିଲା। ଏଥିରେ କାର୍‌ଟି ଭାଙ୍ଗିରୁଜି ଯାଇଥିବାବେଳେ ବିଦେଶୀ ଦମ୍ପତି ଗୁରୁତର ହୋଇଥିଲେ। ନାରୁଣୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଚାଳକ ଗାଡ଼ି ନେଇ ୭ କିଲୋମିଟର ଦୂର କୁହୁଡ଼ି ଫାଣ୍ଡିରେ ଆତ୍ମ ସମର୍ପଣ କରିଛନ୍ତି। ପୋଲିସ ଏ ନେଇ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି।

# ୧୩୧କିଲୋ ଗଞ୍ଜେଇ ଜବତ: ୪ଗିରଫ

**କଟକ ଅଫିସ, ୨୨।୨:** କଟକ ଅବକାରୀ ବିଭାଗ ପକ୍ଷରୁ ନିର୍ଗୁଣ୍ଡି ଟୋଲ୍‌ଗେଟ୍ ପାଖରେ ଚଢାଉ କରାଯାଇ ୧୩୧ କିଲୋ ଗଞ୍ଜେଇ ଜବତ କରାଯାଇଛି। ଏଥିସହ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ କେ. ଲକ୍ଷ୍ମଣ ରାଓ(୪୨), ତ୍ରିନାଥ ହନ୍ତାଳ(୨୭), ଶେକ୍ ସାହାନି(୪୨) ଏବଂ ଶେକ୍ ମହମ୍ମଦ ମୋହସିନ୍(୩୨)। ଲକ୍ଷ୍ମଣ ଏବଂ ତ୍ରିନାଥଙ୍କ ଘର କେନ୍ଦୁଝର ଜିଲାରେ ହୋଇଥିବା ବେଳେ ଅନ୍ୟ ଦୁଇ ଅଭିଯୁକ୍ତଙ୍କ ଘର ପଶ୍ଚିମବଙ୍ଗରେ ବୋଲି ଜଣାପଡିଛି। ଗଞ୍ଜେଇକୁ ଏକ ବୋଲୋରା(ଓଆର୍୦୨ଏଏସ୍-୪୧୫୯) ଗାଡିରେ କୋରାପୁଟରୁ ପଶ୍ଚିମବଙ୍ଗକୁ ଚାଲାଣ କରାଯାଉଥିଲା। ଖବରପାଇ ଅବକାରୀ ବିଭାଗ ସେଠାରେ ଚଢାଉ କରିଥିଲା। ଏ ନେଇ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା ରୁଜୁ ହୋଇଛି।







# କାର୍ଯ୍ୟରେ ଯୋଗଦେଲେ ଆର୍‌ପିଏଫ୍ ମଣ୍ଡଳ ସୁରକ୍ଷା ଆୟୁକ୍ତ

**ଭୁବନେଶ୍ୱର, ୨୨।୨ (ବ୍ୟୁରେ)**

ନବନିଯୁକ୍ତ ଆରପିଏଫ୍ ମଣ୍ଡଳ ସୁରକ୍ଷା ଆୟୁକ୍ତ(ଡିଏସ୍‌ସି) ପି. ମୂରଲୀକ୍ରିଷ୍ଣା ଶନିବାର କାର୍ଯ୍ୟରେ ଯୋଗଦେଇଛନ୍ତି। ଏଥିନିମନ୍ତେ ଖୋର୍ଦ୍ଧାସ୍ଥିତ ଡିଏସ୍‌ସି କାର୍ଯ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ହୋଇଥିଲା। ଏହାପରେ ୧୫ ଆରପିଏଫ୍ ଥାନାର ଅଧିକାରୀଙ୍କୁ ନେଇ ଏକ ବୈଠକ ହୋଇଥିଲା। ଆରପିଏଫ୍ ଅଧିକାରୀମାନଙ୍କୁ ଦୁର୍ନୀତିମୁକ୍ତ ହେବାକୁ ଡିଏସ୍‌ସି ମୂରଲୀକ୍ରିଷ୍ଣା ପରାମର୍ଶ ଦେଇଥିଲେ। ଯାତ୍ରୀଙ୍କ ଧନଜୀବନ ସୁରକ୍ଷା, ବିଶେଷ କରି ମହିଳା ଯାତ୍ରୀଙ୍କ ନିରାପତ୍ତା ଉପରେ ଅଧିକ ଗୁରୁତ୍ୱ ଦେବାକୁ ସେ କହିଥିଲେ। ସିସିଟିଭି ଫୁଟେଜ ମାଧ୍ୟମରେ ଚୋର, ଲୁଟେରାମାନଙ୍କୁ ଚିହ୍ନଟ କରି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ମହିଳାଙ୍କ ସୁରକ୍ଷା ପାଇଁ ସୁଭଦ୍ରା ବାହିନୀ ନାମରେ ଏକ ଟିମ୍ ଗଢ଼ାଯାଇଛି। ଏହି ଟିମ୍ ଟ୍ରେନରେ ଯିବା ସମୟରେ ମହିଳାଙ୍କ ଉପରେ ହେଉଥିବା ନିର୍ଯାତନା ସମ୍ପର୍କରେ ତନାଘନା କରିବେ। ବୈଠକରେ ସୁଭଦ୍ରା ଟିମ୍‌ର ଦାୟିତ୍ୱ ନେଇଥିବା ସବିତା ରଥ ଯୋଗଦେଇଥିଲେ। ଟ୍ରେନଲାଇନରେ ହେଉଥିବା ଆତ୍ମହତ୍ୟା, ଚଳନ୍ତା ଟ୍ରେନକୁ ପଥରମାଡ଼, ଚେନ୍ ପୁଲିଂ ଆଦି ରୋକିବା ପାଇଁ ବିଭିନ୍ନ ବସ୍ତି ଏବଂ ଜନଗହଳି ସ୍ଥାନରେ ସଚେତନ କରିବାକୁ ଅଧିକାରୀମାନଙ୍କୁ ଡିଏସ୍‌ସି ନିର୍ଦ୍ଦେଶ ଦେଇଛନ୍ତି। ଦୁଇଜଣ ଆରପିଏଫ୍ କନ୍‌ଷ୍ଟେବଳ ଏମ୍.ଭଗବତୀ ରାଓ ଏବଂ ସୁବ୍ରତ ମହାରଣା ଯାତ୍ରୀଙ୍କ ଜୀବନ ବଞ୍ଚାଇଥିବାରୁ ସେମାନଙ୍କୁ ଡିଏସ୍‌ସି ଧନ୍ୟବାଦ ଜଣାଇଥିଲେ।



ଆର୍‌ପିଏଫ୍ ଥାନା ଅଧିକାରୀମାନଙ୍କ ସହ ବୈଠକ।





1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ